# ସାହିତ୍ୟ ଆଲୋଚନା

ଲେଖକ
ଅଧ୍ୟାପକ ଶ୍ରୀ ଗଙ୍ଗାଧର ବଳ
ଫକୀରମୋହନ କଲେଜ
ବାଲେଶ୍ୱର

ପ୍ରକାଶକ
ଗ୍ରନ୍ଥମନ୍ଦିର

ପ୍ରକାଶକ :
ଅଭେଗ୍ରମ ମହାପାତ୍ର
ଗ୍ରନ୍ଥମନ୍ଦିର
କଟକ : ବ୍ରହ୍ମପୁର

ମୁଦ୍ରକ :
ଶ୍ରୀ ଅଜୟକୁମାର ଘୋଷ
ଶ୍ରୀ ହରନାଥ ପ୍ରେସ
କଟକ-୨

ପ୍ରଥମ ମୁଦ୍ରଣ :
ଡିସେମ୍ବର, ୧୯୬୫

ମୂଲ୍ୟ :
ସାଦା ବନ୍ଧେଇ ଟ ୫.୦୦
ବୋର୍ଡ଼ବନ୍ଧେଇ ଅତିରକ୍ତ ଟ ୧.୦୦

ସ୍ୱତ୍ୱାଧିକାରିଣୀ :
ଶ୍ରୀମତୀ ହେମଲତା ବଳ

# ମୁଖବନ୍ଧ

'ସାହିତ୍ୟ ଆଲୋଚନା'ର ପ୍ରବନ୍ଧ ଗୁଡ଼ିକ ଝଙ୍କାର, ଡଗର ଓ ମାତୃଭୂମି-ପୂଜାସଂଖ୍ୟା ପ୍ରଭୃତି ପତ୍ରିକାରେ ବିଭିନ୍ନ ସମୟରେ ପ୍ରକାଶିତ ହୋଇଥିଲା । ଏଥିରେ କବି ରାଧାନାଥ, ଗଙ୍ଗାଧର, ନନ୍ଦକିଶୋର ଓ କାନ୍ତକବି ଲକ୍ଷ୍ମୀକାନ୍ତ ପ୍ରଭୃତି କବିମାନଙ୍କର ରଚନାର ବିଭିନ୍ନ ବିଭାଗ ସମ୍ପର୍କରେ ଆଲୋଚନା କରାଯାଇଛି । 'ଓଡ଼ିଆ ସାହିତ୍ୟକୁ ସଂସ୍କୃତ ସାହିତ୍ୟର ଦାନ' ଶୀର୍ଷକ ପ୍ରବନ୍ଧରେ 'ବୌଦ୍ଧଗାନ ଓ ଦୋହା' ରଚନାଠାରୁ ଆରମ୍ଭ କରି ଆଧୁନିକ ଯୁଗର କବିମାନଙ୍କ ରଚନା ଉପରେ ବିଷୟବସ୍ତୁ, ଧର୍ମଚେତନା, ଭାବ, ଆଲଙ୍କାରିକ ରୀତି, ଶବ୍ଦ ଗୁମ୍ଫନା ଓ ପୌରାଣିକ ତଥା କାବ୍ୟିକ ଚିତ୍ରକଳ୍ପ ଦୃଷ୍ଟିରୁ ସଂସ୍କୃତ ସାହିତ୍ୟର ପ୍ରଭାବ କିପରି ପଡ଼ିଛି, ସୀମିତ ଭାବରେ ଆଲୋକପାତ କରାଯାଇଛି । 'ରାଧାନାଥଙ୍କ ପ୍ରକୃତି' ଶୀର୍ଷକ ପ୍ରବନ୍ଧରେ ପ୍ରକୃତି ଚିତ୍ରଣରେ ରାଧାନାଥଙ୍କ ବିଭିନ୍ନ ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋଚନା କରାଯାଇଛି । 'ସୌନ୍ଦର୍ଯ୍ୟତତ୍ତ୍ୱ ଓ ମେହେରଙ୍କ ସୌନ୍ଦର୍ଯ୍ୟବୋଧ' ପ୍ରବନ୍ଧରେ ସୌନ୍ଦର୍ଯ୍ୟତତ୍ତ୍ୱ ସମ୍ପର୍କରେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଆଲଙ୍କାରିକ ତଥା ଦାର୍ଶନିକ ମାନଙ୍କର ବିଚାରଧାରା ସମ୍ପର୍କରେ ସୂଚନା ଦିଆଯାଇ ମେହେରଙ୍କ ସୌନ୍ଦର୍ଯ୍ୟବୋଧ ସମ୍ପର୍କରେ ଆଲୋଚନା କରାଯାଇଛି । ସୌନ୍ଦର୍ଯ୍ୟ-ବୋଧର ତାତ୍ତ୍ୱିକ ବିଚାର ଅପେକ୍ଷା କାବ୍ୟିକ ବିଚାର ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । 'ମେହେରଙ୍କ ଇନ୍ଦୁମତୀ' ଶୀର୍ଷକ ପ୍ରବନ୍ଧରେ କାଳିଦାସଙ୍କର ରଘୁବଂଶର ଅଜ-ଇନ୍ଦୁମତୀ ପ୍ରସଙ୍ଗ ସହିତ ମେହେରଙ୍କ ଇନ୍ଦୁମତୀ କାବ୍ୟର ତୁଳନାତ୍ମକ ବିଚାର କରାଯାଇ କବିଙ୍କର ସ୍ୱକୀୟତା ସମ୍ପର୍କରେ ସୂଚନା ଦିଆଯାଇଛି । 'ପ୍ରଣୟ-ବଲ୍ଲରୀ ଓ ଅଭିଜ୍ଞାନ ଶକୁନ୍ତଳମ୍' ଶୀର୍ଷକ ପ୍ରବନ୍ଧଟି ମେହେର ଓ

କାଳିଦାସଙ୍କର ସଂସ୍କୃତ ରଚନା ଦୁଇଟିର ଏକ ଦୀର୍ଘ ତୁଳନାମୂଳକ ଅଧ୍ୟୟନ । କାଳିଦାସଙ୍କର ଶକୁନ୍ତଳା ନାଟକର ପ୍ରତ୍ୟେକ ଅଙ୍କ ସହିତ 'ପ୍ରଣୟ-ବଲ୍ଲରୀ' କାବ୍ୟର ପ୍ରତି ସର୍ଗର ତୁଳନା କରାଯାଇ ବିଭିନ୍ନ ଦୃଷ୍ଟିରୁ ମେହେରଙ୍କର ଆହରଣ ଓ ସ୍ୱକୀୟତାର ମାତ୍ରା ସମ୍ପର୍କରେ ଆଲୋକପାତ କରାଯାଇଛି । ପ୍ରସ୍ତୁତର ଆଲେଖ୍ୟକୁ ଛାଡ଼ିଦେଲେ ରାଧାନାଥ ଯେପରି ସନ୍ଧ୍ୟାର ରୂପକାର ଭାବରେ ଖ୍ୟାତି ଅର୍ଜନ କରିଛନ୍ତି ସେହିପରି ବର୍ଷାର ଚିତ୍ରକର ଭାବରେ ନନ୍ଦକିଶୋରଙ୍କ କୃତିତ୍ୱ 'ବର୍ଷାର କବି ନନ୍ଦକିଶୋର' ଶୀର୍ଷକ ପ୍ରବନ୍ଧରେ ଆଲୋଚନା କରାଯାଇଛି ।

'କାନ୍ତକବିଙ୍କ ଜୀବନ ସଙ୍ଗୀତ' ପ୍ରବନ୍ଧରେ କବିଙ୍କର ସର୍ବଶ୍ରେଷ୍ଠ କୃତି 'ଜୀବନ ସଙ୍ଗୀତ' କୁ ଭିତ୍ତି କରି ଗୀତିସ୍ରଷ୍ଟା ଭାବରେ ତାଙ୍କର କୃତିତ୍ୱ ଓ ଜୀବନ ଦର୍ଶନ ଉପରେ ଆଲୋକପାତ କରାଯାଇଛି ଏବଂ କେତୋଟି କବିତାର ଇଂରାଜୀ ଅନୁବାଦର ନମୁନା ( କବିଙ୍କ ଦ୍ୱାରା ଅନୂଦିତ ) ଦିଆଯାଇଛି । 'ପାରୋଡ଼ି ବା ଲଳିକା' ଶୀର୍ଷକ ପ୍ରବନ୍ଧରେ ବଙ୍ଗଳାର ପାରୋଡ଼ି ରଚନା ସହ ଓଡ଼ିଆ ପାରୋଡ଼ି ରଚନା ( ଫକୀରମୋହନ, କାନ୍ତକବି ଓ ଗୋଦାବରୀଶ ମହାପାତ୍ର ପ୍ରଭୃତିଙ୍କର ) ସମ୍ପର୍କରେ ସଂକ୍ଷେପରେ ଆଲୋଚନା କରାଯାଇଛି । ଆଲୋଚନା ଗୁଡ଼ିକ ଛାତ୍ର, ସାହିତ୍ୟପ୍ରେମୀ ଓ ଗବେଷକମାନଙ୍କ ଦ୍ୱାରା ଆଦୃତ ହେଲେ ଶ୍ରମ ସାର୍ଥକ ହେଲା ବୋଲି ମନେକରିବି । ଶେଷରେ 'ଗ୍ରନ୍ଥମନ୍ଦିର' ପୁସ୍ତକଟି ପ୍ରକାଶ କରିଥିବାରୁ ବିଶେଷ ଧନ୍ୟବାଦାର୍ହ ।

ଶାନ୍ତିକାନନ,
ବାଲେଶ୍ୱର
୧୪ । ୧୦ । ୭୫

ଗଙ୍ଗାଧର ବଳ

## ଉତ୍ସର୍ଗ

ଅବାରିତ ସ୍ନେହର ବାରିଧାରାରେ ସିକ୍ତକରି
ଯେ ମୋତେ ଦୁନିଆରେ ମଣିଷ କରି
ଠିଆ କରାଇଛନ୍ତି,
ସେହି ପିତୃକଳ୍ପ ମାତୁଳ
ଶ୍ରୀ ବସନ୍ତକୁମାର ବଳଙ୍କ କରକମଳରେ
ଗମ୍ଭୀର ଭକ୍ତି ଓ ଶ୍ରଦ୍ଧା ସହ—

ସ୍ନେହର
ଗଙ୍ଗାଧର

# ସୂଚୀ


| | | |
|---|---|---|
| ୧ । | ଓଡ଼ିଆ ସାହିତ୍ୟକୁ ସଂସ୍କୃତ ସାହିତ୍ୟର ଦାନ | ୯ |
| ୨ । | ରାଧାନାଥଙ୍କ 'ପ୍ରକୃତି' | ୬୪ |
| ୩ । | ସୌନ୍ଦର୍ଯ୍ୟତତ୍ତ୍ୱ ଓ ମେହେରଙ୍କ ସୌନ୍ଦର୍ଯ୍ୟବୋଧ | ୯୧ |
| ୪ । | ମେହେରଙ୍କ ଇନ୍ଦୁମତୀ | ୧୨୯ |
| ୫ । | ପ୍ରଣୟ-ବଲ୍ଲରୀ ଓ ଅଭିଜ୍ଞାନ ଶାକୁନ୍ତଳମ୍ | ୧୫୨ |
| ୬ । | ବର୍ଷାର କବି ନନ୍ଦକିଶୋର | ୨୫୬ |
| ୭ । | କାନ୍ତକବି ଓ ତାଙ୍କର 'ଜୀବନ ସଙ୍ଗୀତ' | ୨୭୭ |
| ୮ । | ପାରୋଡ଼ି ବା ଝଲକା | ୨୯୪ |

# ଓଡ଼ିଆ ସାହିତ୍ୟକୁ
# ସଂସ୍କୃତ ସାହିତ୍ୟର ଦାନ

ସଂସ୍କୃତ ଓ ପ୍ରାକୃତଭାଷା ନାନାକାରଣରୁ ଭିନ୍ନମୁଖୀ ହେଲେ ମଧ୍ୟ ଭିନ୍ନ ଭିନ୍ନ ଦିଗରେ, ନାନା ରୂପରେ ଉଭୟଙ୍କର ସମ୍ପର୍କ ରହି ଆସିଛି । ପ୍ରାକୃତଭାଷା ତଥା ସାହିତ୍ୟର ବିକାଶ ସଙ୍ଗେ ସଙ୍ଗେ ସଂସ୍କୃତ ସାହିତ୍ୟ-ରଚନାର ପ୍ରବାହ ଅକ୍ଷୁଣ୍ଣ ରହିଥିଲା । ସଂସ୍କୃତ-ସାହିତ୍ୟ ଶବ୍ଦ, ଅଳଙ୍କାର, କାବ୍ୟତତ୍ତ୍ୱ ପ୍ରଭୃତି ନାନା ଦିଗରେ ପ୍ରାକୃତ ସାହିତ୍ୟକୁ ପ୍ରଭାବିତ କରିଆସିଛି । ସଂସ୍କୃତ ବ୍ୟାକରଣ ପରି ପାଲି ଓ ପ୍ରାକୃତରେ ମଧ୍ୟ ମନୀଷୀମାନଙ୍କଦ୍ୱାରା ବିଭିନ୍ନ ସମୟରେ ବ୍ୟାକରଣ ରଚିତ ହୋଇଛି ।

ସଂସ୍କୃତଭାଷା ବିଦଗ୍ଧ ବା ପଣ୍ଡିତର ଭାଷା; କିନ୍ତୁ ପ୍ରାକୃତ, ଇତରର ବା ସର୍ବସାଧାରଣର ଭାଷା; ତା'ର ସାହିତ୍ୟ ସର୍ବସାଧାରଣ-ବୋଧଗମ୍ୟ । ଜଣ ଓ ବିଦୁଷ ଉଭୟେ ନିଜର ପରିବେଶ, ରୁଚି, ଆକାଂକ୍ଷା ଓ ଆବଶ୍ୟକତାକୁ ନେଇ ସ୍ୱତନ୍ତ୍ର ପଥରେ ଅଗ୍ରସର ହେଉଥିଲେ । ପ୍ରାକୃତ ଉପରେ ସଂସ୍କୃତଭାଷା ଓ ସାହିତ୍ୟର ପ୍ରଭାବ ଅନସ୍ୱୀକାର୍ଯ୍ୟ ହେଲେ ମଧ୍ୟ ତଥାକଥିତ ପଣ୍ଡିତର ଅଭିମାନ ତଥା ଆଭିଜାତ୍ୟପୂର୍ଣ୍ଣ ମନୋବୃତ୍ତି ବହୁକ୍ଷେତ୍ରରେ ସଂସ୍କୃତଭାଷା ଓ ସାହିତ୍ୟର ପରିସରକୁ ସଂକୁଚିତ ଓ ଏହାର ଗତିକୁ ଶିଥିଳ କରିଦେଇଥିଲା । ଫଳରେ ବିଭିନ୍ନ ସମୟରେ ଉଭୟ ସାହିତ୍ୟକୁ

ପ୍ରତିନିଧିମାନଙ୍କ ମଧ୍ୟରେ ସଂଘର୍ଷ ଗଢ଼ିଉଠୁଥିଲା । ବିଦ୍ରୂପର ଅଭିମାନ ଓ ସଂଘର୍ଷ ସତ୍ତ୍ୱେ ଗଣର ଭାଷା ପ୍ରାକୃତ ତା'ର ବିକାଶ ଦିଗରେ ଅଗ୍ରସର ହେଉଥିଲା । ସଂସ୍କୃତଭାଷା ଓ ସାହିତ୍ୟ ପ୍ରତି ତା'ର ଅଭିମାନ ନଥିଲା; ଅଭିମାନ ଥିଲା ସଂସ୍କୃତ ସାହିତ୍ୟର ତଥାକଥିତ ବିଦୁଷମ୍ମନ୍ୟ କର୍ଣ୍ଣଧାରଙ୍କ ପ୍ରତି । ତେଣୁ ପ୍ରାକୃତ ସାହିତ୍ୟ ନାନାଭାବରେ ସଂସ୍କୃତସାହିତ୍ୟଦ୍ୱାରା ପ୍ରଭାବିତ । ଏପରିକି ବିଭିନ୍ନ ପ୍ରତିକୂଳ ପରିବେଶରେ ତା'ର ଜନ୍ମ, ପାଳନ ଓ ପୋଷଣ ହୋଇପାରିଛି ।

ପ୍ରାଦେଶିକ ଭାଷାଗୁଡ଼ିକ ବିଭିନ୍ନ ପ୍ରାକୃତ ଅପଭ୍ରଂଶରୁ ରୂପଗ୍ରହଣ କରିଥିବାରୁ, ଓଡ଼ିଆଭାଷା ଓ ତା'ର ସାହିତ୍ୟ ଅନ୍ୟ ପ୍ରାଦେଶିକ ଭାଷାପରି ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସଂସ୍କୃତଭାଷା ଓ ସାହିତ୍ୟଦ୍ୱାରା ପ୍ରଭାବିତ ହେବା ସ୍ୱାଭାବିକ । ଓଡ଼ିଶା ସମଗ୍ର ଭାରତର ନମସ୍ୟ ଜଗନ୍ନାଥଦେବଙ୍କର ପୁଣ୍ୟପୀଠ ହୋଇଥିବାରୁ, ବିଭିନ୍ନ ସମୟରେ ବହୁ ମନୀଷୀ, ଧର୍ମପ୍ରଚାରକ ଓ ପଣ୍ଡିତମାନଙ୍କର ଆଗମନ ହେତୁ ଏବଂ ଶ୍ରୀକ୍ଷେତ୍ର ଧର୍ମ, ସଂସ୍କୃତ ଓ ସାହିତ୍ୟଚର୍ଚ୍ଚାର ପ୍ରସିଦ୍ଧକ୍ଷେତ୍ର ହୋଇଥିବାରୁ, ସଂସ୍କୃତସାହିତ୍ୟର ରଚନା ଓ ଆଲୋଚନା ସଙ୍ଗେ ସଙ୍ଗେ ଓଡ଼ିଆସାହିତ୍ୟର ସନ୍ତର୍ପଣ ଅଥଚ ଦୃଢ଼ ଅଗ୍ରଗତି ପରିଲକ୍ଷିତ ହୋଇଛି । ତଥାକଥିତ ରକ୍ଷଣଶୀଳ ପଣ୍ଡିତମାନଙ୍କର ସଙ୍କୀର୍ଣ୍ଣତା ଓ ଅନୁଦାରତା ହେତୁ ସଂସ୍କୃତ-ସାହିତ୍ୟର ଗତି କ୍ରମଶଃ ପ୍ରତିହତ ହୋଇଛି । ପ୍ରାଦେଶିକ ସାହିତ୍ୟ ସଂସ୍କୃତସାହିତ୍ୟରୁ ନିର୍ଯ୍ୟାସ ଗ୍ରହଣକରି କ୍ରମଶଃ ପରିପୁଷ୍ଟ ଓ ଗତିଶୀଳ ହୋଇ ଉଠିଛି ।

ଓଡ଼ିଶାରେ ପ୍ରାଚୀନ କାଳରୁ ବହୁ ସଂସ୍କୃତ କବି, ଆଲଙ୍କାରିକ, ସ୍ମୃତିକାର ଓ ଜ୍ୟୋତିର୍ବିଦ୍ ନିଜର ରଚନାଦ୍ୱାରା ସର୍ବଭାରତୀୟ ସ୍ତରରେ ବିଶେଷ ପ୍ରତିଷ୍ଠା ଅର୍ଜନ କରିଛନ୍ତି । ଆଲଙ୍କାରିକ ବିଶ୍ୱନାଥ

କବିରାଜ (ସାହିତ୍ୟଦର୍ପଣ), ବିଦ୍ୟାଧର (ଏକାବଳୀ), ଜ୍ୟୋତିର୍ବିଦ୍ ସତ୍ୟାନନ୍ଦ (ସୂର୍ଯ୍ୟସିଦ୍ଧାନ୍ତ), ସାମନ୍ତ ଚନ୍ଦ୍ରଶେଖର ସିଂହ ( ସିଦ୍ଧାନ୍ତ ଦର୍ପଣ), ବୈଷ୍ଣବ କବି ରାୟରାମାନନ୍ଦ (ଜଗନ୍ନାଥବଲ୍ଲଭ ନାଟକ), ପଣ୍ଡିତ ଜୀବଦେବାଚାର୍ଯ୍ୟ ( ଭକ୍ତିଭାଗବତ ), କପିଳେନ୍ଦ୍ର ଦେବ (ପରଶୁରାମ ବିଜୟ ନାଟକ), ପୁରୁଷୋତ୍ତମ ଦେବ (ଅଭିନବ ବେଣୀ ସଂହରଣମ୍), ପ୍ରତାପରୁଦ୍ର, ଜଗନ୍ନାଥ ଦାସ ପ୍ରଭୃତି ବହୁ କବି ଏବଂ ଶମ୍ଭୁକର ବାଜପେୟୀ (ଅଭିଷେକ ବିଧିଃ), ମାଧବ (ଅଦ୍ଭୁତ ଦର୍ପଣ), ମୁରାରି ମିଶ୍ର ( ପ୍ରାୟଶ୍ଚିତ୍ତ ମନୋହର ), ନରସିଂହ ବାଜପେୟୀ (ନିତ୍ୟାଚାର ପ୍ରଦୀପଃ), କବିଭୂଷଣ ଗୋବିନ୍ଦଚନ୍ଦ୍ର ସାମନ୍ତରାୟ (ସ୍ମୃତିସର୍ବସ୍ୱ), ହଲାୟୁଧ ଦେବ (ପଣ୍ଡିତ ସର୍ବସ୍ୱମ୍), ମାଗୁଣି ମିଶ୍ର (ଶୈବ ପଦ୍ଧତି), ଶ୍ରୀନିବାସ (ଶୁଦ୍ଧି ଦୀପିକା), ଗଦାଧର ରାଜଗୁରୁ (କାଳସାରଃ) * ପ୍ରଭୃତି ସ୍ମୃତିପଣ୍ଡିତ ତଥା କବି କେବଳ ଉତ୍କଳର ଗୌରବ ନୁହନ୍ତି, ସମଗ୍ର ଭାରତର ଗୌରବ । ଉତ୍କଳରେ ସଂସ୍କୃତ ପୁରାଣ, ସ୍ମୃତି-ଧର୍ମ ଓ ଜ୍ୟୋତିଷର ଆଲୋଚନା ତଥା ରଚନା ସଂସ୍କୃତର ଯେଉଁ ନିରବଚ୍ଛିନ୍ନ ପ୍ରବାହ ସୃଷ୍ଟିକରିଥିଲା, ସେଥିରେ ଓଡ଼ିଆସାହିତ୍ୟ ନାନା ଭାବରେ ପରିପୁଷ୍ଟି ଲାଭ କରିଛି । ତା'ଛଡ଼ା ଭାରତର ପ୍ରସିଦ୍ଧ ସଂସ୍କୃତକବି କାଳିଦାସ, ମାଘ, ଭବଭୂତି ଓ ଶ୍ରୀହର୍ଷ ପ୍ରଭୃତିଙ୍କର ଏବଂ ଦଣ୍ଡୀ, ଭୋଜରାଜ ବିଶ୍ୱନାଥ ପ୍ରଭୃତି ଆଲଂକାରିକମାନଙ୍କର ପ୍ରଭାବ ଓଡ଼ିଆସାହିତ୍ୟ ଉପରେ ପଡ଼ିବା ସ୍ୱାଭାବିକ ।

---

* Descriptive Catalouge of Sanskrit Manuscripts of Orissa.

ଓଡ଼ିଶାର ଧର୍ମସାହିତ୍ୟ, ପୁରାଣ, ଅଲଙ୍କାର, କାବ୍ୟ ନାଟକ ଓ ସଙ୍ଗୀତ ପ୍ରଭୃତିର ରଚନା ସଂସ୍କୃତସାହିତ୍ୟଦ୍ୱାରା କିପରି ପ୍ରଭାବିତ ହୋଇଛି ତାହା ବିଚାର କରାଯାଉ ।

ଧର୍ମସାହିତ୍ୟ ଓ ପୁରାଣ :—

ଓଡ଼ିଶାରେ ପ୍ରାଚୀନକାଳରୁ ଆରମ୍ଭକରି ଷୋଡ଼ଶ ଶତାବ୍ଦୀଯାଏ ଜୈନ, ବୌଦ୍ଧ, ସହଜୀଆ ବୌଦ୍ଧ, ନାଥ, ଶୈବ, ଶାକ୍ତ, ତନ୍ତ୍ର ଓ ବୈଷ୍ଣବ ପ୍ରଭୃତି ନାନା ଧର୍ମର ବନ୍ୟା ପ୍ରବାହିତ ହୋଇଥିବାରୁ ଓଡ଼ିଶାର ପ୍ରାଚୀନସାହିତ୍ୟ ମୁଖ୍ୟତଃ ଧର୍ମମୂଳକ ବା ଧର୍ମପ୍ରଧାନ ହୋଇ ପଡ଼ିଛି ଏବଂ ବିଭିନ୍ନ ଧର୍ମ ମଧ୍ୟରେ ବିଚିତ୍ର ସମନ୍ୱୟ ଦେଖା ଦେଇଥିବାରୁ ବିଭିନ୍ନ ରଚନା ମୁଖ୍ୟତଃ ବିଭିନ୍ନଧର୍ମର ପରିପୋଷକ ରୂପେ ଆତ୍ମପ୍ରକାଶ କରିଥିଲେ ମଧ୍ୟ ସେଥିରେ ଏକ ସମନ୍ୱୟବାଦୀ-ଦୃଷ୍ଟିଭଙ୍ଗୀ ପରିଲକ୍ଷିତ ହୁଏ । ବୌଦ୍ଧ ଓ ଜୈନଧର୍ମକୁ ଗଣ ନିକଟରେ ପହଞ୍ଚାଇବା ପାଇଁ ଅଶୋକଙ୍କ ଅନୁଶାସନ ଓ ଖାରବେଳଙ୍କର ଶିଳାଲିପି ଗଣବୋଧଭାଷାରେ ଖୋଦିତ ହୋଇଛି ସତ; କିନ୍ତୁ ପ୍ରତ୍ୟେକ ଧର୍ମର ରଚନା ମୁଖ୍ୟତଃ ସଂସ୍କୃତ ଭାଷାରେ ରଚିତ ତାତ୍ତ୍ୱିକ ଗ୍ରନ୍ଥମାନଙ୍କରୁ ନିର୍ଯ୍ୟାସ ଗ୍ରହଣକରି ପରିପୁଷ୍ଟ ହୋଇଛି ବୋଲି କହିଲେ ଅର୍ବାଚୀନ ହେବନାହିଁ ।

ମହାଯାନ ବୌଦ୍ଧଧର୍ମର କ୍ରମବିକାଶ ପରିଣତ ସ୍ୱରୂପ ଯେଉଁ ଦୁଇଟି ଶାଖା ଦେଖା ଦେଇଥିଲା, ସେ ଦୁଇଟିର ନାମ ହେଉଛି, ମାଧ୍ୟମିକ ଓ ଯୋଗାଚାର । ମାଧ୍ୟମିକ ବୌଦ୍ଧମତର ପ୍ରଧାନ ପ୍ରଚାରକ ହେଉଛନ୍ତି ନାଗାର୍ଜୁନ । ପରେ ବସୁବନ୍ଧୁ ଏହାର ପ୍ରଧାନ ପ୍ରଚାରକ ହୋଇଥିଲେ । ନାଗାର୍ଜୁନ, ଅସଙ୍ଗ, ଆର୍ଯ୍ୟଦେବ ଓ ବସୁବନ୍ଧୁ ପ୍ରଭୃତି

ଆଚାର୍ଯ୍ୟମାନେ ସଂସ୍କୃତଭାଷାରେ ନିଜ ନିଜ ଗ୍ରନ୍ଥରେ ଶୂନ୍ୟବାଦର ଦାର୍ଶନିକ ବିଷୟ ଆଲୋଚନା କରିଛନ୍ତି । ଓଡ଼ିଶାରେ ଯେଉଁ ବଜ୍ରଯାନର ପ୍ରଚଳନ ହେଲା, ତାହା ଯୋଗାଚାରର ମତରୁ ଉଦ୍ଭୂତ । ଏହି ମତ ଅନୁସାରେ ଶୂନ୍ୟ ଓ କରୁଣାର ମିଳନରେ ମହାସୁଖ ଜାତ ହୁଏ । ଏହା ବୌଦ୍ଧଧର୍ମରେ ଶକ୍ତିଉପାସନା, ମାତୃ, ଡାକିନୀ ପ୍ରଭୃତି ବିଭିନ୍ନ ଦେବଦେବୀଙ୍କର ଆରାଧନା ସୃଷ୍ଟିକଲା । ଓଡ଼ିଶାର ସିଦ୍ଧ ଇନ୍ଦ୍ରଭୂତି (ରାଜା) ଓ ତାଙ୍କ ଗୁରୁ ଅନଙ୍ଗବଜ୍ର ବଜ୍ରଯାନର ପ୍ରଧାନ ପ୍ରବର୍ତ୍ତକ ଥିଲେ । ବଜ୍ରଯାନର ଭାଷାରେ ଲିଙ୍ଗକୁ ବଜ୍ର, ସ୍ତ୍ରୀ-ଜନନେନ୍ଦ୍ରିୟକୁ ପଦ୍ମ ଓ ଶୁକ୍ରକୁ ବଜ୍ରୋଦକ ବା ବୋଧିଚିତ୍ତ କୁହାଯାଏ * ।

ପ୍ରାଚୀନ ଭାରତରେ ପିଣ୍ଡବ୍ରହ୍ମାଣ୍ଡର ଏକତ୍ୱ ଉପରେ ସହଜ-ଯାନରେ ବିଶେଷ ପ୍ରାଧାନ୍ୟ ଦିଆଯାଇଛି । ଓଡ଼ିଶାର ଆଧୁନିକ ବୈଷ୍ଣବ ଓ ମହିମାଧର୍ମର ଲେଖକମାନେ ଏହି ପିଣ୍ଡବ୍ରହ୍ମାଣ୍ଡ ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି । ଯୋଗଶାସ୍ତ୍ର ତନ୍ତ୍ରଶାସ୍ତ୍ରର ଏକ ଅଙ୍ଗ । ସନାତନ ଧର୍ମର ପ୍ରତ୍ୟେକ ସମ୍ପ୍ରଦାୟର ନିଜସ୍ୱ ତନ୍ତ୍ରଶାସ୍ତ୍ର (ସାଧନାଶାସ୍ତ୍ର) ରହିଛି । ସନାତନଧର୍ମ ପରି ବଜ୍ରଯାନ ଓ ସହଜଯାନରେ ତନ୍ତ୍ରଶାସ୍ତ୍ର ବିଶେଷ ପ୍ରାଧାନ୍ୟ ଲାଭ କରିଛି ।

* 'ପ୍ରେମଭକ୍ତିବ୍ରହ୍ମଗୀତା' ଓ 'ଗୁପ୍ତାମୃତ ଗୀତା'ରେ ଏହି ବଜ୍ର ଶବ୍ଦ ଲିଙ୍ଗ ଅର୍ଥରେ 'ବଜ୍ରଲୀଳା' ନାମରେ ବ୍ୟବହୃତ ।

"ହେ ବଜ୍ରଲୀଳା ବୋଲେ ଶ୍ରୀ,
ବର ତୁ ଯେବେ ଦେଲୁ ପୁଣି ।
ତୁ ଆଦ୍ୟମାତା ଶକ୍ତି ହେବୁ,
ମୋତେ ତୁ ଲିଙ୍ଗ ସେ କରିବୁ ।"

ସେଥିପାଇଁ ବଜ୍ରଯାନ ଓ ସହଜଯାନ ସନାତନ ଧର୍ମ ସହ ଅନାୟାସରେ ମିଶିଯାଇଛି । *

ତାନ୍ତ୍ରିକ ଯୋଗୀମାନଙ୍କର ସାଧନାର ଅନୁଭୂତି ହେଉଛି— ମସ୍ତିଷ୍କ ଭିତରେ ବ୍ରହ୍ମରନ୍ଧ୍ର ରହିଛି । ସେଠାରେ ବ୍ରହ୍ମ, ଚୈତନ୍ୟ ବା ଶୂନ୍ୟର ବିଶେଷ ପ୍ରକାଶ ରହିଛି । ଏହି ପ୍ରକାଶ ଦ୍ୱାରା ପ୍ରାଣଶକ୍ତି ଅନୁରଞ୍ଜିତ ହୁଏ । ପ୍ରାଣଶକ୍ତି ସହସ୍ରନାଡ଼ୀ ମଧ୍ୟ ଦେଇ ସମସ୍ତ ଦେହ ଓ ଇନ୍ଦ୍ରିୟକୁ ଚୈତନ୍ୟମୟ କରାଏ । ପ୍ରାଣବାୟୁକୁ ସୁଷୁମ୍ନାରେ ପରିଚାଳିତ କରିବା ପ୍ରଚେଷ୍ଟାକୁ ଯୋଗାଭ୍ୟାସ ବା ଯୋଗସାଧନା କହନ୍ତି । ଏହା ଯୋଗ ଓ ତନ୍ତ୍ରଶାସ୍ତ୍ରରେ ବିଶଦ ଭାବରେ ବର୍ଣ୍ଣିତ ହୋଇଛି । ଏହାକୁ ହଠଯୋଗ କୁହାଯାଏ । ଏହି ଶାସ୍ତ୍ରର ସିଦ୍ଧାନ୍ତ ଅନୁସାରେ ମହାକୁଣ୍ଡଳିନୀ (ବୌଦ୍ଧଧର୍ମର ମହାମୁଦ୍ରା ) ନାମକ ଶକ୍ତି ସମଗ୍ର ବିଶ୍ୱରେ ଅଖଣ୍ଡ ଭାବରେ ପରିବ୍ୟାପ୍ତ । ମନୁଷ୍ୟଠାରେ ଏହା କୁଣ୍ଡଳିନୀ ନାମରେ ଖ୍ୟାତ । ଏହାକୁ ସ୍ପଷ୍ଟଭାବରେ ବୁଝାଇବା ପାଇଁ ଶରୀରରେ ଷଡ଼ଚକ୍ରର କଳ୍ପନା କରାଯାଇଛି । ମସ୍ତିଷ୍କରେ ପରିକଳ୍ପିତ ସହସ୍ରଦଳ କମଳ ବା ସହସ୍ରାର ଚକ୍ରରେ ( ଶୂନ୍ୟ, କୈଳାସ, ଜାଳନ୍ଧରୀଚକ୍ର ) ମନ ପବନକୁ ନେଇ ପହଞ୍ଚାଇବା ହେଉଛି ତାନ୍ତ୍ରିକ ଯୋଗସାଧନାର ଲକ୍ଷ୍ୟ । ଏହି କମଳ ହେଉଛି ବ୍ରହ୍ମ, ପରମାତ୍ମା ବା ଶୂନ୍ୟର ସ୍ଥାନ । †

---

* ଓଡ୍ରୟାନ ପୀଠ ବା ଓଡ଼ିଶା ବହୁପୂର୍ବରୁ ଏକ ପ୍ରସିଦ୍ଧ ତନ୍ତ୍ରପୀଠ ରୂପେ ଖ୍ୟାତି ଲାଭ କରିଥିଲା । ଓଡ଼ିଶାରୁ ତିବ୍ବତରେ ତାନ୍ତ୍ରିକ ବୌଦ୍ଧଧର୍ମର ପ୍ରଚାର ହୋଇଥିଲା ।

† ବ୍ରହ୍ମଶାଙ୍କୁଳ ।

ଓଡ଼ିଶାରେ ବୈଷ୍ଣବ ଓ ଅଲେଖ ସମ୍ପ୍ରଦାୟ ସହଜ ଓ ସରଳ ଉପାୟରେ ବ୍ରହ୍ମ ବା ଶୂନ୍ୟ ଉପଲବ୍ଧି ବିଷୟ କହନ୍ତି । ସହଜ ଓ ବଜ୍ରଯାନର ବିନ୍ଦୁ ଓ ବଜ୍ରର ସଂଯୋଗରେ ସୃଷ୍ଟି କଳ୍ପନା ପରି ପଞ୍ଚସଖାମାନେ ବିନ୍ଦୁ ଓ ରଜର ମିଳନରୁ ସୃଷ୍ଟି-କଳ୍ପନା କରିଛନ୍ତି । ସାଂଖ୍ୟ ମତରେ ପ୍ରକୃତି ଓ ପୁରୁଷର ମିଳନରେ ଜଗତର ସୃଷ୍ଟି । ତାନ୍ତ୍ରିକମାନଙ୍କ ମତରେ ଶିବ ଓ ଶକ୍ତିର ମିଳନରେ ଜଗତର ସୃଷ୍ଟି । ଏହି ସୃଷ୍ଟି ପ୍ରକ୍ରିୟାନୁସାରେ ଶିବଶକ୍ତି ଓ ରାଧାକୃଷ୍ଣଙ୍କର ପ୍ରେମଭାବର ସୃଷ୍ଟି ହୋଇଛି । ବୋଧହୁଏ ସହଜ-ଯାନର ଯୁଗନଦ୍ଧରୂପ କ୍ରମେ ରାଧାକୃଷ୍ଣଙ୍କର ଯୁଗଳରୂପରେ ପର୍ଯ୍ୟବସିତ ହୋଇଛି । ସହଜଯାନର ପ୍ରେମଧର୍ମ ପରକୀୟା ପ୍ରୀତିରେ ପରିଣତ ହୋଇ ରାଧାକୃଷ୍ଣଙ୍କର ପରକୀୟା ଭାବର ପ୍ରକଟନ ହେଲା । ଏହି ପରକୀୟା ଭାବ ପ୍ରଥମେ ଉତ୍କଳରୁ ପ୍ରବୃତ୍ତି ହେଲା * ।

ଚୈତନ୍ୟ ଦାସଙ୍କ ବିଷ୍ଣୁଗର୍ଭପୁରାଣ ଓ ମହାଦେବ ଦାସଙ୍କ ଧର୍ମଗୀତାରେ ସୃଷ୍ଟିପ୍ରକ୍ରିୟାର ଯେଉଁ ବର୍ଣ୍ଣନା ଦିଆଯାଇଛି ସେଥିରେ ବୌଦ୍ଧଧର୍ମଶାସ୍ତ୍ର ବର୍ଣ୍ଣିତ ସୃଷ୍ଟିପ୍ରକ୍ରିୟାର ପ୍ରଭାବ ଅତି ସ୍ପଷ୍ଟ ହୋଇଛି । ଦାରୁବ୍ରହ୍ମକୁ ଓଡ଼ିଶାର କବିମାନେ ବୁଦ୍ଧମୂର୍ତ୍ତିରୂପେ ଗ୍ରହଣ କରିଛନ୍ତି । ବୁଦ୍ଧ ଜଣେ ନିଷ୍କାମ ସାଧକ ଥିବାରୁ ସବୁଠି

---

* (କ) ଜୟଦେବ—ଗୀତଗୋବିନ୍ଦ, (ଖ) ରାୟରାମାନନ୍ଦ—ଡକ୍ଟର କରୁଣାକର କରଙ୍କର ମତ । (ଗ) "ବିନା ପରକୀୟାଦେବୀ ଜପେତ୍ ଯଦି ତୁ ସାଧକଃ । ଶତକୋଟି ଜପେ ନୈବ ତସ୍ୟ ସିଦ୍ଧିର୍ନ-ଜାୟତେ ।"—ଶିବତନ୍ତ୍ର ।

ଭାଙ୍କର ସ୍ତୁତି ଓ ପ୍ରଶଂସା ରହିଛି । ସଂସ୍କୃତ ଭାଗବତରେ ବର୍ଣ୍ଣିତ ଅଛି—

"ତତଃ କଲୌ ସଂପ୍ରବୃତ୍ତେ
ସଂମ୍ମୋହାୟ ସୁର ଦଶାନ ।
ବୁଦ୍ଧୋ ନାମ୍ନା ଅଞ୍ଜନ ସୁତଃ
କିଂ କଟକେଷୁ ଭବିଷ୍ୟେତ୍ ।"

ସିଦ୍ଧ ଇନ୍ଦ୍ରଭୂତି ତାଙ୍କର "ଜ୍ଞାନୋପାୟ ବିନିଶ୍ଚୟ ସିଦ୍ଧି" ନାମକ ଗ୍ରନ୍ଥରେ ବୁଦ୍ଧରୂପୀ ଜଗନ୍ନାଥଙ୍କର ସ୍ତୁତି କରିଛନ୍ତି * । ଜଗନ୍ନାଥ ଦାସ ଓଡ଼ିଆ ଭାଗବତରେ ସେଇ ବୌଦ୍ଧାବତାରେ ପ୍ରସଙ୍ଗ ଉଲ୍ଲେଖ କରିଛନ୍ତି—

"ପ୍ରବୁଦ୍ଧ ବୁଦ୍ଧ ଅବତାରେ । ଜ୍ଞାନ ବିସ୍ତାରି ଏ ସଂସାରେ ।
ବେଦର ଧର୍ମ ଛଡ଼ାଇଲେ । ନିର୍ଗୁଣ ଧର୍ମ ପ୍ରଚାରିଲେ ।"

ସ୍ଥୂଳତଃ ଏଇହେଲା ପରୋକ୍ଷରେ ବା ପ୍ରତ୍ୟକ୍ଷରେ ବିଭିନ୍ନ ଧର୍ମର ସଂସ୍କୃତି ତାତ୍ତ୍ୱିକ ଚିନ୍ତନମାନଙ୍କ ଦ୍ୱାରା ପ୍ରଭାବ-ପ୍ରମ୍ଭ ହୋଇଥିବା ଓଡ଼ିଶାର ଧର୍ମର ପରମ୍ପରା ।

ବର୍ତ୍ତମାନ ବିଭିନ୍ନ କାଳର କବି ଓ ତାଙ୍କର ରଚନା ସମ୍ପର୍କରେ ସଂକ୍ଷିପ୍ତ ବିଚାର କରାଯାଉ ।

ଅଷ୍ଟମ ଓ ନବମ ଶତାବ୍ଦୀରେ ଓଡ଼ିଶାରେ 'ଚର୍ଯ୍ୟାପଦ' ନାମରେ ଯେଉଁ ରଚନା ପରିଲକ୍ଷିତ ହୁଏ, ତାହା ବଜ୍ରଯାନ

---

* ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜିନ ବରାର୍ଚ୍ଚିତମ୍ । ସର୍ବବୁଦ୍ଧମୟଂ ସିଦ୍ଧି ବ୍ୟାପିନଂ ଗଗନୋପମମ୍ । ଜ୍ଞା, ବି, ସି, ୨ୟ ଅଧ୍ୟାୟ ୨୬ ଶ୍ଳୋକ—ଉତ୍କଳ ସାହିତ୍ୟର ଇତିହାସରେ ଅଧ୍ୟାପକ ବଂଶୀଧର ମହାନ୍ତିଙ୍କ ପ୍ରବନ୍ଧ ଦ୍ରଷ୍ଟବ୍ୟ ।

ଓ ସହଜଯାନମୂଳକ (ତାନ୍ତ୍ରିକ ବୌଦ୍ଧଧର୍ମମୂଳକ) ରଚନା । ଓଡ଼ିଶାରେ ଲକ୍ଷ୍ମୀଙ୍କରା ହେଉଛନ୍ତି ସହଜଯାନର ପ୍ରବର୍ତ୍ତିକା ବା ଆଦିଗୁରୁ । ସହଜଯାନର ତାନ୍ତ୍ରିକ ଗ୍ରନ୍ଥ ସଂସ୍କୃତ ଭାଷାରେ ରଚିତ । ଯେଉଁ ସିଦ୍ଧାଚାର୍ଯ୍ୟମାନେ ଚର୍ଯ୍ୟାପଦର ସ୍ରଷ୍ଟା, ସେମାନଙ୍କ ମଧ୍ୟରୁ କେତେକ ସଂସ୍କୃତ ଭାଷାରେ ପଣ୍ଡିତ । ସେମାନେ ସଂସ୍କୃତ ଭାଷାରେ ରଚିତ ସହଜଯାନ ଓ ବଜ୍ରଯାନର ତାନ୍ତ୍ରିକ ଗ୍ରନ୍ଥମାନ ଅଧ୍ୟୟନ କରିଥିବେ । ସିଦ୍ଧାଚାର୍ଯ୍ୟଙ୍କ ମଧ୍ୟରେ ଅନ୍ୟତମ ପ୍ରସିଦ୍ଧ ଆଚାର୍ଯ୍ୟ କାହ୍ନୁପାଙ୍କ ନାମ ହେଉଛି କୃଷ୍ଣାଚାର୍ଯ୍ୟ, ସେ ଓଡ଼ିଶାରେ ବ୍ରାହ୍ମଣ କୁଳରେ ଜନ୍ମଗ୍ରହଣ କରିଥିଲେ * । ସହଜ-ଯାନ, ବଜ୍ରଯାନ ଓ ତନ୍ତ୍ରରେ ତାଙ୍କର ଗଭୀର ପ୍ରବେଶ ଥିଲା, ତା'ଛଡ଼ା ସଂସ୍କୃତ ଭାଷାରେ ସେ କେତେଗୁଡ଼ିଏ ତାନ୍ତ୍ରିକ ଗ୍ରନ୍ଥ (ସହଜଯାନ, ବଜ୍ରଯାନ ସମ୍ବନ୍ଧୀୟ) ରଚନା କରିଛନ୍ତି । ଏଥିରୁ ସ୍ପଷ୍ଟ ଅନୁମିତ ହୁଏ ଯେ ଚର୍ଯ୍ୟାପଦର ଅଧିକାଂଶ ରଚନା ସଂସ୍କୃତ ଭାଷାରେ ରଚିତ ସହଜଯାନ ଓ ବଜ୍ରଯାନର ମୌଳିକ ଗ୍ରନ୍ଥ ଦ୍ୱାରା ପ୍ରଭାବିତ ।

ଶିଳାଲିପି, ତାମ୍ରପଟ୍ଟ ଓ ମାଦଳାପାଞ୍ଜି ପ୍ରଭୃତି ସାହିତ୍ୟ ପର୍ଯ୍ୟାୟର ଅନ୍ତର୍ଭୁକ୍ତ ନ ହେଲେ ମଧ୍ୟ, ସେଥିରେ ପ୍ରାଚୀନ ଓଡ଼ିଆ ଗଦ୍ୟଭାଷାର ନିଦର୍ଶନ ମିଳୁଥିବାରୁ ସ୍ଥୂଳଦୃଷ୍ଟିରୁ ଆମେ ସେଗୁଡ଼ିକୁ ପ୍ରାଚୀନ ଓଡ଼ିଆ ଗଦ୍ୟସାହିତ୍ୟର ନିଦର୍ଶନ ରୂପେ ଗ୍ରହଣ କରୁ । ବହୁ ଶିଳାଲିପି ଓ ତାମ୍ରପଟ୍ଟ ପ୍ରାଚୀନ ଓଡ଼ିଆ ଗଦ୍ୟଭାଷାରେ ଖୋଦିତ ହୋଇଛି ଏବଂ ସ୍ଥାନେ ସ୍ଥାନେ ସଂସ୍କୃତ ଭାଷାର ପ୍ରଭାବ

* ଡକ୍ଟର କରୁଣାକର କରଙ୍କ ମତ । କାହାରି କାହାରି ମତରେ ସେ କର୍ଣ୍ଣାଟୀ ବ୍ରାହ୍ମଣ ଥିଲେ ।

ସ୍ପଷ୍ଟ ହୋଇ ଉଠିଛି * । ପ୍ରାଚୀନ ଓଡ଼ିଆ ଗଦ୍ୟଭାଷାରେ ଖୋଦିତ ହୋଇଥିବା ଶିଳାଲିପିଗୁଡ଼ିକରେ ଆମେ କେତେକ ତଦ୍ଭବ ଓ ତତ୍ସମ ଶବ୍ଦର ବ୍ୟବହାର ଲକ୍ଷ୍ୟକରି ପାରିବା । ଏଥିରୁ ସଂସ୍କୃତ-ଭାଷାର ପ୍ରଭାବ ସହଜରେ ଅନୁମିତ ହେବ ।

କେଶରୀ ବଂଶର ରାଜାମାନଙ୍କର ରାଜତ୍ୱ କାଳରେ ଓଡ଼ିଶାରେ ଶୈବଧର୍ମର ପ୍ରଚାର ଓ ପ୍ରତିଷ୍ଠା ହୋଇଥିଲା । ଚର୍ଯ୍ୟାପଦର ରଚନା ପରଠାରୁ ସାରଳା ଦାସଙ୍କ ପର୍ଯ୍ୟନ୍ତ ଓଡ଼ିଆ ଭାଷାରେ ଯେଉଁ କେତୋଟି ଉଲ୍ଲେଖଯୋଗ୍ୟ ଗ୍ରନ୍ଥ ପରିଲକ୍ଷିତ ହୁଏ, ସେ ଗୁଡ଼ିକ ମଧ୍ୟରେ ଶିବମାହାତ୍ମ୍ୟ ପ୍ରଖ୍ୟାପକ 'ରୁଦ୍ରସୁଧାନିଧି', 'କଳସା-ଚୌତିଶା' † ଓ 'ସୋମନାଥ ବ୍ରତକଥା'ର ନାମ ଉଲ୍ଲେଖଯୋଗ୍ୟ । ନାଥ ଧର୍ମ ସମ୍ବନ୍ଧୀୟ ସପ୍ତାଙ୍ଗ ଯୋଗ ଓ ଶିଶୁବେଦର ରଚନା ଏହି ସମୟରେ ପରିଦୃଷ୍ଟ ହୁଏ । 'ରୁଦ୍ରସୁଧାନିଧି'ର ଲେଖକ ନାରାୟଣାନନ୍ଦ ଅବଧୂତ ସ୍ୱାମୀ ନାନା ଶାସ୍ତ୍ରରେ ଯେପରି ଜଣେ ସୁଦକ୍ଷ ପଣ୍ଡିତ, ତାଙ୍କର କବିତ୍ୱ ମଧ୍ୟ ସେହିପରି ଅପୂର୍ବ । 'ରୁଦ୍ରସୁଧାନିଧି' ଗଦ୍ୟ ରଚନାରେ ପାଠକମାନେ ସଂସ୍କୃତ ସାହିତ୍ୟର କାଦମ୍ବରୀ ପ୍ରଭୃତି କଥାକାବ୍ୟ ଓ ଗୀତଗୋବିନ୍ଦର ବର୍ଣ୍ଣନାମାଧୁର୍ଯ୍ୟ ଆସ୍ୱାଦନ କରିପାରିବେ । ଶବ୍ଦଯୋଜନା, ଅଳଙ୍କାର ପ୍ରୟୋଗ ଓ ବର୍ଣ୍ଣନା ଭଙ୍ଗୀରେ ପାଠକମାନେ ସଂସ୍କୃତ କାବ୍ୟଛଟାର ପ୍ରଭାବ ଲକ୍ଷ୍ୟ

---

* କେନ୍ଦୁଲି ତାମ୍ରପତ୍ର ( ଚତୁର୍ଥ ନରସିଂହ ଦେବଙ୍କ ସମୟର, ୧୩୮୪ ) "ଚୈତ୍ରମାସି ଶୁକ୍ଳ (ବଲେ,) ପକ୍ଷେ ତ୍ରୟୋଦଶ୍ୟାଂ (ତିଥୌ) ରବିବାସରେ ବାରାଣସୀ କଟକେ ବିଶ୍ୱକଶୁର୍ଦ୍ଧ (ଭି?) ବେଦିକ ସମୟେ···ଇତ୍ୟାଦି ।

† ଶ୍ରୀ ସୁରେନ୍ଦ୍ର ମହାନ୍ତିଙ୍କ ମତରେ ଏ ଦୁଇଟି ସାରଳାଦାସଙ୍କ ପରବର୍ତ୍ତୀ କାଳର ରଚନା ହୋଇପାରେ ( ଓଡ଼ିଆ ସାହିତ୍ୟର ଆଦିପର୍ବ ) ।

କରିପାରିବେ । ଗୋଟିଏ ଦୁଇଟି ଉଦାହରଣ ଦିଆଯାଉ । ପାର୍ବତୀଙ୍କର ମାନସ କନ୍ୟାର ରୂପ ବର୍ଣ୍ଣନା କରିବାକୁ ଯାଇ କବି ଲେଖିଛନ୍ତି :—

"ଜଗତ ମୋହିଲା × × ପ୍ରାଣିମାନଙ୍କର ଧୈର୍ଯ୍ୟ ଉଡ଼ିଲା । ଆ ଧନ୍ୟ ଧନ୍ୟ । କି ଭୂମି ଗତ ଅଶ୍ୱ । କି ବିଜୁଳିର କାନ୍ତି × × କି ଅନଙ୍ଗ ଅମୀୟପୂର୍ଣ୍ଣ କଳସୀ । କି ଯୋଗୀଜନ ମନ ମୀନ ବଡ଼ଶୀ । କି ବିବେକ ପ୍ରଦୀପ ହତ ବତାସୀ × କି ଦେଖି କାମଦେବହିଁ ହେଉଛି ଧଡ଼ସି । ଆ ବାବୁ ଅତ୍ୟନ୍ତ କନ୍ୟାରେ··· ।"

ରୁଦ୍ରଙ୍କର ସ୍ତୁତି କରିବାକୁ ଯାଇ କବି ଲେଖିଅଛନ୍ତି—

ଜୟ ଜୟ କୁନ୍ଦ ମୁକୁନ୍ଦ କୁରଙ୍ଗଧର କର୍ପୂର
ଧବଳ କମ୍ବୁ ସମ କଣ୍ଠ ।
କୋକନଦ ମାଳା କର ଆଭରଣ
କର କଳିତ ବ୍ରହ୍ମ କପୋଳ

× × ×

କର୍ଣ୍ଣେ କୁଣ୍ଡଳ ମଣ୍ଡିତ । କୃଷ୍ଣବର୍ଣ୍ଣ ଭୁଜଙ୍ଗମ କର
କଳାଧର କଳାନିଧି ଧାରଣ କଲା ପ୍ରବଣ କାଳିକା ସେବିତ
ଚରଣ ତଳ । କାଳାନ୍ତକ ରୂପ । କପିଳାସ କନ୍ଦର ବାସ ।
କାମାଙ୍ଗ ନାଶନ, କୈବଲ୍ୟ ବରପ୍ରଦ । କୈବଲ୍ୟ ସ୍ୱରୂପ । କୁଧର
ନନ୍ଦନୀ କୁଚ କୁମ୍ଭ କୁମ ଲେପନ । କରକମଳ କଳିତ କାମିନୀ
କଦମ୍ବ ବନ୍ଧନ କୁଳଠାକୁର କଣ୍ଟକା କଳିତ କୋମଳ
କାମାଙ୍ଗନା ହରଷ ଖଣ୍ଡନ କାଳିନ୍ଦୀ କୁମୁଦବନ୍ଧୁ ମୁଖ ଚୁମ୍ବନ * ।

---

* ଶ୍ରୀ ବଂଶୀଧର ମହାନ୍ତିଙ୍କର 'ପ୍ରାଚୀନ ଓଡ଼ିଆ ସାହିତ୍ୟ' ଶୀର୍ଷକ ପ୍ରବନ୍ଧରୁ ଉଦ୍ଧୃତ ।

ଲିଙ୍ଗରାଜଙ୍କର ଅଧିଷ୍ଠାନ-ପୀଠ ଏକାମ୍ର ଭୁବନେଶ୍ୱରର ମାହାତ୍ମ୍ୟ ପ୍ରଖ୍ୟାପକ କେତେଗୁଡ଼ିଏ ଗ୍ରନ୍ଥ ସଂସ୍କୃତରେ ରଚିତ ହୋଇଛି । ଏଗୁଡ଼ିକ ମଧ୍ୟରେ ଏକାମ୍ରଚନ୍ଦ୍ରିକା ଓ ଏକାମ୍ର-ପୁରାଣମ୍‌ର * ନାମ ଉଲ୍ଲେଖଯୋଗ୍ୟ । ଏକାମ୍ର ଚନ୍ଦ୍ରିକାରେ ବ୍ରହ୍ମ, ବ୍ରହ୍ମାଣ୍ଡ, ଶିବ, ଏକାମ୍ର, ଶୈବୋତ୍ତର, ଲିଙ୍ଗ, କାଳିକା ଇତ୍ୟାଦି ପୁରାଣ, ଶାରଦା ତିଳକମ୍, ଶୂଳପାଣି ପ୍ରଭୃତି ବହୁ ପ୍ରାଚୀନ ଗ୍ରନ୍ଥର ନାମର ସୂଚନା ରହିଛି । ଯେତେଦୂର ମନେହୁଏ ଶୈବଧର୍ମର ଯେତେବେଳେ ବହୁଳ ପ୍ରଚାର ଚାଲିଥିଲା ଓ ଭୁବନେଶ୍ୱରରେ ଲିଙ୍ଗରାଜଦେବଙ୍କର ପୀଠରେ ପ୍ରତିଷ୍ଠା ସହିତ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ଶିବମନ୍ଦିରମାନ ପ୍ରତିଷ୍ଠିତ ହେବାକୁ ଲାଗିଲା, ସେତେବେଳେ ଶୈବଧର୍ମ ସମ୍ପର୍କରେ ପୂର୍ବୋକ୍ତ ପ୍ରାମାଣିକ ଗ୍ରନ୍ଥମାନ ରଚିତ ହୋଇଥିବ ଏବଂ ସଂସ୍କୃତ ଗ୍ରନ୍ଥର ଛାୟାରେ ଗଦ୍ୟ ଓ ପଦ୍ୟ ଭାଷାରେ ଶିବ ଓ ଶୈବ କ୍ଷେତ୍ରର ମାହାତ୍ମ୍ୟ ପ୍ରଚାର କରିବା ପାଇଁ 'ରୁଦ୍ରସୁଧାନିଧି' 'କଳସା ଚଉତିଶା' ଓ ପରବର୍ତ୍ତୀ କାଳର 'ଶିବ ପୁରାଣ' ଓ 'ରୁଦ୍ରସ୍ତୁତି' ପ୍ରଭୃତି ଶିବ ମାହାତ୍ମ୍ୟ ପ୍ରଖ୍ୟାପକ ଅନ୍ୟ ଗ୍ରନ୍ଥମାନ ରଚିତ ହୋଇଥିବ ।

ପୂର୍ବୋକ୍ତ ପ୍ରସିଦ୍ଧ ଓଡ଼ିଆ ରଚନା ପରେ ଓଡ଼ିଶାର ପ୍ରଥମ ଓ ପ୍ରସିଦ୍ଧ ପୁରାଣକାର ହେଉଛନ୍ତି ଶୂଦ୍ରମୁନି ସାରଳା ଦାସ । ସାରଳା ଦାସ ମହାଭାରତର ବିଭିନ୍ନ ସ୍ଥଳରେ ନିଜକୁ ମୂର୍ଖ ବୋଲି କହିଥିଲେ

---

* ଏକାମ୍ର ଚନ୍ଦ୍ରିକା—Descriptive Catalogue of Sanskrit Manuscripts of Orissa—Vol. I. ବେଗୁନିଆରୁ (୧୭୬୫) ଓ ରଣପୁରରୁ (୧୭୭୦) ପ୍ରାପ୍ତ ପୋଥି ।

ଏକାମ୍ର ପୁରାଣମ—Descriptive Catalogue of Sanskrit MSS. of Orissa, P.18.

ମଧ୍ୟ ତାଙ୍କର ମହାଭାରତ ଅନୁଧ୍ୟାନ କଲେ ସ୍ପଷ୍ଟ ଜଣାଯିବ ଯେ ଏହା କେବେ ମୂର୍ଖ ବା ଅପଣ୍ଡିତର ଲେଖନୀରୁ ସମ୍ଭବ ନୁହେଁ । ହୁଏତ ସଂସ୍କୃତ ଭାଷା ତଥା ସାହିତ୍ୟରେ ତାଙ୍କର ଗଭୀର ପ୍ରବେଶ ନଥାଇ ପାରେ; କିନ୍ତୁ ସାଧାରଣ ଭାବରେ ସଂସ୍କୃତ ସହିତ ତାଙ୍କର ପରିଚୟ ରହିଛି ଏବଂ ସଂସ୍କୃତ ପୁରାଣ ଓ ଇତିହାସର ବ୍ୟାଖ୍ୟା ତଥା ଆଲୋଚନା ସେ ପୁରାଣ ପଣ୍ଡାଙ୍କ ମୁଖରୁ ଶ୍ରବଣ କରି ମହାଭାରତ ରଚନା କରିଛନ୍ତି ବୋଲି ମନେ ହୁଏ । ସାରଳା ମହାଭାରତରେ ବ୍ୟାସଙ୍କର ସଂସ୍କୃତ ମହାଭାରତର ପର୍ବକ୍ରମ, ଚରିତ୍ରଚିତ୍ରଣ, ଘଟଣା ସନ୍ନିବେଶ, ଗଳ୍ପ ଓ ଉପାଖ୍ୟାନ ରଚନାର ବହୁ ବ୍ୟତିକ୍ରମ ଘଟିଥିଲେ ମଧ୍ୟ ସଂସ୍କୃତ ମହାଭାରତ ଯେ ସାରଳା ମହାଭାରତର ମୂଳପ୍ରେରଣା ଏହା କହିଲେ ବୋଧହୁଏ ଅତ୍ୟୁକ୍ତି ହେବନାହିଁ । ତା ଛଡ଼ା ଝଙ୍କଡ଼ର ସାରଳା ପୀଠ ଶକ୍ତିର ଅଧିଷ୍ଠାନ କ୍ଷେତ୍ର ହୋଇ-ଥିବାରୁ ସାରଳାଙ୍କ ନିକଟରେ ଶ୍ରୀ ଶ୍ରୀ ଚଣ୍ଡୀ, ଦେବୀ ଭାଗବତ, ବିରଜା ମାହାତ୍ମ୍ୟ, କାଳିକା ପୁରାଣ, ମାର୍କଣ୍ଡେୟ ପୁରାଣ ପ୍ରଭୃତି ସଂସ୍କୃତ ଗ୍ରନ୍ଥର ପାଠ ଓ ବ୍ୟାଖ୍ୟା କରା ଯାଉଥିବ । ସାରଳା ଦାସ ଶକ୍ତିଙ୍କର ଉପାସକ ଥିବାରୁ ଦେବୀଙ୍କର ମାହାତ୍ମ୍ୟ ଶ୍ରବଣକରି ଚଣ୍ଡୀପୁରାଣ ଲେଖିଥିବେ ବୋଲି ପ୍ରତୀତ ହୁଏ । ତା ଛଡ଼ା କବିଙ୍କ ରଚିତ ବିଲଙ୍କା ରାମାୟଣ ଉପରେ ସଂସ୍କୃତ 'ଅଦ୍ଭୁତ ରାମାୟଣ'ର ପ୍ରଭାବ ପଡ଼ିଥିବାର ଜଣାଯାଏ ।

ବର୍ତ୍ତମାନ ପଞ୍ଚସଖା-ଯୁଗର କଥା ବିଚାର କରାଯାଉ । ଏହି ସମୟରେ ଭାଗବତ, ରାମାୟଣ ଓ ହରିବଂଶ ସହ ଅନ୍ୟାନ୍ୟ ବହୁ ବୈଷ୍ଣବଧର୍ମସମ୍ବଳିତ ଗ୍ରନ୍ଥ ରଚିତ ହୋଇଛି । ଗୌଡ଼ୀୟ ବୈଷ୍ଣବ ମତର ପ୍ରଚାରକ ଶ୍ରୀଚୈତନ୍ୟଙ୍କର ଆଗମନ ପୂର୍ବରୁ ଉତ୍କଳରେ

ବୈଷ୍ଣବମତ ପ୍ରଚଳିତ ହୋଇଥିଲା । ବହୁପୂର୍ବରୁ ଶଙ୍କର ଓ ରାମାନୁଜ ପ୍ରଭୃତି ବ୍ରହ୍ମସୂତ୍ରର ଭାଷ୍ୟକାରମାନେ ଉତ୍କଳକୁ ଆସି ଜଗନ୍ନାଥଙ୍କ ପ୍ରତି ଭକ୍ତି ପ୍ରଦର୍ଶନ କରିଥିଲେ ଏବଂ ସ୍ୱକୀୟ ମତବାଦ ପ୍ରଚାର କରି ନିଜନିଜର ମଠ ସ୍ଥାପନ କରିଥିଲେ । ସଦୁକ୍ତିକର୍ଣ୍ଣାମୃତମ୍, ଶ୍ରୀକୃଷ୍ଣ କର୍ଣ୍ଣାମୃତମ୍ ଓ ଗୀତଗୋବିନ୍ଦ ପ୍ରଭୃତି ପ୍ରସିଦ୍ଧ ଗ୍ରନ୍ଥମାନ ସେତେବେଳକୁ ଉତ୍କଳରେ ପ୍ରଚଳିତ ହୋଇସାରିଥିଲା । ଭାରତର ବିଭିନ୍ନ ପ୍ରାନ୍ତରୁ ବିଭିନ୍ନ ଧର୍ମପ୍ରଚାରକମାନଙ୍କର ଆଗମନ ଓ ସ୍ୱକୀୟ ମତବାଦର ପ୍ରଚାର ସତ୍ତ୍ୱେ, ଜଗନ୍ନାଥଧର୍ମ ନିଜର ଉଦାରତା ପ୍ରଦର୍ଶନ କରିବା ସଙ୍ଗେସଙ୍ଗେ ନିଜର ସ୍ୱକୀୟତା ରକ୍ଷା କରିଥିଲା । ଉତ୍କଳୀୟ ବୈଷ୍ଣବଧର୍ମ ଜଗନ୍ନାଥ ଧର୍ମକୁ କେନ୍ଦ୍ର କରି ତାର ସ୍ୱତନ୍ତ୍ର ରୂପ ଗ୍ରହଣ କରିଥିଲା । ଜଗନ୍ନାଥ ଧର୍ମ ବୌଦ୍ଧ, ଜୈନ, ଶୈବ, ଶାକ୍ତ, ସୌର, ଗାଣପତ୍ୟ ଓ ତନ୍ତ୍ରମତ ପ୍ରତି ସାମ୍ୟ ବା ଉଦାର ଦୃଷ୍ଟି ନିକ୍ଷେପ କରିଥିବାରୁ ଜଗନ୍ନାଥ ନିର୍ଦ୍ଦିଷ୍ଟ ଭାବରେ କୌଣସି ସମ୍ପ୍ରଦାୟର ଦେବତା ନୁହନ୍ତି । ସେ ସମଗ୍ର ଭାରତୀୟ ସଂସ୍କୃତି, ଉଦାର ବିଶ୍ୱଧର୍ମ ବା ଭାଗବତ ଧର୍ମର ପ୍ରତୀକ । ପଞ୍ଚସଖାଯୁଗର ଉତ୍କଳୀୟ ବୈଷ୍ଣବ କବିଗଣ ଜଗନ୍ନାଥଙ୍କୁ ନିଜର ସାଧନାର କେନ୍ଦ୍ର ରୂପେ ଗ୍ରହଣ କରି ଜଗନ୍ନାଥଧର୍ମର ଭିତ୍ତିରେ ଠିଆହୋଇ ସମସ୍ତ ମତ ଓ ସମ୍ପ୍ରଦାୟ ପ୍ରତି ଉଦାରଭାବ ପ୍ରଦର୍ଶନ କରିବା ସଙ୍ଗେ ସଙ୍ଗେ ସ୍ୱକୀୟତା ରକ୍ଷା କରିଛନ୍ତି ।

ଶ୍ରୀ ଜଗନ୍ନାଥଙ୍କୁ କେନ୍ଦ୍ରକରି ନୀଳାଦ୍ରିଶତକଂ, ଗୁଣ୍ଡିଚା ଚମ୍ପୂ, ମେଘଦୂତର ବ୍ରହ୍ମପ୍ରକାଶିକା ଟୀକା ପ୍ରଭୃତି କେତେଗୁଡ଼ିଏ ସଂସ୍କୃତ ଗ୍ରନ୍ଥ ରଚିତ ହୋଇଛି । ପୁଣି ପୁରୁଷୋତ୍ତମ କ୍ଷେତ୍ର ଓ ଜଗନ୍ନାଥଙ୍କର ମାହାତ୍ମ୍ୟ ବିଭିନ୍ନ ସଂସ୍କୃତଗ୍ରନ୍ଥମାନଙ୍କରେ ବର୍ଣ୍ଣିତ ହୋଇଛି । ଏହାର

ଛାୟା ବଟଅବକାଶ, ଦେଉଳତୋଳା, ଦାରୁବ୍ରହ୍ମ ଗୀତା, କ୍ଷେତ୍ର-ମାହାତ୍ମ୍ୟ ଓ ଚତୁର୍ଦ୍ଧାମୂର୍ତ୍ତି ବର୍ଣ୍ଣନ ପ୍ରଭୃତି ଗ୍ରନ୍ଥରେ ପ୍ରତିଫଳିତ ହୋଇଛି । ଏହାଛଡ଼ା ତନ୍ତ୍ର, ଯୋଗ, ଜ୍ଞାନ ଓ ଭକ୍ତି ସହିତ ସାଧନାର ଅନ୍ୟପରମ୍ପରା ବା ଆଦର୍ଶ ଯଥା ଶୂନ୍ୟବାଦ, ବଜ୍ରଯାନ ଓ ସହଜଯାନ ପ୍ରଭୃତି ପଞ୍ଚସଖା ସାହିତ୍ୟରେ ପରିଲକ୍ଷିତ ହୁଏ ।

ପଞ୍ଚସଖାଗଣ ମୁଖ୍ୟତଃ ଓଡ଼ିଆଭାଷାରେ ସେମାନଙ୍କର ଗ୍ରନ୍ଥ-ରଚନା କରି ରଚନାରେ ସ୍ୱକୀୟତାର ପରିଚୟ ଦେଇଥିଲେ ମଧ୍ୟ ସଂସ୍କୃତ ଭାଷାରେ ରଚିତ ବହୁ ତାନ୍ତ୍ରିକ ଗ୍ରନ୍ଥ ଓ ସଂସ୍କୃତ ସାହିତ୍ୟ ସେମାନଙ୍କର ରଚନାର ମୂଳପିଣ୍ଡ । ପଞ୍ଚସଖାଙ୍କ ମଧ୍ୟରେ ବୟୋଜ୍ୟେଷ୍ଠ ବଳରାମ ଦାସ ଯେଉଁ ବିଖ୍ୟାତ 'ଦାଣ୍ଡୀରାମାୟଣ' ବା 'ଜଗମୋହନ ରାମାୟଣ' ରଚନା କରିଛନ୍ତି ତାହା ସଂସ୍କୃତ ବାଲ୍ମୀକି ଓ ଅଧ୍ୟାତ୍ମ ରାମାୟଣ ଛାୟାରେ ରଚିତ ହୋଇଛି । ଭାଗବତ ଗୀତା ରଚନାରେ ସେ ସଂସ୍କୃତ ଶ୍ରୀମଦ୍‌ଭାଗବତ ଗୀତାକୁ ଅନୁସରଣ କରିଛନ୍ତି । 'ବେଦାନ୍ତସାର ଗୁପ୍ତଗୀତା'ର ରଚନା ବ୍ରହ୍ମସୂତ୍ର, ଯୋଗ, ତନ୍ତ୍ର, ଶୂନ୍ୟବାଦମୂଳକ ଗ୍ରନ୍ଥ ଆଲୋଚନାର ଫଳରୂପେ ବିଚାର କରାଯାଇପାରେ ।

ଅତିବଡ଼ୀ ଜଗନ୍ନାଥ ଦାସ ଓଡ଼ିଆ 'ଭାଗବତ' ରଚନାରେ, ଭାବ ବ୍ୟାଖ୍ୟାରେ ସ୍ୱକୀୟତାର ପରିଚୟ ଦେଇଥିଲେ ମଧ୍ୟ ଶ୍ରୀଧର ସ୍ୱାମୀଙ୍କର ସଂସ୍କୃତ ଭାଷାରେ ରଚିତ 'ଭାଗବତ' ଭାଷ୍ୟକୁ ମୂଳପିଣ୍ଡ ରୂପେ ଗ୍ରହଣ କରିଛନ୍ତି । ସଂସ୍କୃତ ଭାଗବତର ମୂଳତତ୍ତ୍ୱକୁ ଜଗନ୍ନାଥ ଦାସ ଅତୀବ ସରଳ, ପ୍ରାଞ୍ଜଳ ଓ ବିସ୍ତୃତ ଭାବରେ ଉଲ୍ଲେଖ କରିପାରିଛନ୍ତି । ଗୋଟିଏ ଦୁଇଟି ଉଦାହରଣ ଦିଆଯାଉ:—

ଭାଗବତର ପ୍ରଥମସ୍କନ୍ଧର ତୃତୀୟ ଶ୍ଳୋକଟି ହେଉଛି—

"ନିଗମ କଳ୍ପତରୋର୍ଗଳିତଂ ଫଳଂ ଶୁକମୁଖାଦମୃତ ଦ୍ରବ ସଂଯୁତମ୍
ପିବତ ଭାଗବତଂ ରସମାଳୟଂ ମୁହୁରହୋ ରସିକା ଭୁବିଭାବୁକା ।"

ଜଗନ୍ନାଥ ଦାସ ଲେଖିଛନ୍ତି—

"ସକଳ ବେଦ ହୋଇ ବୃକ୍ଷେ । ଫଳ ଫଳିଲେ ଅନ୍ତରୀକ୍ଷେ ।
କେତେହେଁ ଦିନେ ପାଚି ଗଲେ । ବୃକ୍ଷୁଁ ପଡ଼ିଲେ ବାୟୁବଳେ ।
ଶୁକ ଧାଇଁଲେ ତାହା ଦେଖି । ପକ୍ଷିଙ୍କ ସଙ୍ଗତେ ଉଦପକ୍ଷି ।
ଚୋଷେ ଅଧର କ୍ଷତ କଲା । ଭିତରେ ସୁରଙ୍ଗ ଦିଶିଲା ।
ତହୁଁ ଗଳିଲା ରସ ସାର । କିଅବା ଦେବା ପଟାନ୍ତର ।
ଅମୃତ ନିଜେ ସ୍ୱାଦୁଯତନେ । ସୁଜନେ ପିବ ଅନୁକ୍ଷଣେ ।
ଆନନ୍ଦେ କର ସୁଧାପାନ । କ୍ଷଣେ ପାଇବ ଦିବ୍ୟଜ୍ଞାନ ।
ଏ ରସ ଗୁରୁବେଦ ମୂଳ । ନିଗମ ବୃକ୍ଷର ଏ ଫଳ ।
ପିବ ଜୀବନ ଅନ୍ତଯାଏଁ । ଯେବେ ବଞ୍ଚିବ ମାୟାମୋହେ ।"

ଭାଗବତର ଚତୁର୍ଥ ଶ୍ଳୋକଟି ହେଉଛି—

"ଓଁ ନୈମିଷେଽନିମେଷ କ୍ଷେତ୍ରେ ବ୍ୟାସଯଃ ଶୌନକାଦୟଃ,
ସତ୍ରଂ ସ୍ୱର୍ଗାୟ ଲୋକାୟ ସହସ୍ର ସମମା ସତ ।"

ଜଗନ୍ନାଥ ଦାସ ଲେଖିଛନ୍ତି—

"ଏବେ ହୋ ଶୁଣ ସାବଧାନେ । ହରି ଚରିତ ଶୁଦ୍ଧମନେ ।
ସର୍ବ ଦେବଙ୍କ ରମ୍ୟସ୍ଥାନ । ନାମ ତା ନୈମିଷ ଅରଣ୍ୟ ।
କଳିର ଆଗମନ ଦେଖି । ମୁନିଏ ସ୍ଥାନ ଉପଲକ୍ଷି ।
ଶୌନକ ଆଦି ମୁନିଗଣେ । ମିଳିଲେ ନୈମିଷ ଅରଣ୍ୟେ ।

କଳି କଲୁଷ ଭସ୍ମକର । ମୁନିଏ ଏକାନ୍ତେ ବସିର ।
ସଂକଳ୍ପ କରି ଏକ ତୁଳେ । ମହାସୁଯଜ୍ଞ ଆରମ୍ଭିଲେ ।
ଜାଣନ୍ତି ସର୍ବେଶ୍ୱର ଦୀକ୍ଷା । ସ୍ୱର୍ଗାଦି ଲୋକେ କଲେ ଇଚ୍ଛା ।"

ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ହରିବଂଶ ମୂଳ ସଂସ୍କୃତ ହରିବଂଶର ଅନୁବାଦ ନ ହେଲେ ମଧ୍ୟ ତା'ର ଛାୟାରେ ରଚିତ । ଯଶୋବନ୍ତ ଦାସଙ୍କ 'ଶିବ ସ୍ୱରୋଦୟ' ଗ୍ରନ୍ଥ ସଂସ୍କୃତ ଭାଷାରେ ରଚିତ 'ସ୍ୱରୋଦୟଲେଖ' ନାମକ ତନ୍ତ୍ର ଗ୍ରନ୍ଥର ଛାୟାରେ ଲିଖିତ ।

ବ୍ରହ୍ମାଣ୍ଡଭୂଗୋଳ, ଗୁପ୍ତଗୀତା, ଅମରକୋଷଗୀତା (ବଳରାମ ଦାସ), ଅର୍ଥକୋଇଲି, ତୁଳାଭିଣା (ଜଗନ୍ନାଥ ଦାସ), ଶୂନ୍ୟସଂହିତା, ବ୍ରହ୍ମଶାଙ୍କୁଳି, ଗୁରୁଭକ୍ତିଗୀତା, ପଦ୍ମକଳ୍ପଟୀକା (ଅଚ୍ୟୁତାନନ୍ଦ ଦାସ), ଜ୍ଞାନସାଗର (ବ୍ରଜହାଟିସ୍ୟା), ପ୍ରେମଭକ୍ତିବ୍ରହ୍ମଗୀତା, ଗୀତ ଗୋବିନ୍ଦଚନ୍ଦ୍ର* ହେତୁ ଉଦୟ ଭାଗବତ (ଯଶୋବନ୍ତ), ନିର୍ଗୁଣ ମାହାତ୍ମ୍ୟ (ଚୈତନ୍ୟ ଦାସ) ପରଚେ ଗୀତା (ଦ୍ୱାରକାଦାସ) ଏବଂ ଜନବଂଶ ଶତକର ବ୍ରହ୍ମ ନିରୂପଣ ଗୀତା, ସ୍ତୁତି ଚିନ୍ତାମଣି (ଭୀମଭୋଇ) ପ୍ରଭୃତି ଗ୍ରନ୍ଥଗୁଡ଼ିକରେ ଶୂନ୍ୟବାଦ, ଯୋଗ, ତନ୍ତ୍ର ଜ୍ଞାନ, ଭକ୍ତି, ବଜ୍ରଯାନ ଓ ସହଜଯାନ ପ୍ରଭୃତିର ପ୍ରଭାବ ଲକ୍ଷ୍ୟ କରାଯାଇପାରେ ।

ମହାଭାରତ, ରାମାୟଣ, ବିଭିନ୍ନ ପୁରାଣ ଓ ରୀତିଯୁଗର ବହୁ କାବ୍ୟରେ ଆମେ ସଂସ୍କୃତ ଭାଷାରେ ରଚିତ ସ୍ମୃତି ଓ ଜ୍ୟୋତିଷ ଶାସ୍ତ୍ରର ପ୍ରଭାବ ଲକ୍ଷ୍ୟ କରିଥାଉଁ ।

---

*** ଗୀତ ଗୋବିନ୍ଦଚନ୍ଦ୍ର—ନାଥ ଧର୍ମ ସମ୍ବନ୍ଧୀୟ ଗ୍ରନ୍ଥ ।**

## କାବ୍ୟ ( ପ୍ରାଚୀନ ଓ ମଧ୍ୟଯୁଗ )

ପୂର୍ବୋକ୍ତ ପ୍ରାଚୀନ ଇତିହାସ, ପୁରାଣ ଓ ଧର୍ମଗ୍ରନ୍ଥଗୁଡ଼ିକୁ ଛାଡ଼ିଦେଲେ ଓଡ଼ିଆ କାବ୍ୟସୃଷ୍ଟିରେ ସଂସ୍କୃତ କାବ୍ୟ ଓ ଅଳଙ୍କାରର ପ୍ରଭାବ ବହୁଳ ପରିମାଣରେ ପରିଲକ୍ଷିତ ହୁଏ । ଏହା ବ୍ୟତୀତ ବିଭିନ୍ନ ଯୁଗରେ କିପରି ଅନେକ ଗୁଡ଼ିଏ ସଂସ୍କୃତ ପୁରାଣ କାବ୍ୟ ଓ ନାଟକ ଅନୂଦିତ ହୋଇଛି, ତା'ର ସୂଚନା ପରେ ପରେ ଦିଆଯିବ ।

ଓଡ଼ିଶାରେ କିପରି ସଂସ୍କୃତ କାବ୍ୟ, ସ୍ମୃତି ଓ ଅଳଙ୍କାର ରଚନାର ସମୃଦ୍ଧିଶାଳୀ ପରମ୍ପରା ରହିଥିଲା, ତା'ର ସୂଚନା ପୂର୍ବରୁ ଦିଆଯାଇଛି । ତା'ଛଡ଼ା ସାରଳା ଓ ପଞ୍ଚସଖା ଯୁଗରେ ପୁରାଣ ଓ ଧର୍ମସାହିତ୍ୟର ବହୁଳ ରଚନା ପରିଲକ୍ଷିତ ହେଲେ ମଧ୍ୟ ଏହି ସମୟରେ ସ୍ୱଳ୍ପ ସଂଖ୍ୟକ ହେଲେ ମଧ୍ୟ ସାଙ୍ଗୋପାଙ୍ଗ ଭାବରେ କାବ୍ୟ ରଚନାର ପ୍ରଚେଷ୍ଟା କିପରି ଦେଖା ଦେଇଥିଲା, ପାଠକ-ମାନେ ତାହା ଲକ୍ଷ୍ୟ କରି ପାରିବେ । ସାରଳା ଓ ପଞ୍ଚସଖା ଯୁଗର କାବ୍ୟଗୁଡ଼ିକ ମଧ୍ୟରେ ଅର୍ଜ୍ଜୁନ ଦାସଙ୍କ ରାମବିଭା, ଶିଶୁଶଙ୍କର ଦାସଙ୍କର ଉଷାଭିଳାଷ, ଦେବ ଦୁର୍ଲ୍ଲଭଙ୍କ ରହସ୍ୟ ମଞ୍ଜରୀ, ପଦ୍ମନାଭ ଦେବଙ୍କର ପ୍ରଭାବତୀ, ଲକ୍ଷ୍ମଣ ମହାନ୍ତିଙ୍କ ଊର୍ମିଳା ଛାନ୍ଦ * ପ୍ରଭୃତି କେତୋଟି କାବ୍ୟ ଉଲ୍ଲେଖଯୋଗ୍ୟ । ପୂର୍ବୋକ୍ତ ଦୁଇଟି ଯୁଗକୁ ଛାଡ଼ିଦେଲେ ସପ୍ତଦଶ ଶତାବ୍ଦୀରେ ପୂର୍ବାପେକ୍ଷା କାବ୍ୟର ସଂଖ୍ୟା ପରିବର୍ଦ୍ଧିତ ହୋଇଛି । ଧର୍ମସାହିତ୍ୟ ରଚନାର ପ୍ରବାହ କ୍ରମଶଃ

---

* ଊର୍ମିଳା ଛାନ୍ଦର କଥାବସ୍ତୁ ଭବିଷ୍ୟ ପୁରାଣରୁ ଗୃହୀତ ।

ଶିଥିଳ ହୋଇ ଆସିଛି । ଏହି ସମୟରେ କାର୍ତ୍ତିକ ଦାସଙ୍କ ରୁକ୍ମଣୀ-ବିଭା, ପ୍ରତାପ ରାୟଙ୍କ ଶଶିସେଣା, ରାମଚନ୍ଦ୍ର ପଟ୍ଟନାୟକଙ୍କ ହାରାବତୀ, ବିଷ୍ଣୁ ଦାସଙ୍କର ପ୍ରେମଲୋଚନା, ଶ୍ରୀଧର ଦାସଙ୍କର କାଞ୍ଚନଲତା, ନରସିଂହଙ୍କର ପରିମଳା, ରଘୁନାଥ ହରିଚନ୍ଦନଙ୍କର ଲୀଳାବତୀ (୧୭୫୫), ଲୋକନାଥଙ୍କର ସର୍ବାଙ୍ଗ ସୁନ୍ଦରୀ (ପାଞ୍ଚାଳୀଗୀତ), ପଦ୍ମାବତୀ ପରିଣୟ, ଶବକଳା, ରସକଲା, ଧନଞ୍ଜୟଙ୍କର ରଘୁନାଥ ବିଳାସ, ତ୍ରିପୁରସୁନ୍ଦରୀ, ମଦନ ମଞ୍ଜରୀ, ଅନଙ୍ଗ ରେଖା, ତ୍ରିବିକ୍ରମଙ୍କର କନକଲତା, ଭୂପତିଙ୍କର ପ୍ରେମପଞ୍ଚାମୃତ, ବୃନ୍ଦାବତୀ ଦାସୀଙ୍କର ପୂର୍ଣ୍ଣତମ ଚନ୍ଦ୍ରୋଦୟ, ଦୀନକୃଷ୍ଣଙ୍କର ରସକଲ୍ଲୋଳ ପ୍ରଭୃତି କାବ୍ୟ ଉଲ୍ଲେଖଯୋଗ୍ୟ ।

କାଳ୍ପନିକ କାବ୍ୟଗୁଡ଼ିକର କଥାବସ୍ତୁକୁ ଛାଡ଼ିଦେଲେ ସାରଳା, ପଞ୍ଚସଖା ଓ ସପ୍ତଦଶ ଶତାବ୍ଦୀର କାବ୍ୟଗୁଡ଼ିକର କଥାବସ୍ତୁ ମୁଖ୍ୟତଃ ଓଡ଼ିଆ ମହାଭାରତ, ରାମାୟଣ ଓ ହରିବଂଶ ଦ୍ୱାରା ପ୍ରଭାବିତ । ସାରଳା ଓ ପଞ୍ଚସଖା ଯୁଗର କାବ୍ୟ ଗୁଡ଼ିକ ପୌରାଣିକ ଶୈଳୀରେ ଲେଖାଯାଇ ଥିବାରୁ ସେଗୁଡ଼ିକର ଭାଷା ଓ ପଦଯୋଜନା ସରଳ ଏବଂ ରଚନା-ଭଙ୍ଗୀ ସାବଲୀଳ । ଅଳଙ୍କାର ପ୍ରୟୋଗରେ ପୁରାଣସୁଲଭ ସରଳତା ତଥା ସ୍ୱାଭାବିକତା ପରିଲକ୍ଷିତ ହୁଏ । ଭାଷା, ଶୈଳୀ, ଅଳଙ୍କାର ପ୍ରୟୋଗ ଓ ବର୍ଣ୍ଣନାରେ ସଂସ୍କୃତକାବ୍ୟ ଓ ଅଳଙ୍କାର ସୁଲଭ ଗୁରୁତ୍ୱ ତଥା କୃତ୍ରିମତା ପରିଲକ୍ଷିତ ହେଉନଥିବାରୁ ପରବର୍ତ୍ତୀ (ସପ୍ତଦଶ) ଶତାବ୍ଦୀର କାବ୍ୟଗୁଡ଼ିକ ଅପେକ୍ଷା ଏଗୁଡ଼ିକରେ ସଂସ୍କୃତ କାବ୍ୟ ଓ ଅଳଙ୍କାରର ପ୍ରଭାବ ଖୁବ୍ କମ ପରିଲକ୍ଷିତ ହୁଏ । 'ରାମବିଭା' ପ୍ରଭୃତି କାବ୍ୟ ଆଲୋଚନା କଲେ ପାଠକମାନେ ସହଜରେ ଅବଧାରଣା କରିପାରିବେ । କିନ୍ତୁ ରାମବିଭାର ପରବର୍ତ୍ତୀ ରଚନା ଶିଶୁଶଙ୍କର

ଦାସଙ୍କର ଉଷାଭିଳାଷ * ପାଠକଲେ ପାଠକମାନେ ତା'ର ଭାଷା, ଅଳଙ୍କାର ପ୍ରୟୋଗ ଓ ବର୍ଣ୍ଣନାରେ ସଂସ୍କୃତ କାବ୍ୟର ପରମ୍ପରା ଅଧିକ ଲକ୍ଷ୍ୟ କରି ପାରିବେ । ଦେବଦୁର୍ଲ୍ଲଭ ଦାସଙ୍କର ରହସ୍ୟ ମଞ୍ଜରୀ, ଆଦିପୁରାଣ, ରୁଦ୍ରଯାମଳ, ଓ ବିଷ୍ଣୁଯାମଳ ପ୍ରଭୃତି ଗ୍ରନ୍ଥଦ୍ୱାରା ପ୍ରଭାବିତ । କାର୍ତ୍ତିକ ଦାସଙ୍କର ରୁକ୍ମଣୀ ବିଭାର ରଚନାଶୈଳୀ, ଭାଷା ଓ ଅଳଙ୍କାର ପ୍ରୟୋଗ ଅପେକ୍ଷାକୃତ ସରଳ ହେଲେ ମଧ୍ୟ ଏଥିରେ ସଂସ୍କୃତ ଭାଗବତ, ପଦ୍ମପୁରାଣ, କାଳିଦାସଙ୍କ କୁମାରସମ୍ଭବ ଓ ଶ୍ରୀହର୍ଷଙ୍କର 'ନୈଷଧ-ଚରିତମ୍'ର ପ୍ରଭାବ ପରିଲକ୍ଷିତ ହୁଏ । ଉଦାହରଣ ସ୍ୱରୂପ କବି କାର୍ତ୍ତିକ ଦାସ ରୁକ୍ମିଣୀଙ୍କ କେଶ-ବର୍ଣ୍ଣନା କରିବାକୁ ଯାଇ ଲେଖିଛନ୍ତି—

"କୁଟିଳ କୁନ୍ତଳ ଜାଲ କବରୀ ଭାର
ତହିଁକି ସମାନ କାହିଁ ହେବ ମୟୂର ?

\+ + + +

ଚମରୀ ଚମର ଅଧୋଭାଗେ ଲୁଚୁଇ ।" (୩।୧୫,୧୬)

ଏହି ଉକ୍ତି ସହ ନୈଷଧ ଚରିତମ୍‌ର ଦମୟନ୍ତୀଙ୍କ କେଶ ବର୍ଣ୍ଣନା ଓ କୁମାରସମ୍ଭବର ପାର୍ବତୀଙ୍କର କେଶ ବର୍ଣ୍ଣନାର କେତେ ଦୂର ସାମ୍ୟ ରହିଛି, ପାଠକମାନେ ନିମ୍ନୋକ୍ତ ଉଦ୍ଧୃତିରୁ ତାହା ଲକ୍ଷ୍ୟ କରି ପାରିବେ:—

"ଚିକୁରପ୍ରକରା ଜୟନ୍ତି ତେ ବିଦୁଷୀ ମୂର୍ଦ୍ଧନି ସାବିଭର୍ତ୍ତିଯାନ୍
ପଶୁନାପ୍ୟ ପୁରସ୍କୃତେନ ତତ୍ତୁଳନା ମିଚ୍ଛତୁ ଚମରେଣ କଃ ।"
—ନୈଷଧ ଚରିତମ୍ ୨।୨୦

* ଶ୍ରୀମଦ୍‌ଭାଗବତ ଓ ଖିଲ ହରିବଂଶରୁ କଥାବସ୍ତୁ ଗୃହୀତ ।

"ଲଜ୍ଜାତିରଶ୍ଚାଂ ଯଦ୍ୱୈତସି ସ୍ୟାଦସଂଶୟଂ ପର୍ବତ ରାଜପୁତ୍ର୍ୟାଃ
ତଂ କେଶପାଶଂ ପ୍ରସମୀକ୍ଷ୍ୟ କୁର୍ଯ୍ୟୁର୍ବାଲ ପ୍ରିୟତ୍ୱଂ ଶିଥିଳଂ ଚମର୍ଯ୍ୟଃ"
—କୁମାରସମ୍ଭବ

କୃଷ୍ଣ ଓ ରୁକ୍ମଣୀଙ୍କ ଯୁଦ୍ଧ ପ୍ରସଙ୍ଗରେ ରୁକ୍ମଣର ପରାଜୟ କାଳରେ ଶ୍ରୀକୃଷ୍ଣ ତା'କୁ ରଥରେ ବାନ୍ଧି ପକାଇ ତା'ର କେଶ ପାତଭାଗ କରିବାର କବି ଯାହା ବର୍ଣ୍ଣନା କରିଛନ୍ତି ତା'ର ଅନୁରୂପ ବର୍ଣ୍ଣନା ପାଠକମାନେ ପଦ୍ମପୁରାଣରେ ପାଇପାରିବେ, ଯଥା—

"ତୀକ୍ଷ୍ଣଂ କ୍ଷୁର ପ୍ରମାଦାୟ ପ୍ରହସନ୍ ମଧୁସୂଦନଃ
ଶିରସୋ ମୁଣ୍ଡନଂ କୃତ୍ୱା ମୁମୋଚ ଚ ଜନାର୍ଦ୍ଦନଃ ।୪୧।

ଦୀନକୃଷ୍ଣଙ୍କର ରସକଲ୍ଲୋଳ କାବ୍ୟ ଅନୁଧ୍ୟାନ କଲେ ଜଣାଯାଏ ଯେ କବିଙ୍କର ପ୍ରସିଦ୍ଧ ସଂସ୍କୃତ ଷଟ୍ ମହାକାବ୍ୟ, କାଦମ୍ବରୀ, ଦଶକୁମାର, ଭାଗବତ, ବ୍ରହ୍ମବୈବର୍ତ୍ତ, ଗୀତା ପ୍ରଭୃତି ଗ୍ରନ୍ଥ ଓ ଅଳଙ୍କାର ଶାସ୍ତ୍ରରେ ପ୍ରବେଶ ଥିଲା । ରସକଲ୍ଲୋଳର କାନ୍ତ କୋମଳ ପଦାବଳୀ ଉପରେ ଜୟଦେବଙ୍କର ଗୀତଗୋବିନ୍ଦର ଛାୟା ପ୍ରତିଫଳିତ ହୋଇଛି । ଏଥିରେ କାଦମ୍ବରୀ, ନୈଷଧ, କୁମାର ସମ୍ଭବ, ଋତୁସଂହାର ପ୍ରଭୃତି ସଂସ୍କୃତ କାବ୍ୟର ଭାବ ଓ ବର୍ଣ୍ଣନାର ପ୍ରଭାବ ପରିଲକ୍ଷିତ ହୁଏ । ଏହାଛଡ଼ା ସଂସ୍କୃତ ଅଳଙ୍କାର ଶାସ୍ତ୍ରର ନାନାବିଧ ଲକ୍ଷଣ, ଶ୍ଳେଷ, ଯମକ, ଅନୁପ୍ରାସ, ଅତିଶୟୋକ୍ତି, ଉପମା, ଉତ୍ପ୍ରେକ୍ଷା ପ୍ରଭୃତି ନାନାବିଧ ଅଳଙ୍କାରର ପ୍ରୟୋଗ କାବ୍ୟର ସୌନ୍ଦର୍ଯ୍ୟ ପରିବର୍ଦ୍ଧନ କରିଛି । ସପ୍ତଦଶ ଛାନ୍ଦର ଶରତ୍‌ରାସ ବର୍ଣ୍ଣନାରେ ଶ୍ରୀକୃଷ୍ଣ ଦର୍ଶନରେ ଗୋପୀମାନଙ୍କର ଯେଉଁ ବିଭ୍ରମ ବର୍ଣ୍ଣନା ଦିଆଯାଇଛି, ସେଥିରେ ସଂସ୍କୃତ ଭାଗବତ ଓ କାଦମ୍ବରୀ ବର୍ଣ୍ଣିତ ଚନ୍ଦ୍ରାପୀଡ଼

ଦର୍ଶନ ଉତ୍କଣ୍ଠିତା ପୁରସ୍ତ୍ରୀମାନଙ୍କର ବିଭ୍ରମ ବର୍ଣ୍ଣନାର ଛାୟା ପ୍ରତିଫଳିତ ହୋଇଛି । ଦୀନକୃଷ୍ଣ ଲେଖିଛନ୍ତିଃ—

କେ କେତେ ରୂପରେ ହୋଇଲେ ଭ୍ରମ
କହିବାକୁ ତାହା କେ ଅବା କ୍ଷମ ।
କେ ବସି ବେଶ ହେଉ ଯେ ଥିଲା
କେ ବେନି ଅଭୋଗ ଯାଏ ନ ଗଲା ।

କାହା କବରୀ ନୋହିଲା ବନ୍ଧା । କଲା ମୁରଲୀ ଧ୍ୱନି ତାକୁ ଧନ୍ଦା ।

କଜ୍ଜ୍ୱଳ ବୋଲି ଯେ କସ୍ତୁରୀ ନେଇ
କମଳ ଦଳ ନୟନେ ରଞ୍ଜିଇ ।
କଜ୍ଜ୍ୱଳ କଲା କପାଳେ ଟିକା
କଲା ଉଚାଟ ତାକୁ ହତ ଚେତା ।
କେ କଟି ଭୂଷଣ କଣ୍ଠକୁ ଦେଲା
କଣ୍ଠ ଭୂଷଣ ଚରଣେ ଖଞ୍ଜିଲା ।
କାହାର ଏକ ନୟନେ ଅଞ୍ଜନ
କେ ଧାଇଁଲା ଖରେ ଧେନି ଚନ୍ଦନ । ଇତ୍ୟାଦି ।

କାଦମ୍ବରୀର ବର୍ଣ୍ଣନା ଦେଖନ୍ତୁ—

"ଅନନ୍ତରଞ୍ଚ ସମାପ୍ତ ସକଳ ବିଦ୍ୟୋ ବିଦ୍ୟାଗୃହାନ୍ନିର୍ଗତୋ ଯୁମାଗଚ୍ଛତି ଚନ୍ଦ୍ରାପୀଡ଼ଃ ଇତି ସମାକର୍ଣ୍ଣ୍ୟାଲୋକନ କୁତୂହଳିନ୍ୟଃ ସର୍ବସ୍ମିନ୍ନେବ ନଗରେ ସସମ୍ଭ୍ରମମୁତ୍ ସୃଷ୍ଟାର୍ଦ୍ଧ ପରିସମାପ୍ତ-ପ୍ରସାଧନ ବ୍ୟାପାରାଃ, କାଞ୍ଚିଦାମ କରତଳ ଗତ-ଦର୍ପଣାଃ ସ୍ଫୁରିତ-ସକଳ-ଶଶଧର ମଣ୍ଡଳାଇବ ପୌର୍ଣ୍ଣମାସୀ ରଜନ୍ୟଃ × × × କାଶ୍ଚିତ୍ ସସମ୍ଭ୍ରମ ଗତି ବିଗଳିତ ମେଖଳା-କଳାପା-କୁଳିତ-ଚରଣ

କିସଳୟୈଃ ଶୃଙ୍ଖଳା-ସନ୍ଧାନ-ମନ୍ଦମନ୍ଦ ସଞ୍ଚାରଣୀୟ ଇବ କିରଣୈଃ
+ + + ଇତ୍ୟାଦି ।

ଦ୍ୱାବିଂଶ ଛାନ୍ଦରେ ଚନ୍ଦ୍ରପ୍ରତି ବିରହିଣୀ ନାରୀର ବକ୍ତବ୍ୟ ଶ୍ରୀହର୍ଷଙ୍କର ନୈଷଧର ଚନ୍ଦ୍ର ବର୍ଣ୍ଣନାରୁ ଗୃହୀତ ।

ଦୀନକୃଷ୍ଣ ଲେଖିଛନ୍ତି:—

“କେ ବୋଲେ ଏ କଳାକର । କାମା ଦହୁଛୁ ଶରୀର
କି ଶତ୍ରୁ ଆମ୍ଭେ ଏହାର । ଥରେ ପଚାର, ସଜନି !
କେ ବୋଲେ ଗରଳଭାଇ । ପ୍ରାଣ ନ ନେବ କାହାଇଁ
କେ ଛାଡ଼େ କାହା ବଢ଼ାଇ । କୁଟିଳ ହୋଇ, ସଜନି !

+ + +

କେ ବୋଲଇ ଦ୍ୱିଜପତି । ଦ୍ୱିଜ ଚରିତ୍ର ଅଛନ୍ତି
କପଟେ ସିନା ବୋଲନ୍ତି । ହିମ ଦୀଧିତି ।

+ + +

କେ ବୋଲେ କି ଭାଗ୍ୟବଳେ । ରାହୁ କବଳରୁ ଗଲେ ।
କେଉଁ ଥିଲେ ଗର୍ଭାନଳେ । ମରନ୍ତେ ହେଲେ ଯେ ।
କେ ବୋଲେ ଜନକ କୋଳେ । ରହିଥିଲେ ଯେଉଁକାଳେ
କର୍ମବଳେ ନ ଜଳିଲେ । ବଡ଼ବାନଳେ ।

+ + +

କୋଟି କୋଟି ଦେବତାୟେ । ଖାଇଲେ ନୋହିଲେ କ୍ଷୟେ ।
କି କି ହୋଇ ଉଦେ ହୋଏ । ନିଶା ସମୟେ ।” ଇତ୍ୟାଦି ।

ନୈଷଧରେ ଅନୁରୂପ ବର୍ଣ୍ଣନା ଦେଖନ୍ତୁ :—

ବିରହିଣୀ ଦମୟନ୍ତୀ ଚନ୍ଦ୍ରକୁ ଲକ୍ଷ୍ୟ କରି କହୁଛନ୍ତିଃ—

"ହୃଦି ଲୁଠନ୍ତି କଳା ନିତରାମତଃ
ବିରହିଣୀ ବଧ ପଙ୍କ କଳଙ୍କିତାଃ ।
କୁମୁଦ ସଖ୍ୟ କୃତସ୍ତୁ ବହିଷ୍କୃତାଃ ସଖି !
ବିଲୋକୟ ଦୁର୍ବିନୟଂ ବିଧୋଃ । ୪ । ୪୭

ଅୟି ! ବିଧୁଂ ପରିପୃଚ୍ଛ ଗୁରୋଃ କୁତଃ
ସ୍ଫୁଟ ମଶିକ୍ଷ୍ୟତ ଦାହବଦାନ୍ୟତା ।
ଗ୍ଲପିତ-ଶମ୍ଭୁ ଗଳାଦ୍‌ଗରଳାତ୍ତ୍ୱୟା କିମୁଦଧୌ
ଜଡ଼ ! ବା ବଡ଼ବାନଳାତ୍ । ୪ ।୪୮

+ + +

ଶଶ କଳଙ୍କ ! ଭୟଙ୍କର ! ମାଦୃଶାଂ
ଜ୍ୱଳସି ଯଜ୍ଜଗି ଭୂତପତିଂ ଶ୍ରିତଃ ।
ତଦମୃତସ୍ୟ ତବେଦୃଶ ଭୂତତାଭୃତକସା
ପରମୂର୍ଦ୍ଧ୍ନି ବିଧୂନନା । ୪ । ୫୫

+ + +

ଉଦର ଏବ ଧୃତଃ କ୍ୱମୁଦନ୍ୱତା
ନ ବିଷମୋ ବଡ଼ବାନଳ ବଦ୍‌ବିଧୁଃ ।
ବିଷବଦୁଜ୍‌ଝିତ ମପ୍ୟମୁନା ନ ସ ସ୍ମରହରଃ
କିମମୁଂ ବୁଭୁଜେ ବିଭୁଃ । ୪ । ୬୦

ଅସିତମେକ ସୁରାଶିତମପ୍ୟଭୂତ୍
ନ ପୁନରେଷ ବିଧୁର୍ବିଶଦଂ ବିଷମ୍ ।

ଅପି ଲପୀସ୍ତ୍ର ସୁରେର୍ଜ୍ଜାତ ଝଯ୍ୟଂ ସ୍ୱସ୍ଥମୁଦେତ
ପୁନର୍ନବମାର୍ତ୍ତବମ୍ । ୪ । ୭୧

ବଦନ ଗର୍ଭଗତଂ ନ ଜାଜେଚ୍ଛଯ୍ୟା
ଶଶିନମୁଜ୍‌ଝତ ରାହୁର ସଂଶଯ୍ୟମ୍ ।
ଅଶିତ ଏବ ଗଲତ୍ୟଯ୍ୟମତ୍ୟଯ୍ୟଂ ସଖୀ ।
ବିନାଗଲ-ନାଲ-ବିଲାଧ୍ୱନା ।" । ୪ । ୭୫

ପୁଣି ଅନ୍ୟତ୍ର ଶ୍ରୀକୃଷ୍ଣଙ୍କ ମୁଖରେ କୌଣସି ଗୋପୀର ଅଙ୍ଗକୁ କାମସରୋବର, କାନ୍ତିକୁ ସ୍ୱଚ୍ଛଜଳ, କେଶକୁ ଶୈବାଳ, ମୁଖକୁ କମଳଭାବରେ ବର୍ଣ୍ଣନା କରିବାରେ କାଳିଦାସଙ୍କର ଶୃଙ୍ଗାର-ତିଳକମ୍‌ର ପ୍ରଭାବ ଅତି ସ୍ପଷ୍ଟ ହୋଇ ଉଠିଛି ।

କାଳିଦାସ ଲେଖିଛନ୍ତିଃ—

"ବାହୂ ଦ୍ୱୌଚ ମୃଣାଳମାସ୍ୟ କମଲଂ ଲାବଣ୍ୟ ଲୀଲାଜଲଂ,
ଶ୍ରୋଣୀ ତୀର୍ଥଶିଲା ଚ ନେତ୍ର-ଶଫରଂ ଧମ୍ମିଲ୍ଲ-ଶୈବାଲକମ୍ ।
କାନ୍ତାୟାଃ ସ୍ତନଚକ୍ରବାକ-ଯୁଗଳଂ କନ୍ଦର୍ପବାଣାନଳୈ-
ର୍ଦଗ୍‌ଧାନାମବଗାହନାୟ ବିଧିନା ରମ୍ୟଂ ସରୋ ନିର୍ମିତମ୍ । ୧ ।

ବିଷ୍ଣୁ ଦାସ (ପ୍ରେମଲୋଚନା), ରଘୁନାଥ ହରିଚନ୍ଦନ (ଲୀଳାବତୀ) *, ଧନଞ୍ଜୟ ଭଞ୍ଜ (ରଘୁନାଥ ବିଳାସ), ଲୋକନାଥ ବିଦ୍ୟାଧର (ସର୍ବାଙ୍ଗସୁନ୍ଦରୀ) ଓ ନିତ୍ୟାନନ୍ଦ ଭଞ୍ଜ (କନକଲତା) ପ୍ରଭୃତି କବିଗଣ ସଂସ୍କୃତ କାବ୍ୟରୀତି ଓ ଅଳଙ୍କାରର ଅଧିକ

* କାଦମ୍ବରୀର ନାୟକ ଚନ୍ଦ୍ରାପୀଡ଼ଙ୍କ ନାମାନୁସାରେ ରଘୁନାଥ 'ଲୀଳାବତୀ'ର ନାୟକର ନାମ ଚନ୍ଦ୍ରାପୀଡ଼ ରଖିଛନ୍ତି ।

ଅନୁସରଣ କରିଛନ୍ତି । ଷଡ଼୍ ମହାକାବ୍ୟ (ରଘୁବଂଶ, ନୈଷଧ, ଶିଶୁପାଳ ବଧ ଇତ୍ୟାଦି ) ଓ ଶୃଙ୍ଗାର ଶାସ୍ତ୍ରରେ ଏମାନଙ୍କର ପାଣ୍ଡିତ୍ୟର ସଙ୍କେତ ସ୍ୱରଚିତ କାବ୍ୟଗୁଡ଼ିକରୁ ମିଳେ । କାବ୍ୟାଦର୍ଶ, ସରସ୍ୱତୀ କଣ୍ଠାଭରଣ, ସାହିତ୍ୟ ଦର୍ପଣ ପ୍ରଭୃତିର ଆଦର୍ଶରେ ଏମାନେ ନିଜ ନିଜ କାବ୍ୟରେ ମହାକାବ୍ୟର ନାନାବିଧ ଲକ୍ଷଣ ଅନୁସରଣ କରିଛନ୍ତି ଏବଂ ନାନାବିଧ ଅଳଙ୍କାରର ( ଶ୍ଳେଷ, ଯମକ, ଗୋମୂତ୍ରଛନ୍ଦ, ଅନୁଲିପି, ବହିର୍ଲିପି ପ୍ରଭୃତି) ସମାବେଶକରି ଉପେନ୍ଦ୍ରଙ୍କ ପାଇଁ ପଥ ପ୍ରସ୍ତୁତ କରିଯାଇଛନ୍ତି ।

ସର୍ବାଙ୍ଗସୁନ୍ଦରୀ ଓ ଅନଙ୍ଗରେଖା ପ୍ରଭୃତି କାବ୍ୟରେ କିପରି ନୈଷଧ, ରଘୁବଂଶ, ଋତୁସଂହାର, ଶିଶୁପାଳବଧ, ମେଘଦୂତ ପ୍ରଭୃତିର ପ୍ରଭାବ ପଡ଼ିଛି, ଦୁଇ ଚାରୋଟି ଉଦାହରଣ ଦିଆଯାଉ ।

ଲୋକନାଥ 'ସର୍ବାଙ୍ଗସୁନ୍ଦରୀ'ର ଅଙ୍ଗ ପ୍ରତ୍ୟଙ୍ଗର ବର୍ଣ୍ଣନା ପ୍ରସଙ୍ଗରେ ଲେଖିଛନ୍ତି—

"ବିନାଦୋଷେ ଉପମାସମୂହ ଗଲେ ହାରି
ଅଯଶ ପତାକାକି ରଖିଛି ଗୋପ୍ୟ କରି ?"

ନୈଷଧରେ ଏହାର ଅନୁରୂପ ବର୍ଣ୍ଣନା ହୋଇଛି—

× × × ×

ଅସ୍ୟାସ୍ତୁତଃ ସ୍ୟାଉ୍ତୁଳନାପି ନାମ
ବସ୍ତୁ ତ୍ୱମୀଷାମୁପମାପମାନଃ, ୭ । ୧୪

ଧନଞ୍ଜୟଙ୍କର 'ଅନଙ୍ଗରେଖା'ରେ ବିରହିଣୀ ଅନଙ୍ଗରେଖାର ଚନ୍ଦ୍ର ଓ ମଦନକୁ ଚାହିଁ ଭର୍ତ୍ସନା କରିବାର ବର୍ଣ୍ଣନା ନୈଷଧର ଅନୁରୂପ ।

ଧନଞ୍ଜୟ ଲେଖିଛନ୍ତି—

"ଶଙ୍କର କୋପାନଳରେ ଭସ୍ମହୋଇ
ଏ ସ୍ଥାନ ଯିବ ନ ତେଜିଲ୍ଲ ।
ପଚଂତ ରୂପ ଧରି ହରନନ୍ଦନ ଅତୁଲ୍ୟ କଳଙ୍କ ବହିଲ୍ଲ !"

ଶ୍ରୀହର୍ଷ ଲେଖିଛନ୍ତି—

"ତ୍ୱମୁଚିତଂ ନୟନାର୍ଚ୍ଚିଷି ଶମ୍ଭୁନା
ଭୁବନ ଶାନ୍ତିକ-ହୋମ-ହବିଃ କୃତଃ । ୪। ୧୯

ଋତୁ ବର୍ଣ୍ଣନାରେ ପ୍ରାୟ ପ୍ରତ୍ୟେକ କବି କାଳିଦାସଙ୍କ 'ଋତୁସଂହାରମ୍'କୁ ଆଦର୍ଶରୂପେ ଗ୍ରହଣ କରିଛନ୍ତି । ବର୍ଷାକାଳ ବର୍ଣ୍ଣନାରେ ଧନଞ୍ଜୟ କିପରି କାଳିଦାସଙ୍କ ଦ୍ୱାରା ପ୍ରଭାବିତ ହୋଇଛନ୍ତି, ଦେଖନ୍ତୁ ।

ଧନଞ୍ଜୟ ଲେଖିଛନ୍ତି—

"ନବଘନ ଗଜ ଅଛି ଆରୋହି
ଅଶନି ଘନବାଦ୍ୟ ପ୍ରକାଶି ।
ତଡ଼ିତ ଗୁଣ ଇନ୍ଦ୍ରଚାପ ଧରି
ଜଳଧାରା ବାଣ (ଗଣ) ପ୍ରହାରି
କଦମ୍ବ ମୁଦ୍‌ଗର
ବିରହୀ ପ୍ରତିପକ୍ଷ ଜୀବହର ।"

ଋତୁସଂହାରର ଅନୁରୂପ ବର୍ଣ୍ଣନା ହେଉଛି—

"ବଲାହକାଶ୍ଚାଶନିଶବ୍ଦ ମର୍ଦ୍ଦଲାଃ ସୁରେନ୍ଦ୍ରଚାପଂ ଦଧତସ୍ତଡ଼ିଦ୍‌ଗୁଣମ୍
ସୁତୀକ୍ଷ୍ଣଧାରା ପତନୋଗ୍ରସାୟକୈ ସ୍ତୁଦନ୍ତିଚେତଃ ପ୍ରସଭଂ ପ୍ରବାସିନାମ୍"
(ଋ. ସଂ. ୪)

କିନ୍ତୁ ଅଷ୍ଟାଦଶ ଶତାବ୍ଦୀରେ ଭଞ୍ଜ ବା ଶ୍ରୀଙ୍ଗଯୁଗରେ ନୈଷଧ, ଶିଶୁପାଳବଧ, ଭଟ୍ଟିକାବ୍ୟ ପରି କାବ୍ୟକଳାରେ କୃତ୍ରିମତା, ଆଳଙ୍କାରିକ କୃତିତ୍ୱ, ଶବ୍ଦପାଣ୍ଡିତ୍ୟ ତଥା ପ୍ରୟୋଗଜନିତ ଚାତୁର୍ଯ୍ୟ ଓ ବର୍ଣ୍ଣନାରେ ଆଭିଜାତ୍ୟ ପରିଲକ୍ଷିତ ହୋଇଥିବାରୁ ସଂସ୍କୃତ କାବ୍ୟ ତଥା ଅଳଙ୍କାରର ପ୍ରଭାବ ଅତି ସ୍ପଷ୍ଟ ହୋଇ ଉଠିଛି । ନାନା କାରଣରୁ ଏ ଯୁଗର କାବ୍ୟର କଥାବସ୍ତୁ ବା ପ୍ରସଙ୍ଗ ପରିକଳ୍ପନାରେ ବୈଚିତ୍ର୍ୟ ନାହିଁ । ବର୍ଣ୍ଣନା, ଭାଷା ଓ ଅଳଙ୍କାରରେ ଅଧିକ ପାଣ୍ଡିତ୍ୟ-ଜନିତ କୃତ୍ରିମତା ପ୍ରଦର୍ଶନ କରିବାକୁ ଯାଇ କାବ୍ୟକାରଗଣ ଚରିତ୍ରସୃଷ୍ଟି ଓ କଥାବସ୍ତୁର ସ୍ୱାଭାବିକତା ଓ ଗତିଶୀଳତା ଉପରେ ଆଦୌ ଦୃଷ୍ଟି ଦେଇ ପାରିନାହାନ୍ତି । ଆଭିଜାତ୍ୟପୂର୍ଣ୍ଣ ଦରବାରୀ ଭାଷା, ଅଙ୍ଗୀରସ ଭାବରେ ଶୃଙ୍ଗାର ରସର ମାତ୍ରାତିରିକ୍ତ ପରିବେଷଣ, ପ୍ରଚଳିତ ଅପ୍ରଚଳିତ ନାନାବିଧ ଅଳଙ୍କାରର ( ଶବ୍ଦ ଓ ଅର୍ଥ ) ପ୍ରୟୋଗ ଜନିତ ଚାତୁର୍ଯ୍ୟ, ମହାକାବ୍ୟ ସୁଲଭ ନାନାବିଧ ବର୍ଣ୍ଣନା, ନାନା ଛନ୍ଦ ଓ ବନ୍ଧର ପ୍ରୟୋଗ, ସ୍ଫୁଟ, ଆଶୟ, ବର୍ଣ୍ଣ ଓ ଧ୍ୱନିଚିତ୍ରର ବ୍ୟବହାର ଏ ଯୁଗର କାବ୍ୟକଳାର ବିଶେଷତ୍ୱ । ଆଳଙ୍କାରିକ ରଚନାର ଚରମ ବିକାଶ ସାଧିତ ହୋଇଛି ଏ ଯୁଗର ଅଗ୍ରଦୂତ ଉପେନ୍ଦ୍ରଙ୍କ କୃତିରେ । ଘୁମୁସର ରାଜବଂଶର ପାରମ୍ପରିକ ସାରସ୍ୱତ ସାଧନା ଓ ବହୁ କବି, ପଣ୍ଡିତ-ଅଧ୍ୟୁଷିତ ଘୁମୁସର ଦରବାରରୁ ଲବ୍ଧ ଅନୁକୂଳ ପରିବେଶରେ ଉପେନ୍ଦ୍ର ତାଙ୍କର ପ୍ରତିଭା-ବିକାଶର ସୁଯୋଗ ପାଇ ପାରିଥିଲେ । ସେ ଅମର, ତ୍ରିକାଣ୍ଡଶେଷ, ଶାଶ୍ୱତ, ମେଦିନୀ ଓ ବିଶ୍ୱପ୍ରକାଶ ପ୍ରଭୃତି ପ୍ରସିଦ୍ଧ କୋଷଗ୍ରନ୍ଥ ଏବଂ ଦଣ୍ଡୀ, ମମ୍ମଟ, ଆନନ୍ଦ ବର୍ଦ୍ଧନ, ଭୋଜରାଜ ଓ ବିଶ୍ୱନାଥ ପ୍ରଭୃତି ଆଳଙ୍କାରିକମାନଙ୍କର ଗ୍ରନ୍ଥରେ ଗଭୀର ପ୍ରବେଶ ଲାଭ କରିଥିଲେ । ଅଗାଧପାଣ୍ଡିତ୍ୟ, ସୂକ୍ଷ୍ମଦୃଷ୍ଟି ଓ ଲୋକୋତ୍ତର ପ୍ରତିଭା ନେଇ ଉପେନ୍ଦ୍ର ଓଡ଼ିଆ କାବ୍ୟକୁ

ପ୍ରସିଦ୍ଧ ସଂସ୍କୃତ କାବ୍ୟର କୋଠିକୁ ଉନ୍ନୀତ କରିବାକୁ ଚେଷ୍ଟାକରି ସଫଳ ହୋଇଛନ୍ତି । ତାଙ୍କର ବୈଦେହୀଶ ବିଳାସ, ଲାବଣ୍ୟବତୀ, କୋଟିବ୍ରହ୍ମାଣ୍ଡସୁନ୍ଦରୀ ଓ ସୁଭଦ୍ରା ପରିଣୟ ପ୍ରଭୃତି କାବ୍ୟ ଅନୁଧ୍ୟାନ କଲେ, ସେଗୁଡ଼ିକରେ ଶ୍ରୀହର୍ଷ ( ନୈଷଧ ), ବାଣଭଟ୍ଟ ( କାଦମ୍ବରୀ ), କାଳିଦାସ (କୁମାରସମ୍ଭବ, ରଘୁବଂଶ, ଋତୁସଂହାର, ଶୃଙ୍ଗାରତିଳକ), ମାଘ ( ଶିଶୁପାଳବଧ ), ଭାରବୀ ( କିରାତାର୍ଜୁନୀୟ ) ଓ ହନୁମାନ (ମହାନାଟକ) ପ୍ରଭୃତିଙ୍କର ପ୍ରଭାବ କିପରି ଅତି ସ୍ପଷ୍ଟ ହୋଇ ଉଠିଛି, ପାଠକମାନେ ତାହା ଜାଣି ପାରିବେ । ବିଶେଷତଃ ଉପେନ୍ଦ୍ର, ଶ୍ରୀହର୍ଷଙ୍କର ନୈଷଧର ଏତେଦୂର ଜଣେ ସ୍ତାବକ ଯେ ତାଙ୍କର କାବ୍ୟଗୁଡ଼ିକର ବହୁକ୍ଷେତ୍ରରେ ନୈଷଧର ଭାବ, ଅଳଙ୍କାରିକ ପରିକଳ୍ପନା, ରସ, ରୀତି, ଗୁମ୍ଫ, ନଳ ଓ ଦମୟନ୍ତୀଙ୍କର ରୂପ, ଗୁଣ, ପ୍ରାସାଦ, ଉପବନ, କେଳିସରୋବର ବର୍ଣ୍ଣନାର ଅନୁସରଣ କରିବା ସଙ୍ଗେ ସଙ୍ଗେ ନୈଷଧଠାରେ ତାଙ୍କର ଋଣ ମୁକ୍ତକଣ୍ଠରେ ସ୍ୱୀକାର କରିବାକୁ ଡିଳେମାତ୍ର କୁଣ୍ଠିତ ହୋଇ ନାହାନ୍ତି । ସେଥିପାଇଁ ସେ ଲେଖିଛନ୍ତି—

"ଯେଣେ ନୈଷଧ ପରିଯତ୍ନେ,
ଉପଇନ୍ଦ୍ର କହେ ବୁଧ ପ୍ରମୋଦ କରିଏ ।"
( କୋ, ବ୍ର, ସୁ )

ଏପରିକି ନିଷଧ ରାଜ ନଳଙ୍କୁ ସ୍ଥାନେ ସ୍ଥାନେ ସ୍ୱୀୟ କାବ୍ୟରେ ଉପମାନରୂପେ ଗ୍ରହଣ କରିବାର ଲୋଭ ଛାଡ଼ି ପାରିନାହାନ୍ତି । ବୈଦେହୀଶ ବିଳାସରେ ସେ ଲେଖିଛନ୍ତି—

"ବାରିସନ ନଳପ୍ରାୟ ନିଷେଧ ଅଧିପ,
ବାଜବାରେ ରାଜ ବାଦ୍ୟ ସାଦୀଙ୍କ ସ୍ୱରୂପ ।"
(୧୪।୧୫)

କିପରି ଉପେନ୍ଦ୍ର-ସୃଷ୍ଟିରେ ନୈଷଧର ପ୍ରଭାବ ଅତି ସ୍ପଷ୍ଟ ହୋଇ ଉଠିଛି, ବିଭିନ୍ନ କାବ୍ୟରୁ ବହୁ ଉଦାହରଣ ଦିଆଯାଇ ପାରେ । କେବଳ ଗୋଟିଏ ଦୁଇଟି ଉଦାହରଣ ଦିଆଯାଉ । କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ଓ ସୁଭଦ୍ରାଙ୍କର ସୌନ୍ଦର୍ଯ୍ୟ ବର୍ଣ୍ଣନା କରିବାକୁ ଯାଇ କବି ଲେଖିଛନ୍ତି—

"ସମ୍ପୂର୍ଣ୍ଣ ବିଧୁ ସମାନ ଧିଆଇ । ସୁଧାକଳା ପାଇ ନଭେ ଭ୍ରମଇ
ଏଣୁଟି ସୁଧାକର କଳାନିଧି । ପର୍ଯ୍ୟାୟେ କଲେ ବିନାୟକେ ସିଦ୍ଧି ସେ,
କ୍ଷୀଣଭଜି ବୃଦ୍ଧି ଚିନ୍ତି ଯେ ।
ଚିବୁକେ ଲଲାଟେ ସମ ନୋହି ପଦନଖେ ଦେଇ ରହେ ଜ୍ୟୋତି ।
(କୋଟିବ୍ରହ୍ମାଣ୍ଡସୁନ୍ଦରୀ) ୭।୧୬

ସଦାଶିବ ଗୁଣମୟୀ ଦୁହେଁ ତ୍ରିପୁର ବିଜୟୀ
ବୋଲାଇବା ସକାଶୁଁ କି ଆରମ୍ଭି କଲି ।
ସମମଣ୍ଡଳ ଟେକସି ପତି ଦୁଇଖଣ୍ଡ କରି
ବାଣ୍ଟି ନେବାରେ କଳଙ୍କ ପଡ଼ିଲା ଗଲି ।
ସୁବିଖ୍ୟାତ କଲା ମୁକୁଟ ।
ସଘଟଣା ହୋଇଲା ସେ ବାଳୀ ଲଲାଟ । (ସୁ:ପ:୩।୧୨)

ଶ୍ରୀହର୍ଷ ଦମୟନ୍ତୀଙ୍କ ମୁଖବର୍ଣ୍ଣନା ପ୍ରସଙ୍ଗରେ ଲେଖିଛନ୍ତି—

"ହୃତ ସାରମିବେନ୍ଦୁ ମଣ୍ଡଳଂ ଦମୟନ୍ତୀ ବଦନାୟ ବେଧସା ।
କୃତମଧ୍ୟବିଲଂ ବିଲୋକ୍ୟତେ ଧୃତଗମ୍ଭୀର
ଖନୀଖନୀଳିମ । (୨।୨୫)

ଧୃତ ଲାଞ୍ଛନ ଗୋମୟାଞ୍ଚଳଂ ବିଧୁମାଲେପନ ପାଣ୍ଡୁରଂ ବିଧିଃ ।
ଭ୍ରମୟତ୍ୟୁଚିତଂ ବିଦର୍ଭଜାନନନୀରାଜନ
ବର୍ଦ୍ଧମାନକମ୍ । (୨।୨୬)

ଏ କ୍ଷେତ୍ରରେ କବି ଅନୁସରଣ କରିଥିଲେ ମଧ୍ୟ ନିଜର ସ୍ୱାତନ୍ତ୍ର୍ୟ ଫୁଟାଇଛନ୍ତି; କିନ୍ତୁ କେତେକ କ୍ଷେତ୍ରରେ ସେ ନୈଷଧୀୟ ବର୍ଣ୍ଣନାର ଅବିକଳ ଅନୁସରଣ କରିଛନ୍ତି (୭)। (କେଶ ନିକଟରେ ଭ୍ରମର ଓ ମୟୂର; ମୁଖ ନିକଟରେ ପଦ୍ମ ଓ ଚନ୍ଦ୍ର ପ୍ରଭୃତି ପରାଜିତ ହେବା; ନାୟକର ବକ୍ଷଦେଶକୁ ସୁଦୃଢ଼ କପାଟ ରୂପେ ବର୍ଣ୍ଣନା କରିବା; ଇତ୍ୟାଦି)।

ସଂହଳ, ପୁଷ୍ପପୁର ନଗରୀ ଓ ତା'ର ପ୍ରାଚୁର୍ଯ୍ୟ ବର୍ଣ୍ଣନା କରିବାକୁ ଯାଇ ଭଞ୍ଜ ଲେଖିଛନ୍ତି—

"ଛଦ୍ମ ନୁହଇ ଏ ପୁଣି। ସଦ୍ମ ରତନେ ନିର୍ମାଣି,
ପଦ୍ମ ସକାଶରୁ ଜାଣି। ଦ୍ୱାରଜନୀ ଯେ।
"ନାନା ରତ୍ନପ୍ରଭା ଧରି। ନଭ ଚିତ୍ରବାଡ଼ ସରି।
ଦେଖାଇବେ କେଉଁ ଜ୍ୟୋତି। ତାରକାପନ୍ତି ଯେ।"

(କୋ: ବ୍ର: ସୁ:)

"କୁଙ୍କୁମ ଉକୁଟାଇ ହୁଅନ୍ତି ନାରୀ ଯହିଁ
ହରିଦ୍ରାରେ ଆଦର କରିବେ କାହିଁପାଇଁ ?"

\+ \+ \+

"ଗଜ ହୟ ଉପଜୀବୀ ଭ୍ରମନ୍ତି କେଦାରେ
ମାର୍ଗ ଜ୍ୟୋତିଙ୍କ କରି ଜବସ ମନରେ।"

(ଲାବଣ୍ୟବତୀ, ୨ୟ ଛାନ୍ଦ, ୭ମ ଓ ୧୫ଶ ପଦ)

---

(୭) ୧୯୫୮ ସାଲରେ ନଭେମ୍ବର (୫ମ) ସଂଖ୍ୟା 'ଡଗର'ରେ ପ୍ରକାଶିତ ମୋର 'ଭଞ୍ଜକାବ୍ୟ ଓ ନୈଷଧ' ଶୀର୍ଷକ ପ୍ରବନ୍ଧ ଦ୍ରଷ୍ଟବ୍ୟ।

ଶ୍ରୀହର୍ଷ କୁଣ୍ଡୀନ ନଗରୀ ଓ ତା'ର ପ୍ରାଚୁର୍ଯ୍ୟ ବର୍ଣ୍ଣନା କରିବାକୁ ଯାଇ ଲେଖିଛନ୍ତି :—

"ସିତ-ଦୀପ୍ର-ମଣି-ପ୍ରକଳ୍ପିତେ ଯଦଗାରେ ହସଦଙ୍କରୋଦସି ।
ନିଖିଳାନ୍ନିଶି ପୂର୍ଣ୍ଣିମା ତଥୀନ୍ ଉପତସ୍ଥେଽତିଥିରେକିକା ତିଥିଃ ।
( ୨।୭୬ )

"ରୁଚୟୋଽସ୍ତମିତସ୍ୟ ଭାସ୍ୱତଃ ସ୍ଖଳିତା ଯତ୍ର ନିରାଲୟାଃ କିଲ ।
ଅନୁସାୟୁ ମଭୁବ୍ବିଲେପନା ପଣ-କସ୍ତୂରିଜ-ପଣ୍ୟବୀଥୟଃ ॥
(୨।୯୦)

+ + +

ନୃପନୀଳମଣିଗୃହ ତ୍ୱିଷାମୁପଧେର୍ଯତ୍ର ଭୟେନ ଭାସ୍ୱତଃ ।
ଶରଣାପ୍ରମୁବାସ ବାସରେଽପ୍ୟସ ଦାବୃତ୍ତ୍ୟୁଦୟତ୍ତମଂ ତମଃ ।
(୨।୭୫)

ନାୟକର ପାଣ୍ଡିତ୍ୟ, ବୀରତ୍ୱ ଓ ଶାସନ ଦକ୍ଷତା ଏବଂ ନାୟିକାର ବହୁଶିକ୍ଷିତା, କଳାନିପୁଣତା ପ୍ରଭୃତିର ବର୍ଣ୍ଣନାରେ ନୈଷଧର ପ୍ରଭାବ ପଦେ ପଦେ ରହିଛି ।

ନୈଷଧପରି କାଳିଦାସଙ୍କର ପ୍ରଭାବ ଭଞ୍ଜକାବ୍ୟରେ ବହୁ କ୍ଷେତ୍ରରେ ରହିଛି । ଲାବଣ୍ୟବତୀରେ କ୍ଷତ୍ରିୟ କୁମାର ପ୍ରଭାକରର ଦିବ୍ୟ ନାରୀ ଲାଭ ପାଇଁ ଗ୍ରୀଷ୍ମ, ବର୍ଷା ଓ ଶୀତ କାଳରେ ଯେଉଁ କଠୋର ତପସ୍ୟା କରିବାର ବର୍ଣ୍ଣନା ଦିଆଯାଇଛି, ତାହା କାଳିଦାସଙ୍କର କୁମାରସମ୍ଭବର ପାର୍ବତୀଙ୍କ ତପସ୍ୟା ବର୍ଣ୍ଣନାର ଅବିକଳ ଅନୁସରଣ ।

ଭଞ୍ଜ ଲେଖିଛନ୍ତି—

"ତପ ତା ଅକଥନୀୟ ଦିବ୍ୟ ନାସ୍ତିଶ୍ରଦ୍ଧେ,
ପଞ୍ଚାଗ୍ନି ସ୍ଥାପନ କରେ ତପଋତୁ ମଧ୍ୟେ ।
ପ୍ରାବୃଟ କାଳରେ ଗୃହୋଦରକୁ ନ ଯାଇ
ଝଞ୍ଜାବାତ ଜଳପାତ କରକା ସହଇ ।
ଶୀତେ ଜଳଶାୟୀ ଭୂମି ଶଯ୍ୟା ବସ୍ତ୍ରହୀନେ
ମୃତ୍ତିକାଶଙ୍କର ପୂଜାକରେ ପ୍ରତିଦିନେ (୧।୨୭,୨୮,୨୯)

କାଳିଦାସ ଲେଖିଛନ୍ତି:—

"ଶୁଚୌ ଚତୁର୍ଣ୍ଣାଂ ଜ୍ୱଳତାଂ ହବିର୍ଭୁଜାଂ
ଶୁଚିସ୍ମିତା ମଧ୍ୟଗତା ସୁମଧ୍ୟମା ।
ବିଜିତ୍ୟ ନେତ୍ର-ପ୍ରତିଘାତିନୀଂ ପ୍ରଭା-
ମନନ୍ୟ-ଦୃଷ୍ଟିଃ ସବିତାରମୈକ୍ଷତ' (୫।୨୦)
ଶିଳା ଶୟାଂ ତାମନିକେତବାସିନୀଂ
ନିରନ୍ତରାସ୍ୱନ୍ତର ବାତବୃଷ୍ଟିଷୁ ।
ବ୍ୟଲୋକୟନ୍ନୁନ୍ମିଷିତୈସ୍ତଡ଼ିନ୍ମୟୈ
ମହାତପଃ-ସାକ୍ଷ୍ୟଇବ ସ୍ଥିତାଃକ୍ଷପାଃ (୫।୨୫)
ନିନାୟ ସାତ୍ୟନ୍ତ ହିମୋତ୍କିରାନିଳାଃ
ସହସ୍ୟରାତ୍ରୀରୁଦବାସ ତତ୍ପରା ।
ପରସ୍ପରା କ୍ରନ୍ଦିନି ଚକ୍ରବାକୟୋଃ
ପୁରୋ ବିଯୁକ୍ତେ ମିଥୁନେ କୃପାବତୀ ।" (୫।୨୬)

ବୈଦେହୀଶ ବିଳାସ କାବ୍ୟର ପ୍ରଥମ ଛାନ୍ଦରେ କବି ନିଜର ପୂର୍ବସୂରିମାନଙ୍କ ଉଦ୍ଦେଶ୍ୟରେ ବିନୟ ପ୍ରକାଶ କରିବାର ( ବାଲ୍ମୀକି ବ୍ୟାସ କବି ପଛିଁରେ ଇତ୍ୟାଦି ) ଯାହା ବର୍ଣ୍ଣନା କରିଛନ୍ତି, ତାହା

କାଳିଦାସଙ୍କର ପ୍ରଦର୍ଶିତ ପନ୍ଥା ମାତ୍ର । କାଳିଦାସ ରଘୁବଂଶ ମହାକାବ୍ୟର ଆରମ୍ଭରେ ଲେଖିଛନ୍ତି—

"କ୍ୱ ସୂର୍ଯ୍ୟ ପ୍ରଭବୋ ବଂଶଃ କ୍ୱ ଚାଳ୍ପ-ବିଷୟା ମତିଃ ।
ତିତୀର୍ଷୁର୍ଦୁସ୍ତରଂ ମୋହା-ଦୁଡ଼ୁପେନାସ୍ମି ସାଗରମ୍ । (୧।୨)

× × ×

ଅଥବାକୃତ-ବାଗ୍‌ଦ୍ୱାରେ ବଂଶେଽସ୍ମିନ୍ ପୂର୍ବ-ସୂରିଭିଃ ।
ମଣୌ ବଜ୍ର-ସମୁତ୍କୀର୍ଣ୍ଣେ ସୂତ୍ରସ୍ୟେବାସ୍ତି ମେ ଗତିଃ ।" (୧।୪)

ଚିତ୍ରକୂଟ ପର୍ବତ, ଗଙ୍ଗାନଦୀ, ସୀତାଙ୍କ ବାଟଛନ୍ଦରେ ବନଭୂମିର ପ୍ରତିକ୍ରିୟାର ବର୍ଣ୍ଣନାରେ ରଘୁବଂଶର ଛାୟା ପ୍ରତିଫଳିତ ହୋଇଛି ।

ବୈଦେହୀଶ ବିଳାସରେ ମହାନାଟକ ପ୍ରଣେତା ହନୁମାନଙ୍କ (ବାତସୁତ) ନାମର ସୂଚନା ଦେଇଛି । ବୈଦେହୀଶ ବିଳାସର ବିଭିନ୍ନ କ୍ଷେତ୍ରରେ ମହାନାଟକର ଯେ ପ୍ରଭାବ ରହିଛି ଏଥିରେ ସନ୍ଦେହ ନାହିଁ । ବୈଦେହୀଶ ବିଳାସରେ ବର୍ଣ୍ଣିତ ବାମ ଓ ଦକ୍ଷିଣ ହସ୍ତ ମଧ୍ୟରେ (ରାବଣ ନିଧନ ପୂର୍ବରୁ) କଥୋପକଥନ, ରାବଣ ଓ ଅଙ୍ଗଦର ଉକ୍ତି ପ୍ରତ୍ୟୁକ୍ତି, ରାମଙ୍କୁ ବିଷ୍ଣୁ ଓ ସୀତାଙ୍କୁ ଲକ୍ଷ୍ମୀ ବୋଲି ଜାଣି ତାଙ୍କ ହସ୍ତରେ ମରି ରାବଣର ସ୍ୱର୍ଗପ୍ରାପ୍ତି କାମନାର ବର୍ଣ୍ଣନା * ମହାନାଟକର ଅନୁରୂପ ।

---

* ବଶୋଧ ବୃଦ୍ଧେବ ହସ୍ତଂ ପ୍ରଯୂମୀ ଦୃଷ୍ଟଂ ନ ଭକ୍ତ୍ୟା ଭବତାନ ପ୍ରସୀଦେଶ ।

ଶତ୍ରୁଭାବରେ ରାମଙ୍କ ହାତରେ ମରି ରାବଣର ପରଂବ୍ରହ୍ମତ୍ୱ ଲାଭ କରିବାର ବର୍ଣ୍ଣନା ସଂସ୍କୃତ 'ଅଧ୍ୟାତ୍ମ ରାମାୟଣ'ରେ ଅଛି:—

"ଇତ୍ୟଂ ବଶନ୍ତ୍ୟାଖିଳ ଲୋକସେବ୍ୟୋ
ରାମଂ ବଦଦ୍ଧା ପରମେଶ୍ୱରଂ ହରମ୍ ।"

ଭଞ୍ଜ ଲେଖିଛନ୍ତି—

'ବ୍ୟାଘ୍ର କି ମକ୍ଷିକା ତ୍ରାସେ ଲକ୍ଷ୍ମଣ ବାଣ ସନ୍ଧାନେ
ଖରକ୍ଷତ-ବାମହସ୍ତ ଦକ୍ଷିଣେ ବୋଲେ,
ବିଦେହ କନ୍ୟାଯୋଗରେ ଆଗ କର୍ପୂର ଦାନରେ
ଯୋଗ ହେଉ ପଛେ ଯାଉ ସମର କାଳେ ।
ବାମେ ସେହି, ବାକ୍ୟରେ ଦକ୍ଷିଣ ପାଣି ଛଳେ
ବିଦେହ କନ୍ୟା ଯୋଗରେ ଯୋଗେ କର୍ପୂର ଦାନରେ
ବାଦେ କୃପାଳୁ ସମ୍ମତେ ଶ୍ରୁତିକି ଚଳେ ।'

ମହାନାଟକର ବର୍ଣ୍ଣନା ହେଉଛି—

"ରେ ରେ ଦକ୍ଷିଣହସ୍ତ, ସମ୍ପ୍ରତି ସଦା ଭୋକ୍ତୁଂ ଭବାନଗ୍ରଣୀ-
ର୍ଯୁଦ୍ଧେ ମାଂ ପୁରତୋ ନିଧାୟ ଭବତା କିଂ ପୃଷ୍ଠତୋଗମ୍ୟତେ ।
ନୈବ ବାମ ଦଧ୍ୟାନ୍ନିବଧେ ରଘୁପତେ ର୍ଯାଗତ୍ୟ କର୍ଣ୍ଣାନ୍ତିକଂ ।
ପୃଚ୍ଛାମ୍ୟେକମସଂଶୟଂ ଦଶମୁଖୋ ବଧ୍ୟଃ ସକାଂବା ନବା ।"

ଋତୁ ବର୍ଣ୍ଣନାର ବହୁକ୍ଷେତ୍ରରେ ଉପେନ୍ଦ୍ର ସ୍ୱାତନ୍ତ୍ର୍ୟର ପରିଚୟ ଦେଇଥିଲେ ମଧ୍ୟ କାଳିଦାସଙ୍କର 'ଋତୁସଂହାର'କୁ ଆଦର୍ଶ ରୂପେ ଗ୍ରହଣ କରିଛନ୍ତି । ଗ୍ରୀଷ୍ମ ବର୍ଣ୍ଣନା କଥା ବିଚାର କରାଯାଉ । ଉପେନ୍ଦ୍ର ଲେଖିଛନ୍ତିଃ—

"କରେ ତାପିତ କଲେ ରବି ମଣ୍ଡଳ ପ୍ରତାପୀ ରାଜା ଯେସନ,
ଭୁଜଙ୍ଗ ପକ୍ଷ ଛାଇରେ ରହି ଶିଖୀ କୁଳଟା ନାରୀ ସମାନ ।
କାମ ଚଳାଇଲା ସରଣୀ ଧାମରେ ନାଗରୀ ଦୋଷୀ ବିଦେଶୀ,
ନବୋଢ଼ା ଗାଢ଼ ସୁରତକାଳ ପ୍ରାୟ ଭୃଙ୍ଗ ମଲ୍ଲୀ ମଲ୍ଲି ଭାସି ।"
[ ଲାବଣ୍ୟବତୀ, ୪୦ । ୬, ୪. ]

ଋତୁସଂହାରରେ ଅନୁରୂପ ବର୍ଣ୍ଣନା ହେଉଛି:—

"ରବେର୍ମୟୂଖୈରଭିତାପିତୋ ଭୃଶଂ
ବିଦହ୍ୟମାନଃ ପଥିତପ୍ତ ପାଂଶୁଭିଃ ।

ଅବାଙ୍ମୁଖୋଽଜିହ୍ମଗତିଃ ଶ୍ୱସନ୍ମୁହୁଃ
ଫଣୀ ମୟୂରସ୍ୟ ତଳେ ନିଷୀଦତି । (୧ । ୧୩)

+ + +

ବନାନ୍ତରମ୍ୟୋଽଭ୍ୟୁପ ଶାନ୍ତ ମନ୍ମଥୋ
ନିଦାଘକାଲୋଽୟମୁପାଗତଃ ପ୍ରିୟେ ।" ( ୧।୧ )

ସରସ୍ୱତୀ କଣ୍ଠାଭରଣକାର ଭୋଜରାଜଙ୍କ ନିର୍ଦ୍ଦେଶ ଅନୁଯାୟୀ ଶୃଙ୍ଗାର ରସ ଉପେନ୍ଦ୍ର ସୃଷ୍ଟିର ଅଙ୍ଗୀରସ । ନାୟକ ନାୟିକାଙ୍କର କୈଶୋର ଓ ଯୌବନରେ ଶୃଙ୍ଗାର ରସ ପ୍ରସଙ୍ଗରେ ଆଗ୍ରହ, ଚିତ୍ରପଟ ଦର୍ଶନ, ନାମାସ୍ୱାଦନ, ମିଳନୋତ୍କଣ୍ଠା, ସ୍ୱପ୍ନମିଳନ, ବିରହ, ବିବାହ ପରେ ମଧୁଚର୍ଯ୍ୟା, କେଳିଗୃହ ଓ ସଂଭୋଗର ବିଭିନ୍ନ ଭଙ୍ଗର ଚିତ୍ରରେ କବି ବାତ୍ସାୟନ ଋଷିଙ୍କ * କାମସୂତ୍ର ଦ୍ୱାରା ପ୍ରଭାବିତ ହୋଇଛନ୍ତି । ଲାବଣ୍ୟବତୀର ଏକତ୍ରିଂଶ ଛାନ୍ଦରେ ନବ ଦମ୍ପତିଙ୍କର କେଳିମନ୍ଦିରର ଏବଂ ମଧୁଚର୍ଯ୍ୟା ରାତ୍ରିରେ ଭୂମିରେ ଶଯ୍ୟାନ୍ତର ରଚନାର ଯେଉଁ ବର୍ଣ୍ଣନା ଦେଇଛନ୍ତି (୧), ତାହା

---

* 'ବାତ୍ସାୟନ ଋଷିଙ୍କ ଯେ ଏ ରସ ଗୋଚର ।' ( ରସିକ ହାରାବଳୀ )

(୧) ହରିବାରଣ ଖୁରାତଳେ ସେ ହୀରା ହାରାବାରଣକୁ ଥୋଇ,
ଝଟନ ରତନ ପଲଙ୍କ ଅଙ୍କରେ କୋମଳ ଶେଯ ଶେଯାଇ ।
ସେ ଆଳୀ, ବିଶେଷତ ଶଙ୍କା ମନେ ଭାଳି,
ଝାଟେଙ୍ଗର କେଶରେ ମୁଚୁଳୀ ଦେଇ ଦିଅଲେ କର୍ପୂର ଧୂଳି । (୩୧ । ୨୪)

ବାତ୍ସାୟନଙ୍କ କାମସୂତ୍ରର ସାଧାରଣ ଅଧିକରଣର ଚତୁର୍ଥ ଅଧ୍ୟାୟରେ ବର୍ଣ୍ଣିତ ନାୟକ ନାୟିକାଙ୍କ ଶୟନ ଗୃହର ଠିକ ଅନୁରୂପ (୨) ।

ଭଞ୍ଜକବିଙ୍କ ଆଦର୍ଶରେ ତାଙ୍କର ସମସାମୟିକ ଓ ପରବର୍ତ୍ତୀ ବହୁ କବି ବହୁ କାବ୍ୟ ରଚନା କରି ଯାଇଛନ୍ତି । ସେମାନଙ୍କ ମଧ୍ୟରେ ଘନଭଞ୍ଜ (ରସନିଧି ଓ ତ୍ରୈଲୋକ୍ୟମୋହିନୀ), ମନ୍ଦରଠାକୁର ଭାଗୀରଥୀ (ରାଧାବିଳାସ), ରଘୁନାଥ ଭଞ୍ଜ ( ରସ ଲହରୀ), ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ( ବିଶ୍ୱମ୍ଭର ବିଳାସ, ପ୍ରେମ ତରଙ୍ଗିଣୀ, ପ୍ରେମ ଚିନ୍ତାମଣି, ନାମ ଚିନ୍ତାମଣି). ଚକ୍ରପାଣି ପଟ୍ଟନାୟକ (କୃଷ୍ଣ ବିଳାସ), ବିଶ୍ୱନାଥ ଖୁଣ୍ଟିଆ ( ବିଚିତ୍ର ରାମାୟଣ ), ବ୍ରଜନାଥ ବଡ଼ଜେନା ( ଅମ୍ବିକା ବିଳାସ, କେଳି କଳାନିଧି, ବିଚକ୍ଷଣ, ଶ୍ୟାମରାସୋତ୍ସବ), ଭକ୍ତଚରଣ ( ମଥୁରା ମଙ୍ଗଳ ), ଅଭିମନ୍ୟୁ ସାମନ୍ତସିଂହାର ( ବିଦଗ୍ଧ ଚିନ୍ତାମଣି ), ଯଦୁମଣି ମହାପାତ୍ର ( ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର, ରାଘବ ବିଳାସ ), କବିସୂର୍ଯ୍ୟ ବଳଦେବ ରଥ ( ଚନ୍ଦ୍ରକଳା, କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ), ଭୁବନେଶ୍ୱର କବିଚନ୍ଦ୍ର ( ବାସୁଦେବ ବିଳାସ, ସୀତେଶ ବିଳାସ ) ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ । ପୂର୍ବୋଲ୍ଲିଖିତ କବିମାନଙ୍କ ମଧ୍ୟରୁ, ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା, ଚକ୍ରପାଣି ପଟ୍ଟନାୟକ, ବ୍ରଜନାଥ, ଅଭିମନ୍ୟୁ, ଯଦୁମଣି ଓ କବିସୂର୍ଯ୍ୟ ବଳଦେବ

---

ସେବତୀ ଦଳ ବିଛାଇଁ ଅତରେ ଭେଯାଇଲେ ଝୀନବାସ,
ଏହି ବିଧାନରେ ଅବନୀ ଶଯ୍ୟାକୁ ବିରଚନ କଲେ ପାଶ,
ସେ ନାରୀ, ବାଉ ପୂର୍ଣ୍ଣିକର ଢାଚ ଝରୀ,
ନାନା ଜାତି କୁସୁମକୁ ଭରି ଥୋଇଗଲେ ସନ୍ନିକଟ କରି । ( ୩୧ । ୧୭ )

(୨) ଲବଣ୍ୟବତୀର ମୁଣବନ୍ଧ—୧୩୪ ପୃଷ୍ଠା ଦ୍ରଷ୍ଟବ୍ୟ ।

ପ୍ରଭୃତ ନାନା ଶାସ୍ତ୍ର, ସଂସ୍କୃତ ଭାଷା ଓ ସାହିତ୍ୟରେ ଯେପରି ଗଭୀର ପାଣ୍ଡିତ୍ୟ ଅର୍ଜନ କରିଥିଲେ, ସେମାନଙ୍କର ପ୍ରତିଭା ସେହିପରି ଉଚ୍ଚ କୋଟିର ଥିଲା । ଏମାନଙ୍କ ରଚନାରେ ସଂସ୍କୃତ କାବ୍ୟ, ପୁରାଣ ( ଭାଗବତ, ବିଷ୍ଣୁ, ବ୍ରହ୍ମବୈବର୍ତ୍ତ ପ୍ରଭୃତି ) ଓ ବୈଷ୍ଣବ ଶାସ୍ତ୍ର ତଥା ଭାବ୍ୟର ପ୍ରଭାବ ପରିଲକ୍ଷିତ ହୁଏ । ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ଓ ତାଙ୍କର ସୁଯୋଗ୍ୟ ଶିଷ୍ୟ ଅଭିମନ୍ୟୁ ସାମନ୍ତସିଂହାର ଗୌଡ଼ୀୟ ବୈଷ୍ଣବ ସମ୍ପ୍ରଦାୟର କବି ଥିବାରୁ ଏମାନଙ୍କ କୃତିରେ କାଳିଦାସ, ଶ୍ରୀହର୍ଷ, ବାଣଭଟ୍ଟ ପ୍ରଭୃତି ସଂସ୍କୃତ କବି ଓ ଦଣ୍ଡ୍ୟାଚାର୍ଯ୍ୟ ( କାବ୍ୟାଦର୍ଶ ), ଭୋଜରାଜ, ବିଶ୍ୱନାଥ ପ୍ରଭୃତି ଆଳଙ୍କାରିକମାନଙ୍କର ପ୍ରଭାବ ରହିବା ସଙ୍ଗେ ସଙ୍ଗେ ଉପନିଷଦ, ଭାଗବତ, ବ୍ରହ୍ମସଂହିତା, ଗୀତା ଏବଂ ପ୍ରସିଦ୍ଧ ବୈଷ୍ଣବ କବି ରୂପଗୋସ୍ୱାମୀଙ୍କର ବିଦଗ୍ଧ ମାଧବ, ଲଳିତମାଧବ, ଭକ୍ତିରସାମୃତ ସିନ୍ଧୁ ଓ ଉଜ୍ଜ୍ୱଳନୀଳମଣି ପ୍ରଭୃତି ସଂସ୍କୃତ ଗ୍ରନ୍ଥଗୁଡ଼ିକର ପ୍ରଭାବ ସ୍ପଷ୍ଟ ହୋଇ ଉଠିଛି । ଅଭିମନ୍ୟୁଙ୍କ ରଚନାରୁ କେତୋଟି ଉଦାହରଣ ଦିଆଯାଉ । ବିଦଗ୍ଧଚିନ୍ତାମଣିର ପ୍ରଥମ ଛାନ୍ଦରେ କବି ଯେଉଁ ଇଚ୍ଛାଶ୍ରୟ ବା ବଙ୍କପ୍ରିୟ ସୂଚନା ଦେଇଛନ୍ତି ତାହା ରୂପଗୋସ୍ୱାମୀଙ୍କର 'ଭକ୍ତିରସାମୃତ ସିନ୍ଧୁ'ର ଆଦର୍ଶରେ ସୂଚିତ—ପ୍ରଥମ ଛାନ୍ଦର 'ବୁଧ ଅଙ୍କବୋଧକ'ର—

"ତମ ପଣେ ବର୍ଣ୍ଣୁଛି ମୁଁ ଗୋବିନ୍ଦ ଚରିତ,
ଚଗତମାଳି ହେଲେ ହେଁ ସାକ୍ଷାତେ ଅମୃତ ।
ଅମ୍ଭ ଯେ ହେଉ ସେ ହେଉ ଶାଳଗ୍ରାମ ସ୍ନାନେ,
ଅଗ୍ରାହ୍ୟ କାହାର ପାଦୋଦକ ନାମ ଜ୍ଞାନେ ?"

ଏହି ଦୁଇଟି ରୂପ ଗୋସ୍ୱାମୀଙ୍କର 'ବିଦଗ୍ଧ ମାଧବ' ନାଟକର ନିମ୍ନୋକ୍ତ ଶ୍ଳୋକର ଏକ ପ୍ରକାର ଭାଷାନ୍ତର କହିଲେ ଚଳେ, ଯଥା:—

ମମାସ୍ମିନ୍ ସନ୍ଦର୍ଭେ ଯଦପି କବିତା ନାତି ଲଳିତା
ମୁଦଂ ଧାସ୍ୟନ୍ତ୍ୟସ୍ୟାଂ ତଦପି ହରିଗନ୍ଧାଦ୍‌ବୁଧଗଣାଃ ।
ଅପଃ ଶାଲଗ୍ରାମାପ୍ଲବନଗରିମୋଦ୍‌ଗାର ସରସାଃ
ସୁଧୀଃ କୋ ବା କୌପୀରପି ନମିତ ମୂର୍ଦ୍ଧା ନ ପିବତି ।”

(ପ୍ରଥମ ଅଙ୍କ)

ଏକସପ୍ତତି ଛାନ୍ଦରେ ବଂଶୀଗୁଣର ବର୍ଣ୍ଣନା ପ୍ରସଙ୍ଗରେ କବି ଯାହା କହିଛନ୍ତି—

“ଜୀବ ତେଜେ ସଜୀବ, ଜୀବ ପାଏ ଅଜୀବ,
ଜଳ ଶିଳ ବିପରୀତ ଧର୍ମ ଭଜିବ,
ଅଚେତନକୁ ହିତ, ଚେତା ହୋଏ ମୋହିତ,
ଚରାଚର ରହିବ କେ ସ୍ତମ୍ଭ ନୋହିତ ?”

(୭୦,୭୧ ପଦ)

ତାହା ନିମ୍ନୋକ୍ତ ଶ୍ଲୋକର ଅନୁସୃତ ମାନ୍, ଯଥା—

“ରାମଃ—(ଆଶ୍ଚର୍ଯ୍ୟମ୍) + +

ଜାତ ସ୍ତମ୍ଭତୟା ପୟାଂସି ସରିତାଂ କାଠିନ୍ୟମାପେଦିରେ,
ଗ୍ରାବାଣୋ ଦ୍ରବଭାବ ସମ୍ବଳନତଃ ପ୍ରାପ୍ତାଦମୀ ମାର୍ଦ୍ଦବମ୍ ।
ସ୍ଥୈର୍ଯ୍ୟଂ ବେପଥୁନା ଜହୁର୍ନ ସ୍ଥିରଗା ଜାଡ୍ୟାଦ୍‌ଗତଂ ଜଙ୍ଗମା,
ବଂଶୀଂ ଚୁମ୍ବତି ହନ୍ତ ଯାମୁନତଟେ କ୍ରୀଡ଼ା କୁଟୁମ୍ବେ ହରୌ ।”

(ବିଦଗ୍ଧ ମାଧବ, ପ୍ରଥମ ଅଙ୍କ)

ପୁଣି ‘ଧୀର ଚନ୍ଦ୍ର ଛନ୍ଦ ପଦ୍ମ ମିହିର’ ବାକ୍ୟଟି ‘ଲଳିତ ମାଧବ’ ନାଟକର “କୃଷ୍ଣାର୍କସାଧୁଚକୋତ୍ସବ-ରଭସଜ୍ଞାଣୀ” ବାକ୍ୟର ଅନୁରୂପ

ଏବଂ ଊନଚତ୍ୱାରିଂଶ ଓ ଦ୍ୱିଚତ୍ୱାରିଂଶ ଛାନ୍ଦରେ କବି ପ୍ରେମତତ୍ତ୍ୱ ସମ୍ପର୍କରେ ଯାହା ବର୍ଣ୍ଣନା କରିଛନ୍ତି, ସେଥିରେ 'ଉଜ୍ଜ୍ୱଳ ନୀଳମଣି' ଓ 'ଭକ୍ତିରସାମୃତ ସିନ୍ଧୁ'ର ଛାୟା ପ୍ରତିଫଳିତ ହୋଇଛି । ଅଭିମନ୍ୟୁଙ୍କ କୃତିରେ ଭାଗବତ, ନୈଷଧ, ରଘୁବଂଶ, କୁମାରସମ୍ଭବ ଓ କାଦମ୍ବରୀ ପ୍ରଭୃତିର ପ୍ରଭାବର ବହୁ ଉଦାହରଣ ଦିଆଯାଇ ପାରେ । ଆଲୋଚନାର ଦୀର୍ଘତା ହେତୁ କେବଳ ରଘୁବଂଶରୁ ଗୋଟିଏ ଉଦାହରଣ ଦେଉଛୁ । ବିଦଗ୍ଧଚିନ୍ତାମଣିର ଚତୁର୍ଥ ଛାନ୍ଦରେ ରାଧାଙ୍କର ଜନ୍ମ ଓ ବାଲ୍ୟଲୀଳା ବର୍ଣ୍ଣନାରେ "ଅଙ୍ଗୁଳି ଅଙ୍ଗୁଳି ଧରି ଚାଲିବାର ବାଟ ଅଜଣା ଗୋଡ଼ ଗୃହେଁ" ପାଦଟିର ଭାବ 'ରଘୁବଂଶ'ର "ଉବାଚ ଧାତ୍ର୍ୟା ପ୍ରଥମୋଦିତଂ ବଚୋ ଯଯୌ ତଦୀୟାମବଲମ୍ବ୍ୟ-ଚାଙ୍ଗୁଲିମ୍' ଶ୍ଳୋକରୁ ଗୃହୀତ ହୋଇଛି ।

କବି ଚକ୍ରପାଣି ପଟ୍ଟନାୟକ ଓ କବିସୂର୍ଯ୍ୟ ବଳଦେବ ରଥ ଯଥାକ୍ରମେ 'ଚୃଣ୍ଡ୍ରିଗ୍ରୀ ଚମ୍ପୂ' ଓ କିଶୋରଚନ୍ଦ୍ରାନନ୍ଦ ଚମ୍ପୂର ଗଦ୍ୟଭାଗ ତଥା ଶ୍ଳୋକ ସଂସ୍କୃତ ଭାଷାରେ ରଚନା କରିଛନ୍ତି । ଚକ୍ରପାଣିଙ୍କ 'କୃଷ୍ଣବିଳାସ', ଦଧ୍ରୁମଣିଙ୍କ 'ଦେଦ୍ରି ପ୍ରବନ୍ଧ' ଓ କବିସୂର୍ଯ୍ୟଙ୍କ 'ଚନ୍ଦ୍ରକଳା'ର ଭାଷା ଓ ରଚନାଭଙ୍ଗୀ ସଂସ୍କୃତଧର୍ମୀ ହେବା ସଙ୍ଗେ ସଙ୍ଗେ ସେ ଗ୍ରନ୍ଥଗୁଡ଼ିକର ବହୁକ୍ଷେତ୍ରରେ ସଂସ୍କୃତ କବିମାନଙ୍କର ପ୍ରଭାବ ପ୍ରତିଫଳିତ ହୋଇଛି । କେବଳ 'ଚନ୍ଦ୍ରକଳା'ରୁ ଗୋଟିଏ ଉଦାହରଣ ଦେଉଛୁ । ତୃତୀୟ ଛାନ୍ଦରେ 'କବି ମହୋଦଧି' ରାଜଧାନୀର ବର୍ଣ୍ଣନା କରିବାକୁ ଯାଇ ଲେଖିଛନ୍ତି—

"ସମସ୍ତ ପ୍ରାସାଦ ଚନ୍ଦ୍ରଶିଳାରୁ ଇତରେ
ନାହାନ୍ତି ବର୍ଣ୍ଣମଙ୍କର ସେ ପୁର ଭିତରେ ।
ରତ ବିନା ଅନେ ରହିଁ ନାହିଁ କେଶଗ୍ରହ

ଅକ୍ଷକ୍ରୀଡ଼ା ବିନା ଦେଖାନାହିଁ ଶୂନ୍ୟଗୃହ ।
ଦନ୍ତ ବାସ ଗୀତ ବିନା ରାଗ ନାହିଁ ଆନେ
କୁଞ୍ଜରେ ମଦବିକାର ଅଛି ନାହିଁ ଜନେ ।
କାବ୍ୟେ ଦୃଢ଼ବନ୍ଧ ଶାସ୍ତ୍ରେ ଚିନ୍ତା କମ୍ପ ଧ୍ୱଜେ
କଠିନତା ମଣି ମାନ ରମଣୀ ଉରଜେ ।”

ବାଣଭଟ୍ଟଙ୍କର 'କାଦମ୍ବରୀ'ରେ ଶୂଦ୍ରକ ରାଜାଙ୍କ ସମ୍ବନ୍ଧରେ ତା'ର ଅନୁରୂପ ବର୍ଣ୍ଣନା ଦେଖନ୍ତୁ—

"ମହ୍ୟାଂ ଚିତ୍ରକର୍ମସୁ ବର୍ଣ୍ଣସଙ୍କରାଃ, ରତେଷୁ କେଶଗ୍ରହାଃ, କାବ୍ୟେଷୁ ଦୃଢ଼ବନ୍ଧାଃ, ଶାସ୍ତ୍ରେଷୁ ଚିନ୍ତାଃ, + + + ଧ୍ୱଜେଷୁ ପ୍ରକମ୍ପାଃ, ଗୀତେଷୁ ରାଗ ବିଲସିତାନି, କରିଷୁ ମଦବିକାରାଃ, + + + + ସାର୍ଯ୍ୟକ୍ଷେଷୁ ଶୂନ୍ୟଗୃହାଃ + + ଇତ୍ୟାଦି ।”

ଓଡ଼ିଶାର ବହୁ କବି ସ୍ୱ ସ୍ୱ କାବ୍ୟରେ ସଂସ୍କୃତଭାଷାରେ ରଚିତ ଅଲଙ୍କାର ଶାସ୍ତ୍ର ଆଦର୍ଶରେ ନାନାବିଧ ପ୍ରଚଳିତ ଓ ଅପ୍ରଚଳିତ ଅଲଙ୍କାର ପ୍ରୟୋଗରେ ନିଜର ଚାତୁର୍ଯ୍ୟ ପ୍ରଦର୍ଶନ କରିଛନ୍ତି । ଉପେନ୍ଦ୍ରଙ୍କ ପୂର୍ବରୁ ରଘୁନାଥ, ଧନଞ୍ଜୟ, ଲୋକନାଥ, ବିକ୍ରମ ପ୍ରଭୃତି କବିଗଣ ସଂସ୍କୃତ ଅଲଙ୍କାର ଶାସ୍ତ୍ରର ଆଦର୍ଶରେ ସ୍ୱ ସ୍ୱ କାବ୍ୟରେ ଅଲଙ୍କାର ପ୍ରୟୋଗର ଯେଉଁ ପ୍ରଚେଷ୍ଟା କରିଥିଲେ, ଉପେନ୍ଦ୍ରଙ୍କ ସମୟରେ ତାହା ଚୂଡ଼ାନ୍ତ ସ୍ଫୂର୍ତ୍ତିଲାଭ କରିଥିଲା ଏବଂ ଉପେନ୍ଦ୍ରଙ୍କର ସମସାମୟିକ ଓ ପରବର୍ତ୍ତୀ ବହୁ କବି ତାଙ୍କ ଆଦର୍ଶରେ ବହୁ ଅଲଙ୍କାରିକ କାବ୍ୟ ରଚନା କରିଛନ୍ତି । ସେହି କବିମାନଙ୍କ ମଧ୍ୟରେ ମନ୍ଦରଧର ଭାଗୀରଥୀ, ରଘୁନାଥ ଭଞ୍ଜ, ଚକ୍ରପାଣି, ଶ୍ୟାମସୁନ୍ଦର ଦେବ, ବ୍ରଜନାଥ, ଅଭିମନ୍ୟୁ, ଯଦୁମଣି,

କବିସୂର୍ଯ୍ୟ ବଳଦେବ ଓ ଭୁବନେଶ୍ୱର କବିଚନ୍ଦ୍ର ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ । ରୀତିଯୁଗର କବିମାନଙ୍କ କୃତିରେ ଯମକ (ଆଦ୍ୟ, ଏକାକ୍ଷର, ଦ୍ୱିବର୍ଣ୍ଣାଦ୍ୟ, ଦ୍ୱନ୍ଦାଦ୍ୟ, ଦ୍ୱିରୁକ୍ତି, ଯୁଗ୍ମ, ଅନୁଛନ୍ଦ, ସମପାଦ, ଧ୍ୱନି, ଅନ୍ତ, ମଧ୍ୟ, ଆଦ୍ୟନ୍ତ, ଆଦ୍ୟମଧ୍ୟ, ମଧ୍ୟଅନ୍ତ, ମାଳ, ନିୟମ, ଶୃଙ୍ଖଳା, ଯମକପ୍ରାନ୍ତ ଶୃଙ୍ଖଳା, ସିଂହାବଲୋକନ, ଚକ୍ର-ସିଂହାବଲୋକନ, ମଣ୍ଡୂକପ୍ଲୁତି ଶୃଙ୍ଖଳା ), ଅନୁପ୍ରାସ, ନାଟର, ପଦାନୁପ୍ରାସ, ଦ୍ୱିରୁକ୍ତି, ଲାଟାନୁପ୍ରାସ, ଶ୍ଳେଷ, ପୁନରୁକ୍ତବଦାଭାସ, ଚିତ୍ରାଲଙ୍କାର, ବର୍ଣ୍ଣଚିତ୍ର, ସ୍ଥାନ, ସ୍ୱର, ଅବିନା, ଆକାର ( ବଂଧସମ୍ବନ୍ଧ-କମଳ, ଚତୁଷ୍ପଦ, ଟେରଯନ୍ତ୍ର, ମୁରଜ ), ଗତିଚିତ୍ର (ତୁରଙ୍ଗପଦ, ଅଜା ମେଷଯୁଦ୍ଧ, ମଣ୍ଡୂକପ୍ଲୁତି, ଶାର୍ଦ୍ଦୂଳ ବିକ୍ରୀଡ଼ିତ, ଗୋମୂତ୍ରିକା, ସର୍ବତୋଭଦ୍ର), ପ୍ରହେଳିକା (ଚ୍ୟୁତାକ୍ଷର, ଦତ୍ତାକ୍ଷର, ଦତ୍ତଚ୍ୟୁତାକ୍ଷର, ବିନ୍ଦୁମତୀ, ମୁଷ୍ଟି, ଅର୍ଥପ୍ରହେଳିକା ), ଗୂଢ଼, ପ୍ରଶ୍ନୋତ୍ତର, ଅଧ୍ୟେୟ, ଛେକୋକ୍ତି, ଗୂଢ଼ୋକ୍ତି, ସମସ୍ୟାପୂରଣ, ଅନ୍ତର୍ଲାପି, ବହିର୍ଲାପି ପ୍ରଭୃତି ଶବ୍ଦାଳଙ୍କାର ଏବଂ ଉପମା, ରୂପକ, ବିଭାବନା, ପରିବୃତ୍ତି, ନିଦର୍ଶନା, ଭ୍ରାନ୍ତି, ଅପହ୍ନୁତି, ସମାସୋକ୍ତି, ଉତ୍ପ୍ରେକ୍ଷା, ଅପ୍ରସ୍ତୁତ ପ୍ରଶଂସା, ତୁଲ୍ୟଯୋଗିତା, ସହୋକ୍ତି, ଆକ୍ଷେପ, ସମୁଚ୍ଚୟ, ସଂସୃଷ୍ଟି, ଦୀପକ, ଦୃଷ୍ଟାନ୍ତ, ପ୍ରତିବସ୍ତୂପମା, ପ୍ରତୀପ, ଉଲ୍ଲେଖ, ଅତିଶୟୋକ୍ତି, ଅନନ୍ୱୟ, ସ୍ମରଣ, ଉପମେୟୋପମା, ବିଶେଷୋକ୍ତି, ଚିତ୍ର, ବିଷମ, ଅସଙ୍ଗତି, ବ୍ୟାଘାତ, ବିଶେଷ, ବିରୋଧ, ଏକାବଳୀ, ପରିସଂଖ୍ୟା, ଅର୍ଥାପତ୍ତି, ବିକଳ୍ପ, ଅନୁମାନ, ଅର୍ଥାନ୍ତରନ୍ୟାସ କାବ୍ୟଲିଙ୍ଗ, ସମ, ସମାଧି, ବିନୋକ୍ତି, ସମାସୋକ୍ତି, ପରିକର ଓ ବ୍ୟାଜୋକ୍ତି ପ୍ରଭୃତି ଅର୍ଥାଳଙ୍କାରର ପ୍ରୟୋଗ ପରିଲକ୍ଷିତ ହୁଏ *। ଏ କ୍ଷେତ୍ରରେ

---

* ଲାବଣ୍ୟବତୀର ମୁଖବନ୍ଧ ( ପ୍ରାଚୀ ଟୀକା ), ପୃଷ୍ଠା ୬୭—୯୦ ।

ଦଣ୍ଡୀ, ଭୋଜରାଜ, ମମ୍ମଟ, ବିଶ୍ୱନାଥ କବିରାଜ ଓ ବିଦ୍ୟାଧର ପ୍ରଭୃତି ଆଲଙ୍କାରିକ ଏବଂ ଭାରବୀ ପ୍ରଭୃତି କବି ହେଉଛନ୍ତି ଏମାନଙ୍କର ଆଦର୍ଶ । ବୈଦେହୀଶ ବିଳାସର ଊନବିଂଶ ଛାନ୍ଦ ଓ ବିଦଗ୍ଧ ଚିନ୍ତାମଣିର ଚତୁସ୍ତ୍ରିଂଶ ଛାନ୍ଦରେ ନାନାପ୍ରକାର ଅଳଙ୍କାରର ସୁସ୍ପଷ୍ଟ ନିର୍ଦ୍ଦେଶ ପାଠକମାନେ ଲକ୍ଷ୍ୟ କରି ପାରିବେ । ସଂସ୍କୃତ-ଅଳଙ୍କାର ଶାସ୍ତ୍ର ଆଦର୍ଶରେ କିପରି ଏଗୁଡ଼ିକର ପ୍ରୟୋଗ ହୋଇଛି, କେବଳ ଗୋଟିଏ ମାତ୍ର ଉଦାହରଣ ଦିଆଯାଉ । ସଂସ୍କୃତଭାଷାରେ ଗୋମୂତ୍ରିକା ବନ୍ଧର ଗୋଟିଏ ଉଦାହରଣ ହେଉଛି—

"ପ୍ର ବୃ ତ୍ତେ ବି ଲ ସ ଦ୍ଧା ନଂ ସା ଧ ନେ ଦ୍ୟ ବ ସା ଦ ତଃ ।
ଵ ବୃ ତ୍ତୈ ଵି ଵ ସ ଦ୍ଧା ନଂ ଯୁ ଧ ମା ଦ୍ୟ ଵ ସା ଣି ତଃ ।"

(ସାହିତ୍ୟ ଦର୍ପଣରୁ ଉଦ୍ଧୃତ)

ବୈଦେହୀଶ ବିଳାସରେ ଗୋମୂତ୍ର ଛାନ୍ଦର ଗୋଟିଏ ଉଦାହରଣ ଦେଖନ୍ତୁ:—

"ବ ଶ ର ନୃ ନି ଧି ଗୁ ଞ୍ଜି ସ ଙ୍ଗ ଅ ସ ନ ରେ ।
ବ ସ ଯ ନୃ ବ ଧି କୁ ଞ୍ଜି ଭୃ ଙ୍ଗ ପ୍ର ସ ନ୍ନ ରେ ।"

ଏହା ବ୍ୟତୀତ ରୀତିଯୁଗର କବିମାନେ ଅଳଙ୍କାର ଶାସ୍ତ୍ର-ନିର୍ଦ୍ଦିଷ୍ଟ ମହାକାବ୍ୟର ଲକ୍ଷଣ ଅନୁସାରେ (ଉଚ୍ଚ ବଂଶର ନାୟକ, ନାୟିକା, ଇତିହାସ ବା ପୁରାଣରେ କଥାବସ୍ତୁ, ନମସ୍କ୍ରିୟା, ସାଧୁ ସ୍ତୁତି, ଖଳନିନ୍ଦା, ବୃତ୍ତି, ସର୍ଗସଂଖ୍ୟା, ଶୈଳ, ଋତୁ, ବନ, ସାଗର ପ୍ରଭୃତିର ବର୍ଣ୍ଣନା) କାବ୍ୟଗୁଡ଼ିକୁ ରଚନା କରିବାକୁ ଯାଇ ରସନିଷ୍ପତ୍ତି ପ୍ରତି ବିଶେଷ ଦୃଷ୍ଟି ଦେଇଛନ୍ତି ଏବଂ ବିଭିନ୍ନ ରୀତି (ବୈଦର୍ଭୀ, ଗୌଡ଼ୀ, ପାଞ୍ଚାଳୀ, ଲାଟୀ, ମାଗଧୀ), ଗୁଣ (ଓଜଃ, ପ୍ରସାଦ

ମାଧୁର୍ଯ୍ୟ ) ଓ ଅଭିଧା, ଲକ୍ଷଣା, ବ୍ୟଞ୍ଜନା (ଧ୍ୱନି) ପ୍ରଭୃତି ବୃତ୍ତିର ପ୍ରୟୋଗ ସମ୍ପର୍କରେ ସଚେତ ରହିବାକୁ ଚେଷ୍ଟା କରିଛନ୍ତି ।

କାବ୍ୟରେ ବିଭିନ୍ନ ଅଲଙ୍କାରର ପ୍ରୟୋଗ ସଙ୍ଗେସଙ୍ଗେ ଉପେନ୍ଦ୍ର 'ରସପଞ୍ଚକ' ନାମରେ ଖଣ୍ଡିଏ ଅଲଙ୍କାର ଗ୍ରନ୍ଥ ଓ 'ଚିତ୍ରକାବ୍ୟବନ୍ଧୋଦୟ' ନାମରେ ଖଣ୍ଡିଏ ଚିତ୍ରକାବ୍ୟ ସଂସ୍କୃତ ଅଲଙ୍କାର ଶାସ୍ତ୍ରର ଆଦର୍ଶରେ ରଚନା କରିଛନ୍ତି । ଏହାଙ୍କ ବ୍ୟତୀତ ଆଧୁନିକ ଯୁଗରେ ବାମଣ୍ଡାର ରାଜା ସାର୍ ବାସୁଦେବ ସୁଦ୍ଧଳଦେବ-ଙ୍କର 'ଅଲଙ୍କାର ବୋଧୋଦୟ', ଅନନ୍ତ ତ୍ରିପାଠୀଶର୍ମାଙ୍କର 'ଅଲଙ୍କାର ଚନ୍ଦ୍ରିକା' ଏବଂ ପଣ୍ଡିତ କୁଳମଣି ଦାଶଙ୍କର 'ଅଲଙ୍କାର ତରଙ୍ଗିଣୀ' ସଂସ୍କୃତ ଅଲଙ୍କାର ଶାସ୍ତ୍ରର ଅନୁସରଣରେ ଲିଖିତ ।

**ଆଧୁନିକ ଯୁଗର କାବ୍ୟ—**

ଆଧୁନିକ ଯୁଗର କବି ରାଧାନାଥ, ମଧୁସୂଦନ, ଫକୀର-ମୋହନ ଓ ନନ୍ଦକିଶୋର ପ୍ରଭୃତି କବିଗଣ ଇଂରାଜୀ ସାହିତ୍ୟ ସଂସ୍ପର୍ଶରେ ଆସିଲେ ମଧ୍ୟ, ପ୍ରାଚୀନ ଓଡ଼ିଆ ସାହିତ୍ୟ ଓ ସଂସ୍କୃତ ସାହିତ୍ୟ ନିକଟରେ ନାନାଭାବରେ ଋଣୀ । ସେମାନଙ୍କ କୃତିରେ କଥାବସ୍ତୁ, ଭାଷା, ରଚନାଶୈଳୀ, ପ୍ରକୃତି ଚିତ୍ରଣ, ଛନ୍ଦ ଓ ଅଳଙ୍କାର ପ୍ରୟୋଗରେ ଆଧୁନିକତାର ସଙ୍କେତ ମିଳିଲେ ମଧ୍ୟ ବିଭିନ୍ନ ସ୍ଥଳରେ ବାଲ୍ମୀକି, ବ୍ୟାସ, କାଳିଦାସ, ମାଘ, ଶ୍ରୀହର୍ଷ, ଦଣ୍ଡୀ, ବାଣଭଟ୍ଟ ଓ ଭବଭୂତି ପ୍ରଭୃତି ସଂସ୍କୃତ କବିମାନଙ୍କର ବର୍ଣ୍ଣନା ଓ କଳ୍ପନାର ପ୍ରଭାବ ସ୍ପଷ୍ଟ ହୋଇ ଉଠିଛି । ରାଧାନାଥଙ୍କର ମହାଯାତ୍ରା, ଚିଲିକା, ଚନ୍ଦ୍ରଭାଗା, ଉର୍ବଶୀ ପ୍ରଭୃତି କାବ୍ୟ ଏବଂ ଦଶରଥ ବିୟୋଗ, ସାବିତ୍ରୀ ଚରିତ, ଦାଣ୍ଡି ହରଣ, ଦୁର୍ଯ୍ୟୋଧନର ରକ୍ତନଦୀ ସନ୍ତରଣ ପ୍ରଭୃତି ଛୋଟବଡ଼ କବିତାରୁ ବହୁ ଦୃଷ୍ଟାନ୍ତ ଦିଆଯାଇପାରେ ।

ମହାଯାତ୍ରାର କଥାବସ୍ତୁ ଓ ବର୍ଣ୍ଣନାରେ ମିଲ୍‌ଟନ୍ [ Paradise Lost] ଓ ମଧୁସୂଦନ ଦତ୍ତଙ୍କର ପ୍ରଭାବ ବହୁ କ୍ଷେତ୍ରରେ ପରିଲକ୍ଷିତ ହେଲେ ମଧ୍ୟ ସଂସ୍କୃତ ମହାଭାରତ, ନୈଷଧ, କାଦମ୍ବରୀ ଓ ଦଶକୁମାର ଚରିତର ପ୍ରଭାବ ଅତି ସ୍ପଷ୍ଟ । ଆବଶ୍ୟକମତେ ମହାଯାତ୍ରାର କଥାବସ୍ତୁରେ ବହୁ ବ୍ୟତିକ୍ରମ ପରିଲକ୍ଷିତ ହେଲେ ମଧ୍ୟ ସଂସ୍କୃତ ମହାଭାରତର ମହାପ୍ରସ୍ଥାନିକ ପର୍ବର ଅବଲମ୍ବନରେ ଏହା ଲିଖିତ । ପ୍ରଥମ ସର୍ଗରେ ଯୁଧିଷ୍ଠିରଙ୍କ ମୁଖରେ ସଂସାରର ନଶ୍ୱରତା ତଥା ମୃତ୍ୟୁ ବା କାଳର ବର୍ଣ୍ଣନା, ବାନପ୍ରସ୍ଥର ପ୍ରସ୍ତାବ, ପରୀକ୍ଷିତଙ୍କର ଅଭିଷେକ ଓ ପ୍ରଜାମାନଙ୍କଠାରୁ ବିଦାୟର ବର୍ଣ୍ଣନା ମୂଳଗ୍ରନ୍ଥର ଅନୁରୂପ । ଯୁଧିଷ୍ଠିରଙ୍କର ମହାପ୍ରସ୍ଥାନର କାମନା ଓ କାଳ ସମ୍ପର୍କରେ ସଂସ୍କୃତ ମହାଭାରତରେ ବର୍ଣ୍ଣିତ ଅଛି—

"ଶ୍ରୁତ୍ୱୈବଂ କୌରବୋ ରାଜା, ବୃଷ୍ଣୀନାଂ କଦନଂ ମହତ୍
ପ୍ରସ୍ଥାନେ ମତିମାଧାୟ ବାକ୍ୟମର୍ଜ୍ଜୁନମବ୍ରବୀତ୍ । ୨ ।
କାଲଃ ପଚତି ଭୂତାନି ସର୍ବାଣ୍ୟେବ ମହାମତେ ।
କାଲପାଶମହଂ ମନ୍ୟେ ତ୍ୱମପି ଦ୍ରଷ୍ଟୁମର୍ହସି । ୩ ।
ଇତ୍ୟୁକ୍ତଃ ସ ତୁ କୌନ୍ତେୟଃ କାଲଃ କାଲ ଇତି ବ୍ରୁବନ୍ ।
ଅନ୍ୱପଦ୍ୟତ ତଦ୍‌ବାକ୍ୟଂ ଭ୍ରାତୁର୍ଜ୍ୟେଷ୍ଠସ୍ୟ ଧୀମତଃ । ୪ ।

ଦ୍ୱାପର ଯୁଗର ଅବସାନ ପରେ ପରେ କଳି ଆଗମନର ବର୍ଣ୍ଣନା [ଚତୁର୍ଥ ସର୍ଗ] ଏବଂ ପାଣ୍ଡବମାନଙ୍କର ମହେନ୍ଦ୍ର କାନ୍ତାର ପଥରେ ଯାତ୍ରାକାଳରେ ମହାନଦୀ ଉପତ୍ୟକାର ବର୍ଣ୍ଣନାରେ [ ତୃତୀୟ ସର୍ଗ ] ଯଥାକ୍ରମେ ନୈଷଧ ଓ ଦଶକୁମାର ତଥା କାଦମ୍ବରୀର ପ୍ରଭାବ ପଡ଼ିଛି । ନୈଷଧରେ ଲୋଭ ସମ୍ପର୍କରେ ବର୍ଣ୍ଣନା କରାଯାଇଛି—

"ହସ୍ତୌ ପ୍ରସାରୟନ୍ ଇତେ୍ୟ ବିଭ୍ୟଦ୍ ଧର୍ମପଅଷ୍ଟବାକ୍,
ସୂଚୟନ୍ କାକୁମାକୂତୈର୍ଲୋଭସ୍ତବ ବ୍ୟଲୋକତୈଃ ।
ଦୈନ୍ୟସ୍ତୈନ୍ୟମୟ୍ୟଂ ନିତ୍ୟମତ୍ୟାହାର୍ମୟୀ ଦ୍ୱନଃ ।
ଭୁଞ୍ଜାନ ଜନସାକୁତ ପଶ୍ୟା ଯସ୍ୟାଽନୁ ଜୀବନଃ ।
ଧନ ଦାନାମ୍ବୁ ବୃଷ୍ଟ୍ୟୈର୍ଯ୍ୟ ପାନ୍ଥପାଣୀବବଗ୍ରହଃ,
ସ୍ୱାନ୍ ଦାସାନିବ ହା ନିଃସ୍ୱାନ୍ ବିକ୍ରୀଣୀତେଽର୍ଥବନ୍ଧୁଯଃ ।
ଯଃ ସର୍ବେନ୍ଦ୍ରିୟ-ସଦ୍ମାପି ଜିହ୍ୱାଂ ବହ୍ୱବଲମ୍ବତେ
ତସ୍ୟମାଗ୍ରୁର୍ଯ୍ୟକଂ ଯାଚନ୍ତୁ । ପଠବେ ପଠବେଽଜିହ୍ମମ୍ ।"

ମହାଯାତ୍ରାରେ ତା'ର ଅନୁରୂପ ବର୍ଣ୍ଣନା ଦେଖନ୍ତୁ:—

"କ୍ରୋଧପଛେ ଲୋଭ ସଦା ପ୍ରସାରିତ ପାଣି
ଭିକ୍ଷାଲାଗି, କାକୁବାଣୀ ନିରତେ ବଦନେ,
ସକଳ ଇନ୍ଦ୍ରିୟେ ସେହୁ କଲେହେଁ ବସତି,
ଶ୍ରଦ୍ଧା ସମଧିକ ତା'ର ରସନା ନିବାସେ,
ଚୋଡ଼ାନ୍ତି ସଙ୍ଗତେ ଯାଚନ୍ତାପଠୁ ବଟୁଦଳ,
ଅତ୍ୟାହାରେ ରୋଗୀ, ପୁଣି ରୋଗେ ଅତ୍ୟାହାରୀ !
ରସନାରୁ ଅହର୍ନିଶ ସ୍ରବୁଅଛି ଲାଳ,
ଗୋଡ଼ାନ୍ତି ଏ ଦଳ ସଙ୍ଗେ ଧନଲୋଭୀ ମୂଢ଼େ,
ଧନ ଯାଙ୍କ ପିତାମାତା ଅଭୀଷ୍ଟ ଦେବତା,
ଅକାତର କନ୍ୟା କିବା ବନିତା, ଭଗିନୀ,
ଦେବାକୁ ଧନିକେ ତୁଚ୍ଛ ଧନ ବିନିମୟେ ।" ଇତ୍ୟାଦି ।

ଚିଲିକାରେ କାଳିଦାସଙ୍କର ରଘୁବଂଶ, ମାଘଙ୍କର ଶିଶୁପାଳବଧ ଏବଂ ଚନ୍ଦ୍ରଭାଗାରେ କୁମାରସମ୍ଭବର ପ୍ରଭାବର ଦୃଷ୍ଟାନ୍ତ ଦିଆଯାଇପାରେ । ଚିଲିକା କାବ୍ୟର:—

"ଯତ୍ର ଭ୍ରୂକବାଲେ ଅଯୁଣ୍ଡକପ୍ରଭ
ଶାଲାଶ୍ଚିବ ଦେହେ ଲଗ୍ନ ଶାଲନଭଃ ।"

ପଦଟି ସଂସ୍କୃତ 'ରଘୁବଂଶ'ର ନିମ୍ନୋକ୍ତ ଶ୍ଳୋକଟିକୁ ମିଳାଇ ପାଠ କରନ୍ତୁ—

'ଦୂରାଦୟଶ୍ଚକ୍ର-ନିଭସ୍ୟ ତନ୍ୱୀ ତମାଲ-ତାଳୀବନରାଜି-ନୀଳା,
ଆଭାତି ବେଳା ଲବଣାମ୍ବୁରାଶେର୍ଧାରାନିବଦ୍ଧେବ କଳଙ୍କରେଖା ।'
( ୧୩ । ୧୫ )

ତାଙ୍କର 'ଉର୍ବଶୀ' କାବ୍ୟ କାଳିଦାସଙ୍କର 'ବିକ୍ରମୋର୍ବଶୀ' ଛାୟାରେ ରଚିତ ।

ଏହାଛଡ଼ା ରାଧାନାଥ କାଳିଦାସଙ୍କର ମେଘଦୂତ ଓ ରୂପଗୋସ୍ୱାମୀଙ୍କର 'ହଂସଦୂତ'ର ଅନୁବାଦ ( ସ୍ୱାତନ୍ତ୍ୟର ପରିଚୟ ଦେଲେ ମଧ୍ୟ ) କରିଛନ୍ତି ଏବଂ ସଂସ୍କୃତଭାଷାରେ 'ଭାରତଗୀତିକା' 'ଧବଳେଶ୍ୱର ସ୍ତୋତ୍ରମ୍' ଓ 'ଶ୍ରୀ କାଳିକାସ୍ତୁତି' ରଚନା କରିଛନ୍ତି ।

ଭକ୍ତକବି ମଧୁସୂଦନ ଇଂରାଜି ଗୀତିକବିତା ( **Lyric** ) ଆଦର୍ଶରେ ବହୁ ଗୀତିକବିତା ରଚନା କରିଥିଲେ ମଧ୍ୟ ସେଗୁଡ଼ିକର ଭାବର ପ୍ରେରଣା ବା ପ୍ରଚୋଦନା ରହିଛି ଉପନିଷଦ ଓ ବ୍ରହ୍ମ-ସୂତ୍ରରେ । ତାଙ୍କର 'ଋଷିପ୍ରାଣେ ଦେବାବତରଣ' ଓ 'ଜୀବନଚିନ୍ତା' କବିତା ହେଉଛି ତା'ର ଦୃଷ୍ଟାନ୍ତ । ତାଙ୍କର ଭାଷା ଓ ଶୈଳୀ ସଂସ୍କୃତଭାଷା ଓ ବ୍ୟାକରଣର ନିୟମକୁ ଅନୁସରଣ କରି ସ୍ୱତନ୍ତ୍ର ଆଦର୍ଶ ସୃଷ୍ଟି କରିଛି ।

ଫକୀରମୋହନ ମୁଖ୍ୟତଃ ଆଧୁନିକ ଓଡ଼ିଆ କଥାସାହିତ୍ୟର ଜନକ ଭାବରେ ପ୍ରତିଷ୍ଠା ଲାଭ କଲେ ମଧ୍ୟ ତାଙ୍କର କାବ୍ୟକବିତା ଏପରିକି ଗଦ୍ୟରଚନା ( ଉପନ୍ୟାସ ) ସଂସ୍କୃତସାହିତ୍ୟ ପ୍ରଭାବରୁ ମୁକ୍ତ ନୁହେଁ । ସେ ସଂସ୍କୃତ ରାମାୟଣ, ମହାଭାରତ, ଖିଳହରିବଂଶ, ଛାନ୍ଦୋଗ୍ୟଉପନିଷଦ ଓ ଶ୍ରୀମଦ୍ ଭଗବଦ୍ ଗୀତା ଅନୁବାଦ କରିଥିଲେ ଏବଂ କେତେଗୁଡ଼ିଏ ଉପନିଷଦର ସଂଗ୍ରହ ପ୍ରକାଶ କରିଥିଲେ । ବ୍ରାହ୍ମଣାନାଂ ସନ୍ଧ୍ୟାପଦ୍ଧତି ଏକ ସଙ୍କଳନ ।

ସଂସ୍କୃତ ସାହିତ୍ୟ ଓ ଦର୍ଶନଶାସ୍ତ୍ରରେ * କବିଙ୍କର କିପରି ପ୍ରବେଶ ଥିଲା, ତାଙ୍କର ପୂର୍ବୋକ୍ତ ରଚନା ଓ ବିଭିନ୍ନ ଉପନ୍ୟାସ-ଗୁଡ଼ିକରୁ ତା'ର ପରିଚୟ ମିଳେ । ମାମୁ ଉପନ୍ୟାସର କେତେକ ଅଧ୍ୟାୟର ଆରମ୍ଭରେ 'ରଘୁବଂଶ' ଓ କୁମାର ସମ୍ଭବମ୍'ର ଗୋଟିଏ ଗୋଟିଏ ପ୍ରସିଦ୍ଧ ଶ୍ଳୋକ ଅଧ୍ୟାୟର ଶିରୋନାମାଭାବରେ ଉଦ୍ଧୃତ ହୋଇଛି । ଉଦାହରଣ ସ୍ୱରୂପ ମାମୁ ଉପନ୍ୟାସରେ ଗୃହମଣିର ଜନ୍ମ ଶୀର୍ଷକ ଅଧ୍ୟାୟର ଆରମ୍ଭରେ କୁମାର ସମ୍ଭବର ପାର୍ବତୀଙ୍କ ଜନ୍ମ ସଂପର୍କିତ ଶ୍ଳୋକ ( ପ୍ରସନ୍ନଦିକ୍ ପାଂଶୁ ବିବିକ୍ତ ବାତଂ ) † ଏବଂ ଗୃହମଣିର ବୈଧବ୍ୟ ଶୀର୍ଷକ ଅଧ୍ୟାୟର ଆରମ୍ଭରେ ମଦନ ଦାହ ପରେ ରତିଦେବୀଙ୍କର ବୈଧବ୍ୟ ସଂପର୍କିତ ଶ୍ଳୋକ ( ବିଧିନା ପ୍ରତି ପାଦୟିଷ୍ୟତା ନବବୈଧବ୍ୟମସହ୍ୟ ବେଦନମ୍ ) ‡ ଉଦ୍ଧାର କରାଯାଇଛି । ଏହା ବ୍ୟତୀତ ଫକୀରମୋହନ ବିଭିନ୍ନ ଉପନ୍ୟାସ ଓ ଗଳ୍ପରେ ବିଭିନ୍ନ ଚରିତ୍ରର ରୂପ, ଗୁଣ ଓ ସମାଜର କୁସଂସ୍କାର-

* 'ମାମୁ'ରେ ବର୍ଣ୍ଣିତ ପଣ୍ଡିତ ସଭା ।

† କୁମାର ସମ୍ଭବମ୍—୧ । ୨୩

‡ କୁମାର ସମ୍ଭବମ୍—୪ । ୧

ସ୍ତୁତିକୁ ବ୍ୟଙ୍ଗ କରିବାକୁ ଯାଇ ପ୍ରସିଦ୍ଧ ସଂସ୍କୃତ ଶ୍ଳୋକଗୁଡ଼ିକର ନକଲ ( Parody ) ଓ ବିକୃତ ଅର୍ଥ କରି ହାସ୍ୟ ଓ ବ୍ୟଙ୍ଗ ରସର ସୃଷ୍ଟି କରିଛନ୍ତି । ଉଦାହରଣ ସ୍ୱରୂପ ଛମାଣଆଠଗୁଣ୍ଠ ଉପନ୍ୟାସରେ 'ବୁଢ଼ୀମଙ୍ଗଳା' ପରିଚ୍ଛେଦରେ ଲୋକଙ୍କର ଅନ୍ଧବିଶ୍ୱାସକୁ ସମାଲୋଚନା କରିବାପାଇଁ ଫକୀରମୋହନ ଦୁର୍ଗାଙ୍କର ସ୍ତୁତିକୁ ନକଲ କରିଛନ୍ତି, ଯଥା :—

"ଯା ଦେବୀ ବୃକ୍ଷମୂଳେଷୁ ଶିଳା ରୂପେଣ ସଂସ୍ଥିତା,
ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋନମଃ ।
ମୁଣ୍ଡଭଙ୍ଗା ଗଙ୍ଗାରୂଢ଼ା ବନ୍ଧ୍ୟାୟା ପୁତ୍ରଦାୟିନୀ,
ବାଡ଼ସଂହାରିଣୀ ଦେବୀ ନାରାୟଣୀ ନମୋସ୍ତୁତେ ।"

ପୁଣି ଚଂପାର ରୂପବର୍ଣ୍ଣନା ପ୍ରସଙ୍ଗରେ ସେ 'ମେଘଦୂତ'ର 'ତନ୍ୱୀଶ୍ୟାମା ଶିଖରିଦଶନା ପକ୍ୱବିମ୍ବାଧରୋଷ୍ଠୀ' ଶ୍ଳୋକଟିର କପଟ ବିକୃତ ଅର୍ଥ କରି ହାସ୍ୟରସ ସୃଷ୍ଟି କରିଛନ୍ତି, ପାଠକମାନେ ଛମାଣ ଆଠଗୁଣ୍ଠରେ ତାହା ଲକ୍ଷ୍ୟ କରି ପାରିବେ ।

ନନ୍ଦକିଶୋର ବଳଙ୍କର ଶର୍ମିଷ୍ଠା କାବ୍ୟ ଓ ସୀତାବନବାସ ଯଥାକ୍ରମେ ସଂସ୍କୃତ ମହାଭାରତ ଓ ରାମାୟଣର କଥାବସ୍ତୁ ଅବଲମ୍ବନରେ ଲିଖିତ ।

କବି ଗଙ୍ଗାଧର ମେହେର ସ୍ୱଳ୍ପ ବିଦ୍ୟାଳୟ ଶିକ୍ଷା ଲାଭକରି-ଥିଲେ ମଧ୍ୟ ନିଜର ଅଧ୍ୟବସାୟ ବଳରେ ପ୍ରାଚୀନ ଓଡ଼ିଆ ସାହିତ୍ୟ ଓ ସଂସ୍କୃତ ସାହିତ୍ୟରେ ଗଭୀର ପ୍ରବେଶ ଲାଭ କରିଥିଲେ । ତାଙ୍କର ଅଧିକାଂଶ କାବ୍ୟର କଥାବସ୍ତୁ ସଂସ୍କୃତ ପୁରାଣ ଓ ମହାକାବ୍ୟରୁ ସଂଗୃହୀତ । ରଚନାର ବହୁକ୍ଷେତ୍ରରେ ସେ ନିଜର ମୌଳିକତାର

ପରିଚୟ ହୋଇଥିଲେ ମଧ୍ୟ ମୂଳରଚନାର ଭାବ, ବର୍ଣ୍ଣନା ଓ ଅଳଙ୍କାର ଗ୍ରହଣ କରିବାର ପ୍ରଲୋଭନ ଏଡ଼ି ହୋଇ ପାରିନାହାନ୍ତି । ପ୍ରଣୟ ବଲ୍ଲରୀ କାବ୍ୟ କାଳିଦାସଙ୍କର ଅଭିଜ୍ଞାନ ଶକୁନ୍ତଳମ୍‌ର ଏକପ୍ରକାର ଅନୁବାଦ କହିଲେ ଚଳେ । ଶକୁନ୍ତଳାଙ୍କର ରୂପବର୍ଣ୍ଣନାରୁ ଗୋଟିଏ ମାତ୍ର ଉଦାହରଣ ଦେଉଛୁ । ପ୍ରଣୟମୁଗ୍ଧ ଦୁଷ୍ମନ୍ତ ତନ୍ୱୀ ଶକୁନ୍ତଳାଙ୍କ କକ୍ଷରେ ବୃକ୍ଷ କଳସ ଦେଖି ମନରେ ଯେଉଁ ଆଘାତ ପାଇଛନ୍ତି, ସେ ଆଘାତକୁ ରୂପ ଦେବାକୁ ଯାଇଁ ମେହେର ଲେଖିଛନ୍ତି—

"ଏ କଠିନ କର୍ମ ଦେଲେ କୁମାରୀକି
ମୁନି କି ବିଚାରି ମନେ,
ପାଠ ଦଉଡ଼ିକି ଲଗାଇ ଅଛନ୍ତି
କାନନ-ଗଜ ବନ୍ଧନେ ।
ତପୋବନେ ଏକା ଅସମ୍ଭବ କଥା
ଜଗତେ ସମ୍ଭବପାରେ,
ଶମୀ ତରୁ ଆହା, କାଟୁଛନ୍ତି ମୁନି
ନୀଳୋତ୍ପଳ ଦଳ ଧାରେ ।"

ଏହା 'ଅଭିଜ୍ଞାନ ଶକୁନ୍ତଳମ୍‌ର' ଏକ ଶ୍ଳୋକର କାପରି ଏକପ୍ରକାର ଅନୁବାଦ ଦେଖନ୍ତୁ—

"ଇଦଂ କିଲାବ୍ୟାଜ ମନୋହରଂ ବପୁ
ସ୍ତପଃକ୍ଷମଂ ସାଧୟିତୁଂ ଯ ଇଚ୍ଛତି ।
ଧ୍ରୁବଂ ସ ନୀଳୋତ୍ପଳପତ୍ରଧାରୟା
ଶମୀଲତାଂ ଛେତ୍ତୁମୃଷିର୍ବ୍ୟବସ୍ୟତି ।"

ତାଙ୍କର 'ତପସ୍ୱିନୀ' କାବ୍ୟର କଥାବସ୍ତୁ ରାମାୟଣରୁ ଗୃହୀତ ହୋଇଛି, ଏବଂ ବର୍ଣ୍ଣନାର କେତେକ କ୍ଷେତ୍ରରେ ସେ ରଘୁବଂଶ, ଉତ୍ତରରାମଚରିତ, ଶ୍ରୀମଦ୍‌ଭଗବଦ୍‌ଗୀତା ପ୍ରଭୃତି ଦ୍ୱାରା ପ୍ରଭାବିତ ହୋଇଛନ୍ତି । ପଞ୍ଚମ ସର୍ଗରେ ଅନୁକମ୍ପାଙ୍କ ମୁଖରେ ଯେଉଁ ଆଶ୍ରମ ରୀତିର ବର୍ଣ୍ଣନା ଦିଆଯାଇଛି, ତାହା ଗୀତାର ଶ୍ରଦ୍ଧାତ୍ରୟ ବିଭାଗ ଯୋଗର ଅବଲମ୍ବନରେ ଲିଖିତ । ପ୍ରଥମ ସର୍ଗରେ ଅଷ୍ଟାବକ୍ର ମୁନିଙ୍କ ସମ୍ମୁଖରେ ରାମଚନ୍ଦ୍ରଙ୍କର ଶପଥର ଯେଉଁ ସଂକେତ ସୀତାଙ୍କର ବିଳାପରେ ଦିଆଯାଇଛି, ତାହା ଅବିକଳ 'ଉତ୍ତରରାମ ଚରିତ'ରୁ ଗୃହୀତ; ପୁଣି ସପ୍ତମ ସର୍ଗରେ କବି ସୀତାଙ୍କ ମୁଖରେ ତାଙ୍କର ଅତୀତ କାହାଣୀ ବର୍ଣ୍ଣନା ବ୍ୟାଜରେ ତାଙ୍କର ଏ ଦୁର୍ବିପାକ ପାଇଁ ଯେପରି ସେ ନିଜକୁ ଦାୟୀ କରିଥିବାର ବର୍ଣ୍ଣନା କରାଯାଇଛି, ତାହା ରଘୁବଂଶର ଅନୁସରଣ ମାତ୍ର ।

ସେ ଲେଖିଛନ୍ତି—

"ବୋଇଲେ ସତୀ ସଖି, ମୋ ଦୁର୍ବିପାକ
ଘଟାଇଅଛି ଏକା ମୋ ଦୁଃଖପାକ;
ମୋ' କର୍ମ ପାଇଁ ଦୋଷୀ ନୁହନ୍ତି ବିଧି,
କାନ୍ତ ତ ସ୍ୱଭାବେ ମୋ କରୁଣା-ନିଧି ଗୋ ।"

ରଘୁବଂଶରେ ତା'ର ଅନୁରୂପ ବର୍ଣ୍ଣନା ଦେଖନ୍ତୁ—

ନ ଚାବଦଦ୍ ଭର୍ତ୍ତୁରବର୍ଣ୍ଣମାର୍ଯ୍ୟା ନିରାକରିଷ୍ଣୋ-
ର୍ବୃଜିନାଦୃତେଽପି
ଆତ୍ମାନମେବ ସ୍ଥିରଦୁଃଖଭାଜଂ ପୁନଃପୁନର୍ଦୁଷ୍କୃତିନଂ ନିନିନ୍ଦ ॥
(୧୪ । ୫୭)

ତାଙ୍କର 'ଇନ୍ଦୁମତୀ' କାବ୍ୟ 'ରଘୁବଂଶ' ମହାକାବ୍ୟର ଷଷ୍ଠ, ସପ୍ତମ ଓ ଅଷ୍ଟମ ସର୍ଗର ଅବଲମ୍ବନରେ ଏବଂ 'କୀଚକବଧ' କାବ୍ୟ ମହାଭାରତ ସମ୍ପୃକ୍ତ କଥାବସ୍ତୁ ଅବଲମ୍ବନରେ ଲିଖିତ ହୋଇଛି । ଏ'ଛଡ଼ା ତାଙ୍କର 'ଅଯୋଧ୍ୟାଭୂଷଣ' ହେଉଛି ମୂଳ ରାମାୟଣର ପ୍ରେରଣା ।

ଉପେନ୍ଦ୍ରପ୍ରସାଦ ମହାନ୍ତିଙ୍କର 'ଦିଲୀପ' କାବ୍ୟ ରଘୁବଂଶର ପ୍ରଥମ ଓ ଦ୍ୱିତୀୟ ସର୍ଗର ଏକ ସ୍ୱାଭାବ ଅନୁବାଦ ଭାବରେ ବିଦିତ ।

ଓଡ଼ିଆ ସାହିତ୍ୟ କ୍ଷେତ୍ରରେ କବିସମ୍ରାଟଙ୍କ ରୀତିଯୁଗର ଅବସାନ ଘଟିଥିଲେ ମଧ୍ୟ ବର୍ତ୍ତମାନ ଯୁଗରେ ସୁଦ୍ଧା ଗୋଲୋକଚନ୍ଦ୍ର ପ୍ରଧାନ ଓ ମାଧବଚନ୍ଦ୍ର ମିଶ୍ର ଶର୍ମା ପ୍ରଭୃତି କେତେ ଜଣ କବି ମଧ୍ୟଯୁଗର ରୀତୀୟ ରୀତିରେ କେତେ ଖଣ୍ଡ କାବ୍ୟ ରଚନା କରିଅଛନ୍ତି । ଗୋଲୋକଚନ୍ଦ୍ର ପ୍ରଧାନଙ୍କର 'ଇନ୍ଦୁରେଖା' ( ଆଳଙ୍କାରିକ କାବ୍ୟ ) ଏବଂ ମାଧବଚନ୍ଦ୍ରଙ୍କର 'ସତୀଚନ୍ଦ୍ରିକା' ଓ 'ଭକ୍ତିକଳ୍ପଲତା' ପ୍ରଭୃତି କାବ୍ୟ ଉଲ୍ଲେଖଯୋଗ୍ୟ ।

### ଅନୁବାଦ ( ପୁରାଣ ଓ କାବ୍ୟ )—

ପ୍ରାଚୀନ, ମଧ୍ୟ ଓ ଆଧୁନିକ ଯୁଗର ବହୁ କବି ସଂସ୍କୃତ ମହାଭାରତ, ହରିବଂଶ, ଅନ୍ୟ ପୁରାଣ ଏବଂ ସଂସ୍କୃତ କାବ୍ୟ ଓ ଖଣ୍ଡ କାବ୍ୟର ଅନୁବାଦ କରିଅଛନ୍ତି । ସେଗୁଡ଼ିକ ମଧ୍ୟରୁ କେତେଗୁଡ଼ିଏ ଅନୁବାଦ ଆକ୍ଷରିକ, ଆଉ କେତେଗୁଡ଼ିଏ ମୁକ୍ତ । ମୁକ୍ତାନୁବାଦରେ କବିମାନେ ମୂଳରଚନାର ଭାବ ଓ ବର୍ଣ୍ଣନାକୁ ବିସ୍ତୃତ କରି ସ୍ଥାନେ ସ୍ଥାନେ ନିଜର ସ୍ୱାତନ୍ତ୍ର୍ୟର ପରିଚୟ ଦେଇଛନ୍ତି । ପୁନଃକୁ ସ୍ଥାନେ

ସ୍ଥାନେ ଖଣ୍ଡିଏ ଖଣ୍ଡିଏ ଅନୁବାଦ ଗ୍ରନ୍ଥର ସୂଚନା ଦିଆଯାଇଛି ।
ଏଠାରେ ଅନୁବାଦ ଗ୍ରନ୍ଥଗୁଡ଼ିକର ଗୋଟିଏ ତାଲିକା ଦିଆଗଲା ।

| ଅନୁବାଦ | ଅନୁବାଦକଙ୍କର ନାମ | ମୂଳରଚନା |
|---|---|---|
| ଶ୍ରୀମଦ୍‌ଭାଗବତ | ଜଗନ୍ନାଥ ଦାସ [୧୬ଶ] | ସଂସ୍କୃତ ଶ୍ରୀମଦ୍‌ଭାଗବତ |
| ଗୀତଗୋବିନ୍ଦ | ଧରଣୀଧର ଦାସ [୧୬ଶ] | ଗୀତଗୋବିନ୍ଦ |
| ପଦ୍ମପୁରାଣ | ନୀଳାମ୍ବର ଦାସ [୧୭] | ପଦ୍ମପୁରାଣ |
| ରସବାରିଧି | ବୃନ୍ଦାବନ ଦାସ [୧୭ଶ] | ଗୀତଗୋବିନ୍ଦ |
| ଅଧ୍ୟାତ୍ମ ରାମାୟଣ | ହଳଧର ଦାସ [୧୭ଶ] | ସଂ:ଅଧ୍ୟାତ୍ମରାମାୟଣ |
| ଅର୍ଥଗୋବିନ୍ଦ | ଦୈତ୍ୟାରି ଦାସ [୧୭ଶ] | ଗୀତଗୋବିନ୍ଦ |
| ମାର୍କଣ୍ଡପୁରାଣ | ମହାଦେବ ଦାସ [୧୭ଶ] | |
| ବସ୍ତ୍ରୁ କେଶରୀ ପୁରାଣ | | |
| କାର୍ତ୍ତିକପୁରାଣ | | |
| ବୈଶାଖପୁରାଣ | | |
| ଆଷାଢ଼ପୁରାଣ | | |
| ଇତିହାସପୁରାଣ | | |
| ବେତାଳ ପଞ୍ଚବିଂଶତି | ମୁକୁନ୍ଦ ଦାସ [୧୭ଶ] | ବେତାଳ ପଞ୍ଚବିଂଶତି |
| ବତିଶ ସିଂହାସନ | ଶିବଦାସ | ଦ୍ୱାତ୍ରିଂଶତ୍‌ପୁତ୍ତଳିକା |
| ଶିବପୁରାଣ | ଦ୍ୱାରିକା ଦାସ [୧୭ଶ] | ଶିବପୁରାଣ |
| ନୃସିଂହପୁରାଣ | ପୀତାମ୍ବର ଦାସ [୧୮ଶ] | ନୃସିଂହ ପୁରାଣ |
| ଅଧ୍ୟାତ୍ମରାମାୟଣ [କବାଯରୀ] | ଗୋପାଳ ତେଲଙ୍ଗା [୧୮ଶ] | ଅ:ରା: |
| ଶ୍ରୀମଦ୍‌ଭଗବଦ୍‌ଗୀତା | ଜୟସିଂହ [ଧରାକୋଟ ରାଜା] [୧୮ଶ] | |
| ମହାଭାରତ | କୃଷ୍ଣସିଂହ [୧୮ଶ] | ସଂ. ମହାଭାରତ |
| ବସନ୍ତରାସ [ବଙ୍ଗାନୁବାଦ] | ପିଣ୍ଡିକ ଶ୍ରୀଚନ୍ଦନ [୧୮ଶ] | ଗୀତଗୋବିନ୍ଦ |

| | | |
|---|---|---|
| ଖାଡ଼ଙ୍ଗା ଭାଗବତ | ଦୀନବନ୍ଧୁ ଖାଡ଼ଙ୍ଗା [୧୮ଶ] | ସଂ: ଶ୍ରୀମଦ୍‌ଭାଗବତ |
| ବୈଶାଖ ମାହାତ୍ମ୍ୟ | ମଧୁସୂଦନ ଜଗଦ୍ଦେବ [୧୮ଶ] | ବୈଶାଖମାହାତ୍ମ୍ୟ |
| ବିଷ୍ଣୁଧର୍ମୋତ୍ତର ପୁରାଣ | ଗଙ୍ଗାପାଣି [୧୮ଶ] | ବିଷ୍ଣୁଧର୍ମୋତ୍ତର |
| ବାଲ୍ମୀକି ରାମାୟଣ | କୃଷ୍ଣଚରଣ ପଟ୍ଟନାୟକ [୧୮ଶ-୧୯ଶ] | |
| ଶ୍ରୀମଦ୍‌ଭାଗବତ | କୃଷ୍ଣଚରଣ ପଟ୍ଟନାୟକ [୧୮ଶ-୧୯ଶ] | |
| କଳ୍କି ପୁରାଣ | କୃଷ୍ଣଚରଣ ପଟ୍ଟନାୟକ [୧୮ଶ-୧୯ଶ] | |
| ବାମନ ପୁରାଣ | କୃଷ୍ଣଚରଣ ପଟ୍ଟନାୟକ [୧୮ଶ-୧୯ଶ] | |
| ଅଧ୍ୟାତ୍ମ ରାମାୟଣ | ସୂର୍ଯ୍ୟମଣି ତ୍ୟାଡ଼ପଟ୍ଟନାୟକ [୧୮ଶ] | ଅଧ୍ୟାତ୍ମରାମାୟଣ |
| ସିଦ୍ଧ ହରିବଂଶ | ଗଙ୍ଗାଧର ପ୍ରଧାନ | ସଂ. ହରିବଂଶ |
| ମେଘଦୂତ | ରାଧାନାଥ ରାୟ | ମେଘଦୂତ |
| ହଂସଦୂତ (ଅସଂପୂର୍ଣ୍ଣ) | ,, | ହଂସଦୂତ |
| ରାମାୟଣ | ଫକୀରମୋହନ ସେନାପତି | |
| ମହାଭାରତ | ଫକୀରମୋହନ ସେନାପତି | |
| ଖିଲହରିବଂଶ | ଫକୀରମୋହନ ସେନାପତି | |
| ଛାନ୍ଦୋଗ୍ୟଉପନିଷଦ | ଫକୀରମୋହନ ସେନାପତି | |
| କୁମାର ସମ୍ଭବ | ମୃତ୍ୟୁଞ୍ଜୟ ରଥ | କୁମାରସମ୍ଭବ |
| ,, | ଭରତଚନ୍ଦ୍ର ନାୟକ | ,, |
| ,, | ନୀଳକଣ୍ଠ ମହାପାତ୍ର | ,, |
| ନୈଷଧଚରିତ | ଗୋପୀନାଥ ସିଂହ | ନୈଷଧ ଚରିତମ୍ |
| ଭଟ୍ଟି କାବ୍ୟ | ,, | ଭଟ୍ଟି କାବ୍ୟ |
| ଶିଶୁପାଳ ବଧ | ,, | ଶିଶୁପାଳ ବଧ |
| କିରାତାର୍ଜ୍ଜୁନୀୟମ୍ | ବାଲ୍ମୀକେଶ୍ୱର ମହାପାତ୍ର | କିରାତାର୍ଜ୍ଜୁନୀୟମ୍ |
| ଶ୍ରୀକଣ୍ଠ ଚରିତ | ସୋନପୁର ମହାରାଜା | ଶ୍ରୀକଣ୍ଠ ଚରିତ |

| | | |
|---|---|---|
| ରଘୁବଂଶ | ନିଚ୍ଛନ୍ଦ ପଟ୍ଟନାୟକ | ରଘୁବଂଶ |
| ,, | ବଡକୁମାର, ବାମଣ୍ଡା | ,, |
| କାଦମ୍ବରୀ | ,, | କାଦମ୍ବରୀ |
| ବୃହନ୍ନାରଦୀୟ ପୁରାଣ | ଚନ୍ଦ୍ରାମଣି ତ୍ରିପାଠୀ | ବୃ. ନା. ପୁରାଣ |
| ଶ୍ରୀମଦ୍‌ଭଗବଦ୍‌ଗୀତା | ପଣ୍ଡିତ ନୀଳକଣ୍ଠ ଦାସ | ଭଗବଦ୍‌ଗୀତା |
| ,, | ଆଚାର୍ଯ୍ୟ ହରିହର | ,, |
| ,, | ପଣ୍ଡିତ କୁଳମଣି ଦାଶ | ,, |
| ,, | ବାଳକୃଷ୍ଣ କର | ,, |
| ନୈଷଧଚରିତମ୍ | ପଣ୍ଡିତ ନୀଳକଣ୍ଠ ଦାସ | ନୈଷଧ ଚରିତମ୍ |
| ଶ୍ରୀମଦ୍‌ଭାଗବତ [ଗଦ୍ୟାନୁବାଦ] | ଚନ୍ଦ୍ରାମଣି ଆଚାର୍ଯ୍ୟ | ଶ୍ରୀମଦ୍‌ଭାଗବତ; |
| ସାରସ୍ୱତ ରାମାୟଣ | ବାଳକୃଷ୍ଣ କର | ବାଲ୍ମୀକି ରାମାୟଣ |
| ବାଲ୍ମୀକି ରାମାୟଣ | ଲିଙ୍ଗରାଜ ମିଶ୍ର | ,, |
| ,, | ରତ୍ନାକର ଗର୍ଗବଟୁ | ,, |
| ଶ୍ରୀ ବୃହତ୍‌ଭାଗବତାମୃତ | ବାବାଜୀ ପଦ୍ମଚରଣ ଦାସ | ଶ୍ରୀ. ବୃ. ଭା. ମୃ. |
| ପ୍ରେମପରୀକ୍ଷା | ଜଗଦ୍‌ବନ୍ଧୁ ମହାପାତ୍ର | କୁମାରସମ୍ଭବ |
| ପ୍ରଣୟ ପ୍ରବାହ | ରାମଚନ୍ଦ୍ର ଆଚାର୍ଯ୍ୟ | କାଦମ୍ବରୀ |
| କାଳିଦାସ ସନ୍ଦର୍ଭ | ପଣ୍ଡିତ କୁଳମଣି ଦାଶ | |
| ହଂସଦୂତ | ବଂଶୀଧର ମହାନ୍ତି (କେନ୍ଦୁଝର) | ହଂସଦୂତ |
| ସହୃଦୟାନନ୍ଦ | ବାନାମ୍ବର ଆଚାର୍ଯ୍ୟ | ସହୃଦୟାନନ୍ଦ |
| ବୈଦିକ ଗୀତମାଳା | ଡକ୍ଟର କୁଞ୍ଜବିହାରୀ ଦାସ | |
| ଦିଲୀପ | ଉପେନ୍ଦ୍ର ପ୍ରସାଦ ମହାନ୍ତି | ରଘୁବଂଶର ଦିଲୀପ ପ୍ରସଙ୍ଗ |

| | | |
|---|---|---|
| ମେଘଦୂତ | ରାଧାମୋହନ ଗଡ଼ନାୟକ | ମେଘଦୂତ |
| *ଶକୁନ୍ତଳା | ,, | ଅଭିଜ୍ଞାନ ଶକୁନ୍ତଳମ୍ |
| ଋତୁସଂହାର | କୃଷ୍ଣଚନ୍ଦ୍ର କର | ଋତୁସଂହାର |
| ରତିବିଳାପ | ସତ୍ୟାନନ୍ଦ ଚମ୍ପତିରାୟ | କୁମାରସମ୍ଭବ (୪ର୍ଥ ସର୍ଗ) |
| *ଶ୍ରୀକୃଷ୍ଣ କର୍ଣ୍ଣାମୃତ | ଗଙ୍ଗାଧର ବଳ | ଶ୍ରୀକୃଷ୍ଣକର୍ଣ୍ଣାମୃତମ୍ |
| ସୁର ସୁନ୍ଦରୀ | ଅଭିରାମଚନ୍ଦ୍ର ଦାସ | ବଙ୍କମୋହିନୀ |
| ମାଳବିକା | ,, | ମାଳବିକାଗ୍ନିମିତ୍ର |
| *ଚୌରପଞ୍ଚାଶିକା | ,, | ଚୌରପଞ୍ଚାଶିକା |

ଏହାଛଡ଼ା ବହୁ ଗ୍ରନ୍ଥ ଓ ଉପାଖ୍ୟାନ ମଧ୍ୟ ସଂସ୍କୃତରୁ ଓଡ଼ିଆରେ ଅନୂଦିତ ହୋଇଛି । †

## ସଙ୍ଗୀତ—

ଓଡ଼ିଆ ସାହିତ୍ୟରେ ଛାନ୍ଦ, ଚଉପଦୀ, ଚଉତିଶା, ଚୋଇ, ଜଣାଣ, ଚମ୍ପୂ, ଓଡ଼ିଶୀ ଓ ନାନାବିଧ ସଙ୍ଗୀତ ରଚନାରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ ଓଡ଼ିଶାରେ ସଙ୍ଗୀତ ଶାସ୍ତ୍ରର ବିଶେଷ ଚର୍ଚ୍ଚା ଥିଲା । ଓଡ଼ିଶାରେ ମଧ୍ୟ ସଂସ୍କୃତ ଓ ଓଡ଼ିଆ ଭାଷାରେ କେତେଗୁଡ଼ିଏ ଶାସ୍ତ୍ରୀୟ ଗ୍ରନ୍ଥ (ସଙ୍ଗୀତ ଓ ରାଗତାଳ ସମ୍ପର୍କରେ) ରଚିତ ହୋଇଛି । ଉପେନ୍ଦ୍ର, କବିସୂର୍ଯ୍ୟ, ବନମାଳୀ, ଗୋପାଳକୃଷ୍ଣ, ଗୌରହରି,

---

* ପ୍ରକାଶ ଅପେକ୍ଷାରେ ।

† ଅନୁବାଦ ଗ୍ରନ୍ଥର ତାଲିକା ପୂର୍ଣ୍ଣାଙ୍ଗ ନୁହେଁ ।

ବେଣୁଧର ( ଅଧୁନାତନ ଯୁଗର କବି ହେଲେ ମଧ୍ୟ ପ୍ରାଚୀନ ସ୍ୱଭାବ ସଙ୍ଗୀତ ଲେଖକ ), ରଘୁନାଥ ପରିଚ୍ଛା, କାନ୍ତକବି ଲକ୍ଷ୍ମୀକାନ୍ତ, ଗୋବିନ୍ଦ ସୁରଦେଓ ଓ କାଳୀଚରଣ ପ୍ରଭୃତି ହେଉଛନ୍ତି ଓଡ଼ିଶାର ବିଶିଷ୍ଟ ସଙ୍ଗୀତ ଲେଖକ । ଏମାନଙ୍କ ବ୍ୟତୀତ ଧନଞ୍ଜୟ ( ତ୍ରୈଲୋକ୍ୟ ମୋହିନୀ ), କେଶବ ହରିଚନ୍ଦନ (ରାମଲୀଳା), ଶ୍ୟାମସୁନ୍ଦର ଦେବ ( ଅନୁରାଗ କଳ୍ପଲତା ), ବିଶ୍ୱନାଥ ଖୁଣ୍ଟିଆ ( ବିଚିତ୍ର ରାମାୟଣ ) ଓ କେଶବ ପଟ୍ଟନାୟକ ( ନୃତ୍ୟ ରାମାୟଣ ), ପ୍ରଭୃତି କବିଗଣ ବିଭିନ୍ନ ସଙ୍ଗୀତମୟ କାବ୍ୟ ରଚନା କରି ଓଡ଼ିଶାରେ ଲୋକପ୍ରିୟତା ଅର୍ଜନ କରିଅଛନ୍ତି । ଏମାନଙ୍କର ଛାନ୍ଦ, ସଙ୍ଗୀତ, ଚମ୍ପୂ ଓ ସଙ୍ଗୀତମୟ କାବ୍ୟ ଅନୁଧ୍ୟାନ କଲେ ଜଣାଯାଏ ଯେ ଏମାନଙ୍କର ସଂସ୍କୃତ ଓ ଓଡ଼ିଆରେ ରଚିତ ସଙ୍ଗୀତ ସଂବନ୍ଧୀୟ ଶାସ୍ତ୍ରୀୟ ଗ୍ରନ୍ଥଗୁଡ଼ିକରେ ( ନାଟ୍ୟଶାସ୍ତ୍ର, ସଙ୍ଗୀତ ଦର୍ପଣ, ଚୂଡ଼ାମଣି, ସଙ୍ଗୀତ ସଂହିତା, ନାରଦ ସଙ୍ଗୀତ, ସଙ୍ଗୀତ ନାରାୟଣ, ମନୋରମା, ରାଗତାଳ, ତାଳପ୍ରବନ୍ଧ ଇତ୍ୟାଦି ), ଗଭୀର ପ୍ରବେଶ ଥିଲା । ଅଧୁନାତନ ଯୁଗର କବି ତଥା ନାଟ୍ୟକାର କାଳୀଚରଣ ପଟ୍ଟନାୟକ ସଙ୍ଗୀତଶାସ୍ତ୍ର ସମ୍ପର୍କରେ ଗବେଷଣା କରି କେତୋଟି ଗ୍ରନ୍ଥ ଓ ବହୁ ଉପାଦେୟ ପ୍ରବନ୍ଧ ପ୍ରକାଶ କରିଛନ୍ତି ଏବଂ ଓଡ଼ିଆରେ ବହୁ ସଙ୍ଗୀତ ରଚନା କରିଅଛନ୍ତି । ଶ୍ରୀ ନୀଳମାଧବ ପାଣିଗ୍ରାହୀ ଏ କ୍ଷେତ୍ରରେ ଅନ୍ୟତମ ଗବେଷକ ।

**ନାଟକ—**

ଊନବିଂଶ ଶତକରେ ( ମୁଖ୍ୟତଃ ଦ୍ୱିତୀୟାର୍ଦ୍ଧରେ) ଓଡ଼ିଆ ନାଟକ ରଚନାର ପ୍ରଚେଷ୍ଟା ଯେତେବେଳେ ଦେଖାଗଲା, ସେତେବେଳେ ନାଟ୍ୟକାରଙ୍କ ସମ୍ମୁଖରେ ଆଦର୍ଶ ଥିଲା ସଂସ୍କୃତ ନାଟକ ଓ

ନାଟ୍ୟଶାସ୍ତ୍ର । ରାମଶଙ୍କର ରାୟ, କାମପାଳ ମିଶ୍ର ଓ ଅଶ୍ୱିନୀକୁମାର ଘୋଷ ପ୍ରଭୃତି ନାଟ୍ୟକାରମାନେ ଇଂରାଜୀ ଶିକ୍ଷିତ ହେଲେ ମଧ୍ୟ ଏବଂ ଇଂରାଜୀ ନାଟକ (ସେକ୍‌ସପିୟରଙ୍କର) ଦ୍ୱାରା ପ୍ରଭାବିତ ହେଲେ ମଧ୍ୟ ପ୍ରଥମତଃ ସଂସ୍କୃତ ନାଟକର ଆଦର୍ଶରେ ସ୍ୱ ସ୍ୱ ନାଟକର ପ୍ରାଣ ପ୍ରତିଷ୍ଠା କରିଥିଲେ । ସଂସ୍କୃତ ନାଟକର ପ୍ରସ୍ତାବନା ଦୃଶ୍ୟର (ନାନ୍ଦୀପରେ) ସୂତ୍ରଧାର ଓ ନଟ ନଟୀ ଚରିତ୍ର ସମାବେଶ କରି ରଚିତ ନାଟକର ଉଦ୍ଦେଶ୍ୟର ସୂଚନା ଦେବା ସଙ୍ଗେ ସଙ୍ଗେ ସହୃଦୟ ଦର୍ଶକମଣ୍ଡଳୀ ସହିତ ନାଟ୍ୟକାର ସୂତ୍ରଧାର ଚରିତ୍ର ମାଧ୍ୟମରେ ସମ୍ପର୍କ ସ୍ଥାପନ କରୁଥିଲେ । ରାମଶଙ୍କରଙ୍କୁ ଏପର୍ଯ୍ୟନ୍ତ ଆମେ ପ୍ରଥମ ପୂର୍ଣ୍ଣାଙ୍ଗ ଓଡ଼ିଆ ନାଟକର ପ୍ରଣେତାରୂପେ ଗ୍ରହଣ କରି ଆସିଛୁଁ । କିନ୍ତୁ ରାମଶଙ୍କରଙ୍କ ପୂର୍ବରୁ ('ବାବାଜୀ ନାଟକ ପ୍ରଣେତା ଜଗମୋହନ ଲାଲଙ୍କ ପୂର୍ବରୁ ମଧ୍ୟ) ପାରଳାଖେମୁଣ୍ଡିର ରଘୁନାଥ ପରିଚ୍ଛା 'ଗୋପୀନାଥ ବଲ୍ଲଭ ନାଟକ' ନାମରେ ଖଣ୍ଡିଏ ଗୀତିନାଟ୍ୟ ରଚନା କରିଥିଲେ । ନାଟକଟି ଗୌରୀଶଙ୍କର ରାୟଙ୍କ ଦ୍ୱାରା ୧୮୬୯ ମସିହାରେ ପ୍ରକାଶିତ ହୋଇଥିଲା । ରଘୁନାଥ ପରିଚ୍ଛା ଥିଲେ ଜଣେ ପଣ୍ଡିତ, ସଙ୍ଗୀତଜ୍ଞ ଓ ପ୍ରତିଭାଶାଳୀ କବି । ନାଟ୍ୟଶାସ୍ତ୍ରରେ ତାଙ୍କର ଯଥେଷ୍ଟ ପାରଦର୍ଶିତା ଥିଲା । ଗଦ୍ୟରେ ରଚନା କରିଥିବା ତାଙ୍କର ସୂତ୍ରଧାରର ବକ୍ତବ୍ୟରୁ ତାଙ୍କର ସଙ୍ଗୀତ ଓ ନାଟ୍ୟଶାସ୍ତ୍ର ସମ୍ବନ୍ଧୀୟ ପାଣ୍ଡିତ୍ୟର ପରିଚୟ ମିଳେ । ତାଙ୍କର ଭାଷା ଏକାନ୍ତ କାବ୍ୟଧର୍ମୀ ଥିବାରୁ ଅମେ ଅନୁପ୍ରାସ ବହୁଳ ଭାଷା ସହିତ ଗୌଡ଼ୀରୀତିର ସୂଚନା ପାଉଁ* । ଉଦାହରଣ ସ୍ୱରୂପ—

---

* ଓଡ଼ିଶା ସାହିତ୍ୟ ଏକାଡେମୀଙ୍କ ଦ୍ୱାରା ପ୍ରକାଶିତ 'ଗୋପୀନାଥ ବଲ୍ଲଭ' ନାଟକର ମୁଖବନ୍ଧ ।

"ଅଥ ଶାନ୍ତ ଦାନ୍ତ ଧୀମନ୍ତ ନିତାନ୍ତ ସ୍ୱାନ୍ତ ଏକାନ୍ତ-ବିହାର ମଧୁହାସ୍ୟ । କାଳିକାକାନ୍ତ ପରଭ୍ରମନ୍ତ ବୃନ୍ତାନ୍ତ କୁନ୍ତସମ କେତକୀ । + + + କୁମୁଦବନ୍ଧୁ କାରବିନ୍ଦ କୁନ୍ଦଗନ୍ଧଫଳ ମନ୍ଦାର ସିନ୍ଧୁ ବନ୍ଦନ ଚନ୍ଦନ ଗନ୍ଧବହ ସମ ହାସ ଅଧର ମୁଖ ଦଶନ ନାସା ବନ୍ଦନ ଗମନ ଗମ୍ଭୀର ଶୀତଳ ଅଙ୍ଗିରେ ।"

ରଘୁନାଥ ସଂସ୍କୃତ ନାଟ୍ୟରୀତି ଆଦର୍ଶରେ ଆଉ କେତୋଟି ନାଟକ ମଧ୍ୟ ରଚନା କରିଛନ୍ତି, ଯଥାଃ—କୃଷ୍ଣଚନ୍ଦ୍ରମା ନାଟକ, ମୁକ୍ତା ନାଟକ ଓ ବାସୁଦେବ ନାଟକ । ସେ ନାନାବିଧ ରାଗତାଳସମ୍ବଳିତ ବହୁ ସଙ୍ଗୀତ ରଚନା ସହ ଅଧିକାଂଶ ନାଟକରେ ଭିନ୍ନ ଭିନ୍ନ ସଂସ୍କୃତ ବୃତ୍ତରେ ବହୁ ଶ୍ଲୋକ ମଧ୍ୟ ରଚନା କରିଛନ୍ତି, ଯଥାଃ—ଶିଖରିଣୀ, ମନ୍ଦାକ୍ରାନ୍ତା, ମାଳିନୀ, ଶାର୍ଦ୍ଦୂଳ ବିକ୍ରୀଡ଼ିତ, ପୃଥ୍ୱୀ, ମନ୍ଦାକିନୀ, ବସନ୍ତତିଳକ, ଇନ୍ଦ୍ରବଜ୍ରା, ଦ୍ରୁତବିଲମ୍ବିତ, ଆର୍ଯ୍ୟା ଓ ସ୍ରଗ୍ଧରା ପ୍ରଭୃତି । 'ମାଳିନୀ' ବୃତ୍ତରେ ରଚିତ ଶ୍ଲୋକରୁ ଗୋଟିଏ ଉଦାହରଣ ଦେଉଛୁ—

"ବକୁଳ ମୁକୁଳ ପାନେ ପଞ୍ଚମ ଗ୍ରାମଗାନେ
ପ୍ରବଳ ତ ପିକରାଜି ପୁଷ୍ପରେ ଭୃଙ୍ଗରାଜି ।
ଉପବନେ ବନବାସେ କେତକୀ ମଲ୍ଲୀବାସେ ।
ପ୍ରସରି ସରିତ ମାର୍ଗେ ଶୀତଳ ସ୍ପର୍ଶିବାତ ।"

(ଗୋଃ ବିଃ ନାଃ)

ରଘୁନାଥଙ୍କ ଆଦର୍ଶରେ ଟିକାଟି ରାଜା ରାଧାମୋହନ ରାଜେନ୍ଦ୍ରଦେବ 'ପ୍ରେମତରଙ୍ଗ (୧୯୧୦) ନାମରେ ଖଣ୍ଡିଏ ନାଟକ ଏବଂ ପଦ୍ମନାଭ ନାରାୟଣ ଦେବ ପ୍ରହ୍ଲାଦ ନାଟକ (୧୯୦୧) ଓ

ଅହଲ୍ୟା ଶାପମୋଚନ (୧୯୦୨) ନାମରେ ଦୁଇଖଣ୍ଡ ନାଟକ ପ୍ରଣୟନ କରି ଶ୍ଳୋକ ରଚନାରେ ସଂସ୍କୃତ ଛନ୍ଦର ପ୍ରୟୋଗ କରିଅଛନ୍ତି ।

ରାମଶଙ୍କର ରାୟଙ୍କର କାଞ୍ଚିକାବେରୀ, ବନବାଳା, ରାମବନବାସ, କଂସବଧ ନାଟକରେ ସଂସ୍କୃତ ନାଟକ ଆଦର୍ଶରେ ନାନ୍ଦୀ, ସୂତ୍ରଧାର ଓ ନଟନଟୀ ସହ ପ୍ରସ୍ତାବନା ଦୃଶ୍ୟର ସଂଯୋଜନା କରାଯାଇଛି । ଅନ୍ୟ ନାଟକଗୁଡ଼ିକରେ ( ବିଷମୋଦକ ଯୁଗଧର୍ମ, କାଞ୍ଚନମାଳୀ, ଚୈତନ୍ୟଲୀଳା, ଲୀଳାବତୀ, ବଡ଼ଲୋକ, ବିଷ୍ଣୁଯଜ୍ଞ, ଶ୍ରୀମାଭକ୍ତେକ ) ପ୍ରସ୍ତାବନା ଦୃଶ୍ୟ ସ୍ଥାନରେ ପ୍ରସ୍ତାବନା ସଙ୍ଗୀତର ସମାବେଶ ହୋଇଛି ।

କାମପାଳ ମିଶ୍ର 'ସୀତାବିବାହ'ରେ (୧୮୯୮) ମଧ୍ୟ ପ୍ରସ୍ତାବନା ଦୃଶ୍ୟର ସଂଯୋଜନା କରିଛନ୍ତି । ରଘୁନାଥ ପରିଚ୍ଛାଙ୍କଠାରୁ ଆରମ୍ଭକରି ଅଶ୍ୱିନୀକୁମାରଙ୍କ ପର୍ଯ୍ୟନ୍ତ ନାଟକଗୁଡ଼ିକର କଥାବସ୍ତୁ ମୁଖ୍ୟତଃ ସଂସ୍କୃତ ନାଟକ ଆଦର୍ଶରେ ପୁରାଣ ଓ ଇତିହାସକୁ ନେଇ ଗଢ଼ିଉଠିଛି । କିନ୍ତୁ ସାମାଜିକ କଥାବସ୍ତୁକୁ ନେଇ ନାଟକ ରଚନା କରିବାର ପ୍ରଚେଷ୍ଟା ରାମଶଙ୍କରଙ୍କଠାରୁ ଦେଖା ଦେଇଥିଲେ ମଧ୍ୟ ଅଶ୍ୱିନୀକୁମାରଙ୍କ ପରବର୍ତ୍ତୀ ରଚନାରେ ଏହା କ୍ରମଶଃ ମୁଖ୍ୟସ୍ଥାନ ଅଧିକାର କରିଛି । ଏହା ବ୍ୟତୀତ ପଣ୍ଡିତ ମୃତ୍ୟୁଞ୍ଜୟ ରଥ ଓ ଭକ୍ତକବି ମଧୁସୂଦନ ରାଓଙ୍କ ଦ୍ୱାରା କେତୋଟି ସଂସ୍କୃତ ନାଟକ ଓଡ଼ିଆରେ ଅନୂଦିତ ହୋଇଛି, ଯଥା—ମାଳତୀ ମାଧବ, ମୁଦ୍ରାରାକ୍ଷସ (ମୃତ୍ୟୁଞ୍ଜୟ ରଥ) ଓ ଉତ୍ତର ରାମଚରିତ (ମଧୁସୂଦନ ରାଓ) ।

**ଭାଷା—**

ପୁରାଣ, ପଞ୍ଚସଖା ଯୁଗ ଓ ସପ୍ତଦଶ ଶତାବ୍ଦୀର ଓଡ଼ିଆ ସାହିତ୍ୟରେ ତଦ୍ଭବ ଶବ୍ଦର କିଞ୍ଚିତ୍ ଅଧିକ ବ୍ୟବହାର ସତ୍ତ୍ୱେ ସ୍ଥାନେ ସ୍ଥାନେ ତତ୍ସମ ଶବ୍ଦର ବ୍ୟବହାର ପରିଲକ୍ଷିତ ହେଉଥିଲେ ମଧ୍ୟ ଭାଷା ଓ

ରଚନାଭଙ୍ଗୀ ସରଳ ଓ ସାବଲୀଳ । ଏହି ସମୟର କବିତାରେ ବହୁ ମୌଳିକ ଓଡ଼ିଆ ଶବ୍ଦର ସ୍ୱରୂପ ମିଳେ ।

ଅଷ୍ଟାଦଶ ଶତାବ୍ଦୀ ବା ରୀତିଯୁଗରେ ବହୁ ପ୍ରଚଳିତ ଓ ଅପ୍ରଚଳିତ ଆଭିଧାନିକ ତତ୍ସମ ଶବ୍ଦର ପ୍ରାଚୁର୍ଯ୍ୟ ପରିଲକ୍ଷିତ ହୁଏ ।

କବିସୂର୍ଯ୍ୟ, ବନମାଳୀ ଓ ଗୋପାଳକୃଷ୍ଣ ପ୍ରଭୃତି ରୀତିଯୁଗର କବି ହେଲେ ମଧ୍ୟ ସଙ୍ଗୀତ ରଚନା କ୍ଷେତ୍ରରେ ରୀତିଯୁଗୀୟ ଭାଷା ଓ ରଚନା ଶୈଳୀର ବ୍ୟତିକ୍ରମ ଘଟାଇଅଛନ୍ତି । ଏମାନଙ୍କର ସଙ୍ଗୀତର ଭାଷା ଯେପରି ସରଳ, ରଚନାଭଙ୍ଗୀ ସେହିପରି ସ୍ୱଚ୍ଛନ୍ଦ ଓ ସାବଲୀଳ ।

ଆଧୁନିକ ଯୁଗରେ ରାଧାନାଥ ଭାଷା ଓ ଶୈଳୀରେ ନୂତନତ୍ୱ ଆନୟନ କଲେ ମଧ୍ୟ ତାଙ୍କର ମହାଯାତ୍ରା ଓ ଚିଲିକା ପ୍ରଭୃତି କାବ୍ୟରେ ବହୁ ଶ୍ରୁତିସୁଖକର ତତ୍ସମ ଶବ୍ଦର ବ୍ୟବହାର କରିଅଛନ୍ତି । ମହାଯାତ୍ରା ଓ ଚିଲିକାର ଅନେକ ପଦ ଅନୁସ୍ୱାର ବିସର୍ଗହୀନ ସଂସ୍କୃତପଦ ପରି ପ୍ରତୀତ ହୁଏ, ଯଥା:—

"ଶୁଭ୍ର ସ୍ୱଚ୍ଛ ପୟଃ-ପ୍ରପାତ-ସୁଭଗା
ହରଜଟାଭ୍ରଷ୍ଟା ଯଥା ତ୍ରିପଥଗା ।

× ×

ମଣ୍ଡାଇ ସୁନୀଳ ନେତ୍ର ପଙ୍କଜାସ୍ୟେ,
ଅପାର-ମଣ୍ଡନ ଚଳଭ୍ରୂ-ଲାସ୍ୟେ ।

(ଚିଲିକା)

ମେଘାସନ ମେଘାସନ ମଘବା ବାଞ୍ଛିତ
ସୁରୁଚ୍ଚ ଚପଳ ଲାସ୍ୟେ ନାଚତେ ଭାସ୍ୱର,

ନିବଡେ ମୁଖର କେଳିକଳ କେକାରବେ;"

(ମହାଯାତ୍ରା)

ରାଧାନାଥଯୁଗରେ ମଧୁସୂଦନଙ୍କର ସାଂସ୍କୃତିକ ଗଦ୍ୟ ଓ ପଦ୍ୟ ଶୈଳୀର ପ୍ରଭାବ ମୃତ୍ୟୁଞ୍ଜୟ ରଥ, ଶଶିଭୂଷଣ ରାୟ, ରତ୍ନାକର ପତି, କୁଳମଣି ଦାଶ, କପିଳେଶ୍ୱର ଦାଶ ଓ ବ୍ରଜବିହାରୀ ମହାନ୍ତି ପ୍ରଭୃତିଙ୍କ ରଚନାରେ ପରିଲକ୍ଷିତ ହୁଏ ।

ସତ୍ୟବାଦୀ ସାହିତ୍ୟିକ ଗୋଷ୍ଠୀର ରଚନାରେ ଭାଷା ଓ ଶୈଳୀକ୍ଷେତ୍ରରେ ରାଧାନାଥୀୟ ଓ ମଧୁସୂଦନୀୟ ରୀତିର ବୈପ୍ଳବିକ ବ୍ୟତିକ୍ରମ ପରିଲକ୍ଷିତ ହୁଏ । ଏହି ସମୟଠାରୁ ସାହିତ୍ୟ ବିଶେଷ ଭାବରେ ଜନମୁଖୀ ହେବାରୁ ଉପନ୍ୟାସ, ଗଳ୍ପ, ନାଟକ, ଏକାଙ୍କିକା ଓ ନାନା ଶ୍ରେଣୀର ସୁଖବୋଧ ରଚନାର ବହୁଳତା ପରିଲକ୍ଷିତ ହେଲା ଏବଂ ଭାଷା ଓ ପ୍ରକାଶଭଙ୍ଗୀ କ୍ଷେତ୍ରରେ ସୁବୋଧତା ତଥା ସ୍ୱାଭାବିକତା ପ୍ରତି ବିଶେଷ ଦୃଷ୍ଟି ଦିଆଗଲା । କିନ୍ତୁ ପ୍ରବନ୍ଧ ଓ ସମାଲୋଚନାର ଭାଷା ତଥା ଶୈଳୀ ଗାମ୍ଭୀର୍ଯ୍ୟପୂର୍ଣ୍ଣ ହେଲେ ମଧ୍ୟ ପଣ୍ଡିତ ନୀଳକଣ୍ଠ ଦାସଙ୍କର ରଚନା ତା'ର ଏକ ବ୍ୟତିକ୍ରମ । ତାଙ୍କର ଗଦ୍ୟଶୈଳୀ ଯେପରି ସ୍ୱତନ୍ତ୍ର, ସେହିପରି କମନୀୟ ଓ ଶ୍ରୁତିସୁଖକର ।

ଅତ୍ୟାଧୁନିକ କବିତାର ଭାଷା ଓ ଶବ୍ଦ ସଂଯୋଜନା କ୍ଷେତ୍ରରେ ବହୁ ବିଚିତ୍ର ନୂତନ ପରୀକ୍ଷା ଚାଲିଥିଲେ ମଧ୍ୟ ସ୍ଥାନେ ସ୍ଥାନେ ଉଦ୍ଭ୍ରମ ଓ ବୈଦେଶିକ ଶବ୍ଦର ବିଚିତ୍ର ପ୍ରୟୋଗ ସହିତ ସଂସ୍କୃତ ସାହିତ୍ୟ ଓ ପୁରାଣରୁ ବହୁ ପ୍ରତିରୂପ (image) ଗ୍ରହଣର ପରମ୍ପରା ଦେଖା-

ଦେଇଅଛୁ, ଯଥା—ଜରଦ୍‌ଦବ, ଘଟୋତ୍କଚ, ଇଳାବୃତ୍ତ ଓ ତ୍ରିଶଙ୍କୁ ଇତ୍ୟାଦି ।

ଆଜି ନାନା କାରଣରୁ ସଂସ୍କୃତ ଭାଷା ଓ ସାହିତ୍ୟକୁ ମୃତ ଆଖ୍ୟା ଦିଆଗଲେ ମଧ୍ୟ କେବଳ ଓଡ଼ିଆ ସାହିତ୍ୟ କାହିଁକି ଭାରତର ପ୍ରତ୍ୟେକ ପ୍ରଦେଶର ଭାଷା ଓ ସାହିତ୍ୟର ବିକାଶ ତଥା ପରିପୁଷ୍ଟି ମୂଳରେ ଯେ ଏଇ ସଂସ୍କୃତ ଭାଷା ଓ ତା'ର ସାହିତ୍ୟ ରହିଛି, ଏହା କହିଲେ ଅତ୍ୟୁକ୍ତି ହେବନାହିଁ ।

# ରାଧାନାଥଙ୍କ 'ପ୍ରକୃତି

ପ୍ରକୃତି ସହିତ ମାନବର ସମ୍ପର୍କ ଯେ ନିବିଡ଼ ଏକଥା ବୁଝାଇ କହିବାର ଆବଶ୍ୟକତା ନାହିଁ । ଆଦିମକାଳରୁ ମନୁଷ୍ୟ ପ୍ରକୃତି କୋଡ଼ରେ ଲାଳିତପାଳିତ, ତାହାର ବକ୍ଷର ରସରେ ସେ ପରିପୁଷ୍ଟ, ତା'ର ବକ୍ଷରେ ତା'ର ସଂଗ୍ରାମ । ପ୍ରକୃତିର କଲ୍ୟାଣମୟୀ ସ୍ନିଗ୍ଧରୂପ ଦେଖି ସେ ଆତ୍ମହରା ହୁଏ । ପୁଣି ତାହାର ପ୍ରଳୟଙ୍କରୀ ସଂହାର-ମୂର୍ତ୍ତି ଦେଖି ତା ବିରୁଦ୍ଧରେ ସଂଗ୍ରାମ କରେ; ତଥାପି ପ୍ରକୃତି ତାହାର ଅତି ପ୍ରିୟ, ଅତି ଆପଣାର ।

ମାନବ ସହିତ ପ୍ରକୃତିର ଏ ସମ୍ପର୍କ କେବଳ ବସ୍ତୁଜଗତରେ ନୁହେଁ, ଭାବ ଜଗତରେ ମଧ୍ୟ । ଜୀବନଧାରଣ ପାଇଁ ତା'ଠାରେ ମନୁଷ୍ୟର ଯେପରି ସ୍ଥୂଳ ପ୍ରୟୋଜନୀୟତା ରହିଛି, ତା'ର ପ୍ରାଣକୁ ଅନୁରଞ୍ଜିତ କରିବାପାଇଁ, ଭାବ ଓ ସୌନ୍ଦର୍ଯ୍ୟ-ଦୃଷ୍ଟିକୁ ବିସ୍ତାରିତ କରିବା ପାଇଁ ତାହାର ମଧ୍ୟ ଆବଶ୍ୟକତା ରହିଛି । ଏଇ ସମ୍ପର୍କଟା ଯେ କୃତ୍ରିମ ତାହା ନୁହେଁ ବରଂ ସହଜାତ, ନୈସର୍ଗିକ । ସେଥିପାଇଁ ଆର୍ଯ୍ୟଋଷି ପ୍ରକୃତିର ରୁଦ୍ରକାନ୍ତ ରୂପ ଦେଖି ଦେବତା ଜ୍ଞାନରେ ତା'ପ୍ରତି ନିଜର ଭୟ ଓ ଭକ୍ତି ଜଣାଇଛନ୍ତି । ତାହାର ପବିତ୍ର କୋଳରେ ଆଶ୍ରମ ନିର୍ମାଣ କରି ହୋମାଗ୍ନିର ଶିଖା ସଂଦୀପିତ କରିଛନ୍ତି ଏବଂ ବେଦ-ମନ୍ତ୍ରର ମନ୍ଦ୍ରମଧୁର ଧ୍ୱନିରେ ତାହାର କୋଳକୁ ମୁଖରିତ କରିଛନ୍ତି (୧) ।

---

(୧) ଋଗ୍‌ବେଦ ସଂହିତା, ଉପନିଷଦ, ପୁରାଣ ।

ମାନବର ଚିନ୍ତା ଓ ଜ୍ଞାନର ଉନ୍ମେଷ ସଙ୍ଗେ ସଙ୍ଗେ ପ୍ରକୃତି ଉପରେ କ୍ରମଶଃ ତା'ର ଏ ଦେବତ୍ୱ ଆରୋପ ପରମ୍ପରାର ଅବସାନ ଘଟିଛି । ପ୍ରକୃତି ଦର୍ଶନରେ ତା'ର ଭୀତି ଓ ବିସ୍ମୟ-ବିମୂଢ଼ତା କଟିଯାଇଛି । ପ୍ରକୃତି ଦେବତାର ଆସନରୁ ଓହ୍ଲାଇ ଆସି ଧୂଳି ମାଟିର ମଣିଷ ସହିତ କାନ୍ଧ ମିଳାଇ ଚାଲିଛି । କବିର ଦୃଷ୍ଟି ଓ କଳ୍ପନାକୁ ସୌନ୍ଦର୍ଯ୍ୟରେ ଅଭିଷିକ୍ତ କରି ପ୍ରକୃତି ନାନାବିଧ ବର୍ଣ୍ଣବିଭାରେ ଆତ୍ମ ପ୍ରକାଶ କରିଛି । ପାରମ୍ପରିକତାର ଅନୁରୋଧରେ ସ୍ଥାନେ ସ୍ଥାନେ ପ୍ରକୃତି ଯେ ଅଲୌକିକତାର ରାଗରେ ରଞ୍ଜିତ ହୋଇନାହିଁ ତା ନୁହେଁ, କିନ୍ତୁ ଅଲୌକିକତା ଅପେକ୍ଷା ଲୌକିକତାର ମାତ୍ରା ଅଧିକ । କେବଳ ସେତିକି ନୁହେଁ, ଉପମାନ ରୂପରେ ନାୟକ ଓ ନାୟିକାର ଅଙ୍ଗପ୍ରତ୍ୟଙ୍ଗ କିମ୍ବା ଅନ୍ୟ କୌଣସି ବସ୍ତୁ ସହିତ ତୁଳିତ ହେବାପାଇଁ ନିଜର ସୌଭାଗ୍ୟ ମନେକରିଛି । ସଂସ୍କୃତ କାବ୍ୟ, ନାଟକ ଓ ଅଳଙ୍କାର ସାହିତ୍ୟର ପୃଷ୍ଠା ଲେଉଟାଇଲେ ଦୃଷ୍ଟାନ୍ତର ଅଭାବ ହେବନି (୧) ।

ଆମ ଓଡ଼ିଆ ସାହିତ୍ୟରେ ସାରଳା ଯୁଗଠାରୁ ଆରମ୍ଭ କରି ଭଞ୍ଜ ଯୁଗର ଅବସାନ ପର୍ଯ୍ୟନ୍ତ ରଚିତ ହୋଇଥିବା ପୁରାଣ, କାବ୍ୟ ଓ କାହାଣୀ ପ୍ରଭୃତିରେ ପ୍ରକୃତି-ଆଲେଖ୍ୟର ଅଭାବ ନାହିଁ । କିନ୍ତୁ ଜ୍ଞାନବିଜ୍ଞାନର ପ୍ରସାର ସଙ୍ଗେ ସଙ୍ଗେ ପାଶ୍ଚାତ୍ୟ ସାହିତ୍ୟ ତଥା ପାଶ୍ଚାତ୍ୟ ଚିନ୍ତାଧାରା ପ୍ରଭାବପୁଷ୍ଟ ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟର ସ୍ରଷ୍ଟା ରାଧାନାଥଙ୍କ କାବ୍ୟ ସୃଷ୍ଟିରେ ଆମେ ପ୍ରକୃତିର ଯେଉଁ ଅଭିନବ ବୈଚିତ୍ର୍ୟମୟୀ ରୂପ ଲକ୍ଷ୍ୟକରୁ, ପ୍ରକୃତି ପ୍ରତି

---

(୧) ଅଭିଜ୍ଞାନ ଶକୁନ୍ତଳମ୍, ରଘୁବଂଶ, କୁମାରସମ୍ଭବ, ଋତୁସଂହାର, ଦଶକୁମାର ଚରିତ, କାଦମ୍ବରୀ ।

କବିଙ୍କର ଦୃଷ୍ଟିଭଙ୍ଗୀରେ ଯେଉଁ କ୍ରାନ୍ତିକାରୀ ପରିବର୍ତ୍ତନ ଲକ୍ଷ୍ୟକରୁଁ, ପ୍ରାଚୀନ ପୁରାଣ କିମ୍ବା କାବ୍ୟ ସାହିତ୍ୟରେ ତା'ର ସଙ୍କେତ ମିଳିବା ସମ୍ଭବ ନୁହେଁ ।

ସାରଳା ଦାସଙ୍କ ମହାଭାରତ ଓ ସାରଳାଯୁଗର ଅନ୍ୟ କବିଙ୍କ କୃତିରେ ଇତସ୍ତତଃ ବହିଃ ପ୍ରକୃତିର ଚିତ୍ର ରହିଛି; କିନ୍ତୁ ଚିତ୍ରଣରେ କଳାଗତ ଉତ୍କର୍ଷର ଅଭାବ ପାଠକ ଅନୁଭବ କରେ । ପଞ୍ଚସଖା ଯୁଗରେ ସାହିତ୍ୟ ଧର୍ମମୁଖୀ ହୋଇ ପଡ଼ିଥିବାରୁ ପ୍ରକୃତିର ଅଲୌକିକତା ଓ ସାତ୍ତ୍ୱିକ ପରିବେଶ ମଧ୍ୟରେ ପାଠକ ନିଜକୁ ହଜେଇ ଦିଏ । ସେହି ନଦୀ, ବନ, ପର୍ବତ, ବୃକ୍ଷଲତା ଓ ପଶୁପକ୍ଷୀଙ୍କର କମନୀୟ ବର୍ଣ୍ଣନା ରହିଛି, କିନ୍ତୁ ସେଗୁଡ଼ିକ ଧୂଳି ଧୂସରିତ ଧରଣୀଠାରୁ ସ୍ୱତନ୍ତ୍ର ବାରି ହୋଇଯାନ୍ତି । ଏପରିକି ବିଭିନ୍ନ ଋତୁରେ ନିତ୍ୟବସନ୍ତର ମାଧୁର୍ଯ୍ୟ ଓ କୋକିଳର କୁହୁ ସଂପର୍କରେ ପାଠକ ଆସିଥାଏ । ଭାଗବତରେ ବୃନ୍ଦାଟବୀର ବର୍ଣ୍ଣନା, ତା'ର କୁଞ୍ଜର ବୃକ୍ଷଲତା ଓ ବିବିଧ ପୁଷ୍ପ ପୁଣି କଳନାଦିନୀ ଯମୁନାର ପୂତ ମଧୁମୟୀ ତୀର ଦେଶରେ ଶ୍ରୀକୃଷ୍ଣଙ୍କର ଗୋଚାରଣ ଓ ଲୀଳା; ବନମାଳା, ଶିଖୀପୁଚ୍ଛ ଓ ଗୁଞ୍ଜମାଳୀଠାରୁ ଆରମ୍ଭକରି ବନର ପ୍ରତ୍ୟେକଟି ସଂପଦରେ ଭୂଷିତ ଶ୍ରୀକୃଷ୍ଣଙ୍କର ଅମୃତମୟ ରୂପ ମାନବ ଓ ପ୍ରକୃତିର ନିବିଡ଼ତମ ସଂପର୍କର ଯେଉଁ ସୂଚନା ଦିଅନ୍ତି, ତା'ର ତୁଳନା ଅନ୍ୟତ୍ର ବିରଳ ।

ପଞ୍ଚଦଶ, ଷୋଡ଼ଶ ଓ ସପ୍ତଦଶ ଶତାବ୍ଦୀରେ ରଚିତ କାବ୍ୟମାନଙ୍କରେ ପ୍ରକୃତି ରୂପାୟନରେ ଯେଉଁ ସ୍ୱଭାବୋକ୍ତିର କମନୀୟତା ପରିଲକ୍ଷିତ ହୁଏ, ସଂସ୍କୃତ ଆଲଂକାରିକ ରୀତି ପ୍ରଭାବ ପୁଷ୍ଟ କାବ୍ୟମାନଙ୍କରେ ତା'ର ବ୍ୟତିକ୍ରମ ପାଠକ ନିକଟରେ ସ୍ପଷ୍ଟ ହୋଇଉଠେ ।

ମହାକାବ୍ୟର ଅନୁଶାସନ ଦୃଷ୍ଟିରୁ ଗୀତକାବ୍ୟ ଗୁଡ଼ିକରେ ଋତୁ, ପର୍ବତ, କାନନ, କାସାର, ପୁଷ୍ପବାଟିକା, ସୂର୍ଯ୍ୟ, ଚନ୍ଦ୍ର, ବୃକ୍ଷଲତା ଓ ପଶୁପକ୍ଷୀର ବର୍ଣ୍ଣନା ରହିଛି; ପ୍ରକୃତିର ପ୍ରାୟ ପ୍ରତ୍ୟେକଟି ସଂପଦ ନାୟକ ନାୟିକାଙ୍କର ରୂପ ଓ ଗୁଣ ବର୍ଣ୍ଣନା ପ୍ରସଙ୍ଗରେ ଉପମାନ ରୂପେ ବ୍ୟବହୃତ ହୋଇଛନ୍ତି । ପୁଣି ନାୟକ ଓ ନାୟିକାଙ୍କର ଦାସତ୍ୱ ବରଣ କରି ସେମାନଙ୍କ ପାଇଁ ସମ୍ଭୋଗ ଓ ବିଳାସର ଖୋରାକ ଯୋଗାଇଛନ୍ତି; କିନ୍ତୁ ନାୟକ ନାୟିକା ପରି ପ୍ରକୃତିର ସ୍ୱତନ୍ତ୍ର ସତ୍ତା ବା ମାଧୁର୍ଯ୍ୟ ସ୍ୱୀକୃତ ହୋଇନାହିଁ । ବିଶେଷତଃ ଗୀତ-କାବ୍ୟଗୁଡ଼ିକ ଶୃଙ୍ଗାର ପ୍ରଧାନ ହୋଇଥିବାରୁ ଏବଂ ରଚନାଶୈଳୀରେ ବିଦଗ୍ଧ-ସୁଲଭ କଳାଗତ କୃତ୍ରିମତା ପରିଲକ୍ଷିତ ହେଉଥିବାରୁ ପ୍ରକୃତି ମଧ୍ୟ ବିଦଗ୍ଧସୁଲଭ ଆଭିଜାତ୍ୟର ପରିବେଶରେ ନିଜର ସ୍ୱଭାବସୁଲଭ ସରଳତା ହରାଇ କୃତ୍ରିମତାର ରଙ୍ଗ ବୋଳି ହୋଇଛି ।

କିନ୍ତୁ ଆଧୁନିକ ଓଡ଼ିଆ କାବ୍ୟ କ୍ଷେତ୍ରରେ ପ୍ରକୃତି ରାଧାନାଥଙ୍କ ହାତରେ ନବ ଜନ୍ମ ଲାଭ କରିଛି । ପ୍ରକୃତି ତା'ର ବୈଚିତ୍ର୍ୟମୟୀ ରୂପ ବିଭବରେ କବିଙ୍କର ସାରସ୍ୱତ ଚକ୍ଷୁକୁ ଉନ୍ମୀଳିତ କରିପାରିଛି ଏବଂ କାବ୍ୟ ବର୍ଣ୍ଣିତ ନାୟକ ନାୟିକାଙ୍କ ପରି ନିଜକୁ ଅପରିହାର୍ଯ୍ୟ କରି ନିଜର ସ୍ୱତନ୍ତ୍ର ରୂପସତ୍ତାରେ ମହିମାନ୍ୱିତ ହୋଇ ଉଠିଛି । କାବ୍ୟ ସୃଷ୍ଟିରେ ରାଧାନାଥ ଗତାନୁଗତିକତାର ବ୍ୟତିକ୍ରମ ଘଟାଇ ବିଷୟବସ୍ତୁ ଆହରଣ, ଚରିତ୍ର ପରିକଳ୍ପନା, ବର୍ଣ୍ଣନା, ଛନ୍ଦ, ରସ, ଅଳଙ୍କାର ଓ ଶୈଳୀ ପ୍ରଭୃତିରେ ଯେଉଁ ନୂତନତ୍ୱର ସଙ୍କେତ ଦେଇଛନ୍ତି ତନ୍ମଧ୍ୟରୁ ପ୍ରକୃତି ରୂପାୟନରେ ତାଙ୍କର ଅଭିନବ ଦୃଷ୍ଟିଭଙ୍ଗୀ କମ୍ ଗୁରୁତ୍ୱପୂର୍ଣ୍ଣ ନୁହେଁ । ରାଧାନାଥଙ୍କ ପରିବର୍ତ୍ତନ ମୂଳରେ ଇଂରାଜୀ ସାହିତ୍ୟର ରୋମାଣ୍ଟିକ୍ କାବ୍ୟ କବିତା, ଗ୍ରୀକ୍

ପୁରାଣର କଥାବସ୍ତୁ ଏବଂ ଅପର ପକ୍ଷରେ ଭାସ, କାଳିଦାସ, ଦଣ୍ଡୀ, ବାଣଭଟ୍ଟ ଓ ଭବଭୂତିଙ୍କର ଅମର ସୃଷ୍ଟି ରହିଥିଲେ ମଧ୍ୟ ରଚନା ଗୁଡ଼ିକରେ ତାଙ୍କର ପ୍ରତିଭା, ମନନଶୀଳତା, ଆହରଣ, ଆରୋପ ଓ ସମୀକରଣରେ ଅପୂର୍ବ କଳାପାଠବତା, ପୁଣି ତାଙ୍କର ଗଭୀର ଅନ୍ତର୍ଦୃଷ୍ଟିର ମୂଲ୍ୟ କିଛି କମ୍ ନୁହେଁ । ତାଙ୍କର କାବ୍ୟଗୁଡ଼ିକରୁ କଥାବସ୍ତୁ ବାଦଦେଲେ ଅନ୍ୟ ଯେଉଁ ମୁଖ୍ୟ ବିଭାଗଟି ପାଠକର ଦୃଷ୍ଟି ଆକର୍ଷଣ କରେ, ସେଇଟି ହେଉଛି ପ୍ରକୃତି । ଏ ପ୍ରକୃତି ପୁଣି କୌଣସି ଅଜଣା ଅଶୁଣା ସ୍ଥାନର ପ୍ରକୃତି ନୁହେଁ—ଚିର ପରିଚିତ ଆମର ଉତ୍କଳର ପ୍ରକୃତି । ଉତ୍କଳର ନଦୀ, ତଡ଼ାଗ, ହ୍ରଦ, ପର୍ବତ, ଆକାଶ, ସାଗର, ବୃକ୍ଷଲତା, ପଶୁପକ୍ଷୀ, ଉତ୍କଳ ଆକାଶର ସୂର୍ଯ୍ୟ ଚନ୍ଦ୍ର, ପ୍ରଭାତ ଓ ପ୍ରଦୋଷ, ଉତ୍କଳର ଋତୁରଙ୍ଗ, ଏପରକି ଦୃଷ୍ଟିର ଅଗୋଚରରେ ଅବହେଳିତ ଅବସ୍ଥାରେ ରହିଥିବା ପ୍ରତ୍ୟେକଟି ବୃକ୍ଷଲତା ଓ ପଶୁ-ପକ୍ଷୀ କବିଙ୍କ ଲେଖନୀର ଯାଦୁକରୀ ସ୍ପର୍ଶରେ ଯେପରି ଜୀବନ୍ତ ହୋଇ ଉଠିଛନ୍ତି, ଓଡ଼ିଆ ସାହିତ୍ୟରେ ବାସ୍ତବିକ ତାହା ବିଲକ୍ଷଣ ମନେ ହୁଏ । ରାଧାନାଥଙ୍କର ପ୍ରକୃତିରେ ଓଡ଼ିଶାର ଭୌଗୋଳିକ ପ୍ରକୃତିର ସଂକେତ ଥିଲେ ମଧ୍ୟ ତାହା ତଥ୍ୟପୂର୍ଣ୍ଣ ଭୂଗୋଳ ନହୋଇ ହୋଇଛି ରସପୂର୍ଣ୍ଣ କାବ୍ୟ । ଉତ୍କଳର ପ୍ରକୃତି ପ୍ରତି ତାଙ୍କର ଏ ନୈସର୍ଗିକ ଅନୁରାଗ ମୂଳରେ ରହିଛି ତାଙ୍କର ଦେଶପ୍ରୀତି, ସୌନ୍ଦର୍ଯ୍ୟ ପିପାସା ଓ ଜାଗ୍ରତ ଦୃଷ୍ଟି । ଅବଶ୍ୟ କବି ଜୀବନରେ ପ୍ରକୃତି ପ୍ରତି ତାଙ୍କର ଏ ଅନୁରାଗ ଆକସ୍ମିକ ନୁହେଁ; ବାଲ୍ୟକାଳରୁ ଏଇ ଅନୁରାଗର ବୀଜ ପ୍ରୋଥିତ ହୋଇଥିଲା ତାଙ୍କର ସରଳ ଚିତ୍ତରେ ।

ବାଲ୍ୟାବସ୍ଥାରେ ମାତୃ ବିୟୋଗ ହେତୁ ପ୍ରାଣରେ ସେ ଯେଉଁ ଶୂନ୍ୟତା ଉପଲବ୍ଧି କରିଥିଲେ, ତା'ର ସ୍ଥାନ ଅଧିକାର

କରିଥିଲା ଔଦାସୀନ୍ୟ ଓ ବିଜନତା-ପ୍ରୀତି । ସେଥିପାଇଁ ସେ କୋଳାହଳମୟ ଲୋକାଳୟ ଅପେକ୍ଷା ପ୍ରକୃତି କୋଳରେ ତା'ର ଶାନ୍ତ ବିବିକ୍ତ ମାଧୁର୍ଯ୍ୟ ଓ ସୌନ୍ଦର୍ଯ୍ୟ ଉପଲବ୍‌ଧି କରି ଶୂନ୍ୟ ପ୍ରାଣରେ ସାନ୍ତ୍ୱନାର ଉତ୍ସ ଖୋଜି ପାଇଥିଲେ । ଏହି ନିର୍ଜନତାପ୍ରୀତି ତାଙ୍କର ଭାବୁକତା ଓ କବିତ୍ୱର ବିକାଶରେ କମ୍ ସାହାଯ୍ୟ କରି ନାହିଁ । କବିଜୀବନରେ ମୁଖରିତ ନଗରର ରାଜସିକ କୃତ୍ରିମ ସୌନ୍ଦର୍ଯ୍ୟକୁ ପଛରେ ପକାଇ ନଦୀର ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟା ଓ ଦୂରର ଘନ ବୃକ୍ଷଲତା ସମାକୁଳ ନୀଳ ପର୍ବତରାଜିର ଶାନ୍ତ ସୁଷମାକୁ ପୂର୍ଣ୍ଣପ୍ରାଣରେ ଉପଲବ୍‌ଧି କରିବାପାଇଁ ତାଙ୍କର ଚିତ୍ତ ଧାଇଁ ଯାଇଛି । କବି ନିଜର ଅହେତୁକୀ ସୌନ୍ଦର୍ଯ୍ୟତୃଷ୍ଣା ମେଣ୍ଟାଇବାପାଇଁ ବହୁବାର ଉତ୍କଳର ପ୍ରସିଦ୍ଧ ପ୍ରାକୃତିକ ସ୍ଥାନ, ବିଭିନ୍ନ ଗଡ଼ଜାତ (୧) ଓ ଭାରତର ବିଭିନ୍ନ ରମଣୀୟ ପ୍ରାକୃତିକ ସ୍ଥାନ ଭ୍ରମଣ କରିଛନ୍ତି । ତାଙ୍କର ଏହି ଭ୍ରମଣକାଳୀନ ସୌନ୍ଦର୍ଯ୍ୟାନୁଭୂତିର ଅନ୍ତରଙ୍ଗ ପ୍ରତିରୂପ ରହିଛି ବିଭିନ୍ନ କାବ୍ୟ, କବିତା, ଭ୍ରମଣକାରୀର ପତ୍ର ଓ 'ଚିପାଖାତା'ରେ । ଏ ସମ୍ପର୍କରେ ତତ୍‌କାଳୀନ ଶିକ୍ଷାବିଭାଗୀୟ ଇନ୍‌ସ୍ପେକ୍‌ଟର୍ ଭୂଦେବ ମୁଖୋପାଧ୍ୟାୟଙ୍କ ପ୍ରେରଣା କବିଙ୍କୁ କମ୍ ସାହାଯ୍ୟ କରିନାହିଁ । ରାଧାନାଥ ସେତେବେଳେ ଇତିହାସ ଓ ପୁରାଣର କଥା ବସ୍ତୁକୁ ଭିତ୍ତିକରି ବଙ୍ଗଳାରେ କବିତା ରଚନା କରି ପ୍ରଶଂସିତ ହୋଇଥିଲେ । ସେ ସ୍ୱରଚିତ ଖଣ୍ଡିଏ ବଙ୍ଗଳା କାବ୍ୟର ପାଣ୍ଡୁଲିପି ଭୂଦେବ ବାବୁଙ୍କୁ ତାଙ୍କର ମତାମତ ପାଇଁ ଦେଖାଇବାରୁ ଭୂଦେବ ବାବୁ କହିଥିଲେ, "ଓଡ଼ିଶା ଅତି ସୁନ୍ଦର ଦେଶ । ଏ

---

(୧) ବାମଣ୍ଡା, ତାଳଚେର, ଢେଙ୍କାନାଳ, ରଣପୁର ମୟୂରଭଞ୍ଜ, କେନ୍ଦୁଝର ।

ଦେଶର ମନୋହର ପ୍ରକୃତି କବିତାର ସମ୍ପୂର୍ଣ୍ଣ ଉପଯୋଗୀ । ଓଡ଼ିଶା ବାସ୍ତବିକ କବିତ୍ୱପୂର୍ଣ୍ଣ ଶିଶୁର ଉପଯୁକ୍ତା ଧାତ୍ରୀ (Meet nurse for a poetic child) । ଓଡ଼ିଶାରେ ଯେଉଁଆଡ଼କୁ ଚାହିଁବ ନୂଆ ଗଳ୍ପ ଗାର ଉପାଦାନ ଯଥେଷ୍ଟ ରହିଅଛି (୧) ।" କବିଙ୍କର ବିଭିନ୍ନ କାବ୍ୟରେ ଉତ୍କଳ ପ୍ରକୃତିର ମନୋଜ୍ଞ ଛବି ରହିଛି; କିନ୍ତୁ ଉତ୍କଳ ପ୍ରକୃତି ପ୍ରତି ରାଧାନାଥଙ୍କ ହୃଦୟର ନୈସର୍ଗିକ ଆକର୍ଷଣ ଶୀର୍ଷ-ସ୍ଥଳରେ ଉପନୀତ ହୋଇଛି ତାଙ୍କର 'ଚିଲିକା' କାବ୍ୟରେ । କବିଙ୍କର ସାରସ୍ୱତ ଦୃଷ୍ଟିରେ ଚିଲିକା ଉତ୍କଳ କମଳାଙ୍କର କେବଳ ଗୋଟିଏ ଚିତ୍ର ଆଲେଖ୍ୟ ଶାଳିକା ନୁହେଁ, କେବଳ ଗୋଟିଏ ବିଳାସ କାସାର ନୁହେଁ, ଏହା ଲୀଳାବିଳାସ ନିପୁଣା ନାନା ଆଭରଣ-ଯୁକ୍ତା ଗୋଟିଏ ହାସ୍ୟମୟୀ ରୂପସୀ ରମଣୀ । 'ଚିଲିକା' ରାଧାନାଥଙ୍କ ଲେଖନୀରେ ପାଇଛି ତୀର୍ଥତ୍ୱର ଗୌରବ । ଉତ୍କଳ ପ୍ରକୃତିର ଏକ ରମଣୀୟ ଦୃଶ୍ୟକୁ ଭିତ୍ତି କରି ପୁଣି ତାକୁ କାବ୍ୟର ନାୟିକା ରୂପେ କଳ୍ପନା କରି ଏ ପ୍ରକାର କାବ୍ୟ ରଚନା କରିବା ବାସ୍ତବିକ ଓଡ଼ିଆ ସାହିତ୍ୟରେ ପ୍ରଥମ । ଅବଶ୍ୟ ଏ ପ୍ରକାର ରଚନା ପାଇଁ ସ୍କଟ୍‌ଲଣ୍ଡ୍‌ର ଜାତୀୟ କବି Scott ଙ୍କର Lady of the Lakeରୁ ସେ ପ୍ରେରଣା ପାଇଛନ୍ତି । କବି ପାଶ୍ଚାତ୍ୟର ରୋମାଣ୍ଟିକ୍ କାବ୍ୟ ସାହିତ୍ୟର ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜ କାବ୍ୟର ନାରୀ ଓ ପୁରୁଷ ଚରିତ୍ର ଏବଂ ସେମାନଙ୍କର ନଗ୍ନ ପ୍ରବୃତ୍ତି ଗୁଡ଼ିକୁ ରୂପ ଦେବାରେ ନିଜର ରୋମାଣ୍ଟିକ୍ ଦୃଷ୍ଟିଭଙ୍ଗୀର ଯେଉଁ ପରିଚୟ ଦେଇଛନ୍ତି, ପ୍ରକୃତିର ଆଲେଖ୍ୟ ଏହି ଦୃଷ୍ଟିଭଙ୍ଗୀରୁ ବାଦ୍ ଯାଇନାହିଁ । ନାରୀର ସୌନ୍ଦର୍ଯ୍ୟ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟର ବୈଚିତ୍ର୍ୟ ତଥା

---

(୧) ରାଧାନାଥ ଜୀବନୀ, ୧୦୨ ପୃଷ୍ଠା ।

ନୂତନତ୍ୱ ସଂପାଦନରେ କବିଙ୍କର ଏହି ରୋମାଣ୍ଟିକ୍ ଦୃଷ୍ଟିଭଙ୍ଗୀ ସ୍ପଷ୍ଟ ହୋଇ ଉଠିଛି ।

ରାଧାନାଥ ମୁଖ୍ୟତଃ ପ୍ରକୃତି-ବର୍ଣ୍ଣନାତ୍ମକ କବି (Descriptive) (୧) । ପ୍ରକୃତି ତୁଳନାରେ ରାଧାନାଥଙ୍କର କାବ୍ୟର କାହାଣୀ ଓ ଚରିତ୍ର ଅନେକତ୍ର ଗୌଣ ଅନୁମିତ ହେଲେ ମଧ୍ୟ ତାଙ୍କର ପ୍ରକୃତି ରୂପାୟନ କଥାବସ୍ତୁ ଓ ଚରିତ୍ର ନିରପେକ୍ଷ ନୁହନ୍ତି । କେବଳ ପ୍ରକୃତି ପାଇଁ କାବ୍ୟରେ ସେ ପ୍ରକୃତି ବର୍ଣ୍ଣନା କରିବାକୁ ଯାଇନାହାନ୍ତି । କାବ୍ୟର କଥାବସ୍ତୁ, ଘଟଣା ସମାବେଶ, ଭାବ, ପରିବେଶ, କଥାବସ୍ତୁର ଗତି, ସଂହତି ଓ ସାମୂହିକ ସୌଷ୍ଠବ ପ୍ରତି ତୀକ୍ଷ୍ଣ ଦୃଷ୍ଟି ଦେଇ କବି ନିଜର ଅନ୍ତଶ୍ଚକ୍ଷୁରେ ଧୃତ ପ୍ରକୃତିର ଧ୍ୟାନ-ରୂପଟିକୁ ନିଜର କଳ୍ପନା ଓ ଶିଳ୍ପ ନୈପୁଣ୍ୟରେ ଅପୂର୍ବ ରୂପ ଦେଇଛନ୍ତି । ପୁଣି ଘଟଣା, ଚରିତ୍ର ଓ ପରିବେଶ ପାଇଁ ଯେତିକି ଆବଶ୍ୟକ କେବଳ ସେତିକି, ଅବାନ୍ତର ବା ଅପରିମିତ ବର୍ଣ୍ଣନା ସମ୍ପର୍କରେ କବି ସର୍ବଦା ସଚେତ । ଓ୍ୱାର୍ଡ୍‌ସ୍ ଓ୍ୱାର୍ଥ ବା ମଧୁସୂଦନଙ୍କ ପରି ସେ ପ୍ରକୃତି ମଧ୍ୟରେ କୌଣସି ତତ୍ତ୍ୱ ବା ଇନ୍ଦ୍ରିୟାତୀତ ଶକ୍ତିର ସଂଧାନ କରିନାହାନ୍ତି । ଇଂରାଜୀ କବି ବାଇରନ୍ ଓ ସ୍କଟ୍‌ଙ୍କପରି ପ୍ରକୃତିର ବାହ୍ୟ ରୂପରେ ସେ ମୁଗ୍ଧ ଓ ଆତ୍ମହରା ହୋଇ ନିଜର ନିବିଡ଼ ଅନୁଭୂତି ଓ ସୂକ୍ଷ୍ମ ଦୃଷ୍ଟିରେ ପ୍ରକୃତିର ବାସ୍ତବ ଅଥଚ ମଞ୍ଜୁଳ ଛବି ଅଙ୍କନ କରିଛନ୍ତି । ଟେନିସନ୍‌ଙ୍କ ପରି ସେ ପ୍ରକୃତିକୁ ନିଖୁଣ ନିଖୁଣ ଦେଖିଛନ୍ତି ଏବଂ ପ୍ରତ୍ୟେକଟି ଅନୁଭୂତି, ଦୃଶ୍ୟ ଓ ବସ୍ତୁକୁ ନିଜର ସ୍ୱଭାବସୁଲଭ କମନୀୟ ଭଙ୍ଗୀରେ ଠିକ୍‌ଠିକ ଭାବରେ ବର୍ଣ୍ଣନା କରିଛନ୍ତି । ଚିଲିକାର ତୀରଭୂମିର ବର୍ଣ୍ଣନା, ମହାଯାତ୍ରାରେ

---

(୧) ରାଧାନାଥ ଓ ଉତ୍କଳ ସାହିତ୍ୟ—ପଣ୍ଡିତ ନୀଳକଣ୍ଠ ଦାସ ।

ମହାନଦୀର ସପ୍ତକୋଶୀ ଓ ମଧ୍ୟପ୍ରଦେଶର ନିଘଞ୍ଚ ଅରଣ୍ୟ ପୂର୍ଣ୍ଣ ମାଳଭୂମିର ଭୀମକାନ୍ତ ଦୃଶ୍ୟର ବର୍ଣ୍ଣନା ଏବଂ ମେଘାସନ ଓ ମହେନ୍ଦ୍ରଗିରି ପ୍ରଭୃତିର ବର୍ଣ୍ଣନାକୁ ଦୃଷ୍ଟାନ୍ତ ରୂପେ ଗ୍ରହଣ କରାଯାଇପାରେ ।

ରାଧାନାଥ ତାଙ୍କର ରଚନାରେ ଇନ୍ଦ୍ରିୟ ଗ୍ରାହ୍ୟ ବହିଃ ପ୍ରକୃତି ପ୍ରତି ଯେପରି ଆକୃଷ୍ଟ, ମାନବ ଜୀବନ କିମ୍ବା ମାନବର ଅନ୍ତଃ ପ୍ରକୃତି ପ୍ରତି ତାଙ୍କର ସେତେ ଆକର୍ଷଣ ନାହିଁ । କବିଙ୍କ ଭାଷାରେ କହିବାକୁ ଗଲେ—"ମୋର ରଚନା ସହିତ ଜୀବନର କୌଣସି ସମ୍ପର୍କ ନାହିଁ । ମୁଁ କେବଳ ବହିଃ-ସଂସାରର ପ୍ରାକୃତିକ ଦୃଶ୍ୟର ସୌନ୍ଦର୍ଯ୍ୟ ଧ୍ୟାନ ବ୍ୟାପୃତ ଥିଲି । ପାର୍ବତୀୟ ପ୍ରଦେଶରେ ପୁନଃ ପୁନଃ ପରିଭ୍ରମଣ ନିବନ୍ଧନ ପ୍ରକୃତି ସହିତ ଆଳାପ ପରିଚୟର ମଧ୍ୟ ଯଥେଷ୍ଟ ସୁବିଧା ପାଇଥିଲି । ମୋର ଓଡ଼ିଆ କାବ୍ୟଗୁଡ଼ିକ ଉକ୍ତଳୀୟ ପ୍ରକୃତିର ପ୍ରତିକୃତି କହିଲେ ମଧ୍ୟ ଚଳେ ।" (୧)

କବି ବହିଃ-ସଂସାରର ପ୍ରାକୃତିକ ଦୃଶ୍ୟର ସୌନ୍ଦର୍ଯ୍ୟ ପ୍ରତି ଆକୃଷ୍ଟ ହେଲେ ମଧ୍ୟ ତାଙ୍କର ଅନୁଭୂତି ବା ସୌନ୍ଦର୍ଯ୍ୟ ବୋଧର ପରିସର କେବଳ ସେତିକିରେ ସୀମିତ ହୋଇଯାଇ ନାହିଁ । ଇଂରାଜୀ କବି କୀଟ୍‌ସଙ୍କ ପରି ଅବଶ୍ୟ ତାଙ୍କର ରୂପ ଓ ସୌନ୍ଦର୍ଯ୍ୟ ପିପାସା ପ୍ରବଳ; ପୃଥିବୀର ପ୍ରତ୍ୟେକଟି ସୌନ୍ଦର୍ଯ୍ୟର ଉପାଦାନ ତାଙ୍କ ପ୍ରାଣରେ ଆନନ୍ଦ ଆଣି ଦେଇଛି, (୨) କିନ୍ତୁ ଉପଲବ୍ଧିର ଏକ ଚରମ ତନ୍ମୟତାପୂର୍ଣ୍ଣ ମୁହୂର୍ତ୍ତରେ ସେଇ ସୌନ୍ଦର୍ଯ୍ୟ ତାଙ୍କ ଚିତ୍ତରେ ଅସୀମ ସ୍ୱର୍ଗୀୟ ମାଧୁର୍ଯ୍ୟର ସ୍ୱାଦ ଆଣି ଦେଇଛି । ଥରେ ନୁହେଁ, ବାରମ୍ବାର

(୧) ରାଧାନାଥ ଜୀବନୀ—୫୯୨ ପୃଷ୍ଠା

(୨) A thing of beauty is a joy for ever —Keats.

ଦେଖୁଥିଲେ ମଧ୍ୟ ତାଙ୍କର ଚିତ୍ତ କ୍ଳାନ୍ତ ହୋଇ ପଡ଼ିନାହିଁ । ସବୁଥର ଅତି ନୂତନ, ସୁନ୍ଦରରୁ ସୁନ୍ଦରତର ଜଣାପଡ଼ୁଛି । କବିଙ୍କ ଭାଷାରେ—

"ସୁନ୍ଦରରେ ତୃପ୍ତିର ଅବସାଦ ନାହିଁ,
ଯେତେ ଦେଖିଲେ ହେଁ ନୂଆ ଦିଶୁଥାଇ ।" ( ୧ )
( ଚିଲିକା )

ଏଇ ଅନୁଭୂତିର ସ୍ତରରେ ବାସ୍ତବିକ କବି ହୁଏ ଦ୍ରଷ୍ଟା ଓ ସ୍ରଷ୍ଟା । ବିଧାତା ସୃଷ୍ଟ ଜଗତ୍ ଅପେକ୍ଷା ତା'ର ସୃଷ୍ଟି ଅଧିକ ଚିତ୍ତ ଚମତ୍କାରପ୍ରଦ ହୁଏ, ପୁଣି ତାହାର ସୃଷ୍ଟିର ସୌନ୍ଦର୍ଯ୍ୟ ବିଧାତାଙ୍କ ସୃଷ୍ଟିରେ ମିଳେନାହିଁ । 'ଯେ ପ୍ରକୃତ ଦ୍ରଷ୍ଟା ପ୍ରକୃତିର ସୌନ୍ଦର୍ଯ୍ୟ ଉପଲବ୍ଧି ସମୟରେ ତା'ର ଏକ ଧ୍ୟାନାଭିନିବେଶ ଘଟିଥାଏ । ଏଇ ଧ୍ୟାନ ବା ତନ୍ମୟତା ବଳରେ କବି ଚିତ୍ତରେ ନାନାବିଧ ରେଖା ଓ ବର୍ଣ୍ଣର ସାମଞ୍ଜସ୍ୟ ଏବଂ ପ୍ରକୃତିର ନାନା ବ୍ୟାପାର ସହିତ ମନୁଷ୍ୟର ନାନା ବ୍ୟାପାରର ସାଦୃଶ୍ୟ ତଥା ସାମଞ୍ଜସ୍ୟ ହୃଦୟରେ ଗ୍ରଥିତ ହୋଇଥାଏ । ଏକ ଦିଗରେ ସେ ଯେପରି ପ୍ରକୃତିର ସୌନ୍ଦର୍ଯ୍ୟ ନିରୀକ୍ଷଣ କରେ, ଅନ୍ୟ ଦିଗରେ ସେହିପରି ଅଜ୍ଞାତରେ ନିଜ ହୃଦୟରେ ପ୍ରକୃତିଗତ ନାନା ସାମଞ୍ଜସ୍ୟ ଅଙ୍କିତ କରି ହୃଦୟକୁ ସୌନ୍ଦର୍ଯ୍ୟ ସୃଷ୍ଟିର ଉପାଦାନରେ ପରିପୂର୍ଣ୍ଣ କରିଥାଏ । ସେ ପ୍ରକୃତିରୁ ଗୃହୀତ ଉପାଦାନରେ ନିଜ ସୃଷ୍ଟିର ସୌନ୍ଦର୍ଯ୍ୟ ବଢ଼ାଇଥାଏ ଏବଂ ନିଜେ ପ୍ରଜାପତି ହୋଇ ପ୍ରଜାପତିଙ୍କ ସୃଷ୍ଟି ଅପେକ୍ଷା ଆହୁରି ସୁନ୍ଦର ସୃଷ୍ଟି ରଚନା କରେ ( ୨ ) ।'

---

(୧) କ୍ଷଣେ କ୍ଷଣେ ଯନ୍ନବତାମୁପୈତି
ତଦେବ ରୂପଂ ରମଣୀୟତାୟାଃ—ମାଘ

(୨) ସୌନ୍ଦର୍ଯ୍ୟତତ୍ତ୍ୱ—ଡକ୍ଟର ସୁରେନ୍ଦ୍ରନାଥ ଦାଶଗୁପ୍ତ ।

ସେଥିପାଇଁ ବସ୍ତୁଜଗତର ସୌନ୍ଦର୍ଯ୍ୟ କଳାଜଗତର ସୌନ୍ଦର୍ଯ୍ୟ ସହିତ ସମକକ୍ଷ ହୋଇ ପାରେନାହିଁ ( ୧ ) । ଏହି ଦୃଷ୍ଟିରୁ ବିଚାର କଲେ ପାଠକ ପ୍ରାକୃତିକ ଚିଲିକା ଓ କବିସୃଷ୍ଟ ଚିଲିକା ମଧ୍ୟରେ କି ପ୍ରଭେଦ ରହିଛି ଜାଣି ପାରିବେ । ଚିଲିକା କେବଳ ଉତ୍କଳର ଗୃହର ଅଳଙ୍କାର ନୁହେଁ, କେବଳ ଶୋଭାର ଭଣ୍ଡାର ନୁହେଁ, ତା'ଠାରୁ ଆଉ କିଛି ଅଧିକ । ସେଥିପାଇଁ କବି ତା'ର ସୌନ୍ଦର୍ଯ୍ୟର ପଟାନ୍ତର ପାଇ ନାହାନ୍ତି, ଥରେ ଦେଖି ତୃପ୍ତ ହୋଇ ନାହାନ୍ତି, ତା'ର ପ୍ରକୃତ ଛବି ଅଙ୍କିବାକୁ ଭାଷା ପାଇ ନାହାନ୍ତି—

"ଭାରତୀ ଭକତ କେଉଁ ରୂପପାୟୀ
ତୃପ୍ତ ହେବ ଏହା ଥରେ ମାତ୍ର ଧ୍ୟାୟି ।
ବଚନ ବିଷୟ ନୁହଇ ଏ ଛବି
ହୃଦ ସେ କେବଳ ପାରେ ଅନୁଭବି ।"

( ଚିଲିକା )

---

(୧) (i) The beauty of nature, however, exhibits great defects; what are above all necessary for exhibition of true beauty are infinitude and freedom.

—The Philosophy of Hegel—W. T. Stace.

(ii) If therefore the human mind is adequately to apprehend the Absolute in sensuous from which is the demand of the spirit in the present sphere, it must rise above nature. It must create objects of beauty for itself.

—The Philosophy of Hegel—W. T. Stace.

ଯୁଣି ଏ ସୌନ୍ଦର୍ଯ୍ୟ ପବିତ୍ରତା ନିରପେକ୍ଷ ନୁହେଁ, ଶୁଦ୍ଧ ସାତ୍ତ୍ୱିକ ଭାବର ଦ୍ୟୋତକ ମଧ୍ୟ—

"ପବିତ୍ର ସୁନ୍ଦର ସୁନ୍ଦର ପାବନ,
ତୋଠାରେ ହୋଇଛି ଏହା ସଙ୍ଘଟନ ।"

( ଚିଲିକା )

ଏ ତୃପ୍ତି ବା ଆନନ୍ଦ କବିଗୁରୁ ରବୀନ୍ଦ୍ରଙ୍କର ବିନା ପ୍ରୟୋଜନର ଆନନ୍ଦ । କବିଙ୍କର ଗଭୀର ଅନୁଭୂତି, ମଞ୍ଜୁଳ କଳ୍ପନା, ଭାବର ନୈସର୍ଗିକ ପରିସ୍ଫୁର୍ତ୍ତି, ରସବୋଧ, କମନୀୟ ପ୍ରକାଶ ଭଙ୍ଗୀ, ମାର୍ଜିତ ଭାଷା, ମଧୁର ପଦବିନ୍ୟାସ, ବ୍ୟଞ୍ଜନା, ନାନାବିଧ ଅଳଙ୍କାରର ( ଉପମା, ରୂପକ, ଉତ୍ପ୍ରେକ୍ଷା, ବ୍ୟତିରେକ, ଅର୍ଥାନ୍ତରନ୍ୟାସ, ପ୍ରତୀପ, ଅନୁପ୍ରାସ ) ପରିମିତ ପ୍ରୟୋଗରେ ଉତ୍କଳ ପ୍ରକୃତିର ପ୍ରତ୍ୟେକଟି ଅଂଶ ମାନବୀୟତାର ଭିତରେ ଯେପରି ଜୀବନ୍ତ, ସେହିପରି ପ୍ରାଣସ୍ପର୍ଶୀ ହୋଇ ଉଠିଛି । ପ୍ରକୃତି କେବଳ ପ୍ରକୃତି ହୋଇ ରହିନାହିଁ, ପାଇଛି ଚରିତ୍ରର ଗୌରବ ।

ରାଧାନାଥ ନିଜ ସୃଷ୍ଟିରେ ଚରିତ୍ରମାନଙ୍କର ବିଭିନ୍ନ ଅବସ୍ଥା ଓ ପରିବେଶରେ ପ୍ରକୃତିର ଅନୁରୂପ ରୂପ ବୈଚିତ୍ର୍ୟ ପରିସ୍ଫୁଟ କରିବାକୁ ଚେଷ୍ଟା କରିଛନ୍ତି । ଅନେକ କ୍ଷେତ୍ରରେ ଭାବ, ଚିତ୍ରକଳ୍ପ, ଭାଷା ଓ ଅଳଂକାର ଦୃଷ୍ଟିରୁ ଏକଜାତୀୟ ପ୍ରକୃତି ବର୍ଣ୍ଣନାର ଆପାତତଃ ପୁନରାବୃତ୍ତି ଦେଖାଗଲେ ମଧ୍ୟ ( ୧ ) କାବ୍ୟର ରସ ଓ ପରିବେଶକୁ ସମ୍ପୂର୍ଣ୍ଣ ପ୍ରଚ୍ଛାଦନ କରି କବି ତା'ର ପୁନରାବୃତ୍ତି ଘଟାଇ ନାହାନ୍ତି । 'ଚିଲିକା' ଓ 'ମହାଯାତ୍ରା'ର ଶାନ୍ତ ଗମ୍ଭୀରଭାବଦ୍ୟୋତକ

(୧) **ରାଧାନାଥ ଓ ନିସର୍ଗ ପ୍ରକୃତି—ଶ୍ରୀ ଯତୀନ୍ଦ୍ରମୋହନ ମହାନ୍ତି ।**

ପ୍ରକୃତ ପ୍ରଣୟ ତଥା ଶୃଙ୍ଗାର ପ୍ରଧାନ 'ଯଯାତି କେଶରୀ'ର ପ୍ରକୃତିର ଅନୁକୂଳ ନୁହେଁ । ପୁଣି ନନ୍ଦକେଶ୍ୱରୀର ପ୍ରକୃତି ମହାଯାତ୍ରା ବା ଚିଲିକା ପ୍ରକୃତିର ଅନୁକୂଳ ନୁହେଁ । ଏପରିକି ବିଭିନ୍ନ କାବ୍ୟରେ ଅଙ୍କିତ ସନ୍ଧ୍ୟାରହିଁ ଛବି-ଭାଷା, ଭାବ ଓ ଶବ୍ଦକଳ୍ପ ଦୃଷ୍ଟିରୁ ଆପାତତଃ ପୁନରାବୃତ୍ତ ହେଲାପରି ଜଣା ପଡ଼ୁଥିଲେ ମଧ୍ୟ ଅଭିମୁଖ୍ୟ ଏକା ନୁହେଁ ।

ଉଦାହରଣ ସ୍ୱରୂପ ସାଗର ବେଳାର ସିକତାମୟ ପ୍ରଦେଶରେ ରୂପମଦବିହ୍ୱଳା ଚନ୍ଦ୍ରଭାଗା ଯେତେବେଳେ କନ୍ଦୁକ କ୍ରୀଡ଼ାରେ ଚଞ୍ଚଳ ହୋଇ ଉଠିଛି, ତା'ର ସ୍ତନାଙ୍କୁରକୁ ସ୍ପର୍ଶ କରୁଥିବା ତରଳ ମୋତିମାଳା, ତା'ର ଦୁକୂଳ, ଶ୍ଳଥ କବରୀ ଓ ଭ୍ରୂଲତାରେ ଯେଉଁ କାନ୍ତ କ୍ରୀଡ଼ା ଚପଳତା ଦେଖା ଦେଇଛି ତା'ର ପୂର୍ବାଭାସ ରହିଛି ସାଗର ବେଳାର ମଧୁମୟୀ ଶରତ୍ ସନ୍ଧ୍ୟା ବର୍ଣ୍ଣନାରେ । କବି ଲେଖିଛନ୍ତି—

"ମଧୁର ପ୍ରଦୋଷ ସମୟ
ସ୍ୱର୍ଣ୍ଣ କିରଣ ବୋଳା,
କାଦମ୍ବିନୀ ଖେଳେ ଗଗନେ
ଧୀର ସମୀର ଲୋଳା ।
ଗୋଧୂଳି ଗଗନ ସୁଚିତ୍ର
କ୍ଷଣେ ଶତ ବରଣେ,
ଶତ ମନୋରଥ ଝଲକେ
ଯେସନେ ଆଶା କାନନେ ।

× × ×

ବାରୁଣୀ ଦର୍ପଣ ପରିଷ୍ଟେ
ଟଳେ ସର ସଲିଲ,
ସୁବର୍ଣ୍ଣ ଲହରୀ ସୃଜଇ
ତହିଁ ମନ୍ଦ ଅନିଳ ।
ନୀଳ ପାରିବାର ଅଦୂରେ
ଗାଏ ଅମର ଗୀତ,
ଅମର ତରଙ୍ଗ ନର୍ତ୍ତନେ
ବେଳା ହୁଏ ଧ୍ୱନିତ ।

ସାନ୍ଧ୍ୟ ପ୍ରକୃତିର ଯେଉଁ ମଧୁର ଚଞ୍ଚଳତା ଦେଖା ଦେଇଛି ସେଇ ଚଞ୍ଚଳତାର ପରିବେଶରେ ସୁନ୍ଦରୀ ଚନ୍ଦ୍ରଭାଗାର ଅନୁରୂପ ହାବଭାବ ଓ କ୍ରୀଡ଼ା-ଚପଳତା ଫୁଟି ଉଠିଛି; କିନ୍ତୁ ପ୍ରକୃତିର ଏଇ ସ୍ୱଭାବ ଉନ୍ମାଦନା ବା ଗତି ମୁଖରତା ( ଚଞ୍ଚଳତା ) ଆମେ ନନ୍ଦକେଶ୍ୱରୀରେ ପାଇବା ନାହିଁ । ନନ୍ଦିକାଙ୍କ ପକ୍ଷରେ ଯେଉଁ ଅନାଗତ ରଜନୀ ବିଶେଷ ଗୁରୁତ୍ୱପୂର୍ଣ୍ଣ ସେଇ ଅବସରରେ ତାଙ୍କର ପ୍ରତୀକ୍ଷମାଣ ଚିତ୍ତର ଅବସ୍ଥା ସହିତ କିଂଚିତ୍ ସାମଞ୍ଜସ୍ୟ ରକ୍ଷି ସଂଧ୍ୟାର ପ୍ରକୃତି ହୋଇଛି ଧୀର ( ୧ ) । କବିଙ୍କ ଭାଷାରେ,—

"ଡୁବନ୍ତି ଦିନାନ୍ତେ ତପ୍ତହେମଛବି
ଧୀରେ ଦେବୀଦ୍ୱାରେ ଗିରିଶୃଙ୍ଗେ ରବି,
ପୀତ କର ଜାଲେ ଢାକୁଛି ଭୁବନ
ସୁଖ ସ୍ୱପ୍ନପ୍ରାୟେ ହରେ ଜନମନ ।"

---

(୧) ସନ୍ଧ୍ୟାର ରୂପକାର ରାଧାନାଥ—ଶ୍ରୀ ହରିଶ୍ଚନ୍ଦ୍ର ବଡ଼ାଲ ।

ତେବେ ଋତୁ ଓ ସନ୍ଧ୍ୟା ପ୍ରକୃତି ପ୍ରଭୃତିର ବର୍ଣ୍ଣନାରେ ପ୍ରାୟ ଏକ ଜାତୀୟ ଭାଷା, ଚିତ୍ରକଳ୍ପ ଓ ଭାବକଳ୍ପ ଅବଶ୍ୟ ସମାଲୋଚକଙ୍କ ଦୃଷ୍ଟିରେ କିଞ୍ଚିତ୍ ଦୂଷଣୀୟ ( ୧ )।

ରାଧାନାଥଙ୍କ ସୃଷ୍ଟିରେ ତାଙ୍କର ପ୍ରକୃତିକୁ ଯଦି ଆମେ ବିଶଦଭାବରେ ଆଲୋଚନା କରିବା, ତାଙ୍କର ରୂପାୟନରେ ଆମେ ସ୍ଥୂଳତଃ କେତେଗୁଡ଼ିଏ ବିଶେଷତ୍ୱ ( ପୂର୍ବଆଲୋଚିତ ବିଶେଷତ୍ୱ ସହ) ଲକ୍ଷ୍ୟ କରିପାରିବା । ସେଇ ବିଶେଷତ୍ୱ ମଧ୍ୟରୁ ଗୋଟିଏ ହେଉଛି ବାସ୍ତବତାର ଭିତ୍ତିରେ (Realistic) ପ୍ରକୃତିର ସ୍ୱଭାବସୁନ୍ଦର ପ୍ରତ୍ୟକ୍ଷ ବର୍ଣ୍ଣନା ବା ସ୍ୱଭାବୋକ୍ତିରେ ବହିଃପ୍ରକୃତିର ମନୋଜ୍ଞ ଆଲେଖ୍ୟ । ଯେ କୌଣସି ପ୍ରକୃତି କିମ୍ବା ପ୍ରାକୃତ ବସ୍ତୁର ଏକ ନୈସର୍ଗିକ ମାଧୁର୍ଯ୍ୟ ରହିଛି, ତା'ର ସ୍ୱଭାବସୁନ୍ଦର ବର୍ଣ୍ଣନା ଯେ କୌଣସି ପାଠକର ପ୍ରାଣ ସ୍ପର୍ଶ କରିବ, ଏଥିରେ ସନ୍ଦେହ ନାହିଁ । ପାଠକ ରାଧାନାଥଙ୍କର ଯେ କୌଣସି କାବ୍ୟରେ ଏହାର ବହୁଳ ଦୃଷ୍ଟାନ୍ତ ପାଇବେ । 'ଚିଲିକା'ରେ ଚିଲିକାର ତୀର ଭୂମିର ବର୍ଣ୍ଣନା; 'ମହାଯାତ୍ରା'ରେ ଉତ୍କଳର ଅରଣ୍ୟ ପ୍ରକୃତିର ବିପୁଳ ବୈଚିତ୍ର୍ୟ (ମହାନଦୀର ସପ୍ତକୋଶୀ, ମେଘାସନ, ମାଲ୍ୟଗିରି, ଗୋନାସା, ମୈନାକ, କପିଳାସ ଓ ପଞ୍ଚଧାରର ବର୍ଣ୍ଣନା ), ମଧ୍ୟ ପ୍ରଦେଶର

---

(୧) ସ୍ୱର୍ଣ୍ଣକିରଣ, ସୁବର୍ଣ୍ଣ ଲହରୀ (ଚନ୍ଦ୍ରଭାଗା); ରବିଙ୍କର ତପ୍ତହେମଛବି, ବାରୁଣୀର ସ୍ୱର୍ଣ୍ଣଚେଳ, ସ୍ୱର୍ଣ୍ଣ ମେଘକୁ ଲକ୍ଷ୍ୟକରି ସ୍ୱର୍ଣ୍ଣବିମାନ, ସ୍ୱର୍ଣ୍ଣରଥ ସ୍ୱର୍ଣ୍ଣନଦୀ, ସ୍ୱର୍ଣ୍ଣପୋତ, ସ୍ୱର୍ଣ୍ଣମଂଚ, ସ୍ୱର୍ଣ୍ଣଆସନ (ନନ୍ଦିକେଶ୍ୱରୀ), ରବିବିମ୍ବ ବିରଞ୍ଚିଙ୍କର ସୁବର୍ଣ୍ଣ ବ୍ରହ୍ମାଣ୍ଡ (ପାର୍ବତୀ), ଅଭ୍ର ସ୍ୱର୍ଣ୍ଣକାନ୍ତି, ସ୍ୱର୍ଣ୍ଣସିଂହାସନ (ଚିଲିକା)—ଏ ସବୁଥିରୁ ମନେହୁଏ ଉପମାନ ସ୍ୱର୍ଣ୍ଣ ଛଡ଼ା କବି ଆଉ କିଛି ପାଇ ନାହାନ୍ତି ।

ଅରଣ୍ୟ ସଙ୍କୁଳ ମାଲଭୂମି, ସାତପୁରା, ତାପ୍ତି ଓ ସହ୍ୟାଦ୍ରିର ବର୍ଣ୍ଣନା, କେଦାରଗୌରୀରେ ସଂଧ୍ୟା ବର୍ଣ୍ଣନା ଏବଂ ଯଯାତି କେଶରୀରେ ବିରଜାଦେବୀଙ୍କର ଦେବାଳୟ ପାବଚ୍ଛୁ ପ୍ରକ୍ଷାଳିକା ପୂତନୀରା ବୈତରଣୀ ତୀରଭୂମିର ମନୋଜ୍ଞ ବର୍ଣ୍ଣନା ପ୍ରଭୃତି ହେଉଛି ଏହାର ଦୃଷ୍ଟାନ୍ତ (୧) । କାନନ ଓ ତପୋବନ ବର୍ଣ୍ଣନାରେ ରାଧାନାଥ

---

(୧) (।) କମଳା ବିଳାସ ଭୂମି ତୋର ତୀର,
ଫଳଫୁଲ ଶସ୍ୟେ ସଦା ସୁରୁଚିର,
ନାରିକେଳ, ପୂଗ, ପନସ, ରସାଳ,
ମୁଚୁକୁନ୍ଦ, ଚମ୍ପା, କେଶର, ତମାଳ ।

× × ×

ପୁରାଣ ଶାଳ୍ମଳୀ ସୁବିଶାଳ କାୟ,
ଶ୍ୟେନ ଶ୍ୟେନୀ ଯହିଁ ରଚନ୍ତି କୁଳାୟ ।
ଗ୍ରାମ ଦେବତାଙ୍କ ମଣ୍ଡପ-ବିତାନ,
ସିନ୍ଦୂରିତ ପୁଷ୍ପ ଗୁଚ୍ଛେ ଗୋଡ଼ବାଣ ।
ଶିବାଳୟ ଉପକଣ୍ଠେ କନିଅର,
ସୁବର୍ଣ୍ଣ ଚଷକଧର ମଧୁପର ।

\+ \+ \+

ବୈଦୁର୍ଯ୍ୟ-କଣ୍ଠି-ଧାରୀ ତୁଙ୍ଗତାଳ
ସରୋବର ତୀରେ ଶୋଭେ ମାଳମାଳ ।

× × ×

ବନଦ୍ରୁମ ଯା'ର ଯୋଗ୍ୟ ପୁତ୍ରବତ୍,
ଭଗ୍ନଶୀର୍ଷ ଉତ୍କଳ ସ୍ତମ୍ଭେ ପରିଣତ ।

(ଚିଲିକା)

ସଂସ୍କୃତ କବି ଭାସ, କାଳିଦାସ, ଦାଣ୍ଡୀ, ବାଣଭଟ୍ଟ ଏବଂ ଇଂରାଜୀ କବି ବାଇରନ୍ (Child Harold ର ରାଇନ୍ ନଦୀ ତୀରବର୍ତ୍ତୀ କାନନ ବର୍ଣ୍ଣନା) ପ୍ରଭୃତିଙ୍କଠାରେ ଋଣୀ ହେଲେ ମଧ୍ୟ ସ୍ୱୀୟ ପ୍ରତିଭାର କାଞ୍ଚନ ସ୍ପର୍ଶରେ ସେଗୁଡ଼ିକ ସ୍ୱତନ୍ତ୍ର ମାଧୁର୍ଯ୍ୟମଣ୍ଡିତ ହୋଇଛନ୍ତି ।

ରାଧାନାଥଙ୍କ ପ୍ରକୃତିରେ ଦ୍ୱିତୀୟ ଉଲ୍ଲେଖଯୋଗ୍ୟ ବିଶେଷତ୍ୱଟି ହେଉଛି ମାତୃଭୂମି ଅନୁରାଗ ଓ ଜାତୀୟତାବୋଧ । ଉତ୍କଳର ପ୍ରତ୍ୟେକଟି ତୀର୍ଥ, ପ୍ରତ୍ୟେକଟି ଐତିହାସିକ ସ୍ଥାନ କବିଙ୍କର ଯେପରି ପ୍ରିୟ ଉତ୍କଳ ପ୍ରକୃତିର ପ୍ରତିଟି ପରିଚିତ ଓ ଅପରିଚିତ ତଥା ଅବହେଳିତ ଦୃଶ୍ୟ ମଧ୍ୟ ତାଙ୍କର ପ୍ରିୟ । ପୁଣି ଉତ୍କଳର ପ୍ରତିଟି ନଦୀ, ପ୍ରତିଟି ପର୍ବତ, ଅରଣ୍ୟ, ପୁଷ୍କରିଣୀ ଓ ହ୍ରଦ କବିଙ୍କର କଳ୍ପନା, କିମ୍ବଦନ୍ତୀ-ପ୍ରିୟତା ଓ ବାସ୍ତବ ତଥା ରୋମାଣ୍ଟିକ୍ ଦୃଷ୍ଟିଭଙ୍ଗୀ ରସାଣିତ ଲେଖନୀର ଅମୃତ ସ୍ପର୍ଶରେ ଅପୂର୍ବ ପ୍ରାଣବତ୍ତା ଲାଭ କରି ସତେ

---

(ii) ସ୍ୱଚ୍ଛହ୍ରଦ ଅଳଂକୃତ ଫୁଲ୍ଲ କୋକନଦେ
ସ୍ନିଗ୍ଧଗନ୍ଧ, ସୌଗନ୍ଧିକେ, କୁମୁଦେ, କହ୍ଲାରେ
ସରାଳି, ଗାଙ୍ଗୋଇ, ହଂସ, କୋକ, ପାଣିକୁଆ
ଆଦି ଜଳ ବିହଙ୍ଗମେ ସଦା ଝଙ୍କାରିତ ।
(ମହାଯାତ୍ରା—ତୃତୀୟ ସର୍ଗ)

(iii) ଅସ୍ତଗାମୀ ରବି ବିଭା ଝଟକିଲା ବଡ଼ ଦେଉଳ କିଶୂଳେ,
ଭାର୍ଗବୀପୁଳିନୁଁ ହଂସବାଳି ଉଡ଼ିଗଲେ ଖଣ୍ଡଗିରି ଚୂଳେ ।
ବିନ୍ଦୁସରୋବରେ ସିନ୍ଦୂର ଲହରୀ ଖେଳିଲା ମନ୍ଦ ସମୀରେ,
ରଥାଙ୍ଗ ମିଥୁନ ଧାପଦଣ୍ଡି ଛାଡ଼ି ଗଲେ ବିପରୀତ ତୀରେ ।
ତିମିର ରଜନୀ ଘୋଟିଲା ଅବନୀ, ଫୁଟିଲା ତାରା ଗଗନେ,
ବନେ ଉପବନେ କୁସୁମ ଫୁଟିଲା ବାସ ବହିଲା ପବନେ ।
(କେଦାର ଗୌରୀ)

ଯେପରି ହସି ଉଠିଛନ୍ତି । ଏପରିକି କେଉଁଠି ଗୋଟିଏ ଗୁଡ଼ିକ, କେଉଁଠି ଗୋଟିଏ କଇଁସାରିଲତା କବିଙ୍କର ସୂକ୍ଷ୍ମ ସାରସ୍ୱତ ଦୃଷ୍ଟିକୁ ଏଡ଼ିଦେଇ ଯାଇ ପାରି ନାହାନ୍ତି । ଅନ୍ଧକାରରେ ରହିଥିବା ଗଡ଼ଜାତର ଅରଣ୍ୟ ପ୍ରକୃତି କବିଙ୍କର ସାରସ୍ୱତ ସୃଷ୍ଟିରେ ଅମର ହୋଇ ରହିଯାଇଛି । ଉତ୍କଳକମଳାଙ୍କର କେଳି-କାସାର ସ୍ୱରୂପିଣୀ ଚିଲିକାକୁ ନାୟିକା ରୂପେ କଳ୍ପନାକରି ଏକ ସ୍ୱତନ୍ତ୍ର କାବ୍ୟରଚନା କରିବାରେ ଏବଂ ଭାରତର ଅନ୍ୟାନ୍ୟ ପ୍ରାକୃତିକ ଦୃଶ୍ୟ ଅପେକ୍ଷା ଚିଲିକାର ଦୃଶ୍ୟକୁ ଉଚ୍ଚସ୍ଥାନ ଦେବାରେ କବିଙ୍କର ଦେଶପ୍ରୀତି ଅଧିକ ସମୁଜ୍ଜ୍ୱଳ ହୋଇ ଉଠିଛି । ପୁଣି 'ମହାଯାତ୍ରା'ରେ କବିଙ୍କର ଦେଶପ୍ରୀତି ମହାପ୍ରସ୍ଥାନ କାଳରେ ପାଣ୍ଡବମାନଙ୍କୁ ଲୌହିତ୍ୟା ନିକଟରୁ ନୀଳାଚଳ ପର୍ଯ୍ୟନ୍ତ ଆକର୍ଷଣ କରି ଆଣିଛି; କେବଳ ସେତିକି ନୁହେଁ, କବିଙ୍କର ନିସର୍ଗ ଅନୁରାଗ ସେମାନଙ୍କୁ ଅଗ୍ନିଙ୍କ ସଙ୍ଗରେ ଉତ୍କଳ ଓ ମଧ୍ୟପ୍ରଦେଶର ରୁଦ୍ରକାନ୍ତ ଅରଣ୍ୟ ପ୍ରକୃତି ମଧ୍ୟଦେଇ ସହ୍ୟାଦ୍ରି ପର୍ଯ୍ୟନ୍ତ ଚଳାଇ ନେଇଛି । ରତ୍ନପୁରଠାରୁ ନୀଳାଚଳରେ ଦୋଳ ମହୋତ୍ସବ ଦିନ ଗଙ୍ଗେଶ୍ୱରଙ୍କର ବିଜୟସମ୍ବାଦ ଶୁଣାଇବାପାଇଁ କବି ତାଙ୍କର 'ପାର୍ବତୀ'-କାବ୍ୟରେ କୌଣସି ମନୁଷ୍ୟ ବାର୍ତ୍ତାବହର ପରିକଳ୍ପନା ନକରି ବିଜୟବାର୍ତ୍ତା ବାହକ ଅଗ୍ନିଶିଖାର କଳ୍ପନା କରିଛନ୍ତି, ପୁଣି ସେ ଅଗ୍ନିଶିଖା ଦ୍ୱାପରି ଉତ୍କଳର ବିଭିନ୍ନ ରାଜ୍ୟର ଅରଣ୍ୟ ଓ ପର୍ବତ-ପ୍ରକୃତି ମଧ୍ୟରେ ନୀଳାଚଳ ପର୍ଯ୍ୟନ୍ତ ଗତି କରିବ, ତା'ରୁ ଗତିପଥର ସୁନ୍ଦର ବର୍ଣ୍ଣନା କଳ୍କୀ ମୁଖରେ ଦେଇ ଦେଶପ୍ରୀତିର ଅପୂର୍ବ ପରିଚୟ ଦେଇଛନ୍ତି । କୋଣାର୍କ ନିକଟସ୍ଥ ଚନ୍ଦ୍ରଭାଗା ନଦୀ ଓ ସାଗର ବେଳାଭୂମି, ଭୁବନେଶ୍ୱର ନିକଟସ୍ଥ ଅରଣ୍ୟ, ମହାନଦୀ ଓ କାଠଯୋଡ଼ିର ନୈସର୍ଗିକ ଶୋଭା, ବିରଜାକ୍ଷେତ୍ର ନିକଟସ୍ଥ ବୈତରଣୀର ତୀରଭୂମି,

ଏବଂ ବାଲେଶ୍ୱର ନିକଟସ୍ଥ ନଦୀ, ପର୍ବତ ଓ ଅରଣ୍ୟର ଶୋଭାକୁ ନାନା ପୌରାଣିକ, ଐତିହାସିକ ଓ କିଂବଦନ୍ତୀମୂଳକ ଘଟଣା ବିଜଡ଼ିତ କରି ନିଜର କଳ୍ପନାରେ ଅମର କରିବାପାଇଁ 'ଚନ୍ଦ୍ରଭାଗା', 'କେଦାରଗୌରୀ', 'ନନ୍ଦିକେଶ୍ୱରୀ' ଓ 'ଉଷା' ପ୍ରଭୃତି କାବ୍ୟର ପରିକଳ୍ପନା କରିଛନ୍ତି । ଓଡ଼ିଶାର ସମୁଦ୍ର ଉପକୂଳବର୍ତ୍ତୀ ଭୂମିର ପ୍ରକୃତି ଏହି କାବ୍ୟଗୁଡ଼ିକରେ ଜୀବନ୍ତ ହୋଇଉଠିଛି ।

ତୃତୀୟରେ ପ୍ରକୃତି ଉପରେ ମାନବିକତା ବା ବ୍ୟକ୍ତିତ୍ୱ ଆରୋପ । ସ୍ୱଭାବୋକ୍ତିର ବର୍ଣ୍ଣନାସହ ଏହି ବିଶେଷତ୍ୱଟି କବିଙ୍କ ପ୍ରକୃତି ସୃଷ୍ଟିରେ ବିଶେଷ ଚିତ୍ତଗ୍ରାହୀ । ଅବଶ୍ୟ ପ୍ରାଚୀନ ଓ ମଧ୍ୟଯୁଗର ଓଡ଼ିଆ କାବ୍ୟର ପ୍ରକୃତି ଚିତ୍ରରେ ଯେ ଏହାର ଦୃଷ୍ଟାନ୍ତ ମିଳେନାହିଁ ତା' ନୁହେଁ, କିନ୍ତୁ ରାଧାନାଥଙ୍କ କୃତିରେ ଏ ବିଶେଷତ୍ୱଟି ଯେପରି ସ୍ୱାଭାବିକ ଓ ରସୋତ୍ତୀର୍ଣ୍ଣ ହୋଇଛି, ତାହା ପ୍ରାଚୀନ ଓ ମଧ୍ୟଯୁଗର କାବ୍ୟରେ କ୍ୱଚିତ୍ ପରିଲକ୍ଷିତ ହୁଏ । ଚିଲିକା କାବ୍ୟରେ ଚିଲିକା କେବଳ ଗୋଟିଏ ହ୍ରଦ ନୁହେଁ; ଏହା କବିଙ୍କର ସୌନ୍ଦର୍ଯ୍ୟ ସୃଷ୍ଟିରେ ହାସ୍ୟ ଓ ଲାସ୍ୟ ଚଞ୍ଚଳ ଏକ ଅନିନ୍ଦ୍ୟସୁନ୍ଦରୀ ଯୁବତୀ (ସଖୀ) । କବିଙ୍କ ଭାଷାରେ—

"ମିତ୍ରପ୍ରାୟେ ତାଙ୍କୁ ହୃଦୁଁ କରି ପ୍ରୀତି,
ସଖୀ ପ୍ରାୟେ ତୋତେ ସୁରୁଥିଲି ନିତି ।"

କବିଙ୍କର ପ୍ରକୃତି-ନାୟିକା ଚିଲିକା ଯେପରି ନିଜର ସ୍ନିଗ୍ଧ ରୂପୈଶ୍ୱର୍ଯ୍ୟରେ ସୌନ୍ଦର୍ଯ୍ୟ ପିପାସୁର ଚିତ୍ତ ଉଲ୍ଲସିତ କରିପାରେ, ସେହିପରି ପ୍ରଳୟଙ୍କରୀ ରଣଚଣ୍ଡୀମୂର୍ତ୍ତି ଧାରଣ କରି ଶତ୍ରୁ ସଂହାର କରିପାରେ

(୦୪) । କବିଙ୍କର କଳ୍ପନା ବଟଦ୍ରୁମର ଭୂସ୍ପର୍ଶୀ ଓହଳକୁ ତା'ର ଯୋଗ୍ୟପୁତ୍ର ରୂପେ. ସୂର୍ଯ୍ୟାସ୍ତ କାଳରେ ସ୍ୱର୍ଣ୍ଣତୈଳପରିହିତା ବାରୁଣୀକୁ ରାଣୀରୂପେ, ଭାଲେଶ୍ୱ ଶିଖରରେ ଅସ୍ତଗାମୀ ରବିଙ୍କର ସ୍ୱର୍ଣ୍ଣାଭ କିରଣକୁ ଦେବ ବିକର୍ତ୍ତନଙ୍କର ସ୍ୱର୍ଣ୍ଣସିଂହାସନ ରୂପେ, ଗୋନାସା ପ୍ରଭବା ବୈତରଣୀକୁ ତୀରସ୍ଥ ବନଲକ୍ଷ୍ମୀଙ୍କର ମୁକୁର ଧାରିଣୀ ରୂପେ ମାନବୀୟ ଚରିତ୍ରର ଭୂମିକାରେ ଉପସ୍ଥାପନ କରନ୍ତି । କେବଳ ଏତିକି ନୁହେଁ, ରଘୁବଂଶରେ କାଳିଦାସଙ୍କ ପ୍ରକୃତି ପରି (୧୬) ରାଧାନାଥଙ୍କ ପ୍ରକୃତି ମାନବର ସୁଖ ଦୁଃଖରେ ସମବେଦନା ବି ପ୍ରକାଶ କରିପାରେ । ଭୀତ ବିହ୍ୱଳା ନିଃସହାୟା ଚନ୍ଦ୍ରଭାଗାର ବିକଳ ଦେଖି ବେଳାଭୂମିର ହରିଣୀଗୁଡ଼ିକ ମଧ୍ୟ ଉଦ୍‌ଭ୍ରାନ୍ତନୟନରେ ଦୁଃଖରେ ରୁହିଁ ରହି ସମବେଦନା ପ୍ରକାଶ କରୁଛନ୍ତି, କବିଙ୍କ ଭାଷାରେ—

---

(୧୫) ରୁଦ୍ର ମୂର୍ତ୍ତି ତୋର ରଖୁ ତୁ ଯୋଡ଼ାଇ,
ଦୁରନ୍ତ ଉତ୍କଳ ପରପତ୍ନୀ ପାଇଁ ।

× × ×

ଶତ୍ରୁ ଦେଖି ତୁହି ସେ ରୂପେ ଚିଲ୍କା,
ପ୍ରକଟୁ ପ୍ରଚ୍ଛନ୍ନ ଶକ୍ତି ମାରାତ୍ମକା ।

(ଚିଲ୍କା)

(୧୬) ନୃତ୍ୟଂ ମୟୂରାଃ କୁସୁମାନି ବୃକ୍ଷା
ଦର୍ଭାନୁପାତ୍ତାନ୍ ବିଜହୁର୍ହରିଣ୍ୟଃ ।
ତସ୍ୟାଃ ପ୍ରପନ୍ନେ ସମ ଦୁଃଖ ଭାବ
ମତ୍ୟନ୍ତମାସୀଦ୍ରୁଦିତଂ ବନେଽପି ।

ରଘୁବଂଶ

"ହରିଣଲୋଚନା ଏ ରୂପେ
ଧାଏଁ ଉତ୍ତର ମୁଖେ,
ତୃଷ୍ଣ ଲୋଚନେ ହରିଣେ
ଦୂରୁଁ ଦେଖନ୍ତି ଦୁଃଖେ ।"
( ଚନ୍ଦ୍ରଭାଗା )

ଏ କ୍ଷେତ୍ରରେ କବି ମାନବ ଓ ପ୍ରକୃତି ମଧ୍ୟରେ ନିବିଡ ସୌହାର୍ଦ୍ଦ୍ୟ ସ୍ଥାପନ କରିଛନ୍ତି ।

ଚତୁର୍ଥରେ ରାଧାନାଥଙ୍କ ପ୍ରକୃତିରେ ପାଠକ ମହାଭାବ ଓ ଦ୍ୱୈତଭାବର ସଙ୍କେତ ମଧ୍ୟ ପାଇପାରେ । ଭାରତର ପ୍ରାକୃତିକ ବୈଚିତ୍ର୍ୟ ଦର୍ଶନକାଳରେ ଚିରତୁଷାରାଚ୍ଛାଦିତ ହିମାଳୟର ନୀରବ ନିସ୍ତବ୍ଧ ବିରାଟ ଦୃଶ୍ୟ, ରୁକ୍ଷ ଶୈଳ ସମାକୁଳ ରାଜସ୍ଥାନର ମରୁସ୍ଥଳୀ, ଧୂଆଁଧାର ପ୍ରପାତର ଜଳଦ ଗମ୍ଭୀର ଭୈରବ ଆରବ, ଝିଲ୍ଲୀ ଝଙ୍କାରିତ ଦଣ୍ଡକାରଣ୍ୟ ଏବଂ ବାତ୍ୟା ଓ ଊର୍ମି ବିକ୍ଷୋଭିତ ସାଗରର ଭୀଷଣ ରୂପ କବିଙ୍କର ସ୍ତବ୍ଧ ବିସ୍ମିତ ଚିତ୍ତରେ ଜାତ କରିଥିଲା ଯେଉଁ ମହାଭାବ ( ଅଦ୍ୱୈତଭାବ ) ସେଇଥିରେ କବି ନିଜର ସତ୍ତା ଓ ଚିତ୍ତବୃତ୍ତିକୁ ହରାଇ ବସିଥିଲେ; କିନ୍ତୁ ଅବସନ୍ନ କାଳରେ ଚୋକପାସୋରା ଚିଲିକାର ସ୍ନିଗ୍ଧରୂପ ଓ ତା'ର ରମଣୀୟ ତୀର କବିଙ୍କ ପ୍ରାଣରେ ସ୍ୱର୍ଗୀୟ ତୃପ୍ତିର ସ୍ୱାଦ ଆଣି ଦେଇଛି—ଦ୍ୱୈତଭାବ ବା ଦ୍ରଷ୍ଟା ଓ ଦୃଶ୍ୟ-ଭାବର ଦ୍ୟୋତନା ଦେଇପାରିଛି । ସେଥିପାଇଁ କବି ଲେଖିଛନ୍ତି,—

"ସ୍ନିଗ୍ଧରୂପ ତୋର ଚିତ୍ତ ଉଲ୍ଲାସକ,
ସୁମଧୁର ଦ୍ୱୈତ ଭାବର ଦ୍ୟୋତକ ।"

ଏ କ୍ଷେତ୍ରରେ କବିଙ୍କର କଳ୍ପନାରେ ଅତିରଞ୍ଜନ ବା ଅସ୍ୱାଭାବିକତାର ମାତ୍ରା ଟିକିଏ ବେଶି ବୋଲି ମନେହୁଏ । ସମାଲୋଚକ ପ୍ରଶ୍ନ ଉଠାଇପାରନ୍ତି—ଭାରତର ବିପୁଳ ପ୍ରାକୃତିକ ବିଭବ ମଧ୍ୟରେ ଚିଲିକାର ମନୋନ୍ମାଦକାରୀ ସ୍ନିଗ୍ଧଶାନ୍ତିଦାୟିନୀ ରୂପ କ'ଣ ନାହିଁ ? ମାତୃଭୂମିର ପ୍ରକୃତି ପ୍ରତି ନିବିଡ଼ ଅନୁରାଗ ବା ଉଗ୍ର ଦେଶାତ୍ମବୋଧ ଏ ପ୍ରକାର କାବ୍ୟିକ-ମିଥ୍ୟାର କାରଣ ବୋଲି ମନେହୁଏ ।

ପଞ୍ଚମରେ ମାନବୀୟତାର ପୃଷ୍ଠଭୂମିରେ କେବଳ ପ୍ରକୃତିକୁ ଚିତ୍ରର ଅନ୍ତର୍ଭୁକ୍ତ କରି କବି ନୀରବ ହୋଇ ଯାଇନାହାନ୍ତି । ତାହାଙ୍କର ପ୍ରକୃତି ପୁଣି ଉତ୍କଳର ଅତୀତ ଗୌରବାବହ ସ୍ମୃତିର ଉଦ୍‌ବୋଧିକା । ପ୍ରକୃତି ନାୟିକା ଚିଲିକା କବିଙ୍କ ଚିତ୍ତରେ ଦେଶକାଳର ବ୍ୟବଧାନ ଦୂର କରିଦେଇ ଅତୀତର ଐତିହାସିକ ସ୍ମୃତିଗୁଡ଼ିକ ଜୀବନ୍ତ ଭାବରେ ତାଙ୍କର କଳ୍ପନାନେତ୍ର ସମକ୍ଷରେ ଉପସ୍ଥାପନ କରନ୍ତି । କବିକଳ୍ପନାର ଏହି ଅନନ୍ତ ଯୌବନା ସଙ୍ଗିନୀ (ଚିଲିକା) ଇତିହାସର ରଙ୍ଗସ୍ଥଳୀ (୧୭) । ଏହାର

---

(୧୭) ତୋ ଦର୍ଶନେ କ୍ଷୁଦ୍ର ମନୁଷ୍ୟର ଚିତ୍ତ,
ଦେଶେକାଳେ ହୁଏ ଦୂର-ବିସ୍ତାରିତ ।
ଅତୀତର ତୁହି ସାକ୍ଷୀ ପୁରାତନ,
ଦେଖିଲୁ ନରର ଉତ୍‌ଥାନ ପତନ ।

× × ×

ଇତିହାସ ରଙ୍ଗସ୍ଥଳୀ ତୁ ଚିଲିକା,
ତୋ'ର ତୀରେ ପରା ଶ୍ରୀମତୀ ମାଣିକା—
ହସ୍ତେ ଭୁଞ୍ଜିଥିଲେ ସାଦରେ ଲବଣୀ,
ଭାବଗ୍ରାହୀ ପ୍ରଭୁ ଭକ୍ତ ଚିନ୍ତାମଣି ।

(ଚିଲିକା)

ଚିତ୍ତହରା ବେଳାଭୂମିରେ ଭକ୍ତ ଚିନ୍ତାମଣି ଜଗନ୍ନାଥ ଆଭଙ୍ଗୀ ମାଣିକାଠାରୁ ଲବଣୀ ଭକ୍ଷଣ କରିଥିଲେ—ଏହାର ବକ୍ଷରେ ଉତ୍କଳର ଗଜପତି ରାଜା ପୁରୁଷୋତ୍ତମଦେବ କାଞ୍ଚୀ ଜୟକରି ନିଜର ପ୍ରେୟସୀ ପଦ୍ମାବତୀଙ୍କ ସହିତ ଗଜଦନ୍ତନୂତନରେ ସଦଳବଳେ ନିଜର ପ୍ରିୟ ଦେଶକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ପୁଣି ଅରଣ୍ୟଦନ୍ତୀର ମଦରେ ଉଦ୍ଭିତ ହୋଇଛନ୍ତି ଯେଉଁ ମହାନଦୀର ନୀର ସେ ପୁଣି ଐତିହାସିକ ବାରବାଟୀ ଦୁର୍ଗରେ ସଂଘଟିତ ହୋଇଥିବା ନଶ୍ୱର ମାନବର ଅହମ୍ ଗାରମାନମ୍ ଲୀଳାର ପ୍ରତ୍ୟକ୍ଷ ଅଥଚ ନୀରବ ଦ୍ରଷ୍ଟା ( ଦରବାର ) । ଚିଲିକାର ସ୍ୱଭାବତଃ ରୁଦ୍ରକାନ୍ତ ରୂପ ସହିତ ଏଇ ଐତିହାସିକ ସ୍ମୃତିଗୁଡ଼ିକ ତାଙ୍କୁ କବିର କଳ୍ପନାରେ ମହୀୟାନ୍ କରି ଥୋଇଛନ୍ତି ।

ସମ୍ପଟରେ କବି ଚରିତ୍ରଗୁଡ଼ିକର ରୂପ ଗୁଣ, କ୍ରିୟା କଳାପ ଓ ମାନସିକ ଅବସ୍ଥା ସହିତ ସାମଞ୍ଜସ୍ୟ ରକ୍ଷାକରି ଘଟଣାବସ୍ତୁର ପରିବେଶ ( Setting ) କଳ୍ପନା କରିବା ଦ୍ୱାରା ପ୍ରକୃତି ବର୍ଣ୍ଣନା ପାଇଁ ଯଥେଷ୍ଟ ଅବସର ନିଜେ ସୃଷ୍ଟି କରିଛନ୍ତି । ଅନ୍ୟଭାବରେ କହିବାକୁ ଗଲେ ପ୍ରକୃତି ( ବହୁକ୍ଷେତ୍ରରେ ) ହେଉଛି ତାଙ୍କର ଚରିତ୍ରଗୁଡ଼ିକର ନାନାବିଧ କ୍ରିୟାକଳାପର ପୃଷ୍ଠଭୂମି । ଚନ୍ଦ୍ରଭାଗା ଓ ନନ୍ଦିକେଶ୍ୱରୀ ପ୍ରଭୃତି କାବ୍ୟରୁ ଦୃଷ୍ଟାନ୍ତ ଦିଆଯାଇ ପୂର୍ବରୁ ଏହାର ଆଲୋଚନା କରାଯାଇଛି ।

ଶେଷରେ ରାଧାନାଥଙ୍କ କାବ୍ୟଗୁଡ଼ିକ ପାଠକରି ସାରିଲାପରେ କବିଙ୍କର ସମଗ୍ର ରଚନାର ଯେଉଁ ସାମୂହିକ ବିଶେଷତ୍ୱଟି ପାଠକ ଚିତ୍ତରେ ଗଭୀର ଛାପ ମୁଦ୍ରିତ କରେ ତାହା ହେଉଛି ପ୍ରକୃତ ରୂପ-ପିପାସୁ ସୌନ୍ଦର୍ଯ୍ୟ-ଦ୍ରଷ୍ଟା କବି ରାଧାନାଥଙ୍କର ଦାର୍ଶନିକ ବ୍ୟକ୍ତିତ୍ୱ ।

ମାତୃହରା କବିଙ୍କ ହୃଦୟର ମାତୃଶୋକ ଜନିତ କ୍ଷତରେ ଯେଉଁ ପ୍ରକୃତି ନିଜର ଶାନ୍ତ ବିବିକ୍ତ ମାଧୁର୍ଯ୍ୟ ତଥା ସୌନ୍ଦର୍ଯ୍ୟର ପ୍ରଲେପ ବୋଳି ଦେଇଥିଲା, ସେହି ପ୍ରକୃତି ତାଙ୍କୁ କବି ଓ ଭାବୁକ କରି ତାଙ୍କର ପରିଣତ-ଜୀବନରେ ସଂସାରର ତୀବ୍ର ଜ୍ୱାଳା ଯନ୍ତ୍ରଣା ମଧ୍ୟରେ ଦାର୍ଶନିକର ଗାମ୍ଭୀର୍ଯ୍ୟ ଆଣି ଦେଇଛି । ଜୀବନ କାଳ ମଧ୍ୟରେ ରାଧା-ନାଥଙ୍କୁ ବହୁ ରୋଗ ଯନ୍ତ୍ରଣା, ମାନସିକତାପ ଓ ପ୍ରତିକୂଳ ପରିସ୍ଥିତି ମଧ୍ୟ ଦେଇ ଯିବାକୁ ହୋଇଥିଲା । ଶାନ୍ତିପ୍ରିୟ କବିର ସ୍ନିଗ୍ଧ କୋମଳ ହୃଦୟ ଅନେକ ସମୟରେ ଯନ୍ତ୍ରଣାରେ ରୁଦ୍ଧଶ୍ୱାସ ହୋଇ ପଡୁଥିଲା । ସେଥିପାଇଁ ତାଙ୍କର ରଚନାରେ ଅନେକତ୍ର ଶଙ୍କରଙ୍କ ପରି ସଂସାର ବିତୃଷ୍ଣଭାବ ପ୍ରକାଶ ପାଇବା ସଙ୍ଗେ ସଙ୍ଗେ କବି ନିଜକୁ ଭାଗ୍ୟର କ୍ରୀଡ଼ା ପୁତ୍ତଳିକା ମନେକରି ନେଇଛନ୍ତି । ସେଇହେତୁ କେହି କେହି କବିଙ୍କୁ ଦୁଃଖବାଦୀ ବା ନୈରାଶ୍ୟବାଦୀ ବୋଲି ଧରି ନେଇଥାନ୍ତି । କିନ୍ତୁ ଆପାତତଃ ଦୁଃଖ ଓ ନୈରାଶ୍ୟର ଚିହ୍ନ ତାଙ୍କ ରଚନାରେ ଥିଲେ ମଧ୍ୟ ତାଙ୍କର ଅସଲ ରୂପଟି ନୈରାଶ୍ୟବାଦୀ ନୁହେଁ । ଏହା ହୋଇଥିଲେ ସେ ସୃଷ୍ଟିର ନାରୀ, ପୁରୁଷ ଓ ପ୍ରକୃତି ମଧ୍ୟରେ ସୌନ୍ଦର୍ଯ୍ୟର ସନ୍ଧାନ ପାଇ ନଥାନ୍ତେ—କବିଭାବରେ ତାଙ୍କର ରସ ଓ ରୂପର ପିପାସା ଏତେ ତୀବ୍ର ହୋଇ ନଥାନ୍ତା । ରାଧାନାଥ ସ୍ୱଭାବତଃ ଥିଲେ ଶାନ୍ତ, ନମ୍ର, ନିରାଡ଼ମ୍ବର ଓ ନୀତିବାଦୀ । ଅବଶ୍ୟ କଳାର ଅନୁରୋଧରେ ସେ ଅନେକତ୍ର ରୁଚି ଓ ନୀତିକୁ ଉପେକ୍ଷା କରିଥିଲେ ମଧ୍ୟ (୧୮) ବ୍ୟାବହାରିକ ଜୀବନରେ ସେ ସର୍ବଦା ସଚେତନ । ମଣିଷର ଅହମିକା, ଆଡ଼ମ୍ବର, ଐହିକ ନଶ୍ୱର ସୁଖ, ପଦ ଓ କ୍ଷମତାଲାଲସାକୁ ସେ ନିଷ୍ଠୁର ଭାବରେ ବିଦ୍ରୂପ କରିଛନ୍ତି

---

(୧୮) ଯଯାତିକେଶରୀ, ପାର୍ବତୀ ଓ ନନ୍ଦକେଶରୀ ପ୍ରଭୃତିରେ ।

(ଦରବାର) । ମଣିଷର ଭୋଗ ଓ ଲାଳସାମୟ ଜୀବନକୁ ସେ ଜୀବନ୍ତ ମରଣ ତୁଲ୍ୟ ଗ୍ରହଣ କରିଛନ୍ତି । ମନୁଷ୍ୟର ବିଷୟ-ପଙ୍କିଳ-ସୁଖ ତାଙ୍କ ଦୃଷ୍ଟିରେ ଥିଲା ଆକାଶ କୁସୁମ, ସେଥିପାଇଁ କବି ଅତି କରୁଣ ଓ ଆବେଗ ଜଡ଼ିତ ଚିତ୍ତରେ ଲେଖିଛନ୍ତି—

"ଚିର ହା ହା ମୟ ଏ ଛାର ଜୀବନ
ଜୀବନ ନୁହଇ ଜୀବନ୍ତ ମରଣ ।

× × ×

ସୁଖ ରୂପେ ଯାହା ଜନ ନେତ୍ରେ ଦିଶେ
ହାତେ ଆସେ ହାତୁଁ ପଡ଼ିବା ପାଇଁ ସେ,
ବସ୍ତୁ ନୁହଇ ସେ ଅଟଇଟି ଧୂମ,
ଅନ୍ୟ ନାମ ତାର ଆକାଶ-କୁସୁମ ।"

(ଚିଲିକା)

ଯେଉଁ ସୁଖର କାମନା ମନୁଷ୍ୟର ଅନ୍ତଃ ସୌନ୍ଦର୍ଯ୍ୟ ବିକଶିତ କରେ, ମନୁଷ୍ୟକୁ ମୈତ୍ରୀ, ପ୍ରୀତି ଓ ଶ୍ରେୟର ସନ୍ଧାନ ଦେଇ ସଂସାରକୁ ମଧୁମୟ କରେ, ସେଇ ସୁଖ ହିଁ ରାଧାନାଥଙ୍କର କାମ୍ୟ । ସେଥିପାଇଁ ମୁନି-ଋଷି ନିଃସେବିତ ତ୍ୟାଗ ତପସ୍ୟା ସମୁଜ୍ଜ୍ୱଳ ସତ୍ୟ ଶିବ ସୁନ୍ଦରର ଆଦର୍ଶକୁ ସଂସାରରେ ସେ ଦେଖିବାକୁ ଚାହିଁଛନ୍ତି— କିନ୍ତୁ ପଳାୟନପନ୍ଥୀର ପରାଜୟଜନିତ ଚିତ୍କାରରେ ଜୀବନକୁ ମୁଖରିତ କରି ସଂସାରରୁ ଚାଲିଯିବାପାଇଁ ଚାହିଁ ନାହାନ୍ତି । ପରିଣତ ଅବସ୍ଥାରେ ନାନା ପ୍ରତିକୂଳ ପରିସ୍ଥିତିରେ ଲୋକ ଚିତ୍ତରେ ସଂସାର ପ୍ରତି ବିତୃଷ୍ଣା ଆସିବା ସ୍ୱାଭାବିକ । ବିତୃଷ୍ଣା ବିକଳ ପ୍ରୌଢ଼ କବିଙ୍କର ଶାନ୍ତି ଓ ସୌନ୍ଦର୍ଯ୍ୟ ପିପାସୁ-ଚିତ୍ତ ପ୍ରକୃତିର ଚାରୁ ଆଲେଖ୍ୟଶାଳିକା ଚିଲିକାର

ମାରରେ ଶାନ୍ତିରେ ପଶ୍ଚିମ ଜୀବନକୁ ଅତିବାହିତ କରିବାକୁ ଚାହୁଁଛନ୍ତି; କିନ୍ତୁ ଦ୍ୱନ୍ଦ୍ୱ ବିକ୍ଷୁବ୍ଧ ସଂସାର ପୁଣି ତାଙ୍କୁ ଆକର୍ଷଣ କରି ନେଉଛି । ସେଥିପାଇଁ କବି ଆବେଗ ଜଡ଼ିତ ଚିତ୍ତରେ କହୁଛନ୍ତି—

"କରିଥିଲି ଆଶା କରିବି ଯାପନ,
ତୋ ପଶ୍ଚିମ ତୀରେ ପଶ୍ଚିମ ଜୀବନ ।
ବିନା ପ୍ରୟାସରେ ସୌନ୍ଦର୍ଯ୍ୟ ପିପାସା,
ମେଣ୍ଟିବାର ଥିଲି ତୋହଠାରେ ଆଶା ।

× × ×

ମାତ୍ର ପରିଣାମେ କ୍ଷୁଦ୍ର ବାଞ୍ଛିତ,
ଆଶାରେ ସେ ଆଶା ହେଲା ପରିଣତ ।"

(ଚିଲିକା)

ଏହି ଦ୍ୱନ୍ଦ୍ୱ ଜଟିଳ ସଂସାରରେ ତାଙ୍କ ପ୍ରାଣରେ ଏକମାତ୍ର ସାମୟିକ ଶାନ୍ତିର ଉତ୍ସ ହେଉଛି ଏହି ଚିଲିକା ପ୍ରକୃତିର ମଧୁମୟୀ ସ୍ମୃତି—

"ସଂସାର ନୀରସ୍ୟେ ଅଙ୍ଗ ଦେଇ ଢାଳି
କରିବି ଏହାକୁ ସ୍ମୃତିର ଦଣ୍ଡାଳି" ।

(ଚିଲିକା)

ସ୍ଥୂଳତଃ ରାଧାନାଥଙ୍କର ଜୀବନ ଦର୍ଶନ ଜୀବନ-ନିରପେକ୍ଷ ନୁହେଁ । ସେ ଜୀବନ ଚାହୁଁଛନ୍ତି, କିନ୍ତୁ ସେ ଜୀବନ ପାପ କଳୁଷିତ ବିକଳାଙ୍ଗ ଜୀବନ ନୁହେଁ—ମାନବିକତାରେ ମଧୁମୟ, ସତ୍ୟ ଶ୍ରେୟ ଓ ସୁନ୍ଦରରେ ସମୁଜ୍ଜ୍ୱଳ ସୁଧାମୟ ଜୀବନ । କବି ଜୀବନରେ ଏହାହିଁ ପ୍ରକୃତ ଉପାସନାର ଫଳ ।

ପ୍ରକୃତ ଚିନ୍ତନରେ ରାଧାନାଥଙ୍କର ଏକ ଜାତୀୟ ଭାବଭାଷା ଓ ଅଳଙ୍କାରର ଆପାତତଃ ପୁନରାବୃତ୍ତି ସତ୍ତ୍ୱେ ତାଙ୍କର କାବ୍ୟ ସମସାମୟିକ ନନ୍ଦକିଶୋର (ଶର୍ମିଷ୍ଠା), ଗଙ୍ଗାଧର, ଚିନ୍ତାମଣି ଏବଂ ପରବର୍ତ୍ତୀ କବି ଚନ୍ଦ୍ରମଣି (ଧାମବା), ଜଦୁକୃଷ୍ଣ (ଅଂଶୁପା) ପ୍ରଭୃତିଙ୍କୁ ବିଶେଷଭାବରେ ପ୍ରଭାବିତ କରିଛି । ଏ ଯାଦୁକରୀ ପ୍ରଭାବର କାରଣ କବିଙ୍କର ସୌନ୍ଦର୍ଯ୍ୟବୋଧ ( ରୋମାଣ୍ଟିକ୍ ଦୃଷ୍ଟିଭଙ୍ଗୀ ), ଦେଶପ୍ରୀତି, ପଦମାଧୁର୍ଯ୍ୟ, ରସୋତ୍ତୀର୍ଣ୍ଣ ବର୍ଣ୍ଣନାଚାତୁରୀ, ଅପୂର୍ବ ପ୍ରକାଶଭଙ୍ଗୀ ଏବଂ ସର୍ବୋପରି 'ଚିଲିକା'ରେ ଅବହେଳିତ ମାତୃଭୂମି ଓ ଅବହେଳିତ ମାତୃଭୂମିର ପ୍ରକୃତି ପାଇଁ କ୍ଷୋଭ । ରାଧାନାଥଙ୍କ କାବ୍ୟ ସୃଷ୍ଟିର ଆଦର୍ଶ ଓ ପରିପ୍ରେକ୍ଷୀରେ ଆଜି ବହୁ ପରିବର୍ତ୍ତନ ଘଟିଯାଇଛି, କିନ୍ତୁ ପ୍ରକୃତି ରୂପାୟନ କ୍ଷେତ୍ରରେ ତାଙ୍କର ନୂତନତ୍ୱର ବଳିଷ୍ଠ ସଙ୍କେତ ଆଜି ବି ଅବିସ୍ମରଣୀୟ ।

# ସୌନ୍ଦର୍ଯ୍ୟ ତତ୍ତ୍ୱ
# ଓ
# ମେହେରଙ୍କ ସୌନ୍ଦର୍ଯ୍ୟ ବୋଧ

କ୍ଷଣେ କ୍ଷଣେ ଯନ୍ନବତାମୁପୈତି
ତଦେବ ରୂପଂ ରମଣୀୟତାୟାଃ ।
(ମାଘ)

କବି ବା ଶିଳ୍ପୀ ମାତ୍ରେହିଁ ସୌନ୍ଦର୍ଯ୍ୟର ଉପାସକ । ତେବେ ସେ ସୌନ୍ଦର୍ଯ୍ୟର ସ୍ୱରୂପ କ'ଣ ? ଏହା ଦୃଷ୍ଟ ବସ୍ତୁରେ ଥାଏ ନା କବି ବା ଶିଳ୍ପୀର ଦୃଷ୍ଟି ଭଙ୍ଗୀରେ ଥାଏ ଏ ସମ୍ପର୍କରେ ପ୍ରତ୍ୟେକ ହେତୁବାଦୀ ସମୀକ୍ଷକ ଅନ୍ତରରେ ପ୍ରଶ୍ନ ଉଠିବା ସ୍ୱାଭାବିକ । ଏହା ଏପରି ଏକ ପ୍ରଶ୍ନ, ଯାହାର ନିଶ୍ଚିତ ସର୍ବବାଦୀ ସମ୍ମତ ଉତ୍ତର ଏ ଯାବତ୍ ଦିଆଯାଇ ପାରିନାହିଁ ।

ଏ ସମ୍ପର୍କରେ ପ୍ରାଚ୍ୟ ଅଳଙ୍କାର ଶାସ୍ତ୍ର ଓ ପାଶ୍ଚାତ୍ୟ ଦର୍ଶନ ତଥା ଅଳଙ୍କାର ଶାସ୍ତ୍ରରେ ବହୁ ମନୀଷୀ ସ୍ୱତନ୍ତ୍ରଭାବରେ ପୁଙ୍ଖାନୁପୁଙ୍ଖ ବିଚାରକରି ସ୍ୱକୀୟ ମତ ପ୍ରକାଶ କରି ଯାଇଅଛନ୍ତି । ପାଶ୍ଚାତ୍ୟ ଜଗତର କେତେକ କବି, ଦାର୍ଶନିକ ଓ ଆଳଙ୍କାରିକଙ୍କ ମତ ସହିତ ଆମର କେତେକ ଭାରତୀୟ ଆଳଙ୍କାରିକ ତଥା କବିଙ୍କର ମତ ବା ଦୃଷ୍ଟିଭଙ୍ଗୀର କିଞ୍ଚିତ୍ ସାମ୍ୟ ପରିଲକ୍ଷିତ ହୁଏ ; କିନ୍ତୁ ଉଭୟ ଜଗତର ମତ ମଧ୍ୟରେ ବୈଷମ୍ୟର ମାତ୍ରା ଅଧିକ । ପାଶ୍ଚାତ୍ୟ ଜଗତରେ ଯେଉଁମାନେ ସୌନ୍ଦର୍ଯ୍ୟତତ୍ତ୍ୱ ସମ୍ପର୍କରେ ଆଲୋଚନା

କରିଛନ୍ତି ସେମାନଙ୍କ ମଧ୍ୟରେ ଆରିଷ୍ଟୋଟଲ୍, ସକ୍ରେଟିସ୍, କ୍ୟାଣ୍ଟ୍, ହେଗେଲ୍, ପ୍ଲେଟୋ, ପ୍ଲୋଟିନସ୍, କ୍ରୋଚେ, ଶେଲି, ରସ୍କିନ୍ ଓ ଟଲ୍‌ଷ୍ଟୟ ପ୍ରଭୃତିଙ୍କ ନାମ ଉଲ୍ଲେଖ ଯୋଗ୍ୟ । ପ୍ରବନ୍ଧର ସୀମିତ ପରିସର ମଧ୍ୟରେ ପ୍ରତ୍ୟେକଙ୍କର ମତର ବିଶଦ ଆଲୋଚନା କରିବାର ଅବସର ନାହିଁ, ତେବେ ସୌନ୍ଦର୍ଯ୍ୟତତ୍ତ୍ୱ ସମ୍ପର୍କରେ ସାଧାରଣ କେତୋଟି କଥା ଉଲ୍ଲେଖକରି ଏବଂ କେତୋଟି ମତର ସଂକ୍ଷିପ୍ତ ସୂଚନା ଦେଇ ଶଂସିତ ପ୍ରସଙ୍ଗକୁ ଆସିବା ।

ଆମର ଚିତ୍ତକୁ ବିଶ୍ଳେଷଣ କଲେ ଆମେ ଦୁଇପ୍ରକାର ଜ୍ଞାନର ପରିଚୟ ପାଉଁ; ଯଥା—(କ) ପ୍ରାତ୍ୟକ୍ଷିକ ରୂପାତ୍ମକ (ରୂପ, ରସ, ଗନ୍ଧ, ଶବ୍ଦ ଓ ସ୍ପର୍ଶ ସମ୍ବନ୍ଧୀୟ), (ଖ) ଅନ୍ୱୀକ୍ଷାମୂଳକ (Logical) । ଅନ୍ୱୀକ୍ଷା ବୃତ୍ତିଦ୍ୱାରା ଆମେ ପ୍ରତ୍ୟକ୍ଷ କିମ୍ବା ସ୍ମୃତିଦ୍ୱାରା ଗୃହୀତ ରୂପ, ଇନ୍ଦ୍ରିୟାନୁଭୂତ ଓ ତା'ର ସ୍ମୃତିକୁ ପରସ୍ପର ସମ୍ବନ୍ଧଯୁକ୍ତ ଓ ବିଯୁକ୍ତ କରିପାରୁଁ । ଏହା ଏକ ସମୟରେ ନାନାବିଧ ଗୁଣ ବା ପଦାର୍ଥକୁ ସମ୍ବନ୍ଧାନ୍ୱିତ କରିପାରେନା; କିନ୍ତୁ ପ୍ରତ୍ୟକ୍ଷଜ୍ଞାନ ଏକ ସମୟରେ ବହୁକୁ ଧାରଣ କରିପାରେ । ପ୍ରତ୍ୟକ୍ଷ ସାହାଯ୍ୟରେ ଅନ୍ୱୀକ୍ଷା ନୂତନ ସତ୍ୟ ଉଦ୍ଭାସିତ କରେ । ଉଭୟେ ନିଜନିଜର କାର୍ଯ୍ୟ ପାଇଁ ପୂର୍ବସଞ୍ଚିତ ସ୍ମୃତି ଓ ସଂସ୍କାରର ଅପେକ୍ଷା ରଖନ୍ତି । ଏହି ସ୍ମୃତି ଓ ସଂସ୍କାରଦ୍ୱାରା ଆମର ପୁରୁଷ ଧାତୁ ବା ବ୍ୟକ୍ତିତ୍ୱର ସୃଷ୍ଟିହୋଇଥାଏ । ପ୍ରତ୍ୟକ୍ଷ ଓ ଅନ୍ୱୀକ୍ଷା ଦ୍ୱାରା ଆହୃତ ଜ୍ଞାନ ଆନନ୍ଦ, ବିଷାଦ ପ୍ରଭୃତି ଭାବ-ସଂବେଗ ଓ ଇଚ୍ଛାଦ୍ୱାରା ପରିପୁଷ୍ଟ ହୁଏ ଏବଂ ଜୈବ ପୁରୁଷ ( Biological Personality ) ଓ ବୌଦ୍ଧ ପୁରୁଷ ( Logical Personality ) ପ୍ରଭୃତି ବହୁ ବ୍ୟଷ୍ଟି ପୁରୁଷର ବ୍ୟକ୍ତିତ୍ୱର ( ଧାତୁପୁରୁଷ ) ଅଙ୍ଗରୂପେ କଳ୍ପନା କରାଯାଇ ପାରେ । ଜୈବ ପୁରୁଷ ଓ ବୌଦ୍ଧ ପୁରୁଷ ଉଭୟେ ଏକ ଦିଗରେ ଯୋଗର

ସ୍ୱତନ୍ତ୍ର, ଅନ୍ୟାନ୍ୟଗତରେ ସେହିପରି ନିବିଡ଼ଭାବରେ ସମ୍ବନ୍ଧାନ୍ୱିତ । ପ୍ରତ୍ୟେକ ପୁରୁଷର ବ୍ୟବହାର ବା କାର୍ଯ୍ୟକଳାପ ଆନନ୍ଦ ଓ ସୁଖ-ଦୁଃଖ ସହିତ ଜଡ଼ିତ ଥାଏ । ସ୍ୱକୀୟ ବୃତ୍ତିର ଅପ୍ରତିହତ ବ୍ୟବହାର ଦ୍ୱାରା ପ୍ରତ୍ୟେକ ପୁରୁଷର ଆତ୍ମପରିଚୟ ଓ ଆତ୍ମତୁଷ୍ଟି ଘଟିଥାଏ । ଆତ୍ମବୃତ୍ତିର ନିରବଚ୍ଛିନ୍ନ ପ୍ରୟୋଗରେ ଆତ୍ମ-ପରିଚୟ ଓ ଆତ୍ମପୁଷ୍ଟି ସାଧିତହୁଏ, ଏହାହିଁ ଆତ୍ମଜୀବନ । ତେଣୁ ଆମେ ଯେଉଁ ଆନନ୍ଦ ପଛରେ ପ୍ରଧାବିତ ହେଉଁ ତାହା ଆତ୍ମ-ଜୀବନର ସ୍ଥିତି ଓ ବ୍ୟାପ୍ତିର ଆନନ୍ଦ । ଜୀବନରେ କୌଣସି ବୃତ୍ତିର ପ୍ରସାର ବ୍ୟାହତ ହେଲେ ଦୁଃଖ ଜାତ ହୁଏ; କିନ୍ତୁ ସେହି ଦୁଃଖ ବା ବାଧାକୁ ଅତିକ୍ରମ କରି ପୁରୁଷ ନିଜକୁ ଖୋଜିପାଇଲେ ଆତ୍ମଲାଭର ଆନନ୍ଦ ଅନୁଭବ କରେ ।

ବିଭିନ୍ନ ବ୍ୟଷ୍ଟିପୁରୁଷ ଦ୍ୱାରା ଅର୍ଜିତ ନାନା ସଂସ୍କାରଦ୍ୱାରା ବ୍ୟକ୍ତି ପୁରୁଷର ପରିପୁଷ୍ଟି ହୁଏ ଏବଂ ଏହା ସହିତ ସର୍ବ ପୁରୁଷ ସମ୍ବନ୍ଧୀ ଅନୁଭବ ସନ୍ନିବିଷ୍ଟ ହୁଏ । ଫଳରେ ବ୍ୟକ୍ତିପୁରୁଷର କୌଣସି ଗୋଟିଏ ଅଂଶ ସ୍ଫୁରିତ ହେଲେ ସର୍ବପୁରୁଷ ସମ୍ବନ୍ଧୀ ଅନୁଭବ ସହିତ ତା'ର ସାମଞ୍ଜସ୍ୟ ସୃଷ୍ଟିହୋଇଉଠେ । ଯେତେବେଳେ ବାହାରେ କୌଣସି ରୂପ ବା ଦୃଶ୍ୟ ଦେଖିଲେ ବ୍ୟକ୍ତିପୁରୁଷର କୌଣସି ଅଂଶରେ କିଛି ଉତ୍ତେଜନା ଜାତହୁଏ, ସେତେବେଳେ ସେଇ ରୂପ ବା ଦୃଶ୍ୟ ସହିତ ନିଜର ବିଶେଷ ଅଂଶର ସାମଞ୍ଜସ୍ୟ ପରିଲକ୍ଷିତ ହୁଏ । ଫଳରେ ବାହ୍ୟରୂପ ଓ ଦୃଶ୍ୟ ମଧ୍ୟରେ ବ୍ୟକ୍ତିପୁରୁଷର ସ୍ୱରୂପର ପରିଚୟ ବା ଆତ୍ମଲାଭ ହେତୁ ଯେଉଁ ଆନନ୍ଦ ଜାତହୁଏ ତାହା ସୌନ୍ଦର୍ଯ୍ୟବୋଧର ଆନନ୍ଦ । ବ୍ୟକ୍ତି ପୁରୁଷରେ ନିହିତଥିବା ସ୍ୱରୂପ ସହିତ ସୃଷ୍ଟିର କୌଣସି ବସ୍ତୁର ପରିଚୟବୋଧ ଫଳରେ ଆନନ୍ଦଜାତ ହୁଏ । ତେଣୁ ସୌନ୍ଦର୍ଯ୍ୟ ସହିତ ଆନନ୍ଦ ଜଡ଼ିତ ହୋଇ ରହିଥାଏ ।

ଏହି ବ୍ୟକ୍ତି ପୁରୁଷ ମଧ୍ୟରେ ନାନା ଚିନ୍ତାଧାରା ଓ ସୁଖ ଦୁଃଖ ପ୍ରଭୃତି ଭାବଧାରାର ଯେଉଁ ସଂସ୍କାର ବା ଛାପ ରହିଛି ତାହା ଦେଶ କାଳ, ସ୍ଥିତି ଓ ବିଶେଷ ସମ୍ପର୍କ ବର୍ଜିତ । ସ୍ଥିତି ନିର୍ଦ୍ଦିଷ୍ଟ ଦେଶ, କାଳ ଓ ପାତ୍ରର ବୋଧ ଜଡ଼ିତ ଅଛି; କିନ୍ତୁ ବ୍ୟକ୍ତି ପୁରୁଷ କେବଳ ସଂସ୍କାରମୟ ପୁରୁଷ । ଏହି ସଂସ୍କାର ସୌନ୍ଦର୍ଯ୍ୟର କାରଣ । ଏହାର ଉଦ୍‌ବୋଧନ ଫଳରେ ସେହି ସମ୍ପର୍କିତ ଯେଉଁ ପରିଚୟ ଘଟେ ତାହା ସୌନ୍ଦର୍ଯ୍ୟର ଧର୍ମ । କବି ବା ଶିଳ୍ପୀର ଯେଉଁଠି ସୌନ୍ଦର୍ଯ୍ୟ-ବୋଧ ଜାଗ୍ରତ ହୁଏ ସେଇଠି ସୁନ୍ଦର ବସ୍ତୁଟି ତା'ର ଚିତ୍ତକୁ ବିଶେଷ ଭାବରେ ସ୍ପନ୍ଦିତ କରିଦିଏ । ସେ ତା'ର ଚିତ୍ତରେ ଥିବା ଅସ୍ଫୁଟ ମୂର୍ତ୍ତିକୁ କିଞ୍ଚିତ୍ ମାତ୍ର ଅନୁଭବ କରେ ଏବଂ ତା'ର ବ୍ୟକ୍ତିପୁରୁଷର ସଂସ୍କାରର ପ୍ରବଳତା ଫଳରେ ସେଇ ଅସ୍ଫୁଟ ମୂର୍ତ୍ତିକୁ ଆବେଗ ଓ ହୃଦୟର ସ୍ପର୍ଶ ସହିତ ଅନୁରୂପ ଭାଷା, ପଦବିନ୍ୟାସ ଓ ଛନ୍ଦଦ୍ୱାରା ପରିସ୍ଫୁଟ କରେ । ଏହା ଦ୍ୱାରା ତା'ର ଚିତ୍ତଲୋକରେ ସ୍ପନ୍ଦିତ ହୋଇ ଥିବା ମୂର୍ତ୍ତି ରୂପଗ୍ରହଣ କରି ପ୍ରକାଶିତ ହୁଏ, ଫଳରେ କବି ବା ଶିଳ୍ପୀର ଚିତ୍ତ ସୌନ୍ଦର୍ଯ୍ୟର ଆନନ୍ଦରେ ଉଦ୍‌ବୁଦ୍ଧ ହୋଇ ଉଠେ (୧) ।

ପ୍ରତ୍ୟକ୍ଷ ଦୃଷ୍ଟି ଓ ଅନ୍ୱୀକ୍ଷା ଦୃଷ୍ଟି, ଏ ଦୁଇଟି ହେଉଛି ମନୁଷ୍ୟର ଦୁଇଟି ନେତ୍ର । ଏହାଛଡ଼ା ତା'ର ଗୋଟିଏ ତୃତୀୟ ନେତ୍ର ରହିଛି ଯାହା ଦ୍ୱାରା ସେ ବସ୍ତୁ, ଦୃଶ୍ୟ ବା ମନୁଷ୍ୟ ଚରିତ୍ରର ସୌନ୍ଦର୍ଯ୍ୟ ଲକ୍ଷ୍ୟ କରେ । ଏଇ ସୌନ୍ଦର୍ଯ୍ୟବୋଧ ଏକ ଅଖଣ୍ଡ ଆତ୍ମ-ବୋଧ । ପାଶ୍ଚାତ୍ୟ ମନୀଷୀଗଣ ଏହି ସୌନ୍ଦର୍ଯ୍ୟଦୃଷ୍ଟିକୁ Intuition ବୋଲି କହନ୍ତି । ବାହ୍ୟବସ୍ତୁ ବା ଦୃଶ୍ୟକୁ ଆତ୍ମସ୍ଥ କରି

---

(୧) ସୌନ୍ଦର୍ଯ୍ୟ ତତ୍ତ୍ୱ, ଡାଃ ସୁରେନ୍ଦ୍ରନାଥ ଦାସଗୁପ୍ତ (ପୃ ୧୭-୨୩) ।

ଏହା ଉଦ୍‌ବୁଦ୍ଧ ହେବନାହିଁ ଏହା ସ୍ୱତନ୍ତ୍ର ସଂପୂର୍ଣ୍ଣ ତଥା ଅଲୌକିକ ( ୧ ) ।

ପାଶ୍ଚାତ୍ୟ ସୌନ୍ଦର୍ଯ୍ୟତତ୍ତ୍ୱବିତ୍ କ୍ରୋଚେଙ୍କ (Croce) ମତରେ ଆମର ଆତ୍ମା ଚାରୋଟି ବୃତ୍ତରେ ନିର୍ମିତ; ଯଥା—(କ) ଭାଷାମୂଳକ, (ଖ) ଅନ୍ୱୀକ୍ଷା ମୂଳକ, (ଗ) ବସ୍ତୁମୂଳକ ଓ (ଘ) ଯୋଗକ୍ଷେମମୂଳକ । ଏଇ ଚାରୋଟି ବୃତ୍ତ ମଧ୍ୟରେ ଆମ ବ୍ୟକ୍ତିତ୍ୱର ବିଶେଷତ୍ୱ ପ୍ରତିଫଳିତ । କ୍ରୋଚେ ବାହ୍ୟବସ୍ତୁ ଓ ସୌନ୍ଦର୍ଯ୍ୟର ବହିଃସତ୍ତା ସ୍ୱୀକାର କରନ୍ତି ନାହିଁ (୩) । ତାଙ୍କ ମତରେ କୋଣାର୍କ ମନ୍ଦିର କିମ୍ବା ତାଜମହଲରେ ସୌନ୍ଦର୍ଯ୍ୟ ନାହିଁ, ଆମ ଚିତ୍ତର ଭାଷାବୃତ୍ତିର ପ୍ରସାରହିଁ କେବଳ ସୁନ୍ଦର । କୋଣାର୍କ ବା ତାଜମହଲ୍ ଆମ ଭାଷାବୃତ୍ତିକୁ ଉଦ୍‌ବୁଦ୍ଧ କରିବାରୁ ତାକୁ ଆମେ ସୁନ୍ଦର କହୁଁ । ତେଣୁ ସୌନ୍ଦର୍ଯ୍ୟ ବାହାରର ବସ୍ତୁ ନୁହେଁ, ଭିତରର ବସ୍ତୁ । ଏହା କଳ୍ପନା ମୂଳକ । କଳ୍ପନା ଦ୍ୱାରା ବାହାରର ଦୃଶ୍ୟ, ସ୍ଥାନ ପ୍ରଭୃତି ବର୍ଦ୍ଧିତ ଓ ବିଶୋଧିତ ହେଲେ ଆମେ ଯେଉଁ ଆନନ୍ଦ ପାଉଁ ତାହା ସୌନ୍ଦର୍ଯ୍ୟବୋଧର ଆନନ୍ଦ । ସାର୍ଥକ ସୌନ୍ଦର୍ଯ୍ୟସୃଷ୍ଟି ପାଇଁ ସେ କବିର ଗଭୀର ଦର୍ଶନ ଶକ୍ତି ଛଡ଼ା ପ୍ରତିଭା ବୋଲି କୌଣସି ଅଲୌକିକ ଶକ୍ତି ମାନନ୍ତି ନାହିଁ । ତାଙ୍କ ମତରେ ପ୍ରକାଶଭଙ୍ଗୀ ବା Form ହେଉଛି ସୌନ୍ଦର୍ଯ୍ୟର ପ୍ରାଣ । ଗଭୀର ଭାବସଂବେଗ ଓ ସ୍ୱଚ୍ଛନ୍ଦ ଅଭିବ୍ୟକ୍ତି ମଧ୍ୟରେ କବିର ବ୍ୟକ୍ତିତ୍ୱ ପ୍ରତିଫଳିତ ହୋଇଥାଏ ।

---

(୨) ସୌନ୍ଦର୍ଯ୍ୟତତ୍ତ୍ୱ, ଡାଃ ସୁରେନ୍ଦ୍ରନାଥ ଦାଶଗୁପ୍ତ, ପୃ ୨୪ ।

(୩) The beautiful is not a physical fact, it does not belong to the things but to the activity of man, to spiritual energy. Theory of Aesthetics, page-159.

ଟଲ୍‌ଷ୍ଟୟ୍ କଳା ସମ୍ପର୍କରେ ଆଲୋଚନା କରିବାକୁ ଯାଇ ଆନନ୍ଦ ଓ ସୌନ୍ଦର୍ଯ୍ୟ ସହିତ ପବିତ୍ରତା ଓ ସାଧୁତାର ସ୍ପର୍ଶ ଓ ଅନୁଭୂତି ଉପରେ ଗୁରୁତ୍ୱ ଦେଇଛନ୍ତି । ତାଙ୍କ ମତରେ ଯେଉଁ ଶିଳ୍ପୀ ବା କବିର ସୃଷ୍ଟି ତା'ର ଭାବସଂବେଗକୁ ଅନ୍ୟ ମଧ୍ୟରେ ସଂକ୍ରାମିତ କରି ତା'ର ଚିତ୍ତରେ ସହାନୁଭୂତି ଓ ପ୍ରେମ ସଂଚାର କରିପାରେ ତା'ର ସୃଷ୍ଟି ସାର୍ଥକ ।

ରସ୍‌କିନ୍‌ଙ୍କ ମତରେ ସୌନ୍ଦର୍ଯ୍ୟ ସହିତ ସତ୍ୟ, ପବିତ୍ରତା, ଗାମ୍ଭୀର୍ଯ୍ୟ ବୋଧ (Sublimity) ଓ ସଂଯମ (Moderation) ଅନ୍ୱିତ ନହେଲେ ଯଥାର୍ଥ ସୌନ୍ଦର୍ଯ୍ୟ ଦର୍ଶନ ବା ସୌନ୍ଦର୍ଯ୍ୟ ସୃଷ୍ଟି ସମ୍ଭବ ନୁହେଁ । ସେ ପୁଣି କହନ୍ତି, କବି ବା ଶିଳ୍ପୀର ସୃଷ୍ଟିରେ ଗୋଟାଏ ଅନନ୍ତତା ଫୁଟିଉଠେ । ଏହି ଅନନ୍ତତା ବାହ୍ୟଜଗତ୍ ମଧ୍ୟରେ ଭଗବାନଙ୍କର ସ୍ୱରୂପକୁ ଆମ ଚିତ୍ତରେ ପ୍ରକାଶ କରେ । ଏହି ଅନନ୍ତତାର ପ୍ରକାଶରେହିଁ ସୌନ୍ଦର୍ଯ୍ୟର ପ୍ରକାଶ (୪) । ଏହା ଆମ ଚିତ୍ତରେ ନୈତିକ ଉତ୍ପ୍ରୀତି ଜନିତ ଆନନ୍ଦ ଜାତ କରେ । ରସ୍‌କିନ ପୁଣି ସୌନ୍ଦର୍ଯ୍ୟ-ବସ୍ତୁରରେ ଆନୁଗୁଣ୍ୟ (proportion) ଓ ସାମଞ୍ଜସ୍ୟର ପ୍ରସଙ୍ଗ ବସ୍ତୁକରି ସୌନ୍ଦର୍ଯ୍ୟର ଦୁଇଟି ସତ୍ତା ସମ୍ପର୍କରେ ଉଲ୍ଲେଖ କରିଛନ୍ତି; ଯଥା—ଏହାର (କ) ବାହ୍ୟସ… (ଖ) ଆନ୍ତର ସତ୍ତା । ଯେଉଁ ବାହ୍ୟଗୁଣ ହେତୁ ମନୁଷ୍ୟ ଓ ପ୍ରକୃତିକୁ ସୁନ୍ଦର କୁହାଯାଏ ତାହା ସୌନ୍ଦର୍ଯ୍ୟର ବାହ୍ୟସତ୍ତା (Typical beauty), ମନୁଷ୍ୟ ଓ ପ୍ରକୃତି ସମ୍ପର୍କିତ ଯେଉଁ

---

(୪) (କ) Lectures on Art.

(ଖ) Modern Painters.

ଆନନ୍ଦବୋଧ ମନୁଷ୍ୟ ଚିତ୍ତରେ ଉନ୍ନତ ଜୀବନ ଯାପନର ପ୍ରେରଣା ଦିଏ ତାହା ସୌନ୍ଦର୍ଯ୍ୟର ଅନ୍ତର ସତ୍ତା (vital beauty) ।

ଦାର୍ଶନିକ କ୍ୟାଣ୍ଟଙ୍କ ମତରେ ସୌନ୍ଦର୍ଯ୍ୟାନୁଭୂତିଜନିତ ଆନନ୍ଦ କୌଣସି ବସ୍ତୁଧର୍ମ ନୁହେଁ, ଏହା ଦ୍ରଷ୍ଟା ବା ସ୍ରଷ୍ଟାର ହୃଦୟର ଧର୍ମ, ସଂପୂର୍ଣ୍ଣ ଆଧ୍ୟାତ୍ମିକ । ଏହା ସହିତ ଗାମ୍ଭୀର୍ଯ୍ୟବୋଧ ନିବିଡ଼ ଭାବରେ ଜଡ଼ିତ ଥାଏ ।

ବାଗାର୍ଟେନ୍ ଓ ଉଲ୍ଫ୍ ସୌନ୍ଦର୍ଯ୍ୟ ସମ୍ପର୍କରେ ଆଲୋଚନା କରିବାକୁ ଯାଇ କହିଛନ୍ତି, 'ବହୁ ମଧ୍ୟରେ ଯେଉଁ ଐକ୍ୟ ପରିଲକ୍ଷିତ ହୁଏ ତାହାକୁ ପୂର୍ଣ୍ଣତା କୁହାଯାଏ,—ଏହି ପୂର୍ଣ୍ଣତା ହେଉଛି ସୌନ୍ଦର୍ଯ୍ୟ ।' ସାଫ୍ଟ୍ସବରୀଙ୍କ ମତରେ ସୌନ୍ଦର୍ଯ୍ୟ ହେଉଛି ଆଧ୍ୟାତ୍ମିକ ଶ୍ରେୟ ( Goodness of morality ) ।

ଦାର୍ଶନିକ ହେଗେଲ୍ ସୌନ୍ଦର୍ଯ୍ୟର ବାହ୍ୟସତ୍ତା ସ୍ୱୀକାର କଲେ ମଧ୍ୟ ଏହାର ଲକ୍ଷଣ ସମ୍ପର୍କରେ କହନ୍ତି ଯେ ଅନ୍ତରର ଚିତ୍ସତ୍ତା ବା ଚିଦଭିବ୍ୟକ୍ତି ସହିତ ମିଳିତ ନହେଲେ ବାହ୍ୟବସ୍ତୁକୁ ସୁନ୍ଦର କହିବାରେ କୌଣସି ଗଭୀରତା ବା ଅର୍ଥ ନାହିଁ ।

ଗ୍ରୀକ୍ ଦାର୍ଶନିକ ଆରିଷ୍ଟୋଟଲ୍ ସମଗ୍ର ସହିତ ଅଂଶର ସାମଞ୍ଜସ୍ୟକୁ ସୌନ୍ଦର୍ଯ୍ୟର ମୁଖ୍ୟଧର୍ମ ବୋଲି କହନ୍ତି (୫) ଏବଂ କଳାକୁ ପ୍ରକୃତିର ଅନୁକରଣ ବୋଲି କହି ତାର ନୈତିକ ମୂଲ୍ୟବୋଧ ଉପରେ ଗୁରୁତ୍ୱ ଦିଅନ୍ତି । ଅନ୍ୟତମ ପ୍ରସିଦ୍ଧ ଗ୍ରୀକ୍ ଦାର୍ଶନିକ ପ୍ଲେଟୋ ଏକ ଦିଗରେ ଯେପରି ପରିମାଣ ଓ ରେଖାର ସାମଞ୍ଜସ୍ୟକୁ ସୌନ୍ଦର୍ଯ୍ୟ ସୃଷ୍ଟିର କାରଣ ବୋଲି ଉଲ୍ଲେଖ କରିଛନ୍ତି,

---

(୫) **Poetics (Tragedy), Aristotle.**

ଅନ୍ୟତ୍ରଗରେ ଶ୍ରେୟ ଓ ନୈତିକ ଉତ୍କର୍ଷ ସାଧନ କରୁଥିବା ବସ୍ତୁକୁ ସୌନ୍ଦର୍ଯ୍ୟର ଅନ୍ୟତମ କାରଣ ବୋଲି ମଧ୍ୟ ଉଲ୍ଲେଖ କରିଛନ୍ତି ।

ପ୍ରସିଦ୍ଧ ଇଂରାଜ କବି ଶେଲି କହନ୍ତି, 'କବି ମନୁଷ୍ୟ ଉପରେ ପଡ଼ୁଥିବା ବାହାର ଜଗତର ଅସ୍ପୃଷ୍ଟ ପ୍ରଭାବକୁ ନିଜର କଳ୍ପନା-ବଳରେ ପରିସ୍ଫୁଟ କରି ଆମ୍ଭମାନଙ୍କର ସୌନ୍ଦର୍ଯ୍ୟବୃତ୍ତି ଓ କଳ୍ପନାକୁ ଉଜ୍ଜୀବିତ କରେ ଏବଂ ଆମ୍ଭମାନଙ୍କ ପକ୍ଷରେ ଯାହା ସୁନ୍ଦର ଓ କଲ୍ୟାଣକର ସେହି ଦିଗକୁ ଆମର ଚିତ୍ତକୁ ଆକୃଷ୍ଟ କରେ ।

ସ୍ଥୂଳତଃ ଏଇ ହେଲା ପାଶ୍ଚାତ୍ୟ ଦାର୍ଶନିକ ଓ କବିମାନଙ୍କର ସୌନ୍ଦର୍ଯ୍ୟ ସମ୍ବନ୍ଧରେ କେତୋଟି ତାତ୍ତ୍ୱିକ ସୂଚନା । ପାଶ୍ଚାତ୍ୟ ଜଗତ ପରି ଆମ ଦେଶରେ ସୌନ୍ଦର୍ଯ୍ୟର ସ୍ୱରୂପ ସମ୍ପର୍କରେ ସେପରି କୌଣସି ତାତ୍ତ୍ୱିକ ଆଲୋଚନା କରାଯାଇ ନଥିଲେ ମଧ୍ୟ ଭାରତୀୟ କାବ୍ୟ, ଅଳଂକାର, ଶିଳ୍ପ ଓ ସ୍ଥାପତ୍ୟରେ ଭାରତୀୟ କବି ଓ ଶିଳ୍ପୀର ଗଭୀର ସୌନ୍ଦର୍ଯ୍ୟବୋଧର ପରିଚୟ ମିଳେ । ସଂସ୍କୃତ ଅଳଙ୍କାର ଓ ସଂସ୍କୃତ ସାହିତ୍ୟର ଅମରକୃତି ଏବଂ ମନ୍ଦିର ଗାତ୍ରରେ ସ୍ଥପତିମାନଙ୍କର କାଳଜୟୀ କୃତିତ୍ୱ ସୌନ୍ଦର୍ଯ୍ୟ-ପିପାସୁ ପକ୍ଷରେ ଯେପରି ବିସ୍ମୟୋ-ତ୍ପାଦକ, ସେହିପରି ଅବିସ୍ମରଣୀୟ ।

ଆଳଂକାରିକ ଜଗନ୍ନାଥ ପଣ୍ଡିତଙ୍କ ପୂର୍ବ ପର୍ଯ୍ୟନ୍ତ ଭରତ ପ୍ରଭୃତି ଭାରତୀୟ ପ୍ରସିଦ୍ଧ ଆଳଙ୍କାରିକମାନେ କାବ୍ୟର ରସବାଦ ଉପରେ ବିଶେଷ ଗୁରୁତ୍ୱ ଦେଇ ଆସିଛନ୍ତି ; କିନ୍ତୁ ଜଗନ୍ନାଥ କେବଳ 'ରମଣୀୟତାକୁ' (୬) କାବ୍ୟର ଲକ୍ଷ୍ୟ ରୂପେ ଗ୍ରହଣକରି 'ରସ' ଓ 'ରମଣୀୟତା' ମଧ୍ୟରେ ପାର୍ଥକ୍ୟ ଦେଖାଇବାକୁ ଚେଷ୍ଟାକରିଛନ୍ତି ।

---

(୬) ରମଣୀୟାର୍ଥ ପ୍ରତିପାଦକଃ ଶବ୍ଦଃ କାବ୍ୟମ । ରସଗଙ୍ଗାଧର ୧ । ୧

ରମଣୀୟତାକୁ ବୁଝାଇବାକୁ ଯାଇ ସେ କହୁଛନ୍ତି, "ଏହା ହେଉଛି ପ୍ରୟୋଜନାତୀତ ଲୋକୋତ୍ତର ଅହ୍ଲାଦଜନକ ଜ୍ଞାନର ଗୋଚରତା ।" କାବ୍ୟର ଲକ୍ଷ୍ୟ ବସ୍ତୁର ପ୍ରସଙ୍ଗରେ କହୁଛନ୍ତି, 'ବାକ୍ୟାର୍ଥର ପ୍ରକାଶ-ଭଙ୍ଗୀରେ ଯେଉଁ ଏକ ବିଶେଷ ଚମତ୍କାରିତା ଫୁଟିଉଠେ ତାହାହିଁ କାବ୍ୟର ସୌନ୍ଦର୍ଯ୍ୟ ବା ରମଣୀୟତା ।' ସୌନ୍ଦର୍ଯ୍ୟାନୁଭୂତିଦ୍ୱାରା ଆମର ସଂସ୍କାର ଉଦ୍‌ବୁଦ୍ଧହୋଇ ଭାବରାଜରେ ପ୍ରକାଶିତ ହୁଏ । ଏଥିରେ ଏକଦିଗରେ ଅଛି ଆମର କ୍ରିୟାତ୍ମକ ବୃତ୍ତି, ଅନ୍ୟଦିଗରେ ଅଛି ବିଶେଷ ଉଦ୍‌ବୁଦ୍ଧ ଜ୍ଞାନ ।

ଜଗନ୍ନାଥ ପୁଣି କହୁଛନ୍ତି, 'ରମଣୀୟତାରେ ରସର ସତ୍ତା ଯେ ଦେଖାଯାଏ ନାହିଁ ତାହା ନୁହେଁ । କାବ୍ୟମଧ୍ୟରେ ପ୍ରାକୃତିକ ଦୃଶ୍ୟର ବର୍ଣ୍ଣନା ବା କୌଣସି ସତ୍ୟର ବିବୃତି ବହୁସ୍ଥଳରେ ରସପ୍ରଧାନ ନ ହୋଇ ରମଣୀୟତା-ପ୍ରଧାନ ହୋଇଥାଏ । ତେଣୁ ରସପରିସ୍ଫୂର୍ତ୍ତିକୁ କାବ୍ୟର ଅଭିମୁଖ୍ୟ ନ କହି ରମଣୀୟତାକୁ କହିବା ସମୀଚୀନ । ରମଣୀୟତାରେ ରସ ପ୍ରବଳ ଥାଇପାରେ, ନ ଥାଇ ପାରେ; କିନ୍ତୁ ଜ୍ଞାନାଂଶ ପ୍ରବଳ ହୋଇ ଯଦି କାବ୍ୟ ରମଣୀୟ ହୁଏ ତାହେଲେ ତାହା ମଧ୍ୟ କାବ୍ୟ (୭) ।

ଜଗନ୍ନାଥଙ୍କୁ ଛାଡ଼ିଦେଲେ ବହୁ ଆଳଂକାରିକ ସହୃଦୟଙ୍କର ଉଦ୍ରେକକୁ ସୌନ୍ଦର୍ଯ୍ୟରସସ୍ଫୂର୍ତ୍ତିର କାରଣରୂପେ ଗ୍ରହଣ କରିଛନ୍ତି ।

ବିଶ୍ୱକବି ରବୀନ୍ଦ୍ରନାଥଙ୍କ ମତରେ ନିଷ୍ପ୍ରୟୋଜନ ଭାବରେ ଯେଉଁ ଆନନ୍ଦ ଆମ ଚିତ୍ତରେ ପ୍ରକାଶ ପାଏ ତାହା ହେଉଛି ସୌନ୍ଦର୍ଯ୍ୟର ସ୍ୱରୂପ । ପୁଣି କ୍ରୋଚେଙ୍କ ମତରେ ସୌନ୍ଦର୍ଯ୍ୟ ଏକ

(୭) ସୌନ୍ଦର୍ଯ୍ୟତତ୍ତ୍ୱ, ଡା, ସୁରେନ୍ଦ୍ରନାଥ ଦାସଗୁପ୍ତ ।

ଦିଗରେ ଯେପରି ପ୍ରୟୋଜନର ଅପେକ୍ଷା ରଖେନାହିଁ, ଅନ୍ୟଦିଗରେ ସେହିପରି ନୀତି ଓ ଭଲମନ୍ଦର ଅପେକ୍ଷା ରଖେନାହିଁ ।

ସ୍ଥୂଳତଃ ଏ ସମସ୍ତ ବିଚାରରୁ ସ୍ପଷ୍ଟ ହୁଏ ଯେ ସୌନ୍ଦର୍ଯ୍ୟବୋଧ ହେଉଛି ମନର ଏକ ବିଶେଷ ବୋଧ; ଏହା ଜ୍ଞାନ, ଆହ୍ଲାଦ ଓ କ୍ରିୟାତ୍ମକ ବୃତ୍ତି ସହିତ ଜଡ଼ିତ ରହିଥାଏ । ଏହାର ସ୍ୱରୂପ ଲକ୍ଷଣ ଦେବା ସମ୍ଭବ ନୁହେଁ । ବିଚାର ସମୟରେ ଏହାର ସ୍ୱତନ୍ତ୍ରସତ୍ତା ଆମେ ମାନିନେଇ ବିଶ୍ଳେଷଣ କରୁଁ । ଏଥିରେ ଆମର ଅନ୍ତରବୃତ୍ତିର ଯେଉଁ ଆଲୋଚନା ହୁଏ ତାଦ୍ୱାରା ବାହ୍ୟଭାବରେ ଶିଳ୍ପ ବା ସାହିତ୍ୟ ବିଚାର କରିବା ପାଇଁ କେତେଗୁଡ଼ିଏ ସିଦ୍ଧାନ୍ତ ଆମ ଆଖି ଆଗରେ ସ୍ପଷ୍ଟ ହୋଇଉଠେ । ତାହାଦ୍ୱାରା ଆମେ ଶିଳ୍ପ ଓ ସାହିତ୍ୟର ମୂଲ୍ୟାଙ୍କନ କରୁଁ (୮)

କବି ଗଙ୍ଗାଧର ମେହେରଙ୍କ ସୃଷ୍ଟିରେ ତାଙ୍କର ସୌନ୍ଦର୍ଯ୍ୟ ବୋଧର ବିଚାର ପ୍ରସଙ୍ଗରେ ସୌନ୍ଦର୍ଯ୍ୟର ଏ ଦାର୍ଶନିକ ଭୂମିକାକୁ କେହି ଦୀର୍ଘ ଓ ଅବାନ୍ତର ବୋଲି ମନେ କରି ପାରନ୍ତି ଏବଂ କେହି କେହି ପ୍ରଶ୍ନ କରି ପାରନ୍ତି, ଯେଉଁ ମେହେରଙ୍କର ବ୍ୟକ୍ତିତ୍ୱ ଉତ୍କଳୀୟ ତଥା ଭାରତୀୟ ପୌରାଣିକ ବା ଆରଣ୍ୟକ ସଂସ୍କୃତିର ପୃଷ୍ଠଭୂମି ଉପରେ ସ୍ୱତନ୍ତ୍ରରୂପ ଗ୍ରହଣ କରିଛି, ଯେ ପାଶ୍ଚାତ୍ୟ ସାହିତ୍ୟ, ଦର୍ଶନ ଓ ସୌନ୍ଦର୍ଯ୍ୟତତ୍ତ୍ୱର ଧାର ଧାରନ୍ତି ନାହିଁ, ତାଙ୍କ ସୃଷ୍ଟିର ଆଲୋଚନା ପ୍ରସଙ୍ଗରେ ପାଶ୍ଚାତ୍ୟ କବି ଓ ଦାର୍ଶନିକମାନଙ୍କର ସୌନ୍ଦର୍ଯ୍ୟତତ୍ତ୍ୱ ସମ୍ବନ୍ଧୀୟ ମତାମତର ଆଲୋଚନା ଅବାନ୍ତର ଓ ଅସମୀଚୀନ । ଉତ୍ତରରେ ଏତିକିମାତ୍ର କହିରଖେଁ ଯେ ସୌନ୍ଦର୍ଯ୍ୟତତ୍ତ୍ୱମୂଳକ ଦାର୍ଶ

(୮) ସୌନ୍ଦର୍ଯ୍ୟତତ୍ତ୍ୱ, ଡା. ସୁ. ନା. ଦାସଗୁପ୍ତ ।

ଉପକ୍ରମ ଆପାତତଃ ଅବାନ୍ତର ବୋଧହେଲେ ମଧ୍ୟ ଅନାବଶ୍ୟକ ଓ ଅପ୍ରାସଙ୍ଗୀକ ନୁହେଁ । ଗଙ୍ଗାଧର ଦାର୍ଶନିକ ନ ହୋଇ ପାରନ୍ତି, ପାଶ୍ଚାତ୍ୟର ସୌନ୍ଦର୍ଯ୍ୟତତ୍ତ୍ୱରେ ତାଙ୍କର ପ୍ରବେଶ ନ ଥାଇ ପାରେ; କିନ୍ତୁ ସେ ଯେ ଜଣେ ପ୍ରତିଭାଶାଳୀ କବି, ପୂର୍ବଦ୍ରଷ୍ଟା ଓ ସୌନ୍ଦର୍ଯ୍ୟପିପାସୁ ଏହା ସର୍ବବାଦୀସମ୍ମତ । ପ୍ରତିଭାଶାଳୀ କବି ଓ ଶିଳ୍ପୀମାନଙ୍କର ଦର୍ଶନ, ଅନୁଭୂତି ଓ ସୃଷ୍ଟିର ପ୍ରେରଣା ତଥା ଆଦର୍ଶ ପ୍ରାୟ ସମକୋଟୀର । ଏହି ଦୃଷ୍ଟିରୁ ମେହେରଙ୍କର ସୌନ୍ଦର୍ଯ୍ୟ ବୋଧ ବିଚାରର ଅବସରରେ ପାଶ୍ଚାତ୍ୟ ଜଗତର ଟଲଷ୍ଟୟ୍, ରସକିନ୍ ହେଗେଲ୍, ଆରିଷ୍ଟଟଲ୍, ଶାଫ୍ଟସବରୀ, ବାଗାଟର୍ନ୍, ଶେଲି ପ୍ରଭୃତି ବହୁକବି ଓ ଦାର୍ଶନିକଙ୍କ ସୌନ୍ଦର୍ଯ୍ୟତତ୍ତ୍ୱର ବିଚାର କିପରି ଦୃଷ୍ଟିସମକ୍ଷକୁ ଛୁଏଁ ଛୁଏଁ ଆସେ, ଗଭୀରଭାବରେ ଚିନ୍ତାକଲେ ତାହା ଜଣାପଡ଼ିବ ।

ମେହେରଙ୍କ ଦେଶକାଳ, ସମାଜ ଓ ପାରିବାରିକ ପରିବେଶକୁ ଦୃଷ୍ଟି ସମକ୍ଷରେ ରଖି ତାଙ୍କର ବିପୁଳ ସାଧନା ଓ ସିଦ୍ଧି ସମ୍ପର୍କରେ ବିଚାର କଲେ ମନରେ ଯେତିକି ବିସ୍ମୟ ଜାତ ହୁଏ, ସେତିକି ଆଶା ଓ ସାନ୍ତ୍ୱନା ଆସେ । ଦରିଦ୍ର ତନ୍ତୁବାୟକୁଳରେ ଜନ୍ମ, ଆଧୁନିକ ଶିକ୍ଷା ମନ୍ଦିରର ଦେହଲି ମାଡ଼ିବାର ସୁଯୋଗ ପାଇନାହାନ୍ତି । ଅଧ୍ୟୟନ ସ୍ପୃହାକୁ ଆଶାନୁରୂପ ଚରିତାର୍ଥ କରିବା ପାଇଁ ଅନୁକୂଳ ପରିସ୍ଥିତି ନାହିଁ, ପୁଣି ତା ସହିତ କୁଟୁମ୍ବ ଜଞ୍ଜାଳ, ରାଜକାର୍ଯ୍ୟଜନିତ ପରାଧୀନତା ଓ ମାନସିକ ଅଶାନ୍ତି । ଅଥଚ ଏ ପ୍ରତିକୂଳ ପରିବେଶ ମଧ୍ୟରେ ଗଙ୍ଗାଧରଙ୍କପରି ଯେ ଜଣେ ପ୍ରତିଭାର ଆବିର୍ଭାବ ହୋଇପାରିଲା ଏ ଦୃଷ୍ଟିରୁ ତାଙ୍କୁ ଜଣେ କ୍ଷଣଜନ୍ମା ସ୍ଥିତପ୍ରଜ୍ଞ ପୁରୁଷ କହିଲେ ଅତ୍ୟୁକ୍ତି ହେବନାହିଁ ।

ମେହେରଙ୍କ ସାରସ୍ୱତ ସାଧନା ସମୟକୁ ଓଡ଼ିଶାରେ ଇଂରାଜୀ ଶିକ୍ଷାର ପ୍ରଚଳନ ହୋଇଗଲାଣି । ଇଂରାଜୀ ଶିକ୍ଷିତ ଯୁବକଗଣ ପାଶ୍ଚାତ୍ୟ ସାହିତ୍ୟ ସଂସ୍ପର୍ଶରେ ଆସି ନୂତନ ଧରଣର କାବ୍ୟ ନାଟକ, ଉପନ୍ୟାସ, ଓ ଗୀତି କବିତା ପ୍ରଭୃତିର ରଚନା ଆରମ୍ଭ କରିଦେଲେଣି । ପୁଣି ଯୁଗନ୍ଧର କବି ରାଧାନାଥଙ୍କ ନୂତନ ରୁଚି ଓ ନୂତନ ବିଷୟବସ୍ତୁ ସମ୍ବଳିତ କାବ୍ୟ ସୃଷ୍ଟି ଇନ୍ଦ୍ରଧନୁ ଓ ବିଜୁଳି ପତ୍ରିକା ଜରିଆରେ ନାନା ପ୍ରତିକୂଳ ଓ ଅନୁକୂଳ ସମାଲୋଚନାର ଶରବ୍ୟ ହୋଇଥାଏ । ଏ ପରିସ୍ଥିତିରେ ଗଙ୍ଗାଧରଙ୍କର ସାଧନାର ଆଦର୍ଶ କଣ ? କି ସଂସ୍କାରର ପୃଷ୍ଠଭୂମି ଉପରେ ତାଙ୍କର ବ୍ୟକ୍ତିତ୍ୱର ପାଳନ, ପୋଷଣ ଓ ବିକାଶ ସମ୍ଭବ ହୋଇଛି ତାହା ତାଙ୍କ ସୃଷ୍ଟିର ମୂଲ୍ୟ ନିରୂପଣର ଆଦ୍ୟ ଜିଜ୍ଞାସା ।

ଗଙ୍ଗାଧର ପାଶ୍ଚାତ୍ୟ ସାହିତ୍ୟ ଓ ଦର୍ଶନ କିଛି ଆହରଣ କରିବାର ସୁଯୋଗ ପାଇଲେ ନାହିଁ । ଭାରତୀୟ ସଂସ୍କୃତ ସାହିତ୍ୟ, ପୁରାଣ, ଓଡ଼ିଆ ଭାଗବତ, ରାମାୟଣ, ହରିବଂଶ, ଅନ୍ୟ ପୁରାଣ ତଥା ଓଡ଼ିଆ କାବ୍ୟ ହେଲା ତାଙ୍କ ଶିକ୍ଷା, ରୁଚି ଓ ସଂସ୍କାରର ଆଦର୍ଶ । ବାଲ୍ୟକାଳରୁ ଗୁରୁଜନଙ୍କ ସହ ମନ୍ଦିରରେ ଦେବଦର୍ଶନ, ସଂକୀର୍ତ୍ତନ ଶ୍ରବଣ, ପୁଣି ଭାଗବତ, ରାମାୟଣ ପ୍ରଭୃତି ପୁରାଣ-ପାଠ ଶ୍ରବଣ ତାଙ୍କ ଚିତ୍ତରେ ଉନ୍ନତ ରୁଚି, ଉଚ୍ଚ ଆଦର୍ଶ ଓ ଆଧ୍ୟାତ୍ମିକ ଜୀବନର ପ୍ରେରଣା ଦେଇଥିଲା । ବିଦ୍ୟାଳୟର ସ୍ୱଳ୍ପ ଶିକ୍ଷା ସହିତ ରଘୁବଂଶ ପ୍ରଭୃତି ସଂସ୍କୃତ ମହାକାବ୍ୟ ଓ ସିଦ୍ଧାନ୍ତ ଚନ୍ଦ୍ରିକା ପ୍ରଭୃତି ସଂସ୍କୃତ ବ୍ୟାକରଣ ଅଧ୍ୟୟନ କରି ସେ ବଙ୍ଗଳା ଓ ହିନ୍ଦୀ ସାହିତ୍ୟରେ ପ୍ରବେଶ ଲାଭ କରିଥିଲେ । ପ୍ରବଳ ଅଧ୍ୟୟନ ସ୍ପୃହା ଓ ନୈସର୍ଗିକ ସାହିତ୍ୟ ଅନୁରାଗ ହେତୁ ବହୁକଷ୍ଟରେ ଏଠୁ ସେଠୁ ସଂଗ୍ରହ କରିଥିବା

କେତେକ ସଂସ୍କୃତ ଗ୍ରନ୍ଥ ଏବଂ ପ୍ରାଚୀନ ଓ ମଧ୍ୟଯୁଗର ବହୁ ଓଡ଼ିଆ କାବ୍ୟ ଅଧ୍ୟୟନ କରି ନିଜର ମାନସିକ କ୍ଷୁଧା ନିବୃତ୍ତ କରୁଥିଲେ ଏବଂ ପ୍ରଖର ସ୍ମରଣ ଓ ଧୀଶକ୍ତି ହେତୁ ଅଧୀତ ପ୍ରସଙ୍ଗ ସହଜରେ ହୃଦୟଙ୍ଗମ କରିପାରୁଥିଲେ । ସେହେତୁ ନିଜ ପ୍ରତିଭାର ବିକାଶ ପାଇଁ ଅତି ସଙ୍କୀର୍ଣ୍ଣ ପରିସରରେ ଯେଉଁ ଉପାଦାନ ପାଇଥିଲେ ତାହା ଯଥେଷ୍ଟ ନ ହେଲେ ମଧ୍ୟ ଦୀନକୃଷ୍ଣ, ଉପେନ୍ଦ୍ର ଓ ଅଭିମନ୍ୟୁଙ୍କର କାବ୍ୟ ତାଙ୍କୁ ରଚନାର ପ୍ରେରଣା ଦେଇଥିଲା । ବାଲ୍ୟକାଳରୁ ସେ ଥିଲେ ଅତି ଶାନ୍ତ, ନମ୍ର ଓ ଧର୍ମପରାୟଣ; ପୁଣି ଦାରିଦ୍ର୍ୟ ଓ ନାନା ଦୁଃଖ କଷ୍ଟ ମଧ୍ୟରେ ସେ ଜୀବନର ପ୍ରକୃତ ସ୍ୱାଦ ପାଇଥିଲେ । ସ୍ୱର୍ଣ୍ଣପରି ନାନା ପ୍ରତିକୂଳ ପରିସ୍ଥିତି, ଦୁଃଖ, କଷ୍ଟ ଓ ନୈରାଶ୍ୟର ଅଗ୍ନିଦାହ ମଧ୍ୟରେ ସେ ବାରଂବାର ପରୀକ୍ଷିତ ହୋଇ ନାନା ଭାବ-ସଂବେଗ, ସହିଷ୍ଣୁତା, ଭଗବତ୍-ନିର୍ଭରଶୀଳତା, ଉଦାରତା, ନିଃସ୍ୱାର୍ଥପରତା, ସରଳତା, କ୍ଷମା, ସଂତୋଷ ଓ ଗୁଣଗ୍ରାହକତା ପ୍ରଭୃତି ସ୍ୱର୍ଗୀୟ ଗୁଣ ଗୁଡ଼ିକରେ ନିଜ ବ୍ୟକ୍ତିତ୍ୱର ସ୍ୱତନ୍ତ୍ର ଏକ ମହନୀୟ ରୂପ ଗଠନ କରିପାରିଥିଲେ ।

ତାଙ୍କର ପ୍ରତ୍ୟେକ କାବ୍ୟ କବିତାରେ ଏହି ଋଷିଜନୋଚିତ ତ୍ୟାଗପୂତ ଭାରତୀୟ ଆର୍ଷ ତଥା ପୌରାଣିକ ସଂସ୍କୃତି ସମ୍ଭୃଦ୍ଧ ବ୍ୟକ୍ତିତ୍ୱର ଅନ୍ତରଙ୍ଗ ପ୍ରତିଫଳନ ପାଠକ ତଥା ସମାଲୋଚକର ଚିତ୍ତକୁ ଶାନ୍ତ ଓ ଆନନ୍ଦ ରସରେ ପରିପ୍ଲୁତ କରିଦିଏ । ରାଧାନାଥ ଓ ମଧୁସୂଦନଙ୍କର କାବ୍ୟ କବିତାର ରସ, ବିଷୟବସ୍ତୁର ବୈଚିତ୍ର୍ୟ ଓ ଅଭିନବତ୍ୱ ଆସ୍ୱାଦନ କରିଥିଲେ ମଧ୍ୟ ଗଙ୍ଗାଧର ନିଜ କାବ୍ୟର କଥାବସ୍ତୁ ଓ ଚରିତ୍ର ପାଇଁ ରାମାୟଣ, ମହାଭାରତ, ସଂସ୍କୃତ କାବ୍ୟ ତଥା ନାଟକ, ଆର୍ଷଜୀବନର ଓ ଅପୂର୍ବତ୍ୟାଗ, ବୀରତ୍ୱ ତଥା

ସତୀତ୍ୱର ଆଦର୍ଶରେ ସମୁଜ୍ଜ୍ୱଳ ରାଜପୁତ ଇତିହାସର ଆଶ୍ରୟ ଗ୍ରହଣ କରିଛନ୍ତି । ଯେଉଁ କାହାଣୀ ଓ ଚରିତ୍ର ଗୁଡ଼ିକରେ ଉନ୍ନତ ଆଦର୍ଶ, ଆଧ୍ୟାତ୍ମିକତା ଓ ଜୀବନର ମହତ୍ତ୍ୱର ଦିଗର ବଳିଷ୍ଠ ସଙ୍କେତ ରହିଛି ମେହେରଙ୍କର ସାରସ୍ୱତ ଦୃଷ୍ଟିରେ ସେ ଗୁଡ଼ିକ ନେଇ ନୋଦ୍ଭବ ସମ୍ପାଦନ କରିଛନ୍ତି । କାହାଣୀ, ଚରିତ୍ର ଓ ଜୀବନର ଯେଉଁ ମହନୀୟ ଭାବ ତଥା ଅନୁଭୂତି ତାଙ୍କର ବ୍ୟକ୍ତିତ୍ୱରେ ଅପୂର୍ବ ସ୍ପନ୍ଦନ ସୃଷ୍ଟିକରି ତାଙ୍କ ଚିତ୍ତର ଅସ୍ଫୁଟ ମୂର୍ତ୍ତିକୁ ଚଳଚଞ୍ଚଳ କରିଛନ୍ତି ମେହେର ସେହି ଅସ୍ଫୁଟ ମୂର୍ତ୍ତିକୁ ହୃଦୟର ଆବେଗ ଓ ଅନ୍ତରଙ୍ଗ ସ୍ପର୍ଶ ସହିତ ନିଜର ଅପୂର୍ବ କଳ୍ପନା, ଛନ୍ଦ ମାଧୁରୀ, ଲଳିତ ଭାଷା ଓ ପଦବିନ୍ୟାସରେ ବିଭିନ୍ନ କାବ୍ୟ କବିତାରେ ମୂର୍ତ୍ତିମନ୍ତ କରି ସ୍ୱକୀୟ ସୌନ୍ଦର୍ଯ୍ୟବୋଧର ପରିଚୟ ଦେଇଛନ୍ତି । ଗଭୀର ଭାବ ସଂବେଗ ଓ ସ୍ୱଚ୍ଛନ୍ଦ ଅଭିବ୍ୟକ୍ତି ମଧ୍ୟରେ ତାଙ୍କର ବ୍ୟକ୍ତିତ୍ୱର ସ୍ୱାକ୍ଷର ଅତି ସ୍ପଷ୍ଟ ହୋଇଉଠିଛି । ସେଥିପାଇଁ ରାଧାନାଥଙ୍କର ପାଶ୍ଚାତ୍ୟ ଭାବ ଓ ଆଦର୍ଶର ଆଧାରରେ କଳ୍ପିତ 'କେଦାରଗୌରୀ', 'ଉଷା' ଓ 'ପାର୍ବତୀ' ପ୍ରଭୃତି ସ୍ଥାନରେ ଆମେ ମେହେରଙ୍କ ଲେଖନୀରୁ ପାଇଛୁଁ 'ତପସ୍ୱିନୀ', 'ପ୍ରଣୟବଲ୍ଲରୀ', 'ଇନ୍ଦୁମତୀ' 'ପଦ୍ମିନୀ', 'କୀଚକବଧ', 'ଅହଲ୍ୟାସ୍ତବ' ଓ 'ଅଯୋଧ୍ୟା-ଦୃଶ୍ୟ' ପ୍ରଭୃତି କାବ୍ୟକବିତା, ବାଲ୍ମୀକିଙ୍କର ସୀତା, କାଳିଦାସଙ୍କର ଇନ୍ଦୁମତୀ ଓ ଶକୁନ୍ତଳା, ବ୍ୟାସଙ୍କର ଦ୍ରୌପଦୀ ଚରିତ୍ର କେବଳ ମେହେରଙ୍କ ସୃଷ୍ଟିରେ ଗତାନୁଗତିକ ବା ଚର୍ବିତଚର୍ବଣ ହୋଇନାହିଁ ବରଂ ତାଙ୍କର ସାରସ୍ୱତ ଦୃଷ୍ଟି ଓ ପ୍ରତିଭା ସ୍ପର୍ଶରେ ସଂପୂର୍ଣ୍ଣ ନୂତନ ଓ ମୌଳିକ ରୂପ ଗ୍ରହଣ କରିଛି । ମେହେର ପ୍ରାଚୀନ ସାରସ୍ୱତ ଭଣ୍ଡାରରୁ ସୌନ୍ଦର୍ଯ୍ୟର ଉପାଦାନ ସଂଗ୍ରହ କରି ଆଧୁନିକ ଭାବ ଓ ଭାଷା ସଂପଦରେ ଅଧିକ ସୁନ୍ଦର ଓ ଚିରନ୍ତନ କରିଛନ୍ତି । ତେଣୁ ମେହେରଙ୍କ ବ୍ୟକ୍ତିତ୍ୱ ଓ ସାରସ୍ୱତ ଦୃଷ୍ଟିରେ ପ୍ରାଚୀନ ସଂସ୍କୃତ ଓ

ଆତ୍ମାନଙ୍କ ପରିବେଶର ଅପୂର୍ବ ସମନ୍ୱୟ ତାଙ୍କୁ ଅଧିକ ମହିମାନ୍ୱିତ କରିଛି । ସୁତରାଂ ମାନବ ଚରିତ୍ର ହେଉ, ପ୍ରକୃତି ହେଉ କିମ୍ବା ଜୀବନର କୌଣସି ଗଭୀର ସତ୍ୟ ହେଉ, ଯେଉଁଠି ସତ୍ୟ, ଉଚ୍ଚ ଆଦର୍ଶ, ନୈତିକତା, ପବିତ୍ରତା, ସାଧୁତା ଓ ଶ୍ରେୟର ସନ୍ଧାନ ରହିଛି; ଯେଉଁଠି ମାନବିକତା, ଗାମ୍ଭୀର୍ଯ୍ୟ, ଆଧ୍ୟାତ୍ମିକତା ତଥା ବିଶ୍ୱଜୀବନର ସ୍ପର୍ଶାନୁଭୂତି ତାଙ୍କର ବ୍ୟକ୍ତି ପୁରୁଷରେ ସ୍ପନ୍ଦନ ସୃଷ୍ଟି କରିଛି, ସେହିଠାରେ ସେଠାରେ ସୌନ୍ଦର୍ଯ୍ୟର ସନ୍ଧାନ ପାଇଛନ୍ତି (୯) ।

ପ୍ରାଚୀନ ଗ୍ରୀକ୍ ସୌନ୍ଦର୍ଯ୍ୟବାଦୀଙ୍କ ପରି ଭାରତୀୟ କାବ୍ୟ ସୃଷ୍ଟିରେ ନାୟକ ନାୟିକାଙ୍କର ଅଙ୍ଗ ପ୍ରତ୍ୟଙ୍ଗର ସୌଷ୍ଠବ ଓ ସୌଷମ୍ୟ ବର୍ଣ୍ଣନରେ କବିର ସୌନ୍ଦର୍ଯ୍ୟଧାରଣା ସୀମିତ ନୁହେଁ । ଅଙ୍ଗ ସୌଷ୍ଠବର ବର୍ଣ୍ଣନା ସହିତ ଚରିତ୍ରର ଆତ୍ମିକ ସୌନ୍ଦର୍ଯ୍ୟର ସଙ୍କେତ ଚରିତ୍ର ଚିତ୍ରଣରେ ତାଙ୍କର ଗଭୀର ଅନ୍ତର୍ଦୃଷ୍ଟିର ପରିଚୟ ଦିଏ । ବାଲ୍ମୀକି, ବ୍ୟାସ କିମ୍ବା କାଳିଦାସ ପ୍ରଭୃତି ଯେ କୌଣସି କବିଙ୍କର ନାୟକ ନାୟିକାକୁ ଦୃଷ୍ଟାନ୍ତରୂପେ ଗ୍ରହଣ କରାଯାଇ ପାରେ । ସାରଳା, ବଳରାମ ଓ ଅଚ୍ୟୁତ ପ୍ରଭୃତି ଓଡ଼ିଶାର ପୌରାଣିକ କବିମାନେ ନାୟକ ନାୟିକାଙ୍କର ଅଙ୍ଗସୌଷ୍ଠବର ଯେପରି ସ୍ୱଭାବସୁନ୍ଦର ବର୍ଣ୍ଣନ କରିଛନ୍ତି ଚରିତ୍ର ଚିତ୍ରଣରେ ସେହିପରି ସେମାନଙ୍କର ଅନ୍ତର୍ନିହିତ ସୌନ୍ଦର୍ଯ୍ୟର ସଙ୍କେତ ଦେବାକୁ ଭୁଲିନାହାନ୍ତି । ଓଡ଼ିଆ ରୀତି କାବ୍ୟରେ ନାୟକ ନାୟିକାଙ୍କର ଅଙ୍ଗପ୍ରତ୍ୟଙ୍ଗ ଓ ସେମାନଙ୍କର ସଂଭୋଗମୟ ଅଭିଜାତ-ଜୀବନର ବହୁଳ ବର୍ଣ୍ଣନା ରହିଲେ ମଧ୍ୟ

(୯) ପାଶ୍ଚାତ୍ୟ ଜଗତର ଟଲଷ୍ଟୟ, ରସ୍କିନ୍, ସାଫ୍ଟ୍ସବରୀ, ଶେଲି ଭାରତୀୟ କବି ଓ ଆଲଂକାରିକଙ୍କର ସୌନ୍ଦର୍ଯ୍ୟତତ୍ତ୍ୱ ସମ୍ପର୍କୀୟ ଆଲୋଚନା ଦ୍ରଷ୍ଟବ୍ୟ ।

ସ୍ମୃତି ଶାସ୍ତ୍ରୋକ୍ତ ବୈଧ ପ୍ରେମ ଓ ଆଗ୍ରହ ସେମାନଙ୍କର ଜୀବନ ଯାପନର ଆଦର୍ଶ । ଆଧୁନିକ ଯୁଗର କବି ରାଧାନାଥ ଚରିତ୍ର ସୃଷ୍ଟିରେ ସୌନ୍ଦର୍ଯ୍ୟବୋଧର ଯେଉଁ ପରିଚୟ ଦେଇଛନ୍ତି ସେଥିରେ ନୀତି-ଅନୀତିର ବିଚାର ରଖିନାହାନ୍ତି । ସେ ଗ୍ରୀକ୍ କାବ୍ୟ ଓ ନାଟକର ଆଦର୍ଶରେ ତାଙ୍କର କେଦାର ଗୌରୀ, ଉଷା, ଚନ୍ଦ୍ରଭାଗା ଓ ପାର୍ବତୀ ପ୍ରଭୃତି ଚରିତ୍ରର ପରିକଳ୍ପନା କରିଥିବାରୁ ନାୟକ ନାୟିକାଙ୍କ କ୍ରିୟାକଳାପର ଧାରଣା ଗ୍ରୀକ୍ ସୌନ୍ଦର୍ଯ୍ୟବାଦ ଦ୍ୱାରା ବହୁ ପରିମାଣରେ ପ୍ରଭାବିତ ହୋଇଛି । ଅବଶ୍ୟ ନାୟିକାର ଅଙ୍ଗସୌଷ୍ଠବ ବର୍ଣ୍ଣନାରେ ରୀତି ଯୁଗୀୟ କାବ୍ୟର ମାର୍ଜିତ ମୁଦ୍ରାଙ୍କ ପରିଲକ୍ଷିତ ହେଲେ ମଧ୍ୟ ଚରିତ୍ରଚିତ୍ରଣରେ ଭାରତୀୟ ତଥା ଉତ୍କଳୀୟ ସଂସ୍କୃତି ଓ ଆଦର୍ଶର ଏକାନ୍ତ ଅଭାବ ପରିଲକ୍ଷିତ ହୁଏ ( ମହାଯାତ୍ରାକୁ ଛାଡ଼ି ) । ରାଧାନାଥଙ୍କ ଚରିତ୍ର ସୃଷ୍ଟି ବିରୁଦ୍ଧରେ ଉତ୍କଳର ପାଠକ ତଥା ସମାଲୋଚକଙ୍କ ମନରେ ଯେଉଁ ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା ସେଥିପାଇଁ ହେଉ (୧୦) ବା ଭାରତୀୟ ପ୍ରାଚୀନ ସଂସ୍କୃତିରେ ସନ୍ନିଷ୍ଠ ତାଙ୍କର ବ୍ୟକ୍ତିତ୍ୱ ହେତୁ ହେଉ ଗଙ୍ଗାଧରଙ୍କର ସୌନ୍ଦର୍ଯ୍ୟ ଦର୍ଶନରେ କିପରି ନୈତିକତା, ଆଧ୍ୟାତ୍ମିକତା ଓ ଉତ୍ତୁଙ୍ଗ ଆଦର୍ଶର ଏକ ମନୋଜ୍ଞ ଅଭିବ୍ୟଞ୍ଜନା ରହିଛି ତାର ସୂଚନା ପୂର୍ବରୁ ଦିଆଯାଇଛି । ଆଦର୍ଶ, ନୈତିକତା ଓ ପବିତ୍ରତା ବିହୀନ ସୌନ୍ଦର୍ଯ୍ୟର ଧାରଣା ତାଙ୍କର କବି ଚିତ୍ତରେ କେବେ ସମ୍ଭବ ନୁହେଁ । ତାଙ୍କର ଚରିତ୍ର ସୃଷ୍ଟିରେ ବହିଃ ସୌନ୍ଦର୍ଯ୍ୟ ସହିତ ଅନ୍ତଃ ସୌନ୍ଦର୍ଯ୍ୟର ଯେଉଁ ଅପୂର୍ବ ସଙ୍କେତ ରହିଛି

(୧୦) କେତେକଙ୍କ ମତରେ ଗଙ୍ଗାଧରଙ୍କର ଚରିତ୍ରସୃଷ୍ଟି ରାଧାନାଥଙ୍କର ଚରିତ୍ରସୃଷ୍ଟିର ବିନମ୍ର ପ୍ରତିକ୍ରିୟା ।

ତାହା ଅନ୍ୟତ୍ର କ୍ୱଚିତ୍ ଦେଖାଯାଏ; କିନ୍ତୁ ନାୟକ ନାୟିକାଙ୍କର ଅଙ୍ଗ ସୌଷ୍ଠବ ବର୍ଣ୍ଣନା ତାଙ୍କର ସୌନ୍ଦର୍ଯ୍ୟ ଧାରଣାରେ ମୁଖ୍ୟ ନୁହେଁ,- ମୁଖ୍ୟ ହେଉଛି ସେମାନଙ୍କ ଚରିତ୍ରର ଅନ୍ତର୍ନିହିତ ସୌନ୍ଦର୍ଯ୍ୟ । ସୁତରାଂ ଚରିତ୍ରର ଆତ୍ମିକ ସୌନ୍ଦର୍ଯ୍ୟ ବୃଦ୍ଧି ନିମିତ୍ତ ଯେଉଁ ସ୍ଥଳରେ ସେ ଆବଶ୍ୟକତା ବୋଧକରିଛନ୍ତି ସେ ସ୍ଥଳରେ ପରିପୂରକ ଭାବରେ ନାୟକ ନାୟିକାଙ୍କର ଅଙ୍ଗସୌଷ୍ଠବର ଅତି ମାର୍ଜିତ ଓ ପରିମିତ ବର୍ଣ୍ଣନା ଦେଇ ନିଜର ମାତ୍ରା ତଥା ଔଚିତ୍ୟଜ୍ଞାନର ପରିଚୟ ଦେଇଛନ୍ତି । ରାଧାନାଥଙ୍କର ଚନ୍ଦ୍ରଭାଗା କିମ୍ବା ଲଳିତାର ରୂପବର୍ଣ୍ଣନା ପାଠକଲେ ପାଠକ ଚିତ୍ତରେ ଇନ୍ଦ୍ରିୟ ଭାବାବେଶ ଅଙ୍କୁରିତ ହୁଏ; କିନ୍ତୁ ମେହେରଙ୍କର ସୀତା ଓ ଶକୁନ୍ତଳାଙ୍କର ସୌନ୍ଦର୍ଯ୍ୟର ସଂଯତ ତଥା ମାର୍ଜିତ ବର୍ଣ୍ଣନା ପାଠକ ଚିତ୍ତରେ ମାଧୁର୍ଯ୍ୟ ସହିତ ସାତ୍ତ୍ୱିକତା, ମହନୀୟତା ଓ ଗାମ୍ଭୀର୍ଯ୍ୟବୋଧ (Sublimity) ଜାତ କରେ । ସମ୍ପୃକ୍ତ କାବ୍ୟ ଗୁଡ଼ିକରୁ କେବଳ ଗୋଟିଏ ଦୁଇଟି ଉଦାହରଣ ଦେଉଛି । ରୋରୁଦ୍ୟମାନା ସୀତାଙ୍କୁ ଦେଖି ମୁନିକୁମାରୀଗଣଙ୍କ ଚିତ୍ତରେ ଯୁଗପତ୍ ଯେଉଁ ବିସ୍ମୟ ତଥା ଆନନ୍ଦ ଜାତ ହୋଇଥିଲା କବି ସେମାନଙ୍କ ମୁଖରେ ତାହା ବର୍ଣ୍ଣନା କରିଛନ୍ତି—

ସ୍ୱର୍ଗପୁରୁଁ କେଉଁ ଦେବୀ କି
ସଦ୍ୟ ଶାପର ଫଳେ,
ସଦେହରେ ଖସି ପଡ଼ିଛି
ଆସି ଅବନୀ ତଳେ ?
ଭ୍ରମୁ ଭ୍ରମୁ କିବା ଅଭ୍ରରେ
ଅଭ୍ରମାତଙ୍ଗ ଚଢ଼ି,

ପୁରନ୍ଦର-ପୁର-ଶୋଭନୀ
ପଡ଼ି ଅଛନ୍ତି ଗଡ଼ି ?
କିଏ ବା ଭାବନ୍ତି, ଜାହ୍ନବୀ
ଅବା ମୂର୍ତ୍ତିମତୀ କି ?
ଶ୍ୱେତକ-କଲ୍ଲୋଳେ ଭସାଉ-
ଛନ୍ତି ବସୁମତୀକି ?
—ତପସ୍ୱିନୀ, ଦ୍ୱିତୀୟ ସର୍ଗ ।

ପ୍ରଥମ ସାକ୍ଷାତରେ ପ୍ରଣୟମୁଗ୍‌ଧ ଦୁଷ୍ମନ୍ତଙ୍କର ନେତ୍ରାତିଥି ହୋଇଥିବା ଶକୁନ୍ତଳାଙ୍କର ରୂପ କବି ଦୁଷ୍ମନ୍ତଙ୍କ ମୁଖରେ ବର୍ଣ୍ଣନା କରିଛନ୍ତି—

ମୃଦୁ ମନୋହର କଳେବରେ ଦେଖି
ବଲ୍‌କଲର ପରିଚ୍ଛଦ,
ବିଚାରିଲେ, "ଆହା ରାଜଲକ୍ଷ୍ମୀ ତନୁ
ସମର ଚିନ୍ତା ଅସ୍ପଦ ।
ବାସ୍ପାବୃତ ହୋଇ ପଡ଼ୁଛି ତଥାପି
ଲଲନା-ଲାବଣ୍ୟ-ପ୍ରଭା,
ଯଥା ଶିବ-ଜଟେ- ଚନ୍ଦ୍ରିକା, ଶୈବାଳ—
ବେଷ୍ଟିତ-ପଦ୍ମିନୀ ଅବା ।
କଳଙ୍କହିଁ ଥାଇ କଳାକର କୋଳେ
କରଇ ନେତ୍ର ରଞ୍ଜନ,
ସ୍ୱଭାବ ସୁନ୍ଦର ଅଙ୍ଗକୁ ଜଗତେ
ନ ହୁଏ କିସ ମଣ୍ଡନ ?
—ପ୍ରଣୟ ବଲ୍ଲରୀ, ପ୍ରଥମ ସର୍ଗ ।

କୀଚକ ବଧ ଗଙ୍ଗାଧରଙ୍କର ପ୍ରାରମ୍ଭିକ ରଚନା ହୋଇଥିବାରୁ ବିରାଟନାରୀଙ୍କ ରୂପବର୍ଣ୍ଣନାରେ, କାମୁକ କୀଚକର ମନୋବୃତ୍ତି ବିଶ୍ଳେଷଣରେ ଏବଂ ପ୍ରକୃତି ବର୍ଣ୍ଣନାରେ ଭଞ୍ଜୀୟ ତଥା ରାଧାନାଥୀୟ ବର୍ଣ୍ଣନାର ପ୍ରଭାବ ଅଧିକ ପରିଲକ୍ଷିତ ହୁଏ (୧୧); କିନ୍ତୁ ବୟୋବୃଦ୍ଧି ତଥା ସାଧନାର ନିବିଡ଼ତା କ୍ରମେ ନାରୀ ଓ ପ୍ରକୃତିର ସୌନ୍ଦର୍ଯ୍ୟ ଚିତ୍ରରେ ଅଧିକତର ସଂଯମ ଓ ଗାମ୍ଭୀର୍ଯ୍ୟ ଫୁଟି ଉଠିଛି ।

ମେହେର ସୃଷ୍ଟିରେ ପ୍ରଣୟ ଚିତ୍ରରେ ନାୟକ ନାୟିକାଙ୍କର ମାନସ ସୌନ୍ଦର୍ଯ୍ୟର ଚିତ୍ରଣ ଓଡ଼ିଆ ସାହିତ୍ୟରେ ଅତୁଳନୀୟ । ଉପେନ୍ଦ୍ର ତାଙ୍କ ରଚନାରେ ନାୟକ ନାୟିକାଙ୍କର ସ୍ୱକୀୟା (ବୈଧୀ) ପ୍ରେମର ଛବି ଦେଇଥିଲେ ମଧ୍ୟ ଇନ୍ଦ୍ରିୟାକର୍ଷଣ, ସମ୍ଭୋଗ ଓ ବିଳାସିତା ମଧ୍ୟରେ ତା'ର ମହତ୍ତ୍ୱ କ୍ଷୁର୍ଣ୍ଣ ହୋଇଛି । ରାଧାନାଥ ତାଙ୍କର 'କେଦାରଗୌରୀ,' 'ଉଷା' ଓ 'ନନ୍ଦିକେଶ୍ୱରୀ' ପ୍ରଭୃତିରେ ଯେଉଁ ପ୍ରେମର ଚିତ୍ର ଅଙ୍କନ କରିଛନ୍ତି ସେଠାରେ ସଂଯମ, ନୈତିକତା ଓ ସ୍ୱାର୍ଥତ୍ୟାଗ ଅପେକ୍ଷା ସ୍ୱାର୍ଥପରତା, ଦୁଃସାହସିକତା ଓ ଦେହର ଆକର୍ଷଣ ପ୍ରବଳ । 'ଯଯାତିକେଶରୀ' ଓ 'ପାର୍ବତୀ'ରେ କାମୁକତା, ଲମ୍ପଟ୍ୟ ଓ ବ୍ୟଭିଚାର ମଧ୍ୟରେ ପ୍ରେମର ସମାଧି ଘଟିଛି; କିନ୍ତୁ ମେହେର ତ୍ୟାଗ, ସଂଯମ ଓ ନୈତିକତା ବିନା ପ୍ରେମର କଳ୍ପନା କରିପାରି ନାହାନ୍ତି । ଉତ୍ତୁଙ୍ଗ ଆଦର୍ଶର ହିମାଦ୍ରି ଉପରେ ସେ ତାଙ୍କର ପ୍ରଣୟୀ ଓ ପ୍ରଣୟିନୀଙ୍କୁ ଠିଆ କରାଇ ତ୍ୟାଗ, ବିରହ ଓ ସଂଯମ ମଧ୍ୟରେ ସେମାନଙ୍କର ଚିତ୍ତର ଦୁର୍ଗମତମ ପ୍ରଦେଶରେ ପ୍ରବାହିତ ଚିରସ୍ରୋତା ପ୍ରୀତି ମନ୍ଦାକିନୀର ଯେଉଁ ଅନବଦ୍ୟ

---

(୧୧) କୀଚକବଧ, ଦ୍ୱିତୀୟ ଓ ତୃତୀୟ ସର୍ଗ ।

ଆଲେଖ୍ୟ ଅଙ୍କିଛନ୍ତି ସେଇଥିରେ ତାଙ୍କର ସୌନ୍ଦର୍ଯ୍ୟବୋଧ ଚୂଡ଼ାନ୍ତସୀମା ସ୍ପର୍ଶ କରିଛି ।

ସଂସ୍କୃତକବି ଭବଭୂତିଙ୍କ ପରି ପ୍ରେମର ଚିତ୍ରରେ ସମ୍ଭୋଗ-ଶୃଙ୍ଗାର ଅପେକ୍ଷା ବିପ୍ରଲମ୍ଭ-ଶୃଙ୍ଗାର ତାଙ୍କର କାବ୍ୟରେ ମୁଖ୍ୟସ୍ଥାନ ଅଧିକାର କରିଛି । ବିପ୍ରଲମ୍ଭରେ ନାୟକ ନାୟିକାଙ୍କର ନିବିଡ଼ ହୃଦୟାକର୍ଷଣ ମଧ୍ୟରେ ସେମାନଙ୍କର ଗଭୀର ମାନସଲୋକର ଯେଉଁ ଶାଶ୍ୱତ ଆଲୋଡ଼ନ ସୃଷ୍ଟିକରିଛନ୍ତି ସେଇଥିରେ ପ୍ରଣୟୀ ଓ ପ୍ରଣୟିନୀଙ୍କର ଶୃଙ୍ଗାରିକ ସୁଷମା ଶତବର୍ଣ୍ଣରେ ଉଦ୍ଭାସିତ ହୋଇ-ଉଠିଛି । 'ତପସ୍ୱିନୀ'ରେ ରାମ ଓ ସୀତା, 'ପ୍ରଣୟବଲ୍ଲରୀ'ରେ ଦୁଷ୍ମନ୍ତ ଓ ଶକୁନ୍ତଳା ଏବଂ 'ଇନ୍ଦୁମତୀ'ରେ ଅଜ ଓ ଇନ୍ଦୁମତୀ ମେଧାବୀଙ୍କ ସାରସ୍ୱତ ଦୃଷ୍ଟିରେ ପ୍ରେମ ଓ ସୌନ୍ଦର୍ଯ୍ୟର ଅପୂର୍ବ ମୂର୍ତ୍ତି । ବିଚ୍ଛେଦାଗ୍ନି-ଦଗ୍ଧ ରାମ ଓ ସୀତାଙ୍କର କରୁଣ ମୂର୍ତ୍ତି କାହା ଚିତ୍ତରେ କାରୁଣ୍ୟର ତରଙ୍ଗ ସୃଷ୍ଟି ନକରିବ ? ସୀତା ଯେତେବେଳେ ଭାଗୀରଥୀ ତୀର କାନନରେ ପରିତ୍ୟକ୍ତା ହୋଇଛନ୍ତି କବି ତାଙ୍କର ବିଳାପରେ ପ୍ରକାଶ କରିଛନ୍ତି—

ବୋଲୁଥାନ୍ତି ସେ ଦୁଃଖିନୀ, "ହାହା ପ୍ରାଣେଶ୍ୱର !
କରୁଣା-ସରିତ-ପତି, ସ୍ନେହ-ଜଳଧର ।
କି କୁଲଗ୍ନେ ଧରିଥିଲ ଅଭାଗିନୀ କର,
ତା ଲାଗି ଅଳୟ ହେଲ ଦାରୁଣ ଦୁଃଖର ।

× × ×

କୀର୍ତ୍ତି ଅନୁରୋଧେ ସିନା କଲ ମୋତେ ତ୍ୟାଗ,
ଏ ତୁମ୍ଭର ଉପଯୁକ୍ତ କର୍ମ ମହାଭାଗ ।
ଏହି କୀର୍ତ୍ତି ପତାକାରେ ପାପିନୀର ଶବ
ରହିଯିବ, ଏହା କିନ୍ତୁ ବିଷମ ବିଚାର ।
ଧିକ ମୋ ଜୀବନ ନାଥ ! ଏକା ମୋହ ଲାଗି
ଅକଳଙ୍କ ଥାଇ ହେଲ ଅପଯଶଭାଗୀ ।
ତୁମ୍ଭ ଶ୍ରୀଚରଣ ତେଜ କାହିଁରେ ରହିବ ?
ଅନଳ ନ ଦହେ ତନୁ, କାହିଁରେ ଦହିବ ?

—ତପସ୍ୱିନୀ, ପ୍ରଥମ ସର୍ଗ ।

କିମ୍ବା ଅଗ୍ନିପରୀକ୍ଷାର ଅବ୍ୟବହିତ ପୂର୍ବରୁ ଅନଳଦେବଙ୍କୁ ସମ୍ବୋଧନ କରି ସୀତା ଯେଉଁ ଅପୂର୍ବ କାରୁଣ୍ୟମୟୀ ବାଣୀ ଉତ୍ତୋଳନ କରିଛନ୍ତି ତାହା କି ମର୍ମସ୍ପର୍ଶୀ ହୋଇଛି ଦେଖନ୍ତୁ—

ଜୀବନେ ନପାରିଲେ ମୋତେ ମରଣେ
ସେବିକା କରିଦେବ ପ୍ରଭୁ ଚରଣେ ହେ ।
ମୋ ତନୁ ଦଗ୍‌ଧ ହେଲେ ହେବ ତ ଖାର,
ତାହାକୁ କରାଇବ ପାଦପେ ସାର;
ସେ ତରୁ କାଷ୍ଠ ଦେଇ ବର୍ଦ୍ଧକୀ ହସ୍ତେ
କରାଇଦେବ ପ୍ରଭୁ ପାଦୁକା ମତେ ହେ ।

—ତପସ୍ୱିନୀ, ଷଷ୍ଠ ସର୍ଗ ।

ତପସ୍ୱିନୀରେ ସୀତା କେବଳ ବନବାସିନୀ ନୁହନ୍ତି, ସେ ବାସ୍ତବରେ ଜଣେ ତପସ୍ୱିନୀ । ତପୋବନର ପୂତ ସାତ୍ତ୍ୱିକ ପରିବେଶରେ ତପସ୍ୱିନୀ ସୁଲଭ ସଂଯମ, ନିଷ୍ଠା, ସହିଷ୍ଣୁତା, ଚରିତ୍ର

ଅଧ୍ୟାତ୍ମିକ ଶାନ୍ତି ଓ ନିଷ୍କପଟତା ପ୍ରଭୃତି ସ୍ୱର୍ଗୀୟ ଗୁଣଗୁଡ଼ିକର ଆଚରଣରେ ସେ ନିଜର ବନବାସକୁ ପତି-ମଙ୍ଗଳ-ସାଧି ତପସ୍ୟାରେ ପରିଣତ କରି ତପସ୍ୟାର ସିଦ୍ଧି ସ୍ୱରୂପ ନିଜର ସ୍ୱର୍ଗୀୟ ପ୍ରେମ ଓ ପାତିବ୍ରତ୍ୟର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି । ନିର୍ବାସନକୁ ତପସ୍ୟା ଓ ସୀତାଙ୍କୁ ତପସ୍ୱିନୀ ଭାବରେ ଚିତ୍ରିତ କରିବାରେ କବିଙ୍କର ସୌନ୍ଦର୍ଯ୍ୟୋପଧାୟକ ସଂସ୍କାରମୟ ପୁରୁଷର ଅପୂର୍ବ ଅଭିବ୍ୟକ୍ତି ଘଟିଛି । ସୀତାଙ୍କର ହୃଦୟବିଦାରକ କାରୁଣ୍ୟ ସୀତାଙ୍କର ନୁହେଁ, ମନେହୁଏ ଏହା ନାନା ଅଶାନ୍ତି, ଦୁଃଖ ଓ ଜଞ୍ଜାଳକ୍ଳିଷ୍ଟ କବି ମେହେରଙ୍କର କାରୁଣ୍ୟମୟ ବ୍ୟକ୍ତିତ୍ୱ ।

ପୁଣି ମେହେରଙ୍କର ମାନସଲୋକର ଆଦର୍ଶ ପ୍ରଣୟୀ ରାମଚନ୍ଦ୍ରଙ୍କ ଚରିତ୍ର ଅନୁଧ୍ୟାନ କରାଯାଉ । କର୍ତ୍ତବ୍ୟାନୁରୋଧରେ ରାମଚନ୍ଦ୍ର ସୀତାଙ୍କୁ ନିର୍ବାସିତ କଲେ ମଧ୍ୟ ଦୁଃସହ ବିଚ୍ଛେଦ ବେଦନାରେ ଜର୍ଜରିତ ହୋଇ ତାଙ୍କ ପ୍ରାଣ-କୁରଙ୍ଗୀ କ୍ରନ୍ଦନ କରିଉଠିଛି । ରାଜାର କଠୋର କର୍ତ୍ତବ୍ୟ ଓ ପତ୍ନୀ-ପ୍ରେମର ସଂଘର୍ଷରେ କ୍ଷତବିକ୍ଷତ ରାମଚନ୍ଦ୍ରଙ୍କର ହୃଦୟ କି ସାନ୍ତ୍ୱନାର ଆଶା ପୋଷଣ କରିଛି ଦେଖନ୍ତୁ—

ସ୍ଥୂଳ କଳେବର ନୁହଇ ଅମର,
ଅମର କେବଳ ମନ,
ମନେ ଯେବେ ସଙ୍ଗ ହୋଇ ନାହିଁ ଭଙ୍ଗ
ସେହି ସୁଖ ସୁଖେ ଗଣ୍ୟ ।

× × ×

ନାହିଁ ସିନା ଘରେ, ହୃଦ-ପ୍ରେମ-ସରେ
ମୋ ପ୍ରିୟା କମଳ କଳି
ପଡ଼ିଅଛି ଫୁଟି, ମକରନ୍ଦ ଲୁଟି
କରୁଅଛି ମନ-ଅଳି ।
ନୟନ ଯୁଗଳ କାହିଁକି ବିକଳ
ହୋଇ ଛାଡ଼ୁଅଛି ଜଳ,
ଶୁଖିଗଲେ ସର କମଳିନୀ ମୋର
ହୋଇଯିବ ଝଲଝଲ ।

× × ×

ଆଉ ଏକ କଥା କହୁଛି, ଏକତା
ବାନ୍ଧ ତୁମ୍ଭେ ମନ ସଙ୍ଗେ
ଚାଲ ହୃଦ-ସରେ ଅନନ୍ତ ବାସରେ
ବିଳସିବ ରସରଙ୍ଗେ ।
ମୋ ପ୍ରାଣସଙ୍ଗିନୀ ନବ କମଳିନୀ
ଫୁଟିରହିଅଛି ତହିଁ,
ସ୍ଫୁରଣ ଭାସ୍କର ଚିର ତେଜସ୍କର
ଅସ୍ତ ତାର ନାହିଁ ଯହିଁ ।

—ତପସ୍ୱିନୀ, ତୃତୀୟ ସର୍ଗ ।

ମେହେର ଚିତ୍ରିତ ପ୍ରଣୟରେ ରୂପ କିମ୍ବା ଇନ୍ଦ୍ରିୟାକର୍ଷଣର ମୋହ ନାହିଁ, ରହିଛି ହୃଦୟ ବା ପ୍ରାଣର ମୋହ । ଏ ପ୍ରେମରେ ପ୍ରାଣଶକ୍ତିର ଚଞ୍ଚଳତା ରହିଛି, ଚିରନ୍ତନତ୍ୱ ରହିଛି, ମାଧୁର୍ଯ୍ୟ ଓ

ରମଣୀୟତା ରହିଛି । କେବଳ ବିପ୍ରଲମ୍ଭ ନୁହେଁ ସମ୍ଭୋଗଶୃଙ୍ଗାର ଚିତ୍ରଣରେ ମଧ୍ୟ କବିଙ୍କର ଲେଖନୀ କିପରି ସଫଳ ଓ ସିଦ୍ଧହସ୍ତ ତାହାର ସୂଚନା 'ପ୍ରଣୟବଲ୍ଲରୀ'ରେ ବେତସକୁଞ୍ଜରେ ଶକୁନ୍ତଳାଙ୍କ ସହିତ ଦୁଷ୍ମନ୍ତଙ୍କର ମିଳନ ଏବଂ 'ତପସ୍ୱିନୀ'ରେ ବନବାସକାଳରେ ରାମଙ୍କ ସହିତ ସୀତାଙ୍କର ବନବିହାରର ମଧୁମୟ ବର୍ଣ୍ଣନାରୁ ପାଠକମାନେ ପାଇପାରିବେ ।

ତେଣୁ ବୀରତ୍ୱ, ଆଦର୍ଶ ପ୍ରେମ, ନିଷ୍କପଟତା, ସମ୍ବେଦନଶୀଳତା, ପିତୃଭକ୍ତି, ନ୍ୟାୟପରାୟଣତା, ବାତ୍ସଲ୍ୟ ପ୍ରଭୃତି ଗୁଣରେ ନାୟକ ଚରିତ୍ରର ପୌରୁଷ ଏବଂ ସତୀତ୍ୱ, ପ୍ରଣୟ ନିଷ୍ଠା, ତ୍ୟାଗ, କୋମଳତା, ଗୁରୁଜନଭକ୍ତି, ସ୍ନେହ, ମାତୃତ୍ୱ, ସେବା ପ୍ରଭୃତି ଗୁଣରେ ନାରୀତ୍ୱର ଚିରନ୍ତନ ଆଲେଖ୍ୟ ସେମାନେ ଅଙ୍କନ କରିଅଛନ୍ତି । ତାଙ୍କ ଆଦର୍ଶ ସ୍ୱପ୍ନ ସାର୍ଥକ ହୋଇଛି । ତାଙ୍କ ସୀତା, ଶକୁନ୍ତଳା, ଦ୍ରୌପଦୀ, ଇନ୍ଦୁମତୀ, ପଦ୍ମିନୀ ପ୍ରଭୃତି ଆଦର୍ଶନାରୀ ଓ ରାମଚନ୍ଦ୍ର, ଦୁଷ୍ମନ୍ତ, ଅଜ ପ୍ରଭୃତି ଆଦର୍ଶ ପୁରୁଷ ଚରିତ୍ର ଚିତ୍ରଣରେ ।

ନାଗରିକ ଜୀବନ ସ୍ତରରେ ଆଦର୍ଶ ଦାମ୍ପତ୍ୟ ଜୀବନର ଚିତ୍ର ନେଇ ସେଇ ଜୀବନର ଚରମଲକ୍ଷ୍ୟ ବା ପରିପୂର୍ତ୍ତି ସାଧନ ନିମିତ୍ତ ମନେହୁଏ କବି ବିଭିନ୍ନ କାବ୍ୟରେ ଅତୀତର ତୃତୀୟାଶ୍ରମ (ବାନପ୍ରସ୍ଥାଶ୍ରମ) (୧୨) ପବିତ୍ର ତପୋବନର ଓ ଆଧ୍ୟାତ୍ମିକ ଜୀବନର ସଙ୍କେତ ଦେଇଛନ୍ତି । ନାରୀର ନାରୀତ୍ୱ ଓ ପୁରୁଷର ପୁରୁଷତ୍ୱର

---

(୧୨) ଐଶ୍ୱର୍ଯ୍ୟ ଓ ରାଜପଦର ଗୁରୁଭାରରେ କ୍ଲିଷ୍ଟପିଷ୍ଟ ହୋଇ ଅତୀତର ରାଜାମାନେ ଆତ୍ମାର ଶାନ୍ତି ସମ୍ପାଦନ ନିମିତ୍ତ ମୋକ୍ଷପଦର ଅଭିଳାଷୀ ହୋଇ ବାନପ୍ରସ୍ଥାଶ୍ରମର ଆଶ୍ରୟ ନେବାର ସୂଚନା କବିଙ୍କ ବିଭିନ୍ନ କାବ୍ୟରେ ରହିଛି ।

ଚରମପୂର୍ତ୍ତି ଏଇ ଆଧ୍ୟାତ୍ମିକ ଜୀବନରେ । ସଂସାରର ନାନା ବିଭେଦ, ସଂଘର୍ଷ, ଦୁଃଖ ଓ ନୈରାଶ୍ୟମଧ୍ୟରେ ତପୋବନର ଜୀବନାଦର୍ଶରେ ଶାନ୍ତ ସୁଷମା କବି ଓ ପାଠକ ପକ୍ଷରେ ଏକମାତ୍ର ସାନ୍ତ୍ୱନା । ସେଥିପାଇଁ ହସ୍ତିନାର ରାଜସିକତାପୂର୍ଣ୍ଣ ନାଗରିକ ଜୀବନରେ ପ୍ରାଣ ପୀଡ଼ିତ ହୋଇ ସତେ ଯେପରି ଶାନ୍ତି ଖୋଜିବୁଲେ କଣ୍ୱଙ୍କର ଆଶ୍ରମରେ, ଅଯୋଧ୍ୟାର ରାଜଦଣ୍ଡର ରୁକ୍ଷ ତାଡ଼ନାରେ ପ୍ରାଣ ବିକଳ ହୋଇ ଆନନ୍ଦ ଓ ଅମୃତର ସନ୍ଧାନ ପାଏ ବାଲ୍ମୀକିଙ୍କର ତପୋବନରେ । ସେ ତପୋବନରେ ମାନବ ବିଶ୍ୱସୃଷ୍ଟି, ମାନବିକତାର ମୂଲ୍ୟ ବୁଝିପାରେ । ତାର ଶାନ୍ତ ଅହିଂସ ସାତ୍ତ୍ୱିକ ବାତାବରଣରେ ବିଶ୍ୱକୁ ଓ ମାନବ ଜୀବନକୁ ସତେ ଯେପରି ସେ ନୂଆକରି ଆବିଷ୍କାର କରେ । ତାକୁ ସବୁକିଛି ଶାନ୍ତ, ସଂଯତ, ମଧୁମୟ ଓ କଲ୍ୟାଣକର ଜଣାପଡ଼େ । ମେହେରଙ୍କର ସୌନ୍ଦର୍ଯ୍ୟଦୃଷ୍ଟି ବିଭିନ୍ନ କାବ୍ୟ କବିତାରେ ଏଇ ବିଶ୍ୱଜୀବନ ଓ ଆଧ୍ୟାତ୍ମିକତାର ମଧୁମୟ ସଂକେତ ଦେଇ ପାଠକର ଚିତ୍ତକୁ ଅପୂର୍ବ ଶାନ୍ତ ରସରେ ପରିପ୍ଳୁତ କରିଦେଇଛି । 'ଭକ୍ତି' କବିତାରେ କବି କରୁଣାମୟ ବିଶ୍ୱପ୍ରାଣାଧାର ପରମାତ୍ମାଙ୍କୁ ନିବେଦନ କରି କହୁଛନ୍ତି—

"ବିଶ୍ୱଜୀବନହେ, ତୁମ୍ଭଙ୍କୁ କରୁଣା ସିନ୍ଧୁ
ବୋଲିବାକୁ ମନ ବଳୁନାହିଁ ଯେଣୁ
ସିନ୍ଧୁତବ କୃପାବିନ୍ଦୁ ।
ତୁମ୍ଭ ଭଜନରେ ହେବନାହିଁ ନାଥ
ମାଳା ଜପିବାକୁ ବାଧ୍ୟ,

କେତି କୋଟି ଗ୍ରହ କଣ୍ଠେ ସେ ମାଳାର
କେ ଜପି କରିବ ସାଧ୍ୟ ?

× × ×

ହୃଦୟର କଥା ଜାଣିବାକୁ ଅଛି
ତୁମର ଅସୀମ ଶକ୍ତି,
ସେତିକି ଘେନିବ ଯେତିକି ଅଛି ମୋ
ହୃଦେ ତୁମ୍ଭପ୍ରତି ଭକ୍ତି ।

× × ×

କି ଦେଇ ପୂଜିବି ଯାହା ମୁଁ ଦେଖୁଛି
ସବୁ ତୁମ୍ଭର ପ୍ରସାଦ,
ଯାହା ପରସାଦ ତାଙ୍କୁ ଅରପିଲେ
ହେବ ସିନା ଅପରାଧ ।

—ଅର୍ଘ୍ୟଥାଳୀ ।

କବି ଗତାନୁଗତିକ ଭାବରେ କୌଣସି ସାମ୍ପ୍ରଦାୟିକ ଧର୍ମ ଧାରଣାର ବଶବର୍ତ୍ତୀ ହୋଇ ନାହାନ୍ତି ବା ନିଜର ସକାମ ଭକ୍ତି ଦେବତାଙ୍କ ନିକଟରେ ନିବେଦନ କରି ନାହାନ୍ତି; ତାଙ୍କର ଦେବତା ବିଶ୍ୱଜୀବନର ଆଧାର, ପରମାତ୍ମା । ହୃଦୟର ଭକ୍ତି ନିବେଦନରେ ତାଙ୍କର ଏ ମୌଳିକତା ତାଙ୍କ ପ୍ରାଣର ବ୍ୟାପ୍ତି ଓ ଉଦାରତାର ସଙ୍କେତ ଦିଏ ।

ଦାରିଦ୍ର୍ୟ ଓ ଜଞ୍ଜାଳର ତୀବ୍ର କଶାଘାତ ସତ୍ତ୍ୱେ ସେ ଭାଙ୍ଗି ପଡ଼ିବା ଦୂରେ ଥାଉ, ତାଙ୍କର ସାରସ୍ୱତ ଦୃଷ୍ଟି ଜଂଜାଳ ଜମ୍ବାଳର

ବହୁ ଉର୍ଦ୍ଧ୍ୱରେ ଭକ୍ତକବି ମଧୁସୂଦନଙ୍କ ପରି ବିଶ୍ୱକୁ ମଧୁମୟ ଓ ସୌନ୍ଦର୍ଯ୍ୟମୟ ଦେଖିଛନ୍ତି । ମଧୁମୟ ଶୀର୍ଷକ କବିତାରେ କବି ଲେଖିଛନ୍ତି—

ବିଶ୍ୱ ଦେଖ ମଧୁମୟରେ ଜୀବନ
ବିଶ୍ୱ ଦେଖ ମଧୁମୟ,
ମଧୁର ସ୍ମରଣ    କରିବ ହରଣ
ତୋ ପାପ ମରଣ ଭୟରେ ଜୀବନ ।
ଜନନୀର ସ୍ନେହ    ଜାୟାର ପ୍ରଣୟ
ବୁଧ ବନ୍ଧୁ ସଦାଳାପ,
ଜନକ ଆଦର    ଏକ ଏକ ସ୍ତର
ଡାଳି ଦେଉଛନ୍ତି ତାପରେ ଜୀବନ ।

× × ×

ବିଶ୍ୱନାଥଙ୍କର    କରୁଣା କନ୍ଦର
ମଧୁସ୍ତର ଜନ୍ମସ୍ଥଳ,
ଶୃଙ୍ଗି ସ୍ତରପ୍ରତି    ଉଚ୍ଚେ କଲେ ଗତି
ପାଇବୁ କରୁଣାଚଳରେ ଜୀବନ ।

—ଅର୍ଘ୍ୟଥାଳୀ ।

ମେହେରଙ୍କର ସୌନ୍ଦର୍ଯ୍ୟାନୁଭୂତି ଓ ସୌନ୍ଦର୍ଯ୍ୟ ସୃଷ୍ଟିର ଅନ୍ୟ ଏକ ମୁଖ୍ୟ ବିଭବ ହେଉଛି ବୈଚିତ୍ର୍ୟମୟୀ ପ୍ରକୃତିର ମନୋଜ୍ଞ ଆଲେଖ୍ୟ ।

ବରପାଲୀର ପାର୍ବତ୍ୟ ଓ ଆରଣ୍ୟ ପ୍ରକୃତିର ସୁଷମା ବାଲ୍ୟକାଳରୁ କବି ଚିତ୍ତରେ ଯେଉଁ ସ୍ଥାୟୀ ମୁଦ୍ରା ଅଙ୍କନ କରିଥିଲା, ତାର ନୈସର୍ଗିକ ପରିସ୍ଫୁର୍ତ୍ତି ଘଟିଛି ବିଭିନ୍ନ କାବ୍ୟ କବିତାରେ । ପ୍ରକୃତି ଚିତ୍ରଣରେ ପ୍ରକୃତି ସହିତ କବି-ପ୍ରାଣର ତନ୍ମୟ ଏକରୂପତା ଲକ୍ଷ୍ୟକଲେ ପାଠକ ବିସ୍ମୟ ଓ ଆନନ୍ଦରେ ଅଭିଭୂତ ହୋଇ ପଡ଼େ । ମାନବ ଚରିତ୍ର ପରି ବୈଚିତ୍ର୍ୟମୟୀ ପ୍ରକୃତିର ମନୋଜ୍ଞ ଛବି ଆଙ୍କିବାରେ କବି ନିଜର ଗଭୀର ଅନ୍ତର୍ଦୃଷ୍ଟି, କଳ୍ପନା-ମଞ୍ଜୁଳତା ଓ ସୃଜନଶୀଳତାର କମ୍ ପରିଚୟ ଦେଇ ନାହାନ୍ତି ।

ମେହେରଙ୍କର ପ୍ରକୃତି କେବଳ ବାହ୍ୟ ପ୍ରକୃତିର ନଗ୍ନ ଆଲେଖ୍ୟ ନୁହେଁ, ତାହା କବି ଚିତ୍ତରେ ବାହ୍ୟ-ନିସର୍ଗ-ସୁଷମାର ଏକ ଧ୍ୟାନଧୃତ ରୂପର ପ୍ରାଣବନ୍ତ ମଧୁମୟ ଆଲେଖ୍ୟ । ହେଗେଲ୍ ପ୍ରକୃତିର ସୌନ୍ଦର୍ଯ୍ୟକୁ କଳାର ସୌନ୍ଦର୍ଯ୍ୟ ଅପେକ୍ଷା ନ୍ୟୂନ ସ୍ଥାନ ଦେଲେ ମଧ୍ୟ ପାଶ୍ଚାତ୍ୟ ଜଗତର ରସ୍କିନ୍, କ୍ୟାରିଟ୍, ଶେଲି ପ୍ରଭୃତି କବି ଓ ମନୀଷୀଗଣ ବାହ୍ୟ ପ୍ରକୃତିକୁ ସୌନ୍ଦର୍ଯ୍ୟର ଆଧାର ରୂପେ ଗ୍ରହଣ କରନ୍ତି । ଏ ସମ୍ପର୍କରେ ସୁରେନ୍ଦ୍ରନାଥ ଦାସଗୁପ୍ତ ଲେଖିଛନ୍ତି, "ଯଥାର୍ଥ ଦ୍ରଷ୍ଟାର ଚିତ୍ତରେ ପ୍ରକୃତି ଦର୍ଶନ କାଳରେ ଗୋଟିଏ ଧ୍ୟାନାଭିନିବେଶ ଘଟିଥାଏ । ଏହି ତନ୍ମୟତା ବଳରେ ବାହାର ପ୍ରକୃତିରୁ କବି ବା ଶିଳ୍ପୀର ମନରେ ନାନାବିଧ ରେଖା ଓ ବର୍ଣ୍ଣର ସାମଞ୍ଜସ୍ୟ ଏବଂ ପ୍ରକୃତିର ନାନା ବ୍ୟାପାର ସହିତ ମନୁଷ୍ୟର ନାନା ବ୍ୟାପାରର ସାଦୃଶ୍ୟ ଓ ସାମଞ୍ଜସ୍ୟ ହୃଦୟରେ ଗ୍ରଥିତ ହୋଇଥାଏ । ସେମାନେ ଏକ ଦିଗରେ ଯେପରି ପ୍ରକୃତିର ସୌନ୍ଦର୍ଯ୍ୟ ନିରୀକ୍ଷଣ କରନ୍ତି, ଅନ୍ୟଦିଗରେ ସେହିପରି ସେମାନଙ୍କର ଅଜ୍ଞାତରେ ପ୍ରକୃତିଗତ

ନାନା ସାମଞ୍ଜସ୍ୟ ହୃଦୟରେ ଅଙ୍କିତ ଥାଇ ହୃଦୟକୁ ସୌନ୍ଦର୍ଯ୍ୟ ସୃଷ୍ଟିର ଉପାଦାନରେ ପୂର୍ଣ୍ଣ କରନ୍ତି" (୧୩) ।

ଆଧୁନିକ ରୁଚି ଅନୁକୂଳ ପ୍ରକୃତି ଚିତ୍ରଣ କ୍ଷେତ୍ରରେ ରାଧାନାଥ କବିଙ୍କର ନମସ୍ୟ ହେଲେ ମଧ୍ୟ କବି ଚିତ୍ରରେ ବାହ୍ୟ ପ୍ରକୃତି ସମ୍ପର୍କୀୟ ସାମଞ୍ଜସ୍ୟ ଓ ଧ୍ୱନିତନ୍ମୟତାର ନିବିଡ଼ତା ଅଧିକ ପ୍ରାଣବନ୍ତ ଓ ହୃଦ୍ୟ ହୋଇଛି ବୋଲି ମନେହୁଏ । ସେହେତୁ କେବଳ ପ୍ରକୃତି ପାଇଁ ପ୍ରକୃତି ଚିତ୍ରଣ କରି ନାହାନ୍ତି, କେବଳ ସୌନ୍ଦର୍ଯ୍ୟ ପିପାସା ମେଣ୍ଟାଇବା ପାଇଁ ସଜୀପ୍ରାୟ ପ୍ରକୃତିର ଚିତ୍ରୋଲ୍ଲାସକର ବାଙ୍ମୟ ପ୍ରତିରୂପ ଅଙ୍କନ କରିନାହାନ୍ତି କିମ୍ବା କେବଳ ମାନବର ନାନାବିଧ କ୍ରିୟା କଳାପର ପୃଷ୍ଠଭୂମି ରୂପରେ ପ୍ରକୃତିକୁ ଚିତ୍ରିତ କରିନାହାନ୍ତି, ବରଂ ମାନବ ଚରିତ୍ର ପରି ତାଙ୍କର ପ୍ରକୃତି ଏକପ୍ରାଣ ତଥା ଶକ୍ତିବନ୍ତ ସମ୍ବେଦନଶୀଳ ଚରିତ୍ର ରୂପେ ଆତ୍ମପ୍ରକାଶ କରି ମାନବର ସୁଖ-ଦୁଃଖ, ଆଶା-ନୈରାଶ୍ୟର ସମଭାଗୀ ରୂପରେ ନିଜକୁ ଜଣେ କରି ଚଳେଇ ନେଇ ଯାଇଛି । ମାନବ ଓ ପ୍ରକୃତି ମଧ୍ୟରେ ନିବିଡ଼ ଯୋଗାଯୋଗର ସଙ୍କେତ ପ୍ରକୃତି ଚିତ୍ରଣରେ ସେହେତୁରଙ୍କର ସୌନ୍ଦର୍ଯ୍ୟବୋଧର ଅନବଦ୍ୟ ବିଭାବ ବୋଲି ମନେହୁଏ । ତପସ୍ୱିନୀରେ ରାମ, ସୀତା, ବାଲ୍ମୀକି ଓ ମୁନିକୁମାରୀ ପ୍ରଭୃତି ଚରିତ୍ର ଗୁଡ଼ିକୁ ବାଦଦେଲେ ପାଠକ ପ୍ରକୃତିକୁ ଅନ୍ୟ ଏକ ମୁଖ୍ୟ ଚରିତ୍ର ରୂପେ ଗ୍ରହଣ କରିବାକୁ ପ୍ରରୋଚିତ ହୁଏ । ପ୍ରକୃତି କେତେବେଳେ ନିର୍ବାସିତା ନିଃସହାୟା ସୀତାଙ୍କ ଦୁଃଖରେ ସମବେଦନା ପ୍ରକାଶ କରି ନିୟତି ବିରୁଦ୍ଧରେ ସଂଗ୍ରାମ କରିବାପାଇଁ ରୁଦ୍ର ରୂପ ଧାରଣ କରିଛି

---

(୧୩) ସୌନ୍ଦର୍ଯ୍ୟତତ୍ତ୍ୱ, ୧୩୬ ପୃଷ୍ଠା ।

( ପ୍ରଥମ ସର୍ଗ ), କେତେବେଳେ ସ୍ନେହବତ୍ସଳା ଜନନୀ ( ଚତୁର୍ଥ ସର୍ଗ ) ଓ ଶିକ୍ଷୟିତ୍ରୀ ( ଅଷ୍ଟମସର୍ଗ ) ରୂପରେ ସୀତାଙ୍କର ବିଚ୍ଛେଦ-ଦଗ୍ଧ ପ୍ରାଣରେ ଶାନ୍ତିବାରି ସିଞ୍ଚନକରି ଦୁଃଖକଷ୍ଟର ଅଗ୍ନିଦାହ ମଧ୍ୟରେ ସତୀତ୍ୱର ଆଦର୍ଶ ଅତୁଟ ରଖିବାକୁ ପ୍ରେରଣା ଦେଇଛନ୍ତି, କେତେବେଳେ ଅବା ଅନ୍ତରଂଗ ସ୍ନେହକୋମଳ-ହୃଦୟା ସଖୀପରି ଶାନ୍ତି ଓ ଉଲ୍ଲାସର ମଧୁମୟୀ ବାଣୀରେ ସୀତାଙ୍କୁ ସ୍ୱାଗତ ଜଣାଇଛନ୍ତି । ( ଚତୁର୍ଥ ସର୍ଗ )

ବିଶ୍ୱସୃଷ୍ଟିପରି ତାଙ୍କର ପ୍ରକୃତି ତ୍ରିଗୁଣାତ୍ମିକା । କେତେବେଳେ ତମୋମୟୀ, କେତେବେଳେ ରଜୋମୟୀ, କେତେବେଳେ ସତ୍ତ୍ୱମୟୀ । ପ୍ରକୃତିର ଏହି ବୈଚିତ୍ର୍ୟମୟ ରୂପସମ୍ଭାର ଓ ମାନବ ସୁଲଭ କ୍ରିୟା-ପ୍ରତିକ୍ରିୟା, ଘଟଣାର ଘାତ-ପ୍ରତିଘାତ ଓ ବିଭିନ୍ନ ପରିସ୍ଥିତିରେ କାବ୍ୟ-ସନ୍ନିବେଶିତ ଚରିତ୍ର ଗୁଡ଼ିକର ଆତ୍ମିକ ସୌନ୍ଦର୍ଯ୍ୟ ପରିସ୍ଫୁଟ କରେଇବାରେ ସାହାଯ୍ୟ କରି କାୟାର ଛାୟାପରି ବା ଅତି ନିକଟତମ କୁଟୁମ୍ବପରି ସଂଶ୍ଳିଷ୍ଟ ରହିଛନ୍ତି । କାନନ, ଋତୁ (ବସନ୍ତ, ଗ୍ରୀଷ୍ମ, ବର୍ଷା) ପ୍ରଭାତ, ପ୍ରତ୍ୟୁଷ, ମଧ୍ୟାହ୍ନ, ଶୈଳ, ସରିତ, ତଡ଼ାଗ, ଲତା ଓ ବନସ୍ପତି ପ୍ରଭୃତିର ବର୍ଣ୍ଣନା ମହାକାବ୍ୟ ସୁଲଭ ହେଲେ ମଧ୍ୟ ଗତାନୁଗତିକ ନୁହେ । ମେହେଶ୍ୱୟ କଳ୍ପନା ଓ ପ୍ରତିଭାର ସ୍ୱାକ୍ଷର ବହନକରି ସେଗୁଡ଼ିକ ଅଭିନବ, ସ୍ୱତନ୍ତ୍ର ।

କବିଙ୍କର ସୌନ୍ଦର୍ଯ୍ୟ ଦୃଷ୍ଟିରେ ପ୍ରକୃତିର ତମୋମୟ ଓ ରଜୋମୟ ରୂପ ଶାନ୍ତପୂତସତ୍ତ୍ୱମୟ ରୂପରେ ସତେ ଯେପରି ପୂର୍ଣ୍ଣତା ଲାଭକରିଛି । ମାନବ ଚରିତ୍ର ପରି ଏକ ଆଧ୍ୟାତ୍ମିକ ସ୍ତରରେ ତାଙ୍କର

ପ୍ରାକୃତିକ ସୁଷମାର ଅଖଣ୍ଡ ପୂର୍ଣ୍ଣତା ବାସ୍ତବିକ ମେହେରଙ୍କ ପ୍ରତିଭାର ଅପୂର୍ବ ପରିଣତି । ଯେଉଁ ପ୍ରକୃତି ସୀତାଙ୍କ ପ୍ରତି ସମବେଦନା ପ୍ରକାଶ କରିବାକୁ ଯାଇ ନିଶୀଥ ବିରୁଦ୍ଧରେ ତମୋମୟ (ରୁଦ୍ରରୂପ) ରୂପ ଧାରଣ କରିଛି, ଯେଉଁ ପ୍ରକୃତି ଚକ୍ରବାକଧ୍ୱନି ଛଳରେ ସୀତାଙ୍କର ଅତୀତ ମିଳନର ମଧୁର ସ୍ମୃତିକୁ ମୁଖରିକରି ରଜୋମୟ ରୂପରେ ଆତ୍ମପ୍ରକାଶ କରିଛି ସେଇ ପ୍ରକୃତି ସତ୍ତ୍ୱମୟୀ ଯୋଗେଶ୍ୱରୀ(୧୪) (ବିଳାସିନୀରୂପରେ ନୁହେଁ ) ରୂପରେ ଉପସ୍ଥିତ ହୋଇ ସୀତାଙ୍କର ଶୋକ ସନ୍ତପ୍ତ ପ୍ରାଣରେ ଆଶା ଆଶ୍ୱାସନାର ମଧୁମନ୍ଦାକିନୀ ସୃଷ୍ଟିକରି ନିର୍ବାସିତାକୁ ତପସ୍ୱିନୀ ରୂପରେ ଉପସ୍ଥାପିତ କରିବାପାଇଁ ଅନୁରୂପ ପରିବେଶ ସୃଷ୍ଟିକରିଛି । ସେଇ ପ୍ରକୃତି ସତୀ ପଦ୍ମିନୀ ଓ କେତକୀ ରୂପରେ ସମସ୍ତ କଷ୍ଟ ବରଣକରି ସହିଷ୍ଣୁତା ଓ ସତୀତ୍ୱର ନିଷ୍ଠା ବଳରେ ତପସ୍ୱିନୀ ଜୀବନର ପୂର୍ଣ୍ଣତାର ସଙ୍କେତ ଦେଇଛି । ମେହେର ତ୍ୟାଗ, ସତ୍ୟ, ସଂଯମ, ଶାନ୍ତି, ସାତ୍ତ୍ୱିକତା, ଅହିଂସା, ସାର୍ବଜନୀନପ୍ରେମ ଓ ଭ୍ରାତୃତ୍ୱର ପ୍ରତୀକ ଆଧ୍ୟାତ୍ମିକ ଜୀବନର ସଂକେତ ଦେବାପାଇଁ ବାଲ୍ମୀକି, କଣ୍ୱ ଓ କଶ୍ୟପଙ୍କର ତିନୋଟି ତପୋବନ ପ୍ରକୃତିର ଶାନ୍ତ ସଂହତ ସୁଷମାର ମଧୁମୟ ଛବି ହୃଦୟର ଆବେଗରେ ଅଙ୍କନ କରିଛନ୍ତି, ଯେଉଁ ତପୋବନର ପ୍ରକୃତି ଋଷି କଣ୍ଠର ଉଚ୍ଚ ଓଁକାର ଧ୍ୱନିରେ ମୁଖରିତ, ହୋମାଗ୍ନିର ପୂତଧୂମ ରେଖାରେ ପବିତ୍ର ଏବଂ ଅନ୍ତେବାସୀଙ୍କର ନିଷ୍କାମ ସାଧନା, ତପଶ୍ଚର୍ଯ୍ୟା ଓ ନିରଳସ କର୍ମସ୍ଫୁର୍ତ୍ତିରେ ସମୁଜ୍ଜ୍ୱଳ ।

କଶ୍ୟପଙ୍କର ତପୋବନ ପ୍ରକୃତିକୁ ଛାଡ଼ିଦେଲେ ମେହେରଙ୍କର ସମଗ୍ର ସୃଷ୍ଟିର ପ୍ରକୃତି ଜନ୍ମଭୂମିର ନିସର୍ଗ ସୁଷମାରେ ସୁଷମାନ୍ୱିତ ।

---

(୧୪) କେଉଁ ଯୋଗେଶ୍ୱରୀ ଆସି ମଧୁର ଭାଷେ ଆଶ୍ୱାସି, ଡାକୁଛନ୍ତି ଦୁଃଖରାଶି-ଉପଶମନେ । ତପସ୍ୱିନୀ, ୪ । ୨

ପ୍ରିୟ ଜନ୍ମଭୂମିର ପ୍ରକୃତି, କବିଙ୍କର ସୌନ୍ଦର୍ଯ୍ୟ ଦୃଷ୍ଟିରେ ତେଜ ଆଲେଖ୍ୟ ସୃଷ୍ଟିକରି କିପରି ବାସ୍ତବ ଅଥଚ ମନୋଜ୍ଞ ରୂପ ଗ୍ରହଣ କରିଛି ବାଲ୍ମୀକି ତପୋବନର ବସନ୍ତ, ନିଦାଘ ଓ ପ୍ରାବୃଟ କାଳୀନ ପ୍ରକୃତିର ବର୍ଣ୍ଣନା ଏବଂ କଣ୍ୱ ତପୋବନର ତାରଖଚିତ ଆକାଶ ଓ ଅଗ୍ନିଦୀପ୍ତ ମହୀଧର ବର୍ଣ୍ଣନାରୁ ବହୁ ଦୃଷ୍ଟାନ୍ତ ଦିଆ ଯାଇପାରେ । କେବଳ ତପସ୍ୱିନୀର ଅଷ୍ଟମ ସର୍ଗରୁ ବାଲ୍ମୀକି ତପୋବନର ନିଦାଘକାଳୀନ ବର୍ଣ୍ଣନାରୁ ଗୋଟିଏ ଦୃଷ୍ଟାନ୍ତ ଦେଉଛୁ । କବି ମହାନଦୀକୁ ମୁନିକୁମାରୀ ପରିବେଷ୍ଟିତା ସୀତାଙ୍କ ଦୃଷ୍ଟି ସମକ୍ଷରେ ଏକ ଦିବ୍ୟମୂର୍ତ୍ତିରେ ଉପସ୍ଥାପିତ କରିବାର ବର୍ଣ୍ଣନା କିପରି ହୃଦ୍ୟ ହୋଇଛି ଦେଖନ୍ତୁ—

"ତାପରେ ଉଭା ଏକ ନବ ରଙ୍ଗିଣୀ,
ସ୍ୱଚ୍ଛ-ଉଜ୍ଜ୍ୱଳ-କାନ୍ତ ମଞ୍ଜୁ-ଅଙ୍ଗିନୀ,

× × ×

ଗଳା ଶୋଭିତ ଗିରି ମଲ୍ଲିକା ମାଳେ,
ମଧୁକେ ମନୋହର ଲଲାମ ଭାଲେ,

× × ×

କୋମଳ କଳଭାଷେ ପ୍ରସନ୍ନ ମୁଖେ
ମଧୁରେ ଜଣାଇଲା ସତୀ ସମ୍ମୁଖେ,
"ସୁଶୀଳେ, କୃତଜ୍ଞତା ଘେନ ମୋହର,
ମୁଁ ଚିରଋଣୀ ସ୍ନେହ-ଋଣେ ତୋହର;

× × ×

ମହୀରେ ମୋହପରି ନାହାନ୍ତି କେତେ ?
କେ କାହିଁ ପାଇଅଛୁ ତୋ କୃପା ଏତେ ?
ତୋ ଶୁଭ-ଦୃଷ୍ଟିପାତ ଲଭିଲା ଯେଣୁ,
ମୋ ବାଲି ହୋଇଅଛୁ ସୁବର୍ଣ୍ଣ-ରେଣୁ,
କ୍ରୀଡ଼ାରେ ରଞ୍ଜିବାକୁ ତୋ ଦିବ୍ୟ ନେତ୍ର,
ମୋ ଉର କରିଦେଲୁ ହୀରକ-କ୍ଷେତ୍ର,
ଥାଉଁ ବିନ୍ଧ୍ୟେନ୍ଦ୍ରସୁତା ଶ୍ରୀ ବସ୍ତୁପ୍ରଦା,
ତୋ ଦତ୍ତ ଉପାଧିରେ ମୁଁ 'ମହାନଦୀ' ।

କେବଳ ସେତକ ନୁହେଁ, ମେହେର ରାଧାନାଙ୍କର 'ଚିଲିକା' ପରି ନିସର୍ଗ ସୌନ୍ଦର୍ଯ୍ୟଭରା ଉତ୍କଳର ସୁଷମା ଓ ବିଭବର ଛବି ଅଙ୍କିବାକୁ ଯାଇ 'ଉତ୍କଳଲକ୍ଷ୍ମୀ'ରେ ନିଜର ଦେଶପ୍ରୀତି ଓ ସୌନ୍ଦର୍ଯ୍ୟବୋଧର ଅପୂର୍ବ ପରିଚୟ ଦେଇଛନ୍ତି ।

କେବଳ ନିସର୍ଗ ସମ୍ଭାର ନୁହେଁ, ଉତ୍କଳର ବର୍ତ୍ତମାନର ଦୁର୍ଦ୍ଦଶାକୁ ଅବଲୋକନ କରି କବିପ୍ରାଣ କିପରି ସମ୍ବେଦନାରେ ଭରିଉଠିଛି ପୁଣି ଉତ୍କଳ ସନ୍ତାନଙ୍କର ସୁପ୍ତ ଜାତୀୟ ଚେତନାର କିପରି ଅଭ୍ୟୁଦୟ ଘଟିବ ଏବଂ ଅତୀତ ଗୌରବର ଶତ ବର୍ଣ୍ଣବିଭା ନଦୀଶରେ କିପରି ଉଦ୍ଭାସିତ ହୋଇ ଉଠିବ ସେଥିପାଇଁ 'ଅର୍ଘ୍ୟଥାଳୀ' 'ଉତ୍କଳ ଲକ୍ଷ୍ମୀ' ଓ 'ଭାରତୀ ଭାବନା' ପ୍ରଭୃତି ରଚନାରେ କବି-ପ୍ରାଣର ବ୍ୟାକୁଳତା କମ୍ ନିବିଡ଼ ନୁହେଁ । କେବଳ ମଳୟ ଆବାହନ (୧୫) କବିତାଟିକୁ ଦୃଷ୍ଟାନ୍ତ ସ୍ୱରୂପ ନିଅନ୍ତୁ ।

---

(୧୫) ମଳୟ ଆବାହନ, ଅର୍ଘ୍ୟଥାଳୀ ପୃ ୧୭୭ (ଗଙ୍ଗାଧର ଗ୍ରନ୍ଥାବଳୀ ) ।

ମଳୟକୁ କବି ଗତାନୁଗତିକ ଭାବରେ ଅଭିନନ୍ଦନ ଜଣାଇ ନାହାନ୍ତି । ମଳୟର ମୃଦୁମନ୍ଦ ସ୍ପର୍ଶରେ କବିପ୍ରାଣ କେବଳ ଆବେଗ ଓ ସୌନ୍ଦର୍ଯ୍ୟ ବିହ୍ୱଳ ହୋଇ ପଡ଼ିନାହିଁ । କିନ୍ତୁ ମଳୟର ସ୍ପର୍ଶରେ ଧରାବକ୍ଷରେ ଯେପରି କୁସୁମ ଓ କିଶଳୟର ଶୋଭା ହସିଉଠେ, ଚତୁର୍ଦ୍ଦିଗରେ ପ୍ରାଣର ଚଞ୍ଚଳତା ଖେଳିଯାଏ, ସେହିପରି ଗ୍ରୀଷ୍ମ, ବର୍ଷା ଓ ଶୀତରୂପକ ଦୁର୍ଦ୍ଦିନର ଅବସାନ ପରେ ଉତ୍କଳ ପ୍ରାଣରେ କିପରି ସ୍ୱାଧୀନତା, ଆଶା, ଆନନ୍ଦ, ଜୀବନ ଓ ପ୍ରାଚୁର୍ଯ୍ୟର ବସନ୍ତ ଖେଳିଯିବ ଦେଶାତ୍ମବୋଧଦୀପ୍ତ କବିଙ୍କର ଅନ୍ତର ଏଇ ଆଶା ଓ ଭରସା ପୋଷଣ କରି ମଳୟକୁ ଆବାହନ ଜଣାଇଛି । ପୁଣି ମାତୃଭାଷା ଓ ସାହିତ୍ୟର ସମୃଦ୍ଧି ପାଇଁ ଉତ୍କଳବାସୀଙ୍କୁ ତାଙ୍କର ଉଦ୍‌ବୋଧନ କମ୍ ଆନ୍ତରିକ ଓ ଆବେଗମୟୀ ନୁହେଁ । ନୂତନ ଭାବ ଓ ଭାଷାର ସମ୍ପଦରେ ଦେଶର ସଂସ୍କୃତି ଓ ପରମ୍ପରା କିପରି ଅକ୍ଷୁର୍ଣ୍ଣ ରଖିବାକୁ ହେବ ତାର ପ୍ରତ୍ୟକ୍ଷ ସୂଚନା କିପରି ଲିପିସଂସ୍କାର ଆନ୍ଦୋଳନ (୧୬) ଉଦ୍ଦେଶ୍ୟରେ ଲିଖିତ କବିତାରେ ରହିଛି ଦେଖନ୍ତୁ—

ଛନ୍ଦ ବାରୁ ମୋର କୋମଳ ବସନ
ଅଙ୍ଗକୁ ଯହିଁରେ ନ ହେବ ପୀଡ଼ା,
ଦେବ ହେଲେ ଦିଅ ଏମନ୍ତ ଭୂଷଣ
ଯାହା ଘେନି ମୋର ନ ହେବ ବ୍ରୀଡ଼ା ।
ନଖ ବଢ଼ିଥିଲେ କାଟି କରତଳ
ରଞ୍ଜିଦିଅ ତହିଁ ଅଳତା ରଙ୍ଗ,

(୧୬) ଉତ୍କଳଭାରତୀଙ୍କ ଉକ୍ତି, ଅର୍ଘ୍ୟଥାଳୀ, ( ଗ. ଗ୍ର. ପୃ ୨୬୧)

ନାକ ବଡ଼ ଥିଲେ ତା କଲେ ଛେଦନ
ହେବ ନାହିଁକି ମୋ ସୌଷ୍ଠବ ଭଙ୍ଗ ?

× × ×

ପାଇଥିଲେ ଦଅ ବିଲତି ପ୍ରସୂନ
ଥାଏ ଯଦି ତହିଁ କିଛି ସୌରଭ,
ସୌରଭ ନ ଥିଲେ କାନ୍ତିରେ ନିଉନ
ନଥିଲେ ବଢ଼ିବ ସିନା ଗୌରବ !
ମସ୍ତକେ ମୋ ଟୋପି ନ ଦେବ ବାବାରେ
ନ କାଢ଼ିବ ମୋର କରୁ କଙ୍କଣ,
ସିନ୍ଦୂର ବିନ୍ଦୁ ମୋ ଭାଲେ ରଖିବାରେ
ନିରନ୍ତର ମନେ ଥିବ ସ୍ମରଣ ।

ମାତୃଭୂମି, ମାତୃଭାଷା ଓ ସାହିତ୍ୟ-ପ୍ରୀତି ଯେ କୌଣସି କବିର କାମ୍ୟ; କିନ୍ତୁ ଏହା କେବଳ ନିଜ ଭୂମିର ଚତୁଃସୀମାରେ ଆବଦ୍ଧ ହୋଇ ଯାଇନାହିଁ । ଏହା ବିଶ୍ୱପ୍ରୀତି ଓ ବିଶ୍ୱମାନବତାରେ ପୂର୍ଣ୍ଣତା ଲାଭ କରିଛି ।

ମେହେରଙ୍କର ବ୍ୟକ୍ତି-ପୁରୁଷର ଅନ୍ୟ ଗୋଟିଏ ବଳିଷ୍ଠ ବିଭବ ହେଉଛି ତାଙ୍କର ନିର୍ଭୀକତା ଓ ସତ୍ୟନିଷ୍ଠା । ଦେଶର ସ୍ୱାଧୀନତା ଓ ଅତୀତ ଗୌରବର ପୁନରୁଦ୍ଧାର ପାଇଁ କବି କେବଳ ବ୍ୟାକୁଳତା ପ୍ରକାଶ କରିନାହାନ୍ତି; ଦେଶ, ଜାତି ଓ ସମାଜର କଳଙ୍କକୁ ନିର୍ଭୀକ ଭାବରେ ସମାଲୋଚନା କରି ଏକ ସୁସ୍ଥ, ସବଳ,

ନୀତି ପ୍ରତିଷ୍ଠିତ ସମାଜର ସ୍ୱପ୍ନ ଦେଖିଛନ୍ତି । (୧୭) ପୁଣି ବହୁ କ୍ଷୁଦ୍ର କବିତାରେ ( ମହିମା, ଅର୍ଘ୍ୟଥାଳୀ ଓ କବିତା ମାଳାର ) ଏକ ଏକ ଗଭୀର ସତ୍ୟ, ନୀତି ଓ ଶ୍ରେୟର ବିବୃତି ସମାଜ-ଶିକ୍ଷାର ପଥ ପ୍ରସ୍ତୁତ କରି କବିଙ୍କର ରମଣୀୟତା ବୋଧର ସାର୍ଥକ ପରିଚୟ ଦେଇଛି ।

ଶେଷରେ କବି ତାଙ୍କର ବିଭିନ୍ନ ରଚନାରେ ନିଜର ସଂସ୍କାରମୟ ବ୍ୟକ୍ତିତ୍ୱର ଉଦ୍‌ବୋଧନ ଫଳରେ ଅନ୍ତର୍ଲୋକରେ ଉଦ୍ଭାସିତ ଅସ୍ଫୁଟ ମୂର୍ତ୍ତି ବା ଗଭୀର ସତ୍ୟକୁ ଯେଉଁ ଭଙ୍ଗୀ, ଭାଷା, ଛନ୍ଦ ଓ ପଦବିନ୍ୟାସ ମାଧ୍ୟମରେ ପରିସ୍ଫୁଟ କରି ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ ଓ ଆନନ୍ଦର ସନ୍ଧାନ ଦେଇଛନ୍ତି ତାର ସୂଚନା ଦେଇ ଆଲୋଚନାର ଉପସଂହାର କରିବି । ଭାବ ସଂବେଗର ତୀବ୍ରତା ବା ଭାବର ସ୍ୱଚ୍ଛନ୍ଦ ପ୍ରବାହ ଥିଲେ ତାହା ଅନୁରୂପ ଭାଷା ଓ ଭଙ୍ଗୀରେ ଆତ୍ମ ପ୍ରକାଶ କରି ସୌନ୍ଦର୍ଯ୍ୟବୋଧର କାରଣ ହୋଇଥାଏ । କ୍ରୋଚେ ବିଷୟ ବସ୍ତୁ ( **Contents** ) ଅପେକ୍ଷା ପ୍ରକାଶ ଭଙ୍ଗୀ ( **Form** ) ଏବଂ ସଂସ୍କୃତ ଆଲଙ୍କାରିକ ଜୟନ୍ତ ଓ କୁନ୍ତକ ବିନ୍ୟାସ ବା ବଂଧ ଉପରେ କାବ୍ୟର ସୌନ୍ଦର୍ଯ୍ୟ ନିର୍ଭର କରେ ବୋଲି ସ୍ୱକୀୟ ମତ ପ୍ରକାଶ କରିଛନ୍ତି । କିନ୍ତୁ କାବ୍ୟରେ କେବଳ ବିଷୟ ବସ୍ତୁ ନୁହେଁ ବା କେବଳ ପ୍ରକାଶ ଭଙ୍ଗୀ ନୁହେଁ, ଉଭୟର ମଧୁର ସମନ୍ୱୟ ଫଳରେ କାବ୍ୟ କପର ସୌନ୍ଦର୍ଯ୍ୟ

---

(୧୭) ଉଦ୍‌ବୋଧନ, ଅର୍ଘ୍ୟଥାଳୀ, ପୃ ୬୮୩ ।
ତାକୁ ମଧ୍ୟ ବୋଲିଥାନ୍ତି ଧର୍ମ ଅବତାର, ଅର୍ଘ୍ୟଥାଳୀ, ପୃ ୬୭୦ ।
ପଞ୍ଚାମୃତ, ଅଃ ଥାଃ, ପୃ ୬୮୭ ।

ଓ ଆନନ୍ଦର କାରଣ ହୋଇଥାଏ ମେହେରଙ୍କର ସୃଷ୍ଟି ତାର ଉଜ୍ଜ୍ୱଳ ଦୃଷ୍ଟାନ୍ତ । ତାଙ୍କ ରଚନାର ବିଷୟବସ୍ତୁ, ଚରିତ୍ର ଓ ଭାବ ଯେପରି ସମୁନ୍ନତ, ତାଙ୍କର ଭାଷା, ଛନ୍ଦ ଏବଂ ପ୍ରକାଶ ଭଙ୍ଗୀ ମଧ୍ୟ ସେହିପରି ଅନୁରୂପ ସୌନ୍ଦର୍ଯ୍ୟ ଓ ମାଧୁର୍ଯ୍ୟ ବିମଣ୍ଡିତ । ତାଙ୍କର ଭାଷା ଓ ପ୍ରକାଶ ଭଙ୍ଗୀରେ ପ୍ରାଚୀନତାର ଅନ୍ତିମାନ୍ଧ ମୋହ ନାହିଁ କି ଆଧୁନିକତାର ଉଚ୍ଛୃଙ୍ଖଳତା ନାହିଁ । କବି ନିଜର ଦୂରଦୃଷ୍ଟି, ମୌଳିକ ସୃଜନ ଶକ୍ତି, କମନୀୟ କଳ୍ପନା ଓ ମନନଶୀଳତା ଫଳରେ ଉଭୟ ଯୁଗର ମଧୁର ସମନ୍ୱୟ ଆନୟନରେ ଯେପରି ପାଟବ ଦେଖାଇଛନ୍ତି ତାହାହିଁ ତାଙ୍କର ସୃଷ୍ଟିକୁ ଚିରନ୍ତନ ତଥା ଚିତ୍ତଗ୍ରାହୀ କରିଛି । ତାଙ୍କର ସୃଷ୍ଟିରେ ମଧ୍ୟଯୁଗୀୟ ବିଶେଷତଃ ଭଞ୍ଜୀୟ ବର୍ଣ୍ଣନାଛଟା, ଛନ୍ଦର ବୈଚିତ୍ର୍ୟ ତଥା ମାଧୁର୍ଯ୍ୟ, ଶବ୍ଦ ଓ ଅଳଙ୍କାର ପ୍ରୟୋଗଜନିତ ଚାତୁରୀର ଆଭାସ ରହିଛି; କିନ୍ତୁ ଭଞ୍ଜୀୟ କୃତ୍ରିମତା ଓ ମାତ୍ରାତିରିକ୍ତତାରୁ ସମ୍ପୂର୍ଣ୍ଣ ମୁକ୍ତ ହୋଇ ସ୍ୱକୀୟ ମାଧୁର୍ଯ୍ୟରେ ମଣ୍ଡିତ ହୋଇଛି । ତାଙ୍କ ରଚନାର ଭାଷା ଯେପରି ସରଳ, ସେହିପରି ଲଳିତ, ମଧୁର ଓ ପ୍ରାଣସ୍ପର୍ଶୀ; ପଦବିନ୍ୟାସଭଙ୍ଗୀ ମଧ୍ୟ ସେହିପରି ଶ୍ରୁତି-ସୁଖକର । ଭାଷା ଓ ବଚନ ଭଙ୍ଗୀରେ ମଧ୍ୟଯୁଗୀୟ ଅଳଙ୍କାରିକଛଟା ରହିଥିଲେ ମଧ୍ୟ ଭାବାର୍ଥଗତ କ୍ଲିଷ୍ଟତା ବା ଦୁର୍ବୋଧତାର ଗନ୍ଧ ନାହିଁ, ବରଂ ସେଠି ରହିଛି ଆଧୁନିକ ଯୁଗର ପ୍ରାଞ୍ଜଳତା ତଥା ରମଣୀୟତା । ରଚନାରେ ବ୍ୟଞ୍ଜନା, ଭାବ ଓ ଅର୍ଥର ଗାମ୍ଭୀର୍ଯ୍ୟ ତଥା ସମୁନ୍ନତ ତାଙ୍କର ରଚନାକୁ ପ୍ରଥମ ଶ୍ରେଣୀର ଗୌରବ ଦାନ କରିଛି । ବର୍ଣ୍ଣନାରେ ପ୍ରସାଦ ଓ ମାଧୁର୍ଯ୍ୟ ଗୁଣ, ଉପମା, ଉତ୍ପ୍ରେକ୍ଷା, ଅପହ୍ନୁତି, ସ୍ୱଭାବୋକ୍ତି, ଶ୍ଳେଷ, ଯମକ, ଅନୁପ୍ରାସ ପ୍ରଭୃତି ପ୍ରଚଳିତ ଅଳଙ୍କାର ଗୁଡ଼ିକର ପରିମିତ ତଥା

ଅଭିନବ ପ୍ରୟୋଗ ଏବଂ ରଚନାଭଙ୍ଗୀର ସ୍ୱତଃସ୍ଫୂର୍ତ୍ତି, ସାବଲୀଳତା, ସାଙ୍ଗୀତିକ ମାଧୁର୍ଯ୍ୟ ତଥା ପ୍ରାଞ୍ଜଳତା ମଧ୍ୟରେ କବିଙ୍କର ସୌନ୍ଦର୍ଯ୍ୟ ବୋଧର ସ୍ୱାକ୍ଷର ଅତି ସ୍ପଷ୍ଟ ହୋଇ ଉଠିଛି ।

ଶେଷରେ ପୁଣିଥରେ କହିବଣେଁ—ବିଶ୍ୱଜୀବନର ଉପାସକ, ଭାରତୀୟ ପୌରାଣିକ ସଂସ୍କୃତି-ସମୃଦ୍ଧ ନିସର୍ଗକବି ମେହେରଙ୍କର ଅନ୍ତର୍ଦୃଷ୍ଟି ସେଇଠି ସୌନ୍ଦର୍ଯ୍ୟର ସନ୍ଧାନ ପାଇଛି, ଯେଉଁଠି ରହିଛି ନୀତି, ଆଧ୍ୟାତ୍ମିକତା, ଶ୍ରେୟ, ସତ୍ୟ ଓ ମାଧୁର୍ଯ୍ୟର ଚିରନ୍ତନ ସଙ୍କେତ । ବିଶ୍ୱକବି ରବୀନ୍ଦ୍ରଙ୍କ ପରି ରୂପ ମଧ୍ୟରେ ଅରୂପ (ପରମାତ୍ମା)ର ଅନୁଭୂତି ହେଉଛି ସେଇ ସୌନ୍ଦର୍ଯ୍ୟବୋଧର ସାର୍ଥକତା । ସେଥିପାଇଁ ମେହେରସୃଷ୍ଟି କାଳର ହୋଇ ମଧ୍ୟ କାଳାତୀତ ।

# ମେହେରଙ୍କ ଇନ୍ଦୁମତୀ

ପ୍ରତିକୂଳ ପରିସ୍ଥିତିରେ ବହୁ ପ୍ରତିଭା ଝାଉଁଳି ପଡ଼େ, କିନ୍ତୁ ଦରିଦ୍ର କବି ଗଙ୍ଗାଧର ତାର ଏକ ବ୍ୟତିକ୍ରମ । ସ୍ୱଳ୍ପଶିକ୍ଷା ଓ ଦାରିଦ୍ର୍ୟର ପୀଡ଼ନ ସତ୍ତ୍ୱେ ତାଙ୍କ ପ୍ରତିଭା ଓ କବିତ୍ୱର ବିକାଶ ଓଡ଼ିଆ ଜାତି ପକ୍ଷରେ କମ୍ ବିସ୍ମୟ ଓ ଆଶ୍ୱାସନାର କାରଣ ନୁହେଁ ।

ରାଧାନାଥ ଓ ମଧୁସୂଦନଙ୍କ ପରି ଗଙ୍ଗାଧର ଇଂରାଜୀ ଶିକ୍ଷା ଓ ଶିକ୍ଷିତ ଗୋଷ୍ଠୀର ବିଶେଷ ସମ୍ପର୍କରେ ଆସିପାରି ନ ଥିଲେ । ପାଶ୍ଚାତ୍ୟ-ସାହିତ୍ୟଲବ୍ଧ ସମସ୍ତ ସମ୍ଭାବନାର ପଥ ତାଙ୍କ ପାଇଁ ରୁଦ୍ଧଥିଲା । ସେଥିପାଇଁ କାଳିଦାସ ଓ ଭଞ୍ଜ ପ୍ରଭୃତିଙ୍କର ରଚନା ମୁଖ୍ୟତଃ ଥିଲା ତାଙ୍କ ରଚନାର ପ୍ରେରଣା ତଥା ଆଦର୍ଶ । ତେଣୁ କବି ପ୍ରଥମତଃ ପ୍ରାଚୀନ ରୀତିରେ ତାଙ୍କର କବିତା ରଚନା ଆରମ୍ଭ କରିଥିଲେ । ସମୟୋଚିତ ପ୍ରେରଣା ଲାଭ କରି କବି ରାଧାନାଥଙ୍କ ଆଦର୍ଶରେ ଭାବ, ଭାଷା, ବର୍ଣ୍ଣନା, ଅଳଙ୍କାର, ପ୍ରସଙ୍ଗ ସଜ୍ଜା ଓ ପ୍ରସଙ୍ଗର ସ୍ୱାଭାବିକ ରୂପାୟନ କ୍ଷେତ୍ରରେ ଆଧୁନିକ ରୁଚିର ପରିଚୟ ଦେଲେ ମଧ୍ୟ ବିଷୟବସ୍ତୁ ନିର୍ବାଚନ କ୍ଷେତ୍ରରେ ପୁରାଣ, ଇତିହାସକୁ ଓ ସଂସ୍କୃତ ମହାକାବ୍ୟକୁ ମୁଖ୍ୟତଃ ନିଜ ସୃଷ୍ଟିର ଉତ୍ସରୂପେ ଗ୍ରହଣ କରିଛନ୍ତି । ତାଙ୍କର 'ପ୍ରଣୟ-ବଲ୍ଲରୀ' ପରି 'ଇନ୍ଦୁମତୀ'କୁ କାଳିଦାସଙ୍କ ମହାକାବ୍ୟ ଭିତ୍ତିରେ ଗଢ଼ି ଉଠିଥିବା ଏକ ନୂତନ ସୌଧ ବୋଲି କୁହାଯାଇ ପାରେ । ନୂତନ କହିବାର ତାତ୍ପର୍ଯ୍ୟ ଏହି ଯେ, ଏହା କାଳିଦାସଙ୍କ ରଚନାର ଚର୍ବିତ ଚର୍ବଣ ନୁହେଁ; ସେଥିରେ

ରହିଛି ତାଙ୍କର ହୃଦୟ-କଳ୍ପନା, ବେଦନା ତଥା ଅନୁଭୂତି ସ୍ନିଗ୍ଧ ଭାବତନ୍ମୟତାର ମନୋଜ୍ଞ ଅଭିବ୍ୟକ୍ତି । ଏହା ନହୋଇଥିଲେ ରାଧାନାଥ ଓ ମଧୁସୂଦନଙ୍କର ଅଭିନବ ସାହିତ୍ୟ ସୃଷ୍ଟି ନିକଟରେ ମେହେରଙ୍କ ରଚନା ଅର୍ବାଚୀନ ତଥା ଅବାଞ୍ଛିତ ହୋଇ ପଡ଼ିଥା'ନ୍ତା ଏବଂ ଆଧୁନିକ କାବ୍ୟଯୁଗର ସ୍ରଷ୍ଟା ରାଧାନାଥଙ୍କଠାରୁ ସାର୍ଥକ ସ୍ୱୀକୃତି, ଅଭିନନ୍ଦନ ତଥା ଉତ୍ସାହ ମିଳି ନଥାନ୍ତା । 'ଇନ୍ଦୁମତୀ' ଗଙ୍ଗାଧରଙ୍କର ପ୍ରାଥମିକ ପର୍ଯ୍ୟାୟର ରଚନା ହେଲେ ମଧ୍ୟ ଏବଂ ତାହା ପୋଖତ କବି ଚିତ୍ତର ପ୍ରସୂତି ନହେଲେ ମଧ୍ୟ ରାଧାନାଥ ଇନ୍ଦୁମତୀରେ ମେହେରଙ୍କର ସ୍ଫୁଟନୋନ୍ମୁଖ ପ୍ରତିଭାର ଯେଉଁ ପରିଚୟ ପାଇଥିଲେ, ତାର ଉଚ୍ଛ୍ୱସିତ ପ୍ରଶଂସା କରିବାକୁଯାଇ କହିଛନ୍ତି, "ଇନ୍ଦୁମତୀ କାବ୍ୟ ମୁଁ ଆଦ୍ୟୋପାନ୍ତ ପାଠ କରି ଆଶାତୀତ ପ୍ରୀତିଲାଭ କରିଛି । ଏ କାବ୍ୟର କବି ସାମାନ୍ୟ ଲେଖକ ନୁହନ୍ତି । ମୂଳଚରିତ ରଘୁବଂଶରୁ ସଂଗୃହୀତ ହୋଇଥିଲେ ହେଁ ଏହାର ଭାବ ଓ ଭାଷା ଦୃଷ୍ଟିରେ ମୁଁ ଏହାକୁ ଅଭିନବ ଉତ୍କୃଷ୍ଟ କାବ୍ୟ ରୂପରେ ଗ୍ରହଣ କରିବାକୁ ଲବମାତ୍ର କୁଣ୍ଠିତ ହେବି ନାହିଁ ।" ସେଇ ଦରିଦ୍ର 'ଭୁଲିଆ' କବିର ପ୍ରତିଭାରେ ମୁଗ୍‌ଧହୋଇ ପଲ୍ଲୀକବି ନନ୍ଦକିଶୋର ଲେଖିଥିଲେ—

ଶୁଣିଅଛି ଦାରିଦ୍ର୍ୟତା କଠୋର ନିର୍ଘାତ
ସହି କଷ୍ଟେ କବି, ତୁମ୍ଭେ କର ଦିନପାତ ।

\+ \+ \+

ଲାବଣ୍ୟ-କାସାର-ହଂସ, ପୁରୁଷ ଅଦ୍ଭୁତ,
କାଳିଦାସ ଭାରତୀର ବାଣୀ-ବରସୁତ,

ଯୋଗ୍ୟ ଅନ୍ତେବାସୀ ତୁମ୍ଭେ ଅଛ ତାହାଙ୍କର
ବଳିହାରି, ଗୁରୁପ୍ରତି ସମ୍ମାନ ଅର୍ଘ୍ୟର ।"

'ଇନ୍ଦୁମତୀ'କାବ୍ୟ କାଳିଦାସଙ୍କର 'ରଘୁବଂଶ' ମହାକାବ୍ୟର ଷଷ୍ଠ, ସପ୍ତମ ଓ ଅଷ୍ଟମ ସର୍ଗର ଅଜ ଓ ଇନ୍ଦୁମତୀ ଉପାଖ୍ୟାନର ଅବଲମ୍ବନରେ ରଚିତ ହୋଇଛି । ସୂର୍ଯ୍ୟବଂଶୀୟ ରାଜା ରଘୁଙ୍କର ପୁତ୍ର 'ଅଜ'ଙ୍କର ଇନ୍ଦୁମତୀ ସ୍ୱୟମ୍ବରରେ ବରମାଲ୍ୟ ପ୍ରାପ୍ତି ଓ ବିବାହ, ପ୍ରତିଦ୍ୱନ୍ଦ୍ୱୀ ରାଜାମାନଙ୍କର ଅଜଙ୍କ ସହିତ ଯୁଦ୍ଧ, ବିଜୟୋଲ୍ଲାସରେ ଇନ୍ଦୁମତୀଙ୍କ ସହ ଅଜଙ୍କର ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ, ବାନପ୍ରସ୍ଥ ଅଭିଳାଷୀ ରଘୁଙ୍କର ଅଜଙ୍କ ଉପରେ ରାଜ୍ୟ-ଭାର ଅର୍ପଣ, ଅଜଙ୍କର ସୁଶାସନ, ମଧୁର ଦାମ୍ପତ୍ୟ ସୁଖ,ଉଦ୍ୟାନ ବିହାର କାଳରେ ନାରଦଙ୍କ ବୀଣାର ଅଗ୍ରଭାଗଚ୍ୟୁତ ସ୍ୱର୍ଗୀୟ କୁସୁମ ମାଳା ପତନରେ ଇନ୍ଦୁମତୀଙ୍କ ଅପ୍ରତ୍ୟାଶିତ ମୃତ୍ୟୁ, ଅଜଙ୍କର ବିଳାପ, ବଶିଷ୍ଠ-ଶିଷ୍ୟ ମୁଖରେ ରାଜାଙ୍କୁ ବଶିଷ୍ଠଙ୍କର ସାନ୍ତ୍ୱନାପ୍ରଦ ଉପଦେଶ ଦାନ ଓ ଇନ୍ଦୁମତୀଙ୍କର ପୂର୍ବଜନ୍ମ -ରହସ୍ୟ-ଉନ୍ମୋଚନ, ଦଶରଥଙ୍କର ଅଭିଷେକ ଏବଂ ଜାହ୍ନବୀ ଓ ସରଯୂତୀରରେ ଶୋକଦଗ୍ଧ ବିଷୟ-ବିରକ୍ତ ଅଜଙ୍କର ଦେହତ୍ୟାଗ ହେଉଛି ଇନ୍ଦୁମତୀ କାବ୍ୟର କଥାବସ୍ତୁ ।

ଉଭୟ ରଚନାର ତୁଳନାତ୍ମକ ବିଚାରକଲେ ସ୍ପଷ୍ଟ ଜଣାଯିବ ଯେ, ମେହେର ସ୍ଥୂଳତଃ ମୂଳ କଥାବସ୍ତୁର କଙ୍କାଳକୁ ଅବିକଳ ଗ୍ରହଣ କରିଛନ୍ତି, କିନ୍ତୁ କବିଙ୍କର ପରବର୍ତ୍ତୀ କାବ୍ୟ ଗୁଡ଼ିକରେ ମୂଳ ରଚନାର ଭାବ, ବର୍ଣ୍ଣନା ଓ ବିଷୟ ସଜ୍ଜାର କ୍ରମର ବ୍ୟତିକ୍ରମ ତଥା ସ୍ୱାତନ୍ତ୍ର୍ୟର ମାତ୍ରା ଅଧିକ ପରିଲକ୍ଷିତ ହେଲେ ମଧ୍ୟ 'ଇନ୍ଦୁମତୀ' କାବ୍ୟ ଯେ ସେଇ ବ୍ୟତିକ୍ରମରୁ ମୁକ୍ତ ହୋଇଛି ତା' ନୁହେଁ ।

'ରଘୁବଂଶ'ର ତିନୋଟି ସର୍ଗର ସୂଚନା ଇନ୍ଦୁମତୀ କାବ୍ୟରେ ରହିଥିଲେ ମଧ୍ୟ କାବ୍ୟ କିମ୍ବା ମହାକାବ୍ୟର ପରିସର ବା କଳେବର ସଦୃଶ ବିଶାଳତା 'ଇନ୍ଦୁମତୀ'ରେ ନାହିଁ । ସୀତାଙ୍କର ନିର୍ବାସନ କବି କଳ୍ପନାରେ ଯେଉଁଠି ମହାକାବ୍ୟ ନହେଲେ ମଧ୍ୟ ମହା-କାବ୍ୟର ସମ୍ଭାବନା ସୃଷ୍ଟି କରିଛି, ସେଇଠି 'ଅଜ ଇନ୍ଦୁମତୀ' ଉପାଖ୍ୟାନରେ ଯେ ସେ ସମ୍ଭାବନାର ଅଭାବ ରହିଛି ତା' ନୁହେଁ । କିନ୍ତୁ କବି ଯେତେବେଳେ ଏ କାବ୍ୟ ରଚନା କରନ୍ତି ସେତେବେଳେ ତାଙ୍କର ଶକ୍ତି ଓ ପ୍ରତିଭା ଅପରିଣତ ।

'ଇନ୍ଦୁମତୀ' ପୂର୍ବରୁ କେତୋଟି ରଚନା ପରିଲକ୍ଷିତ ହେଲେ ମଧ୍ୟ ଏହାକୁ କବିଙ୍କର ଏକ ପ୍ରକାର ପ୍ରାରମ୍ଭିକ ରଚନା କହିଲେ ଅତ୍ୟୁକ୍ତି ହେବନାହିଁ । ତେଣୁ ପ୍ରତିଭାର ଅବିକଶିତ ଅବସ୍ଥାରେ ମେହେର ଅତି ସନ୍ତର୍ପଣରେ ପ୍ରଦର୍ଶିତ ପନ୍ଥାରେ ଅଗ୍ରସର ହୋଇ ଇତସ୍ତତଃ ସ୍ୱକୀୟତାର ସଂକେତ ଦେଲେ ମଧ୍ୟ କାଳିଦାସଙ୍କର ରଚନାର ପରିସୀମା ମଧ୍ୟରେ ନିଜକୁ ଆବଦ୍ଧ କରି କଥାବସ୍ତୁର ଗତିକୁ ଦ୍ରୁତତର କରିଛନ୍ତି । 'ଇନ୍ଦୁମତୀ'ରେ ସର୍ଗନାମ ପରିବର୍ତ୍ତେ ପୂର୍ବଭାଗ ଓ ଉତ୍ତରଭାଗ ନାମରେ ମୋଟାମୋଟି ଦୁଇଟି ଭାଗ ପରିଲକ୍ଷିତ ହୁଏ । 'ପୂର୍ବଭାଗ'ରେ 'ରଘୁବଂଶ'ର ଷଷ୍ଠ ଓ ସପ୍ତମ ସର୍ଗ ଏବଂ 'ଉତ୍ତର ଭାଗ'ରେ ଅଷ୍ଟମ ସର୍ଗର କଥାବସ୍ତୁ ଓ ବର୍ଣ୍ଣନା ସୂଚିତ ହୋଇଛି । ସ୍ୱୟମ୍ବର ସଭାରେ ଇନ୍ଦୁମତୀଙ୍କର ବୟସୀ ସୁନନ୍ଦାଙ୍କ ମୁଖରେ ମଗଧ, ଅଙ୍ଗ, ଅବନ୍ତୀ, ମଥୁରା, ଦାକ୍ଷିଣାତ୍ୟ, ପାଣ୍ଡ୍ୟ ଓ ଅଯୋଧ୍ୟା ରାଜକୁମାର ମାନଙ୍କର ରୂପ ଓ ଗୁଣ ବର୍ଣ୍ଣନାର କ୍ରମ, ଇନ୍ଦୁମତୀଙ୍କର ମାଲ୍ୟାର୍ପଣ, ପୁରବାସୀଙ୍କର ମହୋତ୍ସବ, ବିବାହ, ହୋମ, ଈର୍ଷାପର ରାଜା ମାନଙ୍କର ଷଡ଼ଯନ୍ତ୍ର ଓ ଅଜଙ୍କ ଉପରେ ଆକ୍ରମଣ, ସମର, ପ୍ରସ୍ୱାପନ ବାଣର ପ୍ରୟୋଗରେ ପ୍ରତିପକ୍ଷ ବାହିନୀର ସୁଷୁପ୍ତି, ଅଜଙ୍କର

ବିଜୟୋଲ୍ଲାସ ଓ ଅଯୋଧ୍ୟାରେ ଅଭିଷେକ, ଅଜ ଓ ଇନ୍ଦୁମତୀଙ୍କର ଉଦ୍ୟାନ ବିହାର, ସ୍ୱର୍ଗୀୟମାଳା ଚ୍ୟୁତ, ଇନ୍ଦୁମତୀଙ୍କର ମୃତ୍ୟୁ, ଅଜଙ୍କର ବିଳାପ, ବଶିଷ୍ଠ ଶିଷ୍ୟଙ୍କର ଉପଦେଶ, ଇନ୍ଦୁମତୀଙ୍କର ପୂର୍ବଜନ୍ମ ରହସ୍ୟ ଏବଂ ଅଜଙ୍କର ଦେହତ୍ୟାଗର ବର୍ଣ୍ଣନା ସ୍ଥାନୋପଯୋଗୀ ସାମାନ୍ୟ ପରିବର୍ତ୍ତନ ସହିତ ରଘୁବଂଶରୁ ପ୍ରାୟ ଅବିକଳ ଗୃହୀତ ହୋଇଛି । ତୁଳନାତ୍ମକ ଭାବରେ ଉଭୟ ରଚନାରୁ ବହୁ ଦୃଷ୍ଟାନ୍ତ ଦିଆଯାଇ ପାରେ । ଆଲୋଚନାର କଳେବର ବୃଦ୍ଧି ହେତୁ ଅଳ୍ପ କେତୋଟି ଉଦାହରଣ ଦେଉଛୁ ।

ଅଜ ଓ ଇନ୍ଦୁମତୀଙ୍କର ବିବାହ ବର୍ଣ୍ଣନାରେ ମେହେର ଲେଖିଛନ୍ତି—

'ସ୍ନାତକମଣ୍ଡଳ ଭୋଜରାଜ ନୃପ
ରାଜପ୍ରିୟ ବନ୍ଧୁଗଣ
ବର ବଧୂ ଶିରେ ହରିଦ୍ରାରଞ୍ଜିତ
ତଣ୍ଡୁଳ କଲେ ବର୍ଷଣ ।
ତା'ପରେ ତଣ୍ଡୁଳ ବରଷଣ କଲେ
ରମଣୀମଣ୍ଡଳ ଆସି ।'

'ରଘୁବଂଶ'ରେ ଅନୁରୂପ ବର୍ଣ୍ଣନା ଦେଖନ୍ତୁ—

'ତୌ ସ୍ନାତକୈର୍ବନ୍ଧୁମତା ଚ ରାଜ୍ଞା
ପୁରନ୍ଧ୍ରିଭିଶ୍ଚ କ୍ରମଶଃ ପ୍ରଯୁକ୍ତମ୍ ।'
କନ୍ୟା କୁମାରୌ କନକାସନସ୍ଥୌ
ଆର୍ଦ୍ରାକ୍ଷତାରୋପଣମନ୍ୱଭୂତାମ୍ । (୭।୨୮)

ପ୍ରତିପକ୍ଷ ରାଜାଙ୍କ ସହିତ ଅଜଙ୍କର ସମର ବର୍ଣ୍ଣନା କରିବାକୁ ଯାଇ ମେହେର ଲେଖିଛନ୍ତି—

"କେହୁଁ କହୁଁ ବେନି ଦଳେ ଲାଗିଗଲା
ଅତି ଭୟଙ୍କର ରଣ,
ରଥୀ ସଙ୍ଗେ ରଥୀ ପଦାତି ପଦାତି
ଆଧୋରଣେ ଆଧୋରଣ ।
ସାଦିବର ସଙ୍ଗେ ସାଦିଏ ଯୁଝିଲେ
କରେ ଧରି କରବାଳ,
ସମର କ୍ଷେତ୍ରକୁ ତିମିରେ ଆବୃତ
କରିଦେଲେ ଶରମାଳ ।" (ପୂର୍ବଭାଗ)

ସମର ବର୍ଣ୍ଣନାରେ କାଳିଦାସ ଲେଖିଛନ୍ତି—

"ପତ୍ତିଃ ପଦାତିଂ ରଥିନଂ ରଥେଶ
ସ୍ତୁରଙ୍ଗ-ସାଦୀ ତୁରଗାଧିରୂଢ଼ମ୍ ।
ଯନ୍ତା ଗଜସ୍ୟାଭ୍ୟପତଦ୍ ଗଜସ୍ଥଂ
ତୁଲ୍ୟ-ପ୍ରତିଦ୍ୱନ୍ଦ୍ୱି ବଭୂବ ଯୁଦ୍ଧମ୍ ।" ( ୭।୩୭ )

ଦିବ୍ୟମାଳା ପତନରେ ଇନ୍ଦୁମତୀଙ୍କର ମୃତ୍ୟୁ ସମ୍ପର୍କରେ ମେହେର ଲେଖିଛନ୍ତି—

"ସେ ଦିବ୍ୟ-କୁସୁମ- ହାର ଦରଶନ
ମାତ୍ରେ ଇନ୍ଦୁମତୀଙ୍କର
ପ୍ରାଣ-ବିହଙ୍ଗମ ଉଡ଼ିଗଲା, ତନୁ
ପଡ଼ିଲା ଧରା ଉପର ।"

କାଳିଦାସଙ୍କର ବର୍ଣ୍ଣନା ହେଉଛି—

"କ୍ଷଣମାତ୍ର-ସଖୀଂ ସୁଜାତୟୋଃ
ସ୍ତନୟୋ ସ୍ତାମବଲୋକ୍ୟ ବିହ୍ୱଳା ।
ନିମିମୀଲ ନରୋତ୍ତମ ପ୍ରିୟା ହୃତଚନ୍ଦ୍ରା
ତମସେବ କୌମୁଦୀ । ( ୮।୩୭ )

ଅଜଙ୍କର ମର୍ମଭେଦୀ ବିଳାପ ବର୍ଣ୍ଣନାରେ ଗଙ୍ଗାଧର ଲେଖିଛନ୍ତି—

(କ)

କେତେ ଅପରାଧ କର ସଖି । ଦିନେ
ଦେଖି ନାହିଁ ତୋର ମାନ,
ଦିନେ ତୋ ମୁଖରୁ କର୍କଶ ବଚନ
ପାଇ ନାହିଁ ମୋର କାନ ।
କଳନାଦୀ-ବୀଣା— ଗର୍ବ ଖର୍ବକର
ବଚନ ନ କହି ପଦେ
ଚାଲି ନିମନ୍ଥାଇ ଦେଇ ଶୋକମୟ
ଦୁସ୍ତର ଘୋର ବିପଦେ ।"

(ଖ)

"ଜଳରୁ ଜନମି ପଦ୍ମିନୀ ସୁନ୍ଦରୀ
ଥରେ ରହିଥାଏ ବାସ,
ସମୟରେ ପୁଣି ସେହି ଜଳକଣା
ପଦ୍ମିନୀକି କରେ ନାଶ ।"

ରଘୁବଂଶରେ ଅନୁରୂପ ବର୍ଣ୍ଣନା ଦେଖନ୍ତୁ—

"କ୍ଷତବତ୍ୟପି ନାବଧୀରଣା-
ମପରାଦ୍ଧେଽପି ଯଦା ଚିରଂମୟି ।
କଥମେକ-ପଦେ ନିରାଗସଂ
ଜନମାଭାଷ୍ୟମିମଂ ନ ମନ୍ୟସେ ।" (୮।୪୮)

"ଅଥବା ମୃଦୁବସ୍ତୁ ହିଂସିତୁଂ
ମୃଦୁନୈ ବାରଭତେ ପ୍ରଜାନ୍ତକଃ ।
ହିମସେକ ବିପତ୍ତିରତ୍ର ମେ ନଳିନୀ
ପୂର୍ବ ନିଦର୍ଶନଂ ମତା ।" (୮।୪୫)

ଅଭିଶାପଗ୍ରସ୍ତା ସୁରବଧୂ 'ହରିଣୀ'ର ଇନ୍ଦୁମତୀ ରୂପରେ ଜନ୍ମଲାଭର ରହସ୍ୟ ପ୍ରସଙ୍ଗରେ ସେହେତ ଲେଖିଛନ୍ତି—

"ବିକଶିଲ କଥ- କଉଶିକ ବଂଶ-
ସରେ ବାଳା-କୁମୁଦନୀ,
ଭୁବନଚନ୍ଦ୍ରମା ହେତୁ ହୋଇଥିଲ
ତୁମ୍ଭ ଚିତ୍ତ-ବିନୋଦନୀ ।

× × ×

ଦୈବଯୋଗେ ବାୟୁ- ବଳେ ଖସି ତାଙ୍କ
ବୀଣାଗ୍ର କୁସୁମମାଳା,
ଉରେ ପଡ଼ିବାରୁ ଶାପରୁ ମୁକତି
ଲଭିଅଛି ସୁରବାଳା ।"

ଏ ପ୍ରସଙ୍ଗରେ କାଳିଦାସ ଲେଖିଛନ୍ତି—

"କ୍ରଥ-କୈଶିକ-ବଂଶ ସମ୍ଭବା ତବ
ଭୂତ୍ୱା ମହିଷୀ ଚିରାୟ ସା ।
ଉପଲବ୍ଧବତୀ ଦିବଶ୍ଚ୍ୟୁତଂ ବିବଶା
ଶାପ-ନିବୃତ୍ତି-କାରଣମ୍ ।" (୮।୮୨)

କିନ୍ତୁ କାଳିଦାସ ସୃଷ୍ଟିର ଏ ଅନୁସୃତି ସତ୍ତ୍ୱେ 'ଇନ୍ଦୁମତୀ' କାଳିଦାସ ରଚନାର ଚର୍ବିତଚର୍ବଣ ନୁହେଁ ବୋଲି ପୂର୍ବରୁ କୁହାଯାଇଛି । ବର୍ଣ୍ଣନା ( ନାୟକ ନାୟିକାଙ୍କ ରୂପଗୁଣ, ପ୍ରକୃତି, ସ୍ୱୟଂବର ସଭା ), ପ୍ରସଙ୍ଗ ସଜ୍ଜାର କ୍ରମ, ଚିତ୍ରଣର ସ୍ୱାଭାବିକତା, ପରିବେଶ ପରିକଳ୍ପନା, ଭାବ, ଭାଷା ଓ ଅଳଙ୍କାର ପ୍ରୟୋଗ କ୍ଷେତ୍ରରେ କବି ନିଜର ମୌଳିକତାର ସ୍ୱାକ୍ଷର ଦେଇ କାବ୍ୟକୁ ଅଧିକ ଚିତ୍ତଗ୍ରାହୀ କରିବାକୁ ଚେଷ୍ଟା କରିଛନ୍ତି । କାବ୍ୟର ସ୍ୱାଭାବିକତା ଜନିତ ସୌଷ୍ଠବ ସମ୍ପାଦନ ପାଇଁ କବି ସ୍ଥାନେ ସ୍ଥାନେ କାଳିଦାସୀୟ ଦୀର୍ଘ ବର୍ଣ୍ଣନା, ବର୍ଣ୍ଣନାକ୍ରମ ଓ ବର୍ଣ୍ଣନାର ଅସ୍ୱାଭାବିକତା ପରିହାର କରିଛନ୍ତି ଏବଂ ପରିବେଶ ସୃଷ୍ଟିର ପରିକଳ୍ପନା ଯୋଗ କରିଛନ୍ତି । 'ଇନ୍ଦୁମତୀ' କାବ୍ୟର ଆରମ୍ଭରେ କବି ସ୍ୱୟଂବର ସଭାର ବର୍ଣ୍ଣନା ଦେବା ପୂର୍ବରୁ ବିଦର୍ଭ ପୁରବାସୀ ଓ ପୁରସ୍ତ୍ରୀମାନଙ୍କର ଆନନ୍ଦୋତ୍ସବର ବର୍ଣ୍ଣନା ଦେଇ ଏକ ଅନୁକୂଳ ପରିବେଶର ଚିତ୍ର ଦେଇଛନ୍ତି । କିନ୍ତୁ କାଳିଦାସ ରଘୁବଂଶରେ ସ୍ୱୟଂବର ସଭାର ଏବଂ ଅଜ ଓ ଅନ୍ୟ ରାଜକୁମାର ମାନଙ୍କର ଉପସ୍ଥିତିର ବର୍ଣ୍ଣନା ପୂର୍ବରୁ ସେପରି କୌଣସି ପରିବେଶର ଚିତ୍ର ଦେଇ ନାହାନ୍ତି । ରଘୁବଂଶର ଇନ୍ଦୁମତୀଙ୍କ ରୂପଲାବଣ୍ୟ ଦର୍ଶନରେ ରାଜା ମାନଙ୍କର ମାନସିକ ଶୃଙ୍ଗାର ଏବଂ ସୁନନ୍ଦା ମୁଖରେ ବିଭିନ୍ନ ରାଜକୁମାର ମାନଙ୍କର

ଯେଉଁ ଦୀର୍ଘ ବର୍ଣ୍ଣନା ( ସ୍ଥାନେ ସ୍ଥାନେ ଅସ୍ୱାଭାବିକ ବର୍ଣ୍ଣନା ) ଦେଇଛନ୍ତି, ମେହେର ତାହା ସଂକ୍ଷିପ୍ତ ଓ ସ୍ୱାଭାବିକ କରିବାକୁ ଚେଷ୍ଟା କରିଛନ୍ତି । ମଗଧ ରାଜକୁମାରଙ୍କ ସମ୍ପର୍କରେ କାଳିଦାସ ଲେଖିଛନ୍ତି—

"କ୍ରିୟା ପ୍ରବନ୍ଧାଦୟମଧ୍ୱରାଣା
ମଜସ୍ରମାହୂତ ସହସ୍ରନେତ୍ର ।
ଶଚ୍ୟଶ୍ଚିରଂ ପାଣ୍ଡୁକପୋଲ ଲମ୍ବାନ୍
ମନ୍ଦାର ଶୂନ୍ୟାନଲକାଂଶ୍ଚକାର ।" (୬ । ୨୩)

ମଗଧ ରାଜକୁମାର ନାନା ପ୍ରକାର ଯାଗଯଜ୍ଞ କରିଥାନ୍ତି ଏବଂ ଦେବରାଜ ଇନ୍ଦ୍ର ଆହୂତ ହୋଇ ପ୍ରାୟ ସର୍ବଦା ଏହାଙ୍କର ଯଜ୍ଞସ୍ଥଳରେ ଉପସ୍ଥିତ ହୋଇଥାନ୍ତି । ସେହିହେତୁ ବିରହ ମଳିନା ଇନ୍ଦ୍ରବଧୂ ଶଚୀ ଦେବୀଙ୍କର କପୋଳ ବିରହ ଦୁଃଖରେ ପାଣ୍ଡୁବର୍ଣ୍ଣ ଧାରଣ କରେ ଏବଂ ତା' ଉପରେ ଅସଂଯତ ଚୂର୍ଣ୍ଣକୁନ୍ତଳ ଲମ୍ବିତ ହୋଇ ପଡ଼େ, ଯେଉଁଠି ଆଉ ପୂର୍ବପରି ପାରିଜାତ ଫୁଲ ଶୋଭାପାଏ ନା । କିନ୍ତୁ ମେହେରଙ୍କର ବର୍ଣ୍ଣନା ଦେଖନ୍ତୁ—

"ଗୃହୀଁ ନଲ ସୁନ୍ଦରି । ପ୍ରିରତେ ମଗଧ-
ପତି ଜଗଦେକଇନ୍ଦୁ,
ମନ୍ତ୍ରୀ-ମହିଳାର ଲଲାଟମଣ୍ଡିତ
ସୁରମ୍ୟ ସିନ୍ଦୂର ବିନ୍ଦୁ ।
ପରଜାବତ୍ସଳ ଦେବମରାୟଣ
ରୂପ ଅତି ଅଭିରାମ,
ପ୍ରବଳ ପ୍ରତାପୀ ପରବଳତାପୀ
ସ୍ୱାର୍ଥ ପରନ୍ତପ ନାମ ।"

‘ରଘୁବଂଶ’ର ସମର ବର୍ଣ୍ଣନାର ଦୀର୍ଘତା ପରିହାର କବି ସେହେତୁ ବର୍ଣ୍ଣନାକୁ ପରିମିତ ଓ ସ୍ୱାଭାବିକ କରିଛନ୍ତି । ବିପକ୍ଷ ବାହିନୀକୁ ବର୍ଷାକାଳ ରୂପେ, ଖଡ଼୍ଗ ତଲବାରକୁ ଚପଳାର ଝଲକ, ଗଜ-ଗର୍ଜନକୁ ମେଘ ଗର୍ଜନ, ପତାକାକୁ ବକପଂକ୍ତି, ସେନାତର୍ଜନକୁ ଡାହୁକ ସ୍ୱନ, ଧନୁର ଇନ୍ଦ୍ରଶରାସନ ଓ ଅଜଙ୍କୁ ଭାନୁ ରୂପେ ବର୍ଣ୍ଣନା କରିବାରେ କାଳିଦାସଙ୍କର ‘ଋତୁସଂହାର’ର ପ୍ରଭାବ ସ୍ପଷ୍ଟ ହେଲେ ମଧ୍ୟ ଏ କ୍ଷେତ୍ରରେ ତା’ର ପରିକଳ୍ପନା ଓ ସମାବେଶଟି ଚିତ୍ତାକର୍ଷକ ହୋଇଛି । ପୁଣି ରଘୁବଂଶରେ ବିଜେତା ଅଜଙ୍କ ମନରେ ଯେଉଁ ସାମୟିକ ଅହଂକୃତ ଦେଖା ଦେଇଛି ସେହେତୁ ତାହା ପରିହାର କରିଛନ୍ତି । ଇନ୍ଦୁମତୀରେ ବିଜୟୋଲ୍ଲାସର ଚିତ୍ର ଥିଲେ ମଧ୍ୟ ପ୍ରସ୍ୱାପନ ବାଣଦ୍ୱାରା ସୁପ୍ତ ବିଜିତ ରାଜକୁମାରଗଣଙ୍କ ପ୍ରତି ଅଜଙ୍କ ମନରେ ବେଦନାବୋଧ ତଥା ନୀତିବୋଧ ଜାତ ହୋଇଛି; ତା’ର କଳ୍ପନା କବିଙ୍କର ନିଜସ୍ୱ । ଇନ୍ଦୁମତୀଙ୍କ ସହ ଅଜ ହସ୍ତୀପୃଷ୍ଠରେ ବିଦର୍ଭ ରାଜ ଅନ୍ତଃପୁର ଉଦ୍ଦେଶ୍ୟରେ ଯାତ୍ରା କଲାସମୟରେ ପୁରନ୍ଧ୍ରୀମାନଙ୍କର ବିଭ୍ରମର ଯେଉଁ ଅସ୍ୱାଭାବିକ ବର୍ଣ୍ଣନା ରଘୁବଂଶରେ ରହିଛି, ସେହେତୁ ତାହା ପରିହାର କରି ତା’ର ଏକ ସ୍ୱାଭାବିକ ଚିତ୍ର ଅଙ୍କନ କରିଛନ୍ତି । ବିବାହ ସୂତ୍ର ହସ୍ତରେ ଥିବା ସମୟରେ ଅଜଙ୍କର ଅଯୋଧ୍ୟା ରାଜପଦରେ ଅଭିଷିକ୍ତ ହେବାର ବର୍ଣ୍ଣନା ରଘୁବଂଶରେ ଯାହା ଅଛି, ସେହେତୁ ତାହା ପରିହାର କରିଛନ୍ତି । ପୁଣି ଅଜଙ୍କର ଇନ୍ଦୁମତୀ ବିଚ୍ଛେଦ-ଜନିତ ଶୋକଦଗ୍ଧ ଚିତ୍ତକୁ ସାନ୍ତ୍ୱନା ଦେବା ପାଇଁ ରଘୁବଂଶ ପରି ବଶିଷ୍ଠ ଶିଷ୍ୟ ମୁଖରେ ଆଗେ ଇନ୍ଦୁମତୀଙ୍କର ପୂର୍ବଜନ୍ମ ରହସ୍ୟ ଉଦ୍‌ଘାଟିତ ନ କରାଇ ସେହେତୁ ପ୍ରଥମେ ସାନ୍ତ୍ୱନା ବିଧାନ କରାଇ ପରେ ସେ ରହସ୍ୟ ସୂଚନା ଦେଇଛନ୍ତି । ଉତ୍ତର ଭାଗରେ ଇନ୍ଦୁମତୀଙ୍କ

ସହିତ ରାଜନବରରେ ପ୍ରବେଶ ପୂର୍ବକ ଅଯୋଧ୍ୟା ରାଜରାଣୀଙ୍କର ସ୍ୱପ୍ନ ଦର୍ଶନ, ଅଜ ଓ ଇନ୍ଦୁମତୀଙ୍କର ରାଜୋଦ୍ୟାନରେ ବିହାର ପୂର୍ବରୁ ବସନ୍ତ କାଳର ମନୋଜ୍ଞ ବର୍ଣ୍ଣନାରେ କବିଂକର ପରିବେଶ ପରିକଳ୍ପନା ଜନିତ ମୌଳିକତା ପରିସ୍ଫୁଟ ହୋଇଛି । ଅପୂର୍ବ ରୂପଲାବଣ୍ୟମୟୀ ଇନ୍ଦୁମତୀଙ୍କ ଦର୍ଶନରେ ରାଜକୁମାର-ଗଣଙ୍କର ବିବିଧ ମାନସିକ ବିକାର ବିଚେଷ୍ଟାର ଦୀର୍ଘ ବର୍ଣ୍ଣନା ପରିହାର କରି ମେହେର ତାଙ୍କୁ ସଂକ୍ଷିପ୍ତ ସ୍ୱାଭାବିକ ଓ ଅଧିକ ଚିତ୍ତଗ୍ରାହୀ କରିଛନ୍ତି ଏବଂ ଦୁଇଟି ପଦରେ ଇନ୍ଦୁମତୀଙ୍କର ନୈସର୍ଗିକ ରୂପ କାନ୍ତିର ମାର୍ଜିତ ତଥା ମଞ୍ଜୁଳ ଚିତ୍ର ଅଙ୍କନ କରିଛନ୍ତି । ଯଥା—

"ରାଜନ୍ୟମଣ୍ଡଳ ମଧ୍ୟେ ବିରାଜିଲ
ଏକାଳେ ରାଜନନ୍ଦନୀ,
ଇନ୍ଦ୍ର ଶରାସନ ତଳେ ବିଳସିଲ
କିବା ଗୃରୁ ସୌଦାମିନୀ !
ଅଥବା ରତନ- ଖଣିଗର୍ଭେ ହେଲା
ଦୀପଶିଖା ପ୍ରଜ୍ୱଳିତ,
ନବ ବିକସିତ କମଳକାନନେ
କମଳା ବା ବିରାଜିତ"

ଇନ୍ଦୁମତୀ କାବ୍ୟର ନାୟକ ହେଉଛନ୍ତି ଅଜ, ନାୟିକା ହେଉଛନ୍ତି ଇନ୍ଦୁମତୀ । ଉଭୟଙ୍କ ଚରିତ୍ର ମହାକାବ୍ୟରୁ ଗୃହୀତ ଏବଂ ଉଭୟେ ମହାକାବ୍ୟୋକ୍ତ ନାୟକ ନାୟିକାର ନାନାବିଧ ଲକ୍ଷଣରେ ଭୂଷିତ । ଘଟଣାର ଘାତପ୍ରତିଘାତ, ସଙ୍ଘର୍ଷ ଓ ଜଟିଳ ପରିସ୍ଥିତି ପ୍ରତି ଚରିତ୍ର ମନର ପ୍ରତିକ୍ରିୟାରେ ଚରିତ୍ରର ସ୍ୱାଭାବିକ ବିକାଶ ଘଟିଥାଏ । ପ୍ରତିପକ୍ଷ ରାଜାମାନଙ୍କର ପ୍ରତିହିଂସା-ପ୍ରଣୋଦିତ ଆକ୍ରମଣ ଏବଂ ଅଜଙ୍କର ପ୍ରବଳ

ଉତ୍ତରାର୍ଦ୍ଧରେ ଅଜ ଚରିତ୍ରର ଗୋଟିଏ ଦିଗର କ୍ରମିକ ବିକାଶ ପରିଲକ୍ଷିତ ହେଲେ ମଧ୍ୟ ଅନ୍ୟ ସର୍ଗ ଗୁଡ଼ିକରେ ଉଭୟ ଅଜ ଓ ଇନ୍ଦୁମତୀ ଚରିତ୍ରର ଯଥାଯଥ ବିକାଶ ଘଟିନାହିଁ । କବି ବିଭିନ୍ନ କ୍ଷେତ୍ରରେ ଉଭୟ ଚରିତ୍ରର ରୂପ ଗୁଣର ପ୍ରାସଙ୍ଗିକ ବର୍ଣ୍ଣନା ଦେଇ-ଛନ୍ତି ସତ; କିନ୍ତୁ ତାହା ଚରିତ୍ରର ଯଥାଯଥ ବିକାଶଘଟିତ ଚିତ୍ର ନୁହେଁ । ପ୍ରିୟାର ବିଚ୍ଛେଦ ପ୍ରଣୟୀ ପ୍ରାଣରେ ମର୍ମନ୍ତୁଦ ବେଦନା ଆଣିଦେବା ଯେପରି ସ୍ୱାଭାବିକ, ସମୟର ପ୍ରଭାବରେ ହୃଦୟର ଜ୍ୱାଳା ପ୍ରଶମିତ ହୋଇଯିବା ସେହିପରି ସ୍ୱାଭାବିକ । କିନ୍ତୁ ଅଜଙ୍କ ପକ୍ଷରେ ଏହି ପ୍ରିୟା ବିଚ୍ଛେଦ ବେଦନାର ଶାଶ୍ୱତଜ୍ୱାଳା ଓ ତଜ୍ଜନିତ ସ୍ୱକର୍ତ୍ତବ୍ୟରେ ଶିଥିଳତା ତଥା ବିଷୟ-ବିରକ୍ତି ( ବଶିଷ୍ଠ-ଶିଷ୍ୟଙ୍କ ସାନ୍ତ୍ୱନାବାଣୀ ସତ୍ତ୍ୱେ ) ତାଙ୍କର ବଳିଷ୍ଠ ଚରିତ୍ରର ପରିଚାୟକ ନୁହେଁ । ଯେପରିକି ପ୍ରିୟାର ବିଚ୍ଛେଦ ତାଙ୍କର ବ୍ୟକ୍ତିତ୍ୱ ତଥା ପୌରୁଷର ସମାଧି ଘଟାଇ ଦେଇଛି । ରାମଚନ୍ଦ୍ରଙ୍କ ଜୀବନର ଧୈର୍ଯ୍ୟ, ସହିଷ୍ଣୁତା ଅଜଙ୍କ ଠାରେ ଦେଖାଯାଏ ନାହିଁ ।

କାବ୍ୟର ଇନ୍ଦୁମତୀ ନାମକରଣ ଇନ୍ଦୁମତୀ ଚରିତ୍ରର ବିକାଶ ତଥା ପ୍ରାଧାନ୍ୟ ସୂଚିତ କରେ । ଇନ୍ଦୁମତୀଙ୍କୁ କେନ୍ଦ୍ରକରି ସ୍ୱୟଂବର, ଯୁଦ୍ଧ ପ୍ରଭୃତି ସଂଘଟିତ ହେଲେ ମଧ୍ୟ ଇନ୍ଦୁମତୀ ଚରିତ୍ରର କେତେ-ଗୁଡ଼ିଏ ଆଦର୍ଶ ନାରୀସୁଲଭ ଗୁଣର ସୂଚନା ବ୍ୟତୀତ, ଚରିତ୍ରର ବିକାଶର ସଙ୍କେତ ମିଳେ ନାହିଁ । ଇନ୍ଦୁମତୀଙ୍କର ନୀରବ, ଶାନ୍ତ ବ୍ୟକ୍ତିତ୍ୱ ପାଠକ-ପ୍ରାଣରେ କୌଣସି ଗଭୀର ଆବେଗ ବା ଆଲୋଡ଼ନ ସୃଷ୍ଟି କରେ ନାହିଁ ।

ଚରିତ୍ର ଚିତ୍ରଣର ଏ ତ୍ରୁଟି ସତ୍ତ୍ୱେ ଇନ୍ଦୁମତୀ କାବ୍ୟରେ ସନ୍ନିବେଶିତ ଚରିତ୍ରଗୁଡ଼ିକର ପାରମ୍ପରିକ ସମ୍ଭ୍ରାନ୍ତ ତଥା ଗୌରବ ସର୍ବଜନବିଦିତ। ଅଜ ପ୍ରଥିତଯଶା ସୂର୍ଯ୍ୟବଂଶର ସୁଯୋଗ୍ୟ ଦାୟାଦ। ରାଜକୁଳସମ୍ଭୂତା ଅନିନ୍ଦ୍ୟ ରୂପଲାବଣ୍ୟ ସମ୍ପନ୍ନା ଇନ୍ଦୁମତୀ ତାଙ୍କର ସୁଯୋଗ୍ୟା ପତ୍ନୀ। ଅଜଙ୍କର ସୌନ୍ଦର୍ଯ୍ୟ, ସମର ପ୍ରାଙ୍ଗଣରେ ଅପୂର୍ବ ସମରକୁଶଳତା ତଥା ବୀରତ୍ୱ, ଇନ୍ଦୁମତୀଙ୍କ ପ୍ରତି ତାଙ୍କ ହୃଦୟର ଗଭୀର ପ୍ରେମାକର୍ଷଣ, ଶତ୍ରୁର ବିପର୍ଯ୍ୟସ୍ତ ପରିସ୍ଥିତିରେ ସମ୍ବେଦନଶୀଳତା, ଶାସନ ଓ ବିଚାର ନିପୁଣତା, ନୀତି ଓ ଧର୍ମପ୍ରବଣତା ପ୍ରଭୃତି ଅଜ ଚରିତ୍ରର ବିଶେଷତ୍ୱ। ଅନ୍ୟପକ୍ଷରେ ନାରୀସୁଲଭ କୋମଳତା, କ୍ଷମା, ତଥା ଅନୁକମ୍ପାଶୀଳତା, ଲଜ୍ଜା ଓ ପ୍ରେମ ଇନ୍ଦୁମତୀ ଚରିତ୍ରର ଅପୂର୍ବ ସମ୍ପଦ। ଗୋଟିଏ ଦୁଇଟି ଉଦାହରଣ ଦିଆଯାଉ। ପ୍ରସ୍ୱାପନ ବାଣର ପ୍ରୟୋଗପରେ ସୁପ୍ତ ରାଜକୁମାର ଓ ସୈନ୍ୟମାନଙ୍କୁ ହତ୍ୟାକରିବା ପାଇଁ ଅଜଙ୍କର ପ୍ରବୃତ୍ତି ହୋଇନାହିଁ। ଅଜଙ୍କର ନୈତିକତା ତଥା ମାନବିକତା କବିଙ୍କ ରଚନାରେ କିପରି ସ୍ପଷ୍ଟ ହୋଇଛି ଦେଖନ୍ତୁ—

"ବଳବନ୍ତଠାରେ ବଳବନ୍ତ ସିନା
ପ୍ରକାଶଇ ପରାକ୍ରମ,
ବଳହୀନଠାରେ ବଳ ଦେଖାଇବା
ନୁହଇ କ୍ଷତ୍ରିୟ ଧର୍ମ।
ନିଦ୍ରିତ ନିରସ୍ତ୍ର ଶରଣ ଆଗତ
ଅବଳା ବୃଦ୍ଧ ବାଳକ,
ଏମାନଙ୍କୁ ବଳେ ନାଶ କଲେ ଲାଗେ
ବୀର-ଯଶରେ କଳଙ୍କ।

× × ×

ପରଦୁଃଖ ଦେଖି ଦୟାଳୁ ହୃଦୟ
ସହଜରେ ହୁଏ ଦୁଃଖୀ,
ତେଣୁ ରଣକ୍ଳାନ୍ତ ବିପକ୍ଷଦଳକୁ
ସୁପ୍ତି ଦେଇ କଲେ ସୁଖୀ ।"

ସ୍ୱୟମ୍ବର ସଭାରେ ଅଜଦର୍ଶନ କାଳରେ ଇନ୍ଦୁମତୀଙ୍କର ସାତ୍ତ୍ୱିକ ବିକାର, ରଣକ୍ଷେତ୍ରରେ ପ୍ରତିପକ୍ଷ ବାହିନୀର ଶୋଚନୀୟ ପରାଜୟ ଦର୍ଶନରେ ସଖୀ ମୁଖରେ ( ନାରୀସୁଲଭ ଲଜ୍ଜା ହେତୁ ) କାନ୍ତଙ୍କର ବୀରତ୍ୱ ପ୍ରଶଂସାର ଚିତ୍ର ଦେଇ କବି ପ୍ରେମିକା ଚିତ୍ତର ଯେପରି ମନସ୍ତାତ୍ତ୍ୱିକ ବିଶ୍ଳେଷଣ ଦେଇଛନ୍ତି; ଅପର ପକ୍ଷରେ ଅଜଙ୍କର ବିଳାପରେ ସେହିପରି ବିପ୍ରଲମ୍ଭଶୃଙ୍ଗାରର ଚିତ୍ରଦେଇ ନାୟକ ତଥା ନାୟିକାଙ୍କର ଦାମ୍ପତ୍ୟ ପ୍ରେମର ମାର୍ଜିତ ଚିତ୍ର ଅଙ୍କନ କରିଛନ୍ତି । ମୂଳତଃ ଚରିତ୍ର ସୃଷ୍ଟିମୂଳରେ ରହିଛି ତାଙ୍କର ଭାରତୀୟ ସଂସ୍କୃତି ସମ୍ଭୂତ ଉଚ୍ଚ ଆଦର୍ଶବୋଧ ଓ ଗାମ୍ଭୀର୍ଯ୍ୟ [Sublimity] ।

'ଇନ୍ଦୁମତୀ'ରେ ବୀର, ରୌଦ୍ର, ବାତ୍ସଲ୍ୟ ଓ ଶାନ୍ତରସର ସାଙ୍ଗୋପାଙ୍ଗ ପରିବେଷଣ ପରିଲକ୍ଷିତ ହେଲେ ମଧ୍ୟ, କାରୁଣ୍ୟ-ପ୍ରଧାନ ବିପ୍ରଲମ୍ଭଶୃଙ୍ଗାର ହେଉଛି ଏହାର ମୁଖ୍ୟରସ । ପ୍ରିୟତମା ଇନ୍ଦୁମତୀଙ୍କର ଅପ୍ରତ୍ୟାଶିତ ଦୈବଘଟିତ ବିୟୋଗରେ ଅଜଙ୍କର ଦାରୁଣ ମାନସିକ ବୈକଲ୍ୟ ଓ ମର୍ମଦାହୀ ବେଦନା କବି କଳ୍ପନାରେ ଅପୂର୍ବ ଶିଳ୍ପମୂର୍ତ୍ତି ଗ୍ରହଣ କରିଛି । ଅଜଙ୍କର କାରୁଣ୍ୟର ମୂର୍ଚ୍ଛନା ପ୍ରତ୍ୟେକ ପାଠକର ପ୍ରାଣତନ୍ତ୍ରୀରେ ଅମୂର୍ତ୍ତ ସ୍ପନ୍ଦନ ଖେଳାଇଦିଏ । କବିଙ୍କର ଉଚିତୋଚିତ ପଦବିନ୍ୟାସ ଓ ସାବଲୀଳ ବର୍ଣ୍ଣନାରେ କାରୁଣ୍ୟ କିପରି ମୂର୍ତ୍ତିମନ୍ତ ବିଗ୍ରହ ଧାରଣ କରିଛି, ଦେଖନ୍ତୁ—

"ତହିଁ ଗଜଦନ୍ତ ନିର୍ମିତ ପଲ୍ୟଙ୍କ
ଦୁଗ୍ଧଫେନନିଭ ଶଯ୍ୟା,
ଚିରଇନ୍ଦ୍ରୋପମ ଉପାଧାନ ଦେଇ
ହୋଇଥାଏ ଯାହା ସଜା,
ତାହା ତେଜି ଆଜି ଶ୍ମଶାନେ ଶୋଇବୁ
ପ୍ରଜ୍ୱଳିତ ଚିତାକୋଳେ,
ସେ ଭୀଷଣ ଛବି ପ୍ରତିବିମ୍ବ ଆସି
ନାଚୁଥିବ ମୋର ଡୋଳେ ।
ଏଥୁଁ ବଳି ବିଶ୍ୱେ ହୃଦବିଦାରିଣୀ
କି କଥା ଅଛି ଅଧିକ ?
ଏତେବେଳ ଯାଏ ଫାଟି ନାହିଁ ମୋର
ପାଷାଣ ହୃଦୟ ଧିକ ।

× × ×

ହିମକର-କଳା- ସୁକୋମଳ ରୁଚି
ଅଳ୍ପବୟସ କୁମର,
କେତେ ବ୍ୟାକୁଳିତ ହେଉଥାଉ ଥିଲେ
କୋଳରୁ ହେଲେ ଅନ୍ତର ।
ଅଜି ତାକୁ ଶୋକ- ସ୍ରୋତରେ ଭସାଇ
ଛାଡ଼ିଗଲୁ ସଖି କାହିଁ ?
ଅଭିନ୍ନହୃଦୟା ସଖୀଗଣଠାରୁ
ମେଲଣି ତ ହୋଇ ନାହିଁ ।"

ଇନ୍ଦୁମତୀରେ ଅଜଙ୍କର ଶୋକୋଚ୍ଛ୍ୱାସରେ କାଳିଦାସଙ୍କର ଅଜବିଳାପର ଛାୟା ପ୍ରତିଫଳିତ ହୋଇଥିଲେ ମଧ୍ୟ କବିଙ୍କର ରଚନା

ନିପୁଣତାରେ ତାହା ପାଠକ ପକ୍ଷରେ କମ ସ୍ୱାଦ୍ୟ ହୋଇନାହିଁ । ପୁଷ୍ପମାଳାକୁ ଲକ୍ଷ୍ୟକରି ଅଜ କହୁଛନ୍ତି—

"ସ୍ରଗିୟଂ ଯଦି ଜୀବିତାପହା ହୃଦୟେ କିଂ ନିହିତା ନ ହନ୍ତି ମାମ୍ । ବିଷମପ୍ୟମୃତଂ କ୍ୱଚିଦ୍‌ଭବେଦମୃତଂ ବା ବିଷମୀଶ୍ୱରେଚ୍ଛାୟା" (୮।୪୬)

କିନ୍ତୁ କାଳିଦାସଙ୍କର ଏହି ଶ୍ଳୋକର ଛାୟାରେ ରଚିତ ନିମ୍ନୋକ୍ତ ଉକ୍ତିରେ ମେହେରଙ୍କ ମୁଦ୍ରା ଲକ୍ଷ୍ୟ କରନ୍ତୁ—

"ଫୁଲମାଳ ଗୁହିଁ ବୋଲନ୍ତି, "ଅହା କି
ଅଦ୍ଭୁତ ମୋର କପାଳେ !
ପ୍ରିୟ ଗଳାହାର ଗଳା କାଟିବାର
ଶୁଣା ନାହିଁ କେଉଁ କାଳେ ?
ଏହିପରି ଏକ ପୁଷ୍ପମାଳା ମୋତେ
ପ୍ରିୟା ସଙ୍ଗେ କଲା ଯୋଗ,
ଏହି ପୁଷ୍ପମାଳ ଆଜି ମୋହଠାରୁ
ପ୍ରିୟାକୁ କଲା ବିଯୋଗ ।"

ପ୍ରତିପକ୍ଷ ବାହିନୀର ଆକ୍ରମଣଜନିତ ସଂଘର୍ଷ ବା ପ୍ରତିକୂଳ ପରିସ୍ଥିତିର ଚିତ୍ରରେ କବି ଯେଉଁ ନାଟକୀୟ ଉତ୍ତେଜନା ସୃଷ୍ଟି କରିଛନ୍ତି, ସେଥିରେ ବୀର ତଥା ରୌଦ୍ରରସର ସମୁଚିତ ପରିସ୍ଫୁର୍ତ୍ତି ସାଧିତ ହୋଇଛି । ମେହେର କାଳିଦାସଙ୍କର ଯୁଦ୍ଧ ବର୍ଣ୍ଣନାର ଦୀର୍ଘତା, ଅସ୍ୱାଭାବିକତା ଓ ବୀଭତ୍ସରସ ପରିହାର କରି ବୀର ଓ ରୌଦ୍ର ରସର ଚିତ୍ରକୁ ମାର୍ଜିତ ତଥା ହୃଦ୍ୟ କରି ନିଜର ସ୍ୱାତନ୍ତ୍ର୍ୟର

ପରିବେଷ୍ଟ ଦେଇଛନ୍ତି । ଅଯୋଧ୍ୟା ପାଠବାସୀଙ୍କର ସ୍ୱପ୍ନଦର୍ଶନ ବର୍ଣ୍ଣନାରେ ବାତ୍ସଲ୍ୟରସ ଓ ବଶିଷ୍ଠ-ଶିଷ୍ୟଙ୍କର ଉପଦେଶ ବର୍ଣ୍ଣନାରେ ଶାନ୍ତରସର ପରିବେଷଣ ସ୍ୱାଦହୀନ ନୁହେଁ ।

ପ୍ରଣୟବଲ୍ଲରୀ ଓ ତପସ୍ୱିନୀ ପ୍ରଭୃତି ପରବର୍ତ୍ତୀ କାବ୍ୟସୃଷ୍ଟିରେ କବିଙ୍କର ପ୍ରକୃତି-ରୂପାୟନର ଯେଉଁ ପୂର୍ଣ୍ଣାଙ୍ଗ ସିଦ୍ଧି ପରିଲକ୍ଷିତ ହୁଏ, ତା'ର ଆଦ୍ୟ ସାଧନାର ସଙ୍କେତ ମିଳେ ଇନ୍ଦୁମତୀ କାବ୍ୟରେ । ନିସର୍ଗ କବିଭାବରେ ମେହେରଙ୍କ ପ୍ରତିଷ୍ଠା ଓଡ଼ିଆ ସାହିତ୍ୟରେ ସର୍ବଜନବିଦିତ । ମେହେର କେବଳ ପ୍ରକୃତି ପାଇଁ ପ୍ରକୃତି ବର୍ଣ୍ଣନା କରିନାହାନ୍ତି, ତାଙ୍କର ପ୍ରକୃତି କାବ୍ୟର ବିଷୟ-ଚରିତସହିତ ନିବିଡ଼-ଭାବରେ ସଂପୃକ୍ତ; କେବଳ ସେତିକି ନୁହେଁ, କାବ୍ୟବର୍ଣ୍ଣିତ ଅନ୍ୟାନ୍ୟ ଚରିତପରି ଚରିତର ଅନ୍ତର୍ଭୁକ୍ତ ବା ସ୍ୱତନ୍ତ୍ର ବ୍ୟକ୍ତିତ୍ୱସମ୍ପନ୍ନ । ମଣିଷପରି ତାଙ୍କର ପ୍ରକୃତି ପ୍ରାଣ ଓ ଚୈତନ୍ୟମୟ । ମଣିଷପରି କଥା କହେ, ମଣିଷର ସୁଖ ଦୁଃଖରେ ସମବେଦନା ଜଣାଏ, ଶିକ୍ଷୟିତ୍ରୀପରି ଉପଦେଶ ଦିଏ, ପୁଣି ମଣିଷର ମାନସିକ ଅବସ୍ଥା ଓ ତାର କ୍ରିୟାକଳାପ ପାଇଁ ପରିବେଶ ବା ପୃଷ୍ଠଭୂମି ରଚନା କରେ । ଉତ୍ତର ଭାଗରେ ଅଜ ଓ ଇନ୍ଦୁମତୀଙ୍କର ଉପବନ ବିହାରର ଅନୁକୂଳ ପରିବେଶ ସୃଷ୍ଟିକରିବା ପାଇଁ ବସନ୍ତ ଉପରେ ବ୍ୟକ୍ତିତ୍ୱ ଆରୋପ କରାଯାଇ ତାକୁ ଧରଣୀ-ରାଣୀର ସେବିକା ଭାବରେ ବର୍ଣ୍ଣନା କରା-ଯାଇଛି । ପୁଣି ପୂର୍ବଭାଗରେ ସରଯୂ ଓ ତା'ର ତଟସ୍ଥ ପାଦପରାଜିକୁ ଅଜଙ୍କର ପରିଚାରିକା ଭାବରେ ବର୍ଣ୍ଣନା କରାଯାଇ ମାନବ ଓ ପ୍ରକୃତି ମଧ୍ୟରେ ମଧୁର ଯୋଗାଯୋଗ ସ୍ଥାପନ କରାଯାଇଛି । କବିଙ୍କ ଭାଷାରେ·········

( କ )

ଧରଣୀ-ରାଣୀର ସେବାଅର୍ଥେ ଆସି
ବସନ୍ତ ପ୍ରବେଶ ହେଲା,
ଲୋହିତ କୋମଳ ପଲ୍ଲବ ଦୁକୁଳେ
ଅଗ ତନୁ ମଣ୍ଡିଦେଲା ।

( ଖ )

ସରଯୂ ପୁଳିନେ ବିହାର ସମୟେ
ତଟସ୍ଥ ପାଦପାବଳୀ
ମୁଗ୍‌ଧ-ବଧୂ ଜାଣି ନବ ଅନୁରାଗେ
ଶିରେ ଦେବେ ପୁଷ୍ପାଞ୍ଜଳୀ ।
ସରଯୂ ଅନାଇ ମୀନ-ନୟନରେ
ବଢ଼ାଇ ଲହରୀ-କର,
ସ୍ନେହବଶେ ତା'ର ପଦ ପ୍ରକ୍ଷାଳନେ
ହେଉଥିବ ତତ୍ପର ।

ବସନ୍ତ କାଳର ରସୋଚିତ ବର୍ଣ୍ଣନା ଅଜ ଓ ଇନ୍ଦୁମତୀଙ୍କ ପକ୍ଷରେ ଆନନ୍ଦର ଦ୍ୟୋତକ ହେଲେ ମଧ୍ୟ ଉଭୟଙ୍କର ଜୀବନର ଭାବୀ ଦୁଃସହ ବିପର୍ଯ୍ୟୟ ପାଇଁ ଏକ ବିଷମ ପ୍ରଭାବ ସୃଷ୍ଟି କରିଛି । ଅଜବିଳାପରେ କବି ରାଜୋଦ୍ୟାନର ଯେଉଁ ବର୍ଣ୍ଣନା ଦେଇଛନ୍ତି, ତାହା ହୋଇଛି ଅଜଙ୍କର ଅତୀତ-ପ୍ରଣୟ ସ୍ମୃତିର ଉଦ୍‌ବୋଧିକା । ପୁଣି ସୁନନ୍ଦା ମୁଖରେ ବୃନ୍ଦାବନର ପ୍ରକୃତି ଓ ଅଜଙ୍କ ମୁଖରେ ରାଜୋଦ୍ୟାନର ସ୍ୱଭାବସୁନ୍ଦର ବର୍ଣ୍ଣନା ଯେପରି କମନୀୟ, ସେହିପରି ପ୍ରାଣସ୍ପର୍ଶୀ । ଏହାଛଡ଼ା ନାୟକ ନାୟିକାଙ୍କର ରୂପ,

ଗୁଣ ଓ ବିଭିନ୍ନ କ୍ରିୟାକଳାପର ବର୍ଣ୍ଣନା କ୍ଷେତ୍ରରେ କବି ପ୍ରକୃତିର ବିଭିନ୍ନ ଅଙ୍ଗକୁ ଉପମାନରୂପେ ବ୍ୟବହାର କରିଛନ୍ତି । ପ୍ରତିପକ୍ଷ ବାହିନୀକୁ ବର୍ଷାକାଳରୂପେ ବର୍ଣ୍ଣନା କରିବା ହେଉଛି ତା'ର ଗୋଟିଏ ସୁନ୍ଦର ଦୃଷ୍ଟାନ୍ତ । ପ୍ରକୃତି ଚିତ୍ରଣ, ନାୟକ ନାୟିକା-ମାନଙ୍କର ରୂପଗୁଣ ବର୍ଣ୍ଣନା ଏବଂ ପ୍ରକୃତି ମାନଙ୍କର ଅଜଦର୍ଶନୋତ୍କଣ୍ଠା ବର୍ଣ୍ଣନାରେ କବିଙ୍କର ସୌନ୍ଦର୍ଯ୍ୟବୋଧ ଅତି ସ୍ପଷ୍ଟ ହୋଇ ଉଠିଛି ।

ମେହର କାବ୍ୟର କଥାବସ୍ତୁ ନିର୍ବାଚନରେ ଗତାନୁଗତିକ ହେଲେ ମଧ୍ୟ ତାଙ୍କର ଆଧୁନିକ ରୁଚିସଂପନ୍ନ ଭାବ, ଭାଷା ଓ ରଚନା-ରୀତି ତାଙ୍କର କାବ୍ୟଗୁଡ଼ିକୁ ନୂତନତାର ସୌନ୍ଦର୍ଯ୍ୟ ଦାନ କରିଛି । ମେହେର ପ୍ରାଚୀନ ସାହିତ୍ୟ ଓ ସଂସ୍କୃତିର ପରମ୍ପରା ସହିତ ଆଧୁନିକତାର ଯେଉଁ ମଧୁର ସମନ୍ୱୟ ସ୍ଥାପନ କରିଛନ୍ତି, ତାହାହିଁ ପାଠକ ଚିତ୍ତରେ ଏକ ଚିରନ୍ତନ ଆବେଦନ ସୃଷ୍ଟିକରିଛି । କବିଙ୍କର ଭାବ ଓ କଳ୍ପନା, ନୀତି ଓ ଆଦର୍ଶବୋଧ ଉପରେ ପ୍ରତିଷ୍ଠିତ ହେଲେ ମଧ୍ୟ ସେଥିରେ ପ୍ରାଚୀନ ଯୁଗୀୟ ଅବାସ୍ତବତା କିମ୍ବା ଅସ୍ୱାଭାବିକତା ନାହିଁ । ପ୍ରାଚୀନତା ସହ ସଂପର୍କ ସତ୍ତ୍ୱେ ତାଙ୍କର କଳ୍ପନା, ବର୍ଣ୍ଣନା, ଭାଷା ଓ ଅଳଙ୍କାରରେ ମଧ୍ୟଯୁଗୀୟ କୃତ୍ରିମତା କିମ୍ବା ଆଡ଼ମ୍ବର ପରିଲକ୍ଷିତ ହୁଏ ନାହିଁ । ତାଙ୍କର ଭାବ ଯେପରି ଉନ୍ନତ, ଭାଷା ଓ ଅଳଙ୍କାର ପରିକଳ୍ପନା ମଧ୍ୟ ସେହିପରି ସରଳ, ନିରାଭରଣ, ମାର୍ଜିତ ଓ ଆଧୁନିକ ରୁଚିସଂପନ୍ନ । ତାଙ୍କର ଭାବ ଓ ଆଦର୍ଶମୁଖୀ ବ୍ୟକ୍ତିତ୍ୱର ଚେତନା ସମୟ ସମୟରେ ଭାଷାକୁ ଅତିକ୍ରମ କରିଯାଇ ତାଙ୍କ ରଚନାକୁ ଅଧିକ ଚିତ୍ତଗ୍ରାହୀ ଓ ରସୋତ୍ତୀର୍ଣ୍ଣ କରିଛି ।

ଇନ୍ଦୁମତୀର ଭାବ ଓ ଚିନ୍ତାକଳ୍ପରେ ଯେପରି ସ୍ୱାଭାବିକତା ରହିଛି, ସେହିପରି ପୌରାଣିକ ବ୍ୟଞ୍ଜନା ଗୁମ୍ଫିତ ହୋଇଛି । ଉଦାହରଣ ସ୍ୱରୂପ କବି ରାଜସଭାର ବର୍ଣ୍ଣନା କରିବାକୁ ଯାଇ ସ୍ୱର୍ଗର ଅବାସ୍ତବ ସୁଧର୍ମା ସଭା ଅପେକ୍ଷା ତା'ର ଶ୍ରେଷ୍ଠତ୍ୱ ଉଲ୍ଲେଖ କରିଛନ୍ତି । ପଦବିନ୍ୟାସରେ ସ୍ଥାନେ ସ୍ଥାନେ ଆଧୁନିକ ରୁଚି ସହିତ ମଧ୍ୟଯୁଗୀୟ ପଦଯୋଜନା ଓ ଚିନ୍ତାକଳ୍ପର ମଧୁର ସମନ୍ୱୟ ଘଟିଛି । 'କରକଞ୍ଜ-ଧର କରକ ରଦନୀ', 'ଦେଖ ଖଞ୍ଜନାକ୍ଷି । ବିଜେ କରିଛନ୍ତି ଦ୍ୱିତୀୟ ଅନଙ୍ଗରୂପ' ପ୍ରଭୃତି କେତୋଟି ପଦାଂଶକୁ ଦୃଷ୍ଟାନ୍ତ ସ୍ୱରୂପ ଗ୍ରହଣ କରାଯାଇ ପାରେ । ଉପମା, ଉତ୍ପ୍ରେକ୍ଷା, ରୂପକ ପ୍ରଭୃତି ଯେଉଁ କେତୋଟି ଅଳଙ୍କାରର ପରିମିତ ତଥା ମାର୍ଜିତ ପ୍ରୟୋଗ ପରିଲକ୍ଷିତ ହୁଏ, ସେଗୁଡ଼ିକରେ ରହିଛି କବିଙ୍କର ଗଭୀର ଅନୁଭୂତି, ଦେଶ, କାଳ ଓ ପ୍ରକୃତିର ପରିବେଶ ସହିତ ନିବିଡ଼ ପରିଚିତି । ଉଦାହରଣ ସ୍ୱରୂପ ଶୁଭ୍ର ଦେଶୁଗୁଡ଼ିକର ବର୍ଣ୍ଣନା କରିବାକୁ ଯାଇ କବି ସେଗୁଡ଼ିକୁ ଚିରପରିଚିତ 'ଖଡ଼ୀଶୈଳ' ସହିତ ତୁଳନା କରିଛନ୍ତି । କବିଙ୍କ ଭାଷାରେ—

"ଗୌଡ଼ଦେଶେ ଶୋଭଇ ଖଡ଼ୀଶୈଳ ପ୍ରାୟେ
ତୁଙ୍ଗ ଶୁଭ୍ର ବସ୍ତ୍ରାବାସ ।"

ରାଧାନାଥଙ୍କ ପରି ମେହେର—କୃତିରେ ସାହିତ୍ୟିକ ଶବ୍ଦ ବିନ୍ୟାସରେ ଲାଳିତ୍ୟ ( ବିଦ୍ୟୁତପ୍ରଭାହୀନ ଘନ ଘନାଚ୍ଛନ୍ନ ଯେମନ୍ତ ଦର୍ଶ ରଜନୀ ) ଏବଂ ସାହିତ୍ୟ ଓ ଖାଣ୍ଟି ସରଳ ଭାଷାର ମଧୁର ସମନ୍ୱୟରେ (କେହି ତ କାହାର ନୁହନ୍ତି ସଜନ ମାୟାମୟ ଭବହାଟେ) ବହୁ ଦୃଷ୍ଟାନ୍ତ ଦିଆଯାଇ ପାରେ । ରସାନୁରୂପ ପଦବିନ୍ୟାସ ଓ ଛନ୍ଦ

ପ୍ରୟୋଗରେ ମେହେର ରଚନା ପ୍ରାୟ ତ୍ରୁଟିଶୂନ୍ୟ ବୋଲି କହିଲେ ଅସମୀଚୀନ ହେବ ନାହିଁ । ସ୍ଥୂଳତଃ ଏତିକି କହିଲେ ଯଥେଷ୍ଟ ହେବ ଯେ ବର୍ଣ୍ଣନାରେ ପରିମିତ ବୋଧ, ରଚନାରେ ମୌଳିକତା ଓ ସ୍ୱତଃସ୍ଫୂର୍ତ୍ତି, ସାର୍ଥକ ଶବ୍ଦଯୋଜନା, ରସୋଚିତ ମନୋଜ୍ଞ ପଦବିନ୍ୟାସ, ଭାଷାର ସରଳତା ତଥା ପ୍ରାଞ୍ଜଳତା ଓ ପ୍ରଚଳିତ ଅଳଙ୍କାରର ପରିମିତ ପ୍ରୟୋଗ ମେହେରଙ୍କର ରଚନାଶୈଳୀର ବିଶେଷତ୍ୱ ।

ଭାରତୀୟ ପୌରାଣିକ ସଂସ୍କୃତି ସନ୍ଧ ମେହେରଙ୍କର ବ୍ୟକ୍ତିତ୍ୱ ତାଙ୍କର ସାରସ୍ୱତ ସାଧନାରେ କେବଳ ଧର୍ମ, ଆଦର୍ଶ ଓ ନୀତି ପ୍ରଚାର କରିବାକୁ ଯାଇନାହିଁ, ସେ ମୁଖ୍ୟତଃ ହେଉଛନ୍ତିକି ସୌନ୍ଦର୍ଯ୍ୟପିପାସୁ ଜୀବନଶିଳ୍ପୀ; ତ୍ୟାଗ ଓ ବୈରାଗ୍ୟ ମଧ୍ୟରେ ଜୀବନର ପୂର୍ଣ୍ଣତାର ସ୍ୱପ୍ନ ଦେଖି ନାହାନ୍ତି, ଦେଖିଛନ୍ତି ଜୀବନର ସଂଯତ ସଂଭୋଗରେ, ଦାମ୍ପତ୍ୟ ପ୍ରେମର ମାଧୁର୍ଯ୍ୟ ଆସ୍ୱାଦନରେ, ଉଦାର ମାନବିକତାର ଅଭିବ୍ୟକ୍ତିରେ । ବିଭିନ୍ନ ରଚନାରେ ସେ ଜୀବନର ଏଇ ସଂଭୋଗ, ପ୍ରେମ ଓ ସୌନ୍ଦର୍ଯ୍ୟର ଜୟଗାନ କରିଛନ୍ତି, କିନ୍ତୁ ତାର ଭିତ୍ତି ହେଉଛି ଉଚ୍ଚାଙ୍ଗ ଆଦର୍ଶ, ତ୍ୟାଗ, ଧର୍ମ ଓ ନୀତିବୋଧ । ଜୀବନରେ ପୂର୍ଣ୍ଣତାର ଉପଲବ୍ଧି ପାଇଁ ଯାହା କିଛି ମହତ୍, ଉଦାର, ଉନ୍ନତ, ମେହେର ତା'ର ସାଧନା କରିଛନ୍ତି ଏକ ଶିଳ୍ପୀର ଅନୁଭୂତି ଓ ବେଦନାସ୍ନିଗ୍ଧ ଅନ୍ତର ନେଇ । ଅଜଙ୍କର ବୀରତ୍ୱ, ପ୍ରଜାନୁରଞ୍ଜନ, ଶାସନକୁଶଳତା, ସହୃଦୟତା, ପ୍ରତିପ୍ରାଣା ଇନ୍ଦୁମତୀଙ୍କର ପ୍ରଣୟିନୀସୁଲଭ କୋମଳତା ଏବଂ ଉଭୟଙ୍କର ମଧୁର ଦାମ୍ପତ୍ୟ-ଜୀବନର ଚିତ୍ରରେ ମେହେରଙ୍କ ବ୍ୟକ୍ତିତ୍ୱର ଏଇ ଆଦର୍ଶ ପ୍ରତିବିମ୍ବିତ ହୋଇଛି । କବି ଈଶ୍ୱର-ବିଶ୍ୱାସ ଓ ଭାଗ୍ୟବାଦ ସ୍ୱୀକାର କଲେ ମଧ୍ୟ ପୁରୁଷକାର ପ୍ରତି ଅଶ୍ରଦ୍ଧା ପ୍ରକାଶ କରି ନାହାନ୍ତି ।

କିନ୍ତୁ ପୁରୁଷକାର ଉପରେ ଦୈବ ବା ଭାଗ୍ୟର କର୍ତ୍ତୃତ୍ୱ ମାନି ନେଇଛନ୍ତି ।

ସଂସାରରେ ଭୋଗପ୍ରବୃତ୍ତି ଯେତେବେଳେ ବିତୃଷ୍ଣା ଆସେ, କବି ସେତେବେଳେ ଜୀବନର ପୂର୍ଣ୍ଣତା ଉପଲବ୍‌ଧି ପାଇଁ ପାଠକମାନଙ୍କ ନିକଟରେ ଥୋଇଛନ୍ତି ବାନପ୍ରସ୍ଥର ଆଦର୍ଶ । ଜୀବନରେ ସଂଭୋଗ ଓ ତ୍ୟାଗ, ଗାର୍ହସ୍ଥ୍ୟ ଓ ବାନପ୍ରସ୍ଥ—ଏ ଉଭୟର ମଧୁର ସମନ୍ୱୟ ଚାହିଁଛନ୍ତି କବି; ସନ୍ନ୍ୟାସୀର ଦୃଷ୍ଟିରେ ନୁହେଁ, ଶିଳ୍ପୀର ଦୃଷ୍ଟିରେ । ସେଥିପାଇଁ ମେହେରଙ୍କ 'ରଘୁ' ଜୀବନ ଓ ରାଷ୍ଟ୍ରର ସଂଯତ ସମ୍ଭୋଗ ପରେ ବାନପ୍ରସ୍ଥରେ ଶାନ୍ତିର ସନ୍ଧାନ ପାଇଛନ୍ତି, ପ୍ରିୟତମାର ମୃତ୍ୟୁ ପରେ ଶୋକସନ୍ତପ୍ତ ବିଷୟବିରକ୍ତ ଚିତ୍ତ ଶାନ୍ତି ଖୋଜିଛି ଜାହ୍ନବୀ ଓ ସରଯୂର ସଙ୍ଗମ ସ୍ଥାନରେ ।

ଇନ୍ଦୁମତୀ କାବ୍ୟ ସହିତ ଅଧିକାଂଶ ରଚନାରେ କାରୁଣ୍ୟର ଯେଉଁ ଅନବଦ୍ୟ ମୂର୍ଚ୍ଛନା ଖେଳିଯାଇଛି, ସେଥିରେ ଦାରିଦ୍ର୍ୟ ଓ ଜଞ୍ଜାଳନିପୀଡ଼ିତ ଦରଦୀ ଶିଳ୍ପୀ ଗଙ୍ଗାଧରଙ୍କର ଚିତ୍ତର ବେଦନା-ବୋଧ ତଥା ପ୍ରାଣର କାରୁଣ୍ୟମୟ ସ୍ପନ୍ଦନ ସତେ ଯେପରି ଜୀବନ୍ତ ମୂର୍ତ୍ତି ଧାରଣ କରିଛି । ସତ୍ୟ ସହିତ ଶିବ ଓ ସୁନ୍ଦରର ସନ୍ଧାନ ମେହେର-ସାଧନାର ଚରମ ଲକ୍ଷ୍ୟ ।

ଶେଷରେ ପଦେ କହିଲେ ଯଥେଷ୍ଟ ହେବ ଯେ, ଇନ୍ଦୁମତୀ କବିଙ୍କର ପ୍ରାଥମିକ ପର୍ଯ୍ୟାୟର ସୃଷ୍ଟି ହୋଇଥିବାରୁ ଏଥିରେ ଆମେ ପ୍ରଣୟବଲ୍ଲରୀ କିମ୍ବା ତପସ୍ୱିନୀର ସିଦ୍ଧି ପାଇବା ନାହିଁ; କିନ୍ତୁ ଏଥିରେ ତାଙ୍କର ଭାବୀ-ସିଦ୍ଧିର ଯେଉଁ ସଙ୍କେତ ତଥା ସ୍ୱୀକୃତି ମିଳିଛି, ଏହା ଦରିଦ୍ର କବି ଓ ଓଡ଼ିଆ ଜାତି ପକ୍ଷରେ କମ୍ ଆଶା ଓ ଗୌରବର ବିଷୟ ନୁହେଁ ।

# ପ୍ରଣୟବଲ୍ଲରୀ ଓ ଅଭିଜ୍ଞାନ ଶାକୁନ୍ତଳମ୍

## ( ତୁଳନାତ୍ମକ ଅଧ୍ୟୟନ )

ପ୍ରଣୟବଲ୍ଲରୀର ରଚନା ଚାଲିଥିବା ସମୟରେ ମେହେରଙ୍କର ଅତି ପ୍ରିୟ ସୁହୃଦ୍ ଶ୍ରୀ ବ୍ରଜମୋହନ ପଣ୍ଡା ମେହେରଙ୍କ ନିକଟକୁ ତା ୨୭ । ୫ । ୧୫ରେ ଖଣ୍ଡିଏ ପତ୍ରରେ ଲେଖିଥିଲେ, "ପ୍ରଣୟ-ବଲ୍ଲରୀର ସ୍ଥାନେ ସ୍ଥାନେ ସଂଯୋଗ କରିବା ଶ୍ଳୋକ ସବୁ ଅନୁବାଦ କରି ସାରିଲେଣି କି ?"

ତା'ର ଉତ୍ତରରେ ମେହେର ଲେଖିଥିଲେ, "ଗ୍ରୀଷ୍ମର ପ୍ରାଦୁର୍ଭାବ ଊଣା ହେଲେ ପ୍ରଣୟବଲ୍ଲରୀର ଆବଶ୍ୟକୀୟ ଶ୍ଳୋକ ସବୁ ଅନୁବାଦ କରି ଆପଣଙ୍କ ନିକଟକୁ ପଠାଇବି ।"

ମେହେର ଓ ତାଙ୍କ ବନ୍ଧୁଙ୍କର ପତ୍ରାଳାପରୁ ପାଠକମାନଙ୍କର ଧାରଣା ହୋଇପାରେ, ପ୍ରଣୟବଲ୍ଲରୀ 'ଅଭିଜ୍ଞାନ ଶାକୁନ୍ତଳମ୍'ର ଅନୁବାଦ; କିନ୍ତୁ ପ୍ରଣୟବଲ୍ଲରୀ ଅଭିଜ୍ଞାନ ଶାକୁନ୍ତଳମ୍‌ର ଅନୁବାଦ ନୁହେଁ ଯଦିଓ କବି ମୂଳରୁ ଶେଷ ପର୍ଯ୍ୟନ୍ତ ମୁଖ୍ୟତଃ କାଳିଦାସଙ୍କର ପଦାଙ୍କ ଅନୁସରଣ କରିଛନ୍ତି । ସ୍ଥାନେ ସ୍ଥାନେ ଅବଶ୍ୟ ଅଭିଜ୍ଞାନ ଶାକୁନ୍ତଳମ୍‌ର ଲୋକପ୍ରିୟ ପ୍ରସିଦ୍ଧ ଶ୍ଳୋକଗୁଡ଼ିକ କବିଙ୍କ ଦ୍ୱାରା ଏକ-ପ୍ରକାର ଅନୂଦିତ ହୋଇଛି । କିନ୍ତୁ କବିଙ୍କର ଏ ଆମୂଳଚୂଳ ଅନୁସରଣ ଓ ସ୍ଥାନ ବିଶେଷର ଅନୁବାଦ ସତ୍ତ୍ୱେ ପ୍ରଣୟବଲ୍ଲରୀ ଏକ

ମୌଳିକ ସୃଷ୍ଟିର ପ୍ରତୀତି ପାଠକ ଚିତ୍ତରେ ଜାତ କରିଥାଏ । ଏହା କେବଳ ସମ୍ଭବ ହୋଇପାରିଛି, ମେହେରଙ୍କର ନୈସର୍ଗିକ କବିତ୍ୱ ହେତୁ; ତାଙ୍କର ଦିବ୍ୟସୃଷ୍ଟି, ରଚନାର ପ୍ରାଞ୍ଜଳତା, ଭାଷାର ସୌନ୍ଦର୍ଯ୍ୟ, ମାଧୂର୍ଯ୍ୟ ଓ ପଦ ନିର୍ବାଚନ ତଥା ପଦବିନ୍ୟାସ-ପାଟବ ହେତୁ । ପଲ୍ଲୀକବି ନନ୍ଦକିଶୋର ମେହେରଙ୍କ ସିଦ୍ଧିରେ ମୁଗ୍‌ଧ ହୋଇ ଗୋଟିଏ ପତ୍ରରେ କବିଙ୍କର ପ୍ରଣୟବଲ୍ଲରୀର ପ୍ରଥମ ସର୍ଗ ସମ୍ପର୍କରେ ନିଜର ଅଭିମତ ଦେଇ ଲେଖିଥିଲେ, "ଶକୁନ୍ତଳାର ପ୍ରଥମ ସର୍ଗ ଅବଲମ୍ବନରେ ରଚିତ (ପ୍ରଣୟାଙ୍କୁର) ହୋଇ ଥିଲେହେଁ ଭାଷାର ସୌନ୍ଦର୍ଯ୍ୟ ଓ ନିର୍ବାଚନ କୌଶଳ କବିଙ୍କର ନିଜସ୍ୱ (୧) ।"

ଅଭିଜ୍ଞାନ ଶାକୁନ୍ତଳମ୍ ହେଉଛି ଏକ ଦୃଶ୍ୟକାବ୍ୟ । ମେହେରଙ୍କ ପ୍ରଣୟବଲ୍ଲରୀ ହେଉଛି କାବ୍ୟ । କାବ୍ୟ ରଚନାରେ କବି ଯେତିକି ପରିମାଣରେ ସ୍ୱାଧୀନତା ଉପଭୋଗ କରେ, ନାଟ୍ୟକାର ସେତିକି କରିପାରେ ନା । କାବ୍ୟପରି ନାଟ୍ୟକାର ନାୟକ ନାୟିକାମାନଙ୍କର ଅନ୍ତରର ବିସ୍ତୃତ ଚିତ୍ର ଅଙ୍କନ କରିବାର ସୁଯୋଗ ପାଇପାରେ ନା । ଦୃଶ୍ୟ କାବ୍ୟର ଛାୟାରେ ଯେତେବେଳେ କୌଣସି କାବ୍ୟ ରଚନା କରାଯାଏ, ସେତେବେଳେ କବିଙ୍କୁ ଦୃଶ୍ୟକାବ୍ୟର ବହୁ ଅବାନ୍ତର ଓ ଅନାବଶ୍ୟକୀୟ ଚରିତ୍ର, ଘଟଣା, ପରିବେଶ ବାଦ ଦେବାକୁ ହୋଇଥାଏ । ମେହେର କାବ୍ୟର ଆରମ୍ଭରେ ବିନୟର ସହିତ 'ଯେଉଁ ପଥେ ଗମି ଭ୍ରମିଛ ଗୁରୁ ହେ, ଭାରତୀ-କୁସୁମ-ବନେ, ସେହି ପଥେ ଗୁହିଁ ତୋଳିବି କୁସୁମ ପଡ଼ିବି ଯେତେ ନୟନେ' ବୋଲି ଉଲ୍ଲେଖ କରିଥିଲେ ମଧ୍ଯ କବି କାବ୍ୟର

(୧) ଗଙ୍ଗାଧର ପତ୍ରାବଳୀ, ପୃ ୭୭ ।

ସୌଷ୍ଠବ ବୃଦ୍ଧିର ଅନୁରୋଧରେ ବିଭିନ୍ନ କ୍ଷେତ୍ରରେ ଅଭିଜ୍ଞାନ ଶାକୁନ୍ତଳମ୍‌ର କେତେକ ଗୌଣ ଚରିତ୍ର, ପରିବେଶ ଓ ଘଟଣା-ବିନ୍ୟାସର ବ୍ୟତିକ୍ରମ ସାଧନ କରି ପାଠକମାନଙ୍କୁ ନିଜର ସ୍ୱାତନ୍ତ୍ର୍ୟ ତଥା ମନନଶୀଳତାର ପରିଚୟ ଦେଇ ଅଛନ୍ତି । ସେଥିପାଇଁ ପ୍ରଣୟ-ବଲ୍ଲରୀ ଅଭିଜ୍ଞାନ ଶାକୁନ୍ତଳମ୍‌ର ଚର୍ବିତଚର୍ବଣ ପରି ବୋଧହୁଏ ନାହିଁ ।

ଦୁଷ୍ମନ୍ତ ଓ ଶକୁନ୍ତଳାଙ୍କର ପ୍ରଣୟ ଆଖ୍ୟାନ ଉଭୟ ରଚନାର ଉପଜୀବ୍ୟ । ଉଭୟ ରଚନାର ପ୍ରଣୟ-ଚିତ୍ରକୁ ତୁଳନାତ୍ମକ ଭାବରେ ବିଚାର କଲେ ଦେଖାଯିବ ଯେ, କାଳିଦାସଙ୍କ ଅପେକ୍ଷା ମେହେର ପ୍ରଣୟ ବ୍ୟାପାରରେ ଦୁଷ୍ମନ୍ତ ଓ ଶକୁନ୍ତଳାଙ୍କ ଚରିତ୍ରକୁ ଅଧିକ ସଂଯତ ଓ ଗମ୍ଭୀର କରିଛନ୍ତି । କାଳିଦାସଙ୍କର 'ଅଭିଜ୍ଞାନ ଶାକୁନ୍ତଳମ୍' ନାମକରଣ ପରିବର୍ତ୍ତିରେ କବି କାବ୍ୟର ନାମକରଣ କରିଛନ୍ତି 'ପ୍ରଣୟବଲ୍ଲରୀ' । କାଳିଦାସଙ୍କର ପ୍ରେରଣା ଓ ପ୍ରଭାବ ସତ୍ତ୍ୱେ ନାମକରଣରେ କବିଙ୍କର କିପରି ରୁଚି ସ୍ୱାତନ୍ତ୍ର୍ୟ ଓ କଳା-ପାଟବର ପରିଚୟ ମିଳୁଛି, ତାହା ଶେଷରେ ଆଲୋଚନା କରାଯିବ ।

'ଅଭିଜ୍ଞାନ ଶାକୁନ୍ତଳମ୍'ର ସାତଟି ଅଙ୍କକୁ ଆଖି ଆଗରେ ରଖି କବି ପ୍ରଣୟବଲ୍ଲରୀର କଥାବସ୍ତୁକୁ ସାତଟି ସର୍ଗରେ ବିକଶିତ କରିଛନ୍ତି । ବର୍ତ୍ତମାନ 'ଅଭିଜ୍ଞାନ ଶାକୁନ୍ତଳମ୍'ର ପ୍ରତ୍ୟେକ ଅଙ୍କ ସହିତ 'ପ୍ରଣୟବଲ୍ଲରୀ'ର ପ୍ରତ୍ୟେକ ସର୍ଗକୁ ତୁଳନା କଲେ କବିଙ୍କର ଅନୁବାଦ, ଅନୁସରଣ ଓ ସ୍ୱାତନ୍ତ୍ର୍ୟର ମାତ୍ରା ଅବଧାରିତ ହୋଇ ପାରିବ ।

## ପ୍ରଥମ ସର୍ଗ

ମେଘଦୂତର ପ୍ରଣୟବଲ୍ଲରୀର ପ୍ରଥମ ସର୍ଗରେ ଅନାବଶ୍ୟକ ହେତୁ ଅଭିଜ୍ଞାନ ଶାକୁନ୍ତଳମ୍‌ର ପ୍ରସ୍ତାବନା ଦୃଶ୍ୟ ବାଦ୍‌ଦେଇ ପ୍ରଥମ ଅଙ୍କର କଥାବସ୍ତୁକୁ ସ୍ଥୂଳତଃ ଅପରିବର୍ତ୍ତିତ ଭାବରେ ଗ୍ରହଣ କରିଛନ୍ତି । ଅଭିଜ୍ଞାନ ଶାକୁନ୍ତଳମ୍‌ରେ ରାଜା ଦ୍ରୁତବେଗରେ ରଥ ଚଳାଇ ପଳାୟିତ ମୃଗ ଉଦ୍ଦେଶ୍ୟରେ ଶର ପ୍ରୟୋଗ କରିବା ପାଇଁ କାର୍ମୁକରେ ବାଣ ଚଢ଼ାଇ ଅଛନ୍ତି । ସେହି ସମୟର ଦୃଶ୍ୟକୁ ଲକ୍ଷ୍ୟକରି ସୂତ ( ସାରଥି) ଯେପରି ଭାବରେ ମୃଗକୁ ଦକ୍ଷପ୍ରଜାପତିଙ୍କର ଯଜ୍ଞ ଓ ରାଜାଙ୍କୁ ସତୀ-ବିନାଶ-କ୍ରୁଦ୍ଧ ରୁଦ୍ରଙ୍କ ସହିତ ତୁଳନା କରିଛି, ମେଘଦୂତ ତା'ର ସୂଚନା ଦେଇ ନାହାନ୍ତି; କିନ୍ତୁ ମେଘଦୂତ ଆଶୁଗ ପତନର ସମ୍ଭାବନାରେ ଭୀତଚକିତ କୃଷ୍ଣସାରର ଯେଉଁ ସ୍ୱଭାବସୁନ୍ଦର ବର୍ଣ୍ଣନା ଦେଇଛନ୍ତି, ତାହା ଅଭିଜ୍ଞାନ ଶାକୁନ୍ତଳମ୍‌ର ଅବିକଳ ଅନୁସରଣ ।

ମେଘଦୂତ ଲେଖିଛନ୍ତି—

"ସ୍ୱଭାବସୁଲଭ ଲମ୍ଫେ କୃଷ୍ଣସାର
ଗଗନେ ଅଧିକ ଯାଇ,
ଥରେ ଥରେ ମାତ୍ର ଦେଉଥାଏ ବନ-
ଭୂମିରେ ପାଦ ପକାଇ ।
ପୁଚ୍ଛ ଲପଟାଇ ଗ୍ରୀବ ସଙ୍କୁଚାଇ
ଆଶୁଗ ପତନ ଭୟେ,
ଗ୍ରୀବା ଭଙ୍ଗି ଥରେ ଥରେ ରଥେ ଚାହିଁ
ପଳାଏ ପୁଣି ଅଥୟେ ।

ଶରମ-ବବୃତ ମୁଖ-ଚ୍ୟୁତ-ଦର-
କବଳିତ କୁଶମାନ,
ଗମନ ପଥରେ ଇତସ୍ତତଃ ପଡ଼ି
ଯାଉଥାଏ ସ୍ଥାନ ସ୍ଥାନ ।"

—କାଳିଦାସ ରାଜାଙ୍କ ମୁଖରେ ପ୍ରକାଶ କରିଛନ୍ତି, "ସାରଥି, ଏଇ ସୁନ୍ଦର ମୃଗଟି ମୋତେ ବହୁଦୂର ଆକର୍ଷଣ କରି ଆଣିଛି, ଏଥର ଅବସ୍ଥା ଥରେ ମାତ୍ର ଦେଖ ତ—

ଗ୍ରୀବା ଭଙ୍ଗାଭିରାମଂ ମୁହୁରନୁ ପତତି ସ୍ୟନ୍ଦନେ ବଦ୍ଧଦୃଷ୍ଟିଃ,
ପଶ୍ଚାର୍ଦ୍ଧେନ ପ୍ରବିଷ୍ଟଃ ଶର ପତନ ଭୟାଦ୍ ଭୂୟସା ପୂର୍ବକାୟମ୍,
ଦର୍ଭୈରର୍ଦ୍ଧାବଲୀଢୈଃ ଶ୍ରମ-ବିବୃତ-ମୁଖ-ଭ୍ରଂଶିଭିଃ କୀର୍ଣ୍ଣବର୍ତ୍ମା
ପଶ୍ୟୋଦଗ୍ର ପ୍ଲୁତତ୍ୱାଦ୍‌ବିୟତି ବହୁତରଂ ସ୍ତୋକମୁର୍ବ୍ୟାଂ ପ୍ରୟାତି ।

ବନ୍ଧୁର ସ୍ଥାନ ଅତିକ୍ରମ କରି ସମତଳ ସ୍ଥାନରେ ରଥ ଉପଗତ ହେବାରୁ ସୂତ ରଶ୍ମି ଛାଡ଼ିଦେଇ ଦ୍ରୁତ ବେଗରେ ଘୋଟକମାନଙ୍କୁ ସଞ୍ଚାଳିତ କରିବା, ରଥର ଦ୍ରୁତଗତି ହେତୁ ଦୂରର କ୍ଷୁଦ୍ର ପଦାର୍ଥମାନ ବଡ଼ ଦେଖାଯିବା ଏବଂ ବକ୍ର ପଦାର୍ଥମାନ ସରଳ ଓ ଅଭିନ୍ନ ଦେଖାଯିବାର ବର୍ଣ୍ଣନା ଅଭିଜ୍ଞାନ ଶାକୁନ୍ତଳମ୍ ଅବିକଳ ଅନୁରୂପ ।

ରାଜା ଶରସନ୍ଧାନ ପାଇଁ ଉଦ୍ୟତ ହେବା କାଳରେ ତପସ୍ୱୀ-ଯୁଗଳଙ୍କର 'ମାରନା ମାରନା ଆଶ୍ରମ ମୃଗ ଏ' ବୋଲି ଯେଉଁ ବାଣୀ ନାଟକୀୟ ଭାବରେ ରାଜାଙ୍କର ଶ୍ରୁତିଗୋଚର ହୋଇଛି, ତାହା ଅଭିଜ୍ଞାନ ଶାକୁନ୍ତଳମ୍‌ର, "ଭୋ ଭୋ ରାଜନ୍, ଆଶ୍ରମ ମୃଗୋଽୟଂ, ନ ହନ୍ତବ୍ୟୋ, ନ ହନ୍ତବ୍ୟଃ"ର ଅବିକଳ ଓଡ଼ିଆ ରୂପାନ୍ତର । ପୁଣି ଅତି କୋମଳପ୍ରାଣ କୃଷ୍ଣସାରର ଶରୀରକୁ ତୁଳାସ୍ତୂପ ଓ

ରାଜାଙ୍କ ଶରକୁ ବହ୍ନି ଓ ବଜ୍ରରୂପେ କଳ୍ପନା କରିବା ଅବିକଳ କାଳିଦାସୀୟ କଳ୍ପନା ।

କାଳିଦାସ ଲେଖିଛନ୍ତି—

"ନ ଖଲୁ ନ ଖଲୁ ବାଣ ସନ୍ନିପାତ୍ୟୋଽୟ ମସ୍ମିନ୍
ମୃଦୁନି ମୃଗ-ଶରୀରେ ତୁଲରାଶାବିବାଗ୍ନିଃ ।
କ୍ୱବତ ହରିଣାକାନାଂ ଜୀବିତାଞ୍ଚାତି ଲୋଲଂ
କ୍ୱ ଚ ନିଶିତ ନିପାତା ବଜ୍ରସାରାଃ ଶରାସ୍ତେ ।"

ତାପରେ ଭଦ୍ରୟ'କବି ତପସ୍ୱୀଙ୍କ ମୁଖରେ ରାଜାଙ୍କର ଶାସନ ଦକ୍ଷତାର ପ୍ରଶଂସା କରି ଓ କଣ୍ୱମୁନିଙ୍କ ଆଶ୍ରମର ସମ୍ବାଦ ଦେଇ ଆଶ୍ରମକୁ ସ୍ୱାଗତ ଅଭିନନ୍ଦନ ଜଣାଇବାର ବର୍ଣ୍ଣନା କରିଛନ୍ତି ।

ତପୋବନ ମଧ୍ୟରେ ଉପସ୍ଥିତ ହୋଇ ରାମଙ୍କର ପାଦପମୂଳରେ ଶୁକଚଞ୍ଚୁ ଭ୍ରଷ୍ଟ ତୃଣଧାନ୍ୟ, ଇଙ୍ଗୁଦି ନିର୍ଯ୍ୟାସରେ ତୈଳାକ୍ତ ହୋଇ ଇତସ୍ତତଃ ପଡ଼ିଥିବା ଶିଳା ଓ ନିର୍ବିଘ୍ନ ଚିତ୍ତରେ ବିଚରଣ କରୁଥିବା ହରିଣଗୁଡ଼ିକର ଦର୍ଶନର ବର୍ଣ୍ଣନା କାଳିଦାସୀୟ ବର୍ଣ୍ଣନାର ଅନୁସରଣ, ଯଥା—

"ନୀବାରାଃ ଶୁକଗର୍ଭକୋଟର ମୁଖଭ୍ରଷ୍ଟାସ୍ତରୁଣାମଧଃ ।
ପ୍ରସ୍ନିଗ୍ଧାଃ କ୍ୱଚଦିଙ୍ଗୁଦିଫଳଭିଦଃ ସୂଚ୍ୟନ୍ତ ଏବୋପଳାଃ ।
ବିଶ୍ୱାସୋ ପଗମାଦଭିନ୍ନ ଗତୟଃ ଶବ୍ଦଂ ସହନ୍ତେ ମୃଗା
ସ୍ତୋୟାଧାର ପଥାଶ୍ଚ ବଲ୍କଲ ଶିଖା ନିସ୍ୟନ୍ଦ ରେଖାଙ୍କିତାଃ ।"

ସେହିପରି କାଳିଦାସଙ୍କର ଆଶ୍ରମପଦରେ ସଦ୍ୟସ୍ନାତ ମୁନିମାନଙ୍କର ଆର୍ଦ୍ର ବଲ୍କଲ ନିପତିତ ଜଳଧାରାର ବର୍ଣ୍ଣନାର

ସଙ୍କେତ ନ ଦେଇ ତପୋବନର ଶାନ୍ତ, ସ୍ନିଗ୍ଧ ଦୃଶ୍ୟରେ ମୁଗ୍ଧ ରାଜାଙ୍କର ମନୋଭାବ ବିଶ୍ଳେଷଣ କରି ଅଦ୍ଭୁତ କଳ୍ପନା ତଥା ବର୍ଣ୍ଣନାରେ ସ୍ୱକୀୟତାର ସଙ୍କେତ ଦେବାପାଇଁ ଚେଷ୍ଟା କରିଛନ୍ତି । ଦୃଷ୍ଟାନ୍ତ ସ୍ୱରୂପ—

"ଆଶ୍ରମ-ମାଧୁରୀ ଦେଖି ଦେଖି ରାଜା
ଚାଲିଥାନ୍ତି ଧୀରେ ଧୀରେ,
ଯେଉଁ ଦିଗେ ଦୃଷ୍ଟି ଯାଏ ସେ ଦିଗରୁ
ନ ପାରେ ଫେରି ଅଚିରେ ।

ଯଦି ବଳେ ଫେରେ ଅନ୍ୟ ଦିଗ ପୁଣି
କରି ନିଏ ଆକର୍ଷଣ,
ଆକର୍ଷଣ ନୁହେଁ, କରୁଥାଏ ସିନା
ପୀୟୂଷ-ଧାର ବର୍ଷଣ ।

ତରୁଚ୍ଛାୟା ସ୍ନେହ ପାଇ ନରନାଥ
କରନ୍ତି ମନେ ବିଚାର,
ଏ ଶୀତଳ ଶାନ୍ତି- ପ୍ରଦ ଛାୟାସମ
ନୁହେଁ ଛତ୍ର-ଛାୟା ଛାର ।"

ଅଭିଜ୍ଞାନ ଶାକୁନ୍ତଳମ୍‌ରେ ରାଜା ଯେତେବେଳେ ରାଜପରିଚ୍ଛଦ ତ୍ୟାଗକରି ସୂତଠାରୁ ବିଦାୟ ନେଇ ଆଶ୍ରମର ଦ୍ୱାର ଦେଶରେ ଉପସ୍ଥିତ ହୋଇଛନ୍ତି, ସେତେବେଳେ ପରିଣୟ ସମ୍ଭାବନା ସୂଚକ ତାଙ୍କର ଦକ୍ଷିଣବାହୁ ସ୍ପନ୍ଦିତ ହୋଇ ଉଠିଛି ଏବଂ ଦକ୍ଷିଣଦିଗସ୍ଥ ଉଦ୍ୟାନରୁ ଯୁବତୀ କଣ୍ଠର ଆଳାପ ଶୁଣିବାକୁ ପାଇଛନ୍ତି । କିନ୍ତୁ ମେହେର ରାଜାଙ୍କର ଦକ୍ଷବାହୁ ସ୍ପନ୍ଦନର କୌଣସି ସୂଚନା ନ ଦେଇ

ତପୋବନର ଶାନ୍ତପୂତ ଦୃଶ୍ୟରେ ମୁଗ୍ଧ ରାଜାଙ୍କ କର୍ଣ୍ଣରେ ରମଣୀ-ମାନଙ୍କର ମଧୁର କଣ୍ଠଧ୍ୱନି ନାଟକୀୟ ଭାବରେ ଶୁଣାଇ କଥାବସ୍ତୁକୁ ସ୍ୱାଭାବିକ ଭାବରେ ଗତିଶୀଳ କରିଛନ୍ତି । ସେହେତୁ ଲେଖିଛନ୍ତି—

"ଦୃଶ୍ୟେ ଭାସୁଥାଏ ଦୃଷ୍ଟି ନୃପଙ୍କର
ଭାବେ ଭାସୁଥାଏ ମନ,
ଏକାଳେ କର୍ଣ୍ଣରେ ପଶିଲା ରମଣୀ
ରମଣୀୟ କଣ୍ଠସ୍ୱନ ।"

ଉଭୟ କବି ବାଳପାଦପ ଓ ଲତାରେ ଜଳସିଞ୍ଚନ ଉଦ୍ଦେଶ୍ୟରେ ଜଳକୁମ୍ଭଧାରିଣୀ ଅପରୂପ ଲାବଣ୍ୟମୟୀ ତାପସ ଦୁହିତାଙ୍କର ଆଗମନ ଦୃଶ୍ୟର ଅତି ମନୋଜ୍ଞ ବର୍ଣ୍ଣନା ଦେଇଛନ୍ତି ଅଭିଜ୍ଞାନ ଶାକୁନ୍ତଳମ୍‌ରେ । କାଳିଦାସ ମୁନିକୁମାରୀମାନଙ୍କ ମଧ୍ୟରେ ପ୍ରେମାଳାପର ଯେଉଁ ବର୍ଣ୍ଣନା ଦେଇଛନ୍ତି, ସେହେତୁ ତା'ର ମାର୍ଜିତ ସୂଚନାମାନ ଦେଇଛନ୍ତି ଏବଂ ସେମାନଙ୍କର ଆଳାପରୁ ସେମାନଙ୍କର ନାମର ପରିଚୟ ସୂଚିତ କରି ନିସର୍ଗଲାବଣ୍ୟମୟୀ ଶକୁନ୍ତଳାଙ୍କ ରୂପ ବର୍ଣ୍ଣନା ଉପରେ ନିଜର ସୌନ୍ଦର୍ଯ୍ୟ ଦୃଷ୍ଟି କେନ୍ଦ୍ରୀଭୂତ କରିଛନ୍ତି । କାଳିଦାସ ଦୁଷ୍ମନ୍ତଙ୍କ ମୁଖରେ ମୁନିକୁମାରୀ ଓ ଶକୁନ୍ତଳାଙ୍କର ଯେଉଁ ରୂପ ବର୍ଣ୍ଣନା ଦେଇଛନ୍ତି, କବି ତା'ର ସମ୍ପୂର୍ଣ୍ଣ ଅନୁସରଣ କରିଥିଲେ ମଧ୍ୟ ଅଭିଜ୍ଞାନ ଶାକୁନ୍ତଳମ୍‌ର କ୍ରମରକ୍ଷା କରିନାହାନ୍ତି ଏବଂ ସ୍ଥାନେ ସ୍ଥାନେ ଶ୍ଳୋକର ଭାବବସ୍ତୁରେ ନିଜର ସ୍ୱାତନ୍ତ୍ର୍ୟର ପରିଚୟ ଦେଇଛନ୍ତି ।

ଅଭିଜ୍ଞାନ ଶାକୁନ୍ତଳମ୍‌ରେ ରାଜା ତାପସ ଦୁହିତାମାନଙ୍କ ରୂପରେ ମୁଗ୍ଧ ହୋଇ କହିଛନ୍ତି—

"ଶୁଦ୍ଧାନ୍ତ ଦୁର୍ଲଭମିଦଂ ବପୁରାଶ୍ରମ-ବାସିନୋ ଯଦି ଜନସ୍ୟ ।
ଦୂରୀକୃତାଃ ଖଳୁ ଗୁଣୈରୁଦ୍ୟାନ-ଲତା ବନଲତାଭିଃ ।"

ସେହେତୁ କେବଳ ଶକୁନ୍ତଳାଙ୍କ ରୂପବର୍ଣ୍ଣନା ପ୍ରସଙ୍ଗରେ ଏହି ଶ୍ଳୋକର ଭାବ ଓ ଅଳଙ୍କାର ଗ୍ରହଣ କରିଥିଲେ ମଧ୍ୟ ଶକୁନ୍ତଳାଙ୍କୁ କଣ୍ଟକବାସିନୀ ଗୋଲାପ ଓ ଅନ୍ତଃପୁରର ମହିଷୀଗଣଙ୍କୁ ବାସଙ୍ଗ ରୂପେ କଳ୍ପନାକରି ମୂଳ ଶ୍ଳୋକର ଭାବକୁ ବିସ୍ତୃତ କରିଛନ୍ତି । କକ୍ଷରେ ରୁକ୍ଷକଳସ, ଅଙ୍ଗରେ ବଲ୍‌କଲ ଧାରଣ କରିଥିବା ନିସର୍ଗ ଲାବଣ୍ୟମୟୀ ଶକୁନ୍ତଳାଙ୍କର ଅଙ୍ଗ ସୁଷମା ବର୍ଣ୍ଣନା କରିବାକୁ ଯାଇ କବି ଯେଉଁ ଶୈବାଳ ବେଷ୍ଟିତ ପଦ୍ମିନୀ ଓ କଳଙ୍କଯୁକ୍ତ ଚନ୍ଦ୍ରର ପରିକଳ୍ପନା କରିଛନ୍ତି, ପୁଣି ଶକୁନ୍ତଳା ସଦୃଶ ତନ୍ୱୀ କୋମଳାଙ୍ଗୀ ଯୁବତୀ ଜଳଦାନରୂପକ ଆଶ୍ରମର କଠୋର କାର୍ଯ୍ୟରେ ଅଭିନିବିଷ୍ଟା ରହିଥିବାର ଦେଖି ମୁନି ଶମୀସଦୃଶ କଠିନ ତରୁକୁ ନୀଳୋତ୍ପଳ-ଦଳ ଧାରରେ ଛେଦନ କରିବାର ଯେଉଁ ବର୍ଣ୍ଣନା ଦେଇଛନ୍ତି, ତାହା ଅଭିଜ୍ଞାନ ଶାକୁନ୍ତଳମ୍‌ର ନିମ୍ନୋକ୍ତ ପ୍ରସିଦ୍ଧ ଶ୍ଳୋକଗୁଡ଼ିକର ପୂର୍ଣ୍ଣ ଅନୁସୃତ । କାଳିଦାସ ଲେଖିଛନ୍ତି—

(କ) "ସରସିଜ-ମନୁ ବିଦ୍ଧଂ ଶୈବଲେ ନାପି ରମ୍ୟଂ
ମଳିନମପି ହି ମାଂଶୋ ର୍ଲକ୍ଷ୍ମ ଲକ୍ଷ୍ମୀଂ ତନୋତି ।
ଇୟ ମଧିକ ମନୋଜ୍ଞା ବଲ୍‌କଲେ ନାପି ତନ୍ୱୀ
କିମିବହି ମଧୁରଣାଂ ମଣ୍ଡନଂ ନାକୃତୀନାମ୍ ।

(ଖ) ଇଦଂ କିଳାବ୍ୟାଜ ମନୋହରଂ ବପୁ
ସ୍ତପଃକ୍ଷମଂ ସାଧୟିତୁଂ ଯ ଇଚ୍ଛତି ।
ଧ୍ରୁବଂ ସ ନୀଳୋତ୍ପଳ ପତ୍ର ଧାରୟା
ଶମୀଲତାଂ ଛେତ୍ତୁମୃଷିର୍ବ୍ୟବସ୍ୟତି ।"

କିନ୍ତୁ ଅନୁସୃତ ସତ୍ତ୍ୱେ କବି ନିଜର କଳ୍ପନା ଓ ସୌନ୍ଦର୍ଯ୍ୟ-ଦର୍ଶନ ବଳରେ କାଳିଦାସୀୟ କଳ୍ପନାକୁ କିପରି ଅଧିକ ଚିତ୍ତାକର୍ଷକ

କବିଛନ୍ତି, ପ୍ରଣୟବଲ୍ଲରୀର ନିମ୍ନୋକ୍ତ ପଦଗୁଡ଼ିକୁ ପାଠକଲେ ସ୍ପଷ୍ଟ ଜଣାଯିବ :—

"ସୁକୁମାରୀ କକ୍ଷ- କଳସ ସଦ୍ଧର
କରାଇଲା ଆମନ୍ତ୍ରଣ,
ଶମ୍ପା-ସହଚରୀ- କୁଳଶ ନଳିନୀ-
ନାଡ଼-କଣ୍ଟକ ସ୍ମରଣ ।
ମୃଦୁ ମନୋହର କଳେବରେ ଦେଖି
ବଲ୍କଳର ପରିଚ୍ଛଦ
ବିଚାରିଲେ "ଅହା ରାଜଲକ୍ଷ୍ମୀ ତନୁ
ସମର, ଚିନ୍ତା ଅସ୍ପଦ ।

× × ×

ଯଉବନ-ପ୍ରଭା- ସମୁଜ୍ଜ୍ୱଳ-ମୁଖ-
ମଣ୍ଡଳର ସ୍ୱେଦକଣ,
ଚାହିଁ ବିଚାରିଲେ, "ନବ-ବିକଶିତ-
କମଳେ ହିମ-ପତନ ।

× × ×

ପାଦେ ଦଉଡ଼ିକୁ ଲଗାଇ ଅଛନ୍ତି
କାନନ ଗଜ ବନ୍ଧନେ ।"

ତାପସ ଦୁହିତାମାନଙ୍କର ଅଜ୍ଞାତରେ ଅନ୍ତରାଳରେ ଥିବା ଦୁଷ୍ମନ୍ତଙ୍କ ଦୃଷ୍ଟିସମକ୍ଷରେ ସେମାନଙ୍କର ପ୍ରେମାଳାପ ଏବଂ ସହକାର

ଓ ବନତୋଷିଣୀ (ନଅଳ)ର ପରିଣୟ ପ୍ରସଙ୍ଗ ଉତ୍‌ଥାପନକୁ ଶକୁନ୍ତଳା ଓ ଦୁଷ୍ମନ୍ତଙ୍କର ଭାବୀପରିଣୟ ତଥା ମିଳନର ଏକ ଅନୁକୂଳ ପରିବେଶ ରୂପେ ଉଭୟ କବି ଚୟନ କରିଅଛନ୍ତି । ନଅଳ ଓ ସହକାର ପ୍ରସଙ୍ଗର ଉପକ୍ରମ ସ୍ୱରୂପ କାଳିଦାସ ଶକୁନ୍ତଳାଙ୍କ ଚରିତ୍ରରେ ଯୁବତୀସୁଲଭ ଦୟିତ ମିଳନାକର୍ଷଣର ବ୍ୟଞ୍ଜନା ସୃଷ୍ଟି କରିବାପାଇଁ ଶକୁନ୍ତଳାକୁ ନବୀନ ବକୁଳତରୁ ପ୍ରତି ଯେପରି ଆକୃଷ୍ଟ କରିଛନ୍ତି ଏବଂ ପ୍ରିୟମ୍ବଦାର ଉକ୍ତିରେ ବକୁଳତରୁ ସହିତ ଲତାସ୍ୱରୂପିଣୀ ଶକୁନ୍ତଳାଙ୍କର ସମାଗମ ଜନିତ ଯେଉଁ ପ୍ରିୟ କଥାଟିର ସୂଚନା ଦେଇଛନ୍ତି, ସେହିପରି ତାହା ପରିହାର କରି ଅଭିଜ୍ଞାନ ଶାକୁନ୍ତଳମ୍‌ ସହକାର ଓ ନଅଳ ପ୍ରସଙ୍ଗଜନିତ ପରିବେଶକୁ ପ୍ରଶସ୍ତ ତଥା ଅଧିକ ସଂଯତ ଓ ସ୍ୱାଭାବିକ କରିବାକୁ ଚେଷ୍ଟା କରିଛନ୍ତି । ନଅଳ ଓ ସହକାରପ୍ରସଙ୍ଗ ଶକୁନ୍ତଳାଙ୍କର ହୃଦୟ-ଅଭିବ୍ୟକ୍ତି ବା ଚରିତ୍ରବିଶ୍ଳେଷଣର ଏକ ଉପାୟ ମାତ୍ର । ଶକୁନ୍ତଳାଙ୍କୁ ବାରମ୍ବାର ବନଜ୍ୟୋତ୍ସ୍ନା ଦିଗରେ ଚାହିଁବାର ଦେଖି ପ୍ରିୟମ୍ବଦା କହୁଛି— "ନଅଳ ଯେପରି ତା'ର ଇଚ୍ଛାନୁରୂପ ତରୁ ସହିତ ମିଳିତ ହୋଇ ପାରିଛି, ମୁଁ କ'ଣ ( ଶକୁନ୍ତଳାଲକ୍ଷ୍ୟ) ସେହିପରି ମୋର ଇଚ୍ଛାନୁରୂପ ବର ଲାଭକରି ପାରିବ ?" (୨) ସ୍ତ୍ରୀକୁ ଲତାରୂପେ କଳ୍ପନା କରିବା ହେଉଛି କବି ପ୍ରସିଦ୍ଧି । କୁସୁମିତା ଲତାଟି କୌଣସି ବୃକ୍ଷର ଆଶ୍ରୟ ନେଇଥିଲେ ତାହା ତା' ପକ୍ଷରେ ଆନନ୍ଦର କାରଣ ହୋଇଥାଏ । ଏଠାରେ ଶକୁନ୍ତଳାରୂପିଣୀ ନବପୁଷ୍ପବତୀ ଲତାଟି ନବ ଯୌବନରେ ପଦାର୍ପଣ କରିଛି । ଉପଯୁକ୍ତ ପତିରୂପ ସହକାର ସଙ୍ଗେ

(୨) ଜହ ବନଜୋସିଣୀ ଅଣୁରୂବେଣ ପାଅବେଣ ସଂଗଦା ଅବି ଣାମ ଏବ୍ବଂ ଅହଂ ବି ଅତ୍ତଣୋ ଅଣୁରୂବଂ ବରଂ ଲହେଅଂ ତ୍ତି ?, ଅଃ ଶଃ ପ୍ରଥମ ଅଙ୍କ ।

ମିଳିତ ହେବାପାଇଁ ପ୍ରତ୍ୟେକ ଯୁବତୀର ଅନ୍ତରରେ ପ୍ରବଳ ଆକାଂକ୍ଷା ଥାଏ । ସେଥିପାଇଁ ଯେହେତୁ ନୂଆଳି ଲତାଟି କୁସୁମିତା ହେବାର ଦେଖି ଶକୁନ୍ତଳାଙ୍କ ବିଶେଷ ଆନନ୍ଦିତା କରାଇ ଅଛନ୍ତି ଏବଂ ସେମାନଙ୍କର ପ୍ରେମ ପରିହାସ ମଧ୍ୟରେ ନୂଆଳି ଓ ସହକାରର ( ପ୍ରାକୃତିକ ଜଗତରେ ମଧୁର ମିଳନର ନିଦର୍ଶନ ) ବିବାହର ସଙ୍କେତ ଦେଇ ପ୍ରଣୟମୁଗ୍ଧ ଦୁଷ୍ମନ୍ତଙ୍କ ଚିତ୍ତରେ ନାନା ବିସ୍ମୟ ଓ ଗତି ମଧୁମୟୀଭାବର ଆଲୋଡ଼ନ ସୃଷ୍ଟିକରି ପ୍ରଣୟୀ ଓ ପ୍ରଣୟିନୀଙ୍କ ହୃଦୟାକର୍ଷଣର ଏକ ସଂଯତ, ମାର୍ଜିତ ଅଥଚ ମଧୁର ଗତି ପ୍ରଦାନ କରିଛନ୍ତି ।

ମୁନିକୁମାରୀମାନଙ୍କର ଯୌବନସୁଲଭ ଆଳାପ ଓ ଶକୁନ୍ତଳାଙ୍କର ନୈସର୍ଗିକ ଅଙ୍ଗଲାବଣ୍ୟରେ ମୁଗ୍ଧ ଦୁଷ୍ମନ୍ତଙ୍କ ପ୍ରାଣରେ ତପୋବନର ସାତ୍ତ୍ୱିକ ବାତାବରଣରେ ପ୍ରଣୟର ଏକ ଅଭିନବ ଅନୁଭୂତି ଜାତ ହୋଇଛି । ପ୍ରଥମ ସାକ୍ଷାତ୍‌ରେ ମୁନି-ତନୟା ଶକୁନ୍ତଳା ପ୍ରତି ପ୍ରଣୟାକୃଷ୍ଟ ହୋଇପଡ଼ିଛନ୍ତି । କିନ୍ତୁ ଅପରିଚିତା ମୁନିକନ୍ୟାଙ୍କ ପ୍ରତି ସହସା ରାଜା ପ୍ରଣୟାକୃଷ୍ଟ ହେବା ଓ ଦକ୍ଷବାହୁ ସ୍ପନ୍ଦନରେ ତାଙ୍କଠାରେ ପରିଣୟ ଆଶାର ସଞ୍ଚାର ହେବା କେତେଦୂର ବିବେକ ଓ ବିଧିସମ୍ମତ, ଯେହେତୁ ରାଜାଙ୍କର ମନ ଓ ବିବେକ ମଧ୍ୟରେ ସଂଘର୍ଷର ଏକ ସ୍ୱାଭାବିକ ତଥା ଚିତ୍ତାକର୍ଷକ ଗତି ଦେଇ ଦୁଷ୍ମନ୍ତଙ୍କ ଚରିତ୍ରର ଗାମ୍ଭୀର୍ଯ୍ୟ ଯେପରି ରକ୍ଷା କରିଛନ୍ତି (୩) କାଳିଦାସ ତାହା କରି ନାହାନ୍ତି ।

---

( ୩ ) ମନ ପ୍ରତି ରାଜା ବିବେକ ବୋଇଲା ସସ୍ନେହ-ମିଷ୍ଟ-ଭର୍ତ୍ସନେ,
"ନବସ୍ୱାଧୀନତା ଏକି ଆଜି ତୋର ପରଦ୍ରବ୍ୟ ପ୍ରଲୋଭନେ ?"

ଅଭିଜ୍ଞାନ ଶାକୁନ୍ତଳମ୍ କବି ରାଜାଙ୍କର ମନ ଓ ବିବେକର ସଂଘର୍ଷର ସେପରି ବିଶେଷ କିଛି ସୂଚନା ନ ଦେଇ ଶକୁନ୍ତଳା କ୍ଷତ୍ରିୟର ବିବାହଯୋଗ୍ୟା କି ନୁହେଁ ରାଜାଙ୍କର ଏହି ଭାବନା ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି । ରାଜାଙ୍କ ମୁଖରେ ତାଙ୍କୁ ସଜ୍ଜନ ଓ ଅପାପବିଦ୍ଧ ରୂପେ ଉଲ୍ଲେଖ କରିବା ଚରିତ୍ରର ବିକାଶ ଓ ଗାମ୍ଭୀର୍ଯ୍ୟ ଦୃଷ୍ଟିରୁ ଏକାନ୍ତ ଅସ୍ୱାଭାବିକ ହୋଇଛି । ଶକୁନ୍ତଳା କଣ୍ୱଙ୍କର କୌଣସି ଅସବର୍ଣ୍ଣା ପତ୍ନୀ ବା ବ୍ରାହ୍ମଣେତର ଭାର୍ଯ୍ୟାର ଗର୍ଭସଂଭୂତା ବା ଅନ୍ୟ କିଛି ବୋଲି ଯେତେବେଳେ ରାଜାଙ୍କର ଚିତ୍ତ ସଂଶୟାକୁଳ ହୋଇଛି, ସେତେବେଳେ ସେହି ସଂଶୟର ଝଟିତି ସମାଧାନ କରିବାକୁ ରାଜାଙ୍କ ମୁଖରେ କବି ପ୍ରକାଶ କରିଛନ୍ତି—ଅଗ୍ରାହ୍ୟ ବସ୍ତୁପ୍ରତି ସଜ୍ଜନମାନଙ୍କର କୌଣସି ପ୍ରବୃତ୍ତି ଜାତହୁଏ ନାହିଁ । ସଦାଚାରସମ୍ପନ୍ନା ମୁନିକନ୍ୟାଙ୍କ ପ୍ରତି ଯେହେତୁ ଚିତ୍ତ ସ୍ୱାଭାବିକ ଭାବରେ ଆକୃଷ୍ଟ ହୋଇଛି, ସେହିହେତୁ ଶକୁନ୍ତଳା ତାଙ୍କର ଗ୍ରହଣଯୋଗ୍ୟା (୪) ।

ତଥାପି ତାପସଦୁହିତା କ୍ଷତ୍ରିୟର ପରିଣୟଯୋଗ୍ୟା କି ନୁହେଁ, ଏ ସମ୍ପର୍କରେ ରାଜାଙ୍କ ମନରେ କେବଳ କୌତୂହଳମାତ୍ର

---

ମନ ବୋଲେ, "ଏତ ଆକର-ଗରଭ-ଅନଧିକୃତ ରତନ,
ରାଜତ୍ୟାଜ୍ୟ ନୁହେଁ ହେଲାଠାରେ ତହିଁ ପ୍ରଥମ-ଦୃଷ୍ଟି-ପତନ ।"
ବିବେକ ବୋଲଇ, "ଋଷିନନ୍ଦିନୀ ଏ ନୃପ-ପ୍ରତିବିମ୍ବ-ତାରି,
ଖଣି-ମଣିଙ୍କାନେ ଲୁବ୍ଧ-ମୁଗ୍ଧ-ଜନ ଝସାଇଲେ ଯିବ ମାରି ।
ଗଙ୍ଗାଧର ଗ୍ରନ୍ଥାବଳୀ, ପୃ ୬୭, ୬୮ ।

(୪) ଅସଂଶୟଂ କ୍ଷତ୍ରପରିଗ୍ରହକ୍ଷମା ଯଦାର୍ଯ୍ୟମସ୍ୟାମଭିଲାଷି ମେ ମନଃ ।
ସତାଂହି ସନ୍ଦେହ ପଦେଷୁ ବସ୍ତୁଷୁ ପ୍ରମାଣମନ୍ତଃ କରଣ-ପ୍ରବୃତ୍ତୟଃ ।
ଅଃ ଶଃ

ଅବଶେଷ ରଖିଛନ୍ତି । କିନ୍ତୁ ସେହେତୁ ପ୍ରିୟମ୍ବଦାର ଉକ୍ତିରେ (୫) ରାଜାଙ୍କ କୌତୂହଳର ସ୍ୱାଭାବିକ ନିବୃତ୍ତି ଘଟାଇ ମୁନିକନ୍ୟା ଶକୁନ୍ତଳା ଉପରେ ରାଜବରଣୀୟା, ଏ ସମ୍ପର୍କରେ ରାଜାଙ୍କ ଚିତ୍ତକୁ ରହସ୍ୟାଚ୍ଛନ୍ନ କରି ନାଟକୀୟ ପ୍ରଚ୍ଛନ୍ନତାର ଅପୂର୍ବ ସଙ୍କେତ ଦେଇଛନ୍ତି ।

ଶକୁନ୍ତଳାଙ୍କ ସହ ଦୁଷ୍ମନ୍ତଙ୍କର ସାକ୍ଷାତ୍‌କୁ ନାଟକୀୟ କରିବାପାଇଁ କାଳିଦାସ ଭ୍ରମରପ୍ରସଙ୍ଗର ଅବତାରଣା କରିଛନ୍ତି; କିନ୍ତୁ ସେ ଦୁଷ୍ମନ୍ତଙ୍କ ମୁଖରେ ଭ୍ରମରର ଶକୁନ୍ତଳାଙ୍କର ମୁଖଚୁମ୍ବନ-ଜନିତ ଯେଉଁ ଶୃଙ୍ଗାରଧର୍ମୀ ବର୍ଣ୍ଣନା ଦେଇଛନ୍ତି (୬) ସେହେତୁ ତା'ର ବ୍ୟତିକ୍ରମ ଘଟାଇ ଅଛନ୍ତି । ମଧୁପ ବିବ୍ରତା ଶକୁନ୍ତଳାଙ୍କର ଭ୍ରମର-ବିତାଡ଼ନ ବ୍ୟାଜରେ ତାଙ୍କର ଅଙ୍ଗ ସଂଚାଳନକୁ ଅପୂର୍ବ ଲାସ୍ୟଭଙ୍ଗୀ ଓ ସାହାଯ୍ୟ ଉଦ୍ଦେଶ୍ୟରେ ସଖୀମାନଙ୍କ ପ୍ରତି ତାଙ୍କର ମଧୁର ଆହ୍ୱାନ ( ବାଣୀ ) କୁ ଲାସ୍ୟର ମଧୁମୟ ସଙ୍ଗୀତରୂପେ ବର୍ଣ୍ଣନା କରିବାରେ ସେହେତୁରଙ୍କର କମନୀୟ କଳ୍ପନା, ସୌନ୍ଦର୍ଯ୍ୟଦୃଷ୍ଟି ଓ ରୁଚିସ୍ୱାତନ୍ତ୍ର୍ୟର ଅପୂର୍ବ ନିଦର୍ଶନ

---

(୫) ପ୍ରିୟମ୍ବଦା ତେବେଣେ ବୋଇଲା, "ସୁନ୍ଦର,
ଏଡ଼ ରାଜ ପୁରୋହିତ,
ସୁରିବ କି ମୋତେ ରାଜବର-ପ୍ରେମ-
ଲୋଲୁପ ତୋ ଚଳ-ଚିତ୍ତ ? ଗଃ ଗ୍ରଃ ପୃ୬୮

(୬) ଚଳାପାଙ୍ଗାଂ ଦୃଷ୍ଟିଂ ସ୍ପୃଶସି ବହୁଶୋ ବେପଥୁମତୀଂ
ରହସ୍ୟାଖ୍ୟାୟୀବ ସ୍ୱନସି ମୃଦୁ କର୍ଣ୍ଣାନ୍ତିକ ଚରଃ ।
କରୌ ବ୍ୟାଧୁନ୍ୱତ୍ୟାଃ ପିବସି ରତି ସର୍ବସ୍ୱମଧରଂ
ବୟଂ ତତ୍ତ୍ୱାନ୍ୱେଷାନ୍ମଧୁକର ହତାସ୍ତ୍ୱଂ ଖଳୁ କୃତୀ ।

ମିଳିଛି । ଶକୁନ୍ତଳାଙ୍କର ଲସ୍ୟଭଙ୍ଗୀ ଓ ମଧୁମୟୀ ବାଣୀରୂପୀ ସଙ୍ଗୀତ ରାଜାଙ୍କର ପ୍ରଣୟସ୍ନିଗ୍ଧ ଚିତ୍ତସିନ୍ଧୁରେ ଯେଉଁ ଭାବୋଦ୍‌ବେଳନ ସୃଷ୍ଟି କରିଛି, ତା'ର ବର୍ଣ୍ଣନା ଯେପରି ମାର୍ଜିତ, ସେହିପରି ଚିତ୍ତାକର୍ଷକ । ମେହେର ଲେଖିଛନ୍ତି—

"ଅଧୀରେ ସୁନ୍ଦରୀ ସଖୀଙ୍କି ଡାକିଲି,
'ଆସ ଆସ ପ୍ରାଣମିତ',
ସେ ଗମ୍ଭୀରବାଣୀ ହୋଇଗଲା ସେହି
ଲସ୍ୟ ସହଚର ଗୀତ ।

ବନୁ ପ୍ରତିଧ୍ୱନି ଉଠି ହେଲା ସେହି
ରମ୍ୟ-ସ୍ୱର-ସହଚରୀ,
ଚନ୍ଦ୍ରଚ୍ୟୁତ ସୁଧା- ମୋହନ ମନ୍ତ୍ରେ କି
ମନ୍ତ୍ରିଦେଲା ହରଅରି ?

ସଜାଇଥିଲା ବା ବୀଣା କାମବଧୂ
ବଜାଇଦେଲା ଝଙ୍କାର,
ହଜାଇଲେ ରାଜା ଧଇର୍ଯ୍ୟ, ମଣି ତା
କୁସୁମ-ଧନୁ-ଟଙ୍କାର ।"

ଉଭୟ କବି ଶକୁନ୍ତଳା ଓ ଦୁଷ୍ମନ୍ତଙ୍କର ପ୍ରଥମ ସାକ୍ଷାତକୁ ନାଟକୀୟ ଭାବରେ ସମ୍ପନ୍ନ କରିଛନ୍ତି । କାରଣ ନ ମାନି ମଧୁବ୍ରତ ଶକୁନ୍ତଳାଙ୍କୁ ବାରମ୍ବାର ବିବ୍ରତ କରିବାରୁ ତାଙ୍କର ଆହ୍ୱାନରେ ପ୍ରିୟମ୍ବଦା ତାଙ୍କର ପକ୍ଷ ସମର୍ଥନ କରିବା ଛଳରେ ବ୍ୟଞ୍ଜନା କରି କହିଛି—

"ପୁରୁରାଜେ୍ୟ ପୁଣି ତପୋବନ ମଧ୍ୟେ
ମଧୁବ୍ରତର ଗଞ୍ଜଣା ।
ସଜନୀକ ଆମ୍ଭ ନୀଅଳୀ ମଣିଛୁ
ଅଳୀଏ ଥାଉଁ ଗହଣେ,
କେଉଁ ଦୁର୍ଜନ ସେ, ଦୁଷ୍ମନ୍ତ-ପ୍ରତାପ
ପଢ଼ିନାହିଁ କି ତା' କର୍ଣ୍ଣେ ?"

ଅଭିଜ୍ଞାନ ଶାକୁନ୍ତଲମ୍‌ରେ ଶକୁନ୍ତଳାଙ୍କର ବ୍ୟାକୁଳ ଡାକ ଶୁଣି ଉଭୟ ସଖୀ ସସ୍ମିତ ମୁଖରେ ତାଙ୍କର ପକ୍ଷ ଅବଲମ୍ବନ କରି ଛଳନା କରି କହୁଛନ୍ତି—

"ଆମର ରକ୍ଷା କରିବାର ଶକ୍ତି କାହିଁ ? ଦୁଷ୍ମନ୍ତଙ୍କୁ ଡାକ । ତୁ କ'ଣ ଜାଣିନାହୁଁ, ତପୋବନରେ ରାଜାଙ୍କର ଅଧିକାର, ସେ ଏହାର ରକ୍ଷାକର୍ତ୍ତା ।"

ଦୁଷ୍ମନ୍ତ ନିଜର ନାମୋଚ୍ଚାରଣର ଅବସର ପାଇ ଗୁରୁତର ବିପଦରେ ଅଭୟବାଣୀ ଓ ଆଶ୍ୱାସନା ଦେବାର ଯେପରି ଛଳନା କରିଛନ୍ତି (୭) ତାହା ଅଭିଜ୍ଞାନ ଶାକୁନ୍ତଲମ୍‌ର ଅନୁରୂପ । ରାଜାଙ୍କ ମୁଖରେ କବି ପ୍ରକାଶ କରିଛନ୍ତି—

"ନ ଭେତବ୍ୟଂ ନ ଭେତବ୍ୟମ୍ ।

× × ×

କଃ ପୌରବେ ବସୁମତୀଂ ଶାସତି ଶାସିତରି ଦୁର୍ବିନୀତାନାମ୍ ।
ଅୟମାଚରତ୍ୟ ବିନୟଂ ମୁଗ୍ଧାସୁ ତପସ୍ୱିକନ୍ୟାସୁ ।"

---

(୭) ପାଇ ଅବସର ନୃପତି ସତ୍ୱର
ଯାଇ ଶକୁନ୍ତଳା ପାଶ,

ରାଜାଙ୍କର ଉପସ୍ଥିତିରେ ମୁନିକନ୍ୟାଙ୍କର ଆତିଥ୍ୟ, ଅମାତ୍ୟିକ ଆଚରଣ, ବିନୟର ସହିତ ଅତିଥିଙ୍କର ପରିଚୟ ଜିଜ୍ଞାସା ଏବଂ ଦୁଷ୍ମନ୍ତଙ୍କର ଶକୁନ୍ତଳାଙ୍କ ସମ୍ପର୍କରେ ପରିଚୟ ଜିଜ୍ଞାସା ପ୍ରଭୃତି ଅଭିଜ୍ଞାନ ଶାକୁନ୍ତଳମ୍‌ର ଅନୁରୂପ । କିନ୍ତୁ ପ୍ରଥମସାକ୍ଷାତରେ ପ୍ରଣୟମୁଗ୍ଧା ଶକୁନ୍ତଳାଙ୍କର ହୃଦୟାଲୋଡ଼ନ ଏବଂ ସଖୀମାନଙ୍କର ରାଜାଙ୍କ ସହିତ ଆଳାପ କାଳରେ ତାଙ୍କର ସ୍ନିଗ୍ଧ, ସଲଜ୍ଜ, ଶିଷ୍ଟାଚାରସମ୍ମତ ସତୃଷ୍ଣ ହାବଭାବରେ ଯେଉଁ ଗମ୍ଭୀର ଅଥଚ ମଧୁମୟୀ ଚିତ୍ର ଅଙ୍କନ କରିଛନ୍ତି, ଅଃ ଶଃ ଅପେକ୍ଷା ତାହା ଅଧିକ ଚିତ୍ତଗ୍ରାହୀ ହୋଇଛି । ଶକୁନ୍ତଳାଙ୍କ ପୂର୍ଣ୍ଣ ପରିଚୟ ପ୍ରାପ୍ତିପରେ ରାଜାଙ୍କ ମନରେ ଶକୁନ୍ତଳା ପାଣିଗ୍ରହଣ ସମ୍ବନ୍ଧରେ ସମସ୍ତ ସମ୍ଭାବନା ମୁକୁଳିତ ହୋଇଯାଇଛି । ଯେଉଁ ଶକୁନ୍ତଳାସ୍ୱରୂପିଣୀ ରତ୍ନ ଅନଳ ସଦୃଶ ପ୍ରତୀତ ହେଉଥିଲା, ତାହା ରାଜାଙ୍କ ଚିତ୍ତରେ ସ୍ୱର୍ଗୀୟ ସୌନ୍ଦର୍ଯ୍ୟ, ସ୍ୱର୍ଗୀୟ ସୌରଭ, ସ୍ୱର୍ଗୀୟ ମାର୍ଦ୍ଦବଯୁକ୍ତ ଅନାଘ୍ରାତ ପୁଷ୍ପ ସଦୃଶ ପ୍ରତୀତ ହୋଇଛି । (୮)

---

ବୋଇଲେ, " କି ହେଲା, କି ହେଲା ସୁଶୀଳେ,
କେଉଁ ଖଳ ଦିଏ ତ୍ରାସ ?
ଭୟ ନାହିଁ, ଭୟ ନାହିଁ ଗୁରୁଶୀଳେ,
ପୌରବ ଭୂପତି ଥିଲେ,
ଅବଳା ଅରକ୍ଷ ଉପଦ୍ରବ କେହି
କାହିଁକି ସହିବ ଭଲେ ?

(୮) ରାଜା—( ଆତ୍ମଗତଂ )
ଭବ ହୃଦୟ ସାଭିଲାଷଂ ସମ୍ପ୍ରତି ସନ୍ଦେହ ନିର୍ଣ୍ଣୟୋଜିତଃ
ଆଶଙ୍କସେ ଯଦଗ୍ନିଂ ତଦିଦଂ ସ୍ପର୍ଶକ୍ଷମଂ ରତ୍ନମ୍ ।

ଅଭିଜ୍ଞାନ ଶାକୁନ୍ତଳମ୍‌ରେ ଦୁଷ୍ମନ୍ତଙ୍କ ଚେଷ୍ଟା ଓ ଭାବଭଙ୍ଗୀରେ କାମ୍ପିତ୍ ଚଞ୍ଚଳତା ଓ ଅସଂଯତ ଭାବ ଫୁଟିଉଠିଛି । ଯୁବତୀସୁଲଭ ଲଜ୍ଜା ତଥା ସହୃଦୟା ସଖୀମାନଙ୍କର ରାଜାଙ୍କ ସହିତ ଶ୍ଳେଷପୂର୍ଣ୍ଣ ସଂଳାପ ହେତୁ ଶକୁନ୍ତଳା ଗମନୋଦ୍ୟତା ହୁଅନ୍ତେ, ତାଙ୍କୁ ଧରିବାପାଇଁ ରାଜାଙ୍କ ମନରେ ଇଚ୍ଛା ଜାତ ହୋଇଛି, ଯଦିଓ ରାଜା ଆତ୍ମସମ୍ବରଣ କରି ନେଇଛନ୍ତି, କିନ୍ତୁ ପ୍ରଣୟବଲ୍ଲରୀରେ ରାଜାଙ୍କର ସଂଯମ ଓ ଶିଷ୍ଟାଚାର ଏବଂ ଗମନୋଦ୍ୟତା ସଲଜ୍ଜାଶକୁନ୍ତଳାଙ୍କର ଶାନ୍ତ ଓ ମଧୁର ସୁଷମାର ଚିତ୍ରରେ ମେହେର ନିଜର ଗାମ୍ଭୀର୍ଯ୍ୟ ତଥା ସୌନ୍ଦର୍ଯ୍ୟ-ବୋଧର ପରିଚୟ ଦେଇଛନ୍ତି । ଅପ୍ରତ୍ୟାଶିତ ଭାବରେ ରାଜାଙ୍କର ପ୍ରଥମ ସାକ୍ଷାତ୍ ଲାଭ କରି ଶକୁନ୍ତଳାଙ୍କ ଚିତ୍ତରେ ଯେଉଁ ଅପୂର୍ବ ମଧୁର ଭାବାବେଶ ଜାତ ହୋଇଛି, କବି ତାର ବର୍ଣ୍ଣନାରେ ଦୁଷ୍ମନ୍ତଙ୍କର ରୂପ ତଥା ପ୍ରତିଭାର ଯେପରି ମନୋଜ୍ଞ ଛବି ଅଙ୍କନ କରିଛନ୍ତି, ତାହା ଅଭିଜ୍ଞାନ ଶାକୁନ୍ତଳମ୍‌ରେ ଦେଖାଯାଏ ନାହିଁ । କାଳିଦାସ କେବଳ ଶକୁନ୍ତଳାଙ୍କ ସ୍ୱଗତୋକ୍ତିରେ ପ୍ରକାଶ କରିଛନ୍ତି—

"ଏଇ ଅତିଥିଙ୍କୁ ଦେଖିବାଠାରୁ ମୋ ମନରେ କି ପ୍ରକାର ଗୋଟାଏ ଭାବ ଜାତ ହୋଇଛି । ଏ ଭାବ ତ ତପୋବନର ଅନୁକୂଳ ନୁହେଁ, ବରଂ ଘୋର ବିରୁଦ୍ଧାତ୍ମକ ।" ପୁଣି ପ୍ରିୟମ୍ବଦାଙ୍କ ମୁଖରେ ଜନାନ୍ତିକରେ ଦୁଷ୍ମନ୍ତଙ୍କର ସୌମ୍ୟ ଓ ଗମ୍ଭୀର ଆକୃତି ସଂପର୍କରେ ସୂଚନାମାନ ଦେଇଛନ୍ତି ।

ରାଜାଙ୍କର ଶକୁନ୍ତଳାଙ୍କ ଅଙ୍ଗୁଳିରେ ନିଜର ମୁଦ୍ରିକା ପିନ୍ଧାଇବା ଘଟଣାର ଆନୁସଙ୍ଗିକ ପରିବେଶ ବା ପୃଷ୍ଠଭୂମି ପ୍ରଣୟ

ବଲ୍କଳୀରେ ଯେପରି ସ୍ୱାଭାବିକ ହୋଇଛି, ଅଂଶଃରେ ତାହା ହୋଇପାରିନାହିଁ । ବନଗଜଭୟ ପ୍ରସଙ୍ଗର ସୂଚନା ପୂର୍ବରୁ ଅଂଶଃରେ ଶକୁନ୍ତଳା ଯେତେବେଳେ ଚାଲିଯିବାପାଇଁ ଉଦ୍ୟତ, ସେତେବେଳେ ପ୍ରିୟମ୍ବଦା ଶକୁନ୍ତଳାଙ୍କୁ ପରିହାସ କରି କହୁଛି, "ତୁ ମୋର ଯେଉଁ ଦୁଇ କଳସୀ ଜଳ ଧାର କରିଛୁ, ଆଗେ ପରିଶୋଧ କରିଦେଇ ଯା ।" ମୁନିକନ୍ୟାଙ୍କର ଏ ମଧୁର ଆଳାପରେ ମୁଗ୍ଧ ରାଜାଙ୍କ ମୁଖରେ କବି ଶକୁନ୍ତଳାଙ୍କର କ୍ଳାନ୍ତ ଶରୀରର ନୈସର୍ଗିକ ଲାବଣ୍ୟର ବର୍ଣ୍ଣନା ଦେଇଛନ୍ତି ଏବଂ ରାଜା ପ୍ରିୟମ୍ବଦାଙ୍କୁ କହୁଛନ୍ତି, "ପରିଶ୍ରମହେତୁ ଶକୁନ୍ତଳା କ୍ଳାନ୍ତ, ଅବସନ୍ନ । ଆପଣଙ୍କ ନିକଟରୁ ଶକୁନ୍ତଳା ଯେଉଁ ଋଣ କରିଛନ୍ତି, ତାହା ମୁଁ ପରିଶୋଧ କରୁଛି ।" ଏହା କହି ରାଜା ନିଜର ଅଙ୍ଗୁରୀୟଟି ପ୍ରିୟମ୍ବଦାଙ୍କ ହସ୍ତରେ ଦେଇଛନ୍ତି । ଅନସୂୟା ସହିତ ପ୍ରିୟମ୍ବଦା ମୁଦ୍ରିକାରେ ଅଙ୍କିତ ଲିପି ପଢ଼ି ଏକାଧାରରେ ବିସ୍ମିତ ଓ ମୁଗ୍ଧ ହୋଇ ପଡ଼ିଛି ଏବଂ ଶକୁନ୍ତଳାଙ୍କୁ ଶ୍ଳେଷ ଭଙ୍ଗୀରେ କହୁଛି, "ଏଇ ମହାପୁରୁଷ ତୋର ଋଣ ପରିଶୋଧ କରିଦେଇଛନ୍ତି ।" ବନଗଜର ଭୟବୃତ୍ତାନ୍ତ ଶୁଣି ପର୍ଣ୍ଣକୁଟୀରକୁ ଯିବାପାଇଁ ଅନସୂୟା ରାଜାଙ୍କର ଅନୁମତି ଭିକ୍ଷା କରିଛି ଏବଂ ରାଜା ନିଜର ସୌଜନ୍ୟ ପ୍ରକାଶ କରି ତାଙ୍କଠାରୁ ବିଦାୟ ନେଇ ଚାଲିଯାଇଛନ୍ତି । କିନ୍ତୁ ପ୍ରଃ ବଃ ରେ ବନଗଜର ଭୟ ବୃତ୍ତାନ୍ତ ଶ୍ରବଣ ପରେ ରାଜା ସମ୍ଭ୍ରମର ସହିତ ବିଦାୟ ଅବସରରେ ( ପୁନର୍ଦର୍ଶନର ଆଶା ଦେଇ ) ମୁନିତନୟାଙ୍କର ପ୍ରୀତି-ଋଣର ବନ୍ଧକ ସ୍ୱରୂପ ଶକୁନ୍ତଳାଙ୍କ ଅଙ୍ଗୁଳିରେ ନିଜର ମୁଦ୍ରିକାଟି ପିନ୍ଧାଇ ଦେଇ ଚାଲିଯାଇଛନ୍ତି । କବିଙ୍କ ଭାଷାରେ—

"ଘେନ ଯାଉଅଛୁ ମୁନିତନୟାଙ୍କ
ନିକଟରୁ ପ୍ରୀତି-ରଣ,
ବନ୍ଧକ ନ ଦେଲେ କି ରୂପେ ବିଶ୍ୱାସ
କରିବ କି ଦେଖି ଗୁଣ ?
ଏହା କହି ହେମ- ଅଙ୍ଗୁରୀୟ କାଢ଼ି
ଅଙ୍ଗୁଳିରୁ ତରତରେ,
ଶକୁନ୍ତଳା କର ଧରି ଅଙ୍ଗୁଳିରେ
ମଣ୍ଡିଦେଲେ ପ୍ରେମଭରେ ।"

ଶକୁନ୍ତଳାଙ୍କଠାରୁ ବିଦାୟ ନେଲେ ମଧ୍ୟ ରଥର ଦୁକୂଳଧ୍ୱଜ ପଛକୁ ଉଡ଼ିଲା ପରି ରାଜାଙ୍କର ମନ ପଛକୁ ଫେରିବା ଏବଂ ପ୍ରିୟତମଙ୍କର କାମଜଣି ଅଙ୍ଗକାନ୍ତିକୁ ନେତ୍ରପୂର୍ଣ୍ଣ କରି ଦେଖିବା-ପାଇଁ କୁରୁବକ କଣ୍ଟାରେ ଶକୁନ୍ତଳାଙ୍କର ବଲ୍କଲ ଲଗାଇବାର ବର୍ଣ୍ଣନା (୧୦) ଅଃ ଶଃ ର ଅବିକଳ ଅନୁସରଣ । କାଳିଦାସ ଲେଖିଛନ୍ତି,

ଗଚ୍ଛତି ପୁରଃ ଶରୀରଂ ଧାବତି ପଶ୍ଚାଦସଂସ୍ଥିତଂ ଚେତଃ ।
ଚୀନାଂଶୁକମିବ କେତୋଃ ପ୍ରତିବାତଂ ନୀୟମାନସ୍ୟ ।"

ମେହେର ଲେଖିଛନ୍ତି—

"ଚଳିଲେ ନୃପତି ତରତର କିନ୍ତୁ
ପଛକୁ ଘୁଞ୍ଚଇ ମନ,
ପ୍ରଧାବିତ ରଥ- ପଛକୁ ଉଡ଼ଇ
ଦୁକୂଳ-ଧ୍ୱଜ ଯେସନ ।

(୧୦) ଅଣସୂଏ ଅହୁଣଅ କୁସ ସୂଇଏ ପରିକ୍ଖଦଂମେ ଚଲଣଂ କୁରୁବଅ ସାହା ପରିଲଗ୍ଗଂ ଅବକ୍କଲଂ ।

ଶକୁନ୍ତଳାଙ୍କ ସଖୀଦ୍ୱୟଙ୍କ ଚରିତ୍ର ପରିବେଷଣରେ ମେଟ୍ହେର ଅନସୂୟା ଅପେକ୍ଷା ପ୍ରିୟମ୍ବଦାକୁ ଅଧିକ ଚତୁରୀ ଓ ପ୍ରଗଲ୍ଭା କରିବାକୁ ଚେଷ୍ଟା କରିଛନ୍ତି, କିନ୍ତୁ କାଳିଦାସଙ୍କ ରଚନାରେ ପ୍ରଗଲ୍ଭତା ଉଭୟ ଚରିତ୍ରର ବିଶେଷତ୍ୱ । ଉଭୟ କବିଙ୍କ ରଚନାରେ ପ୍ରିୟମ୍ବଦା ଓ ଅନସୂୟା ଶକୁନ୍ତଳା ଓ ଦୁଷ୍ମନ୍ତଙ୍କର ପ୍ରଣୟର ଯୋଗସୂତ୍ରକାରିଣୀ ଭାବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । କିନ୍ତୁ ଦୁଇ କବିଙ୍କର ରଚନାକୁ ତୁଳନାତ୍ମକ ଭାବରେ ବିଚାର କଲେ ଜଣାଯିବ ଯେ, ଅः ଶः ଅପେକ୍ଷା ପ୍ରः ବः ରେ ଚରିତ୍ରସୃଷ୍ଟିକ୍ଷେତ୍ରରେ କବିଙ୍କର ଅଧିକ ସଂଯମ ଓ ଗାମ୍ଭୀର୍ଯ୍ୟବୋଧ ( **Sublimity** ) ଫୁଟିଉଠିଛି ।

## ଦ୍ୱିତୀୟ ସର୍ଗ—

ଏହି ସର୍ଗରେ ମେଟ୍ହେର ଅः ଶः ର ଦ୍ୱିତୀୟ ଅଙ୍କର କଥାବସ୍ତୁ ଅବଲମ୍ବନରେ ମୁଖ୍ୟତଃ ଦୁଷ୍ମନ୍ତଙ୍କର ପ୍ରଣୟିନୀ ଶକୁନ୍ତଳାଙ୍କର ସୌନ୍ଦର୍ଯ୍ୟ ଭାବନା ଓ ତାଙ୍କ ସହିତ ପୁନଃ ମିଳିତ ହେବାପାଇଁ ପ୍ରାଣର ଅବାରିତ ଉତ୍କଣ୍ଠାକୁ ରୂପାୟିତ କଲେ ମଧ୍ୟ ଅः ଶः ର ଦୁଇଟି ଗୌଣ ପ୍ରସଙ୍ଗ ପରିହାର କରିଛନ୍ତି । ଗୋଟିଏ ହେଉଛି—ଦୁଇଜଣ ଋଷିକୁମାର ଶିବିରକୁ ଆସି ରାଜାଙ୍କର ବୀରତ୍ୱ ଓ ପ୍ରତିଭାର ପ୍ରଶଂସା କରି ରାକ୍ଷସମାନଙ୍କ କବଳରୁ ଆଶ୍ରମକୁ ରକ୍ଷା କରିବାପାଇଁ ଦୁଷ୍ମନ୍ତଙ୍କୁ ନିମନ୍ତ୍ରଣ କରିବା; ଦ୍ୱିତୀୟଟି ହେଉଛି—ରାକ୍ଷସଭୟ ଦୂରକରିବା ନିମିତ୍ତ ସଂକଳ୍ପବଦ୍ଧ ଦୁଷ୍ମନ୍ତଙ୍କର ବିଦୂଷକ ସହିତ କଥୋପକଥନ ସମୟରେ ଅଗାମୀ ଚତୁର୍ଥୀ ଦିବସରେ ଜନନୀଙ୍କର ଉପବାସ ପାରଣା ଉତ୍ସବରେ ଯୋଗଦେବାପାଇଁ ଦୁଷ୍ମନ୍ତଙ୍କର ହସ୍ତିନା-ପ୍ରତ୍ୟାଗମନ ସମ୍ବାଦ ନେଇ ଜଣେ କରଭକର ଉପସ୍ଥିତି ଏବଂ ତପୋବନର ରକ୍ଷାକାର୍ଯ୍ୟର ଗୁରୁତ୍ୱଦୃଷ୍ଟିରୁ ରାଜା ନିଜେ ନ ଯାଇ ବିଦୂଷକକୁ

ପ୍ରତିନିଧି ରୂପେ ପଠାଇବା । ଏ ଦୁଇଟି ଗୌଣ ପ୍ରସଙ୍ଗର ପରିହାର ଦ୍ୱାରା କାବ୍ୟର ସୌନ୍ଦର୍ଯ୍ୟ କ୍ଷୁଣ୍ଣ ହୋଇନି; ବରଂ ପ୍ରଣୟୀ ଓ ପ୍ରଣୟିନୀ ଉଭୟଙ୍କର ଭାବୀ-ମିଳନର ଉତ୍କଣ୍ଠାକୁ ଘନୀଭୂତ କରି ସେମାନଙ୍କର ପ୍ରେମ-ସ୍ନିଗ୍ଧ ହୃଦୟର ବିଶଦ ଚିତ୍ର ଦେବାପାଇଁ କବି ଏକ ଅବସର ସୃଷ୍ଟି କରିଛନ୍ତି ।

ଅଃ ଶଃ ରେ କବି ଦୁଷ୍ମନ୍ତଙ୍କ ମୁଖରେ ପ୍ରକାଶ କରିଛନ୍ତି,

"କାମଂ ପ୍ରିୟା ନ ସୁଲଭା ମନସ୍ତୁ ତଦ୍ଭାବଦର୍ଶନାଶ୍ୱାସି,
ଅକୃତାର୍ଥେଽପି ମନସିଜେ ରତିମୁଭୟପ୍ରାର୍ଥନା କୁରୁତେ ।

ଅର୍ଥାତ୍ ଶକୁନ୍ତଳାଙ୍କୁ ଲାଭକରିବା ସହଜ ନୁହେଁ ବୋଲି ମୁଁ ଜାଣିଲେ ମଧ୍ୟ ମୋର ଚିତ୍ତ ତାଙ୍କର ହାବଭାବ ଓ ମଧୁର ଆକାର ଇଙ୍ଗିତ ଲକ୍ଷ୍ୟକରିବାପାଇଁ ଉନ୍ମତ୍ତ ହୋଇଉଠିଛି । ଆମ ଦୁଇଜଣଙ୍କର ପାରସ୍ପରିକ ଅଭିଳାଷ ଅପୂର୍ଣ୍ଣ ରହିଛି, କେହି କାହାରିକୁ ଭୋଗକରିପାରି ନ ଥିଲେ ମଧ୍ୟ ଦୁଇ ଜଣଙ୍କର ଚିତ୍ତ ପାରସ୍ପରିକ ଅନୁରାଗସୂଚକ ଭାବଭଙ୍ଗୀ ଦେଖି ଏକାନ୍ତ ପ୍ରୀତି ଲାଭକରିଛି ।

ଶକୁନ୍ତଳା ତାଙ୍କ ପ୍ରେମଦୃଷ୍ଟିରେ ଏକ ଅଭୂତପୂର୍ବ ସ୍ତ୍ରୀରତ୍ନ ସୃଷ୍ଟି । ବିଧାତା ଚିତ୍ରରେ ଜୀବନ୍ୟାସ ଦେଇ ସତେ ଯେପରି ତାଙ୍କ ଶରୀର ନିର୍ମାଣ କରିଛନ୍ତି (୧) । ଶକୁନ୍ତଳାଙ୍କ ପ୍ରତି ଦୁଷ୍ମନ୍ତଙ୍କ

---

(୧) ଚିତ୍ରେ ନିବେଶ୍ୟ ପରିକଳ୍ପିତ ସତ୍ତ୍ୱଯୋଗା
ରୂପୋଚ୍ଚୟେନ ମନସା ବିଧିନା କୃତାନୁ ।
ସ୍ତ୍ରୀ ରତ୍ନ ସୃଷ୍ଟିରପରା ପ୍ରତିଭାତି ସା ମେ,
ଧାତୁର୍ବିଭୁତ୍ୱ ମନୁଚିନ୍ତ୍ୟ ବପୁଶ୍ଚ ତସ୍ୟାଃ ।
ଅଃ ଶଃ, ୨ୟ ଅଙ୍କ

ହୃଦୟର ଏହି ଅହେତୁକୀ ଅନୁରାଗ ହେତୁ ତପୋବନର ସବୁ କିଛି ତାଙ୍କୁ କାନ୍ତ ଓ ମଧୁମୟ ବୋଧହୋଇଛି । ସେଥିପାଇଁ ସେ ମୃଗୟାବେଶ ପରିହାର କରି ତପୋବନ ଓ ତା'ର ନିକଟବର୍ତ୍ତୀ କାନନରେ ହିଂସାତ୍ମକ ମୃଗୟାର ଚହଲ ସୃଷ୍ଟି ନକରିବାପାଇଁ ସେନାପତିଙ୍କୁ ଆଦେଶ ଦେଇଛନ୍ତି । ଯେଉଁ କୁରଙ୍ଗ ପ୍ରିୟତମା ଶକୁନ୍ତଳାସହ ବାସ କରି ତାଙ୍କୁ ସୁନ୍ଦର କଟାକ୍ଷଭଙ୍ଗୀ ଶିଖାଦେଇଛି, ତାକୁ ମାରିବାପାଇଁ ତାଙ୍କର ଆଉ ପ୍ରବୃତ୍ତି ହୋଇନାହିଁ ।

ମେହେର ଦ୍ୱିତୀୟ ସର୍ଗର ଆରମ୍ଭରେ ରାଜାଙ୍କର ମୃଗୟା-ନିଷେଧର ସୂଚନା ଦେଇ ଶିବିର ମଣ୍ଡପରେ ଦୁଷ୍ମନ୍ତଙ୍କର ଶକୁନ୍ତଳାଙ୍କ ସହିତ ମିଳିତ ହେବାର ଆବେଗ ଓ ଉତ୍କଣ୍ଠାର ବିଶଦ ବର୍ଣ୍ଣନା ଦେଇ ନିଜର କଳ୍ପନା ସ୍ୱାତନ୍ତ୍ର୍ୟର ପରିଚୟ ଦେଇଛନ୍ତି । ଶକୁନ୍ତଳାଙ୍କର ଅଙ୍ଗସଙ୍ଗ ପାଇଁ ତାଙ୍କ ହୃଦୟରେ ଯେଉଁ ବାସନା ଜାତ ହୋଇଛି, ତାକୁ ବିବେକ ଦ୍ୱାରା ଅନୁମୋଦିତ କରାଇବାର କଳ୍ପନା ବାସ୍ତବିକ୍ ଅତି ହୃଦ୍ୟ ହୋଇଛି । କବିଙ୍କ ଭାଷାରେ—

"ହୃଦୟ ଚଳିଲୁ ବିବେକ ଲୋଡ଼ିଲା
ଅଙ୍ଗ-ସମ୍ମିଳନ ପଥ,
ଉଭାହୋଇ ମନ ବୋଇଲା, ବିବେକ,
ପୂରିଛି ତୋ ମନୋରଥ ।

ପ୍ରତ୍ୟକ୍ଷ ଦେଖିଛୁ ହୋଇଯାଇଅଛି
କର କର ସମ୍ମିଳନ,
କର ସମର୍ପଣେ ବୁଝିଛୁ ଅମତ
ନ ଥିଲା ବାଳାର ମନ ।

ମନର ସମ୍ମତି          ଥିବା ବିଷୟରେ
ପ୍ରମାଣ ଯଦ୍ୟପି ଗୃହୁଁ,
କୁରୁବକ କଣ୍ଟା          ଲଗାଇ ଗ୍ରହିଲି
କହ କି କରନ୍ତା ଆଉ ?" ଇତ୍ୟାଦି ।

କାଳିଦାସ ଅଃ ଶଃ ରେ ମନ ଓ ବିବେକ ସଂଘର୍ଷର ନାଟକୀୟ ଅଭିବ୍ୟକ୍ତି ନ ଦେଇଥିଲେ ମଧ୍ୟ ରାଜାଙ୍କର ଶକୁନ୍ତଳାଙ୍କ ସହିତ ଦୈହିକ ମିଳନର ସମ୍ଭାବନା ସମ୍ପର୍କରେ ଯେଉଁ କେତୋଟି ଆବେଗସମ୍ବନ୍ଧ ବିଚାର ତାଙ୍କର ସଂଳାପରେ ପରିସ୍ଫୁଟ କରିଛନ୍ତି, ସେଇଥିରେ ଦୁଷ୍ମନ୍ତଙ୍କ ଚରିତ ଅଧିକ ବାସ୍ତବ ତଥା ଜୀବନ୍ତ ହୋଇଉଠି ବୋଲି ମନେହୁଏ । ଦ୍ୱିତୀୟ ଅଙ୍କର ପ୍ରାରମ୍ଭରେ କବି ରାଜାଙ୍କ ସଂଳାପରେ ଶକୁନ୍ତଳାଙ୍କ ସହିତ ମିଳିତ ହେବାପାଇଁ ତାଙ୍କ ପ୍ରତି ରାଜାଙ୍କର ହୃଦୟାବେଗ ଓ ଆକର୍ଷଣର ଯେପରି ମନୋଜ୍ଞ ସୂଚନା ଦେଇଛନ୍ତି, ସେହିପରି ତାଙ୍କ ପ୍ରକୃତିସ୍ଥ ଚିତ୍ତର ଏକ ଯୁକ୍ତିଯୁକ୍ତ ରୂଢ଼ ବାସ୍ତବ ସତ୍ୟର ସଙ୍କେତ ମଧ୍ୟ ଦେଇଛନ୍ତି । ଦୁଷ୍ମନ୍ତ ଭାବିଛନ୍ତି—'ପ୍ରଣୟପ୍ରାର୍ଥୀମାନେ ନିଜର ସୁବିଧା ଓ ନିଜର ମତାନୁକୂଳ କରି ପ୍ରଣୟାସ୍ପଦ ( ପ୍ରଣୟିନୀ ) ର ହୃଦୟର ଅବସ୍ଥା କଳ୍ପନାକରି କେତେ ସୁଖ ପାଆନ୍ତି; କିନ୍ତୁ ଏହାଦ୍ୱାରା ପ୍ରଣୟୀକୁ ଉପହସିତ ହେବାକୁ ହୁଏ । ତାଛଡ଼ା ଶକୁନ୍ତଳା ପରାଧୀନା । ତାଙ୍କର ଅଭିଭାବକ ଅନୁପସ୍ଥିତ । ପୁଣି ଅଯାଚ୍ୟ ପୁଣ୍ୟରାଶିର ଅଖଣ୍ଡ ଫଳସ୍ୱରୂପିଣୀ ଶକୁନ୍ତଳା କାହା ପାଇଁ ଉଦ୍ଦିଷ୍ଟ, ତାହା କିଏ କହିବ ? ( ୨ )" ତଥାପି ଶକୁନ୍ତଳା ଅଣା ତ୍ୟାଗ-

(୨) ଅଖଣ୍ଡ ପୁଣ୍ୟାନାଂ ଫଳମିବ ଚ ତଦ୍ରୂପମନଘଂ
ନ ଜାନେ ଭୋକ୍ତାରଂ କମିହ ସମୁପସ୍ଥାସ୍ୟତି ବିଧିଃ ।

କରିପାରିନାହାନ୍ତି । ରାଜାଙ୍କ ଚରିତ୍ରରେ ଯୁକ୍ତି ଓ ଆବେଗର ଭାରସାମ୍ୟ ରକ୍ଷାକରିବାକୁ ଯାଇ କବି ରାଜାଙ୍କ ମୁଖରେ ପ୍ରକାଶ କରିଛନ୍ତି—

"ଅଭିମୁଖେ ମୟି ସଂହୃତ ମୀକ୍ଷିତଂ ହସିତମନ୍ୟ ନିମିତ୍ତ କୃତୋ ଦୟମ୍ ।
ବିନୟବାରିତ ବୃତ୍ତିରତସ୍ତୟା ନ ବିବୃତୋ ମଦନୋ ନ ଚ ସଂବୃତଃ ।

—ଅର୍ଥାତ୍ ତାପସଦୁହିତାମାନେ ସ୍ୱଭାବତଃ ଶାନ୍ତ ଓ ଅଚଞ୍ଚଳ । ତଥାପି ମୁଁ ଯେତେବେଳେ ତାଙ୍କର ଚକ୍ଷୁ ସମକ୍ଷରେ ପଡ଼ୁଛି, ସେତେବେଳେ ଶକୁନ୍ତଳା ଚକ୍ଷୁ ଫେରାଇ ନେଇଛନ୍ତି । କୌଣସି ପ୍ରକାରେ ଟୋଗାଏ ଛଳନାକରି ହସିଉଠିଛନ୍ତି; କିନ୍ତୁ ମୁଁ ଉତ୍ତମରୂପେ ବୁଝିପାରୁଛି ଯେ, ସେ ହସ କେବଳ ମୋପାଇଁ । ତେଣୁ ଶିକ୍ଷା ଓ ଲଜ୍ଜାର ଆବରଣରେ ସେ ଯଦିଓ ମୋ ପ୍ରତି ତାଙ୍କର ହୃଦୟର ଅନୁରାଗକୁ ଢାଙ୍କିବାକୁ ଚେଷ୍ଟାକରିଛନ୍ତି; ତଥାପି ସଂପୂର୍ଣ୍ଣ ଭାବରେ ସେ ଅନୁରାଗ ଗୁପିପାରି ନାହାନ୍ତି ।

ପୁଣି ରାଜା ବିଦୂଷକଙ୍କୁ କହିଛନ୍ତି—

ଦର୍ଭାଙ୍କୁରେଣ ଚରଣଃ କ୍ଷତ ଇତ୍ୟକାଣ୍ଡେ
ତନ୍ୱୀ ସ୍ଥିତା କତିଚଦେବ ପଦାନି ଗତ୍ୱା ।
ଆସୀଦ୍ ବିବୃତ୍ତବଦନା ଚ ବିମୋଚୟନ୍ତୀ
ଶାଖାସୁ ବଲ୍‌କଲମସକ୍ତମପି ଦ୍ରୁମାଣାମ୍ ।

ଅଙ୍ଗସମ୍ମିଳନ ପାଇଁ କାଳିଦାସଙ୍କର ପ୍ରଣୟୀ ଓ ପ୍ରଣୟିନୀଙ୍କର ଭାବାବେଗ ଓ ଚିନ୍ତାର ଅଭିବ୍ୟକ୍ତିକୁ ଯଥେଷ୍ଟ ମନେ ନ କରି ମେଘଦୂତର ପ୍ରଣୟୀ ଓ ପ୍ରଣୟିନୀଙ୍କ ଅନ୍ତରର ଯେଉଁ ପ୍ରଶସ୍ତ ମନୋଜ୍ଞ ଛବି ଅଙ୍କନ କରିଛନ୍ତି, ସେଇଥିରେ ମେଘଦୂତଙ୍କର ମୌଳିକ ଦୃଷ୍ଟିଭଙ୍ଗୀ ଓ କଳ୍ପନା-କୁଶଳତାର ସାର୍ଥକ ପରିଚୟ

ମିଳେ । ପ୍ରଣୟୀ ସହିତ ମିଳିତ ହେବାପାଇଁ ପ୍ରଣୟିନୀର ଉତ୍କଣ୍ଠାକୁ କବି ରୂପାୟିତ କରିବାକୁ ଯାଇ ଲେଖିଛନ୍ତି—

"ହୃଦୟ-ମନ୍ଦିରେ ନବ ପ୍ରତିଷ୍ଠିତ
ନୃପତି-ପ୍ରୀତି-ପ୍ରତିମା
କରି ଜୀବନରେ ଭରି ଦେଉଥାଏ
ଦିବ୍ୟ ନବ ମାଧୁରିମା ।

× × ×

ମନେ ଭାବେ, ଯାଙ୍କୁ ହୃଦୟେ ପୂଜୁଛି,
ପୂଜି ପାରିବି କି କରେ ?
ପୁନର୍ଦରଶନ ଆଶା ଦେଇଛନ୍ତି,
ସତେ କି ଆସିବେ ଥରେ ?

× × ×

ଦରଶନ ଦେବେ ସତ, କିନ୍ତୁ ଯଦି
ଦାସୀ ନ କରିବେ ପଦେ,
ନାମେ ତପସ୍ୱିନୀ ଥାଇ ମରୁଥିବି
ଝୁରି ଏ ଆଶ୍ରମପଦେ ।"

ଅଭିଜ୍ଞାନ ଶାକୁନ୍ତଳମ୍‌ରେ ପ୍ରଣୟୀ ସହିତ ପ୍ରଣୟିନୀର ଅନ୍ତରାଲୋଡ଼ନର ଏ ପ୍ରକାର ଚିତ୍ର ପରିଲକ୍ଷିତ ହୁଏ ନାହିଁ ।

## ତୃତୀୟ ସର୍ଗ :—

ଦ୍ୱିତୀୟ ସର୍ଗରେ ମେହେର ପ୍ରଣୟୀ ପ୍ରଣୟିନୀଙ୍କର ପରସ୍ପର ସହିତ ମିଳିତ ହେବାର ନିବିଡ଼ ଉତ୍କଣ୍ଠାକୁ ଆବେଗମୟୀ ଭାଷାରେ ରୂପ ଦେଇ ଏହି ସର୍ଗରେ ଉଭୟଙ୍କର ବେତସ କୁଞ୍ଜରେ ମିଳନ ଓ ତାର ଆନୁପୂର୍ବିକ ଅନୁକୂଳ ପରିବେଶ ଉପରେ ଗୁରୁତ୍ୱ ଦେଇଥିବାରୁ ଅଭିଜ୍ଞାନ ଶାକୁନ୍ତଳମ୍‌ର ଦ୍ୱିତୀୟ ଅଙ୍କପର ତୃତୀୟ ଅଙ୍କର କେତେକ ଅବାନ୍ତର (ଗୌଣ, ପ୍ରସଙ୍ଗ ପରିହାର କରି ପ୍ରସଙ୍ଗ ସଜ୍ଜା ଓ ବର୍ଣ୍ଣନାରେ ନିଜର ସ୍ୱାତନ୍ତ୍ର୍ୟର ପରିଚୟ ଦେଇଛନ୍ତି ।

ଅଭିଜ୍ଞାନ ଶାକୁନ୍ତଳମ୍‌ର ତୃତୀୟ ଅଙ୍କ ଆରମ୍ଭରେ କାଳିଦାସ କଣ୍ୱଶିଷ୍ୟଙ୍କ ମୁଖରେ ରାଜାଙ୍କର ବୀରତ୍ୱ ଓ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଯୋଗୁଁ ଆଶ୍ରମରେ ଯାଗଯଜ୍ଞ ନିର୍ବିଘ୍ନରେ ସମ୍ପାଦିତ ହେବାର ସୂଚନା ଦେଇଛନ୍ତି । ପ୍ରଣୟ ବଲ୍ଲରୀରେ ଏହାର ସୂଚନା ଦିଆଯାଇ ନାହିଁ ।

ଉଭୟ କବି ପ୍ରଣୟୀ ପ୍ରଣୟିନୀଙ୍କର ବଳବତୀ ଭାବୀ ମିଳନାକାଙ୍‌କ୍ଷାର ଚିତ୍ର ଦେଇଥିଲେ ମଧ୍ୟ କାଳିଦାସ ଦୁଷ୍ମନ୍ତଙ୍କ ଚିନ୍ତାଧାରାରେ ଶକୁନ୍ତଳା ପ୍ରାପ୍ତିଜନିତ ପ୍ରତିବନ୍ଧକର ସୂଚନା ଦେଇ ପ୍ରେମୋଦ୍‌ବେଳିତ ହୃଦୟ ଓ ପ୍ରଣୟର ପରିଣତି ସମ୍ପର୍କିତ ସଚେତନ ଚିତ୍ତ ମଧ୍ୟରେ ଭାବସାମ୍ୟ ରକ୍ଷାକରି ଚରିତ୍ର ସୃଷ୍ଟିରେ ନିଜର ବାସ୍ତବ ଦୃଷ୍ଟିଭଙ୍ଗୀର ପରିଚୟ ଦେଇଛନ୍ତି । ଦୁଷ୍ମନ୍ତଙ୍କ ମୁଖରେ କବି ପ୍ରକାଶ କରିଛନ୍ତି—

"ଜାନେ ତପସୋ ବୀର୍ଯ୍ୟଂ ସା ବାଲା ପରବତୀତି ମେ ବିଦିତମ୍ ।
ଅଲମସ୍ମି ତତୋ ହୃଦୟଂ ତଥାପି ନେଦଂ ନିବର୍ତ୍ତୟିତୁମ୍ ।"

ଅର୍ଥାତ୍, ତପସ୍ୟାର କ୍ଷମତା ଯେ କେତେ ପ୍ରବଳ ଏବଂ ସେଇ ବାଳିକା (ଶକୁନ୍ତଳା) ସଂପୂର୍ଣ୍ଣରୂପେ ତପସ୍ୱୀର ଯେ କେତେ ଅଧୀନ, ଏହା ମୁଁ ଭଲ ଭାବରେ ଜାଣେ । ତଳେ ମାତ୍ର ସୀମା ଅତିକ୍ରମ କଲେ ଯେଉଁ ଭୟଙ୍କର ପରିଣାମ ଘଟିଥାଏ, ତାହା ଜାଣେ । ତେବେ ସୁଦ୍ଧା ଶକୁନ୍ତଳାଙ୍କଠାରୁ ମୋର ହୃଦୟକୁ ମୁଁ ଫେରାଇ ଆଣିପାରୁ ନାହିଁ ।

କିନ୍ତୁ ମେହେରଙ୍କ ରଚନାରେ ଦୁଷ୍ମନ୍ତଙ୍କର ଶକୁନ୍ତଳାଗତ ପ୍ରଣୟସ୍ନିଗ୍ଧ ହୃଦୟ ପ୍ରତିବନ୍ଧକ ବା ପରିଣତି ଚିନ୍ତାରେ ନିଜକୁ ଭାରାକ୍ରାନ୍ତ କରିନାହିଁ । ଶକୁନ୍ତଳାଙ୍କ ସହ ଭାବୀ ମିଳନର ମଧୁମୟୀ କଳ୍ପନାରେ ଦୁଷ୍ମନ୍ତଙ୍କର ରଜନୀ ପ୍ରଭାତ ହୋଇଛି । ଶକୁନ୍ତଳାଙ୍କ ସହ ମିଳନର ଉତ୍କଣ୍ଠାରେ ହୃଦୟ ତାଙ୍କର ଏତେଦୂର ଉଦ୍‌ବେଳିତ ହୋଇ ପଡ଼ିଛି ଯେ, ସମଗ୍ର ପ୍ରକୃତି ତାଙ୍କୁ ମଧୁମୟ ପ୍ରତୀତ ହୋଇଛି । ପ୍ରାତଃକୃତ୍ୟ ସମାପନ କରି ମିଳନର ଆଶା ମନରେ ପୋଷଣ କରି କାନନ ଭ୍ରମଣ ଛଳରେ ମାଳିନୀ ତୀରରେ ଦୁଷ୍ମନ୍ତ ଅଗ୍ରସର ହୁଅନ୍ତି । ତପୋବନର ଯେଉଁ ପ୍ରକୃତି ତାଙ୍କୁ ସାତ୍ତ୍ୱିକତାପୂର୍ଣ୍ଣ ବୋଧ ହେଉଥିଲା, ସେ ପ୍ରକୃତି ତାଙ୍କୁ କାନ୍ତିମୟ ବୋଧ ହେଉଛି । ସବୁଠି ସେ ମିଳନର ମଧୁର ସଙ୍କେତ ଲକ୍ଷ୍ୟ କରୁଛନ୍ତି । ସମଗ୍ର ପ୍ରକୃତି ଯେପରି ଶକୁନ୍ତଳାମୟ ହୋଇଯାଇଛି ।

ଅଭିଜ୍ଞାନ ଶାକୁନ୍ତଳମ୍‌ରେ ଶକୁନ୍ତଳାଙ୍କ ସହ ପ୍ରଣୟର ଭାବୀ ପରିଣତିର ରୁକ୍ଷଚିନ୍ତା ଦୁଷ୍ମନ୍ତଙ୍କ ମନରେ ଉଦିତ ହେଉଥିଲେ ମଧ୍ୟ କାମାନଳ ଦଗ୍ଧ ତାଙ୍କର ଚିନ୍ତାଧାରାରେ ଦୈହିକ ମିଳନର ଉଦ୍ଦାମତା ପ୍ରକାଶ ପାଇଛି । ସେ କନ୍ଦର୍ପତାପରେ ପୀଡ଼ିତ ହୋଇ ମଦନକୁ ସମ୍ବୋଧନ କରି କହୁଛନ୍ତି—

"ତବ କୁସୁମଶରତ୍ୱଂ ଶୀତରଶ୍ମିତ୍ୱମିନ୍ଦୋ
ଦ୍ୱୟମିଦମଯଥାର୍ଥଂ ଦୃଶ୍ୟତେ ମଦ୍‌ବିଧେଷୁ ।
ବିସୃଜତି ହିମ ଗର୍ଭୈରଗ୍ନିମିନ୍ଦୁର୍ମୟୂଖୈ
ସ୍ତ୍ୱମପି କୁସୁମବାଣାନ୍ ବଜ୍ରସାରୀକରୋଷି ।"

ଅର୍ଥାତ୍ କାମୀବ୍ୟକ୍ତିଗଣ କାମାନଳରେ ଦଗ୍ଧ ହୋଇ କନ୍ଦର୍ପ ଓ ଶୀତରଶ୍ମି ଚନ୍ଦ୍ରର ଆଶ୍ରୟ ନିଅନ୍ତି । କିନ୍ତୁ ଉଭୟେ ସେମାନଙ୍କୁ ପ୍ରବଞ୍ଚିତ କରନ୍ତି । କନ୍ଦର୍ପର କୁସୁମବାଣ ଓ ଚନ୍ଦ୍ରର ଶୀତଳ କିରଣ ଦୁଷ୍ମନ୍ତଙ୍କ ପରି ହତଭାଗ୍ୟମାନଙ୍କ ପକ୍ଷରେ ବିପରୀତ ହୋଇଥାଏ । ଚନ୍ଦ୍ର ଶୀତଳ କିରଣ ଦ୍ୱାରା ସତେ ଯେପରି ଅଗ୍ନି ବର୍ଷଣ କରେ ଏବଂ କନ୍ଦର୍ପର ଫୁଲବାଣ ଗୁଡ଼ିକ ବଜ୍ରପରି କଠିନ ହୋଇ କାମୀ-ବ୍ୟକ୍ତିମାନଙ୍କୁ ଆହତ କରେ ।

ଶକୁନ୍ତଳା ସଖୀମାନଙ୍କ ସହିତ ମଧ୍ୟାହ୍ନ ସମୟରେ ମାଳିନୀ ତଟସ୍ଥ ଲତାକୁଞ୍ଜ ଗୁଡ଼ିକରେ ସମୟ ଅତିବାହିତ କରନ୍ତି, ଏହି ସମ୍ଭାବନା କରି ଯଜ୍ଞ ପରେ ଦୁଷ୍ମନ୍ତ ନିଜର ଶାନ୍ତ ହୃଦୟକୁ ରସସିକ୍ତ କରିବାପାଇଁ ମାଳିନୀ ତୀରସ୍ଥ କୁଞ୍ଜ ଉଦ୍ଦେଶ୍ୟରେ ଯାତ୍ରା କରିଛନ୍ତି ଏବଂ ପଦ୍ମଗନ୍ଧରେ ସୁରଭିତ ଓ ମାଳିନୀର ଶୀକରସିକ୍ତ ଶୀତଳ ବାୟୁରେ ଅପୂର୍ବ ପୁଲକ ଅନୁଭବ କରିଛନ୍ତି ।

କିନ୍ତୁ ମେହେର ଦୁଷ୍ମନ୍ତଙ୍କର ଭାବୀ ମିଳନଜନିତ ଉଦ୍ଧାମତାକୁ ବିସ୍ତୃତ, ମଧୁର, ଅଥଚ ସଂଯତ ଭାବରେ ରୂପ ଦେଇ ଅଲକ୍ଷିତରେ ତାଙ୍କୁ ମାଳିନୀ ତୀରରେ ଅଗ୍ରସର କରାଇଛନ୍ତି । ନଦୀତୀରସ୍ଥ ପ୍ରକୃତିର ମଧୁମୟୀ ଦୃଶ୍ୟରେ ଆତ୍ମହରା ହୋଇ ମାଳିନୀର ଶୀର୍ଣ୍ଣ ଶୀତଳ ଜଳଧାର ତୀରେ ତୀରେ ଅଗ୍ରସର ହେଉଁ ହେଉଁ ଅଦୂରର ନିବିଡ଼

ସୁରମ୍ୟ ବେତସବନ ତାଙ୍କର ଦୃଷ୍ଟି ଆକର୍ଷଣ କରେ ଏବଂ ସୈକତ ପଥରେ ବେତସକୁଞ୍ଜ ଅଡ଼କୁ ନରପଦଚିହ୍ନ ପଡ଼ିଥିବାର ଦେଖି ମୁନିକୁମାରୀମାନେ ବେତସକୁଞ୍ଜରେ ମଧ୍ୟାହ୍ନ ଯାପନ କରିବାକୁ ଯାଇଥିବେ ବୋଲି ମନେ ମନେ ତର୍କଣା କରନ୍ତି । ନିବିଡ଼ ବେତସବନର ଘନ ଛାୟାତଳେ ତାଙ୍କର ଭାବୀ ମିଳନର ସଙ୍କେତସ୍ୱରୂପ ରଥାଙ୍ଗ ଦମ୍ପତିଙ୍କୁ ଗୋଟିଏ ତରୁ ଶାଖାରେ ଉପବେଶନ କରିଥିବାର ଦେଖି ଅଲକ୍ଷିତ ଭାବରେ ଶୀତଳ ମସୃଣ ଉପଲରେ ବସିଯାଆନ୍ତି ।

କିନ୍ତୁ ଅଭିଜ୍ଞାନ ଶାକୁନ୍ତଳମ୍‌ରେ ମାଲିନୀତୀରସ୍ଥ ବେତସକୁଞ୍ଜ ଦ୍ୱାରରେ ଅପ୍ରତ୍ୟାବର୍ତ୍ତିତ ନରପଦଚିହ୍ନ ଦେଖି ଶକୁନ୍ତଳାଙ୍କର ପଦଚିହ୍ନ ବୋଲି (ପଦ ଚିହ୍ନର ସମ୍ମୁଖଭାଗଟା ଅଗଭୀର ଓ ପଶ୍ଚାତ୍‌ଭାଗ ଗଭୀର ହୋଇଥିବାର ଦେଖି ନିତମ୍ବିନୀ ଶକୁନ୍ତଳାଙ୍କର ନିତମ୍ବର ଗୁରୁଭାର ହେତୁ ପଦର ପଶ୍ଚାତ ଭାଗରେ ତାର ପ୍ରଭାବ ପଡ଼ିବାର ତର୍କଣା କରିଛନ୍ତି (୧) ) ରାଜାଙ୍କର ସ୍ଥିର କରି ନେବାର କଳ୍ପନା କାବ୍ୟିକ ହେଲେ ମଧ୍ୟ ଏକାନ୍ତ ଅସ୍ୱାଭାବିକ ବୋଧହୁଏ । ପୁଣି ଦୁଷ୍ମନ୍ତ କୁଞ୍ଜଦ୍ୱାର ନିକଟରେ ଉପସ୍ଥିତ ହୋଇ ବୃକ୍ଷର ଅନ୍ତରାଳରେ ଥାଇ ଚାହିଁ ଦେଖନ୍ତି ଯେ, କୁଞ୍ଜ ମଧ୍ୟରେ ପୁଷ୍ପାକୀର୍ଣ୍ଣ ଏକ ବିସ୍ତୃତ ପ୍ରସ୍ତର ଉପରେ ଶକୁନ୍ତଳା ଶୟନ କରିଛନ୍ତି । ସଖୀଦ୍ୱୟ ପାର୍ଶ୍ୱଦେଶରେ ବସି ପଦ୍ମଦଳରେ ବ୍ୟଜନ କରୁଛନ୍ତି । ସେମାନଙ୍କର ମଧୁର ଆଳାପ ଶ୍ରବଣ କରିବା ପାଇଁ ରାଜା ସେଠାରେ ଠିଆ ହୋଇ ରହିଯାନ୍ତି ।

---

(୧) ଅଭ୍ୟୁନ୍ନତା ପୁରସ୍ତାଦବଗାଢ଼ା ଜଘନ ଗୌରବାତ୍ ପଶ୍ଚାତ୍ ।
ଦ୍ୱାରେଽସ୍ୟ ପାଣ୍ଡୁସିକତେ ପଦପଙ୍କ୍ତିର୍ଦୃଶ୍ୟତେଽଭିନବା ।

ମେହେର ଶକୁନ୍ତଳାଙ୍କ ସହିତ ଦୁଷ୍ମନ୍ତଙ୍କର ମିଳନକୁ ଅଧିକ ନାଟକୀୟ ତଥା ଚିତ୍ତାକର୍ଷକ କରିବାପାଇଁ କୁଞ୍ଜଦ୍ୱାର ନିକଟରେ ତାପସ ଦୁହିତାଙ୍କ ଅଲକ୍ଷ୍ୟରେ ରାଜାଙ୍କର ଉପସ୍ଥିତି ଘଟାଇବା ପୂର୍ବରୁ ରମଣୀ କଣ୍ଠର ମଧୁର ଭାବପୂର୍ଣ୍ଣ ସଙ୍ଗୀତ ଶୁଣାଇ ସ୍ୱାଭାବିକଭାବରେ ସେହି ଦିଗଭ୍ରାନ୍ତ ରାଜାଙ୍କର ଚିତ୍ତ ଆକୃଷ୍ଟ କରିଛନ୍ତି । ଦୁଷ୍ମନ୍ତ ଓ ଶକୁନ୍ତଳାଙ୍କର ପ୍ରଥମ ସାକ୍ଷାତ ଓ ସାମୟିକ ବିଚ୍ଛେଦକୁ କବି ପଦ୍ମିନୀ ଓ ଭାସ୍କରର ମିଳନ ତଥା ବିରହର ରୂପକ ଛଳରେ ଅଭିବ୍ୟକ୍ତ କରି ରାଜାଙ୍କର ମିଳନୋତ୍କଣ୍ଠାକୁ ଯେପରି ଘନୀଭୂତ କରିଛନ୍ତି, ସେଥିରେ ମେହେରଙ୍କର ମୌଳିକତାର ଅପୂର୍ବ ପରିଚୟ ମିଳେ ।

କବି ଲେଖିଛନ୍ତି—

"ବିପିନ ଭିତରେ ସରେ କମଳିନୀ
ଥିଲା ଗିରି ଅନ୍ତରାଳେ,
ଜନମ କାଳରୁ ଦର୍ଶନ ନ ଥିଲା
ଦିବାକର କରଜାଳେ ।

ଦକ୍ଷିଣ ଭ୍ରମଣ ଶେଷ କରି ଏବେ
ଦର୍ଶନ ଦେଲେ ଭାସ୍କର,
ଦରଶନ ମାତ୍ର ଦେଲେ ଚଳିଥାନ୍ତା
ବଢ଼ାଇଲେ ପୁଣି କର ।

ସେ କର-ସ୍ପର୍ଶ ଲଭି କମଳିନୀ
ହୋଇଗଲା ମୁହ୍ୟମାନ,
ଏକାଳେ ଜଳଦ- ଜାଲ ଆଚ୍ଛାଦିଲା
ରବି ହେଲେ ଅନ୍ତର୍ଦ୍ଧାନ ।

'ପ୍ରଭାତରେ ପୁଣି ଉଇଁବାକୁ ରବି
ଦେଇଯାଇଥିଲେ ଆଶା,
'ନଳିନୀ ରହିଛୁ ପ୍ରଭାତକୁ ଗାଢ଼େ
ଅନାଇ ଉଦୟ-ଆଶା ।"

ବେତସକୁଞ୍ଜରେ ଶକୁନ୍ତଳାଙ୍କର ମାନସିକ ତଥା ଦୈହିକ ଅବସ୍ଥା ଓ ସଖୀମାନଙ୍କର କଥୋପକଥନ ସମ୍ପର୍କରେ କାଳିଦାସ ଯାହା ଉଲ୍ଲେଖ କରିଛନ୍ତି, ସେଥିର ପ୍ରସଙ୍ଗର ସ୍ୱାଭାବିକତା ଦୃଷ୍ଟିରୁ ତାର ବ୍ୟତିକ୍ରମ ଘଟାଇ ଅଛନ୍ତି । ଅଭିଜ୍ଞାନ ଶାକୁନ୍ତଳମ୍‌ରେ ଶକୁନ୍ତଳା ପ୍ରଣୟ ଓ ଭାବୀମିଳନଜନିତ ଉତ୍କଣ୍ଠାର ନିବିଡ଼ତା ହେତୁ ଏକ ଦିଗରେ ମଦନତାପ ଓ ଅନ୍ୟ ଦିଗରେ ଗ୍ରୀଷ୍ମତାପ ଅସହ୍ୟ ବୋଧ କରିବାରୁ ସଖୀଦ୍ୱୟ ଉଶୀର, ପଦ୍ମଦଳ ଓ ମୃଣାଳ ପ୍ରଭୃତି ଶୀତଳ ଉପଚାର ପ୍ରୟୋଗରେ ବ୍ୟସ୍ତ ରହିଛନ୍ତି । ରାଜର୍ଷିଙ୍କର ଦର୍ଶନ ଶକୁନ୍ତଳାଙ୍କର ଏ ଅସୁସ୍ଥତାର କାରଣ ବୋଲି ଅନୁମାନ କରି ଅନସୂୟା ଶକୁନ୍ତଳାଙ୍କୁ କାରଣ ଜିଜ୍ଞାସା କରିବାରୁ ଶକୁନ୍ତଳା ଦୁଃଖର କଥା କହି ସଖୀମାନଙ୍କୁ ଦୁଃଖ ଦେବାକୁ ଅନିଚ୍ଛା ପ୍ରକାଶ କରିଛନ୍ତି । ସଖୀମାନେ ଜିଦ୍ ଧରିବାରୁ ଶକୁନ୍ତଳା ରାଜର୍ଷି ଦୁଷ୍ମନ୍ତଙ୍କର କଥା ଉଲ୍ଲେଖ କରନ୍ତି ଏବଂ ଦୁଷ୍ମନ୍ତଙ୍କର ଦୟା ଯେପରି ତାଙ୍କ ଭାଗ୍ୟରେ ଫଳବତୀ ହୁଏ, ତାର ସୂଚନା ଦେଇ ନୀରବ ରହିଛନ୍ତି ।

ଶକୁନ୍ତଳାଙ୍କର ମର୍ମସ୍ଥଳର ବାଣୀ ଶ୍ରବଣ ମାତ୍ରକେ ଦୁଷ୍ମନ୍ତଙ୍କର ଚିତ୍ତରେ ଉତ୍ଥିତ ହୋଇଥିବା ସଙ୍ଘର୍ଷର ଅବସାନ ଘଟିଯାଇଛି । ତାର ପ୍ରତିକାର ବିଧାନ ନିମିତ୍ତ ପ୍ରିୟମ୍ବଦା ଶକୁନ୍ତଳାଙ୍କୁ ଦୁଷ୍ମନ୍ତଙ୍କ ନିକଟକୁ ଏକ ପ୍ରଣୟ-ପତ୍ରିକା ଦେବତାଙ୍କର ପ୍ରସାଦ ଛଳରେ ପୁଷ୍ପ ମଧ୍ୟରେ ପଠାଇବାକୁ କହିଛି । ପ୍ରିୟମ୍ବଦାର ପରାମର୍ଶରେ

ଶକୁନ୍ତଳା ପଦ୍ମପତ୍ରରେ ନିଜର ସୁତୀକ୍ଷ୍ଣ ନଖସାହାଯ୍ୟରେ ପତ୍ରଟି ଲେଖି ସଖୀମାନଙ୍କୁ ଶୁଣାଇଛନ୍ତି—'ହେ ନିଷ୍ଠୁର ! ତୁମର ମନ ମୁଁ ଜାଣେନା, କିନ୍ତୁ ମୁଁ ତୁମଠାରେ ଏକାନ୍ତ ଅନୁରାଗିଣୀ ହୋଇ ଅହର୍ନିଶ କାମଦ୍ୱାରା ସନ୍ତାପିତ ହେଉଛି ( ୨ ) ।'

ତାପସଦୁହିତାଙ୍କ ଉପଲକ୍ଷ୍ୟରେ ଲତାର ଅନ୍ତରାଳରେ ଦଣ୍ଡାୟମାନ ରାଜା ନିଜର ପ୍ରଣୟ ପ୍ରତିମାର ମର୍ମବାଣୀ ଶ୍ରବଣକରି ନାଟକୀୟ ଭାବରେ ପ୍ରବେଶ କରି ଉତ୍ତର ଛଳରେ କହିଛନ୍ତି—

"ହେ କୃଶାଙ୍ଗି ! କନ୍ଦର୍ପ ତୁମକୁ ତାପିତ କରୁଛି ସତ୍ୟ, କିନ୍ତୁ କହିଲେ ବିଶ୍ୱାସ କରିବ ନାହିଁ ଯେ ମୋତେ ସର୍ବଦା ଦଗ୍ଧକରି ମାରୁଛି । ତୁମେ କଣ ଜାଣନା ଯେ ଦିବସରେ ଚନ୍ଦ୍ର ଯେତେ ନିପ୍ରଭ ହୁଏ, କୁମୁଦିନୀ ସେତେ ହୁଏନା (୩) ।"

କିନ୍ତୁ ପ୍ରଣୟ ବଲ୍ଲରୀରେ ମେହେର ସଖୀଦ୍ୱୟଙ୍କୁ ଦୁଷ୍ମନ୍ତଙ୍କ ପ୍ରତି ଶକୁନ୍ତଳାଙ୍କର ହୃଦୟର ଅନୁରାଗ ଚତୁରତାର ସହିତ ଅବଗତ କରାଇ ତାଙ୍କର ଅନ୍ତରର ବାସନାକୁ ଅତି ସଂଯତ ଭାବରେ ପ୍ରିୟମ୍ବଦାର ଗାନରେ ଅଭିବ୍ୟଞ୍ଜିତ କରିଛନ୍ତି ଏବଂ ଶକୁନ୍ତଳାଙ୍କର ପୂଜା ପାଇଁ ଅନସୂୟା ଦ୍ୱାରା କୁସୁମହାର ସଂଗ୍ରଥିତ କରାଇ ବେକଶ ପ୍ରସାଧନ ଛଳରେ ଅଳକ୍ଷ୍ୟରେ ଶକୁନ୍ତଳାଙ୍କୁ ପ୍ରିୟମ୍ବଦାଦ୍ୱାରା ପୁଷ୍ପବିଭୂଷିତ କରାଇଛନ୍ତି । ପୁଣି ଅନସୂୟାଙ୍କ ମୁଖରେ ପରିହାସ

---

(୨) ତୁଜ୍ଝ ଣ ଆଣେ ହିଅଅଂ ମହ ଉଣ କାମୋ ଦିବା ବ ରତ୍ତିଂ ବ ।
ଣିଗ୍‌ଘିଣ ତବଇ ବଲୀଅଂତୁଇ ବୁତ୍ତମଣୋର ହାଇ ଅଙ୍ଗାଇ ।

(୩) ତପତି ତନୁଗାତ୍ରି ମଦନସ୍ତ୍ୱାମନିଶଂ ମାଂ ପୁନର୍ଦହତ୍ୟେବ ।
ଗ୍ଲପୟତି ଯଥା ଶଶାଙ୍କଂ ନ ତଥାହି କୁମୁଦ୍‌ବତୀଂ ଦିବସଃ ।

ଛଳରେ ଦୁଷ୍ମନ୍ତଙ୍କ ଆଗମନ ବ୍ୟଞ୍ଜକ ଏକ ସଙ୍ଗୀତ ଦେଇ ଦୁଷ୍ମନ୍ତଙ୍କ ଉପସ୍ଥିତିକୁ ଅଧିକ ନାଟକୀୟ ତଥା ଚିତ୍ତାକର୍ଷକ କରିଛନ୍ତି । ମେହେରଙ୍କ ଭାଷାରେ—

"ଋତୁ ପକ୍ୱ ହେଲେ କୋକିଳ୍ ଆସଇ
ଭାଷଇ ମଧୁର ଭାଷା,
ପୁଣ୍ୟ ପକ୍ୱ ହେଲେ ପରାଣ ଦେବତା
ପୂରଣ କରନ୍ତି ଆଶା ।
ନିର୍ମଳ ଗଗନେ ଚନ୍ଦ୍ର ଥିଲେ ସିନା
ଦିଶନ୍ତି କର ଦର୍ପଣେ,
ନିର୍ମଳ ପୀରତି ଜାତ ହୋଇଥିଲେ
ପାଶକୁ ଆସନ୍ତି ଜନେ ।

× × ×

'ଗୀତ ଦିଅ ଋଣ' ପ୍ରିୟମ୍ବଦା ସଖୀ
ବୋଇଲା ପରିହାସରେ,
ବିଦ୍ୟୁତ ବେଗରେ ଆସିଲେଣି ନୃପ
ତୋ ଦିଦ୍ଧୁରବର ସ୍ୱରେ ।
'ଆସିଲେଣି ନୃପ' ଶବଦେ ଚମକି
ଶକୁନ୍ତଳା ଦେଲା ଗୃହିଁ,
ନିକୁଞ୍ଜ ଦୁଆରେ ଉଭା ହୋଇଛନ୍ତି
ପ୍ରାଣପ୍ରିୟ ନରସାଇଁ ।"

ଶକୁନ୍ତଳାଙ୍କ ହୃଦୟ ପ୍ରେମତରଙ୍ଗରେ ଉଦ୍‌ବେଳିତ ହୋଇ ଉଠୁଥିଲେ ମଧ୍ୟ ଲଜ୍ଜାର ଏକ ଆବରଣ ମଧ୍ୟରେ ତାଙ୍କର ପ୍ରଣୟିନୀ

ଚରିତ୍ରର ମାଧୁର୍ଯ୍ୟ ତଥା ଗାମ୍ଭୀର୍ଯ୍ୟ ଫୁଟାଇବା ହେଲା କବିଙ୍କର ଉଦ୍ଦେଶ୍ୟ । ସେଥିପାଇଁ ମେହେର କାଳିଦାସଙ୍କ ଶକୁନ୍ତଳାଙ୍କର ମଦନତାପଜନିତ ପୀଡ଼ା ଓ ପ୍ରଣୟ ପ୍ରତିକାର କଳ୍ପନାକୁ ପରିହାର କରିଛନ୍ତି ।

ତାପରେ କୁଞ୍ଜ ମଧ୍ୟରେ ରାଜାଙ୍କ ସହିତ ତାପସ-ଦୁହିତାଙ୍କର କଥୋପକଥନକୁ ମେହେର ଯେପରି ନାରୀସୁଲଭ ଲଜ୍ଜା ତଥା ଶ୍ଳେଷର ଆବରଣ ମଧ୍ୟରେ ରୂପାୟିତ କରିଛନ୍ତି, କାଳିଦାସ ତାହା କରିନାହାନ୍ତି । କାଳିଦାସଙ୍କ ଲେଖନୀରେ ତାପସ-ଦୁହିତା ଏପରି କି ଶକୁନ୍ତଳା ଅତି ପ୍ରଗଲ୍‌ଭା ତଥା ବାସ୍ତବବାଦିନୀ ହୋଇପଡ଼ିଛନ୍ତି । ଅଭିଜ୍ଞାନ ଶାକୁନ୍ତଳମ୍‌ରେ କୁଞ୍ଜରେ ରାଜାଙ୍କର ଉପସ୍ଥିତି ମାତ୍ରେ ସଖୀଦ୍ୱୟ ଦୁଷ୍ମନ୍ତଙ୍କୁ ସ୍ୱାଗତ କରି ଶିଳାସନରେ ବସାନ୍ତି ଏବଂ ମଦନ-ତାପଦଗ୍‌ଧ ଶକୁନ୍ତଳାଙ୍କର ଅବସ୍ଥା ତାଙ୍କ ନିକଟରେ ବର୍ଣ୍ଣନା କରିବା-କ୍ଷଣି ରାଜା ମଧ୍ୟ ନିଜର ଅନୁରୂପ ଅବସ୍ଥାର ସୂଚନା ଦିଅନ୍ତି । ରାଜାଙ୍କର ବାକ୍ୟରେ ଶକୁନ୍ତଳାଙ୍କ ଚିତ୍ତ ଆଶ୍ୱସ୍ତ ହୋଇ ପଡ଼ିନାହିଁ; ବରଂ ନିଜ ପ୍ରଣୟର ପ୍ରତିଦ୍ୱନ୍ଦିନୀ ରାଜାଙ୍କର ମହିଷୀ ସମ୍ପର୍କରେ ସଚେତନ ହୋଇ ପ୍ରିୟମ୍ବଦାକୁ ଗୁହି ରାଜାଙ୍କ ଉଦ୍ଦେଶ୍ୟରେ କହିଛନ୍ତି, "ସଖି, ରାଜର୍ଷିଙ୍କର ହୃଦୟ ମହିଷୀଙ୍କର ବିରହରେ ସର୍ବଦା ଉତ୍କଣ୍ଠିତ, ସୁତରାଂ ତାଙ୍କୁ ଉପରୋଧ ଅନୁରୋଧ କରିବା ବୃଥା ।' ପୁଣି ଶକୁନ୍ତଳାଙ୍କ ପକ୍ଷ ସମର୍ଥନ କରି ଅନସୂୟା କହୁଛି, "ବୟସ୍ୟ ! ରାଜାମାନଙ୍କର ଅନେକ ମହିଷୀ ଥାଆନ୍ତି ବୋଲି ଶୁଣିଛୁ, ସେଥି-ଯୋଗୁଁ ସଖୀ ଶକୁନ୍ତଳା ପାଇଁ ଆମ ମନରେ ଯେପରି ଦୁଃଖ ନ ହୁଏ, ତାହା ଦେଖିବେ ।" ପ୍ରଣୟମୁଗ୍‌ଧ ରାଜା ତାର ଉତ୍ତରରେ କହନ୍ତି—

"ପରିଗ୍ରହ ବହୁତ୍ୱେଽପି ଦ୍ୱେ ପ୍ରତିଷ୍ଠେ କୁଳସ୍ୟମେ ।
ସମୁଦ୍ରବସନା ଚୈର୍ବୀ ସଖୀଚ ଯୁବୟୋରୟମ୍ ।"

ମର୍ମ ହେଉଛି—"ବହୁ ମହିଷୀ ଥିଲେ ମଧ୍ୟ ମୋର କୁଳର ଶ୍ଳାଘାର କାରଣ ଦୁଇଟି—ଗୋଟିଏ ହେଉଛି ସମୁଦ୍ରବସନା ପୃଥିବୀ, ଅନ୍ୟଟି ତୁମର ଏଇ ସଖୀ ।" ପ୍ରଣୟ ବଲ୍ଲରୀରେ କୁଞ୍ଜରେ ରାଜାଙ୍କର ଅପ୍ରତ୍ୟାଶିତ ଉପସ୍ଥିତି ମାତ୍ରକେ ତାପସ-ଦୁହିତାଙ୍କର ବଦନ ଲଜ୍ଜାରେ ଅବନତ ହୋଇପଡ଼ୁଛି । ପ୍ରିୟମ୍ବଦା ଓ ଅନସୂୟାଙ୍କ ନିର୍ଦ୍ଦେଶରେ ଶକୁନ୍ତଳା ପ୍ରେମବିକମ୍ପିତ କରରେ ରାଜାଙ୍କର ପଦ-ପ୍ରକ୍ଷାଳନ କରି ଗଳଦେଶରେ କୁସୁମହାର ଲମ୍ବାଇ ଲଜ୍ଜାରେ ଅଧୋମୁଖୀ ହୋଇଛନ୍ତି । ରାଜାଙ୍କ ସହ ପ୍ରିୟମ୍ବଦାଙ୍କର ଶ୍ଳେଷପୂର୍ଣ୍ଣ ବକ୍ତବ୍ୟରେ ଶକୁନ୍ତଳା-ସମର୍ପଣ ଓ ତାଙ୍କର ଭବିଷ୍ୟତ ଯେପରି ଅତି ସଂଯତ ଓ ମଧୁର ଭାବରେ ପରିସ୍ଫୁଟ ହୋଇଛି, ତାହାର ତାପସ-ଦୁହିତାଙ୍କ ଚରିତ୍ରର ସୌନ୍ଦର୍ଯ୍ୟ ତଥା ସଂହତି ଫୁଟିଉଠିବା ସଙ୍ଗେ ସଙ୍ଗେ କବିଙ୍କର ନିଜସ୍ୱ ମାଧୁରୀ ହୃଦ୍ୟ ହୋଇଛି ।

ହରିଣଶିଶୁଟିକୁ ଜଳଦାନ ଓ ତାକୁ ତା ମା ନିକଟରେ ପହଞ୍ଚାଇବା ଛଳନାରେ ସଖୀଦ୍ୱୟ ବିଦାୟ ନେବାପରେ ମେଘଦୂତ ପ୍ରଣୟୀ ଓ ପ୍ରଣୟିନୀଙ୍କର ମିଳନର ଯେପରି ମାର୍ଜିତ ଚିତ୍ର ଦାନ କରିଛନ୍ତି, କାଳିଦାସ ତାହା କରିନାହାନ୍ତି । କାଳିଦାସ ଦୁଷ୍ମନ୍ତଙ୍କୁ ଜଣେ ଚାଟୁକାର ଓ ସ୍ତ୍ରୈଣ ଭାବରେ ଉପସ୍ଥାପିତ କରିଛନ୍ତି, କିନ୍ତୁ ଯୁବତୀସୁଲଭ ଲଜ୍ଜା ଓ ସଙ୍କୋଚର ଆବରଣ ମଧ୍ୟରେ ପ୍ରଣୟିନୀ ଶକୁନ୍ତଳା ଚରିତ୍ରର ଗାମ୍ଭୀର୍ଯ୍ୟ ରକ୍ଷାକରିଛନ୍ତି । ସଖୀମାନଙ୍କର ଚାଲି-ଯିବାରେ ଶକୁନ୍ତଳା ନିଜକୁ ଏକାକିନୀ ବୋଧ କରିବାରୁ ଦୁଷ୍ମନ୍ତ ଚାଟୁକରି କହୁଛନ୍ତି—

"କିଂ ଶୀତଳୈଃ କ୍ଲମବିନୋଦିଭିରାର୍ଦ୍ରବାତାନ୍ ।
ସଞ୍ଚାରୟାମି ନଳିନୀଦଳ ତାଳବୃନ୍ତୈଃ ।
ଅଙ୍କେ ନିଧାୟ କରଭୋରୁ ଯଥା ସୁଖଂ ତେ
ସଂବାହୟାମି ଚରଣାବୁତ ପଦ୍ମତାମ୍ରୌ ।"

ଅର୍ଥାତ୍—ଏହି ଚରଣସେବକ ତୁମର ସେବାପାଇଁ ତୁମ ନିକଟରେ ଠିଆ ହୋଇଛି, କଅଣ ଆଦେଶ କର । ପଦ୍ମଦଳ କିମ୍ବା ତାଳବୃନ୍ତରେ ବ୍ୟଜନକରି ଶ୍ରାନ୍ତି ଦୂରକରିବି ? ଅଥବା ତୁମର ଚରଣକମଳକୁ କୋଳ ଉପରେ ରଖି ସଂବାହନ କରିବି ?

ମାନ୍ୟବ୍ୟକ୍ତିଙ୍କ ମୁଖରୁ ଶକୁନ୍ତଳା ଏ ଗୁଡ଼ିକ ଶୁଣି ଲଜ୍ଜାରେ ଚାଲିଯିବା ପାଇଁ ଉଦ୍ୟତ ହେବାରୁ ରାଜା ପୁଣି କହୁଛନ୍ତି, "ବର୍ତ୍ତମାନ ଦିନ ଅଛି, ତୁମର ସ୍ତନଦ୍ୱୟ ସନ୍ତାପ ପ୍ରଶମନ ପାଇଁ ବର୍ତ୍ତମାନ ସୁଦ୍ଧା ପଦ୍ମପତ୍ରରେ ଆବୃତ ଅଛି । ସୁକୋମଳ ଅଙ୍ଗରେ କ୍ଲେଶ ଅସହ୍ୟ, ପୁଷ୍ପଶଯ୍ୟା ଛାଡ଼ି ଖରାରେ ଯିବା ତୁମ ପକ୍ଷରେ କଅଣ ଉଚିତ ?" ପୁନଶ୍ଚ ଗୁଡ଼ିଏ ବାକ୍ୟ ପ୍ରକାଶ କରି ବଳପୂର୍ବକ ଭୁଜବେଷ୍ଟନ ଦ୍ୱାରା ତାଙ୍କୁ ପ୍ରତ୍ୟାବୃତ୍ତ କରିଛନ୍ତି । ରାଜାଙ୍କର ଗୁଡ଼ିଏ ଶ୍ରବଣରେ ଶକୁନ୍ତଳା ନିଜର ପରାଧୀନତା ଓ ଗୁରୁଜନ ଶଙ୍କାହେତୁ ଆତ୍ମଦାନରେ ଅସାମର୍ଥ୍ୟ ପ୍ରକାଶ କରିବାରୁ ରାଜା କହିଛନ୍ତି, "ଗାନ୍ଧର୍ବ ବିବାହର ପୂର୍ବ ଦୃଷ୍ଟାନ୍ତ ଥିବାରୁ ଶ୍ରୌତ ଓ ସ୍ମାର୍ତ୍ତ ଉଭୟ ଧର୍ମମତରେ ଅଭିଜ୍ଞ କଣ୍ୱମହର୍ଷି ନିଶ୍ଚୟ ତାଙ୍କର ଗାନ୍ଧର୍ବ ବିବାହ ଆନନ୍ଦରେ ଅନୁମୋଦନ କରିବେ ।" ସଖୀମେଳକୁ ଯିବାପାଇଁ ଶକୁନ୍ତଳା ସନିର୍ବନ୍ଧ ଅଭିଳାଷ ପ୍ରକାଶ କରିବାରୁ ଦୁଷ୍ମନ୍ତ ତାଙ୍କ ମୁଖପଦ୍ମର ମଧୁପାନ କରିବାପାଇଁ ଊର୍ଦ୍ଧ୍ୱକୁ ମୁଖ ଉତ୍ତୋଳନ କରନ୍ତେ ଲଜ୍ଜା ହେତୁ ଶକୁନ୍ତଳା ବାରଣ କରିଛନ୍ତି ।

କିନ୍ତୁ ସେହେତୁର ଶ୍ଳେଷୋକ୍ତି ଓ ସଙ୍କେତ ମଧ୍ୟରେ ପ୍ରଣୟୀ ଓ ପ୍ରଣୟିନୀଙ୍କର ମିଳନର ଯେଉଁ ମାର୍ଜିତ ଚିତ୍ର ଦେଇଛନ୍ତି, ତନ୍ମଧ୍ୟରେ ଉଭୟ ଚରିତ୍ରର ଗାମ୍ଭୀର୍ଯ୍ୟ ତଥା ସୌନ୍ଦର୍ଯ୍ୟ କିପରି ଅକ୍ଷୁର୍ଣ୍ଣ ରହିଛି ଦେଖନ୍ତୁ—

ଶକୁନ୍ତଳା ହୋଇ ଉତ୍‌ଥିତ ବୋଇଲା,
"ମୁଁ ହେଲି ଯେ ଏକାକିନୀ ?"
ରାଜା—"କିଏ ସେ ରଖିଛି ନିକୁଞ୍ଜରେ ମୋତେ
ପ୍ରେମଧନେ ଏକା କିଣି ?"
"ମୁଁ ନ ଜାଣେ କିହି" ଶକୁନ୍ତଳା ହେଲା
ଯିବାପାଇଁ ତରତର,
ରାଜା—"ମୁନ ଜାଣି ହେଲେ ବସି ଏ ନିଭୃତେ
ସୁବର୍ଣ୍ଣ ରଚନା କର ।"
ଶକୁ—"ନ ଜାଣଇ ମୁହିଁ କାନନ-ବାସିନୀ
ରଚନାଟି ସୁଦ୍ଧା କଣ ?"
ରାଜା—"ସତ କହିଲ ଗୋ ସୁଧା-ସୁଭାଷିଣୀ
ରଚନା ତ ସୁଧା କଣି"
ଶକୁ—"ସୁଧାକଣା କାହିଁ ପାଇବ ତା ପରି
ଥାଏ ପୂର୍ଣ୍ଣ ଶଶଧରେ ?"
ରାଜା—"ସେ ତ ସକଳଙ୍କ ପୂର୍ଣ୍ଣ ଅଛି ସୁଧା
ଅକଳଙ୍କ ତୋ ଅଧରେ ।"

କାଳିଦାସ ନେପଥ୍ୟବାଣୀ ଦ୍ୱାରା ଶକୁନ୍ତଳାଙ୍କୁ ଚକ୍ରବାକବଧୂ ରୂପେ ସମ୍ବୋଧନ କରି ସଂକେତରେ ଶୁଣାଇଛନ୍ତି, "ଚକ୍ରବାକ ବଧୂ" ନିଜର କାମନା ପୂର୍ଣ୍ଣକରି ଚକ୍ରବାକ (ଦୁଷ୍ମନ୍ତ)କୁ ଆପ୍ୟାୟିତ

କର, କାରଣ ସ୍ୱନ ଅଗତପ୍ରାୟ ( ଚକ୍ରବାକ ବନ୍ଧୁଏ ଆମନ୍ତ୍ରେହ୍ନ ସହ ଅରଂ ଉବନ୍ଧ ଠିଆ ରଅଣୀ) । କିନ୍ତୁ ମେନ୍ଦ୍ରେର ଏଇ ସଙ୍କେତକୁ ଭିନ୍ନ ରୂପେ ଉପସ୍ଥାପନ କରିଛନ୍ତି । ଦିବାବସାନ ପ୍ରାପ୍ତ, ପ୍ରଣୟୀ ପ୍ରଣୟିନୀ ପରସ୍ପରଠାରୁ ବିଚ୍ଛିନ୍ନ ହେବା ବିଧେୟ । ପ୍ରିୟମ୍ବଦାର ଇଙ୍ଗିତପୂର୍ଣ୍ଣ ଡାକରେ ପ୍ରଣୟ ପ୍ରଣୟିନୀଙ୍କୁ ଶୁଣାଇ କବି ପ୍ରକାଶ କରିଛନ୍ତି—

"ଅଦୂର କାନନେ ପ୍ରିୟମ୍ବଦା ତେଣେ
ଇଙ୍ଗିତରେ ଦେଲା ଡାକ,
'ନିଳମଣିକା ତେଜ ମିହୁର ଗଲେଣି
ଚକ୍ରବାକ ଚକ୍ରବାକୀ !"

ଅଭିଜ୍ଞାନ ଶାକୁନ୍ତଳମ୍‌ରେ ନେପଥ୍ୟବାଣୀ ଶ୍ରବଣ କରନ୍ତେ ଶକୁନ୍ତଳା ସଖୀ ଦ୍ୱୟଙ୍କ ଗୌତମୀଙ୍କ ସହ ଆସୁଥିବାର ସମ୍ଭାବନା କରି ଦୁଷ୍ମନ୍ତଙ୍କୁ ଅମ୍ନଗୋପନ କରିବାପାଇଁ ଅନୁରୋଧ କରିଛନ୍ତି । ଶକୁନ୍ତଳାଙ୍କର ଶରୀରର ସନ୍ତାପ ପ୍ରଶମିତ କରିବାପାଇଁ ଗୌତମୀ ତାଙ୍କ ଦେହରେ କୁଶଦ୍ୱାରା ଶାନ୍ତିଉଦକ ସିଞ୍ଚନ କରି ପର୍ଣ୍ଣଶାଳାକୁ ଯିବାପାଇଁ କହିବାରୁ ଶକୁନ୍ତଳା ସ୍ୱଗତରେ ଲତାମଣ୍ଡପକୁ ସମ୍ବୋଧନ କରି କହିଛନ୍ତି, ହେ ଲତା ମଣ୍ଡପ । ହେ ମୋର ସର୍ବ ସନ୍ତାପ ନିବାରକ । ପୁଣି ଥରେ ଆସି ଉତ୍ତମରୂପେ ଭୋଗ କରିବାପାଇଁ ଅନୁରୋଧ ଜଣାଉଛି ।" କିନ୍ତୁ ମେହେର ଏ ସମସ୍ତ ପରିହାର କରି ପ୍ରଣୟ-ଚିତ୍ରର ଗାମ୍ଭୀର୍ଯ୍ୟ ରକ୍ଷା କରିଛନ୍ତି ଏବଂ ସର୍ଗର ଶେଷରେ ରାଜାଙ୍କର ଗୁରୋଟି ଦିନର ପ୍ରମୋଦବିଳାସ ପ୍ରସଙ୍ଗ ଓ ଶକୁନ୍ତଳାଙ୍କୁ ପରେ ଆସି ନେଇଯିବାର ପ୍ରତିଶ୍ରୁତି ଦାନର ପ୍ରସଙ୍ଗ ଉଲ୍ଲେଖ କରି ନଗରକୁ ଗୁଲିଯିବାର ସୂଚନା ଦେଇଛନ୍ତି ।

## ଚତୁର୍ଥ ସର୍ଗ—

ଏହି ସର୍ଗରେ ଦୁର୍ବାସାଙ୍କର ଅଭିଶାପ ଓ ଶକୁନ୍ତଳାଙ୍କର ପତିଗୃହ ଯାତ୍ରା ବର୍ଣ୍ଣନାରେ ମେହେର କାଳିଦାସଙ୍କ ଅନୁସରଣ କରିଥିଲେ ମଧ୍ୟ ପୂର୍ବ ସର୍ଗପରି ବର୍ଣ୍ଣନା ଓ ପ୍ରସଙ୍ଗସଜ୍ଜାର ସୌଷ୍ଠବ ସମ୍ପାଦନ ପାଇଁ ମୂଳ ରଚନାର ବହୁ ବ୍ୟତିକ୍ରମ ଓ ବର୍ଣ୍ଣନାର କ୍ରମ ପରିବର୍ତ୍ତନ ଘଟାଇଛନ୍ତି । କାଳିଦାସ ଅଙ୍କର ଆରମ୍ଭରେ ଦେବତା ଅର୍ଚ୍ଚନା ପାଇଁ ପ୍ରିୟମ୍ବଦା ଓ ଅନସୂୟାଙ୍କର କୁସୁମଚୟନ ଏବଂ ଶକୁନ୍ତଳାଙ୍କର ଭବିଷ୍ୟତ ସମ୍ପର୍କରେ ସେମାନଙ୍କର ଆଳାପରେ ନାନା ସଂଶୟର ସୂଚନା ଦେଇଛନ୍ତି; କିନ୍ତୁ ମେହେର ଏହାର କ୍ରମରେ ପରିବର୍ତ୍ତନ ଆଣି ଆରମ୍ଭରେ ଆଶ୍ରମ କର୍ମାଚରଣରେ ଶକୁନ୍ତଳାଙ୍କର ଉଦାସୀନତା, ହସ୍ତିନାର ଐଶ୍ୱର୍ଯ୍ୟମୟୀ ରାଜଅନ୍ତଃପୁରର ସୁଖମୟୀ ସ୍ମୃତି ଓ ବେତସ କୁଞ୍ଜରେ ମଧୁର ପ୍ରଣୟର ଅନୁଭୂତିର ଜିଦରେ ତାଙ୍କ ଚିତ୍ତର ଅନ୍ୟମନସ୍କତାର ସୂଚନା ଦେଇଛନ୍ତି ।

ଶକୁନ୍ତଳାଙ୍କର ଅପ୍ରକୃତିସ୍ଥ ଅବସ୍ଥାରେ ଦୁର୍ବାସାଙ୍କର କୁଟୀର ପ୍ରାଙ୍ଗଣରେ ଉପସ୍ଥିତି, ଅତିଥି ସତ୍କାର ପାଇଁ ତାଙ୍କର ଚେତାବନୀ ସତ୍ତ୍ୱେ ଶକୁନ୍ତଳାଙ୍କର ନିରୁତ୍ତରତା ଓ ଶେଷରେ ଅଭିଶାପର ବର୍ଣ୍ଣନା ଅଭିଜ୍ଞାନ ଶାକୁନ୍ତଳମ୍‌ର ଅନୁରୂପ । ନିଜ ଆଗମନର ସୂଚନା ଦେବା ସତ୍ତ୍ୱେ ଶକୁନ୍ତଳାଙ୍କର କର୍ତ୍ତବ୍ୟର ଅବହେଳାରେ କ୍ରୁଦ୍ଧ ହୋଇ ଦୁର୍ବାସା କହିଛନ୍ତି—

"ଆଃ ଅତିଥି ପରିଭାବିନୀ—
ବିଚିନ୍ତୟନ୍ତୀ ଯମନନ୍ୟ ମାନସା
ତପୋଧନଂ ବେତ୍ସି ନ ମାମୁପସ୍ଥିତମ୍ ।

ସ୍ମରିଷ୍ୟତି ତ୍ୱାଂ ନସ ବୋଧିତୋଽପି ସନ୍
କଥାଂ ପ୍ରମତ୍ତଃ ପ୍ରଥମଂ କୃତାମିବ ।"

ମେହେର ଲେଖିଛନ୍ତି—

"ତହିଁ ମୁନିବର ବିସ୍ମୟ ସହିତ
ମନେ ବହି ଅପମାନ,
ଉଚ୍ଚରେ ବୋଇଲେ ଅଭିମାନିନୀ ଲୋ
କାହିଁ ଥାଇ ତୋ କି ଧ୍ୟାନ ?

× × ×

ଯେଉଁ ପୂଜ୍ୟ-ପୂଜା ବ୍ୟତିକ୍ରମ ଫଳ
ଯାହାରେ ରଖିଛୁ ଲକ୍ଷ୍ୟ,
ସେ ତୋତେ ଚହ୍ନିବ ନାହିଁ ତୁ ଦେଲେହେଁ
ଆପଣାର ପରିଚୟ ।"

ଅଭିଜ୍ଞାନ ଶାକୁନ୍ତଳମ୍‌ରେ ସଖୀଦ୍ୱୟ ଦୁର୍ବାସାଙ୍କ ଆଗମନସୂଚକ ବାଣୀରେ ଅତିଥି ଆଗମନର ସଙ୍କେତ ପାଇଛନ୍ତି । ଅଦୂରରୁ ଦୁର୍ବାସାଙ୍କର ଅଭିଶାପବାଣୀ ଶୁଣି ଉଦ୍‌ବିଗ୍ନ ଚିତ୍ତରେ କୁଟୀରପ୍ରାଙ୍ଗଣରୁ ଚାଲି ଆସିବାବେଳେ ଅନସୂୟାଙ୍କର ପଦ ଖସିଯିବା ହେତୁ ହସ୍ତରୁ ପୁଷ୍ପ ପାତ୍ର ପତନରୂପୀ ଅଶୁଭ ଶକୁନର ସଙ୍କେତ ମେହେର ପ୍ରଣୟ ବଲ୍ଲରୀରେ ଦେଇ ନାହାନ୍ତି । କାଳିଦାସ କେବଳ ନେପଥ୍ୟ ଓ ପ୍ରିୟମ୍ବଦାର ଉକ୍ତିରେ ଦୁର୍ବାସାଙ୍କର ଆଗମନ, ଅଭିଶାପ ଓ ଅଭିଶାପ-ମୁକ୍ତ ଉପାୟର ଇଙ୍ଗିତ ଦେଇଛନ୍ତି; କିନ୍ତୁ ମେହେର ଏହାର ବ୍ୟତିକ୍ରମ ଘଟାଇ ପାଠକଙ୍କ ସମକ୍ଷରେ ଦୁର୍ବାସାଙ୍କୁ ଆଣି ଉପସ୍ଥାପିତ

କରିଛନ୍ତି । କାଳିଦାସ ଯଥାଶ୍ରୁତ ପ୍ରିୟମ୍ବଦାଙ୍କର ଉକ୍ତିରେ ଅଭିଶାପ ମୋଚନର ସୂଚନା ଦେଇ କହିଛନ୍ତି—"ମୋର ବଚନ କେବେ ଅନ୍ୟଥା ହେବ ନାହିଁ, ତେବେ ଶକୁନ୍ତଳା ଯଦି କୌଣସି ଅଭିଜ୍ଞାନ (ନିଦର୍ଶନ) ଦେଖାଇ ପାରେ ତା'ହେଲେ ଅଭିଶାପର ମୋଚନ ହେବ । (୧)

କିନ୍ତୁ ମେହେରଙ୍କ ବର୍ଣ୍ଣନାରେ କୁଟୀରର ଅଦୂରବର୍ତ୍ତୀ କାନନରେ ପୁଷ୍ପଚୟନରତା ସଖୀଦ୍ୱୟ କ୍ରୁଦ୍ଧାବସ୍ଥାରେ ଦୁର୍ବାସାଙ୍କର ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟ କରି ବହୁ ଅନୁନୟ ବିନୟପରେ ତାଙ୍କଠାରୁ ଉତ୍ତର ପାଇଛନ୍ତି—

"ବୋଇଲେ ମହର୍ଷି, ଯାକୁ ଚିନ୍ତୁଥିଲା
ଥିଲେ ତା'ର ନିଦର୍ଶନ,
ପୂର୍ଣ୍ଣ ପରିଚୟ ପାଇବ ତାହାକୁ
କଲେ ତାହା ପ୍ରଦର୍ଶନ ।"

ଶକୁନ୍ତଳାଗତପ୍ରାଣା ସଖୀଦ୍ୱୟ ଦୁଷ୍ମନ୍ତଙ୍କର ନାମାଙ୍କିତ ମୁଦ୍ରିକାକୁ ଶକୁନ୍ତଳା-ପ୍ରଣୟର ଏକମାତ୍ର ସ୍ମୃତିଚିହ୍ନ ମନେ କରି ତାହା ଦୁଷ୍ମନ୍ତଙ୍କ ଚିତ୍ତର ବିଲୁପ୍ତସ୍ମୃତିର ଉତ୍‌ଥାପକ ହେବ ବୋଲି ଭାବି କାହିଁରି ଆଶ୍ୱସ୍ତ ହୋଇଛନ୍ତି । ପୁଣି ରାଜସିକଭାବଗ୍ରସ୍ତ ଦୁଷ୍ମନ୍ତଙ୍କ ଚିତ୍ତର ପ୍ରତିକୂଳତା ଓ ପିତା କଣ୍ୱଙ୍କର ମାନସିକ ପ୍ରତିକ୍ରିୟା ଜନିତ ସଂଶୟ ଦୋଳାରେ ସଖୀଙ୍କର ଚିତ୍ତ ଆନ୍ଦୋଳିତ ହେବା ଏବଂ

(୧) ଣଦୋ ମେ ବଅଣଂ ଅଣ୍ଣହା ଭବିଦୁଂ ଅରହଦି କିନ୍ତୁ ଅହିଣ୍ଣାଣାଭରଣ ଦଂସଣେଣ ସାବୋ ଣିବତ୍ତିସ୍ସଦି ମନ୍ତ୍ର ଅନ୍ତେ ସଅଂ ଅନ୍ତରହିଦୋ ।
ଅ:ଶା: ଚତୁର୍ଥ ଅଙ୍କ ।

ଦୁଷ୍ମନ୍ତ ସଦୃଶ ମହତ୍ ବ୍ୟକ୍ତିଙ୍କ ଚରିତ୍ରର ନିଷ୍କପଟତା ଓ ସ୍ନେହଶୀଳ ଗୁଣ କିଶୋରଙ୍କର ହୃଦୟବତ୍ତାର ତର୍କଣାରେ ସଖୀଦ୍ୱୟଙ୍କର ଆଶ୍ୱସ୍ତି ସମ୍ପର୍କରେ ମେହେର ଯାହା ଉଲ୍ଲେଖ କରିଛନ୍ତି ତାହା ଅ: ଶ:ର ଚତୁର୍ଥ ଅଙ୍କର ଆରମ୍ଭରେ ସଖୀଦ୍ୱୟଙ୍କର ଆଳାପର ଅନୁରୂପ ହେଲେ ମଧ୍ୟ ଅଧିକ ପ୍ରାଞ୍ଜଳ ଓ ପ୍ରଶସ୍ତ ।

ଶକୁନ୍ତଳାଙ୍କ ପକ୍ଷରେ ଦୁର୍ବାସାଙ୍କ ଅଭିଶାପ ସମ୍ବାଦ ବଜ୍ରତୁଲ୍ୟ କଠୋର ଜାଣି ଅନ୍ତରଙ୍ଗା ସଖୀଦ୍ୱୟ ତାଙ୍କ ନିକଟରେ ତାହା ଗୋପନ ରଖିବାକୁ ମନସ୍ଥ କରିବା ଏବଂ କୁଟୀର ପ୍ରାଙ୍ଗଣରେ ବାମ ହସ୍ତରେ ଗଣ୍ଡ ସ୍ଥାପନ କରି ପୁତ୍ତଳିକା ପ୍ରାୟ ଶକୁନ୍ତଳା ବସିଥିବାର କବି ଯାହା ବର୍ଣ୍ଣନା କରିଛନ୍ତି ତାହା ଅଭିଜ୍ଞାନ ଶକୁନ୍ତଳମ୍‌ର ଅନୁରୂପ । କିନ୍ତୁ ଅଭିଶାପ ଜନିତ ନିର୍ମମ ସ୍ମୃତି ସତ୍ତ୍ୱେ ଅନ୍ୟମନସ୍କା ଭାବରେ ଶକୁନ୍ତଳାଙ୍କ ଦ୍ୱାରା ଲିଖିତ 'ଦୁଷ୍ମନ୍ତ' ଅକ୍ଷର ଦ୍ୱୟ ପାଠକରି ସଖୀଦ୍ୱୟ ଯେପରି ସସ୍ନେହ ହାସ ପରିହାସ କରିବାର ବର୍ଣ୍ଣନା କରା ଯାଇଛି ଅଭିଜ୍ଞାନ ଶକୁନ୍ତଳମ୍‌ରେ ତା'ର ସୂଚନା ନାହିଁ ।

ତୀର୍ଥାଟନ ପରେ କଣ୍ୱଙ୍କର ଆଶ୍ରମକୁ ଫେରି ଆସିବା ପରେ ଅନସୂୟା ଅନ୍ତଃସତ୍ତ୍ୱା ଶକୁନ୍ତଳାଙ୍କର ଭାଗ୍ୟର ପରିଣତି ଏବଂ ଦୁଷ୍ମନ୍ତଙ୍କର ନିଷ୍ଠୁର ଅବହେଳା ଓ ବିସ୍ମୃତି କଥା ଚିନ୍ତା କରି କରି ଯେପରି ଉଦ୍‌ବିଗ୍ନା ହୋଇ ପଡ଼ିଛି ପୁଣି ପିତା କଣ୍ୱଙ୍କର ଅଜ୍ଞାତରେ ଘଟି ଯାଇଥିବା ସମସ୍ତ ଘଟଣା ତାଙ୍କୁ ଜଣାଇବା ସମ୍ପର୍କରେ ତାର ମନରେ ଯେପରି ଆଶଙ୍କା ଉପସ୍ଥିତ ହୋଇଛି ମେହେର 'ପ୍ରତ୍ୟୁଷ କଲ୍ଲୋଳ'ରେ ତାହା ପରିହାର କରିଛନ୍ତି । ଶକୁନ୍ତଳାଙ୍କର ଭାଗ୍ୟର ପରିଣତି ସମ୍ପର୍କରେ ମେହେର ସଖୀଦ୍ୱୟଙ୍କର ତର୍କ ବିତର୍କରେ ଯେଉଁ ସାମାନ୍ୟ ଆଶଙ୍କାର ସୂଚନା ଦେଇଛନ୍ତି, ପ୍ରିୟମ୍ବଦା ମୁଖରେ

ଶକୁନ୍ତଳାଙ୍କର ପତିଗୃହଯାତ୍ରା ସମ୍ବାଦ ଶୁଣାଇ ତାହା ହୃଦ୍ଭୂତ କରିଛନ୍ତି । ପ୍ରିୟମ୍ବଦାର ବକ୍ତବ୍ୟରେ କାଳିଦାସ ସୂଚିତ କରିଛନ୍ତି ଯେ କଣ୍ୱ ହୋମଗୃହରେ ପ୍ରବେଶ କଲାମାତ୍ରେ ଛନ୍ଦୋମୟୀ ଏକ ଆକାଶବାଣୀରୁ ( ହେ ବ୍ରହ୍ମନ୍ ! ତୁମର ଏଇ କନ୍ୟା ତା ଗର୍ଭରେ ଜଗତର ମଙ୍ଗଳ ପାଇଁ ନାନାଗୁଣ ଭୂଷିତ ଦୁଷ୍ମନ୍ତଙ୍କର ତେଜ ଧାରଣ କରିଛି । ଅନ୍ତର୍ନିହିତାନଳ ଶମୀବୃକ୍ଷ ପରି ଏହି କନ୍ୟାକୁ ତୁମେ ଅତି ପବିତ୍ର ଓ ଜଗତ୍‌ପାବନୀ ବୋଲି ଜ୍ଞାନ କର ) (୨) ଶକୁନ୍ତଳାଙ୍କର ଯୋଗ୍ୟପତି ବରଣ ଓ ସସତ୍ତ୍ୱା ହେବାର ସମ୍ବାଦ ଶ୍ରବଣ କରି କଣ୍ୱ କନ୍ୟାର ଭାଗ୍ୟ ପ୍ରଶଂସା କରିଛନ୍ତି ଏବଂ କନ୍ୟାକୁ କୋଳରେ ବସାଇ ନାନା ମଧୁର ବଚନରେ ନିଜର ଆହ୍ଲାଦ ପ୍ରକାଶ କରି କତିପୟ ଋଷିପୁତ୍ରଙ୍କ ସହିତ ପତିଗୃହକୁ ପଠାଇ ଦେବାର ସମ୍ବାଦ ପ୍ରକାଶ କରିଛନ୍ତି ।

ମେଘଦୂତ କିନ୍ତୁ କଣ୍ୱଙ୍କର ଏ ଆକାଶବାଣୀ ଶ୍ରବଣ ସମ୍ପର୍କିତ ଅଲୌକିକତା ପରିହାର କରି ଘଟଣାକୁ ସ୍ୱାଭାବିକ କରିବାକୁ ଚେଷ୍ଟା କରିଛନ୍ତି । ତୀର୍ଥାଟନରୁ କଣ୍ୱ ଫେରି ଆସିବାପରେ ଶକୁନ୍ତଳାଙ୍କର ଗୂଢ଼ଚଳନରେ ଭିନ୍ନଭାବ, ଲଜ୍ଜା, ସଙ୍କୋଚ ଓ ମୁଖର ପାଣ୍ଡୁରିମା ଲକ୍ଷ୍ୟକରି ଜିଜ୍ଞାସୁ ହୋଇ ପଡ଼ନ୍ତି ଏବଂ ଧ୍ୟାନ ବଳରେ ସମସ୍ତ ବିଷୟ ଅବଗତ ହୋଇ ଶକୁନ୍ତଳାଙ୍କ ଭାଗ୍ୟର ପ୍ରଶଂସା କରି ପତିଗୃହକୁ ପଠାଇବା ନିମିତ୍ତ ନିଜର ଅଭିଳାଷ ଆଶ୍ରମରେ ଜଣାଇ ଦିଅନ୍ତି ।

---

(୨) ଦୁଷ୍ମନ୍ତେନାହିତଂ ତେଜୋଦଧାନାଂ ଭୂତୟେ ଭୁବଃ ।
ଅବେହି ତନୟାଂ ବ୍ରହ୍ମନଗ୍ନି-ଗର୍ଭାଂ ଶମୀମିବ ।

ଶକୁନ୍ତଳାଙ୍କ ପତିଗୃହ ଯାତ୍ରା ସମ୍ବାଦରେ ଗୌତମୀଙ୍କ ନୟନରେ ଯେଉଁ ଅଶ୍ରୁ (ଆନନ୍ଦ ଓ ବିଷାଦର) ଦେଖା ଦେଇଛି କାଳିଦାସ ତାହା ଅନସୂୟାର ଆନନ୍ଦ ଓ ବିଷାଦବ୍ୟଞ୍ଜକ ସଂଳାପରେ ସୂଚିତ କରିଛନ୍ତି । ତା'ଛଡ଼ା ମେହେର ତାପସୀମାନଙ୍କର ଆନନ୍ଦ ଓ ନିର୍ଦ୍ଦୋଷ ପରିହାସ, କଣ୍ୱଙ୍କର ସହୃଦୟତା ହେତୁ ଶକୁନ୍ତଳାଙ୍କର ଅହ୍ଲାଦ, ମୁନିକୁମାରୀ ଓ ତାପସୀମାନଙ୍କର ସ୍ନେହ ଏବଂ ଶକୁନ୍ତଳାଙ୍କର ସ୍ୱପ୍ନରେ ହସ୍ତିନା ରାଜଭବନର ଐଶ୍ୱର୍ଯ୍ୟର ଯେଉଁ ସ୍ୱଭାବ ସୁନ୍ଦର ଚିତ୍ର ଦେଇଛନ୍ତି ତାହା ତାଙ୍କର ନିଜସ୍ୱ ।

ଶକୁନ୍ତଳାଙ୍କର ପତିଗୃହ ଯାତ୍ରା ଦିବସର ବ୍ରାହ୍ମ ମୁହୂର୍ତ୍ତରେ ସଖୀଦ୍ୱାରା ତୀର୍ଥମାଟି, ଗୋରୋଚନା, କୁଙ୍କୁମ ଲେପିତ ହୋଇ ଶକୁନ୍ତଳାଙ୍କର ସ୍ନାନ, କ୍ଷୌମବସ୍ତ୍ର ପରିଧାନ, ଗୌତମୀ ପ୍ରଭୃତି ବୃଦ୍ଧା ତାପସୀ ଓ ତାପସଙ୍କର ଆଶୀର୍ବାଦ (ମହାରାଣୀ ରୂପେ ଭୂଷିତ ହେବା ଓ ବୀରପ୍ରସବିନୀ ହେବା), ତପୋବନର ମଧୁମୟୀ ପ୍ରଭାତ ବର୍ଣ୍ଣନା, ଅଭିଜ୍ଞାନ ଶକୁନ୍ତଳମ୍‌ର ସମ୍ପୂର୍ଣ୍ଣ ଅନୁସରଣ । ମେହେରଙ୍କର ପ୍ରଭାତ ବର୍ଣ୍ଣନାରେ ଚନ୍ଦ୍ର ଜ୍ୟୋତ୍ସ୍ନା ସହିତ ମୁଖରେ ମ୍ଳାନ ଭରି ବାରୁଣୀ ମନ୍ଦରର ସମୀପସ୍ଥ ହେବା, ଉଦୟ ପର୍ବତରେ ସୂର୍ଯ୍ୟଙ୍କର ଆବିର୍ଭାବ (ଜ୍ୟୋତିଷ୍କ ଯୁଗଳଙ୍କର ପତନ ଓ ଉତ୍‌ଥାନ), କୁମୁଦିନୀର ଦୁଃଖ ଓ କମଳିନୀର ସୁଖ ପ୍ରଭୃତି ଚିତ୍ର ଅଭିଜ୍ଞାନ ଶକୁନ୍ତଳମ୍‌ର ଉପର ଅନୁସରଣ ଦେଖନ୍ତୁ । କାଳିଦାସ କଣ୍ୱଙ୍କର ଶିଷ୍ୟ ମୁଖରେ ପ୍ରଭାତର ସୌନ୍ଦର୍ଯ୍ୟ ବର୍ଣ୍ଣନା କରି କହୁଛନ୍ତି—

"ଯାତ୍ୟେକତୋଽସ୍ତ ଶିଖରଂ ପତିରୋଷଧୀନାମ୍
ଆବିଷ୍କୃତୋଽରୁଣ ପୁରଃସର ଏକତୋଽର୍କଃ ।

ତେଜୋ ଦ୍ୱୟସ୍ୟ ଯୁଗପଦ୍‌ବ୍ୟସନୋ ଦୟାଭ୍ୟାଂ
ଲୋକୋ ନିୟମ୍ୟତ ଇବାତ୍ମଦଶାନ୍ତରେଷୁ ।”

ପୁଣି

“ଅନ୍ତର୍ହିତେ ଶଶିନି ସୈବ କୁମୁଦ୍‌ବତୀ ମେ
ଦୃଷ୍ଟିଂ ନ ନନ୍ଦୟତି ସଂସ୍ମରଣୀୟ ଶୋଭା ।
ଇଷ୍ଟ ପ୍ରବାସ-ଜନିତାନ୍ୟବଲା ଜନସ୍ୟ
ଦୁଃଖାନି ନୂନମତିମାତ୍ରସୁ ଦୁଃସହାନି ।”

ସଖୀଦ୍ୱୟ ଭୂଷଣ ଖଚିତ କରିବାରେ ଅନଭିଜ୍ଞା ହେଲେ ମଧ୍ୟ ନିଜର ପସନ୍ଦ ଅନୁଯାୟୀ ଶକୁନ୍ତଳାଙ୍କର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗରେ ଭୂଷା ଖଚିତ କରିଛନ୍ତି; କିନ୍ତୁ ସେହେତୁ ଭୂଷାର ଯଥୋଚିତ ମଣ୍ଡନର ନିର୍ଦ୍ଦେଶ ପାଇଁ ଏକ ପରିବ୍ରାଜିକା ଚରିତ୍ରର ସମାବେଶ କରିଛନ୍ତି ।

ଆଜନ୍ମ ଲାଳିତା କନ୍ୟା ତପୋବନ ଶୂନ୍ୟ କରି ପତିଗୃହକୁ ଚାଲିଯିବ ଏହା ଭାବିଦେଲେ ମାତ୍ରେ ସିଦ୍ଧତପା ସ୍ଥିତପ୍ରଜ୍ଞ କଣ୍ୱଙ୍କର କଣ୍ଠ ବାଷ୍ପରୁଦ୍ଧ ହୋଇ ଉଠୁଛି । ମାନବ ଜୀବନର ଏହି ଶାଶ୍ୱତ କରୁଣ ଅନୁଭୂତିକୁ କାଳିଦାସ କଣ୍ୱଙ୍କର ଆବେଗଜଡ଼ିତ କଣ୍ଠରେ ପ୍ରକାଶ କରି କହିଛନ୍ତି---

“ଯାସ୍ୟତ୍ୟଦ୍ୟ ଶକୁନ୍ତଳେତି ହୃଦୟଂ ସଂସ୍ପୃଷ୍ଟମୁତ୍‌କଣ୍ଠୟା ।
କଣ୍ଠ ସ୍ତମ୍ଭିତ-ବାଷ୍ପ-ବୃତ୍ତି-କଳୁଷଶ୍ଚିନ୍ତାଜଡ଼ଂ ଦର୍ଶନମ୍ ।
ବୈକ୍ଲବ୍ୟ ମମ ତାବଦୀଦୃଶମହୋ ସ୍ନେହାଦରଣ୍ୟୌକସଃ
ପୀଡ଼୍ୟନ୍ତେ ଗୃହିଣଃ କଥଂନୁ ତନୟା-ବିଶ୍ଳେଷ-ଦୁଃଖୈର୍ନବୈଃ ॥

ଅର୍ଥାତ୍—"ଆଜ ଶକୁନ୍ତଳା ଯିବ ବୋଲି ମୋର ମନ ଉତ୍କଣ୍ଠିତ ହେଉଛି, ଚକ୍ଷୁ ଅନବରତ ବାଷ୍ପ ଜଳରେ ପରିପୂର୍ଣ୍ଣ ହେଉଛି, କଣ୍ଠରୁଦ୍ଧ ହୋଇ ବାକ୍‌ଶକ୍ତି ରହିତ ହୋଇଛି, ଜଡ଼ତାରେ ଏକାନ୍ତ ଅଭିଭୂତ ହୋଇଛି । କି ଆଶ୍ଚର୍ଯ୍ୟ ! ମୁଁ ବନବାସୀ, ସ୍ନେହବଶତଃ ମୋ ଚିତ୍ତରେ    ପ୍ରକାର ଅବସାଦ ଉପସ୍ଥିତ ହେଉଛି, ଜାଣେନା ଗୃହୀମାନେ ଏପରି ଅବସ୍ଥାରେ କି ଦୁଃସହ କ୍ଲେଶ ଭୋଗ କରିଥାନ୍ତି, ବାସ୍ତବରେ ସ୍ନେହ ଅତି ବିଷମ ବସ୍ତୁ ।"

ମେହେର ଏହି ପ୍ରସିଦ୍ଧ ଶ୍ଳୋକର ମର୍ମାନୁସରଣ କରି ଲେଖିଛନ୍ତି—

"ଏକାଳେ ମୁନୀନ୍ଦ୍ର ଅତି ସ୍ନେହ ଦୃଷ୍ଟି
ଦେଇ ଶକୁନ୍ତଳା ପ୍ରତି,
ବିଚାରିଲେ ମନେ ଶକୁନ୍ତଳା ହୀନ
ହେବ ମୋ' ବନ ସମ୍ପତ୍ତି ।
ସେ ବିଚାରେ ହୃଦ ବିକ୍ଷୋଭିତ ହୋଇ
ଚଳି ମୁନିବରଙ୍କର,
ମୃଣାଳ-ଲାଳସୀ ଗଜ ପ୍ରବେଶିଲେ
ଯେସନ କମଳାକର ।
ହୃଦ ଆନ୍ଦୋଳନେ ନୟନ ଯୁଗଳେ
ଜଳ ହେଲା ଛଳଛଳ
ପ୍ରକମ୍ପିତ ସରେ ସ୍ୱତଃ ଆସିଥାଏ
ଜଳଜ-ଦଳକୁ ଜଳ ।

'ସେହିକାଳେ ଯଦି କଥା କହିଥାନ୍ତେ
ଅଶ୍ରୁ ଯାଇଥାନ୍ତା ବହି,
ଯାନ୍ତୁ ତରୁ ଦେହେ ପଥ ଫିଟିଗଲେ
ପାଥକ ପାରଇ ରହି ?
ସମସ୍ତ ପାଇଲେ ଜୀବନେ ପ୍ରବୃତ୍ତି
ଫୁଟି ପଡ଼ିଥାଏ ଆସି,
ପ୍ରବୃତ୍ତି-ବର୍ଜିତ କେ ଅଛି ସଂସାରେ
କି ଗୃହୀ କି ବନବାସୀ ?"

ଭୂଷଣ ଓ କ୍ଷୌମବସ୍ତ୍ର ପରିହିତା ଶକୁନ୍ତଳା ଗୌତମୀଙ୍କ ନିର୍ଦ୍ଦେଶରେ ଅଶ୍ରୁସଜଳ ନୟନରେ ପିତା (କଣ୍ୱ)ଙ୍କ ପାଦରେ ପ୍ରଣିପାତ କରନ୍ତେ କଣ୍ୱ ତାଙ୍କୁ ଆଶୀର୍ବାଣୀ ଶୁଣାଇ କହୁଛନ୍ତି—

"ସମସ୍ତ କୁଶଳେ ପତି ରତ୍ନାକରେ
ହୁଅ ମା ତୁ ସୁରଧୁନୀ ।
ପୁତ୍ର ଲଭ କର ଚକ୍ରବର୍ତ୍ତୀ ଚିହ୍ନ
ବିମଣ୍ଡିତ କଳେବର ।" (କ)

ପୁଣି ପତିଗୃହ ଯାତ୍ରାର ଅବ୍ୟବହିତ ପୂର୍ବରୁ କଣ୍ୱଙ୍କର ଶକୁନ୍ତଳାଙ୍କୁ ନାରୀର ଦାମ୍ପତ୍ୟ ଧର୍ମ ସମ୍ପର୍କୀୟ ଦୀର୍ଘ ଉପଦେଶ କାଳିଦାସ ବର୍ଣ୍ଣିତ ସଂକ୍ଷିପ୍ତ ଉପଦେଶର ବିସ୍ତୃତୀକରଣ । କାଳିଦାସ ଲେଖିଛନ୍ତି—

---

(କ) ଯଯାତେରିବ ଶର୍ମିଷ୍ଠା ଭର୍ତ୍ତୁର୍ବହୁମତା ଭବ ।
ସୁତଂ ତ୍ୱମପି ସମ୍ରାଜଂ ସେବ ପୁରୁମବାପ୍ନୁହି ॥

"ଶୁଶ୍ରୂଷସ୍ୱ ଗୁରୁନ୍ କୁରୁ ପ୍ରିୟ ସଖୀବୃତ୍ତିଂ ସପତ୍ନୀ ଜନେ,
ଭର୍ତ୍ତୁର୍ବିପ୍ରକୃତାପିରୋଷଣତୟା ମାସ୍ମ ପ୍ରତୀପଂ ଗମଃ ।
ଭୂୟିଷ୍ଠଂ ଭବ ଦକ୍ଷିଣା ପରିଜନେ ଭାଗ୍ୟେଷ୍ୱନୁତ୍ସେକିନୀ
ଯାନ୍ତ୍ୟେବଂ ଗୃହିଣୀପଦଂ ଯୁବତୟୋ ବାମାଃ କୁଲସ୍ୟାଧୟଃ ।"

ମେହେର ଲେଖିଛନ୍ତି—

ସ୍ୱାମୀ ଗୁରୁ, ସ୍ୱାମୀ ପରମ ବାନ୍ଧବ,
ସ୍ୱାମୀ ସେବା ନାରୀ ଧର୍ମ
ସ୍ୱାମୀ ପଦେ ଭକ୍ତି ଅର୍ଚ୍ଚନାରେ ମତି
ଅର୍ପିତୁ କରିବୁ କର୍ମ ।

× × ×

ସ୍ୱାମୀ ଯେବେ ରୋଷ କରିବେ ଅଥବା
କରିବେ ଯଦି ଭର୍ତ୍ସନା
ସେ ଦୋଷ ନ ଦେଖି ନଭଣିରେ ସହି
କରିବୁ ତାଙ୍କ ଅର୍ଚ୍ଚନା ।

× × ×

ଅନ୍ୟ ଯେତେ ପୁର- ନାରୀ ଥିବେ ତାଙ୍କୁ
କରିବୁ ଭଗିନୀ ଜ୍ଞାନ
ସେ କଥା କଦାପି ନ କରିବୁ ଯହିଁ
ହେବ ତାଙ୍କ ଅପମାନ

× × ×

ଗୁରୁଜନ ଦେଖି          ପାଶକୁ ଆସିଲେ
ଉଠିବୁ ତେଜି ଆସନ,
ଜଳ ସନ ଦେଇ          ବନ୍ଦ ସବିନୟେ
କରିବୁ ମୃଦୁ ଭାଷଣ ।

× × ×

ପରିଜନଙ୍କର          ଦୁଃଖ ଶୁଣୁଥିବୁ
କରୁଥିବୁ ପ୍ରତିକାର । ଇତ୍ୟାଦି । ”

ପ୍ରଣୟ ବଲ୍ଲରୀର ଏହି ଚାରିଟି ଆମ ଓଡ଼ିଆ ପରିବାରର ନବପରିଣୀତା ଶ୍ୱଶ୍ରୂଗୃହଗାମିନୀ କନ୍ୟାର ସ୍ମୃତି ଆମ ଚିତ୍ତରେ ଜାଗରୂକ କରାଇ ଦିଏ ।

ଅଭିଜ୍ଞାନ ଶକୁନ୍ତଳମ୍‌ରେ କଣ୍ୱ ଶକୁନ୍ତଳାଙ୍କୁ ଆଶୀର୍ବାଦ କଲାପରେ ଯଜ୍ଞାଗ୍ନି ପ୍ରଦକ୍ଷିଣ କରାଇ ଗୌତମୀ, ଶାର୍ଙ୍ଗରବ ଓ ଶାରଦ୍ୱତଙ୍କ ସହିତ ତାଙ୍କୁ ପତିଗୃହକୁ ପଠାଇବାର ବ୍ୟବସ୍ଥା କରି ବଳେଇ ଦେବାପାଇଁ କିଛିଦୂର ଅଗ୍ରସର ହୁଅନ୍ତି । ତପୋବନର ଯେଉଁ ଲତା, ବନସ୍ପତି, ବିହଙ୍ଗ ଓ କୁରଙ୍ଗଙ୍କର ପ୍ରାଣ ସହିତ ଶକୁନ୍ତଳା ନିଜର ପ୍ରାଣ ମିଶାଇ ଆସିଥିଲେ ସେଇମାନଙ୍କଠାରୁ ବିଦାୟ ନେବା ଅବସରର କରୁଣ ଅନୁଭୂତିକୁ କାଳିଦାସ ଯେପରି ରୂପାୟିତ କରିଛନ୍ତି ମେହେର ତା'ର ସମ୍ପୂର୍ଣ୍ଣ ଅନୁସରଣ କରିଛନ୍ତି । ମେହେରଙ୍କର ମନୋଜ୍ଞ ଭାଷା ଓ କଳ୍ପନାର ସ୍ପର୍ଶରେ ତାହା ସ୍ଥାନେ ସ୍ଥାନେ ଅଧିକ ଚିତ୍ତଗ୍ରାହୀ ହୋଇଥିଲେ ମଧ୍ୟ ମାନବ ଓ ପ୍ରକୃତିର ଏଇ ନିବିଡ଼ ଯୋଗାଯୋଗର ପରିକଳ୍ପନା ସଂପୂର୍ଣ୍ଣ କାଳିଦାସୀୟ । ତପୋବନ ପଥରେ

ଅଗ୍ରସର ହେଲାବେଳେ କାଳିଦାସ କଣ୍ୱଙ୍କ ମୁଖରେ ପ୍ରକାଶ କରିଛନ୍ତି—

"ପାତୁଂ ନ ପ୍ରଥମଂ ବ୍ୟବସ୍ୟତି ଜଲଂ ଯୁଷ୍ମାସ୍ୱପୀତେଷୁ ଯା-
ନା ଦତ୍ତେ ପ୍ରିୟମଣ୍ଡନାପି ଭବତାଂ ସ୍ନେହେନ ଯା ପଲ୍ଲବମ୍ ।
ଆଦ୍ୟେ ବଃ କୁସୁମ ପ୍ରସୂତି-ସମୟେ ଯସ୍ୟ ଭବତ୍ୟୁତ୍ସବଃ
ସେୟଂ ଯାତି ଶକୁନ୍ତଳା ପତିଗୃହଂ ସର୍ବୈରନୁଜ୍ଞାୟତାମ୍ ।

ମେହର କପିର ଏହାର ଏକପ୍ରକାର ଅନୁବାଦ କରିଛନ୍ତି ଦେଖନ୍ତୁ—

"କାନନକୁ ତୁହି ବୋଇଲେ ମୃଗାକ୍ଷୀ
ଅହେ ତରୁଲତା ମାନେ,
ତୁମ୍ଭ ଆଜନମ ସଖୀ ଯାଉଅଛି
ଆଜ ପତି ସନ୍ନିଧାନେ ।
ଜଳ ପାନ କରୁ ନ ଥିଲା ଯେ ଆଗେ
ତୁମ୍ଭଙ୍କୁ ନଦେଇ ଜଳ,
ହେଉଥିଲା ତୁମ୍ଭ ଅଙ୍ଗେ ନବ ପୁଷ୍ପ
ଦେଖିଲେ ମୁଦେ ବହଳ,
ତହିଁ ଲାଗି ସଖୀ- ବୃନ୍ଦ ଘେନି କେତେ
କରୁଥିଲା ମହୋତ୍ସବ,
କେତେ ଯତନରେ ରଖୁଥିଲା ତୁମ୍ଭ
ନୈସର୍ଗିକ ସଉଷ୍ଠବ,
ଭୂଷଣ ରଙ୍ଗିଣୀ ହୋଇ ଯେ ତୁମ୍ଭର
ଅଙ୍ଗ ଭଙ୍ଗ ହେବ ଜାଣି,
କେବେହେଁ ତୁମ୍ଭର ପଲ୍ଲବ ଛେଦନେ
ବଢ଼ାଇ ନ ଥାଏ ପାଣି ।

ତୁମ୍ଭେମାନେ ଏବେ ପ୍ରସନ୍ନ ଭାବରେ
କର ଅନୁମତି ଦାନ,
ମଧୁମୟ ଶୁଭ- ମୟ ହେଉ ସେହି
ଶକୁନ୍ତଳାର ପ୍ରସ୍ଥାନ ।

କୋକିଳର କୁହୁକୁହୁ ସ୍ୱନ ବ୍ୟାଜରେ ବନଦେବୀ ହୁଳହୁଳି ଦେବାର କଥା ଯାହା ବର୍ଣ୍ଣନା କରିଛନ୍ତି ତାହା କାଳିଦାସଙ୍କର "ଅନୁମତ-ଗମନା ଶକୁନ୍ତଳା ତରୁଭିରିୟଂ ବନବାସ ବନ୍ଧୁଭିଃ, ପରଭୃତବିରୁତଂ କଳଂ ଯଥା ପ୍ରତିବଚନୀକୃତ ମେଭିରୀଦୃଶମ୍"ର ଛାୟାରେ ଲିଖିତ ।

ଶକୁନ୍ତଳାଙ୍କର ଯାତ୍ରା କାଳରେ ଯେଉଁ ଶୁଭସୂଚକ ଆକାଶବାଣୀ ଶ୍ରୁତିପଥାରୂଢ଼ ହେବାର କାଳିଦାସ ବର୍ଣ୍ଣନା କରିଛନ୍ତି ମେହେର କଣ୍ୱଙ୍କ ମୁଖରେ ତାହା ଅବିକଳ ପ୍ରକାଶକରି ବର୍ଣ୍ଣନାର ଅଲୌକିକତା ପରିହାର କରିଛନ୍ତି । କାଳିଦାସ ଲେଖିଛନ୍ତି—

"ରମ୍ୟାନ୍ତରଃ କମଳିନୀ-ହରିତୈଃ ସରୋଭି
ଶ୍ଛାୟା ଦ୍ରୁମୈର୍ନିୟମିତାର୍କ-ମୟୂଖ-ତାପଃ ।
ଭୂୟାତ୍ କୁଶେଶୟ-ରଜୋ-ମୃଦୁରେଣୁ ରସ୍ୟାଃ
ଶାନ୍ତାନୁକୂଳ-ପବନଶ୍ଚ ଶିବଶ୍ଚ ପନ୍ଥାଃ ।"

ମେହେର ଲେଖିଛନ୍ତି—

"ସରୋଜ ଶୋଭିତ ସରୋବରେ ହେଉ
ଗତିପଥ ମନୋହର,

ପଦ୍ମବାସ ବହି        ଗନ୍ଧବହ ହେଉ
ଅନୁକୂଳ ସୁଖକର ।
ନବ ନବ ଦୃଶ୍ୟ        ନୟନ ପଥରେ
ହେଉ ତା'ର ମନୋରମ,
ଛାୟାତରୁ ଶ୍ରମ        ନାଶନ୍ତୁ ଆତପ-
ତାପ କର ଉପଶମ ।"

ଗମନକାଳରେ ଶକୁନ୍ତଳାଙ୍କର ବିଚ୍ଛେଦ ବେଦନା ବ୍ୟଥିତ ବୃକ୍ଷଲତା, ମୃଗ ମୟୂରଙ୍କର ସମ୍ବେଦନା, ସ୍ୱକର ବର୍ଦ୍ଧିତ ନୀଆର ଓ ମାତୃହରା ମୃଗପ୍ରତି ବାତ୍ସଲ୍ୟ, ସଖୀଦ୍ୱୟଙ୍କର ଆସନ୍ନ ବିଚ୍ଛେଦ ଜନିତ ବେଦନା, ମଳୟ ପର୍ବତରୁ ଉନ୍ମୂଳିତ ଚନ୍ଦନଲତା ପରି (୪) ପିତୃକୋଳ ସୁଖ ବଞ୍ଚିତା କନ୍ୟାର ଅବସ୍ଥା, ପ୍ରଣୟର ଅର୍ଘ୍ୟ ଉପହାର ସ୍ୱରୂପ ସଖୀଦ୍ୱୟଙ୍କର ଶକୁନ୍ତଳାଙ୍କୁ ଦୁଷ୍ମନ୍ତଙ୍କର ନାମାଙ୍କିତ ମୁଦ୍ରିକା ପ୍ରଦାନ, ପୁନଶ୍ଚ ତପୋବନ ଦର୍ଶନ ସମ୍ପର୍କରେ ଶକୁନ୍ତଳାଙ୍କର ଜିଜ୍ଞାସା ( କଣ୍ୱଙ୍କୁ ) ଓ କଣ୍ୱଙ୍କର ଉତ୍ତର (୫) ପ୍ରଭୃତି ବର୍ଣ୍ଣନାରେ କାଳିଦାସଙ୍କର ପ୍ରଭାବ ଅଛି ସ୍ପଷ୍ଟ ।

ମେହେର ଦୁଷ୍ମନ୍ତଙ୍କ ନିକଟକୁ ଶାରଦ୍ୱତ ହସ୍ତରେ କଣ୍ୱଙ୍କର ଏକ ପତ୍ରିକା ପ୍ରେରଣର ପ୍ରସଙ୍ଗ ଉଲ୍ଲେଖ କରିଛନ୍ତି । ଅଭିଜ୍ଞାନ ଶକୁନ୍ତଳମ୍‌ରେ ପତ୍ରିକା ପ୍ରେରଣ ସଂପର୍କରେ ଉଲ୍ଲେଖ ନାହିଁ; କେବଳ ଶାସ୍ତ୍ର

---

(୪) କହଂ ଜାଣିଂ ଚାଦସ୍‌ସ ଅଙ୍କାଦୋ ପରିବ୍‌ଭଟ୍ଠା ମଳଅ-ତରୁନ୍ମୂଳିଦା ଚନ୍ଦନ ଲଦା ବିଅ ଦେସନ୍ତରେ ଜୀବିଦଂ ଧାରଇସ୍‌ସମ୍ ।

(୫) ଭୂତ୍ୱା ଚିରାୟ ଚତୁରନ୍ତମହୀ-ସପତ୍ନୀ ଦୌଷ୍ୟନ୍ତିମପ୍ରତିରଥଂ ତନୟଂ ନିବେଶ୍ୟ ଭର୍ତ୍ତ୍ରା । ତଦର୍ପିତ-କୁଟୁମ୍ବ-ଭରେଣ ସାର୍ଦ୍ଧଂ ଶାନ୍ତେ କରିଷ୍ୟସି ପଦଂ ପୁନରାଶ୍ରମେଽସ୍ମିନ୍ ॥

ନିୟମାନୁସାରେ ଜଳାଶୟ ପର୍ଯ୍ୟନ୍ତ ପ୍ରିୟଜନର ଅନୁଗମନ ବାଧି (୭) ରକ୍ଷାକର କଣ୍ୱ ସରୋବର ତୀରସ୍ଥ ବଟବୃକ୍ଷଚ୍ଛାୟାରେ ଠିଆ ହୋଇ ରାଜାଙ୍କୁ ଜଣାଇବା ପାଇଁ ଶାର୍ଙ୍ଗରବଙ୍କୁ କେତୋଟି କଥା କହୁଛନ୍ତି, ଯଥା—"ଆମେ ବନବାସୀ, ତପସ୍ୟାରେ କାଳ ଯାପନ କରୁଁ, ଆଉ ତୁମେ ଅତି ମହତ୍ କୁଳରେ ଜନ୍ମ ଗ୍ରହଣ କରିଛ; ଶକୁନ୍ତଳା ବନ୍ଧୁ ବର୍ଗର ଅଗୋଚରରେ ତୁମଠାରେ ଅନୁରାଗିଣୀ ହୋଇଛି, ଏହି ସମସ୍ତ ବିବେଚନା କରି ଅନ୍ୟ ସହଧର୍ମିଣୀ ପରି ଶକୁନ୍ତଳା ପ୍ରତି ସ୍ନେହଦୃଷ୍ଟି ରଖିବ, ମୋର ଏତିକି ପ୍ରାର୍ଥନା; ଏହାଠାରୁ ଅଧିକ ତା'ର ଭାଗ୍ୟରେ ଯାହା ଥିବ ଘଟିବ, ତାହା କହିବା ଆମର ଶକ୍ତିର ଅତୀତ।"

ସହକାର ଆଶ୍ରିତା ନବମାଳୀ ଲତା ଓ ଶକୁନ୍ତଳାଙ୍କ ଗୃହୀ କଣ୍ୱ ଋଷିଙ୍କ ସମ୍ପର୍କରେ ନିଶ୍ଚିତ ଥିବାର ଏବଂ ଜନାନ୍ତିକରେ ସରୋବର ମଧ୍ୟସ୍ଥ ପଦ୍ମପତ୍ରର ଅନ୍ତରାଳରେ ଥିବା ଚକ୍ରବାକକୁ ନ ଦେଖି ଚକ୍ରବାକୀର କାତର ରାବ ଶକୁନ୍ତଳାଙ୍କ ହୃଦୟରେ ପ୍ରିୟତମଙ୍କର ଦୀର୍ଘ ବିଚ୍ଛେଦ ସ୍ମୃତି ଜାଗରିତ କରିବାର ଯେଉଁ ବର୍ଣ୍ଣନା କାଳିଦାସ ଦେଇଛନ୍ତି, ପ୍ରଣୟ ବଲ୍ଲରୀରେ ତା'ର ସୂଚନା ନାହିଁ।

**ପଞ୍ଚମ ସର୍ଗ—**

ଦୁର୍ବାସାଙ୍କ ଅଭିଶାପରେ କାଳିଦାସ କବି ଯେଉଁ ଭାବୀ ମୁଖ୍ୟ ସଂଘର୍ଷ ଓ ତଜ୍ଜନିତ ଭାବୀ କ୍ଲେଶର ଇଙ୍ଗିତ ଦେଇଥିଲେ, ଉଦୟ ରଚନାରେ ଏହି ପର୍ଯ୍ୟାୟରେ ତାହା ଚୂଡ଼ାନ୍ତ ସ୍ପର୍ଶ ଲାଭ କରିଛି।

---

(୭) ଉଦକାନ୍ତଂ ସ୍ନିଗ୍ଧୋ ଜନଃ ଅନୁଗନ୍ତବ୍ୟଃ।

ଶକୁନ୍ତଳା ପ୍ରତ୍ୟାଖ୍ୟାନ ଏହି ସର୍ଗର ମୁଖ୍ୟ କଥାବସ୍ତୁ । ସଂଘର୍ଷ ବା ଦ୍ୱନ୍ଦ୍ୱ ମଧ୍ୟରେ ଚରିତ୍ର ଗୁଡ଼ିକର ବିକାଶର ସୂଚନାରେ ଏବଂ ପ୍ରସଙ୍ଗ ସଜ୍ଜା ଓ ବର୍ଣ୍ଣନାରେ ଉଭୟ କବିଙ୍କର ଦୃଷ୍ଟିଭଙ୍ଗୀରେ ଯେଉଁ ସ୍ୱାତନ୍ତ୍ର୍ୟ ଫୁଟିଉଠିଛି ତାହା ଏହି ପର୍ଯ୍ୟାୟରେ ଲକ୍ଷ୍ୟ କରିବାର ବିଷୟ ।

ପ୍ରଣୟ ବଲ୍ଲରୀରେ ମେଢ଼େର ସର୍ଗର ଆରମ୍ଭରେ ଧର୍ମ, ନ୍ୟାୟ ଓ ବିବେକର ବିଗ୍ରହ ରାଜା ଦୁଷ୍ମନ୍ତଙ୍କୁ ସିଂହାସନରେ ଉପବିଷ୍ଟ କରାଇ ଆଦର୍ଶ ନରପତି ଭାବରେ ତାଙ୍କର ଚାରିତ୍ରିକ ମହତ୍ତ୍ୱ ଓ ରୂପଗୁଣର ପ୍ରତ୍ୟକ୍ଷ ସୂଚନା ଦେଇଛନ୍ତି ଏବଂ ପ୍ରତିହାରୀ ମୁଖରେ ରାଜାଙ୍କୁ କଣ୍ୱ-ଆଶ୍ରମରୁ ଆସିଥିବା ତାପସ ତାପସୀ ରାଜାଙ୍କ ଦର୍ଶନ ଉଦ୍ଦେଶ୍ୟରେ ସିଂହଦ୍ୱାରରେ ପ୍ରତୀକ୍ଷା କରିଥିବାର ସମ୍ବାଦ ଶୁଣାଇଛନ୍ତି । ସମ୍ବାଦ ପାଇ ରାଜା ସେମାନଙ୍କୁ ଅଗ୍ନିଗୃହକୁ ନେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଅଭିଜ୍ଞାନ ଶକୁନ୍ତଳମ୍‌ରେ ଏହି ଅଙ୍କର ଆରମ୍ଭରେ କାଳିଦାସ ରାଜକାର୍ଯ୍ୟ କ୍ଳାନ୍ତ ନରେଶଙ୍କୁ ଶୂନ୍ୟରୁ ଭାସିଆସୁଥିବା ଏକ ମଧୁର ସଙ୍ଗୀତର ଝଙ୍କାର ଶ୍ରବଣ କରାଇ ତାଙ୍କ ଚିତ୍ତରେ ଏକ ଅଜ୍ଞାତ-ବ୍ୟାକୁଳତାର ଆଲୋଡ଼ନ ସୃଷ୍ଟି କରିଛନ୍ତି । ରାଜାଙ୍କ ମୁଖରେ କବି ପ୍ରକାଶ କରିଛନ୍ତି—"କିଂ ନୁ ଖଳୁ ଗୀତମାକର୍ଣ୍ଣ୍ୟ ଇଷ୍ଟଜନ-ବିରହାଦୃତେଽପି ବଲବଦୁତ୍କଣ୍ଠିତୋଽସ୍ମି । ଅଥବା—

ରମ୍ୟାଣି ବୀକ୍ଷ୍ୟ ମଧୁରାଂଶ୍ଚ ନିଶମ୍ୟ ଶବ୍ଦାନ୍
ପର୍ଯ୍ୟୁତ୍ସୁକୀ ଭବତି ଯତ୍ ସୁଖିତୋଽପି ଜନ୍ତୁଃ ।
ତଚ୍ଚେତସା ସ୍ମରତି ନୂନମବୋଧ-ପୂର୍ବଂ
ଭାବ ସ୍ଥିରାଣି ଜନନାନ୍ତର-ସୌହୃଦାନି ।"

—ସଙ୍ଗୀତଟି ଶ୍ରବଣ କଲାପରେ ମୋର ହୃଦୟ ଏପରି ବ୍ୟାକୁଳ ହେଉଛି କାହିଁକି ? ପ୍ରିୟଜନଙ୍କର ବିଚ୍ଛେଦରେ ମନରେ ଏପରି ଅବସ୍ଥା ଘଟେ, କିନ୍ତୁ ମୋର ତ ସେପରି କିଛି ଘଟିନାହିଁ । ତଥାପି ମନୁଷ୍ୟ ନାନାପ୍ରକାରେ ସୁଖୀଥିଲେ ମଧ୍ୟ ହଠାତ୍ କୌଣସି ରମଣୀୟ ବସ୍ତୁ ଦର୍ଶନ କରି କିମ୍ବା କୌଣସି ମଧୁର ସଙ୍ଗୀତ ଶ୍ରବଣକରି ବ୍ୟାକୁଳଚିତ୍ତ ହୋଇ ଉଠିବାର କାରଣ ବୋଧହୁଏ ଜୀବର ହୃଦୟରେ ସଞ୍ଚିତ ପୂର୍ବଜନ୍ମର କୌଣସି ଆକର୍ଷଣୀୟ ବସ୍ତୁର ସଂସ୍କାର ବା ସ୍ମୃତିର ତା'ର ଚିତ୍ତରେ ଅଜ୍ଞାତ ଭାବରେ ଜାଗରଣ ।

ପରେ ପରେ କାଳିଦାସ କଞ୍ଚୁକୀ ମୁଖରେ ରାଜାଙ୍କର କର୍ତ୍ତବ୍ୟର ଗୁରୁତ୍ୱ ସମ୍ପର୍କରେ ସୂଚନା ଦେଇ ତାପସ ତାପସୀଙ୍କର ଆଗମନର ସମ୍ବାଦ ତାଙ୍କୁ ଶୁଣାଇଛନ୍ତି । ରାଜା ବୈଦିକବିଧିରେ ସେମାନଙ୍କର ଅଭ୍ୟର୍ଥନା କରିବା ପାଇଁ ନିର୍ଦ୍ଦେଶ ଦେଇ ବେତ୍ରବତୀକୁ (ପ୍ରତିହାରୀ) ଅଗ୍ନିଗୃହର ପଥ ଦେଖାଇବା ପାଇଁ କହିଛନ୍ତି । ପୁନଶ୍ଚ ସେଇ ଅଜ୍ଞାତ ବ୍ୟାକୁଳତା ଓ ସଂଶୟରେ ତାଙ୍କ ଚିତ୍ତ ଆନ୍ଦୋଳିତ ହୋଇଛି ।

ମେଘଦୂତର ସର୍ଗର ଆରମ୍ଭରେ ରାଜାଙ୍କ ଚିତ୍ତର ବ୍ୟାକୁଳତାର କୌଣସି ସୂଚନା ଦେଇ ନାହାନ୍ତି; କିନ୍ତୁ ସଂଘର୍ଷର ଭାବୀ ଗୁରୁତ୍ୱ ଓ ମନସ୍ତତ୍ତ୍ୱ ଦୃଷ୍ଟିରୁ ଅଭିଜ୍ଞାନ ଶକୁନ୍ତଳମ୍‌ରେ ରାଜାଙ୍କ ଚିତ୍ତର ବ୍ୟାକୁଳତା ଓ ସଂଶୟରେ ଚିତ୍ରଟି ଅତି ସ୍ୱାଭାବିକ ହୋଇଛି । ଅଭିଜ୍ଞାନ ଶକୁନ୍ତଳମ୍‌ରେ ବୈତାଳିକ ଦ୍ୱୟଙ୍କ ମୁଖରେ ରାଜ-ପ୍ରଶସ୍ତିର ଯେଉଁ ଉଲ୍ଲେଖ ରହିଛି ତା'ର ଅବଲମ୍ବନରେ ମେଘଦୂତର ଏହି ସର୍ଗ ଆରମ୍ଭରେ ତା'ର ବିସ୍ତୃତ ବର୍ଣ୍ଣନା ଦେଇଛନ୍ତି । କାଳିଦାସ ଲେଖିଛନ୍ତି—

"ସ୍ୱସୁଖ ନିରଭିଲାଷଃ ଖିଦ୍ୟସେ ଲୋକହେତୋଃ
ପ୍ରତିଦିନ ମଥବା ତେ ସୃଷ୍ଟିରେବଂ ବିଧୈବ ।
ଅନୁଭବତି ହି ମୂର୍ଦ୍ଧ୍ନା ପାଦପସ୍ତୀବ୍ରମୁଷ୍ଣଂ
ଶମୟତି ପରିତାପଂ ଛାୟୟା ସଂଶ୍ରିତାନାମ୍ ।"

—"ମହାରାଜ ! ଆପଣ ନିଜ ସୁଖରେ ଉଦାସୀନ ରହି ଅନବରତ ପ୍ରଜାଙ୍କର ହିତପାଇଁ କି କଷ୍ଟ ନପାଉଛନ୍ତି । ଅଥବା ଆପଣଙ୍କର ଜନ୍ମ ଏହି ପ୍ରକାରେ ପରର ହିତ ସାଧନ ନିମିତ୍ତ । ବୃକ୍ଷ ଯେପରି ନିଜେ ମଥାପାତି ପ୍ରଖର ସୂର୍ଯ୍ୟ କିରଣ ସହ୍ୟ କରେ ଏବଂ ତା'ର ତଳେ ଆଶ୍ରୟ ନେଇଥିବା ପ୍ରାଣୀମାନଙ୍କୁ ଛାୟାରେ ଆଚ୍ଛନ୍ନ କରି ସେମାନଙ୍କର ତାପକୁ ପ୍ରଶମିତ କରେ, ଆପଣ ଠିକ୍ ସେହିପରି ।" ଏହି ଭାବର ଅବିକଳ ଅନୁସରଣରେ ମେହେର ଲେଖିଛନ୍ତି—

"ନିଜେ ଦୁଃଖ ସହି ହରୁଥିଲେ ସଦା
ପ୍ରକୃତି ପୁଞ୍ଜର ଦୁଃଖ,
ପାଦପ ଯେମନ୍ତ ଛାୟା ଦିଏ ସହି
ପ୍ରଚଣ୍ଡ ଭାନୁ ମୟୂଖ ।"

ସିଂହଦ୍ୱାରରେ ରାଜାଙ୍କ ପ୍ରତୀକ୍ଷାରେ ରହିଥିବା ସମୟରେ ଶକୁନ୍ତଳାଙ୍କ ହୃଦୟରେ ସ୍ୱାମୀଙ୍କ ସହ ଆସନ୍ନ-ମିଳନର ଉତ୍କଣ୍ଠାକୁ କବି ଯେପରି ଆବେଗପୂର୍ଣ୍ଣ ଭାଷାରେ ବର୍ଣ୍ଣନା କରି ନିଜର ସ୍ୱାତନ୍ତ୍ର୍ୟର ପରିଚୟ ଦେଇଛନ୍ତି ତା'ର ଆଭାସ ଅଭିଜ୍ଞାନ ଶକୁନ୍ତଳମ୍‌ରେ ନାହିଁ । ମେହେର ଶକୁନ୍ତଳାଙ୍କ ମୁଖରେ ପ୍ରକାଶ କରିଛନ୍ତି—

"ଏହୃପଣି କାନ୍ତ ଅସିଯିବେ ପରା
ମୋ ଆସିବା ଉଦନ୍ତରେ ।
କେ ଜାଣି ଆପଣେ ନିକେ ହସିହସି
ନେବେ ମୋର କର ଧରି,
ଅଥବା ସାଦରେ ଘେନିଯିବା ଲାଗି
ପଠାଇବେ ସହଚରୀ ।"

କିନ୍ତୁ କାଳିଦାସଙ୍କର ଶକୁନ୍ତଳା ଆସନ୍ନ-ମିଳନର ସ୍ୱପ୍ନାବେଶରେ ଭାସିଯାଇ ନାହାନ୍ତି ବରଂ ରାଜାଙ୍କ ନିକଟକୁ କଞ୍ଚୁକୀ ଓ ପୁରୋହିତଙ୍କ ସଙ୍ଗରେ ଯିବା ସମୟରେ ତାଙ୍କର ଦକ୍ଷ ନେତ୍ର ସ୍ପନ୍ଦିତ ହେବାରୁ କୌଣସି ଭାବୀ-ଅମଙ୍ଗଳ ଆଶଙ୍କାରେ ଉଦ୍‌ବିଗ୍ନା ହୋଇ ପଡ଼ିଛନ୍ତି । ଶକୁନ୍ତଳା କହୁଛନ୍ତି—

'ଅମ୍ମହେ କିଂ ମେ ବାମେଅରଂ ଣଅଣଂ ବପ୍‌ଫୁରଇ ।'

ଜନକୋଳାହଳପୂର୍ଣ୍ଣ ରାଜଭବନର ଦର୍ଶନରେ, ସର୍ବଦା ବିଷୟ ଓ କ୍ଷମତାଉଦାସୀନ ଶାର୍ଙ୍ଗରବ ଓ ଶାରଦ୍‌ବତ ଯେପରି ପରାଧୀନ ବା ଶୃଙ୍ଖଳିତ ବ୍ୟକ୍ତିର ପୀଡ଼ା ଅନୁଭବ କରୁଛନ୍ତି ଏବଂ ପୁରୋହିତଙ୍କର ଅଯଥା ରାଜ ତୋଷାମୋଦର ତୀବ୍ର ସମାଲୋଚନା କରୁଛନ୍ତି ତା'ର ସୂଚନା ପ୍ରଣୟ ବଲ୍ଲରୀରେ ନାହିଁ ।

ରାଜା ଅଗ୍ନିଗୃହରେ ତପସ୍ୱୀମାନଙ୍କ ମଧ୍ୟରେ ଶକୁନ୍ତଳାଙ୍କୁ ଦେଖି ତାଙ୍କର ଅଙ୍ଗଲତାର ନୈସର୍ଗିକ ଲାବଣ୍ୟ ସମ୍ପର୍କରେ ପ୍ରଶଂସା କରିବାକୁ ଯାଇ ଯାହା କହୁଛନ୍ତି—

'ଭା ସ୍ୱିଦବଗୁଣ୍ଠନବତୀ ନାତିପରିସ୍ଫୁଟ ଶରୀର-ଲାବଣ୍ୟା,
ମଧ୍ୟେ ତପୋଧନାନାଂ କିସଲୟମିବ ପାଣ୍ଡୁପତ୍ରାଣାମ୍ ।'

ତାହା ମେଘେର ଅବିକଳ ପ୍ରତିହାରୀ ମୁଖରେ ଫୁଟାଇଛନ୍ତି,
ଯଥା—

"ତାପସଙ୍କ ମଧ୍ୟେ ତରୁଣୀର ରୂପ
ଦିଶୁଛି ଲାବଣ୍ୟ ମୟ,
ପାଣ୍ଡୁର-ପତ୍ର- ମଧ୍ୟେ ମନୋରମ
ଯଥା ନବ-କିଶଳୟ ।"

ତାପସଙ୍କ ପ୍ରତି ରାଜାଙ୍କର ଆତିଥ୍ୟ ଓ କୁଶଳ ଜିଜ୍ଞାସାର ଚିତ୍ର ସଂକ୍ଷିପ୍ତ ହେଲେହେଁ ଅଭିଜ୍ଞାନ ଶକୁନ୍ତଳମ୍‌ର ଅନୁରୂପ । ଅଭିଜ୍ଞାନ ଶକୁନ୍ତଳମ୍‌ରେ ତାପସଙ୍କ ହସ୍ତରେ କଣ୍ୱଙ୍କର କୌଣସି ପ୍ରେରିତ ପତ୍ରିକାର ଉଲ୍ଲେଖ ନାହିଁ ବୋଲି ପୂର୍ବ ସର୍ଗରେ ସୂଚିତ ହୋଇଛି । ପ୍ରଣୟ ବଲ୍ଲରୀରେ କାହାଣୀର ପରିବେଶକୁ ଅଧିକ ଉତ୍କଣ୍ଠା ଓ ଉତ୍ତେଜନାପୂର୍ଣ୍ଣ କରିବା ପାଇଁ ମେଘେର କଣ୍ୱଙ୍କର ଲିଖିତ ପତ୍ରିକାର ସୂଚନା ଦେଇଛନ୍ତି ବୋଲି ମନେ ହୁଏ ।

କଣ୍ୱଙ୍କର ପତ୍ରିକା ପାଠ ପରେ ରାଜାଙ୍କ ମନରେ ଯେଉଁ ପ୍ରତିକ୍ରିୟା ଜାତ ହୋଇଛି ଏବଂ ଶାର୍ଙ୍ଗରବ ଓ ଶାରଦ୍ୱତଙ୍କ ସହିତ ତାଙ୍କର ଯେଉଁ ଉତ୍ତେଜନା ମୂଳକ ଉକ୍ତି ପ୍ରତ୍ୟୁକ୍ତିର କବି ସୂଚନା ଦେଇଛନ୍ତି ତାହା ସ୍ଥୂଳତଃ ଅଭିଜ୍ଞାନ ଶକୁନ୍ତଳମ୍‌ର ଅନୁରୂପ ହେଲେ ମଧ୍ୟ ପ୍ରଣୟ ବଲ୍ଲରୀରେ ଅଧିକ ତୀବ୍ର ହୋଇ ପଡ଼ିଛି । ଅଭିଜ୍ଞାନ ଶକୁନ୍ତଳମ୍‌ରେ ରାଜା ଶକୁନ୍ତଳାଙ୍କ ସହ ପ୍ରଣୟ ତଥା ପରିଣୟ ବ୍ୟାପାରକୁ ଏକ ଉପନ୍ୟାସ, ଅଳୀକ ବ୍ୟାପାର ବୋଲି ସୂଚିତ

କଲେ ମଧ୍ୟ ମେଟେହ୍ୱରଙ୍କ ଦୁଷ୍ମନ୍ତଙ୍କ ପରି ହଠାତ୍ ଉତ୍ତ୍ୟକ୍ତ ହୋଇ ପଡ଼ିନାହାନ୍ତି, ବରଂ ଶକୁନ୍ତଳାଙ୍କର ଅବଗୁଣ୍ଠନ ଉନ୍ମୋଚନ ପରେ ତାଙ୍କର ନୈସର୍ଗିକ ଅଙ୍ଗକାନ୍ତି ଦେଖି ମୁଗ୍ଧ ହୋଇ ପଡ଼ିଛନ୍ତି ଏବଂ ଶାନ୍ତ ଆବେଗ ଜଡ଼ିତ ଅଥଚ ସଂଶୟାକୁଳ ଚିତ୍ତରେ ପ୍ରକାଶ କରିଛନ୍ତି —"କି ଅପୂର୍ବ ରୂପ । ଏ ପ୍ରକାର ଅମ୍ଳାନ ସୌନ୍ଦର୍ଯ୍ୟ ମୋ ନିକଟରେ ଉପସ୍ଥିତ, ଅଥଚ ଏହାକୁ ପୂର୍ବରୁ ମୋର ବୋଲି ଗ୍ରହଣ କରିଛି କି ନାହିଁ ଏହି ଚିନ୍ତାରେ ଆକୁଳ ହୋଇ ଏହାକୁ ଉପଭୋଗ କରି ପାରୁ ନାହିଁ କି ପ୍ରତ୍ୟାଖ୍ୟାନ କରିବାକୁ ମନ ବଳୁନାହିଁ । ଶିଶିର ବର୍ଷିଣୀ ରଜନୀର ଅବସାନରେ ଭ୍ରମର ଶିଶିରସିକ୍ତ କୁନ୍ଦ କୁସୁମକୁ ଯେପରି ଭୋଗକରି ପାରେ ନାହିଁ କି ଛାଡ଼ିଯାଇ ପାରେ ନାହିଁ, ଆଜି ଏଇ ଅନ୍ତଃସତ୍ତ୍ୱା ମୁନିକନ୍ୟାଙ୍କୁ ଦେଖି ମୋର ସେହି ଅବସ୍ଥା ହୋଇଛି(୧)।" ପୁଣି କ୍ଷଣକାଳ ନୀରବ ରହି ବିଧୁର ସିକ୍ତ ଚିତ୍ତରେ କହୁଛନ୍ତି— "ବହୁ ଚିନ୍ତା କରି ମଧ୍ୟ ଏହି ରୂପସୀ ରମଣୀର ପରିଣୟ କଥା ମୁଁ ସ୍ମରଣକୁ ଆଣିପାରୁ ନାହିଁ, ଏ ସ୍ଥଳରେ କିପରି ଗର୍ଭବତୀ ରମଣୀକୁ ପତ୍ନୀରୂପେ ଗ୍ରହଣ କରିବି ? (୨)

---

(୧) ଇଦମୁପନତମେବଂ ରୂପମକ୍ଲିଷ୍ଟ-କାନ୍ତି
ପ୍ରଥମ-ପରିଗୃହୀତଂ ସ୍ୟାନ୍ନ ବେତି ବ୍ୟବସ୍ୟନ୍ ।
ଭ୍ରମରଇବ ବିଭାତେ କୁନ୍ଦମନ୍ତସ୍ତୁଷାରଂ
ନ ଚ ଖଲୁ ପରିଭୋକ୍ତୁଂ ନୈବ ଶକ୍ନୋମି ହାତୁମ୍ ।

(୨) ମଯ୍ୟେବ ବିସ୍ମରଣ-ଦାରୁଣ-ଚିତ୍ତ-ବୃତ୍ତୌ
ବୃତ୍ତଂ ରହଃ ପ୍ରଣୟମପ୍ରତିପଦ୍ୟମାନେ ।
ଭେଦାନ୍ ଭ୍ରୁବୋଃ କୁଟିଲୟୋରତିଲୋହିତାକ୍ଷ୍ୟା
ଭଗ୍ନଂ ଶରାସନ ମିବାତିରୁଷା ସ୍ମରସ୍ୟ ।

ତାପସ ତାପସୀମାନଙ୍କ ସହିତ କଥୋପକଥନ ଶେଷରେ କାଳିଦାସ ଦୁଷ୍ମନ୍ତ ଚରିତ୍ରର ଯେଉଁ ସ୍ୱାଭାବିକତା ରକ୍ଷାକରିଛନ୍ତି ତା'ର ବ୍ୟତିକ୍ରମ ଘଟିଛି ପ୍ରଣୟ ବଲ୍ଲରୀରେ । ମେହେରଙ୍କ ଦୁଷ୍ମନ୍ତ ପତ୍ର ପାଠପରେ ଶକୁନ୍ତଳାଙ୍କ ପ୍ରତି ବିସ୍ମିତ ଦୃଷ୍ଟି ନିକ୍ଷେପ କରିଛନ୍ତି ଏବଂ ପତ୍ରିକା ବର୍ଣ୍ଣିତ ଘଟଣାକୁ ମୁନିଙ୍କର ଶଠତା ବୋଲି ତୀବ୍ର ଆକ୍ଷେପୋକ୍ତି ପ୍ରୟୋଗ କରିଛନ୍ତି—

ବିସ୍ମିତ ନୟନେ ଶକୁନ୍ତଳା ପ୍ରତି
ଚାହିଁ ଚାହିଁ ବାରମ୍ବାର,
ବିପର୍ଯ୍ୟସ୍ତ ହୃଦୟେ ପୁଣି ବିଚାରିଲେ
ଏତ ବଡ଼ ଚମତ୍କାର ।

× × ×

ଶଠ ଶାଠ୍ୟୁଁ ବଳି ମୁନିଙ୍କ ପତ୍ରରେ
ପୂରିଅଛି ଯେଉଁ ଶାଠ୍ୟ,
ମୁନି ହେଲେ ଜଟ ଛିଣ୍ଡାଇ ମରନ୍ତେ,
ଏକି ଶ୍ରାବ୍ୟ, ଏକି ପାଠ୍ୟ ?"

ପୁଣି ମେହେରଙ୍କ ଦୁଷ୍ମନ୍ତ କାଳିଦାସଙ୍କ ଦୁଷ୍ମନ୍ତ ପରି ଶକୁନ୍ତଳା ପ୍ରଣୟ ସମ୍ପର୍କରେ ନିଜର ସଂଶୟାକୁଳତାର କୌଣସି ସଙ୍କେତ ନଦେଇ ସ୍ପଷ୍ଟଭାବରେ କହିଛନ୍ତି—

"ଏ ନାରୀ ସହିତ କେବେ କାହିଁ ମୋର
ହୋଇ ନାହିଁ ପରିଣୟ,
ପୁରୁବଂଶୀ ଆଗେ ଦେଖାଗଲା ଆଜି
ଅଭିନବ ଅଭିନୟ ।"

ମେହେରଙ୍କ ଶାର୍ଙ୍ଗରବ ଓ ଶାରଦ୍ୱତ ବିଦାୟ କାଳରେ ରାଜାଙ୍କ ପ୍ରତି ଅଭିଶାପ ବର୍ଷଣକ କ୍ରୋଧୋକ୍ତି ପ୍ରକାଶ କରିଥିଲେ ମଧ୍ୟ କାଳିଦାସଙ୍କ ଚରିତ୍ର ଅପେକ୍ଷା କିଞ୍ଚିତ ଶାନ୍ତ । ଦୁଷ୍ମନ୍ତଙ୍କର ଅସ୍ୱୀକାରବାଣୀ ଶୁଣି ଅଭିଜ୍ଞାନ ଶକୁନ୍ତଳମ୍‌ରେ ଶାର୍ଙ୍ଗରବ ଶକୁନ୍ତଳାଙ୍କର ନିର୍ଦ୍ଦୋଷତାର ପରିଚୟ ଦେବା ସଙ୍ଗେ ସଙ୍ଗେ ରାଜାଙ୍କୁ କ୍ରୁଦ୍ଧ ହୋଇ କହୁଛନ୍ତି, "ଅତୀତ ପ୍ରଣୟ ଅସ୍ୱୀକାର କରି ଆପଣ ଯେଉଁ ଅଧର୍ମାଚରଣ କରୁଛନ୍ତି ଏଇଟା କି ଆପଣଙ୍କ ପରି ରାଜାଙ୍କର କର୍ତ୍ତବ୍ୟ ? ନାନା ପ୍ରଲୋଭନରେ ଶକୁନ୍ତଳାଙ୍କୁ ତୁମେ ବଶୀଭୂତ କରି ଦସ୍ୟୁପରି ଉପଭୋଗ କରିଛ, ତଥାପି ଯେଉଁ ହୃଦୟବାନ ମହର୍ଷି ( କଣ୍ୱ ) ତୁମର କାର୍ଯ୍ୟ ଅନୁମୋଦନ କରି କନ୍ୟା ଅର୍ପଣ କରିଛନ୍ତି ଏ ପ୍ରକାର କ୍ଷମାଶୀଳ ଋଷିଙ୍କୁ ଅପମାନିତ କରି ଏ ପ୍ରକାର ନୀଚ ବ୍ୟବହାର ଦେଖାଇବା କଣ ତୁମ ପକ୍ଷରେ ଉଚିତ ?" କିନ୍ତୁ ପ୍ରଣୟ ବଲ୍ଲରୀରେ ଶାରଦ୍ୱତ କେବଳ ରାଜାଙ୍କ କଥାରେ କାଂଚିତ୍ କ୍ରୋଧ ପ୍ରକାଶକରି 'ସବୁକଥା କଣ ମିଥ୍ୟା 'ବୋଲି ରାଜାଙ୍କୁ ପ୍ରଶ୍ନ କରିଛନ୍ତି ଏବଂ କାଳିଦାସଙ୍କ ଶାରଦ୍ୱତ ପରି ଶକୁନ୍ତଳାଙ୍କୁ ନିଜର ପ୍ରଣୟ ପ୍ରତିପାଦନ କରିବାପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ପ୍ରତିକୂଳ ପରିବେଶରେ କାଳିଦାସ ଯେପରି ଭାବରେ ଶକୁନ୍ତଳାଙ୍କୁ ବାସ୍ତବବାଦିନୀ ତଥା ପ୍ରଗଲ୍‌ଭା କରି ତାଙ୍କ ଚରିତ୍ରକୁ ଅଧିକ ସ୍ୱାଭାବିକ କରିଛନ୍ତି ମେହେର ତାହା କରିନାହାନ୍ତି । କବି ଅମୂଳଚୂଳ ଏକଆଦର୍ଶର ଆଧାରରେ ପ୍ରଣୟବଲ୍ଲରୀ ରଚନା କରିଥିବାରୁ ଶକୁନ୍ତଳା ଚରିତ୍ରର ଆଦର୍ଶ ମୂର୍ତ୍ତି ତୁଳନାରେ ତାଙ୍କର ବାସ୍ତବ ମୂର୍ତ୍ତିଟି ନଷ୍ଟ ଭ କରି ଦେଇଛନ୍ତି ବୋଲି ମନେହୁଏ । ମେହେରଙ୍କ ଦୃଷ୍ଟିରେ ଶକୁନ୍ତଳା ଅତିମାନ ପ୍ରଣୟମୁଗ୍ଧା ଓ ଲଜ୍ଜାଶୀଳା । ଦୃଷ୍ଟାନ୍ତ ସ୍ୱରୂପ ଯେତେବେଳେ ଦୁଷ୍ମନ୍ତ ଶକୁନ୍ତଳାଙ୍କର ପରିଣୟ ସମ୍ପର୍କରେ

ତାପସଙ୍କ ପ୍ରତି ସଂଶୟାକୁଳ ପ୍ରଶ୍ନବାଚୀ ପ୍ରୟୋଗ କରିଛନ୍ତି ସେତେ-ବେଳେ କାଳିଦାସଙ୍କ ଶକୁନ୍ତଳା ବିପର୍ଯ୍ୟ ଶବ୍ଦରେ କହୁଛନ୍ତି—"ହୃଦୟ ! ଯେଉଁ ଆଶଙ୍କା କରିଥିଲ ବର୍ତ୍ତମାନ ତାହା ଉପସ୍ଥିତ ହେଲା । × × × ଦେଖୁଛି ଆର୍ଯ୍ୟ ପୁତ୍ରଙ୍କର ପରିଣୟରେ ଘୋର ସନ୍ଦେହ ଜାତ ହୋଇଛି । ରାଜମହିଷୀ ହୋଇ କେତେ ଐଶ୍ୱର୍ଯ୍ୟ ଓ ସୁଖର ସଂଭୋଗରେ କାଳ ଯାପନ କରିବି ବୋଲି ଯେଉଁ ତୁଙ୍ଗ ଆଶା ପୋଷଣ କରିଥିଲି, ତାହା ଚୂର୍ଣ୍ଣ ହୋଇ ଯାଉଛି ।" କିନ୍ତୁ ମେହେରଙ୍କ ଏ ପର୍ଯ୍ୟନ୍ତ ପ୍ରଣୟ ମୁଗ୍‌ଧ ଶକୁନ୍ତଳାଙ୍କ ଚରିତ୍ର କୌଣସି ମାନସିକ ପ୍ରତିକ୍ରିୟାର ଇଂଗିତ ଦେଇ ନାହାନ୍ତି ।

ପୂର୍ବରୁ କୁହା ଯାଇଛି—କାଳିଦାସଙ୍କ ଶକୁନ୍ତଳା ମେହେରଙ୍କ ଶକୁନ୍ତଳା ଅପେକ୍ଷା ବାସ୍ତବବାଦିନୀ, ଆତ୍ମସଚେତନା ଓ ପ୍ରଗଲ୍‌ଭା; ଏପରିକି ଦୁଷ୍ମନ୍ତଙ୍କର ନିର୍ମମ ପ୍ରତ୍ୟାଖ୍ୟାନରେ ସେ ଉତ୍‌ଯକ୍ତା ହୋଇ ତାଙ୍କୁ ଅନାର୍ଯ୍ୟ, ନିଷ୍ଠୁର ବୋଲି କହିବାକୁ ମଧ୍ୟ କୁଣ୍ଠାବୋଧ କରି ନାହାନ୍ତି । ଶାରଦ୍‌ବତଙ୍କ ନିର୍ଦ୍ଦେଶରେ ଶକୁନ୍ତଳା ନିଜର ପ୍ରଣୟ ପ୍ରତିପାଦନ କରିବାକୁ ଯାଇ କହିଛନ୍ତି, "ଅତୀତର ଗଭୀର ପ୍ରେମର ପରିଣାମ ଯେତେବେଳେ ପ୍ରତ୍ୟାଖ୍ୟାନ, ସେତେବେଳେ ରାଜାଙ୍କୁ ସ୍ମରଣ କରାଇ ଦେଇ ଲାଭ କ'ଣ ?" ପୁଣି ଆତ୍ମସଚେତନ ହୋଇ ଆକ୍ଷେପ କରି କହିଛନ୍ତି, "ମୋର ଆତ୍ମାକୁ କଳଙ୍କମୁକ୍ତ କରିବା ପାଇଁ ଗୋଟିଏ ଦିଓଟି କଥା କହୁଛି—ପୌରବ ! ସେହି ନିର୍ଜନ ତପୋବନରେ କେତେ ପ୍ରତିଜ୍ଞା କେତେ ପ୍ରଲୋଭନର ଜାଲ ବିସ୍ତାର କରି ଏହି ଅକଳଙ୍କ ସରଳା ହତଭାଗିନୀକୁ ପ୍ରତାରଣା କରି ବର୍ତ୍ତମାନ ପ୍ରତ୍ୟାଖ୍ୟାନ କରିବା ଆପଣଙ୍କ ପରି ପୁରୁଷଶ୍ରେଷ୍ଠଙ୍କ

ପକ୍ଷରେ ବାସ୍ତବରେ ଯୁକ୍ତିଯୁକ୍ତ ।" ରାଜା ଅତି ନିଷ୍ଠୁର ଭାବରେ ତାଙ୍କୁ ଯେତେବେଳେ କୂଳଭଙ୍ଗକାରିଣୀ ସ୍ରୋତସ୍ୱିନୀ ସହିତ ତୁଳନା କରି କଳଙ୍କିନୀ ବୋଲି ଆକ୍ଷେପ କରୁଛନ୍ତି, ଶକୁନ୍ତଳା ପ୍ରେମର ନିଦର୍ଶନ ରାଜାଙ୍କର ସେହି ନାମାଙ୍କିତ ମୁଦ୍ରିକା ଦର୍ଶାଇ ତାଙ୍କର ସଂଶୟ ଦୂର କରିବା ପାଇଁ ମୁଦ୍ରିକାକୁ ନ ପାଇ ହତାଶ ହୋଇ ପଡ଼ିଛନ୍ତି । ମୁଦ୍ରିକାଟି ଶଚୀତୀର୍ଥ ଜଳରେ ପଡ଼ି ଯାଇଥିବ ବୋଲି ଗୌତମୀ ଯେତେବେଳେ ସୂଚନା ଦେଲେ, ରାଜା ନାରୀର ପ୍ରତ୍ୟୁତ୍ପନ୍ନମତିତା ସମ୍ପର୍କରେ ବ୍ୟଙ୍ଗ କରିବାରୁ ଶକୁନ୍ତଳା କହୁଛନ୍ତି— "ବିଧାତା ଆପଣଙ୍କୁ କହିବାର ସୁଯୋଗ ଦେଇଛନ୍ତି ।" ଶକୁନ୍ତଳା ଜୀବନର ଚରମ ସଙ୍କଟପୂର୍ଣ୍ଣ ମୁହୂର୍ତ୍ତରେ ଭାଙ୍ଗି ନ ପଡ଼ି ପ୍ରଣୟର ଅନ୍ୟ ନିଦର୍ଶନ ଦେବାକୁ ଯାଇ କହୁଛନ୍ତି, ନବ ମାଳିକା ମଣ୍ଡପରେ ପଦ୍ମପତ୍ର ନିର୍ମିତ ପାତ୍ରରେ ଜଳ ଧରି ଆପଣ ମୋର ପୁତ୍ରସମ ପାଳିତ ଦୀର୍ଘାପାଙ୍ଗ ନାମକ ହରିଣ ଶିଶୁକୁ ଜଳପାନ କରାଇବାକୁ ଚେଷ୍ଟା କରିଥିଲେ, କିନ୍ତୁ ଅପରିଚିତ ଭାବି ସେ ନ ଆସିବାରୁ ମୁଁ ଜଳପାତ୍ର ଧରିବାରୁ ସେ ଆସି ଜଳପାନ କଲା ।" ଦୁଷ୍ମନ୍ତ ଏହାକୁ ରମଣୀର କାର୍ଯ୍ୟସିଦ୍ଧି ନିମିତ୍ତ ଏକ କୌଶଳ ବୋଲି ବ୍ୟଙ୍ଗ କରିବାରୁ ଶକୁନ୍ତଳା କ୍ରୋଧରେ ଗର୍ଜି କହୁଛନ୍ତି, "ଅନାର୍ଯ୍ୟ ! ତୁମେ ନିଜର ହୃଦୟର ଓଜନ ଦ୍ୱାରା ଜଗତକୁ ଓଜନ କରିବାକୁ ଚାହଁ; ତୁମପରି ବାହ୍ୟ ଧର୍ମ ଆବରଣରେ କାହାକୁ ଠକେଇ ତୃଣାବୃତ କୂପପରି କେହି ହୋଇ ନ ପାରନ୍ତି (୩)। ମୋତେ ତୁମେ ସ୍ୱେଚ୍ଛାଚାରିଣୀ

---

(୩) ଶକୁନ୍ତଳା (ସରୋଷମ୍)—ଅଣଜ୍ଜ ଅତ୍ତଣୋ ହିଅ ଅଣୁମାଣେଣ ପେକ୍ଖସି । କୋ ଦାଣିଂ ଅଣ୍ଣୋ ଧମ୍ମ କଞ୍ଚୁଅପ ପବେସିଣୋ ତିଣଚ୍ଛଣ୍ଣ କୂବୋବମସ୍ସ ତବ ଅଣୁକିଦିଂ ପଡ଼ିବଜ୍ଜିସ୍ସଦି ।

ବୋଲି ପ୍ରମାଣ କଲି, ମୁଁ ଜାଣିଥିଲି—ପୁରୁବଂଶୀ ଗଣ ଅତି ଉଦାର ଓ ସରଳ ପ୍ରକୃତିର, କିନ୍ତୁ ତୁମପରି ବିଷକୁମ୍ଭ ପୟୋମୁଖଙ୍କ ଠାରେ ଆତ୍ମସମର୍ପଣ କରି ତା'ର ପରିଣତି ଭୋଗ କଲି ।"

କିନ୍ତୁ ମେହେରଙ୍କ ଶକୁନ୍ତଳା କାଳିଦାସଙ୍କ ଶକୁନ୍ତଳା ପରି ଏ ପ୍ରକାର ପ୍ରଗଲ୍‌ଭା ଓ ଆତ୍ମସଚେତନା ହୋଇ ନାହାନ୍ତି । ରାଜାଙ୍କର ନିଷ୍ଠୁର ପ୍ରତ୍ୟାଖ୍ୟାନରେ ମନରେ ଚଳେହେଲେ କ୍ରୋଧ ପ୍ରକାଶ କରି ନାହାନ୍ତି କି କର୍କଶ ବାକ୍ୟ ପ୍ରୟୋଗ କରିନାହାନ୍ତି, ବରଂ ଲଜ୍ଜା ଜଡ଼ିତ ଶାନ୍ତ ଚିତ୍ତରେ ରାଜାଙ୍କର କଠୋର ବାକ୍ୟକୁ ପ୍ରଣୟୀ ସୁଲଭ ପରିହାସ ବୋଲି ମନେକରି କହୁଛନ୍ତି—

"ବୁଝିପାରୁ ନାହିଁ, ସତ୍ୟ କି ଏକଥା
ଚଳୁଅଛି ପରିହାସ,
ମୋ' ମନ ପରୀକ୍ଷା କରୁଛନ୍ତି ବୋଲି
ହେଉଅଛି ଦୃଢ଼ ବିଶ୍ୱାସ ।
କେତେ ରଙ୍ଗେ ଭାଷ କରନ୍ତି ନରେଶ
ବୁଝିବ ବୁଝିବା ଲୋକ,
ଭିନ୍ନ ଭିନ୍ନ ଅର୍ଥ ବହି ବିରଚିତ
ହୋଇଥାଏ ତାଙ୍କ ଶ୍ଳୋକ ।"

ରାଜାଙ୍କର ନିଷ୍ଠୁର ସଂଶୟ ବ୍ୟଞ୍ଜକ ପ୍ରଶ୍ନ ସତ୍ତ୍ୱେ ସ୍ଥିତପ୍ରଜ୍ଞା, ଅବିଚଳିତା ଶକୁନ୍ତଳା ଅନ୍ୟାନ୍ୟ ଭାରତୀୟ ସତୀ ନାରୀପରି ହୃଦୟ ବେଦୀରେ ସତୀତ୍ୱର ଦୀପଶିଖା ସନ୍ଦୀପିତ ରଖି ଶାନ୍ତ ଓ କୋମଳ କଣ୍ଠରେ ଉତ୍ତର ଦେଇଛନ୍ତି—

"ଯେଉଁ ବଚନ ମୋ ଜୀବନ କିଣିଲା
ଶୁଣୁଅଛି ସେହି ସ୍ୱର,

କମଳିନୀ କେବେ ଝିଙ୍କଣି ଅଛି କି
ନ ଗୃହି ନିଜେ ଭାସ୍କର ?

× × ×

ସ୍ୱାମୀ ଥିବା ଯେବେ ସମ୍ମତ ନୁହନ୍ତି
ଦେଖିବ କାହିଁ ଲପନ ?"

ପ୍ରଣୟୀର ନିଦର୍ଶନ ଦୁଷ୍ମନ୍ତଙ୍କ ନାମାଙ୍କିତ ମୁଦ୍ରିକା ଅଞ୍ଚଳରେ ନ ପାଇ ଶକୁନ୍ତଳା ଯେତେବେଳେ ହତାଶ ହୋଇ ପଡ଼ିଛନ୍ତି, ରାଜାଙ୍କର ବିଦ୍ରୂପ ବାଣରେ ତାଙ୍କର ପ୍ରାଣ କୁରଙ୍ଗୀଟି ଯେତେବେଳେ କ୍ରନ୍ଦନ କରି ଉଠିଛି, ଯେତେବେଳେ କାଳିଦାସଙ୍କ ଶକୁନ୍ତଳା ପରି ଦୁଷ୍ମନ୍ତଙ୍କ ପ୍ରତି କୌଣସି କଟୂକ୍ତି ପ୍ରୟୋଗ ନ କରି ଶେଷରେ ସଂଜ୍ଞାଶୂନ୍ୟା ହୋଇପଡ଼ିଛନ୍ତି। ଏହି ସଂଜ୍ଞାହୀନତା ରୂପକ ନୀରବ ପ୍ରତିବାଦ ମଧ୍ୟରେ ଯେପରି ଶକୁନ୍ତଳାଙ୍କର ପ୍ରଣୟିନୀ ଚିତ୍ତର ସୀମାତୀତ ବେଦନା ଅଭିବ୍ୟଞ୍ଜିତ ହୋଇଛି, ଆଦର୍ଶ ପ୍ରଣୟିନୀ ଭାବରେ ତାଙ୍କ ଚରିତ୍ରର ମହତ୍ତ୍ୱ ମଧ୍ୟ ସେହିପରି ଶତଗୁଣିତ ହୋଇପଡ଼ିଛି। କିନ୍ତୁ ଶକୁନ୍ତଳାଙ୍କର ଏହି କାରୁଣ୍ୟମୟୀ ଆଦର୍ଶ ମୂର୍ତ୍ତିଟି ଏଇ ଧୂଳିର ଧରଣୀରେ ଅତି ଅଚିହ୍ନା ପରି ମନେହୁଏ। ହତାଶା ଓ ବେଦନା ବିମଥିତ ଧୂଳିମାଟିର ଏଇ ଧରଣୀର ପ୍ରଣୟିନୀ ପ୍ରାଣରେ ଶକୁନ୍ତଳାଙ୍କର ଅନାହତ ଆଦର୍ଶ କି ଭାବରେ କେତେ ମାତ୍ରାରେ ସାନ୍ତ୍ୱନା ଦେବ, ତାହା ପାଠକ ବିଚାର କରିବେ।

ଶକୁନ୍ତଳାଙ୍କୁ କାଳିଦାସଙ୍କ ପରି ପ୍ରଗଲ୍‌ଭା ତଥା ପ୍ରକୃତିସ୍ଥା ନ କରାଇ ସଂଜ୍ଞାହୀନା କରାଇବା ମେହେରଙ୍କର ନିଜସ୍ୱ କଳ୍ପନା।

ପୁଣି ଶକୁନ୍ତଳାଙ୍କ ଆଦର୍ଶର ଚୂଡ଼ାନ୍ତ ନିଦର୍ଶନ ମିଳିଛି ଯେତେବେଳେ କ୍ରୋଧରେ ଶାର୍ଙ୍ଗରବ ଓ ଶାରଦ୍ୱତ ଗୌତମୀ ସହିତ ଚାଲି ଯାଇଛନ୍ତି । ଅଭିଜ୍ଞାନ ଶକୁନ୍ତଳମ୍‌ରେ ଶାରଦ୍ୱତ ଯେତେବେଳେ ପତ୍ନୀକୁ ତା'ର ପତି ପାଖରେ ପହଞ୍ଚାଇବାର ଦାୟିତ୍ୱ ସମ୍ପନ୍ନ ହୋଇଛି ବୋଲି କହି ଅନ୍ୟମାନଙ୍କ ସହିତ ଚାଲିଯାଇଛନ୍ତି ସେତେବେଳେ ପରିସ୍ଥିତି-ସଚେତନା ଶକୁନ୍ତଳା କରୁଣ ବିଳାପ କରି କହିଛନ୍ତି— "ଏଇ କପଟୀ ଦ୍ୱାରା ମୁଁ ପ୍ରତାରିତା ହୋଇଛି, ପୁଣି ତୁମ୍ଭେମାନେ ମୋତେ ତ୍ୟାଗକରି ଚାଲିଯାଉଛ ?" ଏହାପରେ ସେ ସେମାନଙ୍କର ଅନୁଗମନ କରିବାରୁ ଗୌତମୀଙ୍କର ନାରୀ ହୃଦୟ କାରୁଣ୍ୟରେ ବିଗଳିତ ହୋଇଯାଇଛି । କିନ୍ତୁ ଶାର୍ଙ୍ଗରବ କ୍ରୋଧରେ ଶକୁନ୍ତଳାଙ୍କୁ ଭର୍ତ୍ସନାକରି କହିଛନ୍ତି, "ଅନ୍ୟାୟ କାର୍ଯ୍ୟ କରି ତୋର ଏ ପର୍ଯ୍ୟନ୍ତ ଶିକ୍ଷା ହେଲନାହିଁ ? ଯଦି ରାଜାର କଥାନୁସାରେ ତୁ ବ୍ୟଭିଚାରିଣୀ ହୋଇଥାଉ ତା'ହେଲେ ତୋପରି କୁଳକଳଙ୍କିନୀ କନ୍ୟାଦ୍ୱାରା ପିତାଙ୍କର ପ୍ରୟୋଜନ କ'ଣ ସିଦ୍ଧ ହେବ ? ଯଦି ତୁ ପ୍ରକୃତରେ ଜାଣୁ ଯେ ତୋତେ କୌଣସି ପାପ ସ୍ପର୍ଶ କରିନାହିଁ, ତା'ହେଲେ ତୁ ଯଥାର୍ଥରେ ରାଜାର ସହଧର୍ମିଣୀ । ସେ କ୍ଷେତ୍ରରେ ପତିଗୃହରେ ରହି ଦାସୀବୃତ୍ତି କରିବା ତୋ ପକ୍ଷରେ ଶ୍ରେୟସ୍କର ।" ଶକୁନ୍ତଳା ଦୁଃଖଭାରରେ ଅନତ ହୋଇ ବସୁମତୀଙ୍କୁ ସମ୍ବୋଧନ କରି କହନ୍ତି—"ଭଅବଇ ବସୁହେଁ, ଦେହିମେ ବିଅରଂ (ଭଗବତି ବସୁନ୍ଧରେ ! ବିଦୀର୍ଣ୍ଣ ହୁଅ, ମୁଁ ତୁମଠାରେ ପ୍ରବେଶ କରେଁ ) ।"

କିନ୍ତୁ ପ୍ରଣୟ ବଲ୍ଲରୀରେ ରାଜାଙ୍କର କଟୂକ୍ତିରେ ଶାର୍ଙ୍ଗରବ ଉତ୍ତ୍ୟକ୍ତ ହୋଇ ଦୁଷ୍ମନ୍ତଙ୍କ ନିକଟରେ ଶକୁନ୍ତଳାଙ୍କୁ ଛାଡ଼ି ଯେତେବେଳେ ଚାଲିଗଲେ, ଶକୁନ୍ତଳା ଉପସ୍ଥିତ ଚରମ ସଙ୍କଟପୂର୍ଣ୍ଣ ମୁହୂର୍ତ୍ତରେ

ବ୍ୟାକୁଳତା ପ୍ରକାଶ ନକରି ନିଜର ସ୍ଥିତପ୍ରଜ୍ଞତାର ପରିଚୟ ଦେଇଛନ୍ତି । ସେ ସେହି ଅଂକଟିକୁ ଜ୍ଞାନଚକ୍ଷୁରେ ସ୍ୱାଗତ କରି ସ୍ୱାମୀଙ୍କର ପ୍ରତ୍ୟାଖ୍ୟାନକୁ ସାଦର-ଗ୍ରହଣ ବୋଲି ମନେ କରିଛନ୍ତି; ପୁଣି ଦୁଷ୍ମନ୍ତଙ୍କର ପରିହାସୋକ୍ତି—'ପୁରୁବଂଶ ହେବ ବିସ୍ତୃତ-ବିଶ୍ରୁତ-କୀରତି ଜାର-ସନ୍ତାନେ'ର 'ଜାର' ଶବ୍ଦ 'ଯା'ର' ବୋଲି ପ୍ରତୀତ ହେବାରୁ ପ୍ରଣୟବିମୁଗ୍ଧା ଶକୁନ୍ତଳାଙ୍କ ଅନ୍ତରରେ ବିପଦବାତଛିନ୍ନ ଆଶାଲତିକାଟି ପଲ୍ଲବିତ ହୋଇ ଉଠିଛି । ଏହି କଳ୍ପନାଟି କବିଙ୍କର ନିଜସ୍ୱ । ସଂଜ୍ଞାଲାଭପରେ ରାଜାଙ୍କର ପ୍ରତ୍ୟାଖ୍ୟାନକୁ ସେ ପରିହାସ ବୋଲି ମନେ କରିଛନ୍ତି ଏବଂ ପୁରୋହିତଙ୍କ ସହ ପ୍ରାସାଦକୁ ଯିବାବେଳେ 'ପ୍ରାଣେଶ-ନିବାସ-କକ୍ଷ'କୁ ଯାଉଛନ୍ତି ବୋଲି ତାଙ୍କର ଧାରଣା ହୋଇଛି । କାଳିଦାସ ପ୍ରତ୍ୟାଖ୍ୟାତା ଶକୁନ୍ତଳାଙ୍କର ମାନସିକ ପ୍ରତିକ୍ରିୟାର ରୂପାୟନରେ ଏ ପ୍ରକାର ଉତ୍ତୁଙ୍ଗ ଆଦର୍ଶ ମନୋବ୍ୟଞ୍ଜନାର ପରିଚୟ ନଦେଲେ ମଧ୍ୟ ତାଙ୍କର ଚରିତ୍ରଟି ଯେପରି ବାସ୍ତବ ସେହିପରି ସ୍ୱାଭାବିକ ହୋଇଛି । କିନ୍ତୁ ଉଭୟ ରଚନାରେ ଶକୁନ୍ତଳାଙ୍କର କାରୁଣ୍ୟମୟୀ ବିଗ୍ରହ, ପାଠକ ପ୍ରାଣରେ ସମ୍ବେଦନାର ଶତ ତରଙ୍ଗ ସୃଷ୍ଟିକରେ ।

ପ୍ରଣୟ ବଲ୍ଲରୀରେ ପ୍ରଣୟ-ସ୍ମୃତିର ବିଲୋପ ହେତୁ ଶକୁନ୍ତଳାଙ୍କ ଚରିତ୍ରରେ ସଂଶୟ ପ୍ରକାଶକରି ରାଜା ବ୍ୟଙ୍ଗ ବିଦ୍ରୂପଦ୍ୱାରା ଶକୁନ୍ତଳାଙ୍କୁ ଯେପରି ନିଷ୍ଠୁର ଭାବରେ ପ୍ରତ୍ୟାଖ୍ୟାନ କରିଛନ୍ତି ଏବଂ ଶାର୍ଙ୍ଗରବ ଓ ଶାରଦ୍ୱତ ଯେପରି ତା'ର ଦୃଢ଼ ପ୍ରତିବାଦ କରିଛନ୍ତି ତାହା ଅଭିଜ୍ଞାନ ଶକୁନ୍ତଳମ୍‌ର ଅନୁରୂପ । ଶକୁନ୍ତଳାଙ୍କ ଉକ୍ତିକୁ ବିଶ୍ୱାସ ନକରି ରାଜା ଯେତେବେଳେ ବିରୁଦ୍ଧ ମନ୍ତବ୍ୟ ପ୍ରକାଶ କଲେ ଶାର୍ଙ୍ଗରବ ସେତେବେଳେ କ୍ରୋଧରେ କହିଛନ୍ତି—

"ଅଜନ୍ମନଃ ଶାଠ୍ୟମଶିକ୍ଷିତୋ ଯଃ
ତସ୍ୟାପ୍ରମାଣଂ ବଚନଂ ଜନସ୍ୟ ।
ପରାଭି ସନ୍ଧାନ ମଧୀୟତେ ଯୈଃ
ବିଦ୍ୟେତି ତେ ସନ୍ତୁ କିଳାପ୍ତବାଚଃ ?"

ଅର୍ଥାତ୍—ଯେ ଜୀବନରେ କେବେ ଶଠତା କ'ଣ ଜାଣି-ନାହିଁ କି ଶିଖିନାହିଁ ତା'ର କଥା ବିଶ୍ୱାସର ଅଯୋଗ୍ୟ ହେଲା, ଆଉ ଯେ ପରକୁ ପ୍ରତାରିତ କରିବାର କୌଶଳକୁ ନୀତିବିଦ୍ୟା ବୋଲି ଶିକ୍ଷା କରିଛି, ସେ ହେଲା ସତ୍ୟବାଦୀ ।

ଅବିକଳ ଏହାର ଅବଲମ୍ବନରେ ମେହେର ଲେଖିଛନ୍ତି—

"ଅବାଲ୍ୟ ଆଶ୍ରମ- ଲାଳିତା ସରଳା
ମାୟାବିନୀ ହେବା ବାଣୀ,
ହାୟରେ ଦଇବ ! ହାୟ ଧର୍ମ ଦେବ
ଏହା ଶୁଣାଇଲ ଆଣି ।"

ପୁଣି ଅଭିଜ୍ଞାନ ଶକୁନ୍ତଳମ୍‌ରେ ରାଜା ଯେତେବେଳେ ଶାର୍ଙ୍ଗରବକୁ କହୁଛନ୍ତି—'ଏହି ପ୍ରତାରଣାଦ୍ୱାରା ମୋର କ'ଣ ଲାଭ ହେବ ?' ତା'ର ଉତ୍ତରରେ ଶାର୍ଙ୍ଗରବ କ୍ରୋଧରେ କହୁଛନ୍ତି—'ବିନିପାତଃ' । ଏହାର ଛାୟାରେ ମେହେର ଲେଖିଛନ୍ତି—

"ଶାର୍ଙ୍ଗରବ କ୍ରୋଧେ ବୋଇଲେ, "ଆମ୍ଭର
ନାହିଁ ଧନେ ପଣେ ଆଶ,
ଏହି ଅଭିନୟ ଅଧିନାୟକର
ହେବ ଏକା ସର୍ବନାଶ ।"

ଶକୁନ୍ତଳାଙ୍କ ପ୍ରଣୟ ଅସ୍ୱୀକାର କଲେ ମଧ ଶକୁନ୍ତଳାଙ୍କର ସଙ୍କୋଧ ଚେଷ୍ଟାବଳୀରେ ରାଜାଙ୍କ ମନରେ ଯେଉଁ କ୍ଷଣିକ ଦ୍ୱନ୍ଦ୍ୱ ଦେଖା ଦେଇଛି, ତା'ର ସମାବେଶ ଦ୍ୱାରା କବି ଦୁଷ୍ମନ୍ତଙ୍କ ଚରିତ୍ରରେ ସ୍ୱାଭାବିକତା ରକ୍ଷାକରିଛନ୍ତି ବୋଲି ପୂର୍ବରୁ ସୂଚିତ ହୋଇଛି । ତାପସମାନେ କ୍ରୋଧରେ ବିଦାୟ ନେବାପରେ କାଳିଦାସ ସେହି ଦ୍ୱନ୍ଦ୍ୱ ଓ ତଜ୍ଜନିତ କିଂକର୍ତ୍ତବ୍ୟବିମୂଢ଼ତାର ସୂଚନା ଦେଇ ଦୁଷ୍ମନ୍ତଙ୍କର ବିଚାରଶୀଳତାର ଆଭାସ ଦେଇଛନ୍ତି । କାଳିଦାସ ଦୁଷ୍ମନ୍ତଙ୍କ ମୁଖରେ ପ୍ରକାଶ କରିଛନ୍ତି—

"ମୂଢ଼ଃ ସ୍ୟାମହମେଷା ବା ବଦେନ ମିଥ୍ୟେତି ·ସଂଶୟେ
ଦାରତ୍ୟାଗୀ ଭବାମ୍ୟାହୋ ପରସ୍ତ୍ରୀ-ସ୍ପର୍ଶ-ପାଂଶୁଳଃ ।"

—"ଅର୍ଥାତ୍, ମୁଁ ଭୁଲି ଯାଇଛି ବା ଏହି କାମିନୀ ମିଥ୍ୟା କହୁଛନ୍ତି, ଏ ପ୍ରକାର ସଂଶୟ ସ୍ଥଳରେ ମୋର କର୍ତ୍ତବ୍ୟ କ'ଣ ? ସ୍ତ୍ରୀ ତ୍ୟାଗର ପାପ ଓ ପରସ୍ତ୍ରୀ ସ୍ପର୍ଶ ପାପ—ଏଥି ମଧ୍ୟରୁ ମୁଁ କେଉଁ ପାପର ଭାଗୀ ହେବି ?" ପୁଣି ଶକୁନ୍ତଳା ପ୍ରାସାଦ-ପଥରେ ସ୍ତ୍ରୀ ଆକୃତି ବିଶିଷ୍ଟ ଏକ ଅନଳମୟ ଜ୍ୟୋତି ଦ୍ୱାରା ( ମେନକା ) ନୀତା ହେବାର ଅଦ୍ଭୁତ ସମ୍ବାଦ ଶୁଣି ରାଜା ମନେ ମନେ ଭାବିଛନ୍ତି—

"କାମଂ ପ୍ରତ୍ୟାଦିଷ୍ଟା ସ୍ମରାମି ନ ପରିଗ୍ରହଂ ମୁନେସ୍ତନୟାମ୍ ।
ବଳବତ୍ତୁ ଦୂୟମାନଂ ପ୍ରତ୍ୟାୟୟତୀବ ମେ ହୃଦୟମ୍ ।"

"—ଅର୍ଥାତ୍; କଣ୍ୱଦୁହିତାଙ୍କୁ ତଡ଼ି ଦେଇଛି, ତାଙ୍କୁ ଯେ କୌଣସି ଦିନ ପତ୍ନୀରୂପେ ଗ୍ରହଣ କରିଥିଲି ତାହା ମନେ ପଡ଼ୁନାହିଁ ସତ୍ୟ, ତଥାପି ମନ ମୋର ଏତେ ପରିତପ୍ତ ଓ ବ୍ୟାକୁଳ ହୋଇଛି

ଯେ ମୁଁ କିଛି ବୁଝିବାକୁ ନ ଚାହିଁଲେ ମଧ୍ୟ ମନ ଯେପରି ମୋତେ ଜୋର୍ କରି ବୁଝାଇବାକୁ ଚାହୁଁଛି—ମୁଁ ଶକୁନ୍ତଳାଙ୍କୁ ପ୍ରକୃତରେ ବିବାହ କରିଥିଲି ।"

କାଳିଦାସଙ୍କ ପରି ମେଘେର ସର୍ଗର ମଧ୍ୟଭାଗରେ ଦୁଷ୍ମନ୍ତଙ୍କର ଏ ପ୍ରକାର ମାନସିକ ଦ୍ୱନ୍ଦ୍ୱର ଚିତ୍ର ଦେଇ ନ ଥିଲେ ମଧ୍ୟ ସର୍ଗର ଶେଷରେ ତାପସଙ୍କର ବିଦାୟ ପରେ ରାଜାଙ୍କର ବିଷାଦ ଓ କର୍ତ୍ତବ୍ୟବିମୂଢ଼ତାର ଚିତ୍ର ଦେବାକୁ ଭୁଲିଯାଇ ନାହାନ୍ତି । କିନ୍ତୁ ଏ କ୍ଷେତ୍ରରେ ଦୁଷ୍ମନ୍ତଙ୍କ ଚରିତ୍ର ସୃଷ୍ଟି ମୂଳରେ କବିଙ୍କର ମନସ୍ତାତ୍ତ୍ୱିକ ଦୃଷ୍ଟିଭଙ୍ଗୀର ଭିତ୍ତି ଦୁର୍ବଳ ବୋଲି ମନେହୁଏ ।

ପ୍ରସୂତିକା ହେବାଯାଏ ଶକୁନ୍ତଳାଙ୍କୁ ରାଜପ୍ରାସାଦରେ ସୁରକ୍ଷିତା କରିବା ସମ୍ପର୍କରେ ପୁରୋହିତଙ୍କର ପରାମର୍ଶ ଓ ପଥ ମଧ୍ୟରେ ଶକୁନ୍ତଳାଙ୍କର ଅନ୍ତର୍ହିତା ହେବା ପ୍ରସଙ୍ଗ ଅବିକଳ ଅଭିଜ୍ଞାନ ଶକୁନ୍ତଳମ୍‌ରୁ ଗୃହୀତ । କାଳିଦାସ ପୁରୋହିତଙ୍କ ମୁଖରେ ପ୍ରକାଶ କରିଛନ୍ତି—

"ଅତ୍ର ଭବତୀ ତାବତ୍ ଆ-ପ୍ରସବାଦ୍ ଅସ୍ମଦ୍‌ଗୃହେ ତିଷ୍ଠତୁ । କୁତଃ ଇଦମୁଚ୍ୟତେ-ଇତିଚେତ୍, ତ୍ୱଂ ସାଧୁଭିଃ ଉଦ୍ଦିଷ୍ଟଃ—ପ୍ରଥମମେବ ଚକ୍ରବର୍ତ୍ତିନଂ ପୁତ୍ରଂ ଜନୟିଷ୍ୟସି ଇତି । ସ ଚେତ୍ ମୁନି-ଦୌହିତ୍ରଃ ତଲ୍ଲକ୍ଷଣୋପପନ୍ନଃ ଭବିଷ୍ୟତି, ଅଭିନନ୍ଦ୍ୟ ଶୁଦ୍ଧାନ୍ତଂ ଏନାଂ ପ୍ରବେଶୟିଷ୍ୟସି; ବିପର୍ଯ୍ୟୟେତୁ ପିତୁରସ୍ୟାଃ ସମୀପନୟନମ୍ ଏବ ।"

ମେହେର ଲେଖିଛନ୍ତି—

"ନୃପ ଭାବ ଦେଖି ପୁରୋଧା ବୋଇଲେ,
ନରେନ୍ଦ୍ର ନ ହୁଅ ଖିନ୍ନ,
ତୁମ୍ଭର କୁମର ଜନ୍ମିବ ଶରୀରେ
ବହି ଚକ୍ରବର୍ତ୍ତୀ ଚିହ୍ନ ।
କେତେ ମୁନି କେତେ ଗଣକ ଏ କଥା
କହିଛନ୍ତି ବାରମ୍ବାର,
ସେହିଟି କେବଳ ପ୍ରକୃଷ୍ଟ ଉପାୟୁ
କଣ୍ୱ-ପତ୍ର ପରୀକ୍ଷାର ।
ପ୍ରସୂତିକା ହେବା- ଯାଏ ବରାରୋହା
ରହିଥା ହେଉ ଯତନେ,
ତାପରେ ଗ୍ରହଣ ଅବା ନିଗ୍ରହଣ
ଯା ହେବ ସ୍ୱାମୁଙ୍କ ମନେ ।"

ଯେଉଁ ନାରୀଟି ଶକୁନ୍ତଳାଙ୍କୁ ଆକାଶ ପଥରେ ନେଇଗଲା ତା'ର ସୂଚନା କାଳିଦାସ ଅଭିଜ୍ଞାନ ଶକୁନ୍ତଳମ୍‌ର ଷଷ୍ଠ ଅଙ୍କରେ ବିଦୂଷକର ମୁଖରେ ଦେଇଛନ୍ତି, କିନ୍ତୁ ମେହେର ତାର ସୂଚନା ଏହି ସର୍ଗରେ (୫ମ) ଦେଇଛନ୍ତି ।

କବି ସ୍ଥାନକାଳୋଚିତ ଯେଉଁ କେତୋଟି କଥା ଗୌତମୀଙ୍କ ମୁଖରେ ଫୁଟାଇଛନ୍ତି ତାହା ସ୍ୱଳ୍ପ ହେଲେ ମଧ୍ୟ ତନ୍ମଧ୍ୟରେ ଗୌତମୀଙ୍କର ସମ୍ବେଦନଶୀଳା ମାତୃ ହୃଦୟର ପରିଚୟ ମିଳୁଛି । ପ୍ରଣୟ ବଲ୍ଲରୀରେ କବି ଗୌତମୀଙ୍କ ମୁଖରେ କୌଣସି ସଂଳାପ ନ ଦେଇଥିଲେ ମଧ୍ୟ ( ଶେଷ ପର୍ଯ୍ୟନ୍ତ ନୀରବ ) ଦୁଷ୍ମନ୍ତଙ୍କର ନିଷ୍ଠୁର

ପ୍ରତ୍ୟାଖ୍ୟାନରେ ଶକୁନ୍ତଳା ସଂଜ୍ଞାହୀନା ହେବା ମୁହୂର୍ତ୍ତରେ ଗୌତମୀ ତାଙ୍କୁ ବ୍ୟାକୁଳ ହୃଦୟରେ କୋଳରେ ଧାରଣ କରି ନିଜର ସମ୍ବେଦନାପୂର୍ଣ୍ଣ ମାତୃ ହୃଦୟର ସାର୍ଥକ ପରିଚୟ ଦେଇଛନ୍ତି ।

ଷଷ୍ଠ ସର୍ଗ—

ଦୁଷ୍ମନ୍ତଙ୍କର ନାମାଙ୍କିତ ମୁଦ୍ରିକାକୁ କେନ୍ଦ୍ର କରି ଗଢ଼ିଉଠିଛି ପ୍ରଣୟବଲ୍ଲରୀ ଓ ଅଭିଜ୍ଞାନ ଶକୁନ୍ତଳମ୍‌ର ମୁଖ୍ୟ ସଙ୍ଘର୍ଷ । ମୁଦ୍ରିକା ହେଉଛି ନାୟକ ନାୟିକାଙ୍କର ପ୍ରଣୟର ନିଦର୍ଶନ । ଦୁର୍ବାସାଙ୍କ ଅଭିଶାପ ହେତୁ ମୁଦ୍ରିକାକୁ ହରାଇ ଶକୁନ୍ତଳା ଦାରୁଣ ସଙ୍କଟରେ ସମ୍ମୁଖୀନା, ଦୁଷ୍ମନ୍ତଙ୍କର ପ୍ରଣୟ ସ୍ମୃତି ତିରୋହିତ । ଯେଉଁ ଅଭିଜ୍ଞାନର ଅଭାବରେ ପଞ୍ଚମ ସର୍ଗରେ କାବ୍ୟର ମୁଖ୍ୟ ସଙ୍ଘର୍ଷ ଚୂଡ଼ାନ୍ତ ସ୍ପର୍ଶ ଲାଭ କରିଥିଲା ସେହି ଅଭିଜ୍ଞାନର ପ୍ରାପ୍ତିରେ ଦ୍ୱନ୍ଦ୍ୱର ଅବସାନ ଘଟିଛି । ପ୍ରଣୟବଲ୍ଲରୀର ଷଷ୍ଠସର୍ଗ ଓ ଅଭିଜ୍ଞାନ ଶକୁନ୍ତଳମ୍‌ର ଷଷ୍ଠ ଅଙ୍କ ଉଭୟରେ ସ୍ଥୁଳତଃ ବସନ୍ତକାଳ, ଧୀବର ଉପାଖ୍ୟାନ, ମୁଦ୍ରିକା ପ୍ରାପ୍ତି ଓ ରାଜାଙ୍କର ଅନୁତାପରେ ବିପ୍ରଲମ୍ଭ ଶୃଙ୍ଗାରର ମଧୁମୟୀ ଚିତ୍ର ଥିଲେ ମଧ୍ୟ ପ୍ରସଙ୍ଗ ସଜ୍ଜା ଓ ରୂପାୟନରେ ବହୁ ପାର୍ଥକ୍ୟ ପରିଲକ୍ଷିତ ହୁଏ ।

ପ୍ରଣୟବଲ୍ଲରୀରେ କବି ସର୍ଗର ଆରମ୍ଭରେ ଉତ୍କଳର ବାସନ୍ତୀ ପ୍ରକୃତିର ଏକ ମନୋଜ୍ଞ ଚିତ୍ର ଦେଇ ରାଜାଙ୍କର ବସନ୍ତ ମାଧୁରୀ ଉପଭୋଗ ନିମିତ୍ତ ତଟିନୀ ତଟ ବିପିନରେ ଭ୍ରମଣର ବର୍ଣ୍ଣନା ଦେଇଛନ୍ତି, କିନ୍ତୁ ଅଭିଜ୍ଞାନ ଶକୁନ୍ତଳମ୍‌ରେ ରାଜା ସହଧର୍ମିଣୀ ଶକୁନ୍ତଳାଙ୍କୁ ପ୍ରତ୍ୟାଖ୍ୟାନ କରିଥିବାରୁ ଅନୁତାପାନଳରେ ଏକାନ୍ତ ଦଗ୍ଧ ହୋଇ ବସନ୍ତୋତ୍ସବ ପାଳନ କରିବା ପାଇଁ କଞ୍ଚୁକୀ ମୁଖରେ

ନିଷେଧାଜ୍ଞା ଘୋଷଣା କରିଛନ୍ତି । କାଳିଦାସ ଷଷ୍ଠ ଅଙ୍କର ଆରମ୍ଭରେ ଧୀବର ଉପାଖ୍ୟାନ ଓ ମୁଦ୍ରିକାପ୍ରାପ୍ତି ପ୍ରସଙ୍ଗ ବର୍ଣ୍ଣନା କରିଛନ୍ତି । ପ୍ରଣୟବଲ୍ଲରୀରେ ରାଜା କାନନରେ ବସନ୍ତ ମାଧୁରୀ ଉପଭୋଗ କରିବା ସମୟରେ ରମଣୀ କଣ୍ଠର ମଧୁମୟୀ ଗାନ ଶ୍ରବଣ କରି ପ୍ରାଣରେ ଏକ ଅଜ୍ଞାତ ବ୍ୟାକୁଳତା ଅନୁଭବ କରିଛନ୍ତି । ଦିବ୍ୟ ପରିବାରର ଦାମ୍ପତ୍ୟ ପ୍ରେମ ଓ ବାତ୍ସଲ୍ୟ ଭାବ ଏବଂ ତାଙ୍କୁ ଦେଖି ସେହି ସ୍ୱର୍ଗୀୟ ପରିବାର ଅନ୍ତର୍ହିତ ହେବା ଦୃଶ୍ୟ ଲକ୍ଷ୍ୟକରି ତାଙ୍କ ହୃଦୟର ବ୍ୟାକୁଳତା ଓ ଉତ୍କଣ୍ଠା ଘନୀଭୂତ ହୋଇଛି । ଅଜ୍ଞାତ ବିଷାଦଭରା ଅନ୍ତରରେ ରାଜା ବାହାର ମଣ୍ଡପରେ ବସିଥିବା ସମୟରେ ନଗର ରକ୍ଷକ ଧୀବରଠାରୁ ପାଇଥିବା ତାଙ୍କ ନାମାଙ୍କିତ ମୁଦ୍ରିକା ତାଙ୍କୁ ଦାନ କରିଛି । ଏଥିରେ ତାଙ୍କ ଚିତ୍ତର ସମସ୍ତ ବ୍ୟାକୁଳତା ଓ ଉତ୍କଣ୍ଠାର ଅବସାନ ଘଟିଛି ଏବଂ ଧୃତ ଧୀବରକୁ ସମ୍ମୁଖକୁ ଅଣାଇ ଆନନ୍ଦ ତଥା ଆବେଗଜଡ଼ିତ ଚିତ୍ତରେ ନଗର ରକ୍ଷକ ଦ୍ୱାରା ତାକୁ ଶତ ସ୍ୱର୍ଣ୍ଣ ମୁଦ୍ରା ଦାନ କରିଛନ୍ତି, କିନ୍ତୁ ଅଭିଜ୍ଞାନ ଶକୁନ୍ତଳମ୍‌ରେ ରକ୍ଷୀଙ୍କ ଦ୍ୱାରା ଧୃତ ଧୀବର ରାଜାଙ୍କ ସମ୍ମୁଖକୁ ନିଆ ଯାଇନାହିଁ । ନଗର-ବିପଣିକୁ ବିକିବାକୁ ଆଣିଥିବା ସମୟରେ ଧୀବର ହସ୍ତରେ ରାଜାଙ୍କର ନାମାଙ୍କିତ ମୁଦ୍ରିକା ଦେଖି ରକ୍ଷୀମାନେ ତାକୁ ଅବଦ୍ଧ କରି ଶୂଳୀର ଭୟ ଦେଖାଇଛନ୍ତି ଏବଂ ନଗର କୋଟୁଆଳ ଶ୍ୟାଳ ଅନ୍ତଃପୁରରେ ରାଜାଙ୍କୁ ମୁଦ୍ରିକାଟି ଦେଇ ରାଜାଙ୍କଠାରୁ ଶତ ସ୍ୱର୍ଣ୍ଣମୁଦ୍ରା ଆଣି ଧୀବରକୁ ଦେଇଛି ।

ପ୍ରଣୟ ବଲ୍ଲରୀରେ ଧୀବର ଚରିତ୍ର ସୃଷ୍ଟିରେ କବି କିଞ୍ଚିତ୍ ପରିମାଣରେ ନିଜର ସ୍ୱାତନ୍ତ୍ର୍ୟ ଫୁଟାଇଛନ୍ତି । କବି ଧୀବର ଚରିତ୍ର

ମାଧ୍ୟମରେ ନିମ୍ନ ଶ୍ରେଣୀର ଉକ୍ତିଲୀୟୁ ପ୍ରକାର ଏକ କ୍ରୀଡନସ୍ତ ଚିତ୍ର ଅଙ୍କନ କରି ନିର୍ଦ୍ଦୋଷ ହାସ୍ୟ ସୃଷ୍ଟି କରିଛନ୍ତି । କିନ୍ତୁ ଅଭିଜ୍ଞାନ ଶକୁନ୍ତଳମ୍‌ର ଧୀବର କ୍ରୀଡନସ୍ତ ନୁହେଁ, ସେ ସ୍ପଷ୍ଟ ବକ୍ତା, ନିଜ ଅବସ୍ଥା ସମ୍ପର୍କରେ ସଚେତନ । ଧୀବର ଶ୍ୟାଳକୁ କହୁଛି—"ଆପଣ ତ ମୋର ସବୁ ନେଲେ, ବର୍ତ୍ତମାନ କହନ୍ତୁ, ମୁଁ ପେଟ ପୋଷିବି କିପରି ?" ପୁଣି ମହତ୍‌ଲୋକ ସଂସ୍ପର୍ଶରେ ଆସି ସେ ଅଜସ୍ର ଅର୍ଥ ଲାଭ କରିଥିବାରୁ ମହତ୍‌ଲୋକର (ଶ୍ୟାଳ, ରକ୍ଷୀପ୍ରଭୃତି) ପୂଜା ପାଇଁ ଅର୍ଦ୍ଧେକ ଅର୍ଥ ଶ୍ୟାଳକୁ ଦାନ କରିଛି ।

ରାଜାଙ୍କ ମୁଦ୍ରିକା ପ୍ରାପ୍ତିର ପରବର୍ତ୍ତୀ ଘଟଣା ଓ ପରସ୍ଥିତି ଗୁଡ଼ିକ ମଧ୍ୟରେ ସୁନଂପୃକ୍ତି ବା ଐକ୍ୟ ସ୍ଥାପନା କରିବାପାଇଁ ମନେ ହୁଏ, କାଳିଦାସ 'ସାନୁମତୀ' ନାମକ ଏକ ଅପ୍‌ସରା ଚରିତ୍ର ପରିକଳ୍ପନା କରିଛନ୍ତି । କିନ୍ତୁ ସେହେତୁ ଏହି ଦିବ୍ୟ ଚରିତ୍ରଟିକୁ ପରିହାର କରିଛନ୍ତି । ଅଭିଜ୍ଞାନ ଶକୁନ୍ତଳମ୍‌ରେ ସାନୁମତୀ ଆକାଶଗାମୀ ରଥଯୋଗେ ଗଙ୍ଗାନଦୀର ଅପ୍‌ସରତୀର୍ଥ ନାମକ ଏକ ସୋପାନବନ୍ଧ ଘାଟରେ ଅନ୍ୟ ଅପ୍‌ସରାମାନଙ୍କ ସହିତ ସ୍ନାନାର୍ଥୀ ସାଧୁମାନଙ୍କର ପରିଚର୍ଯ୍ୟା କରିସାରି ରାଜର୍ଷି ଦୁଷ୍ମନ୍ତଙ୍କର ବର୍ତ୍ତମାନ ଅବସ୍ଥା ସ୍ୱଚକ୍ଷୁରେ ଦେଖିବା ପାଇଁ ଆଗ୍ରହ ପ୍ରକାଶ କରିଛି । ସେ ମେନକାର ପ୍ରିୟସଖୀ । ଦୁଷ୍ମନ୍ତ ଓ ଶକୁନ୍ତଳାଙ୍କର ସମ୍ବାଦ ରଖିବା ନିମିତ୍ତ ମେନକାଙ୍କର ତାଙ୍କୁ ସନିର୍ବନ୍ଧ ଅନୁରୋଧ । ରାଜ ନଗରରେ ବସନ୍ତୋତ୍ସବ ନିଷିଦ୍ଧ ହୋଇଥିବାର ଦେଖି ବିପର୍ଯ୍ୟୟର କାରଣ ଜାଣିବା ପାଇଁ ସେ ତିରସ୍କରିଣୀ ବିଦ୍ୟା ବଳରେ ଛାୟା ରୂପରେ ଉଦ୍ୟାନପାଳିକା ଓ ଦୁଷ୍ମନ୍ତଙ୍କ ନିକଟରେ ଲତା ରୂପରେ ରହି ସମସ୍ତ ଲକ୍ଷ୍ୟ କରୁଛି ।

ବିରହ-ଦଗ୍ଧ ଦୁଷ୍ମନ୍ତଙ୍କର ମାନସିକ ଅବସ୍ଥାର ପୃଷ୍ଠଭୂମି ରୂପେ ମେହେର ବସନ୍ତ ଓ ବାସନ୍ତୀ ପ୍ରକୃତିର ଯେଉଁ ବାସ୍ତବ ତଥା ମଞ୍ଜୁଳ ଛବି ଅଙ୍କନ କରିଛନ୍ତି ତା'ର ଅଭାବ ଅଭିଜ୍ଞାନ ଶକୁନ୍ତଳମ୍‌ରେ ଦେଖାଯାଏ ।

ଅଲୌକିକତାର ସ୍ପର୍ଶରେ କାଳିଦାସଙ୍କର ବାସନ୍ତୀ ପ୍ରକୃତି ଟିକଣି ଅସ୍ୱାଭାବିକ ହୋଇପଡ଼ିଛି । ଉଦ୍ୟାନ ପାଳିକା ଦୁଇଟି ଯେତେବେଳେ ବସନ୍ତର ଭୂଷଣ ସ୍ୱରୂପ ରସାଳ ମୁକୁଳର ଅର୍ଚ୍ଚନା କରି ବସନ୍ତୋତ୍ସବ ପାଳନ କରିବାକୁ ଯାଉଛନ୍ତି, ସେତେବେଳେ କବି କଞ୍ଚୁକୀ ମୁଖରେ ବସନ୍ତୋତ୍ସବ ପାଳନ ସମ୍ପର୍କରେ ରାଜାଙ୍କର ନିଷେଧାଜ୍ଞାର ପ୍ରଭାବ ବର୍ଣ୍ଣନା କରି କହୁଛନ୍ତି—

"ଚୂତାନାଂ ଚିର ନିର୍ଗତାପି କଳିକା ବଧ୍ନାତି ନ ସ୍ୱଂ ରଜଃ ।
ସନ୍ନଦ୍ଧଂ ଯଦପି ସ୍ଥିତଂ କୁରୁବକଂ ତତ୍ କୋରକାବସ୍ଥୟା ।
କଣ୍ଠେଷୁ ସ୍ଖଳିତଂ ଗତେଽପି ଶିଶିରେ ପୁଂସ୍କୋକିଳାନାଂ ରୁତଂ ।
ଶଙ୍କେ ସଂହରତି ସ୍ମରୋଽପି ଚକିତ ସ୍ତୂଣାର୍ଦ୍ଧକୃଷ୍ଟଂ ଶରମ୍ ।"

ଅର୍ଥାତ୍— ( ମହାରାଜାଙ୍କର ନିଷେଧାଜ୍ଞା ଶିରୋଧାର୍ଯ୍ୟ କରି ) ଆମ୍ର ମୁକୁଳ ପରାଗ ବାନ୍ଧି ପାରୁନାହିଁ । କୁରୁବକ ପୁଷ୍ପ ସ୍ଫୁଟନୋନ୍ମୁଖ ଅବସ୍ଥାରେ ରହି ଆଜି ପର୍ଯ୍ୟନ୍ତ ଫୁଟିଲା ନାହିଁ, କୋରକାବସ୍ଥାରେ ରହିଲା । ଶୀତ ଅନେକ ଦିନରୁ ବିଦାୟ ନେଲେ ମଧ୍ୟ କୋକିଳ କୁହୁରବ କରିବାକୁ ସାହସ କରୁନାହିଁ, ନିଜର ସ୍ୱର ନିଜର କଣ୍ଠରେ ରହିଯାଉଛି । ବିଜଗଦ୍‌ବିଜୟୀ କନ୍ଦର୍ପ ମଧ୍ୟ ତୂଣୀରର ଅର୍ଦ୍ଧ ଆକୃଷ୍ଟ ବାଣକୁ ତୂଣୀରରେ ଭୀତତ୍ରସ୍ତ ହୋଇ ପ୍ରତିସଂହାର କରୁଛି ।

ମେହେରଙ୍କ ବସନ୍ତ ଚନ୍ଦ ଖାଣ୍ଟି ଉତ୍କଳୀୟ ଏବଂ ତାଙ୍କ ନିଜସ୍ୱ କଳ୍ପନାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ । ଶିଶିର ଓ ବସନ୍ତ ଉପରେ ବ୍ୟକ୍ତିତ୍ୱ ଆରୋପ କରି ମେହେର ଶିଶିରକୁ ବୃଦ୍ଧ ଏବଂ ବସନ୍ତକୁ ତା'ର ନବଜାତ ସନ୍ତାନ ଭାବରେ ବର୍ଣ୍ଣନା କରିଛନ୍ତି । ବସନ୍ତ ଆଗମନରେ ଶିଶିର ପ୍ରଭାବିତ ଧରଣୀରେ ଯେଉଁସବୁ ପରିବର୍ତ୍ତନ ପରିଲକ୍ଷିତ ହୁଏ ତାହାକୁ ସେ ବୃଦ୍ଧ ଶିଶିରର ପୁତ୍ରଜନ୍ମୋତ୍ସବ ପାଳନ ରୂପରେ ଅଭିବ୍ୟକ୍ତ କରିଛନ୍ତି । କବିଙ୍କ ଭାଷାରେ—

"ଶିଶିର ସଦନେ ଜନ୍ମିଲା ନନ୍ଦନ
ମନୋହର ରୂପବନ୍ତ,
ତା' ଦେଖି ଶିଶିର ଆନନ୍ଦ ଅଧୀର
ହେଲା ଯେହ୍ନେ ଉନମତ୍ତ ।
ସ୍ଥୂଳ ଊର୍ଣ୍ଣବାସ ବାଣ୍ଟି ବାଣ୍ଟି କଲା
ସେଉଁ ସକଳଙ୍କୁ ଦାନ,
ସୁପକ୍ୱ ଗୋଧୂମ- ରାଶି ଦାନେ କଲା
ଦୀନ ଭୋଜ ସମାଧାନ ।
ଇକ୍ଷୁ ଦଣ୍ଡମାନ ଖଣ୍ଡ ଖଣ୍ଡ କରି
କ୍ଷେପିଲା କେଦାର ଗର୍ଭେ,
କୁସୁମକୁସୁମ- ରଞ୍ଜିତ ବସନ
ପାଇଲେ ରସିକ ସର୍ବେ ।

× × ×

ଗଗନ ଗୃହଙ୍କି ଦେବାପାଇଁ ପନ୍ଦ
ଟନିଲା ଚନ୍ଦ-ପବମାନ,

କରିନେଲା ପଥ ଧୂଳି ବିରଚିତ
ଭଙ୍ଗୀଶ୍ରୀ-ଖମ୍ବ ସୋପାନ ।

× × ×

ସୁନାଖି ଖର୍ଜୁର ରହିଲେ ସୁବର୍ଣ୍ଣ
ହାର ସଂଗଠନେ ବ୍ୟସ୍ତ,
ଚନ୍ଦ୍ରାତପ ପାଇଁ ଶାଳ୍ମଳୀଏ ହେଲେ
ଅହୋରାତ୍ର ସୂଚୀ-ହସ୍ତ ।"

ବିରହ ଦଗ୍ଧ ଚିତ୍ତର ମନସ୍ତାତ୍ତ୍ୱିକ ଅଭିବ୍ୟକ୍ତି ପାଇଁ ଷଷ୍ଠ ସର୍ଗ ଆରମ୍ଭରେ ବସନ୍ତ ବର୍ଣ୍ଣନା ଉପଯୁକ୍ତ ପୃଷ୍ଠଭୂମି ସୃଷ୍ଟି କରିଛି । ବିରହୀ ଦୁଷ୍ମନ୍ତ ବସନ୍ତର ବିପୁଳ ସମ୍ଭାରରେ ଆନନ୍ଦ ପାଇ ପାରୁ ନାହାନ୍ତି । ଯଦିଓ ଦୁଷ୍ମନ୍ତଙ୍କର ପ୍ରଣୟସ୍ମୃତି ବିଲୁପ୍ତ ହୋଇଛି ଓ ଦୁର୍ବାସାଙ୍କର ଅଭିଶାପ ସମ୍ପର୍କରେ ସେ ସଚେତନ ନୁହନ୍ତି, ତଥାପି ତାଙ୍କ ଚିତ୍ତର ଅବଚେତନ ସ୍ତରରେ ସେ ଏକ ଅଜ୍ଞାତ ବ୍ୟାକୁଳତା ଅନୁଭବ କରିଛନ୍ତି, ଯେଉଁ ବସନ୍ତର ପରିବେଶ ତାଙ୍କର ବ୍ୟାକୁଳତାକୁ ଘନୀଭୂତ କରୁଛି । ପୁଣି ମୁଦ୍ରିକା ପ୍ରାପ୍ତି ପରେ ରାଜାଙ୍କ ଚିତ୍ତର ଦାରୁଣ ଅନୁତାପାନଳକୁ ପ୍ରଜ୍ୱଳିତ କରିବା ପାଇଁ ସେଇ ବାସନ୍ତୀ ପରିବେଶ ଏକ ବିଷମ ପ୍ରଭାବ ସୃଷ୍ଟି କରିଛି ।

ଅଭିଜ୍ଞାନ ଶକୁନ୍ତଳମ୍‌ରେ ରାଜା ଶକୁନ୍ତଳାଙ୍କୁ ପ୍ରତ୍ୟାଖ୍ୟାନ କରିଥିବାରୁ ପ୍ରାଣରେ ଦାରୁଣ ଯନ୍ତ୍ରଣା ଅନୁଭବ କରିଛନ୍ତି ଏବଂ ରାଜକାର୍ଯ୍ୟ ଓ ସମସ୍ତ ରାଜକୀୟ ଉପଭୋଗ ପ୍ରତି ତାଙ୍କର ଉଦାସୀନତା ଜାତ ହୋଇଛି । ମୁଦ୍ରିକା ପ୍ରାପ୍ତିପରେ କବି ଶ୍ୟାଳ ଓ କଞ୍ଚୁକୀ

ମୁଖରେ ରାଜାଙ୍କର ପ୍ରଣୟ ଉପାଖ୍ୟାନ, ଶକୁନ୍ତଳା ପ୍ରତ୍ୟାଖ୍ୟାନ ଜନିତ ଦାରୁଣ ମର୍ମପୀଡ଼ନ, ଭ୍ରାନ୍ତି ଓ ଶାରୀରିକ କୃଶତାର ମର୍ମସ୍ପର୍ଶୀ ବର୍ଣ୍ଣନା ଦେଇଛନ୍ତି । କଞ୍ଚୁକୀ ମୁଖରେ କବି ପ୍ରକାଶ କରିଛନ୍ତି—

"ରମ୍ୟଂ ଦ୍ୱେଷ୍ଟି ଯଥା ପୁରା ପ୍ରକୃତିଭିର୍ନ ପ୍ରତ୍ୟହଂ ସେବ୍ୟତେ,
ଶଯ୍ୟା ପ୍ରାନ୍ତ-ବିବର୍ତ୍ତନୈଃ ବିଗମୟତ୍ୟୁନ୍ନିଦ୍ର ଏବ କ୍ଷପାଃ ।
ଦାକ୍ଷିଣ୍ୟେନ ଦଦାତି ବାଚମୁଚିତାମନ୍ତଃପୁରେଭ୍ୟୋ ଯଦା,
ଗୋତ୍ରେଷୁ ସ୍ଖଳିତସ୍ତଦା ଭବତି ଚ ବ୍ରୀଡ଼ା-ବିଲକ୍ଷଶ୍ଚିରମ୍ ।"

—"ମହାରାଜ ବର୍ତ୍ତମାନ ସମସ୍ତ ପ୍ରିୟ ପଦାର୍ଥ ହଳାହଳ ପରି ଦେଖନ୍ତି । ପୂର୍ବପରି ପ୍ରତ୍ୟହ ଆଉ ପ୍ରଜାମାନଙ୍କ ସହିତ ମିଳାମିଶା କରନ୍ତି ନାହିଁ । ଶଯ୍ୟାପ୍ରାନ୍ତରେ ପଡ଼ି ଛଟପଟ ହୋଇହୋଇ ସାରା ରାତି କଟାନ୍ତି । ଉଦାର ଓ ସରଳ ଭାବରେ ଯେତେବେଳେ ଅନ୍ତଃପୁରର ସୁନ୍ଦରୀମାନଙ୍କ ସହିତ କଥାବାର୍ତ୍ତା କରନ୍ତି, ସେତେବେଳେ ହଠାତ୍ ତାହାର ନାମଧରି ଡାକିବା ସମୟରେ 'ଶକୁନ୍ତଳା' ବୋଲି ଡାକି ବସନ୍ତି ଏବଂ ଲଜ୍ଜାରେ ମରିଯାଆନ୍ତି ।"

ପୁନଶ୍ଚ ରାଜାଙ୍କର ବିଷାଦ ଓ ଅନୁତାପର ଅନୁରୂପ ପରିଚ୍ଛଦ ଏବଂ ଶାରୀରିକ କୃଶତା ସମ୍ପର୍କରେ ବର୍ଣ୍ଣନା କରିବାକୁ ଯାଇ କଞ୍ଚୁକୀ ମୁଖରେ କବି ପ୍ରକାଶ କରିଛନ୍ତି—

"ପ୍ରତ୍ୟାଦିଷ୍ଟ ବିଶେଷ ମଣ୍ଡନ ବିଧିର୍ବାମ ପ୍ରକୋଷ୍ଠାର୍ପିତଂ
ବିଭ୍ରତ୍ କାଞ୍ଚନମେକମେବ ବଳୟଂ ଶ୍ୱାସୋପରକ୍ତାଧରଃ ।
ଚିନ୍ତା-ଜାଗରଣ-ପ୍ରତାନ୍ତ-ନୟନସ୍ତେଜୋଗୁଣାଦାତ୍ମନଃ,
ସଂସ୍କାରୋଲ୍ଲିଖିତୋ ମହାମଣିରିବ କ୍ଷୀଣୋଽପି ନାଲକ୍ଷ୍ୟତେ ।"

—ମହାରାଜାଙ୍କର ସେଇ ପୂର୍ବର ସାଜସଜ୍ଜା, ପୋଷାକ ପରିଚ୍ଛଦ କିଛି ନାହିଁ, ସବୁ ଛାଡ଼ିଛନ୍ତି । ବାଁ ହାତର ମଣିବନ୍ଧରେ ପଟେ ସୁନାବଳା ଝୁଲୁଛି, ଡାହାଣ ହାତ ପଟେଠା କେତେବେଳେ କେଉଁଠି ଖୋଲିଯାଇ ଖସିପଡ଼ୁଛି, କାରଣ ପୂର୍ବର ସେ ହୃଷ୍ଟପୁଷ୍ଟ ଦେହ ଆଉ ନାହିଁ । ନିରନ୍ତର ଉଷ୍ଣ ଓ ଦୀର୍ଘ ନିଶ୍ୱାସରେ ଅଧର ଲାଲ ହୋଇ ଉଠିଛି, ସାରାରାତି ଦୁଶ୍ଚିନ୍ତା ଓ ଜାଗରଣରେ ଚକ୍ଷୁ ଦୁଇଟି କେଡ଼େ ଦୁର୍ବଳ ହୋଇପଡ଼ିଛି । ଏ ବେଶଭୂଷାରେ ପୂର୍ବର କିଛି ନାହିଁ ସତ୍ୟ କିନ୍ତୁ ଶାଣ ଯନ୍ତ୍ରରେ ଶାଣିତ ମହାମଣି ପରି ନିଜ ପ୍ରଭାବର ମହିମାରେ, ମହାରାଜ ଯେ ଏତେ କ୍ଷୀଣ ହୋଇଛନ୍ତି, ତାହା ଧରା ପଡ଼ୁନାହିଁ ।

ରାଜାଙ୍କ ମୁଖରେ କବି ଅତୀତରେ ଶକୁନ୍ତଳାଙ୍କ ସହିତ ତାଙ୍କ ପ୍ରଣୟର ଗୋଟିଏ ଗୋଟିଏ ମଧୁର ସ୍ମୃତିର ଚିତ୍ର ଦେଇ ପଦେ ପଦେ ତାଙ୍କୁ ଅନୁତାପାନଳରେ ଦଗ୍ଧ କରାଇଛନ୍ତି । ରାଜା ଉଦ୍ୟାନର ମାଧବୀମଣ୍ଡପରେ ଉପବେଶନ କରି ଚତୁରିକା ନାମ୍ନୀ ପରିଚାରିକା ଦ୍ୱାରା ଅନ୍ତଃପୁରରୁ ଆନୀତ ସ୍ୱହସ୍ତ ଅଙ୍କିତ ଶକୁନ୍ତଳାଙ୍କର ଚିତ୍ରପଟ ବାରମ୍ବାର ଅବଲୋକନ କରି ପ୍ରିୟତମାଙ୍କର କଥା ଭାବି ଭାବି କାଳ ଯାପନ କରୁଛନ୍ତି ।

ପ୍ରତୀଚ୍ୟ ବଙ୍ଗଳାରେ ଧୀବର ଉପାଖ୍ୟାନର ବର୍ଣ୍ଣନା ପରେ କବି ବିରହ ଦଗ୍ଧ ରାଜାଙ୍କର ଅନୁତାପର ଦୀର୍ଘ ଚିତ୍ର ଦେଇ ଶୟନ କକ୍ଷରେ ଥିବା ଚିତ୍ରପଟରେ ଚୁମ୍ବନ ଦେଇଥିବାର ବର୍ଣ୍ଣନା କରିଛନ୍ତି ଏବଂ ଅଭିଜ୍ଞାନ ଶକୁନ୍ତଳମ୍ ଅନୁଯାୟୀ ଚିତ୍ରପଟକୁ ନିରୀକ୍ଷଣ କରି କରି ମୂର୍ଚ୍ଛିତ ହୋଇ ପଡ଼ିଥିବାର ସୂଚନା ଦେଇଛନ୍ତି । କବି ଉଦ୍ଧବଙ୍କ ସ୍ମୃତି ରାଜାଙ୍କର ଅନୁତାପ ବର୍ଣ୍ଣନାରେ କବି କାଳିଦାସଙ୍କ ଅନୁସରଣ

କବିଥିଲେ ମଧ୍ୟ ମଧ୍ୟଯୁଗୀୟ ଅସ୍ୱାଭାବିକତା ପରିହାର କରି ବର୍ଣ୍ଣନାକୁ ବାସ୍ତବ ଜୀବନ୍ତ ତଥା ସ୍ୱକୀୟ ସୁଷମାରେ ମଣ୍ଡିତ କରିଛନ୍ତି । ଶକୁନ୍ତଳାଙ୍କ ପ୍ରତି ନିଷ୍ଠୁରତା ଆଚରଣ କରିଥିବାରୁ ରାଜାଙ୍କର ବିଚ୍ଛେଦରେ ସମଗ୍ର ବିଶ୍ୱପ୍ରକୃତି ସତେ ଯେପରି ତାଙ୍କୁ ଉପହାସ କରୁଛି ଓ ସବୁ କିଛି ତାଙ୍କୁ ବିଷମୟ ବୋଧ ହେଉଛି । କବିଙ୍କ ଭାଷାରେ—

"ଯହିଁଥିଲେ ତହିଁ ଶୁଣନ୍ତି ଯେସନେ
ଜଗତ କରୁଛି ଗାନ,
ସହଧର୍ମିଣୀକି ଦୁଷ୍ମନ୍ତ ନରେଶ
ଦେଲେ ଘୋର ଅପମାନ ।
ରାଜ ସିଂହାସନେ ବସିଲେ ଯେସନେ
କହେ ରାଜସିଂହାସନ,
'ସହଧର୍ମିଣୀକି ଅଦୋଷେ ତେଜିଲ
ତୁମ୍ହେ କି ମୋର ଭାଜନ ?'

× × × × ×

ଘରେ ଥିଲେ ଯେହ୍ନେ ଘର କହେ, ତୁମ୍ହେ
ଘରକୁ କରିଛ ପର,
ଉଦ୍ୟାନକୁ ଗଲେ ଦଶନ୍ତି ପାଦପେ
ଗାଢ଼ କ୍ରୋଧେ ଥରଥର ।
ନଗରେ ଭ୍ରମିଲେ ଦେଖନ୍ତି, ପ୍ରଜାଏ
କହୁଛନ୍ତି ପରସ୍ପରେ,

ବିନା ଦୋଷେ ଅହା                    ସୁନ୍ଦରୀ ପତ୍ନୀକି
ରାଜା ନ ରଖିଲେ ଘରେ ।

×        ×        ×        ×

କେଉଁ ଭୂତ ଏବେ                    ଭ୍ରମ ଜନ୍ମାଇଲା
ମସ୍ତକରେ ମୋର ବସି
ଭୁଜ ବଳୟକୁ                    ଭୁଜଙ୍ଗ ମଣିଲି,
ଲକ୍ଷ୍ମୀଙ୍କୁ କଲି ରାକ୍ଷସୀ ।
ଆଜ ଲଭିବାକୁ                    ପ୍ରିୟ ବଲ୍ଲଭାକୁ
ଦୁଃଖୀ ହେଲି ଦେଇ ଦୁଃଖ,
ବନେ ତପୋବନେ                    ଲୋଡ଼ି ବା ଲଭନ୍ତି
କେବେ ସେ ଦେଖାଇବ ମୁଖ !

×        ×        ×        ×

ବଲ୍ଲଭୀ ହେମନ୍ତ—                    ବାଷ୍ପବର୍ଷୀ ହୋଇ
ବର୍ଷୁଥିବ ଅଶ୍ରୁକଣ,
ନୟନ ମୋହର                    ବାରି ବରଷୁଛି
ହୋଇ ପ୍ରାବୃଟର ଘନ ।
ତା ଶୋକ-ତୁହିନ                    ମୋ ଦୁଃଖ-ଦୁର୍ଦ୍ଦିନ
ପ୍ରାବଲ୍ୟ ହେବ କି ନାଶ,
ମିଳନ-ଶରଦେ                    ସୁଖେନ୍ଦୁ ଶୋଭିତ,
ହେବ ସ୍ୱଚ୍ଛ ଭାଗ୍ୟାକାଶ ?"

ଅଭିଜ୍ଞାନ ଶକୁନ୍ତଳମ୍‌ରେ ଶକୁନ୍ତଳାଙ୍କର ଚିତ୍ରପଟ ସଂପର୍କିତ ଦୀର୍ଘ ବର୍ଣ୍ଣନା, ଭ୍ରମର ପ୍ରତି ରାଜାଙ୍କର ସମ୍ବୋଧନ ଓ ଭ୍ରାନ୍ତିର ଯେଉଁ ବର୍ଣ୍ଣନା ରହିଛି ସେହେର ତାହାର ବ୍ୟତିକ୍ରମ ଘଟାଇ କେବଳ ସର୍ଗର ଶେଷକୁ ଚିତ୍ରପଟରେ ଶକୁନ୍ତଳାଙ୍କର ସୌନ୍ଦର୍ଯ୍ୟର ସଂକ୍ଷିପ୍ତ ଅଥଚ ସୁନ୍ଦର ବର୍ଣ୍ଣନା, ଚିତ୍ରପଟରେ ଚୁମ୍ବନ ଓ ଛବି ଗୃହିଁ ଗୃହିଁ ରାଜାଙ୍କର ମୂର୍ଚ୍ଛିତ ହେବାର ମାର୍ମିକ ଅଭିବ୍ୟକ୍ତି ଦେଇଛନ୍ତି ।

ମୁଦ୍ରିକାକୁ ଗୃହିଁ ରାଜା ସଜଳ ନୟନରେ ଯେଉଁ ମଧୁର ଭର୍ତ୍ସନା କରିଛନ୍ତି ତାହା ଅଭିଜ୍ଞାନ ଶକୁନ୍ତଳମ୍‌ରୁ ଅବିକଳ ଗୃହୀତ । କାଳିଦାସ ଲେଖିଛନ୍ତି—

"ତବ ସୁଚରିତ ମଙ୍ଗୁଳୀୟନୂନଂ
ପ୍ରତନୁ ମମେବ ବିଭାବ୍ୟତେ ଫଳେନ ।
ଅରୁଣ-ନଖ-ମନୋରମାସୁ ତସ୍ୟା-
ଶ୍ଚ୍ୟୁତମସି-ଲବ୍‌ଧ-ପଦଂ ଯଦଙ୍ଗୁଳୀଷୁ"-

ସେହେର ଲେଖିଛନ୍ତି—

"ସଜଳ ନୟନେ ଅଙ୍ଗୁରୀୟୁ ଗୃହିଁ
ମଧୁର ଭର୍ତ୍ସନା କରି,
ବୋଇଲେ, 'ହା ହତ- ଭାଗ୍ୟ ଅଙ୍ଗୁରୀୟୁ
ଥିଲୁ ଖଣ୍ଡ ତପ କରି ।
ଯେଉଁ ପୁଣ୍ୟବଳେ ଥିଲୁ ସୁନ୍ଦରୀର
ସୁନ୍ଦର କର ପଲ୍ଲବେ,
ସେହି ପୁଣ୍ୟ କ୍ଷୟୁ ହୋଇଯିବା ବେଳୁଁ
ରହି ନ ପାରିଲୁ ଲବେ ।"

ଦୁଷ୍ମନ୍ତଙ୍କର ହୃଚ୍ଛେଦ ବେଦନା ଓ ଅନୁତାପ ବର୍ଣ୍ଣନାରେ ଉଭୟ କବି ପ୍ରଶଂସ୍ୟ ଭାବରେ ତାଙ୍କ ଚରିତ୍ରର ମହତ୍ତ୍ୱ ପ୍ରତିପାଦନ କରିଛନ୍ତି, କିନ୍ତୁ ଉଭୟ କବିଙ୍କର ବିରହ ବର୍ଣ୍ଣନାକୁ ତୁଳନା କଲେ ମେଘେଶ୍ୱରଙ୍କ ବର୍ଣ୍ଣନା ଅଧିକ ଗମ୍ଭୀର ଓ ପ୍ରାଣସ୍ପର୍ଶୀ ହୋଇଥିବାର ପ୍ରତୀତ ହୁଏ ।

ପ୍ରତ୍ନୃଦ୍ଧିଲଗ୍ନିରେ ରାଜା ଶକୁନ୍ତଳାଙ୍କୁ ପ୍ରତ୍ୟାଖ୍ୟାନ କରିଥିବାରୁ ସେ ଦାମ୍ପତ୍ୟସୁଖ ଓ ଭାବୀ ଅପତ୍ୟରତ୍ନ ଲାଭସୁଖରୁ ବଞ୍ଚିତ ହୋଇଛନ୍ତି । ସ୍ୱର୍ଗୀୟ ପରିବାରର ମଧୁର ଦାମ୍ପତ୍ୟ ସୁଖ ଓ ବାତ୍ସଲ୍ୟଭାବ ସନ୍ଦର୍ଶନ କରି ତା'ର ଅଭାବରେ ତାଙ୍କର ଅନ୍ତର ବେଦନାରେ ଏକାନ୍ତ ବିକଳ ହୋଇଉଠିଛି । ତାଙ୍କର ଅନୁତାପ ବର୍ଣ୍ଣନାରେ କବି ପ୍ରକାଶ କରିଛନ୍ତି—

"ଆହା ପୁତ୍ର ସ୍ନେହ କେମନ୍ତ ମଧୁର
ସେ ଜାଣିବ୍ୟ ପୁତ୍ରପଙ୍କର,
ସ୍ନେହ-ସ୍ନିଗ୍ଧ ସୁତ ଧାଇଁଲା କୋଳକୁ
ନିଜେ ନ ବଢ଼ାଇଁ କର ।
ପିତାକୋଳେ ପୁତ୍ର ହର୍ଷେ ହସି ହସି
ପରବେଶ କରି ବଳେ,
ତନପୁର ଶୋଭା— ସୁଖରାଶି ଯେହ୍ନେ
ଥୋଇ ଦେଲା ପାଦତଳେ ।

× × × ×

ପର ଗୁଣ ତଳେ ଥିଲେ ତାଳୁରେ
ଶିଖଣେ ଥିଲି ଅଭ୍ୟସ୍ତ

ପୁନି ବସ୍ତ୍ରଲତା                  ଗୁଣକୁ ହରଇ
ଦେଇଅଛୁ ମୋର ହସ୍ତ ।"

କିନ୍ତୁ ଅଭିଜ୍ଞାନ ଶକୁନ୍ତଳମ୍‌ରେ କାଳିଦାସ ରାଜାଙ୍କର ମନୋ ବେଦନାକୁ ଟିକିଏ ଭିନ୍ନ ଭାବରେ ରୂପ ଦେଇଛନ୍ତି । ଅପତ୍ୟହୀନ ଓ ଅନ୍ୟାନ୍ୟ ଆତ୍ମୀୟହୀନ ବ୍ୟକ୍ତିର ଧନ ଦୌଲତ ରାଜାଙ୍କର ପ୍ରାପ୍ୟ । ମାଧବୀ ମଣ୍ଡପରେ ବସିଥିବାବେଳେ ରାଜା ଅପତ୍ୟହୀନ ବଣିକ ଧନମିତ୍ରର ମୃତ୍ୟୁ ସମ୍ବାଦ ( ସାଗରରେ ଜାହାଜ ବୁଡ଼ି ଯିବାରୁ ) ମନ୍ତ୍ରୀଙ୍କ ପତ୍ରରୁ ପାଇ ( ଯେ ହେତୁ ତା'ର ଧନ ରାଜାଙ୍କର ପ୍ରାପ୍ୟ ) ନିଜେ ଅପତ୍ୟରତ୍ନ ସମ୍ଭାବନାରୁ ବଞ୍ଚିତ ହୋଇଥିବାରୁ ତାଙ୍କର ହୃଦୟ ସମ୍ବେଦନାରେ ବିକ୍ଷୋଭିତ ହୋଇ ଉଠିଛି । କବି ରାଜାଙ୍କ ମୁଖରେ ପ୍ରକାଶ କରିଛନ୍ତି—'କଷ୍ଟଂ ଖଳୁ ଅନପତ୍ୟତା'—ନିଃସନ୍ତାନ ହେବା କି ପରିତାପର ବିଷୟ । ଧନମିତ୍ରର ଗୋଟିଏ ପତ୍ନୀର ପୁଂସବନ ସଂସ୍କାରର ସମ୍ବାଦ ପାଇ 'ଗର୍ଭସ୍ଥ ଅପତ୍ୟର ପିତୃ ସଂପତ୍ତି ପ୍ରାପ୍ୟ' ମତ ବଖ୍ୟାନ କରି ତାର ସମ୍ପତ୍ତି ନିଜ ଅଧିକାରକୁ ଆଣି ନାହାନ୍ତି ବରଂ ଏକ ପ୍ରତିହାରୀ ହସ୍ତରେ ନଗରରେ ଘୋଷଣା କରାଇଛନ୍ତି—"କିମନେନ ସନ୍ତତିରସ୍ତି ନାସ୍ତୀତି ଯେନ ଯେନ ବିଯୁଜ୍ୟନ୍ତେ ପ୍ରଜାଃ ସ୍ନିଗ୍ଧେନ ବନ୍ଧୁନା, ସ ସ ପାପାଦୃତେ ତାସାଂ ଦୁଷ୍ମନ୍ତ ଇତି ଘୁଷ୍ୟତାମ୍ ।"

—"ସନ୍ତାନ ଥାଉ ବା ନଥାଉ, ଏ କଥାରେ କୌଣସି ପ୍ରୟୋଜନ ନାହିଁ । ତୁମେ ନଗରକୁ ଯାଇ ଘୋଷଣା କରିଦିଅ ଯେ ଆମର ପ୍ରଜାମାନଙ୍କ ମଧ୍ୟରେ ଯେ କେହି ଅନ୍ତରଙ୍ଗହରା ହେବ, ଯଦି ସେ ବ୍ୟକ୍ତି ପାପୀ ନ ହୋଇଥାଏ, ତେବେ ଆଜଠାରୁ ତା'ର ଅନ୍ତରଙ୍ଗର ଅଭାବ ଦୁଷ୍ମନ୍ତ ପୂରଣ କରିବେ ।" ନିଜେ ଅପତ୍ୟ-

ସୁଖରୁ ବଞ୍ଚିତ ହେଇଥିବାରୁ ବଂଶଲୋପର ଉତ୍କଣ୍ଠ ଛବି ତାଙ୍କ ଆଖି ଆଗରେ ନାଚି ଯାଇଛି । ଲକ୍ଷ୍ମୀଙ୍କୁ ହାତଛଡ଼ା କରିଛନ୍ତି (୧) (ଧିଙ୍ମାମୁପସ୍ଥିତ ଶ୍ରେୟୋଽବମାନନମ୍) । ନିଜର ତିରୋଧାନ ପରେ ତାଙ୍କ ବଂଶର ପିଣ୍ଡାର୍ଥୀ ପିତୃପୁରୁଷଗଣ ଆଉ ପିଣ୍ଡ ପାଇବେ ନାହିଁ (୨) —ଏହା ଭାବି ଭାବି ରାଜା ମୂର୍ଚ୍ଛିତ ହୋଇ ପଡ଼ିଛନ୍ତି ।

ରାଜାଙ୍କର ଏ ପ୍ରକାର ଗମ୍ଭୀର ଅନୁତାପ ସନ୍ଦର୍ଶନ କରି ସାନୁମତୀର ହୃଦୟରେ ସଂବେଦନା ଓ କରୁଣାର ସଞ୍ଚାର ହୋଇଛି । ସ ନୁମତୀ ମୁଖରେ କାଳିଦାସ ପ୍ରକାଶ କରିଛନ୍ତି—

'ମହେନ୍ଦ୍ର- ଜନନୀ ଦିନେ ବିଚ୍ଛେଦକାତର ଶକୁନ୍ତଳାଙ୍କୁ ସାନ୍ତ୍ୱନା ଦେଇ କହିଥିଲେ ଯେ ଦୁଷ୍ମନ୍ତ ଯାଗ ଯଜ୍ଞ ବନ୍ଦକରି ତାଙ୍କରବିରହ ଦୁଃଖରେ ବୁଡ଼ି ରହିଛନ୍ତି । ଯଜ୍ଞଭାଗ ନିମିତ୍ତ ଇନ୍ଦ୍ରଙ୍କ ଦେବତାମାନେ ତୁରନ୍ତ କିଛି ବ୍ୟବସ୍ଥା କରିବେ, ଯା' ଫଳରେ ରାଜା ତାଙ୍କର ଧର୍ମପତ୍ନୀ ଶକୁନ୍ତଳାଙ୍କୁ ଅଚିରେ ଲାଭକରିବେ । ରାଜାଙ୍କର ଏ ବିଚ୍ଛେଦ କାତର ଅବସ୍ଥା ପ୍ରିୟସଖୀ ମେନକାକୁ ଜଣାଇ ତାଙ୍କୁ ସାନ୍ତ୍ୱନା ଦେବା ପାଇଁ ସାନୁମତୀ ପ୍ରସ୍ଥାନ କରିଛି ।

---

(୧) ଭୁଜ ବଳୟକୁ ଭୁଜଙ୍ଗ ମଣିଲି,
ଲକ୍ଷ୍ମୀକୁ କଲି ରାକ୍ଷସୀ ।

(୨) ଅସ୍ମାତ୍ ପରଂବତ ଯଥା ଶ୍ରୁତି-ସମ୍ଭୃତାନି
କୋ ନଃ କୁଲେ ନିବପନାନିନିଯଚ୍ଛତୀତି,
ନୂନଂ ପ୍ରସୂତି-ବିକଲେନ ମୟା ପ୍ରସିକ୍ତଂ
ଧୌତାଶ୍ରୁ ଶେଷମୁଦକଂ ପିତରଃ ପିବନ୍ତି ।

ସ୍ୱର୍ଗରେ ରାକ୍ଷସ କାଳନେମିର ଦୁର୍ଦ୍ଧର୍ଷ ପୁତ୍ରମାନଙ୍କର ଅତ୍ୟାଚାର ପ୍ରସଙ୍ଗ କାଳିଦାସ ଯେପରି ନାଟକୀୟ ଭାବରେ ଇନ୍ଦ୍ରଙ୍କର ମାତଳି ମୁଖରେ ସୂଚିତ କରିଛନ୍ତି ତା'ର ସୂଚନା ପ୍ରଣୟବଲ୍ଲରୀରେ ନାହିଁ; କେବଳ ଦେବକନ୍ୟାଙ୍କ ଉପରେ ରାକ୍ଷସ-ରାଜକନ୍ୟାର ଆକ୍ରମଣ, ପରେ ରାକ୍ଷସ ମାନଙ୍କର ଅମରାବତୀ ଆକ୍ରମଣ ଏବଂ ଦୁଷ୍ମନ୍ତଙ୍କ ଅଭିଯାନ ଫଳରେ ରାକ୍ଷସମାନଙ୍କର ପରାଜୟର ଏକ ସ୍ୱାଭାବିକ ଚିତ୍ର କବି ପ୍ରଣୟବଲ୍ଲରୀର ସପ୍ତମ ସର୍ଗର ଆରମ୍ଭରେ ଦେଇଛନ୍ତି ।

ଅଭିଜ୍ଞାନ ଶକୁନ୍ତଳମ୍‌ରେ ଇନ୍ଦ୍ରଙ୍କର ମାତଳି ଦୁଷ୍ମନ୍ତଙ୍କ ବିଦୂଷକ ଉପରେ ଆକ୍ରମଣ କରି ତାକୁ ଊର୍ଦ୍ଧ୍ୱକୁ ଉଠାଇ ନେଇଛନ୍ତି । ବିଦୂଷକର ଚିତ୍କାରରେ ରାଜା ଉତ୍‌କ୍ଷିପ୍ତ ହୋଇ ଅଦୃଶ୍ୟ ଭାବରେ ଆକ୍ରମଣ କରୁଥିବା ମାତଳି ଉଦ୍ଦେଶ୍ୟରେ ଶର ସନ୍ଧାନ କରିବାରୁ ମାତଳି ରାଜାଙ୍କୁ ସାକ୍ଷାତ ଦେଇ ରାଜାଙ୍କ ଦ୍ୱାରା ଅଭ୍ୟର୍ଥିତ ହୋଇଛନ୍ତି ଏବଂ କାଳନେମିର ପୁତ୍ର ମାନଙ୍କୁ ବଧ କରିବା ପାଇଁ ଇନ୍ଦ୍ର ତା ହସ୍ତରେ ରଥ ପଠାଇ ତାଙ୍କୁ ନିମନ୍ତ୍ରଣ କରିଛନ୍ତି ବୋଲି କହିଛନ୍ତି ଏବଂ ତାଙ୍କୁ ରୋଷଦୀପ୍ତ କରିବା ବିଦୂଷକ ଉପରେ ତାର ଆକ୍ରମଣର କାରଣ ବୋଲି ସୂଚନା ଦେଇଛନ୍ତି । ଅମାତ୍ୟ ପିଶୁନ ଉପରେ ପ୍ରଜାପାଳନର ଭାର ଦେଇ ଇନ୍ଦ୍ରଙ୍କ ରଥରେ ରାଜା ସ୍ୱର୍ଗକୁ ପ୍ରସ୍ଥାନ କରିଛନ୍ତି ।

## ସପ୍ତମ ସର୍ଗ

ଇନ୍ଦ୍ରଙ୍କର ନିମନ୍ତ୍ରଣକ୍ରମେ ତାଙ୍କ ରଥରେ ଦୁଷ୍ମନ୍ତଙ୍କର ସ୍ୱର୍ଗରେ ଉପସ୍ଥିତି, ରାକ୍ଷସ ମାନଙ୍କର ପରାଜୟ, ପ୍ରତ୍ୟାବର୍ତ୍ତନ କାଳରେ ହେମକୂଟ ପର୍ବତରେ ସୃଷ୍ଟିର ଅଦ୍ଭୁତ ପୁରୁଷ ଓ ପ୍ରକୃତିରୂପିଣୀ

ଭଗବାନ କଶ୍ୟପ ( ମାରୀଚ ) ଓ ଅଦିତିଙ୍କର ଆଶୀର୍ବାଦ, ଶକୁନ୍ତଳା ଓ ପୁତ୍ର ଭରତଙ୍କ ( ସର୍ବଦମନ ) ସହିତ ଦୁଷ୍ମନ୍ତଙ୍କର ମିଳନ ଏବଂ ହସ୍ତିନାକୁ ପ୍ରତ୍ୟାବର୍ତ୍ତନ ହେଉଛି ଏହି ସର୍ଗର କଥାବସ୍ତୁ । ପୂର୍ବରୁ ସୂଚିତ ହୋଇଛି ଯେ ରାଜାଙ୍କ ମୁଦ୍ରିକା ପ୍ରାପ୍ତିପରେ ମୁଖ୍ୟ ଦ୍ୱନ୍ଦ୍ୱ ଅବସାନମୁଖୀ ହୋଇଛି ଏବଂ ପାଠକ ଚିତ୍ତର ଶକୁନ୍ତଳା ସମ୍ପର୍କିତ ସମସ୍ତ କୌତୁହଳ ବା ଉତ୍କଣ୍ଠାର ଅବସାନ ଘଟିଯାଇଛି ଦୁଷ୍ମନ୍ତଙ୍କର ପୁତ୍ର ଭରତ ଓ ଶକୁନ୍ତଳାଙ୍କ ସହ ନାଟକୀୟ ମିଳନରେ ।

ଏହି ସର୍ଗରେ ରାକ୍ଷସ ମାନଙ୍କର ଅତ୍ୟାଚାର ସମ୍ପର୍କିତ ଘଟଣା ଅଭିଜ୍ଞାନ ଶାକୁନ୍ତଳମ୍ ଆଦର୍ଶରେ ବର୍ଣ୍ଣିତ ହୋଇଥିଲେ ମଧ୍ୟ ମେହେରଙ୍କର ଲେଖନୀରେ ଚିତ୍ରଟି ତାଙ୍କର ସ୍ୱକୀୟତାର ସ୍ୱାକ୍ଷର ବହନ କରି ସ୍ୱାଭାବିକ ହୋଇଛି । ପ୍ରଣୟବଲ୍ଲରୀରେ କାଳନେମି ରାକ୍ଷସର ନାମର ଉଲ୍ଲେଖ ନାହିଁ । ସର୍ଗର ଆରମ୍ଭରେ ରାକ୍ଷସମାନଙ୍କର ଦେବକନ୍ୟା ମାନଙ୍କ ଉପରେ ଅତ୍ୟାଚାରର ସ୍ୱତନ୍ତ୍ର ଅଭିନବ ଚିତ୍ର ଦିଆଯାଇଛି । ଶାନ୍ତି, ଶ୍ରଦ୍ଧା, ଦୟା, କ୍ଷମା, ଭକ୍ତି, ଧୃତି ପ୍ରଭୃତି ମାନବର ସତ୍ତ୍ୱଗୁଣ ଏବଂ ହିଂସା, କ୍ରୋଧ, ଲୋଭ, ମଦ, ଦ୍ୱେଷ ପ୍ରଭୃତି ତମ ଗୁଣ ଗୁଡ଼ିକ ଉପରେ ବ୍ୟକ୍ତିତ୍ୱ ଆରୋପକରି ସେମାନଙ୍କୁ ଯଥାକ୍ରମେ ଦେବ ଓ ରାକ୍ଷସରୂପେ ବର୍ଣ୍ଣନା କରି କବି ବର୍ଣ୍ଣନୀୟ ବସ୍ତୁର ସ୍ୱାଭାବିକତା ରକ୍ଷା କରିଛନ୍ତି । ଦେବରାକ୍ଷସର ଏହି ବ୍ୟଞ୍ଜନାତ୍ମକ ଚିତ୍ର କବିଙ୍କର ନିଜସ୍ୱ । ଯେତେବେଳେ ମାନବ ଚିତ୍ତରେ ତମ ଗୁଣର ପ୍ରବଳତା ପରିଲକ୍ଷିତ ହୁଏ ସେତେବେଳେ ସତ୍ତ୍ୱଗୁଣ ଗୁଡ଼ିକ ନିଷ୍ପ୍ରଭ ହୋଇଯାଆନ୍ତି । ପୁନଶ୍ଚ ସତ୍ତ୍ୱଗୁଣର ପ୍ରାବଲ୍ୟ ହେତୁ ଧର୍ମର ପ୍ରଭାବ ପରିଲକ୍ଷିତ ହୁଏ । ମର୍ତ୍ତ୍ୟର ନୀଳାଚଳ...

'କ୍ଷେତ୍ରକୁ କବି ରାକ୍ଷସଙ୍କନ୍ୟା ହିଂସା ଏବଂ ରକ୍ଷରାଜ-ଅନୁଚର ଲୋଭ, ମଦ ଓ ଦ୍ୱେଷ ପ୍ରଭୃତିଙ୍କର ଅତ୍ୟାଚାରର ଶରବ୍ୟ କରି ପରେ ସ୍ୱର୍ଗରେ ଦଳବଳ ସହ ରାକ୍ଷସ ଭୂପତିଙ୍କର ଆକ୍ରମଣର ଚିତ୍ର ଦେଇଛନ୍ତି । ନୀଳାଚଳର ସିନ୍ଧୁ କୂଳକୁ ଦେବକନ୍ୟାଙ୍କର ବିହାର ସ୍ଥଳୀରୂପେ ଚିତ୍ରିତ କରି କବି ନୀଳାଚଳ କ୍ଷେତ୍ରର ମାହାତ୍ମ୍ୟ ପ୍ରଖ୍ୟାପନ କରିବା ସଙ୍ଗେ ସଙ୍ଗେ ନିଜର ଗଭୀର ଦେଶାତ୍ମବୋଧର ପରିଚୟ ଦେଇଛନ୍ତି । ନୀଳାଚଳ କ୍ଷେତ୍ରରେ ରାକ୍ଷସ ମାନଙ୍କର ଏ ଅତ୍ୟାଚାରର ବାର୍ତ୍ତା ଶ୍ରବଣ କରି ଇନ୍ଦ୍ର ନିଜର ପୁରୋଧା ବୃହସ୍ପତିଙ୍କୁ କ୍ଷେତ୍ର ରକ୍ଷାକରିବା ପାଇଁ ହରିଙ୍କର ନିର୍ଦ୍ଦେଶ ସମ୍ବନ୍ଧରେ ସୂଚନା ଦେଇଛନ୍ତି । ରାକ୍ଷସ ମାନଙ୍କର ଅତ୍ୟାଚାରର କାରଣ ସମ୍ପର୍କରେ କବି ବୃହସ୍ପତିଙ୍କ ମୁଖରେ ପ୍ରକାଶ କରିଛନ୍ତି—'ମେନକାଙ୍କ ଦ୍ୱାରା ବିଶ୍ୱାମିତ୍ରଙ୍କର ତପସ୍ୟା ଭଗ୍ନ ହୋଇଥିବାରୁ ସ୍ୱର୍ଗ ଓ ମର୍ତ୍ତ୍ୟରେ ସାଧୁ ପ୍ରବଞ୍ଚନା ଓ ମାୟା ପ୍ରଲୋଭନ ବଢ଼ି ଯାଇଛି । ପୁଣି ପ୍ରଣୟିନୀର ଅନ୍ତର ନ ବୁଝି ଦୁର୍ବାସା ଶକୁନ୍ତଳାଙ୍କୁ ଅଭିଶାପ ଦେଇଥିବାରୁ ନିର୍ଦ୍ଦୋଷ ଧାର୍ମିକ ରାଜା ଦୁଷ୍ମନ୍ତ ଦାରୁଣ ମାନସିକ ଯନ୍ତ୍ରଣା ଭୋଗ କରୁଛନ୍ତି । ତାହାରି ଫଳରେ ଅମରାବତୀ ଶ୍ରୀହୀନ ହୋଇପଡ଼ିଛି । ଦୁଷ୍ମନ୍ତଙ୍କୁ ଇନ୍ଦ୍ର ସମାଦର କଲେ ତାଙ୍କର ଧର୍ମନୀତି ଓ ବୈଷ୍ଣବୀଶକ୍ତି ପ୍ରୟୋଗରେ ସ୍ୱର୍ଗରୁ ରାକ୍ଷସ ଭୟ ଦୂର ହୋଇଯିବ ।'

ଅଭିଜ୍ଞାନ ଶାକୁନ୍ତଳମ୍‌ର ସପ୍ତମ ଅଙ୍କ ଶେଷରେ କବି କଶ୍ୟପଙ୍କ ମୁଖରେ ଦୁଷ୍ମନ୍ତ ଓ ଶକୁନ୍ତଳାଙ୍କ ସମକ୍ଷରେ ରାକ୍ଷସ ମାନଙ୍କର ଅତ୍ୟାଚାରର କାରଣ ସମ୍ପର୍କରେ ଉଲ୍ଲେଖ କରିଛନ୍ତି ।

ମେଢ଼ରେ ଦାନବରାଜ ଓ ଦେବରାଜଙ୍କର ମନ୍ତ୍ରଣା ଏବଂ ରାକ୍ଷସ ମାନଙ୍କର ପରାଜୟର ଯେଉଁ ମନୋଜ୍ଞ ବ୍ୟଙ୍ଗୋକ୍ତି ପୂର୍ଣ୍ଣ

ଚନ୍ଦ ଦେଇଛନ୍ତି ତାହା କବିଙ୍କର ନିଜସ୍ୱ । ବିଜୟୀ ଦୁଷ୍ମନ୍ତଙ୍କ ପ୍ରତି ଇନ୍ଦ୍ରଙ୍କର ସ୍ନେହବିଜଡ଼ିତ ଆତିଥ୍ୟ, ଅମରାବତୀରେ ଦୁଷ୍ମନ୍ତଙ୍କର ଅଭ୍ୟର୍ଥନା ଓ ତାଙ୍କର ବିଦାୟ ଅଭିଜ୍ଞାନ ଶାକୁନ୍ତଳମ୍‌ର ଅନୁସରଣରେ ବର୍ଣ୍ଣିତ । ଦୃଷ୍ଟାନ୍ତସ୍ୱରୂପ କାଳିଦାସ ବିଜୟୀ ଦୁଷ୍ମନ୍ତଙ୍କ ପ୍ରତି ଦେବରାଜଙ୍କର ଅଭିନନ୍ଦନ ବର୍ଣ୍ଣନା କରି କହୁଛନ୍ତି—

"ଅନ୍ତର୍ଗତ-ପ୍ରାର୍ଥନମନ୍ତିକସ୍ଥଂ ଜୟନ୍ତମୁଦ୍‌ବୀକ୍ଷ କୃତସ୍ମିତେନ ।
ଆମୃଷ୍ଟ-ବକ୍ଷୋ-ହରିଚନ୍ଦନାଙ୍କା ମନ୍ଦାରମାଳା ହରିଣା ପିନଦ୍ଧା ॥"

ମେହେର ଲେଖିଛନ୍ତି—

"ଜୟନ୍ତଙ୍କୁ କୋଳୁ ଓହ୍ଲାଇ ବାସବ
ଦୁଷ୍ମନ୍ତଙ୍କୁ କଲେ କୋଳ,
ନିଜ ବକ୍ଷ-ହାର ଦେଲେ ତାଙ୍କ ବକ୍ଷେ
ମହାନନ୍ଦେ ହୋଇ ଭୋଳ ।"

ଅନୁସରଣ ସତ୍ତ୍ୱେ ମେହେର ଏ ପ୍ରସଙ୍ଗରେ ସ୍ୱକୀୟତାର ପରିଚୟ ଦେବାକୁ ଭୁଲି ନାହାନ୍ତି । ଗୋଟିଏ ମାତ୍ର ଦୃଷ୍ଟାନ୍ତ ଦିଆଯାଉ । ଦୁଷ୍ମନ୍ତଙ୍କ ଯଶ ବର୍ଣ୍ଣନା କରିବାକୁ ଯାଇ କାଳିଦାସ ମାତଲି ମୁଖରେ ପ୍ରକାଶ କରିଛନ୍ତି—

"ବିଚ୍ଛିତ୍ତି-ଶେଷୈଃ ସୁରସୁନ୍ଦରୀଣାଂ ବର୍ଣ୍ଣୈରମୀ କଳ୍ପଲତାଂଶୁକେଷୁ ।
ବିଚିନ୍ତ୍ୟ ଗୀତକ୍ଷମମର୍ଥଜାତଂ ଦିବୌକସସ୍ତ୍ୱଚ୍ଚରିତଂ ଲିଖନ୍ତି ।"

ମେହେର ଲେଖିଛନ୍ତି—

"ଅମର ଅକ୍ଷର ପଠନେ ଜାଣିଲେ
ରଚିତ ହୋଇଛୁ ଶ୍ଳୋକ,
ଦୁଷ୍ମନ୍ତ ନୃପଙ୍କ ପୁଣ୍ୟ ସୁରଭରେ
ଅମୋଦିତ ଦେବଲୋକ ।
ଦୁଷ୍ମନ୍ତଙ୍କ ଯଶ- ପଟଳ ଫୁଟିଛୁ
ନନ୍ଦନେ କୁସୁମ ଛଲେ,
ଉଜ୍ଜ୍ୱଳ କନକ- ବର୍ଣ୍ଣ ହୋଇଅଛୁ
ମନ ତାଙ୍କ ପୁଷ୍ପଦଳେ ।
ପବିତ୍ର ପ୍ରେମହିଁ ରହିଅଛୁ ସେହି
ପୁଷ୍ପଗର୍ଭେ ହୋଇ ମଧୁ,
ହିମ ବିନ୍ଦୁ ରୂପେ ଅଶୀର୍ବାଦ ତହିଁ
ଡାଳିଛନ୍ତି ବିଶ୍ୱବନ୍ଧୁ ।" ଇତ୍ୟାଦି

ଅଭିଜ୍ଞାନ ଶାକୁନ୍ତଳମ୍‌ର ସପ୍ତମଅଙ୍କ ଆରମ୍ଭରେ ରାଜର୍ଷି ଦୁଷ୍ମନ୍ତଙ୍କର ମର୍ତ୍ତ୍ୟ-ପ୍ରତ୍ୟାବର୍ତ୍ତନର ଚିତ୍ର ଦିଆଯାଇ ମାତଳି ଓ ଦୁଷ୍ମନ୍ତଙ୍କ କଥୋପକଥନ ଛଳରେ ଇନ୍ଦ୍ରଙ୍କର ଆତିଥ୍ୟ, ଦୁଷ୍ମନ୍ତଙ୍କର ଯଶ ଓ ଅମରାବତୀର ସଂକ୍ଷିପ୍ତ ବର୍ଣ୍ଣନା ଦିଆଯାଇଛି । ଇନ୍ଦ୍ରଙ୍କଠାରୁ ଦୁଷ୍ମନ୍ତଙ୍କର ବିଦାୟର ପ୍ରତ୍ୟକ୍ଷ ଚିତ୍ର ନାହିଁ । ପ୍ରଣୟବଲ୍ଲରୀରେ ଅମରାବତୀର ବର୍ଣ୍ଣନା ଅଭିଜ୍ଞାନ ଶାକୁନ୍ତଳମ୍ ଅପେକ୍ଷା ଅଧିକ ପ୍ରଶସ୍ତ ଓ ମଞ୍ଜୁଳ । ମେହେର ପ୍ରେମ, ପ୍ରୀତି, ସୁଖ ଓ ମୈତ୍ରୀର ଯେଉଁ ମନୋଜ୍ଞ ଚିତ୍ର ଦେଇଛନ୍ତି ତାର କଳ୍ପନା ତାଙ୍କର ନିଜସ୍ୱ । ଶକୁନ୍ତଳାଙ୍କୁ ପ୍ରତ୍ୟାଖ୍ୟାନ କରି ଦୁଷ୍ମନ୍ତ ଏହି ସ୍ୱର୍ଗୀୟ ଗୁଣ ଗୁଡ଼ିକରୁ ବଞ୍ଚିତ ହୋଇଥିଲେ । ଆଜି ବିଜୟ ଟୀକା ଲଲାଟରେ

ବନ୍ଧନ କରି ସେ ସେହି ସ୍ୱର୍ଗୀୟ ଗୁଣଗୁଡ଼ିକର ଅଧିକାରୀ ହୋଇଛନ୍ତି । ପ୍ରେମ ଓ ପ୍ରୀତିର ଆଲିଙ୍ଗନଦ୍ୱାରା ଶକୁନ୍ତଳାଙ୍କ ସହିତ ଭାବୀ-ମିଳନର ସମ୍ଭାବନାକୁ କବି ବ୍ୟଞ୍ଜନାରେ ପ୍ରକାଶ କରିଛନ୍ତି । ଚିତ୍ରଟିକୁ ଅଧିକ ହୃଦ୍ୟ କରିବାପାଇଁ କବି ସେହି ସ୍ୱର୍ଗୀୟ ଗୁଣ ଗୁଡ଼ିକ ଉପରେ ବ୍ୟକ୍ତିତ୍ୱ ଆରୋପ କରି ମର୍ତ୍ତ୍ୟ ଓ ଅମରାବତୀରେ ସେମାନଙ୍କର ପ୍ରଭାବ ସମ୍ପର୍କରେ ରାଜାଙ୍କର ସ୍ୱର୍ଗଗମନ କାଳରେ ମାତଳି ମୁଖରେ ପ୍ରକାଶ କରିଛନ୍ତି, ଯଥା—

"ପୁଂସ ନାମ ପ୍ରେମ, ଯୋଷା ନାମ ପ୍ରୀତି,
ସୁଖ ତାଙ୍କ ସୁତ ନାମ,
ନିର୍ମଳ-ପବିତ୍ର ସ୍ଥାନ ବିଲୋକିଲେ
ଯାଇଥାନ୍ତି ମର୍ତ୍ତ୍ୟଧାମ ।
ଯା କୋଳେ ବାଳକ ରହିଛି ହରଷେ,
ମୈତ୍ରୀ ନାମ ଅଟେ ତାର,
ଏହାଙ୍କ ଉଦ୍ୟାନ- ଫଳେ ପରିପୁଷ୍ଟ
ସତତ ସୁର-ସଂସାର ।"

ରଥଚକ୍ର ଓ ଘନର ଘର୍ଷଣ ଫଳରେ ଉତ୍‌କୀର୍ଣ୍ଣ ଜଳକଣା ଚାତକମାନେ ପାନ କରିବା, ତଡ଼ିତ୍ କାନ୍ତିରେ ଅଶ୍ୱତନୁ ଉଜ୍ଜ୍ୱଳ ହୋଇ ଉଠିବା, ଊର୍ଦ୍ଧ୍ୱଦେଶରୁ ଦୃଷ୍ଟ ପର୍ବତ, ପୃଥିବୀ ଓ ବୃକ୍ଷର ବର୍ଣ୍ଣନା ସର୍ବୋପରି କଶ୍ୟପ ଅଧ୍ୟୁଷିତ ହେମକୂଟ ପର୍ବତର ବର୍ଣ୍ଣନାରେ କବି କାଳିଦାସଙ୍କୁ ଅବିକଳ ଅନୁସରଣ କରିଛନ୍ତି । ମରୁତ୍ ମଣ୍ଡଳକୁ ଲଙ୍ଘନ କରି ରଥ ମେଘ ମଣ୍ଡଳରେ ପ୍ରବେଶ

କରିବା ସମୟର ଦୃଶ୍ୟକୁ କବି ବର୍ଣ୍ଣନା କରିବାକୁ ଯାଇ ଲେଖିଛନ୍ତି—

"ଘନ ଘୃଷ୍ଟ-ରଥ ପଦ ବିକାରିତ-
ନିର୍ମଳ-ସଲିଳ-କଣୀ,
ପାନ କଲେ ସୁଖେ ପର୍ବତ ବିବରୁ
ବାହାରି ଗୃତକଗଣି ।
ତଡ଼ିତ କାନ୍ତିରେ ଅଶ୍ୱତନୁ ହେଲା
ମୁହୁର୍ମୁହୁ ସମୁଜ୍ଜ୍ୱଳ,"

ଏହା କାଳିଦାସଙ୍କର ନିମ୍ନୋକ୍ତ ଶ୍ଳୋକର କପରି ଅବିକଳ ଅନୁସରଣ ଦେଖନ୍ତୁ—

"ଅଯ୍ୟମରବିବରେଭ୍ୟାଶ୍ଚାତକୈର୍ନିଷ୍ପତଦ୍ଭି-
ର୍ହରିଭିରଚିରଭାସାଂ ତେଜସା ଚାନୁଲିପ୍ତୈଃ ।
ଗତମୁପରି ଘନାନାଂ ବାରିଗର୍ଭୋଦରାଣାଂ
ପିଶୁନୟତି ରଥସ୍ତେ ଶୀକର-କ୍ଲିନ୍ନ-ନେମିଃ ।"

ଊର୍ଦ୍ଧ୍ୱଦେଶରୁ ଦୃଷ୍ଟ ପୃଥିବୀ ଓ ପର୍ବତର ବର୍ଣ୍ଣନା କରିବାକୁ ଯାଇ କବି ଲେଖିଛନ୍ତି—

"ପର୍ବତ ଶିଖର ଦିଶିଲା ଗଗନ-
ସୋପାନେ ଚଢ଼ିଲା ପରି,
ଭୂତଳ ଦିଶିଲା ପର୍ବତକୁ ଯେସନେ
ଟେକି ଦେଉଅଛି ଧରି ।
ଅଥବା ନିବିଡ଼- ବିଳାସୀ ନୃପତି
ପ୍ରତି ହୋଇ ମାନବତୀ,

ନିକଟ ନିକଟ          ହେଲେ ଦୂର ଦୂର
ହେଉଅଛନ୍ତି ବସୁମତୀ ।
ପାଦପେ ମସ୍ତକ          ଉତ୍ତୋଳନ କଲେ
ଅବନୀ ଲୁଣ୍ଠନ ଛାଡ଼ି,
ସୁପ୍ତ ବିହଙ୍ଗମେ          ଶିର ଟେକି ଯଥା
ଉଠିଥାନ୍ତି ତେଣା ଝାଡ଼ି ।”

କାଳିଦାସ ଲେଖିଛନ୍ତି—

“ଶୈଳାନାମବରୋହତୀବ ଶିଖରାଦୁନ୍ମଜ୍ଜତାଂ ମେଦିନୀ,
ପର୍ଣ୍ଣାଭ୍ୟନ୍ତରଲୀନତାଂ ବିଜହତି ସ୍କନ୍ଧୋଦୟାତ୍ ପାଦପାଃ ।”

କଶ୍ୟପ ଅଧ୍ୟୁଷିତ ହେମକୂଟପର୍ବତ (କିଂପୁରୁଷ) ବର୍ଣ୍ଣନା ପ୍ରସଙ୍ଗରେ ମେହେର ସୁରେଶ ଓ ନରେଶ ରଥର ତାରତମ୍ୟ ସମ୍ପର୍କରେ ଲେଖିଛନ୍ତି—

“ଦେଖିଲେ ସ୍ୟନ୍ଦନ          ଗଗନେ ଯେସନ
ଭୂତଳେ ତେସନ ଚଳେ ।
ଚକ୍ର ନ ପଶଇ          ଧୂଳି ବାଲି ମଧ୍ୟେ
ନ ନାଚେ ଅସମତଳେ,
ଚଳେ ଯଥା ହଂସ          ଅବାଧ କମ୍ପିତ
ଗମ୍ଭୀର ସରସୀ ଜଳେ ।”

କାଳିଦାସ ଲେଖିଛନ୍ତି—

“ଉତ୍ପାତ-ଶଙ୍କା ନ ରଥାଙ୍ଗ-ନେମୟଃ
ପ୍ରବର୍ତ୍ତିମାନଂ ନଚ ଦୃଶ୍ୟତେ ରଜଃ ।

ଅଭୁତଲ-ସ୍ପର୍ଶଭୟା ନିରୁଦ୍ଧତ
ସ୍ତବାବଙ୍ଗାର୍ଣ୍ଣୋଽପି ରଥୋ ନ ଲକ୍ଷ୍ୟତେ ।”

ପ୍ରଣୟବଲ୍ଲରୀରେ ଧ୍ୟାନମଗ୍ନ କଶ୍ୟପଙ୍କ ବର୍ଣ୍ଣନା ଅବିକଳ କାଳିଦାସଙ୍କ ବର୍ଣ୍ଣନାରୁ ଗୃହୀତ ହୋଇଛି ।

ମେହେର ଲେଖିଛନ୍ତି—

“ଅଦୂରେ ଦେଖିଲେ ମୁନି ଏକ'ଛନ୍ତି
ନିଶ୍ଚଳ ଅଚଳ ରୂପେ,
ପାଦୁଁ କଟିଯାଏ ତାହାଙ୍କ ମଣ୍ଡିତ
ହୋଇଛି ବଲ୍ମୀକ-ସ୍ତୂପେ ।
ବିଷଧର-ଚର୍ମ- ଉପବୀତ ସହ
ହୋଇଅଛି ଉପବୀତ,
ଜୀର୍ଣ୍ଣ-ଲତା-ଜାଲ ବେଢ଼ି କଣ୍ଠ ଦେଶ
କରୁଅଛି ନିପୀଡ଼ିତ ।
ରବି ଅଭିମୁଖୀ ହୋଇ ସ୍ଥାଣୁ ପରି
ରହିଛନ୍ତି ମୁନିବର,
ସ୍କନ୍ଧ-ବିଲମ୍ବିତ ଜଟା ମଣ୍ଡଳରେ
ପକ୍ଷୀ କରିଛନ୍ତି ଘର ।”

କାଳିଦାସଙ୍କର ବର୍ଣ୍ଣନା ହେଉଛି—

‘‘ବଲ୍ମୀକାର୍ଦ୍ଧ-ନିମଗ୍ନ-ମୂର୍ତ୍ତିରୁରସା ସନ୍ଦଷ୍ଟ-ସର୍ପତ୍ୱଚା
କଣ୍ଠେ ଜୀର୍ଣ୍ଣ-ଲତା-ପ୍ରତାନ-ବଲୟେନାତ୍ୟର୍ଥ-ସମ୍ପୀଡ଼ିତଃ ।
ଅଂସବ୍ୟାପିଶକୁନ୍ତନୀଡ଼ନିଚିତଂ ବିଭ୍ରଜ୍ଜଟା-ମଣ୍ଡଳଂ
ଯତ୍ର ସ୍ଥାଣୁରିବାଚଲୋ ମୁନିରସାବଭ୍ୟର୍କବିମ୍ବଂ ସ୍ଥିତଃ ।”

କଣ୍ୱପଙ୍କର ଆଶ୍ରମ ବର୍ଣ୍ଣନା ପ୍ରସଙ୍ଗରେ କାଳିଦାସ ଲେଖିଛନ୍ତି—

"ପ୍ରାଣାନାମନିଲେନ ବୃତ୍ତିରୁଚିତା ସତ୍‌କଳ୍ପବୃକ୍ଷେ ବନେ,
ତୋୟେ କାଞ୍ଚନ-ପଦ୍ମ-ରେଣୁ କପିଶେ ପୁଣ୍ୟାଭିଷେକ କ୍ରିୟା ।
ଧ୍ୟାନଂ ରତ୍ନଶିଳାତଳେଷୁ ବିବୁଧସ୍ତ୍ରୀ-ସନ୍ନିଧୌ-ସଂଯମୋ,
ଯତ୍‌ କାଙ୍‌କ୍ଷନ୍ତି ତପୋଭିରନ୍ୟମୁନୟସ୍ତସ୍ମିଂସ୍ତପସ୍ୟନ୍ତ୍ୟମୀ ।"

ତାହାର ଛାୟାରେ ମେହେର ଲେଖିଛନ୍ତି—

"ଦେଖିଲେ ଆଶ୍ରମ କଳପ-ପାଦପ-
ଛାୟା-ସୁଶୀତଳ ତଳ,
ସୁଲଭ ତହିଁରେ ହେମ-କମଳିନୀ
ସୁରଭି-ବାସିତ ଜଳ ।
ପଥର ପରାଏ ପଡ଼ି ରହିଅଛି
ଯହିଁ ତହିଁ ମଣିଶିଳା,
ସ୍ନେହ ବିତରଣ କରୁଛନ୍ତି ବୁଲି
ସୁରବାଳା ସ୍ନେହଶୀଳା

× × ×

ତେମନ୍ତ ତପସ୍ୟା- ଫଳ-ସ୍ଥଳେ ପୁଣି
ତପସ୍ୟା ରହିଛି ଲାଗି ।"

ସୁରସୁନ୍ଦରୀରୁ କଣ୍ୱପଙ୍କୁ ସମ୍ବାଦ ଦେବାପାଇଁ କହି ମାତଳି ଚାଲିଯାଇଛନ୍ତି । ଦୁଷ୍ମନ୍ତ ଅଶୋକ ତରୁତଳେ ଠିଆ ହୋଇ ଶିଶୁ ଭରତର କେଶରୀ ଶିଶୁର କେଶ ଆକର୍ଷଣ ଲକ୍ଷ୍ୟ କରିବା, କୌତୂହଳୀ ରାଜାଙ୍କର ଶିଶୁ ନିକଟକୁ ଗମନ, ଶିଶୁର ହାତ

ପାପୂଲରେ ଚକ୍ରବର୍ତ୍ତୀଚିହ୍ନ ଦର୍ଶନ, ଚିତ୍ତରେ ବାତ୍ସଲ୍ୟଭାବର ଉଦ୍‌ବେଳନ, ଶିଶୁଟିକୁ କୋଳରେ ଧାରଣ କରିବା, ରାଜାଙ୍କର ଶିଶୁର ରକ୍ଷାକାଣ୍ଡ ଧାରଣରେ ତାପସୀଙ୍କର ବିସ୍ମୟ, ପୁନ ଓ ପ୍ରଣୟିନୀ ସମ୍ପର୍କରେ ରାଜାଙ୍କର ସମସ୍ତ ଭ୍ରାନ୍ତିର ଅବସାନ ଘଟିବା, ଶକୁନ୍ତଳାଙ୍କ ସହିତ ମିଳନ ଏବଂ ଅଦିତି ଓ କଶ୍ୟପଙ୍କର ପ୍ରଣୟୀ ପ୍ରଣୟିନୀଙ୍କୁ ଆଶୀର୍ବାଦ ଦାନ ପ୍ରଭୃତି ଅଭିଜ୍ଞାନ ଶାକୁନ୍ତଳମ୍‌ରୁ ପ୍ରାୟ ଅବିକଳ, ଗୃହୀତ । ଶିଶୁଟିର ଦର୍ଶନରେ ରାଜାଙ୍କ ହୃଦୟରେ ବାତ୍ସଲ୍ୟଭାବର ଯେପରି ଉଦ୍‌ବେଳନ ହୋଇଛି ତାର ଚିତ୍ର ଦେବାକୁ ଯାଇ କାଳିଦାସ ଲେଖିଛନ୍ତି—

"ଅନେନ କସ୍ୟାପି କୁଲାଙ୍କୁରେଣ ସ୍ପୃଷ୍ଟସ୍ୟ ଗାତ୍ରେଷୁ ସୁଖଂମମୈବମ୍ ।
କାଂ ନିର୍ବୃତିଂ ଚେତସି ତସ୍ୟ କୁର୍ଯ୍ୟାଦ୍ ଯସ୍ୟାୟମଙ୍ଗାତ୍‌କୃତିନଃ ପ୍ରରୂଢ଼ଃ ।

ଏହାର ଛାୟାରେ ମେହେର ଲେଖିଛନ୍ତି—

"ମନେ ବୋଲୁଥିଲେ, 'ଧନ୍ୟ ସେହି ଲୋକ,
ଏ ଶିଶୁ ଯାହାର ସୁତ,
କୋଳେ ଧରି ମୁଖେ ଚୁମ୍ବନ ଦେବାକୁ
ହେଉଅଛି ମୋର ଚିତ୍ତ ।

× × ×

ଦରଶନ ଯାର ଏଡ଼େ ସୁଖକର
ସ୍ପରଶ କେଡ଼େ ମଧୁର ।
ସ୍ପରଶ ଲାଳସା ଲୁଚିଛି ଦର୍ଶନ-
ସୁଖ କରିବାକୁ ଦୂର ।"

ପୁଣି ଦୁଷ୍ମନ୍ତଙ୍କ ମୁଖରେ କାଳିଦାସ ଯାହା ପ୍ରକାଶ କରିଛନ୍ତି—

"ଏବମାଶ୍ରମ ବିରୁଦ୍ଧ ବୃତ୍ତିନା ସଂଯମଃ କିମିତି ଜନ୍ମତସ୍ତ୍ୱୟା ।
ସତ୍ତ୍ୱ-ସଂଶ୍ରୟ-ସୁଖୋଽପି ଦୂଷ୍ୟତେ କୃଷ୍ଣସର୍ପ ଶିଶୁନେବ ଚନ୍ଦନମ୍ ॥"

ମେହେର ତାର ଅନୁସରଣରେ ଲେଖିଛନ୍ତି—

"ନୃପତି ବୋଇଲେ, 'ତାପସ-କୁମାର,
କିମ୍ପା ଏଡ଼େ ହରବର,
ସିଂହ ଶିଶୁ ସହ ବୀରଭାବ ତେଜି
ତାପସ ସ୍ୱଭାବ ଧର ।"

ଶିଶୁଟିର ମାତା'ର ନାମ ଜାଣିବା ପାଇଁ ରାଜାଙ୍କ ମନରେ ଯେଉଁ କୌତୂହଳ ଜାତ ହୋଇଥିଲା, କାଳିଦାସ ମୃତ୍ତିକା-ମୟୂର ମାଧ୍ୟମରେ ଯେପରି ତାହା ଚରିତାର୍ଥ କରାଇଛନ୍ତି, ମେହେର ତାହାର ଅବିକଳ ଅନୁସରଣ କରିଛନ୍ତି । କାଳିଦାସ ଲେଖିଛନ୍ତି—

"ତାପସୀ—ସବ୍ବ ଦମଣ । ସଉନ୍ତ ଲାବଣ୍ଣଂ ପେକ୍ଖସୁ ।

ବାଳଃ—କହିଂ ବା ମେ ଅଜ୍ଜୁ ?"

ମେହେର ଲେଖିଛନ୍ତି—

"ଅପର ତାପସୀ ମୃତ୍ତିକା ମୟୂର
ଏକ ଆଣି ଧରି କରେ,
ବୋଇଲା ଶିଶୁକୁ, ଶକୁନ୍ତ-ଲାବଣ୍ୟ
ଦେଖ ଦେଖ ବତ୍ସ । ଥରେ ।"

ଶିଶୁଟି ସହିତ ନିଜର ସମ୍ପର୍କରେ ନିଶ୍ଚିତ ହୋଇ ପୁତ୍ର ବୋଲି ସମ୍ବୋଧନ କରି ଦୁଷ୍ମନ୍ତ ଭରତକୁ କୋଳ କରନ୍ତେ ଭରତ ଅପରିଚିତ ପିତାର ବାତ୍ସଲ୍ୟ ଗ୍ରହଣ କରିବାକୁ କୁଣ୍ଠିତ ହୋଇଛି; ସେଥିପାଇଁ ମାତାଙ୍କ ନିକଟରେ ନିଷ୍କପଟ ଅଭିଯୋଗ ବାଢ଼ିଛି । ଶେଷରେ ଶିଶୁଟି ଭଗିରଥ ହୋଇ ସୁରଧୂନୀ ଓ ରତ୍ନାକର ସ୍ୱରୂପ ଶକୁନ୍ତଳା ଓ ଦୁଷ୍ମନ୍ତଙ୍କର ମିଳନ ସଂଘଟିତ କରାଇଛି । ଉଭୟ ରଚନାରେ ଏହି ଚିତ୍ରଟି ଏକାନ୍ତ ଉପଭୋଗ୍ୟ ହୋଇଛି ।

ଦୁଷ୍ମନ୍ତ ଓ ଶକୁନ୍ତଳା ଉଭୟେ ଉଭୟଙ୍କୁ ଦର୍ଶନ କରି ପ୍ରଣୟ ପାଳନରେ ନିଜକୁ ଅପରାଧୀ ବା ଅପରାଧିନୀ ବୋଲି ମନେ କରିଛନ୍ତି । ଉଭୟ ରଚନାରେ ଏ ପ୍ରକାର ଆତ୍ମ-ନିଗ୍ରହର ଚିତ୍ର ହେତୁ ପ୍ରଣୟୀ ଓ ପ୍ରଣୟିନୀ ଭାବରେ ଉଭୟ ଚରିତ୍ରର ମହତ୍ତ୍ୱ ପ୍ରତିପାଦିତ ହୋଇଛି ।

ଅଭିଜ୍ଞାନ ଶାକୁନ୍ତଳମ୍‌ରେ ରାଜା ଶକୁନ୍ତଳାଙ୍କୁ ଦେଖି ଭାବୁଛନ୍ତି—

"ବସନେ ପରିଧୂସରେ ବସାନା ନିୟମକ୍ଷାମମୁଖୀ ଧୃତୈକବେଣିଃ ।
ଅତି ନିଷ୍କରୁଣସ୍ୟ ଶୁଦ୍ଧଶୀଳା ମମ ଦୀର୍ଘଂ ବିରହବ୍ରତଂ ବିଭର୍ତ୍ତି ॥"

ପୁଣି କହୁଛନ୍ତି—

"ପ୍ରିୟେ ! ସ୍ମୃତି-ଭିନ୍ନ-ମୋହତମସୋ ଦିଷ୍ଟ୍ୟା ପ୍ରମୁଖେ ସ୍ଥିତାସିମେ ସୁମୁଖି, ଉପରାଗାନ୍ତେ ଶଶିନଃ ସମୁପଗତା ରୋହିଣୀ ଯୋଗମ୍ ।

× × ×

"ମୋହାନ୍ ମୟା ସୁତନୁ ପୂର୍ବମୁପେକ୍ଷିତସ୍ତେ
ଯୋ ବାଷ୍ପବିନ୍ଦୁରଧରଂ ପରିବାଧମାନଃ ।

ତଂ ତାବଦାକୁଟିଳ ପକ୍ଷ୍ମ-ବିଲଗ୍ନମଦ୍ୟ
ବାଷ୍ପଂ ପ୍ରମୃଜ୍ୟ ବିଗତାନୁଶୟୋ ଭବେୟମ୍ ।"

ମେଟ୍ହେର ରାଜାଙ୍କର ଖେଦକୁ ସ୍ୱକୀୟ ଭଙ୍ଗୀରେ ବର୍ଣ୍ଣନା କରିବାକୁ ଯାଇ ଲେଖିଛନ୍ତି—

"ରାଜା ଭାବୁଥିଲେ, ପ୍ରେମ ମୂରତିକି
ପ୍ରଣୟ-ପୀଠେ ଆରାଧି,
ନପାରି ଧରମ ଲଙ୍ଘି ନିଜେ ହୋଇ-
ଛନ୍ତି ମହା ଅପରାଧୀ ।
କେଉଁ କଥା କହି କେମନ୍ତେ ଖାଳନ
କରାଇବେ ନିଜ ଦୋଷ,
ଅଙ୍ଗୁରୀୟ ଲାଭ କଥା କହିଲେ କି
ଜନ୍ମିବ ପ୍ରିୟାର ତୋଷ ?"

ରାଜାଙ୍କୁ ଦେଖି ଶକୁନ୍ତଳା ( ଅଭିଜ୍ଞାନ ଶାକୁନ୍ତଳମ୍ ରେ ) ମନେ ମନେ ଭାବୁଛନ୍ତି—

"( ଆତ୍ମଗତମ୍ ) ହିଅଅ ! ଅସ୍‌ସ ସହୁ । ପରିଚ୍ଚତ୍ତମଚ୍ଛରେଣ ଅଣୁଅମ୍ପିଅ ହ୍ମି ଦେବ୍‌ବେଣ ଅଜ୍ଜଉତ୍ତୋ କ୍‌ଖୁ ଏସୋ ।"

—"(ମନେ ମନେ) ହୃଦୟ ! ଆଶ୍ୱସ୍ତ ହୁଅ । ଏତେଦିନ ପରେ ଅଦୃଷ୍ଟ ପ୍ରସନ୍ନ ହୋଇଛି, ମୋ ଆଡ଼କୁ ମୁଖ ଟେକି ଚାହିଁଛି, ଏଇତ ମୋର ଆର୍ଯ୍ୟପୁତ୍ର !"

ମେଟ୍ହେର ନିଜର ସ୍ୱଭାବସୁଲଭ ଭଙ୍ଗୀରେ ଲେଖିଛନ୍ତି—

"ଲୁଟିଥିଲା ବାମା ମାଟି ଲାଗି ତାର
ଘଟିଛି ପତି ବିରହ,

ପତିପ୍ରେମ ସ୍ମର ଦର୍ଶନ ଲାଲସେ
ଥାଏ ତହିଁ ଅହରହ ।
ମନେ କରୁଥାଏ ପ୍ରଣୟ-ପାଳନେ
ହୋଇଛୁ ନିଜେ ଅକ୍ଷମା,
ପତି ଦରଶନ ଲଭିଲେ ଚରଣେ
ବିନୟେ ମାଗନ୍ତା କ୍ଷମା ।"

କିନ୍ତୁ ଅଭିଜ୍ଞାନ ଶାକୁନ୍ତଳମ୍‌ରେ କାଳିଦାସ ମିଳନ ମୁହୂର୍ତ୍ତରେ ଯେପରି ଦୁଷ୍ମନ୍ତ ଓ ଶକୁନ୍ତଳାଙ୍କୁ କାଳ୍ପିତ୍ ପ୍ରଗଲ୍‌ଭ କରିଛନ୍ତି, ସେହିପରି ତାହା ନକରି କେବଳ ପ୍ରଣୟୀ ପ୍ରଣୟିନୀଙ୍କର ଅସ୍ବୀକୃତ ଅପରାଧର ଅନୁଚିନ୍ତନ ଓ ଭାବମୁଖର ନୀରବତା ଦ୍ୱାରା ଉଭୟଙ୍କର ମିଳନକୁ ଅଧିକ ଚିତ୍ତାକର୍ଷକ କରିଛନ୍ତି ।

କାଳିଦାସଙ୍କର ଦୁଷ୍ମନ୍ତ ମିଳନ ମୁହୂର୍ତ୍ତରେ ଆବେଗାତି ଶଯ୍ୟରେ ଶକୁନ୍ତଳାଙ୍କ ପାଦତଳେ ପଡ଼ିଯାଇ କହିଛନ୍ତି—

"ସୁତନୁ ! ହୃଦୟାତ୍ ପ୍ରତ୍ୟାଦେଶ ବ୍ୟଳୀକମପୈତୁତେ
କିମପି ମନସଃ ସମ୍ମୋହୋ ମେ ତଦା ବଲବାନଭୂତ୍ ।
ପ୍ରବଲ ତମସାମେବଂପ୍ରାୟାଃ ଶୁଭେଷୁହିବୃତ୍ତୟଃ
ସ୍ରଜମପି ଶିରସ୍ୟନ୍ଧଃ କ୍ଷିପ୍ତାଂ ଧୁନୋତ୍ୟହି—ଶଙ୍କୟା ।"

କିନ୍ତୁ ସେହିପରି ଏ ପ୍ରକାର ଚିବକୁ ଚରିତ୍ର ଚିତ୍ରଣର ଅସଙ୍ଗତ ଦୃଷ୍ଟିରୁ ସଂପୂର୍ଣ୍ଣ ପରିହାର କରିଛନ୍ତି ।

ଅଭିଜ୍ଞାନ ଶାକୁନ୍ତଳମ୍‌ରେ ମିଳିତ ଦମ୍ପତି ପୁତ୍ରସହ ମାରୀଚ ( କାଶ୍ୟପ ) ଓ ଅଦିତିଙ୍କ ( ଦାକ୍ଷାୟଣୀ ) ନିକଟକୁ ଯାଇ

ସେମାନଙ୍କର ପଦ ବନ୍ଦନା କରିଛନ୍ତି । ଋଷି ସେମାନଙ୍କ ମିଳନରେ ଆନନ୍ଦ ଲାଭକରି ସେମାନଙ୍କୁ ଆଶୀର୍ବାଦ କରିଛନ୍ତି (୧) ଏବଂ ସେମାନଙ୍କର ବିଚ୍ଛେଦର ସମସ୍ତ କାରଣ ବର୍ଣ୍ଣନାକରି ସେମାନଙ୍କର ନିର୍ଦ୍ଦୋଷତା ସଂପର୍କରେ ଆଶ୍ୱାସନା ଦେଇ ସେମାନଙ୍କର ଚରିତ୍ରର ମହତ୍ତ୍ୱ ଶତଗୁଣିତ କରିଛନ୍ତି । ଋଷି କଣ୍ୱଙ୍କୁ ଏ ଶୁଭ ସମ୍ବାଦ ଦେବାପାଇଁ ଶିଷ୍ୟ ଗାଳବଙ୍କୁ ଆକାଶ ପଥରେ ପଠାଇଛନ୍ତି ଏବଂ ଶେଷରେ ସେମାନଙ୍କୁ ବିଦାୟ ଦେଇଛନ୍ତି ।

କିନ୍ତୁ ପ୍ରଣୟ ବଲ୍ଲରୀରେ ସୁରାସୁରଗୁରୁ କଶ୍ୟପ ମିଳିତ ଦମ୍ପତିଙ୍କ ନିକଟକୁ ଆସି ସେମାନଙ୍କର ବିଚ୍ଛେଦର ସମସ୍ତ କାରଣ ବର୍ଣ୍ଣନା କରିଛନ୍ତି ଏବଂ ସେମାନଙ୍କର ନିର୍ଦ୍ଦୋଷତା ପ୍ରଖ୍ୟାପନ କରି ସେମାନଙ୍କୁ ଆଶୀର୍ବାଦ କରିଛନ୍ତି । ଶେଷରେ ରାଜା ଇନ୍ଦ୍ରଙ୍କ ରଥରେ ପୁତ୍ର ଓ ପତ୍ନୀସହ ହସ୍ତିନା ଯାତ୍ରାକରି ଆନନ୍ଦରେ ରାଜତ୍ୱ କରିଛନ୍ତି ।

ଅଭିଜ୍ଞାନ ଶାକୁନ୍ତଳମ୍‌ରେ ମାରୀଚ ଅଶୀର୍ବାଦ ଛଳରେ 'ଭରତ' ନାମର ଯେଉଁର ବ୍ୟାଖ୍ୟା କରିଛନ୍ତି ('ମୁନର୍ଯାସ୍ୟତ୍ୟାଖ୍ୟାଂ ଭରତ ଇତି ଲୋକସ୍ୟ ଭରଣାତ୍'—ଏହି ବିଶାଳ ପୃଥିବୀର ଭରଣ ପୋଷଣ କରିବ ବୋଲି ଏହାର ନାମ ହେବ ଭରତ) ପ୍ରଣୟ ବଲ୍ଲରୀରେ ତା'ର ସୂଚନା ନାହିଁ ।

**କାବ୍ୟର ନାମ କରଣ—**

କାବ୍ୟର ନାମକରଣରେ ମେହେରଙ୍କର ସ୍ୱକୀୟ ଅଭିରୁଚିର ପରିଚୟ ମିଳୁଥିଲେ ମଧ୍ୟ ପ୍ରେରଣାର ଉତ୍ସ ରହିଛି ଅଭିଜ୍ଞାନ

---

(୧) ଦିଷ୍ଟ୍ୟା ଶକୁନ୍ତଳା ସାଧ୍ୱୀ ସଦପତ୍ୟମିଦଂ ଭବାନ୍ ।
ଶ୍ରଦ୍ଧା ବିତ୍ତଂ ବିଧିଶ୍ଚେତି ତ୍ରିତୟଂ ତତ୍ ସମାଗତମ୍ ।

ଶାକୁନ୍ତଳମ୍‌ରେ । ସପ୍ତମ ଅଙ୍କର ଶେଷକୁ କାଳିଦାସ ପ୍ରଣୟ-ପ୍ରଣୟିନୀଙ୍କର ମିଳନ ଅବସରରେ ରାଜାଙ୍କ ମୁଖରେ ପ୍ରକାଶ କରିଛନ୍ତି—"ତେନହ୍ୟ ଋତୁ-ସମବାୟ ଚିହ୍ନଂ ପ୍ରତିପଦ୍ୟତାଂ ଲତା କୁସୁମମ୍"—ଅର୍ଥାତ୍ ଶକୁନ୍ତଳାଙ୍କୁ ରାଜା ଦେଖି ପ୍ରେମ ବିଭୋର ହୋଇ କହୁଛନ୍ତି—'ତା' ହେଲେ ଆଜ୍ କ'ଣ ? ଲତାର ଫୁଲ୍ ଋତୁରାଜ ବସନ୍ତ ସହିତ ମିଳନର ସଙ୍କେତ ଧାରଣ କରୁ । ( ଲତାରୂପିଣୀ ଶକୁନ୍ତଳା ଆଜି ଋତୁରାଜ ବସନ୍ତପ୍ରତିମ ଦୁଷ୍ମନ୍ତଙ୍କ ସହିତ ମିଳିତ ହେଲେ, ତେଣୁ ତାଙ୍କର କରକିଶଳୟରେ ଅଂଗୁରୀୟରୂପକ ପ୍ରସୂନ ପ୍ରସ୍ଫୁଟିତ ହେଉ ) । ଶକୁନ୍ତଳାଙ୍କୁ କାଳିଦାସ ଯେଉଁପରି ଲତା ରୂପେ କଳ୍ପନା କରିଛନ୍ତି, ସେହିସ୍ଥାନରେ ମେହେର ଦୁଷ୍ମନ୍ତ ଓ ଶକୁନ୍ତଳାଙ୍କର ପ୍ରଣୟକୁ ଲତାରୂପେ କଳ୍ପନା କରିଛନ୍ତି ।

ପୁଣି ମାତଳି ଯେତେବେଳେ ପତ୍ନୀ ଓ ପୁତ୍ରଙ୍କ ସହ ଦୁଷ୍ମନ୍ତଙ୍କର ଜୟଧ୍ୱନି କରିବାକୁ ଯାଇଛନ୍ତି ଦୁଷ୍ମନ୍ତ ସେତେବେଳେ ତା'ର ଉତ୍ତରରେ କହିଛନ୍ତି—

"ଅଭୂତ୍ ସମ୍ପାଦିତ—ସ୍ୱାଦୁ ଫଲୋ ମେ ମନୋରଥଃ··· । ଅର୍ଥାତ୍ ମୋର ଆଶାଲତା କି ସୁସ୍ୱାଦୁ ଫଳସମ୍ପନ୍ନା ହୋଇଛି । ପ୍ରଣୟବଲ୍ଲରୀର ସପ୍ତମ ସର୍ଗର ଶିରୋନାମା 'ପ୍ରଣୟ-ଫଳ'ର ପରିକଳ୍ପନା, ମନେହୁଏ, ଦୁଷ୍ମନ୍ତଙ୍କର ଏ ପ୍ରକାର ଚିନ୍ତାଧାରାରୁ ଆସି ଯାଇଛି ।

## ଉପସଂହାର—

ପୂର୍ବୋକ୍ତ ଦୀର୍ଘ ଆଲୋଚନାରୁ ସ୍ପଷ୍ଟ ହେବ ଯେ ମେଢ଼େର ପ୍ରଣୟ ବଲ୍ଲରୀର ରଚନା କ୍ଷେତ୍ରରେ କାଳିଦାସଙ୍କୁ ପଦେ ପଦେ ଅନୁସରଣ କରିଛନ୍ତି । କିନ୍ତୁ ଅନୁସୃତ ସତ୍ତ୍ୱେ ଚରିତ୍ର ଚିତ୍ରଣ, ପ୍ରସଙ୍ଗ ସଜ୍ଜା, ବର୍ଣ୍ଣନା, ପରିବେଶ ପରିକଳ୍ପନା ପ୍ରଭୃତି ବିଷୟ କ୍ଷେତ୍ରରେ ଯେପରି ସେ ସ୍ୱକୀୟତାର ପରିଚୟ ଦେଇଛନ୍ତି, ସେହି ଦୃଷ୍ଟିରୁ ପ୍ରଣୟବଲ୍ଲରୀ ପାଠକ ଚିତ୍ତରେ ଏକ ମୌଳିକ ସୃଷ୍ଟିର ଭ୍ରାନ୍ତି ଜାତ କରିବା ସ୍ୱାଭାବିକ ।

# ବର୍ଷାର କବି ନନ୍ଦକିଶୋର

ନନ୍ଦକିଶୋରଙ୍କର ଗ୍ରନ୍ଥାବଳୀର ପୃଷ୍ଠା ଲେଉଟାଇଲେ କବିଙ୍କର କବିତ୍ୱର ବିଭିନ୍ନ ବିଭାବ ମଧ୍ୟରେ ଯେଉଁଟି ପ୍ରଥମତଃ ପାଠକ ପ୍ରାଣକୁ ସ୍ପର୍ଶକରେ ସେଇଟି ହେଉଛି ତାଙ୍କର ନିଷ୍କପଟ ପଲ୍ଲୀ-ପ୍ରୀତି, ଠିକ୍ ତା' ପଛକୁ ଅନ୍ୟ ଯେଉଁଟି ପାଠକର ଦୃଷ୍ଟି ଆକର୍ଷଣ କରେ ସେଇଟି ହେଉଛି ତାଙ୍କର ବର୍ଷା-ପ୍ରୀତି । ପାଠକ ଓ ସମାଲୋଚକ ନନ୍ଦକିଶୋରଙ୍କୁ ପଲ୍ଲୀକବି ରୂପେ ଶ୍ରଦ୍ଧାରେ ଯେତିକି ଗୌରବ ଦିଅନ୍ତି, ବର୍ଷାର କବି ରୂପେ ସେତିକି ଗୌରବ ଦେବାକୁ ବୋଧହୁଏ ଦ୍ୱିଧା ପ୍ରକାଶ କରିବେ ନାହିଁ । ବର୍ଷାର ପରିବେଶ ବା ବର୍ଷାର ଆବରଣରେ ସୁଖ ଦୁଃଖ ବିମଥିତ କବି-ପ୍ରାଣର ବହୁ କରୁଣ ମଧୁର ସ୍ମୃତି, ଅନୁଭୂତି ଓ ସମ୍ବେଦନା ବର୍ଷାର ଧାରା ପରି ଅବାରିତ ଭାବରେ ବହିଚାଲିଛି । ମେଘ-ମେଦୁର ଆକାଶ, ବର୍ଷଣମୁଖର ସନ୍ଧ୍ୟାରେ କବିପ୍ରାଣ କେକୀ ସଦୃଶ ଭାବ ଓ ଆବେଗର ପୁଚ୍ଛ ଉତ୍ତୋଳନ କରି ନୃତ୍ୟକରିଚାଲିଛି । ବର୍ଷାର ପରିବେଶରେ କବିଚିତ୍ତରେ ରୋମାନ୍ସର ବର୍ଣ୍ଣମହୋତ୍ସବ ଲାଗିଯାଇଛି । ପାଠକ ଚିତ୍ତରେ କୌତୂହଳ ଜାତ ହୋଇ ପାରେ; ବର୍ଷା ପ୍ରତି କବିଙ୍କର ଶ୍ରଦ୍ଧା ଏତେ ନିବିଡ଼ କାହିଁକି ? ଅବଶ୍ୟ ବିଭିନ୍ନ ପ୍ରାକୃତିକ ବସ୍ତୁପ୍ରତି କବିଚିତ୍ତରେ ଜାତ ହେଉଥିବା ଶ୍ରଦ୍ଧା, ଆବେଗ ଓ ଉଚ୍ଛ୍ୱାସ କୌଣସି ଯୁକ୍ତିର ଅପେକ୍ଷା ରଖେନା । ତେବେ ବର୍ଷାର ସମ୍ବନ୍ଧରେ ସାଧାରଣ ଭାବରେ କେତୋଟି କଥା ପାଠକ ତଥା ସମାଲୋଚକ ଚିତ୍ତରେ ଉଦିତ ହେବା ସ୍ୱାଭାବିକ । ଏଇ ବିଶ୍ୱବ୍ରହ୍ମାଣ୍ଡ ଅଗଣିତ ବୈଚିତ୍ର୍ୟରେ ପରିପୂର୍ଣ୍ଣ, ମନୁଷ୍ୟ-ପ୍ରକୃତି ମଧ୍ୟରେ ମଧ୍ୟ ସେଇ ବୈଚିତ୍ର୍ୟର ସ୍ପର୍ଶ ଲାଗିଛି । ବିଶ୍ୱର ବୈଚିତ୍ର୍ୟ

ସନ୍ଦର୍ଶନରେ କବିର ହୃଦୟ କଳ୍ପନା ଓ ଭାବମୁଖର ହୋଇ ଉଠିଲେ ମଧ୍ୟ ଗୋଟିଏ ଗୋଟିଏ ବସ୍ତୁ ତଥା ଦୃଶ୍ୟ ପ୍ରତି କବିପ୍ରାଣ ଅତି ଅଜଣା ଭାବରେ ଯୁଇଁ ଯୁଇଁ ଚାଲିଯାଏ, ଯେପରି ରାଧାନାଥ ବୈଚିତ୍ର୍ୟମୟୀ ପ୍ରକୃତିର ଆଲେଖ୍ୟ ଦେଇଥିଲେ ମଧ୍ୟ ସନ୍ଧ୍ୟାର ମନୋଜ୍ଞ ଛବି ଦର୍ଶନରେ ତାଙ୍କର ଚିତ୍ତ ଅଧିକ ଭାବ ଓ କଳ୍ପନାମୁଖର ହୋଇ ଉଠିଛି ।

ବହୁ କବି ବର୍ଷାର ଛବି ଆଙ୍କିଛନ୍ତି, କିନ୍ତୁ ସମସ୍ତଙ୍କର ଦୃଷ୍ଟିଭଙ୍ଗୀ ସମାନ ନୁହେଁ । ଉପେନ୍ଦ୍ରଙ୍କ ଦୃଷ୍ଟିରେ ପ୍ରାବୃଟକାଳ ତାଙ୍କ କାବ୍ୟ ବର୍ଣ୍ଣିତ ବିରହଦଶାଗ୍ରସ୍ତ ନାୟକ ଓ ନାୟିକାଙ୍କ ପକ୍ଷରେ ହେଉଛି ଦୁର୍ଦ୍ଦିନ । କିନ୍ତୁ ଆଷାଢ଼ର ପ୍ରଥମ ଦିବସରେ ରାମଗିରିର ସାନୁ-ଦେଶରେ ମେଘର କ୍ରୀଡ଼ା ଦେଖି ଯକ୍ଷର ବିରହବେଦନା ଦୁର୍ବହ ହେଲେ ମଧ୍ୟ ସେ ମେଘକୁ ନିଜର ଶତ୍ରୁ ମନେ କରି ନାହିଁ । ଅଳକାପୁରୀରେ ଥିବା ନିଜର ବିରହିଣୀ ବଧୂକୁ ସାନ୍ତ୍ୱନା ଦେବା ପାଇଁ ଅତୀତର ପ୍ରଣୟ ସ୍ମୃତିରେ ଅତି ଆବେଗ ଓ କାରୁଣ୍ୟମୁଖର ତାର ଚିତ୍ତ ତାକୁ ବନ୍ଧୁରୂପେ ଅଭିନନ୍ଦନ ଜଣାଇଛି । (୧) ଧୂମ, ଜ୍ୟୋତି, ସଲିଳ ଓ ମରୁତର ସମ୍ମିଶ୍ରଣରେ ସମ୍ଭୂତ ସେଇ ଅଚେତନ ମେଘ କାଳିଦାସଙ୍କ କଳ୍ପନାରେ 'ମେଘଦୂତ' କାବ୍ୟର ମୁଖ୍ୟ ଭୂମିକା ଗ୍ରହଣ କରି ଏକ ଚେତନଶୀଳ ଦରଦୀ ବନ୍ଧୁଭାବରେ ଉପସ୍ଥିତ ହୋଇ ଯାଇଛି । ଚେତନାହୀନ ମେଘକୁ କେନ୍ଦ୍ରକରି

---

(୧) ପ୍ରତ୍ୟାସନ୍ନେ ନଭସି ଦୟିତା ଜୀବିତାଲମ୍ବନାର୍ଥୀ, ଜୀମୂତେନ ସ୍ୱକୁଶଳ ମୟୀଂ ହାରୟିଷ୍ୟନ ପ୍ରବୃତ୍ତିମ୍, ସ ପ୍ରତ୍ୟଗ୍ରୈଃ କୁଟଜ-କୁସୁମୈଃ କଳ୍ପିତାର୍ଘ୍ୟାୟ ତସ୍ମୈ ପ୍ରୀତଃ ପ୍ରୀତି-ପ୍ରମୁଖ-ବଚନଂ ସ୍ୱାଗତଂ ବ୍ୟାଜହାର ।
—ମେଘଦୂତମ୍, ପୂର୍ବମେଘଃ, ଚତୁର୍ଥଶ୍ଳୋକ ।

ଏ ପ୍ରକାର ଅପୂର୍ବ ରୋମାଣ୍ଟିକ୍ କାବ୍ୟର ପରମ୍ପରା, ମାଲ୍ୟବନ୍ତ ଗିରିରେ ଅବସ୍ଥିତ ବିରହୀ ରଘୁନାଥଙ୍କର ବର୍ଷାବିରହ ବର୍ଣ୍ଣନା, ରାଧାକୃଷ୍ଣଙ୍କର ଶୃଙ୍ଗାରପ୍ରଧାନ ଗୀତଗୋବିନ୍ଦ କାବ୍ୟରେ ମେଘମେଦୁର ଆକାଶ ଓ ଘନଶ୍ୟାମଳ ବନଭୂମିକୁ ଲକ୍ଷ୍ୟକରି ଗୋଚାରଣରେ ଯାଇଥିବା ଶ୍ରୀକୃଷ୍ଣ ଭାଳେ ଭୟ କରିବେ, ସେଥିପାଇଁ ତାଙ୍କୁ ସ୍ୱପୁରକୁ ପଥ କଢ଼ାଇ ଆଣିବା ପାଇଁ ନନ୍ଦଙ୍କର ରାଧାଙ୍କୁ ନିର୍ଦ୍ଦେଶ ଦେବାର, ମଧୁର ରୋମାଞ୍ଚକର ବର୍ଣ୍ଣନା (୨), ପୁଣି ବିଦ୍ୟାପତି, ରାୟ ଶେଖର ଓ ଗୋବିନ୍ଦଦାସ * ପ୍ରଭୃତି ବୈଷ୍ଣବ କବିମାନଙ୍କର ବର୍ଷାଭିସାର ବର୍ଣ୍ଣନାର ପରଂପରା କବିଙ୍କର ସାରସ୍ୱତ ଦୃଷ୍ଟିକୁ ଅଧିକ ବିସ୍ତାରିତ କରିଥିବା ସ୍ୱାଭାବିକ ।

ବର୍ଷା ବର୍ଣ୍ଣନା ସଂପର୍କରେ ପ୍ରାଚୀନ ଓ ମଧ୍ୟଯୁଗର ପରଂପରାକୁ ବାଦ ଦେଲେ ବର୍ଷାପ୍ରତି କବିପ୍ରାଣର ଏ ନୈସର୍ଗିକ ଆବେଦନର ଅନ୍ୟ ଏକ ହେତୁ ବିଗୁରର ପ୍ରକୃତିପ୍ରୀତିକୁ ଅଣା ଯାଇ ପାରେ । ନିଦାଘତପ୍ତ ଧରଣୀ ପ୍ରାବୃଟରେ ବାରିଧାରାରେ ଅଭିଷିକ୍ତା ହେଲେ

---

(୨) ମେଘୈର୍ମେଦୁରମମ୍ବରଂ ବନଭୁବଃ ଶ୍ୟାମସ୍ତମାଲ ଦ୍ରୁମୈ
ର୍ନକ୍ତଂ ଭୀରୁରୟଂ ତ୍ୱମେବ ତଦିମଂ ରାଧେ ଗୃହଂ ପ୍ରାପୟ ।
— ଗୀତଗୋବିନ୍ଦ, ପ୍ରଥମ ସର୍ଗଃ ।

* ଗଗନେ ଅବଘନ ମେହ ଦାରୁଣ ସଘନେ ଦାମିନୀ ଝଲକଇ,
କୁଲିଶ ପାତନ ଶବଦ ଝନ ଝନ ପବନ ଖରତର ବଲଗଇ;
× × × × ×
ତରଲ ଜଲଧର ବରଖେ ଝରଝର ଗରଜେ ଘନ ଘନ ଘୋର,
ଶ୍ୟାମ ମୋହନେ ଏକ୍‌ଲ କୈଛନେ ପନ୍ଥ ହେରଇ ମୋର ।
— ବର୍ଷାଭିସାର, ରାୟଶେଖର ।

ତାର ତାପକ୍ଲିଷ୍ଟ ରୁକ୍ଷ କଳେବରରେ ପ୍ରାଣବତ୍ତାର ସଂଗ୍ଚାର ହୁଏ । ନଦୀ, ତଡ଼ାଗ ଜଳରେ ପୂର୍ଣ୍ଣହୁଏ । ଧରଣୀ ଓ ବୃକ୍ଷଲତା ସବୁଜ ପତ୍ର ଓ ଦୁର୍ବାଦଳ ହେତୁ ଶ୍ୟାମଳକାନ୍ତି ଧାରଣ କରନ୍ତି । ମନେହୁଏ କମଳା ଶ୍ୟାମଳ ମୂର୍ତ୍ତି ଧାରଣ କରି ନୀର ଆସ୍ତରଣରେ ଅଧିଷ୍ଠାନ କରିଛନ୍ତି । (୩)

ଶ୍ୟାମଳିମା ଓ ଶୀତଳତା ଆନନ୍ଦ, ପ୍ରାଣବତ୍ତା ଓ ସ୍ଫୁର୍ତ୍ତିର ପ୍ରତୀକ ରୂପେ ଗ୍ରହଣ କରାଯାଏ । ନନ୍ଦକିଶୋର ନଦୀପାଠ ଓ ଗୁଆତାଳ ଘେରା ଆମର ପଲ୍ଲୀର ସନ୍ତାନ । ପଲ୍ଲୀର ମାଟିପାଣି, ପଲ୍ଲୀର ଆକାଶ ପବନ, ପଲ୍ଲୀର ପ୍ରତ୍ୟେକ ଛୋଟବଡ଼ ଘଟଣା ସହିତ କବିଙ୍କର ଜୀବନ ଓତପ୍ରୋତ ଭାବରେ ଜଡ଼ିତ । ପୁଣି ପଲ୍ଲୀ ପ୍ରାଥମିକ ମାନବ ବସତି ହୋଇଥିବାରୁ ଏବଂ ପଲ୍ଲୀର କୃଷି-ସଭ୍ୟତା ମହାଭାରତୀୟ ସଭ୍ୟତାର ଭିତ୍ତିଭୂମି ହୋଇଥିବାରୁ ଜନ୍ମପୀଠ ପଲ୍ଲୀପ୍ରତି କବିଚିତ୍ତର ମାୟା ଓ ଆକର୍ଷଣ ଏତେ ନିବିଡ଼ । ସେଥିପାଇଁ ପଲ୍ଲୀର ପ୍ରତ୍ୟେକ ଦୃଶ୍ୟ ଓ ପଲ୍ଲୀଜୀବନର ପ୍ରତ୍ୟେକ ସ୍ମୃତି ତାଙ୍କର ପ୍ରାଣତନ୍ତ୍ରୀରେ ସ୍ପନ୍ଦନ ଜଗାଇଛି । ନନ୍ଦକିଶୋର ପାଶ୍ଚାତ୍ୟଶିକ୍ଷା ଓ ସଭ୍ୟତା ସଂସ୍ପର୍ଶରେ ଆସିଥିଲେ ମଧ୍ୟ ଓ କାର୍ଯ୍ୟୋପଲକ୍ଷରେ ଜୀବନର ଅଧିକାଂଶ ସମୟ ନଗରର ଅନାହୂତ କୃତ୍ରିମ ଜଟିଳ ପରିବେଶ ମଧ୍ୟରେ କଟାଇବାକୁ ବାଧ୍ୟ ହୋଇ-ଥିଲେ ମଧ୍ୟ ପଲ୍ଲୀର ମଧୁମୟୀ ସ୍ମୃତି ତାଙ୍କ ଚିତ୍ତରେ ଅସ୍ପଷ୍ଟ

---

(୩) ନୀର ଆସ୍ତରଣେ ବସନ୍ତ କମଳା ଶ୍ୟାମଳ ମୂରତି ଧରି ।

—ଶର୍ମିଷ୍ଠା—

ହୋଇ ଯାଇନାହିଁ, ପଲ୍ଲୀର ମୋହ ତୁଟି ଯାଇ ନାହିଁ (୪) । ବରଂ ଜଟିଳତାପୂର୍ଣ୍ଣ ନାଗରିକ ଜୀବନର ଜଟିଳତା, ପଲ୍ଲୀର ନିସର୍ଗ-ସରଳତା ତଥା କମନୀୟତାଜନିତ ସ୍ନିଗ୍ଧ-କବି-ଚିତ୍ତରେ ଭାବ-ସଂଘର୍ଷ ସୃଷ୍ଟିକରିଛି । ଫଳରେ କର୍ମଜଞ୍ଜାଳ ଓ ନାଗରିକ ଜୀବନର ଜଟିଳତାରେ ତାଙ୍କର ଭାରାକାନ୍ତ ଚିତ୍ତ ପଲ୍ଲୀର ସୁଖ ଦୁଃଖ ବିମଥିତ ସରଳ ଜୀବନ, ପଲ୍ଲୀର ମନୋଜ୍ଞ ଦୃଶ୍ୟ, ପୁଣି ବାଲ୍ୟ-ଯୌବନର ଅଜସ୍ର ମଧୁମୟୀ ସ୍ମୃତିର ଆଲେଖ୍ୟରେ ଅନିର୍ବଚନୀୟ ଆନନ୍ଦ ଓ ଶାନ୍ତି ଉପଲବ୍ଧି କରିଛି । ବିଶେଷତଃ ବର୍ଷାର ଚିତ୍ରରେ ତାଙ୍କର ବାଲ୍ୟ, କୈଶୋର ଓ ଯୌବନର ଅଭୁଲା ସ୍ମୃତି ଗୁଡ଼ିକର ରୂପାୟନରେ କବିଙ୍କର ରୋମାଣ୍ଟିକ୍ ପ୍ରାଣର ନୈସର୍ଗିକ ପରିସ୍ଫୁର୍ତ୍ତି ଘଟିଛି । ବର୍ଷାର ପୃଷ୍ଠଭୂମିରେ ବହୁ ସୁଖଦୁଃଖର ଅନୁଭୂତି ଆତ୍ମ-ପ୍ରକାଶ କରିଛି । ପୁଣି ଶୈଶବର ବର୍ଷାକାଳୀନ ମଧୁର ସ୍ମୃତି ଗୁଡ଼ିକୁ ପୁଞ୍ଜିକରି କବି ଶିଶୁମାନଙ୍କ ପାଇଁ ବର୍ଷା କବିତା ରଚନାର ଲୋଭ ସମ୍ବରଣ କରିପାରିନାହାନ୍ତି ।

ବିଭିନ୍ନ ଶିରୋନାମାରେ କବି ବହୁ ବର୍ଷା କବିତା ରଚନା କରିଛନ୍ତି । ବର୍ଷାପ୍ରତି କବି ଚିତ୍ତର ନୈସର୍ଗିକ ଆବେଦନ ନଥିଲେ ସେଇ ବର୍ଷାର ପୃଷ୍ଠଭୂମିରେ ଅନେକଗୁଡ଼ିଏ କବିତା ରଚନା କରିନଥାନ୍ତେ । ଯେଉଁଠି ପ୍ରାଣର ରହିଛି ନିବିଡ଼ ଆକର୍ଷଣ ସେଠି ନାନା ଭାବ ଓ କଳ୍ପନାର ଘଟିଛି ସ୍ୱତଃସ୍ଫୁର୍ତ୍ତି ଅଭିବ୍ୟକ୍ତି ।

(୪) 'ମୋତେ ମୋ ପଲ୍ଲୀକୋଳରେ ଶାନ୍ତିରେ ମରିବାକୁ ଦିଅ'-ଅସୁସ୍ଥ ଅବସ୍ଥାରେ କଟକ ନେଲା ବେଳେ କବିଙ୍କର ମର୍ମବାଣୀ ।

—ଜୀବନୀ; ନଃ କିଃ ଗ୍ରଃ ବଃ

ସ୍ଥୂଳତଃ ପ୍ରସଙ୍ଗ ପରିବେଷଣର ଆପାତତଃ ପୁନରାବୃତ୍ତି ଦେଖାଗଲେ ମଧ୍ୟ ଅନୁଭୂତିର ବୈଚିତ୍ର୍ୟ ହେତୁ ଭାବ ଓ ଆବେଗର ପୁନରାବୃତ୍ତି କ୍ୱଚିତ୍ ପରିଲକ୍ଷିତ ହୁଏ । କବି ବର୍ଷା ଛବି ଆଙ୍କିବାକୁ ଯାଇ ପ୍ରାଣର ଆବେଗରେ କହିଛନ୍ତି—

"ସଦାଦିନେ ମୁଁ ଯେ ବରଷାର ରଙ୍ଗ
ମେଘ ଦେଖି ଫେଡ଼େ ମନ,
ଝର୍ଝର ଶବଦ ତିରୋହିତ ହେଲେ
ବିଷଣ୍ଣ ହୁଏ ମୋ ମନ ।"(୫)

ପୁଣି ଅନ୍ୟତ୍ର—

"ଚିନ୍ତା କରିବାକୁ ନବୀନ ବରଷା
ଘଟାଏ ଅପୂର୍ବ ଯୋଗ,
ଚିନ୍ତା କରୁଁ କରୁଁ ମନେପଡ଼େ ସେହି
ଶୈଶବର ସୁଖଭୋଗ ।" (୬)

ଆଲୋଚନାର ସୁବିଧା ପାଇଁ ତାଙ୍କର ବର୍ଷା କବିତାଗୁଡ଼ିକୁ ମୁଖ୍ୟତଃ ନିମ୍ନୋକ୍ତ ତିନୋଟି ବିଭାଗରେ ବିଭକ୍ତ କରାଯାଇପାରେ; ଯଥାଃ—

(କ) ବାଲ୍ୟସ୍ମୃତି ସମ୍ବଳିତ ବର୍ଷାକବିତା,
(ଖ) କୈଶୋର ଓ ଯୌବନର ମଧୁର ରୋମାଣ୍ଟିକ୍ ସ୍ମୃତି ସମ୍ବଳିତ ବର୍ଷା କବିତା ଓ

---

(୫) ବର୍ଷାଚିନ୍ତା, ନନ୍ଦକିଶୋର ଗ୍ରନ୍ଥାବଳୀ, ୫୫୬ ପୃଷ୍ଠା ।
(୬) ନିର୍ଝରିଣୀ, ନବବର୍ଷା ଭାବନା ।

(ଗ) ଦାର୍ଶନିକ ଗୁରୁଗର୍ମ୍ଭ ର ଭାବ ସମ୍ବଳିତ ବର୍ଷା କବିତା ।

ବାଲ୍ୟ ହେଉ ବା ଯୌବନ ହେଉ ଯେ କୌଣସି କାଳର ସୁଖ ଓ ଦୁଃଖର ସ୍ମୃତି ବର୍ତ୍ତମାନରେ ବଡ଼ ମଧୁମୟ । ଅତୀତରେ ସେ ଗୁଡ଼ିକ ଯେତେ ସାଧାରଣ ଓ ବୈଚିତ୍ର୍ୟହୀନ ବୋଧ ହୋଇଥାଉ ପଛେ ବର୍ତ୍ତମାନରେ ସେଗୁଡ଼ିକ ଆମ ଚିତ୍ତପେଟିକାରେ ସଞ୍ଚିତ ଗୋଟିଏ ଗୋଟିଏ ରତ୍ନ । ଏହି ରତ୍ନ ସମୂହରେ ନନ୍ଦକିଶୋରଙ୍କର ବର୍ଷାର କବିତା ଗୁଡ଼ିକ ସ୍ୱତଃ·ଦୀପ୍ତ ହୋଇ ଉଠିଛନ୍ତି । କବିଙ୍କର ଅନ୍ତର୍ଦୃଷ୍ଟି ଦିବ୍ୟ କଳ୍ପନାର ତୂଳିରେ ଅନୁରଞ୍ଜିତ ହୋଇ ଅତୀତର ସାଧାରଣ ସ୍ମୃତିଗୁଡ଼ିକୁ ଅସାଧାରଣ କରିଦେଇଛି । କବିର ଲେଖନୀ ସେଇ ସାଧାରଣକୁ ନେଇ ରୋମାନ୍‌ସର ଯାଦୁସ୍ପର୍ଶରେ ପାଠକର ପ୍ରାଣକୁ ମୋହାବିଷ୍ଟ କରିଛି ।

ସ୍ଥୂଳତଃ ନନ୍ଦକିଶୋରଙ୍କର ବର୍ଷା କବିତାର ଅଧିକାଂଶ ଭାଗ ପୌରାଣିକ, ଐତିହାସିକ ଓ ସୁଖଦୁଃଖ ମିଶ୍ରିତ ଅତୀତ ସ୍ମୃତିର ଉଦ୍‌ବୋଧିକା । ପୁଣି ଯେଉଁ ସ୍ମୃତି ବା ଅନୁଭୂତିଗୁଡ଼ିକୁ ସେ ବାଙ୍ମୟ ରୂପ ଦେବାକୁ ଯାଇଛନ୍ତି ସେଥିମଧ୍ୟରୁ ଅଧିକାଂଶ ଆମର ଚିରପରିଚିତ ହୋଇଥିବାରୁ ସେଗୁଡ଼ିକର ନିରାଭରଣ ସରଳ ସହଜ ନୈସର୍ଗିକ ଅଭିବ୍ୟକ୍ତି ପାଠକମାନଙ୍କ ଚିତ୍ତରେ ସ୍ଥାୟୀ ମୁଦ୍ରା ଅଙ୍କନ କରିଛି, ଅନୁଭୂତି ଗୁଡ଼ିକର ଆନ୍ତରିକତା ପାଠକମାନଙ୍କୁ ଅତି ନିକଟ ଆପଣାର କରିପାରିଛି ।

ତାଙ୍କର ବାଲ୍ୟସ୍ମୃତି ସମ୍ବଳିତ ବର୍ଷାଗୀତ ମଧ୍ୟରେ 'ଏକାଟିଆ ଚମ୍ପାଗୀତ' ( ବସନ୍ତ କୋକିଳ ), 'ବର୍ଷାଗୀତ', 'ନାନାବାୟାଗୀତ', 'ଅଦିନମେଘ' (ନାନାବାୟା ଗୀତ) ଓ ବର୍ଷା (ପଲ୍ଲୀଚିତ୍ର, ଦ୍ୱିତୀୟଭାଗ)

ପ୍ରଭୃତି କବିତା ଗୁଡ଼ିକ ଉଲ୍ଲେଖଯୋଗ୍ୟ । ପଲ୍ଲୀଜୀବନର ଶାଶ୍ବତ ଅନୁଭୂତି ଗୁଡ଼ିକୁ ପ୍ରକାଶ କରିଥିବାରୁ ଏଗୁଡ଼ିକ ଲୋକଚିତ୍ତରେ ବିଶିଷ୍ଟ ସ୍ଥାନ ଅଧିକାର କରିଛନ୍ତି । ଏ କବିତାଗୁଡ଼ିକୁ ପାଠକଲେ ଆମର ମନେହୁଏ, ଏଗୁଡ଼ିକ ପୂର୍ବରୁ ଆମର ଥିଲା । କିନ୍ତୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଭାଷାରେ କହିବାକୁ ଗଲେ, "ଏହା ସବୁଠି ଥିଲା ଅଥଚ କାହିଁ ନଥିଲା । (୮) ।" ଏଇ ଯାହା ଥିଲା, ଜଗତରେ ଯେଉଁ ଅଧିକାଂଶ ସର୍ବସାଧାରଣଙ୍କର ଦୃଷ୍ଟିର ବାହାରେ ଥିଲା, ନନ୍ଦକିଶୋର ତାଙ୍କର ସୂକ୍ଷ୍ମଦୃଷ୍ଟି ବଳରେ ପାଠକମାନଙ୍କୁ ତାହା ଦେଖାଇ ଦେଇ ଯାଇଛନ୍ତି । ବିଭିନ୍ନ କବିତାରୁ ଅଜସ୍ର ଉଦାହରଣ ଦିଆଯାଇ ପାରେ । ତାଙ୍କର ପ୍ରସିଦ୍ଧ ଶିଶୁ କବିତା 'ନାନାବାୟା ଗୀତ'ରେ କବି ଲେଖିଛନ୍ତି,—

"ପହିଲି ଆଷାଢ଼େ ବରଷଇ ମେଘ ଆଣୁ ଆଣି ହୁଏ ପାଣି,
ପାଣିରେ ଉଆଁନ୍ତି ଫଟର ଫଟର ବେଙ୍ଗ ଆଉ ବେଙ୍ଗରାଣୀ ।
ଗହନେ ବାଜଇ ଯୋଡ଼ି ମହୁରିଗୋ ଘନଘନ ଘିବେ ଡାକ,
ବୋହୂ ବାପଘରୁ ଭାର ଆସୁଛି ହୋ ଶୁଭଇ ଉଠିଆ ଡାକ ।

× × ×

ହୁଙ୍କା ଗୁଡ଼ପିଠି ଫୁଟିଛି ଛତୁ ଗୋ କିଏ ଯେ ଛତୁ ତୋଳିଲା,
ଦୁଇକୂଳ ଖାଇ ପର୍ବତ ପ୍ରମାଣେ ନଈ ତ ମାଡ଼ି ଆସିଲା ।

× × ×

ଶ୍ରାବଣର ଧାରା ଶୋକ ପାଟଶାଗ ଗୋ ବାଟ ଗୁଲେ ବଳଦିଆ
କେଉଁଣେ ଯାଉଛୁରେ ବଳଦିଆ ଭାଇ ମେଘ ତ କଳାହାଣ୍ଡିଆ ।"

---

(୮) ନନ୍ଦକିଶୋର ଗ୍ରନ୍ଥାବଳୀ, ମୁଖବନ୍ଧ, ପୃ: ୬/

ପୁଣି ଅନ୍ୟ କବିତାରେ ଦେଖନ୍ତୁ—

"ଡିବି ଡିବି ବାଜେ ଯୋଡ଼ନାଗରା ହୋ,
କାଉ ଡାକେ କାଆ କାଆ,
ଖରା କରୁଅଛି ମେଘ ବରଷୁଛି
ବିଲୁଆ ପୁଅର ବାହା ।"
( ଅଦିନ ମେଘ )

ନୂଆ ପାଣି ପାଇ ଦାଣ୍ଡେ ଦୁବଘାସ ଚକାଚକା କଅଁଳିଲା,
ଲାଲ ଗୁଲୁଗୁଲୁ ପାଟଶାଢ଼ୀ ପିନ୍ଧି ସାଧବ ବୋହୂ ହସିଲା ।
ଅଲତା ସମାନ ରକତ ବନର ଓଳିଅଣି ପଡ଼େ ତଳେ
ଓଳିପାଣି ସଙ୍ଗେ ମିଶିଗଲା ବେଳେ ମୋତିଫୁଲ ପରି ଦିଶେ ।
( ବର୍ଷାଗୀତ )

ବର୍ଷାକାଳରେ ଆଣ୍ଠୁଏ ପାଣି, ମେଘ ଘଡ଼ଘଡ଼ି, ବେଙ୍ଗମାନଙ୍କର ରଡ଼ି, ଝୁଙ୍କା ଗଛପିଠିରେ ଛତୁଫୁଟା, ଦୁଇକୂଳ ଖାଇ ନଦୀର ବୃଦ୍ଧି, ଖରା ସହିତ ମେଘର ବର୍ଷା, ଚକାଚକା ଦୂବଘାସ କଅଁଳିବା, ସାଧବ ବୋହୂର ହସ, ଅଲତା ପରି ଓଳିଘର ପାଣି ପଡ଼ିବା ପ୍ରଭୃତି ପ୍ରାକୃତିକ ଦୃଶ୍ୟ ଓ ଦରିଦ୍ର କୃଷକର ସୁଖଦୁଃଖର ଅନୁଭୂତି ଅତି ପରିଚିତ ଓ ସାଧାରଣ ହେଲେ ମଧ୍ୟ ତାର ପ୍ରତ୍ୟକ୍ଷ ବିଶଦ ବର୍ଣ୍ଣନା ପ୍ରତ୍ୟେକ ଓଡ଼ିଆ ପାଠକ ପ୍ରାଣରେ କି ଗୋଟାଏ ଅଜ୍ଞାତ ଅପୂର୍ବ ଭାବାବେଶ ଖେଳାଇ ଦିଏ । ଏହି ପରିବେଶ ମଧ୍ୟରେ ଉତ୍କଳର ଜନଜୀବନର କ୍ଷୁଦ୍ର କ୍ଷୁଦ୍ର ଅଥଚ ମଧୁର ଘଟଣା, ଚଳଣି ଓ ସ୍ମୃତିର ସଙ୍କେତ ଗୁଡ଼ିକ ପାଠକମାନଙ୍କୁ ଅତି ନିକଟ ଆପଣାର କରିଦିଏ । ଉତ୍କଳୀୟତାର ଏପରି ଅନ୍ତରଙ୍ଗ ସ୍ପର୍ଶ ଓ ଉତ୍କଳୀୟ

ପ୍ରାଣର ଏପରି ନିଷ୍କପଟ ଅଭିବ୍ୟକ୍ତି ଓଡ଼ିଶାରେ ନନ୍ଦକିଶୋର ଓ ଫକୀରମୋହନଙ୍କ ଛଡ଼ା ଅନ୍ୟ କବି କ୍ୱଚିତ୍ ଦେଇପାରିଛନ୍ତି । ଯୋଡ଼ିମନ୍ଦୁରୀ ବାଜିବାର ସ୍ମୃତି ଜାଗରିତ କରୁଥିବା ମେଘ ଘଡ଼ଘଡ଼ି, ବୋହୂ ବାପଘରୁ ଭାରି ଆସିବା, ତାପରେ ଶାଶୁଘର ଯିବା ପ୍ରଭୃତି ଦୃଶ୍ୟ ତଥା କଳ୍ପନା ଅତି ସାଧାରଣ ଅଥଚ କି ଅପୂର୍ବ ! ବର୍ଷାର ରୂପାୟନରେ କବିଙ୍କର ଉପମାନର ନିର୍ବାଚନ କି ମନୋଜ୍ଞ ! ବର୍ଷାର ପ୍ରକୃତିଠାରେ ମାନବିକତାର ଆରୋପ କରିବାରେ ପୁଣି ମାନବକୁ ପ୍ରକୃତିର ନିକଟତମ କରିବାରେ ନନ୍ଦକିଶୋରଙ୍କର ରସବୋଧ ଓ ସୌନ୍ଦର୍ଯ୍ୟ ଦୃଷ୍ଟିର ସ୍ୱାକ୍ଷର ଅତି ସ୍ପଷ୍ଟ ହୋଇ ଉଠିଛି ।

କୈଶୋର ଓ ଯୌବସ୍ମୃତି ନନ୍ଦକିଶୋରଙ୍କର ଅଧିକାଂଶ କବିତାରେ ଅପୂର୍ବ ଗୀତିମାଧୁର୍ଯ୍ୟ ( Lyrical-beauty ) ସୃଷ୍ଟିକରି କବିଙ୍କର ରୋମାଣ୍ଟିକ୍ ପ୍ରାଣର ମଧୁର ସ୍ପର୍ଶ ପାଠକମାନଙ୍କୁ ଦେଇଛି; ପୁଣି ସେ ଗୁଡ଼ିକ ସହିତ ବାଲ୍ୟସ୍ମୃତିର ଓତପ୍ରୋତ ରୂପାୟନ ସେ ଗୁଡ଼ିକୁ ଆହୁରି ମଧୁର କରିଛି । ରାମଗିରିର ସାନୁଦେଶରେ ମେଘର ବପ୍ରକ୍ରୀଡ଼ା ଦେଖି ଅଭିଶପ୍ତ ବିରହୀ ଯକ୍ଷ ହୃଦୟରେ ବିଚ୍ଛେଦ ଓ ମିଳନର ଅଜସ୍ର କରୁଣ ଅଥଚ ମଧୁର ସ୍ମୃତି ଜାଗରୂକ ହେଲାପରି, ବିଚ୍ଛେଦ ଓ ମିଳନର ମିଶ୍ରରାଗରେ କଣ୍ଠ ବାଷ୍ପାକୁଳ ହେଲାପରି (୧) ଦୂର ପ୍ରବାସୀ କବିଙ୍କ ପ୍ରାଣରେ ନବାଗତ

---

(୧) ତସ୍ୟସ୍ଥିତ୍ୱା କଥମପିପୁରଃ କୌତୁକାଧାନହେତୋ
ରନ୍ତର୍ବାଷ୍ପଶ୍ଚିରମନୁଚରୋ ରାଜରାଜସ୍ୟ ଦଧ୍ୟୌ ।
ମେଘାଲୋକେ ଭବତି ସୁଖିନୋଽପ୍ୟନ୍ୟଥା-ବୃତ୍ତିଚେତଃ
କଣ୍ଠାଶ୍ଲେଷ ପ୍ରଣୟିନି ଜନେ କିଂ ପୁନର୍ଦୂରସଂସ୍ଥେ ।
—ମେଘଦୂତମ୍, ପୂର୍ବମେଘଃ, ତୃତୀୟଶ୍ଳୋକ ।

ବର୍ଷା ପ୍ରସ୍ଥ ଓ ପ୍ରିୟଜନ ବିଚ୍ଛେଦଜନିତ ନାନା କରୁଣ ମଧୁର ଭାବର କୁଆର ସୃଷ୍ଟି କରିଛୁ ।

କବିଙ୍କ ଭାଷାରେ—

"ମେଘ ବରଷଇ ବିଜୁଳି ମାରଇ
ପବନ ବହଇ ଖରେ,
ତରୁଣ ଯୌବନେ ପରାଣ ପ୍ରତିମା
ଗୁଡ଼ି ଅସିଅଛୁ ଘରେ ।
ଭାବର ଆବେଶେ ଦୂର ପରବାସେ
ମନେପଡ଼େ ପ୍ରିୟ ଯାହା,
ତାହାର ସଙ୍ଗତେ ଦରଶନ ଦଏ
ଅତୀତ ଜୀବନ ଛାୟା ।"(୧୦)

( ନବବର୍ଷା ଭାବନା )

ସମଗ୍ର ବର୍ଷା ବର୍ଣ୍ଣନା 'ମଧ୍ୟରେ ନବବର୍ଷା ଭାବନା' କବିଙ୍କର ଅପୂର୍ବ ସୃଷ୍ଟିବୋଲି ମନେହୁଏ । ବିରହବ୍ୟଥିତ ପ୍ରାଣର ଅପୂର୍ବ ରୂପାୟନ ସହ କବି ବର୍ଷାରେ ପଲ୍ଲୀର ମନୋଜ୍ଞ ପ୍ରକୃତି, କ୍ଷୁଦ୍ର କ୍ଷୁଦ୍ର ଘଟଣା, ପଲ୍ଲୀର ନିରଳସ ଜୀବନଯାତ୍ରା ଠିକ୍‌ଭାବରେ ବର୍ଣ୍ଣନାକରିଛନ୍ତି ପ୍ରତ୍ୟେକ ଅଂଶର ଶେଷରେ ଓଡ଼ିଆର ଅତି ପରିଚିତ 'ମେଘ ବରଷିଲା ଟପର ଟପର' ପଦଟିର ପୁନରାବୃତ୍ତି କବିତାଟିର

(୧୦) ନିର୍ଝରିଣୀ, ନ: କ: ଗ୍ର: ବ:, ୧୦୫ ପୃଷ୍ଠା

ଗୀତ-ସମ୍ପଦ ଅଧିକ ବଢ଼ାଇ ଦେଇଛି । କବିତାଟିର ବିଶେଷତ୍ୱ ଏହିଯେ, ଏହାକୁ ଯେତେ ପଢ଼ିଲେ ମଧ୍ୟ ନୂଆ ନୂଆ ଲାଗେ । ପୁଣି 'ବର୍ଷା ଅବକାଶ' କବିତାରେ ଦେଖନ୍ତୁ—

"ଝରଝର ଝରେ ନଭୁଁ ଇନ୍ଦ୍ର ବରଷଇ ବାରି,
ମୋତେ ମନେ କର ମନ ଝୁରେକି କାହାରି ?
କେଉଁଠାରେ ଅଛି କିଏ ମୋ ପ୍ରାଣ ବାଞ୍ଛିତ ଧନ,
କାହା କଥା ମନେ ପଡ଼ି ମୋ ମନ ଏଡ଼େ ଉଚ୍ଛନ୍ନ ।
ଉଦାସ ଉଦାସ ମନ କିଛି ଭଲ ଲାଗୁନାହିଁ,
ତଥାପି ଅପୂର୍ବ ସୁଖ ବରଷା ଧାରିକୁ ଚାହିଁ ।"

ଦୂରପ୍ରବାସୀ କବିଙ୍କର ବିରହୀ ପ୍ରାଣର ଏହାଠାରୁ ଅଧିକ ଆବେଗପୂର୍ଣ୍ଣ ନିଷ୍କପଟ ଅଭିବ୍ୟକ୍ତି ବା କ'ଣ ହୋଇପାରେ ? ପୁଣି ମାତୃହରା ପ୍ରବାସୀ କବିପ୍ରାଣରେ ବାଲ୍ୟଜୀବନର କରୁଣ ମଧୁର ସ୍ମୃତି କି ଭାବର ଆଲୋଡ଼ନ ସୃଷ୍ଟିକରିଛି ଦେଖନ୍ତୁ—

"ମନେ ଅଛି ମୋର ଶୈଶବର କଥା
ଶୁଭଇ ସେ ଶବ୍ଦ କାନେ,
ସେ ମଧୁର ଧ୍ୱନି ବାଜିଣି ଉଠଇ
ହୃଦୟ ନିଭୃତ ସ୍ଥାନେ ।

× × × ×

ଅତି ଶୈଶବରେ ଜନନୀ ମୋହର
ଗଲେ ଛାଡ଼ି ଚାଲି ମୋତେ,
ଏକ ଗଲେ ଦୂରେ ଆନ ସ୍ୱର୍ଗପୁରେ
ଭଗିନୀଏ ଭାଗ୍ୟମତେ ।

ବରଷା କାଳରେ     ଜନନୀ କୋଳରେ
ଶୋଇଥିଲି ସୁଖେ ଯେବେ,
ଗମ୍ଭୀର ନାଦିଥେ     ଗୀତ ଶୁଣୁଥିଲି
ମନେପଡ଼େ ତାହା ଏବେ ।
"ମେଘ ବରଷିଲା     ଟପର ଟପର
କେଶୁର ମାଇଲା ଗଜା,
କେଉଁ ରାଇଜରେ     ରହିଲେ ମୋ ରଜା
ତେଲିଙ୍ଗି ବାଇଦ ବଜା ।"
( ନବବର୍ଷା ଭାବନା )

ବାଲ୍ୟସ୍ମୃତି କବିଙ୍କ ପ୍ରାଣକୁ ଏତେଦୂର ଅଧିକାର କରିଛି ଯେ କବି ଶିଶୁମାନଙ୍କର ନିଷ୍କପଟ କ୍ରୀଡ଼ାଚପଳତାର ପ୍ରତ୍ୟେକଟି ଘଟଣାର କେବଳ ଏଡ଼ି ପାରିନାହାନ୍ତି । ଜଳ ଅଣ୍ଟୁ ଅଣ୍ଟୁ ଠିକି ନୂଆବୋହୂର ପାଦ ଖସିଯିବାରେ ଶିଶୁମାନଙ୍କର ନିର୍ଦ୍ଦୋଷ ପରିହାସ, ଅମ୍ବବଗିଚ୍ଚରେ ଶିଆରି ଲତାରେ ଶିଶୁମାନଙ୍କର ଦୋଳିଖେଳବେଳେ ପର୍ବତ ଶିଖରରେ ମେଘ ଲଟା ଚରି ମହାବେଗରେ ଧାଇଁ ଆସିବା, ପୁଣି ପଲ୍ଲୀ ଉପବନର କାଇଁଚ ଲତା ଓ ସାହାଡ଼ା ତଳୁତଳେ ବାଳମହୋତ୍ସବ, ଗାଁ ଦାଣ୍ଡ ରୂପକ ମିଥିଳା ଦାଣ୍ଡରେ ଶିଶୁମାନେ ରାମ, ଲକ୍ଷ୍ମଣ ଓ ବିଶ୍ୱାମିତ୍ର ସାଜି ଚାଲିଯିବା, ମାୟାମୃଗ ପଛରେ କୌଣସି ଶିଶୁ ରଘୁବୀର ସାଜି ଗୋଡ଼ାଇବା (୧୧) ଏବଂ

---

(୧୧) ମାୟାମୃଗରୂପୀ ମାରୀଚ ପଛରେ ଗୋଡ଼ାନ୍ତେ ରଘୁପ୍ରବର,
ମେଘପାଣି ଦେଖି ଗୀତ ଗାଇଥିଲେ ହସ୍ତେ ଧରି ଧନୁଶର ।
( ନବବର୍ଷା ଭାବନା )

ଭାଗବତ ଘରୁ ମାତାଙ୍କ ସଙ୍ଗରେ ଫେରି ଆସିଥିବା ଶିଶୁଟି ଚୁଲିମୁଣ୍ଡରେ ନୂଆବୋହୂ ପାଖରେ ତାର ଦଶବର୍ଷ ବୟସରେ ମେଘବରଷିଲା ଗୀତଟି ଗାଇବା (୧୨) ପ୍ରଭୃତ ଦୃଶ୍ୟର ବର୍ଣ୍ଣନା ଯେପରି ଅପୂର୍ବ ସେହିପରି ପ୍ରାଣସ୍ପର୍ଶୀ ।

ମେଘ ବରଷୁଛି, ବିଜୁଳି ମାରୁଛି, ପ୍ରବଳ ବତାସ ବହୁଛି, ନଈ ଦୁଇକୂଳଖାଇ ବହୁଛି, ଘୂରିଅଡ଼ତା ଅନ୍ଧାରର ପାହାଡ଼ ଭଳି ଦେଖା ଯାଉଛି, ଓଡ଼ିଆର ଏଇ ଚିର ପରିଚିତ ପରିବେଶରେ ନିଜର ରୋଗଗ୍ରସ୍ତ ନୟନ ପିତୁଳିକୁ ଦେଖିବାପାଇଁ ଉତ୍କଣ୍ଠିତ ହୋଇ ବାଟୋଇ ଚାଲିଆସି ନଈକୂଳରେ ପହଞ୍ଚି ଯାଇଛି ଓ ଆର କୂଳକୁ ନାଆ ଆଣିବା ପାଇଁ ନାଉରିଆକୁ କେତେ କାକୁତି ମିନତି କରୁଛି । ନାଟକୀୟ ଛନ୍ଦରେ ରଚିତ 'ବାଟୋଇ ଓ ନାଉରିଆ' କବିତାଟିରେ କବି ଘରମୁହାଁ ପ୍ରବାସୀ ପ୍ରାଣର ଯେଉଁ ଚିରନ୍ତନ କରୁଣ ଆବେଗ-ଜନିତ ଅନୁଭୂତିକୁ ରୂପାୟିତ କରିଛନ୍ତି ତାହା ପାଠକଲେ ଯେ କୌଣସି ପାଠକର ପ୍ରାଣ ସମବେଦନାରେ ପୂରିଉଠିବ । ଏହି ଗୀତ କବିତାଟିରେ 'ବାଟୋଇ' ଚରିତ୍ରର ଆବରଣରେ କବିଙ୍କର ବ୍ୟକ୍ତିତ୍ୱର ପ୍ରକାଶ ବାସ୍ତବିକ ଯେପରି ମନୋଜ୍ଞ ସେହିପରି ହୃଦ୍ୟ । କବି ଲେଖିଛନ୍ତି—

---

(୧୨) "ଭାଗବତ ଘରୁ ମାତାଙ୍କ ସଙ୍ଗରେ ଫେରଗଲା ଶିଶୁ ଘରେ,
ନୂଆବୋହୂ ପାଶେ ବସି ବର୍ଷାଗୀତ ଗାଇଲା ଚୁଲିମୁଣ୍ଡରେ ।
"ମେଘ ବଲଥିଲା ତପଲ ତପଲ କେଥୁଲ ମାଇଲା ଗଦା,
କୋଉ ଲାଇଦଲେ ଲଇଲେ ମୋ ଲଦା ତେଲଙ୍ଗି ବାଇଦ ବଦା ।"

( ନବବର୍ଷା ଭାବନା )

ବାଟୋଇ—ଘୋର ଗରଜନେ ବିଜୁଳି ଚମକଇ
ମେଘ ତ କଳା ହାଣ୍ଡିଆ,
ଅନେକ ଦୂରର ବିଦେଶୀ ବାଟୋଇ
ନାବ ଆଣ ନାଉରିଆ ।

ନାଉରିଆ—ଦୁଇକୂଳ ଖାଇ ଉଛୁଳଇ ନଈ
ଖରେ ବହୁଅଛି ବାଆ,
ମେଘ ଗରଜଇ ବିଜୁଳି ମାରଇ
କେମନ୍ତେ ମୁଁ ନେବି ନାଆ ?

× × × ×

ବାଟୋଇ—ବହୁତ ଦିନରୁ ଦୂର ପରବାସୀ
ମନ ମୋର ଛନଛନ,
ଘରେ ଛନ୍ତି ମୋର ନୟନ ପିତୁଳି
ଦେଖିବାକୁ ବଡ଼ ମନ ।

ନାଉରିଆ—ତୁହାଇ ତୁହାଇ ମେଘ ବରଷଇ
ନଈରେ ତ ଖରସୁଅ,
କେଉଁ ସାହସରେ ମୁଁ ନାବ ବାହି ନେବି
ମୁହଁକୁ ନ ଦିଶେ ମୁହଁ ।
ଦେଖିବୁ ଘରେ ତୁ ନୟନ ପିତୁଳି
ତେଣୁ ଉଛୁଳେ ତୋ ମନ,
କାହା କୋଳ ତଳେ ଥିଆହେବେ ପିଲା
ଯେବେ ଯିବ ଏ ଜୀବନ ।

ବାଟୋଇ—କୁଳର ଅଙ୍କୁର ନୟନ ପିତୁଳା
ଅନ୍ଧ ନଉଡ଼ି ମୋହର,
ଏବୋଇର ବଳା ବାଶିକେଶନ ମୋ
କରିଅଛୁ ତାକୁ ଜର ।
ମାଆ ତାର ହୋଇ ବାଇଆଣି ପରି
ଲେଖି ବିନୟ ପତର,
ବସିଲ ଠାବରୁ ଉଠି ଆସିବାକୁ
ପଠାଇଥିଲି ଖବର ।”

ଏ ପରିସ୍ଥିତିରେ ମନୁଷ୍ୟ ଜୀବନର ମୋହ ସମ୍ପର୍କିତ ଯେଉଁ ସ୍ୱାର୍ଥର ମନୋବୃତ୍ତି ମୁଣ୍ଡ ଟେକି ଉଠିବା ସ୍ୱାଭାବିକ, କବି ତାର ସ୍ୱାଭାବିକ ରୂପ ଦେଇ ଶେଷରେ ସେଇ ପ୍ରବୃତ୍ତିକୁ ସଂବେଦନା ଓ ମାନବିକତାର ଆବେଦନରେ ଅପୂର୍ବ କରି ତୋଳିଛନ୍ତି । ଜୀବନର ଶଙ୍କା ଥିଲେ ମଧ୍ୟ ନାଉରିଆର ପ୍ରାଣରେ ବାଟୋଇ ପାଇଁ ସଂବେଦନା ଓ ସହାନୁଭୂତିର ତରଙ୍ଗ ଉଠିଛି, ଶେଷରେ ସେ କହୁଛି—

“ବରଷୁ ପଛକେ ଘୋର ବରଷାରେ
ବହୁ ପଛେ ଖର ବାଆ,
ସୁଅପାଣି ପଛେ ଟାଣି ନେଇ ଯାଉ
ଚଳକୁ ଚଳକୁ ନାଆ ।
ପଡ଼ୁ ପଛେ ମୋତେ ଘୋର ବିପଦରେ
ପାରି କରିଦେବି ତୋତେ,
ଦୟାମୟ ହରି ଦୀନେ ଦୟାକରି
ଉଦ୍ଧାରିବେ ଭାଇ ମୋତେ ।”

ବର୍ଷାର ପୃଷ୍ଠଭୂମିରେ ମନୁଷ୍ୟ ପ୍ରାଣର ଏଇ ସଂବେଦନାମୂର୍ଣ୍ଣ ଅନୁଭୂତ ଗୁଡ଼ିକର ରୂପାୟନରେ କବି ନିଜର ମାନବିକତା ଓ ବେଦନାବୋଧର ପରିଚୟ ଦେବା ସଙ୍ଗେ ସଙ୍ଗେ ପାଠକପ୍ରାଣରେ ଏକ ଶାଶ୍ୱତ ଆବେଦନ ସୃଷ୍ଟି କରିଛନ୍ତି ।

ବାଲ୍ୟ ଓ ଯୌବନର ମଧୁରସ୍ମୃତିସମ୍ବଳିତ ବର୍ଷା କବିତା ଗୁଡ଼ିକରେ କବିଙ୍କର ଭାବ, ଆବେଗ ଓ କଳ୍ପନା ସରଳ ମଧୁର କାନ୍ତପଦାବଳୀ ଓ ସାବଲୀଳ ଭଙ୍ଗୀ ମଧ୍ୟରେ ଯେପରି ମନୋଜ୍ଞ ପରି-ସ୍ଫୁର୍ତ୍ତି ଲାଭ କରିଛି, ଗୁରୁଗମ୍ଭୀର ଦାର୍ଶନିକ ଭାବ ମୂଳକ ବର୍ଷା କବିତା ଗୁଡ଼ିକରେ ସେପରି ହୋଇ ପାରିନାହିଁ । ଭାବ ଓ ଭାଷାର ସ୍ୱତଃ-ସ୍ଫୁର୍ତ୍ତିରେ ରଚନା ଯେପରି ସରଳ ଓ ପ୍ରାଣସ୍ପର୍ଶୀ ହୁଏ ଦାର୍ଶନିକ ଭାବ ପ୍ରଧାନ କବିତାରେ ତାର ବ୍ୟତିକ୍ରମ ପରିଲକ୍ଷିତ ହୁଏ । ଏ ଗୁଡ଼ିକରେ ଆବେଗ ଓ ଭାବୋଚ୍ଛ୍ୱାସର ଅକୃତ୍ରିମ ପ୍ରବାହ ସ୍ଥାନରେ ଗୁରୁଗମ୍ଭୀର ଚିନ୍ତା ଓ ଆତ୍ମ ସଚେତନତା ଜନିତ ଦାର୍ଶନିକ ବ୍ୟକ୍ତିତ୍ୱର ନୀରସ ଅଭିବ୍ୟକ୍ତି ଘଟିଛି ବୋଲି କହିଲେ ଅସମୀଚୀନ ହେବନାହିଁ । ଯୌବନକାଳୀନ ସ୍ମୃତିର ମଧୁର ଉଚ୍ଛ୍ୱଳତା ଓ ବାଲ୍ୟର କାନ୍ତ କ୍ରୀଡ଼ାଚପଳତା ସ୍ଥାନରେ ଦେଖା ଦେଇଛି ସାଧକର ଶାନ୍ତ ସମାହିତ ଅବସ୍ଥା । ମେଘର ଘନ ଗର୍ଜନ ସ୍ଥାନରେ ସେ ଯୋଉ ମହୁରୀର କଳ୍ପନା ନ କରି କରିଛନ୍ତି ଅନନ୍ତ ପ୍ରଣବ ଧ୍ୱନିର କଳ୍ପନା; ତେଣୁ ସରଳ ତରଳ ଭାବ ଓ ପ୍ରକାଶଭଙ୍ଗୀ ସ୍ଥାନରେ ଦେଖା ଯାଇଛି ଗୁରୁଗମ୍ଭୀର ପାଣ୍ଡିତ୍ୟ-ପୂର୍ଣ୍ଣ ଜଟିଳ ଭାଷା, ଯାହାକି ରସିକ ପାଠକର ପ୍ରାଣର ଭାଷା ନୁହେଁ । ପୂର୍ବ ଆଲୋଚିତ କବିତା ଗୁଡ଼ିକରେ କବି ଯେପରି ପାଠକମାନଙ୍କର ହୃଦୟବୀଣାର ପ୍ରତ୍ୟେକ ତନ୍ତ୍ରୀରେ ସ୍ପନ୍ଦନ ଖେଳାଇ ଦେଇଛନ୍ତି ଏ ପ୍ରକାର କବିତାରେ କବି ଦାର୍ଶନିକ ଓ ଉପଦେଷ୍ଟାର ଗାମ୍ଭୀର୍ଯ୍ୟ ପ୍ରକାଶ କରିବାକୁ ଯାଇ ପାଠକ ହୃଦୟରୁ ଯେପରି ଦୂରେଇ

ଯାଇଛନ୍ତି । ଏ କ୍ଷେତ୍ରରେ ନନ୍ଦକିଶୋରଙ୍କର ବ୍ୟକ୍ତିତ୍ୱ ଅତି ଅଚିହ୍ନା, ଅଜଣା ପରି ବୋଧହୁଏ । 'ବର୍ଷାରାତ୍ରି', 'ବର୍ଷାଅବକାଶ' ଓ 'ବର୍ଷା ମଙ୍ଗଳ' ପ୍ରଭୃତି କବିତା ଗୁଡ଼ିକ ଏହି ପର୍ଯ୍ୟାୟର । ଦୃଷ୍ଟାନ୍ତ-ସ୍ୱରୂପ କେତୋଟି ପଦ ଏଠାରେ ଉଦ୍ଧାର କରାଯାଇପାରେ; ଯଥାଃ—

"ନିବିଡ଼ ପ୍ରାବୃଟେ ଗମ୍ଭୀର ନାଦିଥେ
ଘୋଟଇ ଗଗନେ ଘନ,
ଦକ୍ଷିଣା ଦିଗୁ ବହଇ ହିଲ୍ଲୋଳ
ତରୁପତ୍ର କମ୍ପନ ।

× × × ×

ଚମକେ ଦାମିନୀ ଭେଦି ଧ୍ୱାନ୍ତ ଦେହ
କୁଳଶେ ଦିଗ ସ୍ପନ୍ଦିତ,
ଝର୍ଝର ଝରଇ ଘନନୀର ଧାରା
କକୁଭ ପ୍ରତିଧ୍ୱନିତ ।

× × × ×

ମନେପଡ଼େ ସେହି ବୈଦିକ ଯୁଗର
ଶାନ୍ତିରସାସ୍ପଦ ବନ,
ବର୍ଷାଚ୍ଛାୟା ତଳେ ପର୍ଣ୍ଣକୁଟୀ ମଧ୍ୟେ
ଋଷିପତ୍ନୀ କନ୍ୟାନନ ।

× × × ×

ହୋମବହ୍ନି ଧୂପ ଗମ୍ଭୀର ପ୍ରଣବ
ସନ୍ଧ୍ୟାବାତ ସଞ୍ଚାଳିତ,

ଅଷ୍ଟମ ମଣ୍ଡଳ ସାନ୍ଦ୍ର ଲତା ଦ୍ରୁମ
ସ୍ୱର୍ଗେ ହୁଏ ସମ୍ଭୂତ୍ଥିତ ।"
( ବର୍ଷାଚିନ୍ତା )

"ନୈଦାଘ ଧାମରୁ ଉହ୍ଲାଇ ପ୍ରାବୃଟ
ବେଢ଼ିଲ୍ ନଭ ଭବନ,
ଘୋର ରଣେ ହାର ଗଗନ ବରଜ
ଭୟେ ଲୁଚିଲେ ତପନ ।

× × × ×

ସୁଗମ୍ଭୀର ମନ୍ଦ୍ରେ କି ବିଷାଦଗୀତ
ଗାଅ ହେ ପ୍ରାବୃଟ କବି ?
ଅନନ୍ତ ପ୍ରଣବ ଗମ୍ଭୀର ଝଙ୍କାରେ
ରଚେ ଭବ ସାନ୍ଦ୍ର ଛବି ।"
(ବର୍ଷାମଙ୍ଗଳ)

କବିବର ରାଧାନାଥ ତୁଳସୀରାମାୟଣ ଗ୍ରନ୍ଥରେ ପ୍ରସ୍ରବଣ ଶୈଳରେ ବିରହୀ ରାମଚନ୍ଦ୍ରଙ୍କ ମୁଖରେ ବର୍ଷାକାଳର ଛବି ଦେବା ସଙ୍ଗେ ସଙ୍ଗେ ସଂସାରର ନଶ୍ୱରତା ସମ୍ପର୍କରେ ଯେଉଁ ଉପଦେଶମାନ ଦେଇଛନ୍ତି (୧୩) ମନେହୁଏ ତାର ଅନୁସରଣରେ ନନ୍ଦକିଶୋର 'ବର୍ଷାଚିନ୍ତା', 'ବର୍ଷାମଙ୍ଗଳ' କବିତା ରଚନା କରି ସେଥିପରି ନୀରସ ଦାର୍ଶନିକ ଉପଦେଶରେ କବିତା ଦୁଇଟିକୁ ଭାରାକ୍ରାନ୍ତ କରିଛନ୍ତି । 'ବର୍ଷାଚିନ୍ତା'ରେ କବି ଲେଖିଛନ୍ତି—

---

(୧୩) ତୁଳସୀସ୍ତବକ, ରାଧାନାଥ ଗ୍ରନ୍ଥାବଳୀ ।

"ଅସାର ମଧ୍ୟରେ ସାର ସତ୍ୟ ଯାହା
ନ ବୁଝିଣ କିମ୍ପା ଜନେ,
ପ୍ରିୟ ବିୟୋଗରେ ବିଫଳ ଅଶାରେ
ଶୋକଯୁକ୍ତ ଅକାରଣେ ।"

( ସନ୍ଧ୍ୟାସଙ୍ଗୀତ )

'ବର୍ଷାଗମ' କବିତାର ଭାଷା ସାହିତ୍ୟିକ ହେଲେ ମଧ୍ୟ ମାତ୍ରାବୃତ୍ତଛନ୍ଦରେ ରଚିତ ହୋଇଥିବାରୁ କବିତାଟିର ଆନୁପ୍ରାସିକ ସୌଷ୍ଠବ ପାଠକ ଚିତ୍ତରେ ଏକ ଅବୃତ୍ତିଜନିତ ଆମୋଦ ଆଣିଦିଏ । ଯଥା—

"ଘୋର ଗର୍ଜନେ ଅସୁଚ୍ଛ ବରଷା
ମେଘ ମନ୍ଦ୍ରଇ ଗଗନେ,
ଚପଳା ଚମକେ ଦିଗ ଚମକିତ
ଶୁଭେ ମର୍ମର କାନନେ ।
ଝରେ ଝର୍ଝର ଗିରି ନିର୍ଝର
କଳସଙ୍ଗୀତେ ତଟିନୀ,
ପ୍ରେମ ଚଞ୍ଚଳେ ଯାଏ ଉଚ୍ଛଳେ
ହେବାକୁ ସିନ୍ଧୁବାସିନୀ ।"

( ସନ୍ଧ୍ୟାସଙ୍ଗୀତ )

ସ୍ଥୂଳତଃ ନନ୍ଦକିଶୋରଙ୍କର ବର୍ଷା କବିତା ଗୁଡ଼ିକରେ ତାଙ୍କର ବ୍ୟକ୍ତିତ୍ୱର ତ୍ରିଧାରାର ମିଳନ ଘଟିଛି । ଗଙ୍ଗା, ଯମୁନା ଓ ସରସ୍ୱତୀ-ଏଇ ତ୍ରିଧାରାର ମିଳନ ପରି ବାଲ୍ୟସ୍ମୃତିରେ ଶିଶୁର ବ୍ୟକ୍ତିତ୍ୱ, ଯୌବନସ୍ମୃତିରେ ସୌନ୍ଦର୍ଯ୍ୟଦ୍ରଷ୍ଟା କବିଙ୍କର ରୋମାଣ୍ଟିକ୍ ବ୍ୟକ୍ତିତ୍ୱ

ପୂର୍ଣ୍ଣ ପରିଣତାବସ୍ଥାରେ ଜଣେ ବୟସ୍ୟକ୍ଲାନ୍ତ ଅବସନ୍ନ ପ୍ରୌଢ଼ର ଦାର୍ଶନିକ ବ୍ୟକ୍ତିତ୍ୱର ମିଳିତ ଚିନ୍ତାଧାରା ପାଠକ ପ୍ରାଣକୁ ଅପୂର୍ବ ଭାବ-ରସରେ ପ୍ଲାବିତ କରିଦିଏ ।

ପ୍ରାଚୀନ, ମଧ୍ୟଯୁଗ ଓ ଆଧୁନିକଯୁଗର ଓଡ଼ିଆ ସାହିତ୍ୟରେ ବର୍ଷା ବର୍ଣ୍ଣନାର ଅଭାବ ନାହିଁ । କବିମାନେ ସ୍ୱତନ୍ତ୍ରଭାବରେ ବର୍ଷାର ( ବ୍ୟକ୍ତିତ୍ୱ ଆରୋପ କରି ) ଏବଂ ବର୍ଷାର ପୃଷ୍ଠଭୂମିରେ ନାୟକନାୟିକାଙ୍କର ହାବଭାବ ଓ କ୍ରିୟାକଳାପର ସ୍ୱଭାବୋକ୍ତି ତଥା ପାଣ୍ଡିତ୍ୟପୂର୍ଣ୍ଣ ଆଲଙ୍କାରିକ ବର୍ଣ୍ଣନା କରିଯାଇଛନ୍ତି । ପୂର୍ବସୂରିମାନଙ୍କର କୃତି ସମ୍ବନ୍ଧରେ ସଚେତନ ଥିଲେ ମଧ୍ୟ ଦୁର୍ଦ୍ଦିନ ବର୍ଷା ପାଇଁ ନନ୍ଦକିଶୋରଙ୍କ ପରି ପ୍ରାଣର ଏତେ ଆବେଗ, ଉତ୍କଣ୍ଠା ଓ ବ୍ୟାକୁଳତା ଅନ୍ୟ କେହି ପ୍ରକାଶ କରିଛନ୍ତି ବୋଲି ମୋର ମନେହୁଏନାହିଁ । ବର୍ଷାର ଦିବ୍ୟ ମଧୁରିମା ଓ ଦିବ୍ୟ ସୌଷ୍ଠବ ସହିତ ତାର ପ୍ରଳୟଙ୍କରୀ ଶକ୍ତି ସମ୍ବନ୍ଧରେ ପୋଖତ ଅନୁଭବୀ ନନ୍ଦକିଶୋର ସଚେତ ହେଲେ ମଧ୍ୟ ତାର ପରିବେଶରେ ତାଙ୍କର କଳ୍ପ-କଦମ୍ବ ବିକଶିତ ହୋଇ ଉଠିଛି । ବରୁଷାର ଲୀଳାୟିତ ପ୍ରବାହ ପରି ପ୍ରାକୃତ ଦର୍ଶନରେ କବି ହୃଦୟରେ ଭାବାବେଗର ସ୍ରୋତ ବହି ଚାଲିଛି । ପଲ୍ଲୀର ବିଦଗ୍ଧ ଅନ୍ତରଙ୍ଗ ରୂପକାର ନନ୍ଦକିଶୋରଙ୍କ ନିକଟରେ ପଲ୍ଲୀର କର୍ମଚଞ୍ଚଳ ଜୀବନଯାତ୍ରା, ପଲ୍ଲୀର ଛୋଟବଡ଼ ପ୍ରତ୍ୟେକଟି ଘଟଣା, ପଲ୍ଲୀର ନଦୀନାଳ ଓ ପ୍ରାକୃତ ସବୁ କିଛି ଅନିର୍ବଚନୀୟ । ପଲ୍ଲୀକବି ଭାବରେ ନନ୍ଦକିଶୋର ଉତ୍କଳୀୟଙ୍କର ହୃଦୟରେ ବିଶିଷ୍ଟ ସ୍ଥାନ ଅଧିକାର କଲାପରି ବର୍ଷାରକବି ଭାବରେ ସେଇ ସ୍ଥାନର ଅପ୍ରତିଦ୍ୱନ୍ଦୀ ଅଧିକାରୀ ବୋଲି କହିଲେ ଅତିରଞ୍ଜନ ହେବନାହିଁ, ତେଣୁ ତାଙ୍କୁ 'ବର୍ଷାର କବି' କହିବାରେ ଗୌରବ ଅଛି ।

# କାନ୍ତକବି ଓ
# ତାଙ୍କର 'ଜୀବନ ସଙ୍ଗୀତ'

ସ୍ମୃତି—

ଛନ୍ଦମୟୀ ସାଳନ୍ଦୀର କ୍ଷୀଣଧାର ବହି ଚାଲିଥାଏ । ବସନ୍ତର ମଳୟ ସ୍ପର୍ଶରେ ନରନାରୀ ଓ ତରୁଲତା ପ୍ରାଣରେ ଶିହରଣ ଖେଳି ଯାଉଥାଏ । କୋକିଳର କୁହୁରେ, ପକ୍ଷୀମାନଙ୍କର ମଧୁର କାକଳିରେ ସାଳନ୍ଦୀ ତୀର ଉଚ୍ଛୁଳି ଉଠୁଥାଏ । ବାଉଁଶ ବଣରେ ଡାହୁକ କଣ୍ଠର ଘଣ୍ଟା ବାଜୁଥାଏ, କିନ୍ତୁ ହଠାତ୍ ମନ୍ଦିର ଶୂନ୍ୟ, ବସନ୍ତୀ ନିଶିର ଅର୍ଦ୍ଧଯାମରେ ଦେବତା'ର ଅନ୍ତର୍ଦ୍ଧାନ । ଦେବ-ବାଣୀ ମୂକ ।।

ଭଦ୍ରକ କଲେଜରେ ଯୋଗଦେବାର ବର୍ଷେ ମାତ୍ର ହୋଇଥାଏ । ସାଳନ୍ଦୀତୀରସ୍ଥ ବକୁଳଭରା ଆମ୍ରକୁଞ୍ଜରେ କଲେଜର ସାଂସ୍କୃତିକ-ସପ୍ତାହ ଅନୁଷ୍ଠିତ ହେଉଥାଏ । କାନ୍ତକବି ଲକ୍ଷ୍ମୀକାନ୍ତଙ୍କୁ ମାନପତ୍ର ଦେବାର କଥା । ଗୋଟିଏ ଦିନର ସନ୍ଧ୍ୟାରେ ସାଂସ୍କୃତିକ ସପ୍ତାହ ଉଦ୍ଦେଶ୍ୟରେ ନିର୍ମିତ ରଙ୍ଗମଞ୍ଚର ଏକ ପାର୍ଶ୍ୱରେ କାନ୍ତକବିଙ୍କୁ ବସାଇ ଦିଆଯାଇଥାଏ । ମୋର ଜଣେ ଗୁରୁ କବିଙ୍କ ପାଖରେ ବସି ଆଳାପ କରୁଥାନ୍ତି । କବିଙ୍କୁ ଦେଖି ଶ୍ରଦ୍ଧା ଓ ଭକ୍ତିରେ ମୋର ମୁଣ୍ଡ ନଇଁଗଲା । କାନ୍ତକବି ଗୁରୁଙ୍କଠାରୁ ମୋର ପରିଚୟ ନିଅନ୍ତି । କି ଧୀର ସୌମ୍ୟମୂର୍ତ୍ତି ! ଗୌରକାନ୍ତ ବପୁ, ଦୀର୍ଘନାସା, ଅଙ୍ଗପ୍ରତ୍ୟଙ୍ଗ ଶୁକ୍ଳ ବସ୍ତ୍ରାବୃତ, ସ୍କନ୍ଧ ଦେଶରେ ଶୁକ୍ଳ ଉତ୍ତରୀୟ, ଆଖିରେ ଚଷମା, ମୁଖରେ ସବୁବେଳେ ହସ, ମଧୁର ଆଳାପ ।

ଯଥା ସମୟରେ କବିଙ୍କୁ ମାନପତ୍ର ଦିଆଗଲା । କବି ତାଙ୍କର ହାସ୍ୟରସ ପୂର୍ଣ୍ଣ ଭାଷଣରେ ଯାହା କହିଥିଲେ ଆଜି ତାହା ଠିକ୍ ମୋର ମନେ ପଡ଼ୁଛି—"କବିବର ଚନ୍ଦ୍ରାମଣି ଚାଲି ଯାଇଛନ୍ତି, ତାଙ୍କର ସ୍ମୃତି ପାଇଁ ତାଙ୍କ ନାମରେ ତୋରଣ ଗୋଟିଏ ଉନ୍ମୋଚନ କରିବା ଯଥାର୍ଥ ହୋଇଛି । ଆଜି ମୋ ନାଁରେ ଯେଉଁ ତୋରଣଟି ତିଆରି ହୋଇଛି ପୁଣି ମୋତେ ଯେଉଁ ମାନପତ୍ର ଦିଆଯାଇଛି ଏଥିରୁ ମୁଁ ବୁଝି ପାରୁଛି, ମୋତେ ଆରପାରିକି ଚାଲାଣ ପଠାଇବାପାଇଁ ଏ ଏକ ଉପକ୍ରମ × × ।" ନିଜର ଭାଷଣରେ ରସିକତାର ଇଙ୍ଗିତରେ କବି ଜୀବନ, ଦର୍ଶନ, ସାହିତ୍ୟ ଓ ହାସ୍ୟରସ ସମ୍ବନ୍ଧରେ ଯେଉଁ ଗୁରୁତ୍ୱପୂର୍ଣ୍ଣ କଥା ଶ୍ରୋତାଙ୍କୁ ହସେଇ ହସେଇ କହିଥିଲେ, ଆଜି ତାହା ଅବିକଳ ମୋର ମନେ ପଡ଼ୁଛି । ଭାଷଣର ଠିକ୍ ବର୍ଷକ ପରେ ସବୁ ଅଦଳ ବଦଳ ହୋଇଯାଇଛି । କାଳର କ୍ରୂର ଇଙ୍ଗିତରେ କବିଙ୍କର ଜୀବନ-ବୀଣାର ତାର ଛିଡ଼ି ଯାଇଛି—ବୀଣା ଆଉ ତାର ମଧୁର ମୂର୍ଚ୍ଛନା ତୋଳୁ ନାହିଁ, ରହିଛି ପ୍ରଭାବ ଟିକକ ।

ପରିଚୟ—

ଭଦ୍ରକ ନିକଟସ୍ଥ ତାଲପଦାର ସାମନ୍ତରାୟ ପରିବାରରେ ସ୍ୱର୍ଗୀୟ ଭଗବତ ପ୍ରସାଦ ସାମନ୍ତରାୟଙ୍କ ଔରସରେ ଗଧାମଣି ଦେବୀଙ୍କ ଗର୍ଭରୁ କାନ୍ତକବି ଜନ୍ମଗ୍ରହଣ କରନ୍ତି ଖ୍ରୀଃ ୧୮୮୮ରେ । ବୈତରଣୀତୀରସ୍ଥ ମାତୁଳାଳୟରେ ତାଙ୍କର ବାଲ୍ୟକାଳ ଅତିବାହିତ ହୋଇଥିଲା । ମାମୁଁ ମାଇଁଙ୍କ ମୃତ୍ୟୁ ଅନ୍ତେ ସେ ମାତୁଳାଳୟ ତ୍ୟାଗକରି ଜନ୍ମସ୍ଥାନକୁ ଫେରି ଆସନ୍ତି । କବି ଖ୍ରୀଃ ୧୯୧୩ରେ ବି. ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୁଅନ୍ତି । ଯୌବନ କାଳରେ ଦାରୁଣ

କୁଷ୍ଠରୋଗରେ କବିଙ୍କ ଅଙ୍ଗପ୍ରତ୍ୟଙ୍ଗ ବିକଳାଙ୍ଗ ହୋଇ ପଡ଼େ, କବି ହୁଅନ୍ତି ନିଯୁତର ନିଷ୍ଠୁର ଉପହାସର ଏକ ଜୀବନ୍ତ ବିଗ୍ରହ; କିନ୍ତୁ ପଙ୍କ ମଧ୍ୟରୁ ପଦ୍ମ ବିକଶିତ ହେଲାପରି ନିଯୁତର ସେହି ଉପହାସ ମଧ୍ୟରୁ ହୁଏ ତାଙ୍କର ସୌରଭମୟ କବିତା-କମଳର ବିକାଶ ।

କବିଙ୍କର ପ୍ରତିଭା ନୈସର୍ଗିକ ତଥା ବହୁମୁଖୀ । ପାରିବାରିକ ସଂସ୍କାର, ପ୍ରତିଭା, ପାଣ୍ଡିତ୍ୟ ଓ ଅଧ୍ୟବସାୟ ବଳରେ ଲକ୍ଷ୍ମୀକାନ୍ତ କବିତ୍ୱର ଯେଉଁ ମନ୍ଦାକିନୀ ଧାରା ଛୁଟାଇଛନ୍ତି, ତାହା ଚିରକାଳ ଉତ୍କଳ-ଭାରତୀ-ଭୂମିରେ ପ୍ରବାହିତ ହେଉଥିବ । କବି ପାଶ୍ଚାତ୍ୟ ଶିକ୍ଷା ଲାଭ କରି ସୁଦ୍ଧା ନିଜର ପ୍ରାଚୀନ ସାହିତ୍ୟ, ସଂସ୍କୃତି, ଆଦର୍ଶ ଓ ସାମାଜିକ ଅନୁଷ୍ଠାନ ପ୍ରତି ଗଭୀର ସମ୍ମାନ ପ୍ରଦର୍ଶନ କରୁଥିଲେ । ବାଲ୍ୟକାଳରୁ ରାମାୟଣ, ମହାଭାରତ ଓ ଭାଗବତ ପ୍ରଭୃତି ଅମର ଗ୍ରନ୍ଥମାନ ପାଠ କରି ସେହି ଆଦର୍ଶରେ ନିଜକୁ ଅନୁପ୍ରାଣିତ କରିଥିଲେ ।

ଉତ୍କଳର ଯାତ୍ରା, ଲୀଳା ଓ ସୁଆଙ୍ଗ ପ୍ରଭୃତି ସାମାଜିକ ଆମୋଦକର ଅନୁଷ୍ଠାନ ପ୍ରତି କବିଙ୍କର ଶ୍ରଦ୍ଧା ଏକାନ୍ତ ଗଭୀର । ବାଲ୍ୟକାଳରୁ କବିଙ୍କର ପ୍ରତିଭାର ପୂର୍ବାଭାସ ମିଳେ, ଯୌବନରେ ହୁଏ ତାର ଉନ୍ମେଷ । କବି ଓଡ଼ିଶାର ବିଶିଷ୍ଟ ସାହିତ୍ୟରଥୀ ଫକୀରମୋହନ, ମଧୁସୂଦନ, ମୃତ୍ୟୁଞ୍ଜୟ, ବିଶ୍ୱନାଥ, ବ୍ରଜସୁନ୍ଦର, ଗୋପବନ୍ଧୁ, ଶଶିଭୂଷଣ, ଗୋପାଳ ଓ କବିଶେଖର ଚିନ୍ତାମଣି ପ୍ରଭୃତିଙ୍କ ଆଶୀର୍ବାଦ ତଥା ପ୍ରେରଣା ଲାଭକରି ଉତ୍କଳ ସାହିତ୍ୟ, ମୁକୁର, ବାରୁଣୀ, ସମ୍ବାଦବାହିକା ଏବଂ ସର୍ବୋପରି ନିଜ ପ୍ରତିଷ୍ଠିତ 'ଡଗର' ପତ୍ରିକାରେ ନିଜର ନୈସର୍ଗିକ କବିତ୍ୱର ବିକାଶ

ସାଧନ କରନ୍ତି । 'ମୁଁ କାହିଁକି ଲେଖେ' ଶୀର୍ଷକ ପ୍ରବନ୍ଧରେ କବି ଲେଖିଛନ୍ତି, "ବ୍ରଜସୁନ୍ଦର ବାବୁଙ୍କ ନିର୍ଦ୍ଦେଶ, ଉପଦେଶ ଓ ଉତ୍ସାହ ପାଇ ମୁଁ ମୁକୁରରେ ଲେଖିବାକୁ ଆରମ୍ଭ କଲି କବିତା ଓ ଗଳ୍ପ । × × ସବୁଠାରୁ ବଡ଼ ପ୍ରେରଣା ମିଳିଲା ମୋତେ ଧନେ ବ୍ୟାସକବିଙ୍କଠାରୁ । ଫକୀରମୋହନଙ୍କ ଆଶୀର୍ବାଦ ମୋ ଲେଖକଜୀବନ ଉପରେ ଏପରି ଗଭୀର ପ୍ରଭାବ ଦେଖାଇ ଦେଲା ଯେ ତାହା ଅଲିଭା ହୋଇ ରହିଯାଇଛି ମୋ ଶିରା ପ୍ରଶିରାରେ । ମୋର ଗୋଟିଏ ଲେଖା ଦେଖି ସେ ମୋତେ କୁଣ୍ଢାଇ ପକାଇ କହିଲେ—ତୋ ଲେଖାରେ ଫୁଲ ଚନ୍ଦନ ପଡ଼ୁ । ଅଟକିବୁ ନାହିଁ ବାପା—ଭଲ ମନ୍ଦ ବିଚାର କରିବୁ ନାହିଁ—ତୁ ଲେଖିଯିବୁ, ସେ ବିଚାର କରିବ କାଳ, କାଳର ଅଗ୍ନିରେ ଯୋଡ଼ି ହୋଇ ଯାହା ଖାଦ ତାହା ପାଉଁଶ ବହାଇଯିବ, ଆଉ ଯାହା ଖାଣ୍ଟି ସୁନା ତାହା ଝଟକି ରହିବ କାଳ କାଳକୁ ।"

ଲକ୍ଷ୍ମୀକାନ୍ତ ଏକାଧାରରେ ଜଣେ କବି, ନାଟ୍ୟକାର, ପ୍ରବନ୍ଧ ଲେଖକ, ଗାଳ୍ପିକ, ଔପନ୍ୟାସିକ, ସାମ୍ବାଦିକ ଏବଂ ସର୍ବୋପରି ଓଡ଼ିଶାର ବିଶିଷ୍ଟ ହାସ୍ୟରସ ସ୍ରଷ୍ଟା ( ବ୍ୟଙ୍ଗ ଓ ଲଳିକା ମଧ୍ୟ ଦେଇ ) । ଏ ପ୍ରବନ୍ଧର କ୍ଷୁଦ୍ର ପରିସର ମଧ୍ୟରେ ସାହିତ୍ୟର ବିଭିନ୍ନ ବିଭାଗରେ ଲକ୍ଷ୍ମୀକାନ୍ତଙ୍କର ପ୍ରତିଭାର ପରିଚୟ ଦେବା ସମ୍ଭବ ନୁହେଁ । କବିଙ୍କର ଶ୍ରେଷ୍ଠ ରଚନା 'ଜୀବନ ସଙ୍ଗୀତ' ସମ୍ପର୍କରେ ଏହି ପ୍ରବନ୍ଧରେ ଯତ୍‌କିଞ୍ଚିତ୍ ଆଲୋଚନା କରୁଛି ।

'ଜୀବନ ସଙ୍ଗୀତ'—

ଏହି ପୁସ୍ତକଟି ପ୍ରକାଶିତ ହୁଏ ୧୯୩୨ରେ । କବି ମୁଖବନ୍ଧରେ ଲେଖିଛନ୍ତି, "ଶ୍ରୀଯୁକ୍ତ ଗୋପାଳ ପ୍ରସାଦ ଦାସ, ବି. ଏ.

ଓ ସଙ୍ଗୀତାଗ୍ରୁଣୀ ଶ୍ରୀଯୁକ୍ତ ମନମୋହନ ମାହାତ ଏ ପୁସ୍ତକର ପାଣ୍ଡୁଲିପି ସଙ୍କଳନରେ ସହାୟତା କରିଥିଲେ । ସଙ୍ଗୀତ ଗୁଡ଼ିକ ବିଭିନ୍ନ ରାଗରାଗିଣୀରେ ରଚିତ—ପ୍ରାୟ ସ୍ଥାନ ରାଗରାଗିଣୀର ଅଣସ୍ବ ନିଆଯାଇଛି ।"

'ଜୀବନ ସଙ୍ଗୀତ'ରେ ଯେତେଗୁଡ଼ିଏ ସଙ୍ଗୀତ ସମାବେଶ କରା ଯାଇଛି କବି ପ୍ରତ୍ୟେକରେ ନିଜ ପ୍ରାଣର ବ୍ୟଥାକୁ ଆବେଗ-ମୟୀ ଭାବ ଓ ଭାଷାରେ ସରସ୍ପୁଟ ଭାବରେ ରୂପ ଦେଇ ଏକ ଅପୂର୍ବ ସଙ୍ଗୀତର ମଧୁର ମୂର୍ଚ୍ଛନା ତୋଳିଛନ୍ତି । ସଙ୍ଗୀତ ଗୁଡ଼ିକ ପାଠକଲେ ମାତ୍ରେ ଇଂରାଜୀ କବି P. B. Shellyଙ୍କର ଗୋଟିଏ ଉକ୍ତି ମନେ ପଡ଼ିଯାଏ—'Our sweetest songs are those that tell of saddest thought'—ଅର୍ଥାତ୍ ଯେଉଁ ସଙ୍ଗୀତ ଗୁଡ଼ିକରେ ଜୀବନର କରୁଣ ଭାବ ତଥା ଅନୁଭୂତି ରୂପାୟିତ ହୋଇଥାଏ, ସେଗୁଡ଼ିକ ଏକାନ୍ତ ମଧୁର ଓ ପ୍ରାଣସ୍ପର୍ଶୀ । କାନ୍ତ-କବିଙ୍କର ଜୀବନ ସଙ୍ଗୀତରେ Shellyଙ୍କର ଏହି ଉକ୍ତିର ସାର୍ଥକତା ଲକ୍ଷିତ ହୁଏ । ସଙ୍ଗୀତ ଗୁଡ଼ିକ ପାଠକଲେ ମାତ୍ରେ ପାଠକ ପ୍ରାଣରେ କାରୁଣ୍ୟର ସ୍ପନ୍ଦନ ଖେଳିଯିବା ସଙ୍ଗେ ସଙ୍ଗେ କବିଙ୍କ ପ୍ରତି ପାଠକର ପ୍ରାଣ ସମବେଦନାରେ ଭରିଉଠେ । ସଙ୍ଗୀତ ଗୁଡ଼ିକରେ କବିଙ୍କର ନିର୍ଯାତିତ ତଥା ନିଷ୍ପେଷିତ ପ୍ରାଣର ସ୍ୱାଭାବିକ ଉଚ୍ଛ୍ୱାସ ରହିଥିବାରୁ ସେଗୁଡ଼ିକ ଏକାନ୍ତ ପ୍ରାଣସ୍ପର୍ଶୀ ହୋଇଉଠିଛି । ଜୀବନର ବସନ୍ତ କାଳରେ କାଳର କ୍ରୂର ନିର୍ଦ୍ଦେଶରେ କବିଙ୍କର ଜୀବନ ପୁଷ୍ପଟି ଶ୍ରୀହୀନ ହୋଇପଡ଼େ । ଫଳରେ ଜୀବନ ପ୍ରତି ମାୟାମମତା ଆସିବା କବିଙ୍କ ପକ୍ଷରେ ବିଡ଼ମ୍ବନା ମାତ୍ର । ଜୀବନରେ ସମସ୍ତ ବେଦନାରୁ ମୁକ୍ତି ଲାଭ କରିବା ନିମନ୍ତେ କବିପ୍ରାଣର ଆବେଗରେ

ଏକାନ୍ତ ବ୍ୟାକୁଳ ଚିତ୍ତରେ ଭଗବାନଙ୍କୁ ନିଜର ବ୍ୟଥାତୁର ମିନତି ଶୁଣାଇଛନ୍ତି । କେତେବେଳେ କବିଙ୍କର ଆଖିର ଲୁହ ତାଙ୍କର ମର୍ମଭେଦୀ ଅନ୍ତରର ବେଦନାକୁ ରୂପ ଦେଇଛି, କେତେବେଳେ ବା କବି ଭଗବାନଙ୍କ ପଦତଳେ ନିଜର ସମସ୍ତ ଅଜାଡ଼ି ଦେବାକୁ ପ୍ରୟାସ ହୋଇଛନ୍ତି, କେତେବେଳେ ବା ଜୀବନର ସମସ୍ତ ଦୁଃଖ ଓ ନିର୍ଯାତନାକୁ ଭଗବାନଙ୍କର ଅସୀମ ଦାନ ବୋଲି ମନେକରି ନିଜର ସନ୍ତପ୍ତ ପ୍ରାଣରେ ସାନ୍ତ୍ୱନାର ବାରି ସିଞ୍ଚିଛନ୍ତି । କେତେବେଳେ ବା ପ୍ରାଣର ବ୍ୟଥା ସହି ନ ପାରି ଭଗବାନଙ୍କଠାରେ କବି ହୋଇ-ପଡ଼ିଛନ୍ତି ଅଭିମାନୀ । ଭଗବାନ ଯେଉଁଠି ହୋଇଛନ୍ତି ତାଙ୍କ ନିନ୍ଦା ଓ ଭର୍ତ୍ସନାର ପାତ୍ର, କିନ୍ତୁ ସେହି ଭର୍ତ୍ସନା ତଳେ ତଳେ ଭଗବାନଙ୍କ ପ୍ରତି ଫୁଟିଉଠିଛି କବିଙ୍କର ଗଭୀର ଅନୁରାଗ ଓ ଶ୍ରଦ୍ଧା । କବି କେତେବେଳେ ଭଗବାନଙ୍କୁ ନିଜ ପ୍ରାଣର ପ୍ରିୟତମ ରୂପେ ଆବେଗରେ ସମ୍ବୋଧନ କରି ମଧୁଶଯ୍ୟାର ପ୍ରତୀକ୍ଷାରେ ବସି-ରହିଛନ୍ତି, କେତେବେଳେ ବା ଭଗବାନ ଦୁର୍ଦ୍ଦିନରେ ତାଙ୍କ ପାଖରେ ଠିଆହୋଇ ନିରାଶ ଓ ବିକ୍ଷୁବ୍ଧ ପ୍ରାଣରେ ସାନ୍ତ୍ୱନା ଓ ଆନନ୍ଦ ସଞ୍ଚାର କରିଛନ୍ତି । କେଉଁଠାରେ ବା କବି ନିଜର ସମସ୍ତ ବେଦନାକୁ ଭଗବାନଙ୍କର ସ୍ୱାନୁଭୂତି ବୋଲି କହିଛନ୍ତି, କେଉଁଠି ବା ଭଗବାନ ତାଙ୍କର ଚକ୍ଷୁ ସମକ୍ଷରେ ଦେଖାଦେଇ ଦୃଷ୍ଟିପଥରୁ ଅପସରି ଯାଇଛନ୍ତି । ସ୍ଥୂଳତଃ କହିବାକୁ ଗଲେ କବି ନିଜ ଜୀବନ ସମ୍ବନ୍ଧରେ ଏକାନ୍ତ ନୈରାଶ୍ୟବାଦୀ ହୋଇ ପଡ଼ି ମଙ୍ଗଳମୟଙ୍କର ଶାନ୍ତିମୟ କୋଡ଼ରେ ଆଶ୍ରୟ ନେବାପାଇଁ ପ୍ରତି ମୁହୂର୍ତ୍ତରେ ନିଜର ଅଭିଶପ୍ତ ଜୀବନର ଅବସାନ ଲୋଡ଼ିଛନ୍ତି । କବି ତାଙ୍କର ଆବେଗଭରା-ପ୍ରାଣ ପ୍ରଚୁର ସଙ୍ଗୀତ ଗୁଡ଼ିକରେ ନିଜ ପ୍ରାଣର ରୁଦ୍ଧ ବେଦନାକୁ ରୂପ-ଦେଇ ହୃଦୟର ଦେବତାଙ୍କୁ ଲାଭ କରିବାର ପଥ ଉନ୍ମୁକ୍ତ କରି

ସେହି ପ୍ରିୟତମଙ୍କର ଆଶିଷ, କୃପା ଓ ସାନ୍ତ୍ୱନାର ପ୍ରତୀକ୍ଷାରେ ଗୃହିଁ ବସିଛନ୍ତି । ଯେଉଁ ଛନ୍ଦଗୁଡ଼ିକରେ କବି ଭଗବାନଙ୍କୁ ନିଜର ପ୍ରିୟତମ ମନେକରି ତାଙ୍କର ମଧୁର ମିଳନ ପାଇଁ ତାଙ୍କଠାରେ ହୃଦୟ ସମର୍ପଣ କରି ଦେଇଛନ୍ତି, ମନେହୁଏ, କବି ସେ ଛନ୍ଦ ଗୁଡ଼ିକରେ ଗୌଡ଼ୀୟ ବୈଷ୍ଣବମାନଙ୍କର ରାଗାନୁଗା ବା ଅହେତୁକୀ ପ୍ରୀତିକୁ ଜୀବନର ଚରମଶ୍ରେୟ ରୂପେ ଗ୍ରହଣ କରିଛନ୍ତି । କବିଙ୍କର 'ଶ୍ରୀ ଶ୍ରୀ ଗୌର ଜଣାଣି' ତାର ଅନ୍ୟତମ ଦୃଷ୍ଟାନ୍ତ ।

'ତୁମରି ଚରଣେ' ସଙ୍ଗୀତଟିରେ କବି ନିଜ ଅନ୍ତରର ରୁଦ୍ଧ ବେଦନାକୁ ସାର୍ଥକ ରୂପ ଦେଇ ଭଗବାନଙ୍କୁ କେବଳ ନିଜର ସାନ୍ତ୍ୱନା ଓ ଶାନ୍ତିର ନିଳୟ ରୂପେ ଭରସା କରି ତାଙ୍କରି ଠାରେ ଆତ୍ମସମର୍ପଣ କରିଛନ୍ତି । କବିଙ୍କର ଅନ୍ତର ଗାଇ ଉଠିଛି—

"କେତେ ଦୀର୍ଘ ଉଜାଗର ଅଶ୍ରୁଧାର ଧୂଆ,
କେତେ ତପ୍ତଶ୍ୱାସ କେତେ ହା ହୁତାଶରୁହା ।
ରୁନ୍ତଫଟା ଗୀତ ମୋର, ବୁକୁ ରକ୍ତେ ଲେଖା,
ପ୍ରିୟ ମୋର, ସଖା ମୋର, ସାଥୀ ମୋର ଏକା ।
ଗୋଟି ଗୋଟି କରି ତାର ନୀରବ ମୂର୍ଚ୍ଛନା,
ରଖିଛି ମୋ ପାଇଁ ସଞ୍ଚି କେତେ ଆଶ୍ୱାସନା,
କେତେ ଶାନ୍ତି, ତୃପ୍ତି କେତେ ସୁଧା ଅଗୋଚର,
ସେ ମୋ ଜୀବନର ଚିର ଅମୃତ ନିର୍ଝର ।"

କବିଙ୍କର ଆତ୍ମା ଭଗବାନଙ୍କ ବିରହରେ ବ୍ୟଥିତ ହୋଇ ପଡ଼ିଛି । ସେହି ଚିରବାଞ୍ଛିତ ହୃଦୟର ଦେବତାଙ୍କ ପାଇଁ ସମସ୍ତ ଆଶା ଓ ଆକୁଳତାକୁ ଯତ୍ନର ସହିତ ସଞ୍ଚୟକରି ଏବଂ

କେତେ ଜନ୍ମର ବେଦନାମିଶା ଅକୁହା କାହାଣୀ ଭଗବାନଙ୍କ ନିକଟରେ ବାଢ଼ିବାର ଆଶା ରଖି ଆଜ ମଧୁଶଯ୍ୟା ରଚନା କରି ତାଙ୍କର ପ୍ରତୀକ୍ଷାରେ ରହି ରହିଛନ୍ତି । କବିଙ୍କ ଭାଷାରେ—

"ରଚିଛି ଏ ମଧୁଶଯ୍ୟା ଚିରବାଞ୍ଛିତ ଆହେ ବାଞ୍ଛିତ,
ସାରା ଜୀବନର ଆଶା ଆକୁଳତା କରି ସଯତନେ ସଞ୍ଚିତ,
ଉଛଳା ଚନ୍ଦ୍ର କିରଣେ
ବାଉଳ ପରାଣ ଆକୁଳେ ଧାଇଁଛି ତୁମରି ରାଉଳ ଚରଣେ ।
ଏ ମଧୁ ଯାମିନୀ ହେବକି ହେ ତବ ମଧୁର ପରଶ ବଞ୍ଚିତ—
ବିଜନେ କୁସୁମ ଶୟନେ
ଅଧରେ ଅଧର ହୃଦୟେ ହୃଦୟ ନୟନ ଅରପି ନୟନେ,
କେତେ ଜନମର ଅକୁହା କାହାଣୀ ଗୋପନେ କହିବି ବାଞ୍ଛିତ ।"*

---

*କବି ଏହି 'ଜୀବନ ସଙ୍ଗୀତ'ର ଇଂରାଜୀ ଅନୁବାଦ ନିଜେ କରିଛନ୍ତି । ପାଠକମାନଙ୍କର କୌତୂହଳ ଚରିତାର୍ଥ ପାଇଁ ପୂର୍ବୋକ୍ତ "ରଚିଛି ଏ ମଧୁଶଯ୍ୟା..." ସଙ୍ଗୀତଟିର ଅନୁବାଦ ତଳେ ଦିଆଗଲା :—

"O my long cherished one, I have laid out the nuptial bed with all my desires and yearning locked up in it.

Under this maddening flood of moon light my wild heart rushes along to Thy rosy feet. Wilt Thou ever deny me the bliss of Thy ecstatic embrace in this beautific night?

How I wish, I could reveal to Thee in secret the untold tales of many a birth, lying together on a flowery bed in solitude, with lips to lips and eyes to eyes set."

କବିଙ୍କର ଚିରସୁନ୍ଦର ପ୍ରେମମୟଙ୍କ ପ୍ରତି ଗମ୍ଭୀର ଅନୁରାଗ, ସଖୀ ଭାବରେ ଭଗବାନଙ୍କର ପଦ-ସରୋଜ ଲାଭ କରିବାର ହୃଦୟର ଗଭୀର ବ୍ୟାକୁଳତା ବାସକସଜ୍ଜା-ନାୟିକା-ଭାବନା-ବ୍ୟପ-ଦେଶରେ ପରିସ୍ଫୁର୍ତ୍ତି ଲାଭ କରିଛି । ଏହାହିଁ କବିଙ୍କର ଭଗବାନଙ୍କ ପ୍ରତି ଅହେତୁକୀ ବା ରାଗାତ୍ମିକା ପ୍ରୀତି, ଏହାହିଁ ମଧୁରଭାବର ଉପାସନା ।

ଭଗବାନ ଅରୂପ, ଇନ୍ଦ୍ରିୟର ଅଗୋଚର । କବି ଭଗବାନଙ୍କ ରୂପ ବାହ୍ୟଚକ୍ଷୁରେ ଦେଖିବାକୁ ପାଉନାହାନ୍ତି, ପାଇଛନ୍ତି କେବଳ, ଅନୁଭବରେ ।

ଭଗବତ୍ ଜ୍ଞାନ ଜାତହେଲା ଦିନଠାରୁ କବି ଭଗବାନଙ୍କର ସେହି ଅଦୃଶ୍ୟ ପାଦତଳେ ନିଜକୁ ସମର୍ପଣ କରି ଦେଇଛନ୍ତି—

"ତା'ରୂପ ଦେଖିନାହିଁ ନୟନେ ତାକୁ ଅନୁଭବେ ଜାଣିପାରିଛି,
ଜାଣିଲା ଦିନରୁ ଏ ଜୀବନ ମୋର ତାପାଦେ ସଁପିଦେଇ ସାରିଛି ।"

କବି ସର୍ବକାଳରେ ସତ୍ୟ ଶିବ ସୁନ୍ଦରର ଉପାସକ । କାନ୍ତକବି ଭଗବାନଙ୍କର ସଚ୍ଚିଦାନନ୍ଦମୟରୂପ ଚିନ୍ତାରେ ପ୍ରାଣରେ ଯେଉଁ ଅନିର୍ବଚନୀୟ ପୁଲକ ଅନୁଭବ କରିଛନ୍ତି ତାର ରୂପାୟନରେ କହିଛନ୍ତି—

"ଚିର ସୁନ୍ଦର ଅହେ ସୁନ୍ଦର,
ନିତ୍ୟ ନୂତନ ପ୍ରେମ ନିକେତନ ଆନନ୍ଦ ଘନ କଳେବର ।

× × ×

ନିଶିଦିନ ତବ ପୂତ ପରଶ ଅଣିଦଏ ପ୍ରାଣେ ନବୀନ ହରଷ,
ସଙ୍ଗୀତ ତବ ଢାଳି ଦିଏ ପ୍ରାଣେ ଅମିୟ ମାଧୁରୀ ନିରନ୍ତର ।"

କବି ସମସ୍ତ କର୍ତ୍ତୃତ୍ୱାଭିମାନ ତ୍ୟାଗକରି ନିଜର ସମସ୍ତ କର୍ତ୍ତବ୍ୟ ଓ ଶକ୍ତିକୁ ଭଗବାନଙ୍କର ସ୍ୱାନୁଭୂତ ବୋଲି ଉଲ୍ଲେଖ କରିଛନ୍ତି । ନିଜର ଦେହ, ମନ, ପ୍ରାଣ, କ୍ରୋଧ, ବ୍ୟଥା, ଅଶ୍ରୁ—ସବୁହିଁ ଭଗବାନଙ୍କର । ଭଗବାନ ଅନ୍ତରରେ ସାକ୍ଷୀରୂପେ ଥାଇ ସବୁ କରୁଛନ୍ତି, ମନୁଷ୍ୟ ନିମିତ୍ତ ମାତ୍ର । ଶତଶତ ରୂପରେ ଭଗବାନ ଏ ବିଶ୍ୱରେ ନିଜର ଲୀଳା ପ୍ରକଟନ କରୁଛନ୍ତି । ଭଗବାନଙ୍କ ଇଙ୍ଗିତରେ ସେ ସଂସାରର ସମସ୍ତ ଦୁଃଖ, କଷ୍ଟ, ଅପମାନ, ଅଶ୍ରୁ ଓ କ୍ଷୋଭ ସହିନେବେ, ସେଥିପାଇଁ ହୃଦୟରେ ତାଙ୍କର ଡରମାତ୍ର କୁଣ୍ଠା ନାହିଁ । ନିଜର ସମସ୍ତ ଆଶା, ଯଶକାମନା, ଅଭିମାନ ଓ ବାସନା ମଙ୍ଗଳମୟଙ୍କ ପୂତ ପଦପ୍ରାନ୍ତରେ ଚୂର୍ଣ୍ଣ ହୋଇଯାଉ*, ଏହାହିଁ କବିଙ୍କର ଇଚ୍ଛା । କବିଙ୍କ ଭାଷାରେ—

"ତୋହରି ବେଦନା ତୋହରି ପ୍ରାଣେ ସବୁ ତୋହରି ସବୁ ତୋହରି,
ତୋହରି ଅନ୍ତରେ ତୋହରି ଆନନ୍ଦ ସବୁ ତୋହରି ସବୁ ତୋହରି ।

ଯେତେ ମୋ ଅନୁଭବ ତୋହରି ଭାବଛାୟା,
ଏ ମୋର ଅବୟବ ପରା ତୋହରି କାୟା

× × ×

---

* ଆମାର ମାଥା ନତ କରେ ଦାଓ ହେ ତୋମାର
ଚରନ ଧୂଲିର ପରେ,
ସକଲ ଅହଂକାର ହେ ଆମାର
ଡୁବାଅ ଚୋଖେର ଜଲେ ।
ଗୀତାଞ୍ଜଳି, ରବୀନ୍ଦ୍ରନାଥ ।

ହସିବାକୁ ଯେବେ ତୋହର ମନ ବଳେ,
ଆପେ ତୁ ହସୁ ସିନା ମୋତେ ହସାଇ ଛଳେ ।
ମୋହର ନୟନରୁ ଯେ ଅଶ୍ରୁଧାରା ଭାସେ,
ସେ ସରି ତୋହ ନେତ୍ର ପ୍ରାନ୍ତରୁ ଝରିଆସେ ।

× × ×

ମୋର ମୋର ବୋଲି ନବୁଝି ଆପେ ମଲି
ସବୁ ତୋହର
ସବୁ ତୋହର ।”

ଭଗବାନ ମନୁଷ୍ୟର ପରମ ଶ୍ରେୟ, ଅନ୍ତିମ ବିଶ୍ରାମସ୍ଥଳ । ଭଗବାନଙ୍କ ରାଜ୍ୟରେ ନଶ୍ବର ଜୀବ ରହେ ସସୀମ ପ୍ରାଣର ଅସୀମ-ବିକାଶ ହୋଇଥାଏ । ଏହି ଉଦ୍ଦେଶ୍ୟରେ କବି ଗାଇଛନ୍ତି—

“ଫୁଲଟି ଯେବେ ମୋର ଯାଏ ଝରି
ସେ ତୋ କୁଞ୍ଜବନେ ଯାଇ ଫୁଟେଇ ହେ,
ଗୀତଟି ଯେବେ ମୋର ଯାଏ ସରି
ସେ ତୋ ଗୁଞ୍ଜରଣେ ଜାଗି ଉଠଇ ହେ ।

× × ×

ବ୍ୟର୍ଥ ଜୀବନର ଲକ୍ଷ ବ୍ୟଥା ମମ
ବକ୍ଷେ ଫୁଟେ ତବ ରକ୍ତ ଜବା ସମ
(ମୋ) ନୟନ ନୀରଧାର ଚରଣ ତଳେ ତୋର
ଅର୍ଘ୍ୟ ରୂପେ ପଡ଼ି ଲୋଟେଇ ହେ ।”

ଦୈନ୍ୟ, ଅଭାବ ଓ ବିଫଳତାକୁ କବି ଜୀବନର ଅଭିଶାପ ମନେ ନକରି ବରଂ ଆଶୀର୍ବାଦ ବୋଲି ମନେ କରିଛନ୍ତି । ଏ ସମସ୍ତ

ପ୍ରତିକୂଳ ପରିସ୍ଥିତି ବା ବୈପରୀତ୍ୟ ମଧ୍ୟରେ କବି ଜୀବନର ସାର୍ଥକତା ଉପଲବ୍‌ଧି କରିଛନ୍ତି । ସେଇଥିରୁ ସେ ପାଇଛନ୍ତି ସାନ୍ତ୍ୱନାର ସ୍ପର୍ଶ । ନଶ୍ୱର ସଂସାରର ସଫଳତା ତାଙ୍କ ନିକଟରେ ଭ୍ରାନ୍ତିରୂପେ ପ୍ରତିଭାତ ହୋଇଛି ।

ଭଗବାନଙ୍କ ପ୍ରତି କବିଙ୍କର ଐକାନ୍ତିକ ଅନୁରାଗ ବର୍ଣ୍ଣନାତୀତ । ଭଗବାନ ତାଙ୍କୁ ଯେତେ ଦୁଃଖ ଦେଲେ ମଧ୍ୟ, ତାଙ୍କ ନୟନ ସମୀପରୁ ଯେତେ ଦୂରକୁ ଘୁଞ୍ଚି ଯାଉଥିଲେ ମଧ୍ୟ, ତାଙ୍କୁ ମାରନ୍ତୁ ବା ତାରନ୍ତୁ ସେଇହିଁ କେବଳ ତାଙ୍କର ଏକମାତ୍ର 'ନିଛୁଣୀ ରତନ' । ତାଙ୍କର ପଦସରୋଜ କବିଙ୍କର ଏକମାତ୍ର ଆଶ୍ରୟ । ଏହି ଅହେତୁକୀ ଅନୁରାଗରେ ଏକାନ୍ତ ଉଦ୍‌ବେଳିତ ହୋଇ କବି ଗାଇଛନ୍ତି—

"ଯେତିକି ଯେତିକି ଦୁଃଖ ଦେଉଥିବ
ସେତିକି କୁଣ୍ଢାଇ ଧରିବି ହେ ।
ଯେତିକି ଦୂରକୁ ଘୁଞ୍ଚି ଯାଉଥିବ
ପଛେ ପଛେ ଅନୁସରିବି ହେ ।
ତୁମେ ଏକା ମୋର ନିଛୁଣୀ ରତନ,
ତୁମ୍ଭ ପାଦେ ସିନା ସଁପିଛି ଜୀବନ
ବୁଲି କେଉଁ ଦେଶେ କେଉଁ ସୁଖେ ଶେଷେ
ପୁଣି ନୁଆବର ବରିବି ହେ ?"

ମନୁଷ୍ୟ ଯେତେବେଳେ ସବୁ ହରାଏ, ତାର ସବୁ ଆଶା ଭରସା ଲୋପପାଏ, ଜୀବନ ପ୍ରତି ମାୟା ତୁଟିଯାଏ ସେତେବେଳେ ତାର ସମସ୍ତ ଭୟ ଅପସରି ଯାଏ । ଭଗବାନ ହୁଅନ୍ତି ତାର ଅଭିମାନ ଭର୍ତ୍ସନାର ପାତ୍ର । କବିଙ୍କ ଭାଷାରେ—

"ସବୁଥିରୁ ବଞ୍ଚିତ କରି
କେଉଁ ଯଶବାନା ଉଡ଼ାଇବ ହେ ।
ଯାହା ଦେଇଥିଲ ସବୁତ ନେଲଣି,
ଆଉ ଏବେ କିସ ଛଡ଼ାଇବ ହେ ।"

କବିଙ୍କର କାୟା ଜୀର୍ଣ୍ଣଶୀର୍ଣ୍ଣ, ପ୍ରାଣ ନିଷ୍ପେଷିତ—ତଥାପି ଜୀବନ ପ୍ରଦୀପଟି ଜଳୁଛି । କବି ଏହି ଯନ୍ତ୍ରଣାକ୍ଳିଷ୍ଟ କଳେବର ଓ ଦଗ୍ଧ ଜୀବନକୁ ଭ୍ରୂକ୍ଷେପ ନକରି ରୂପକ ଛଳରେ ଗାଇଛନ୍ତି—

"ମଉଳିଲାଣି ଯେବେ ଫୁଲଟି କାହିଁକି
ବାସ ତାର ଉଠେ ମହକି ?
ନିଭିଲାଣି ଅନଳ-ଶିଖା ଯେବେ, କିମ୍ପା
ଧାସ ତାର ଉଠେ ଢହକି ?

× × ×

ବସନ୍ତ ଗଲାଣି ଅଉରେ କାହିଁକି
ବହୁଛି ଦକ୍ଷିଣା ବତାସ ?
ବୁକୁ ପୋଡ଼ିଲାଣି, ତୁଚ୍ଛା ତାରେ କାହିଁ
ରହୁଛିରେ ହା ହୁତାଶ ?" ❋

---

❋ "ମଉଳିଲାଣି ଯେବେ ଫୁଲଟି କାହିଁକି...?" ସଙ୍ଗୀତର ଇଂରାଜି ଅନୁବାଦ :—

If the flower has faded, why does its smell fill the air; If the flame has died out why does the glow linger still ?

× × ×

If the spring has passed off, why does the zephyr blow; If the heart is blighted, why do the sighs persist ?

ମାନବ ଭଗବାନଙ୍କଠାରୁ ଆସିଥାଏ ଏବଂ ଶେଷରେ ତାଙ୍କରିଠାକୁ ଚାଲିଯାଏ । ବିବେକ ଓ ଜ୍ଞାନର ଅଭ୍ୟୁଦୟରେ ସାଂସାରିକ ମୋହମାୟାରେ ଭୁଲି ଯାଇଥିବା ମଙ୍ଗଳମୟଙ୍କ ସ୍ମୃତି ତାର ମାନସଲୋକରେ କ୍ଷଣେକ୍ଷଣେ ଜାଗିଉଠେ—ଏହି ଭାବରେ ଉଦ୍‌ବୁଦ୍ଧ ହୋଇ କବି ଲେଖିଛନ୍ତି—

"ପରଦେ ଥିଲା ପରି ଲାଗୁଛି ଥରେ ଥରେ
ପାଶୋରି ଯିବ ପରି ଜାଗୁଛି କ୍ଷୀଣ ସ୍ୱରେ ।
ପଡ଼ୁ ତ ନାହିଁ ଜଣା ପୁଲକ କି ବେଦନା
ବାଜଇ ତାଳେ ତାଳେ ଅନ୍ତର ଦେଶେ ।"

ସଂସାରର ବନ୍ଧନ କବିଙ୍କ ପକ୍ଷରେ ଏକାନ୍ତ ଦୁର୍ବିସହ ହୋଇ ପଡ଼ିଲାଣି, ରୋଗର ମର୍ମଭେଦୀ ଯନ୍ତ୍ରଣା ସୀମାକୁ ବଳି ପଡ଼ିଲାଣି । କବିଙ୍କର ସବୁ ଯାଇଛି, ଆଖିର ଲୁହ ତାଙ୍କ ଜୀବନର ଏକମାତ୍ର ସମ୍ବଳ । ସେତିକ ଭଗବାନଙ୍କ ପାଦ ତଳେ ଢାଳି ଦେଇ ସେ ଚାହାନ୍ତି ମୁକ୍ତି—

"ଦେ ମୋତେ ବାଇଆ କରି
ଅରେ ମୋର ବାଇଆ ରଜା ।
ପିଠିରେ ଅଠିକ ରହି,
ଗଲିଣି ମୁଁ ବେଦମ ହୋଇ
ଏକାଥରେ ମାଇବି ଉଆଁ
ଉଡ଼ାଇ ଦେଇ ମୁକ୍ତି ଧ୍ୱଜା ।"

କବିଙ୍କର ହୃଦୟ ସଙ୍ଗୀତମୟ । ସଙ୍ଗୀତର ମୂର୍ଚ୍ଛନାରେ ପ୍ରାଣର ବେଦନାକୁ ପରିସ୍ଫୁଟ ଭାବରେ ରୂପ ଦେଇ ହୁଏ । ସେଥିପାଇଁ କବି ନିଜ ଜୀବନର ସମସ୍ତ ବେଦନାକୁ ଛନ୍ଦ, ସୁର ଓ ତାଳର ମଧୁର ମୂର୍ଚ୍ଛନାରେ ରୂପ ଦେବାକୁ ପସନ୍ଦ କରିଛନ୍ତି । କବି 'ମୁଁ କାହିଁକି ଲେଖେ' ଶୀର୍ଷକ ପ୍ରବନ୍ଧରେ କହିଛନ୍ତି, "ଆମର ମନ-ଫୁଲଣିଆ ଗୀତ ଆମ ଅନ୍ତରର ନିର୍ଯାସ ନୁହେଁ—କେବଳ ସାମୟିକ ଉତ୍ତେଜନାରେ ସେଭଳି ସଙ୍ଗୀତରେ ଅସ୍ପୃହରି ହେବା ସ୍ୱାଭାବିକ । ପ୍ରକୃତ ସଙ୍ଗୀତର ଝଙ୍କାରରେ ଚିର ଦୁଃଖୀ, ଚିର ଆତୁରର ଅନ୍ତର ଭେଦ ସମ୍ଭବ ହୁଏ ।"

'ଜୀବନ ସଙ୍ଗୀତ' ବାସ୍ତବରେ ଲକ୍ଷ୍ମୀକାନ୍ତଙ୍କର ବେଦନା ବିକଳ, ବାଷ୍ପ ସଜଳ ଅନ୍ତରର ଅନ୍ତରଙ୍ଗ ପ୍ରତିରୂପ । ସ୍ଥୂଳ ଶରୀରର ଅଭିଶାପ ତାଙ୍କୁ ମାନସଲୋକର ସୂକ୍ଷ୍ମ ରହସ୍ୟର ସନ୍ଧାନ ପାଇଁ ବ୍ୟାକୁଳ କରିଛି । ସେଥିପାଇଁ ତାଙ୍କ ପ୍ରାଣର ସ୍ଥୂଳ ପାର୍ଥିବ ବେଦନା ଏକ ବିଲକ୍ଷଣ ଆଧ୍ୟାତ୍ମିକ ବେଦନାରେ ରୂପାନ୍ତରିତ ହୋଇ ମନୋଜ୍ଞ ଶିଳ୍ପମୂର୍ତ୍ତି ଗ୍ରହଣ କରିଛି । ରହସ୍ୟବାଦୀଙ୍କ ପରି କବିଙ୍କର ପ୍ରାଣର ଆକାଙ୍‌କ୍ଷା, ତାଙ୍କର ଜୀବନଦର୍ଶନ ଦୁର୍ବୋଧତାର କୁହେଳିରେ ଅସ୍ପଷ୍ଟ ହୋଇ ଯାଇ ନାହିଁ, ସଙ୍ଗୀତର ମୁକୁରରେ ତାର ପ୍ରତିବିମ୍ବନ ଯେପରି ସ୍ପଷ୍ଟ ସେହିପରି ସଂବେଦ୍ୟ । ଜୀବନରେ ଓ ମୃତ୍ୟୁରେ ଭଗବତ୍‌ ସାନ୍ନିଧ ପାଇଁ ବାସ୍ତବିକ କାରୁଣ୍ୟବ୍ୟଞ୍ଜକ ଛନ୍ଦରେ କବିପ୍ରାଣର, କବି ଅନ୍ତରର କି ନିଷ୍କପଟ ଅଭିବ୍ୟକ୍ତି ! ବିଶ୍ୱକବି ରବୀନ୍ଦ୍ରଙ୍କ ପରି ଲକ୍ଷ୍ମୀକାନ୍ତ ରୂପସାଗରର ଅତଳ ସ୍ତରରେ ଅରୂପରତନର ସନ୍ଧାନ ପାଇଁ କି ପାଗଳ !

ସଙ୍ଗୀତର ଭାବଗୁଡ଼ିକ କବି ହୃଦୟର ଏକ ଏକ ମୁହୂର୍ତ୍ତର କରୁଣ ବ୍ୟଞ୍ଜନା ମାତ୍ର । ଗୀତାଞ୍ଜଳିର ସଙ୍ଗୀତ ଗୁଡ଼ିକ ମଧ୍ୟରେ ବିଶ୍ୱକବି ରବୀନ୍ଦ୍ରଙ୍କ ପ୍ରାଣର ଯେପରି ଅମୂର୍ତ୍ତି ସ୍ପନ୍ଦନ ଖେଳିଯାଇଛି ତାର ପ୍ରେରଣା ହୁଏତ 'ଜୀବନ ସଙ୍ଗୀତ' ମୂଳରେ ଥାଇପାରେ । କବିଙ୍କର ସଙ୍ଗୀତ ଗୁଡ଼ିକ ସ୍ୱତଃସ୍ଫୂର୍ତ୍ତି ଭାବରାଶିର ଅଭିବ୍ୟକ୍ତି ହୋଇଥିବାରୁ ଭାଷା, ଶବ୍ଦ ତଥା ପଦବିନ୍ୟାସ, ଛନ୍ଦ ଓ ସ୍ୱରରେ ଏକ ନୈସର୍ଗିକ ମାଧୁର୍ଯ୍ୟ ଅନୁଭବ କରିହୁଏ । କବିଙ୍କର ଉପମା ଓ ଅନ୍ୟ ଅଳଂକାରର ପ୍ରୟୋଗ ଯେପରି ପରିମିତ, ସେହିପରି ଅକୃତ୍ରିମ ସୌନ୍ଦର୍ଯ୍ୟମଣ୍ଡିତ । ଗୋଟିଏ ଉଦାହରଣ ଦିଆଯାଉ । କବି ନିଜ ହୃଦୟର ଲକ୍ଷ ବ୍ୟଥାକୁ ରକ୍ତଜବା ସହିତ ତୁଳନା କରିବାକୁ ଯାଇ ଗାଇଛନ୍ତି—

"ବ୍ୟର୍ଥ ଜୀବନର ଲକ୍ଷ ବ୍ୟଥା ମମ,
ବକ୍ଷେ ଫୁଟେ ତବ ରକ୍ତଜବା ସମ ।"

ସ୍ୱଭାବସୁନ୍ଦର ସରଳଭାଷା ଓ କାନ୍ତକୋମଳ ପଦାବଳୀରେ ସଙ୍ଗୀତ ଗୁଡ଼ିକ ବାସ୍ତବରେ ଏକାନ୍ତ ମଧୁର ଓ ପ୍ରାଣସ୍ପର୍ଶୀ ହୋଇ ପାରିଛି । ବିଭିନ୍ନ ପ୍ରକାର ରାଗରାଗିଣୀର ସମାବେଶ ଓ ତାଳର ସଂକେତରୁ କବିଙ୍କର ସଙ୍ଗୀତକଳା-କୁଶଳତାର ପରିଚୟ ମିଳେ ।

ଲକ୍ଷ୍ମୀକାନ୍ତଙ୍କୁ ଏ ଯୁଗର ଦୀନକୃଷ୍ଣ କହିଲେ ଅତିରଞ୍ଜିତ ହେବନାହିଁ । ଦରିଦ୍ର କୁଷ୍ଠରୋଗାକ୍ରାନ୍ତ ବୈଷ୍ଣବ କବି ଦୀନକୃଷ୍ଣ ତାଙ୍କର 'ରସକଲ୍ଲୋଳ', 'ଆର୍ତ୍ତତ୍ରାଣ ଚଉତିଶା' ଓ ଅନ୍ୟାନ୍ୟ ରଚନାରେ ନିଜର ପ୍ରାଣର ବେଦନାକୁ ଯେପରି ମନୋଜ୍ଞ ରୂପ

ଦେଇଛନ୍ତି ଲକ୍ଷ୍ମୀକାନ୍ତ ସେହିପରି ତାଙ୍କର 'ଜୀବନ ସଙ୍ଗୀତ','ପତିତ-ପାବନ ଜଣାଣ' ଓ 'ଆରତ ଗୁହାରି' ପ୍ରଭୃତିରେ ପ୍ରାଣର ଶତ ବେଦନାକୁ ରୂପ ଦେଇ ଦ୍ୱିତୀୟ ଦୀନକୃଷ୍ଣ ନାମ ସାର୍ଥକ କରିଛନ୍ତି ।

ଅଭିଶାପର ଜ୍ୱାଳାକୁ ଭୁଲି ସାନ୍ତ୍ୱନାର ଶୀତଳ ସ୍ପର୍ଶ ପାଇଁ ଏକ ଦିଗରେ ବ୍ୟଙ୍ଗ ଓ ଅନ୍ୟ ଦିଗରେ ଭଗବାନଙ୍କଠାରେ ଆବେଗଭରା ଅଶ୍ରୁଳ ଆତ୍ମନିବେଦନ ବାସ୍ତବିକ କବିଙ୍କର ଦଗ୍ଧ ଜୀବନର ଏକମାତ୍ର ସମ୍ବଳ । 'ଜୀବନ ସଙ୍ଗୀତ' ଏହି ଆତ୍ମନିବେଦନର ଅମର ଗାଥା । କବିଙ୍କର ସମଗ୍ର ସୃଷ୍ଟି ମଧ୍ୟରେ ଏହା କବିଙ୍କର ଶ୍ରେଷ୍ଠ ରଚନା ବୋଲି ମନେହୁଏ ।

'ଜୀବନ ସଙ୍ଗୀତ'ର ଆବେଗମୟୀ ପ୍ରାର୍ଥନା ଭଗବାନଙ୍କ ନିକଟରେ ପହଞ୍ଚିଛି । କବି ଆଜି ନାହାନ୍ତି । ତାଙ୍କର ନଶ୍ୱର ଦେହ ମାଟିରେ ମିଶି ଯାଇଛି । କିନ୍ତୁ ତାଙ୍କର ଅମର କୃତିରେ ସେ କାଳ-କାଳକୁ ଅମର ହୋଇ ରହିଥିବେ । *

———

* ୧୯୫୩ ସାଲରେ ( ମାର୍ଚ୍ଚ, ଏପ୍ରିଲ ) ଉତ୍କଳ କାନ୍ତକବି ବିଶେଷ ସଂଖ୍ୟାରେ ପ୍ରକାଶିତ ।

# ପାରୋଡ଼ି ବା ଲଳିକା

"କଜ୍ଜଳ ପୂରିତ ଲୋଚନ ଭାଲେ
ଗୁଣ୍ଡି ମିଶା ଖିଲ୍ଲୀ ଗୁଞ୍ଜିତ ଗାଲେ ।
ତୈଳ ହରିଦ୍ରା ବୋଳିତ ଦେହେ
କୁକ୍କୁରିବ ଶୀଘ୍ରଂ ଧାବତି ଗେହେ ।"

'ଛମାଣ ଆଠଗୁଣ୍ଠ' ଉପନ୍ୟାସରେ ଚମ୍ପା ଚରିତ୍ରକୁ ବର୍ଣ୍ଣନା କରିବାକୁ ଯାଇ ଫକୀରମୋହନ ସରସ୍ୱତୀଙ୍କ ବନ୍ଦନାକୁ ପୂର୍ବୋକ୍ତ ପ୍ରକାରେ ପାରୋଡ଼ି ବା ଲଳିକା କରିଛନ୍ତି ।

ପାରୋଡ଼ି କଣ, ଏ ପ୍ରକାର ରଚନାର ଉଦ୍ଦେଶ୍ୟ କଣ, ପଢ଼ିଲା ମାନେ ଆଜ ବୁଝିବାକୁ କୌଣସି ଅସୁବିଧା ହୁଏ ନାହିଁ । ଏ ଯୁଗରେ ମଣିଷ ଜୀବନ ବଡ଼ ଜଟିଳ ହୋଇ ପଡ଼ିଛି । ସାମାଜିକ ବୈଷମ୍ୟ ଓ ବିଶୃଙ୍ଖଳା ବଢ଼ି ଚାଲିଛି । ଲୋକ ଲୋକ ମଧ୍ୟରେ, ଦେଶ ଦେଶ ମଧ୍ୟରେ ବିଶ୍ୱାସର ବନ୍ଧନ ଶିଥିଳ ହୋଇ ଯାଉଛି, ଏପରିକି ଆତ୍ମବିଶ୍ୱାସ ଉପରେ ମଣିଷର କୌଣସି ଆସ୍ଥା ନାହିଁ । ଏ ସବୁ ମଧ୍ୟରେ ଜୀବନକୁ ଉପଭୋଗ କରିବା ପାଇଁ କ୍ଷଣିକର ସରସତାର ଭ୍ରାନ୍ତିରେ ସବୁକୁ ଫାଙ୍କିଦେବା ପାଇଁ ମଣିଷର ଚେଷ୍ଟା କମ୍ ନୁହେଁ । ଗୁରୁତ୍ୱ ଓ ଗାମ୍ଭୀର୍ଯ୍ୟ ସବୁବେଳେ ମନୁଷ୍ୟକୁ ଭଲ ଲାଗେନା । ରଙ୍ଗ ଓ ବ୍ୟଙ୍ଗର ତୂଳରେ ଜୀବନକୁ ଟିକିଏ ରଙ୍ଗେଇ ନେବାର ସ୍ପୃହା ଯେ ତାର ମଜ୍ଜାଗତ ଏହା ବୁଝାଇବାକୁ ପଡ଼ିବ ନାହିଁ । ପାରୋଡ଼ି (Parody) ବା ଲଳିକା ଏହି ରଙ୍ଗରସର ଏକ ମାଧ୍ୟମ ।

କିଛି ଗୋଟାଏ ବୈଷମ୍ୟ ବା ଅସାମଞ୍ଜସ୍ୟ ଦେଖିଲେ ଆମେ ହସୁଁ । ଆମ ହସିବା ପଛରେ ଅନ୍ୟକୁ ଆଘାତ ଦେବାର ପ୍ରଚେଷ୍ଟା ସବୁବେଳେ ଲାଗି ରହିଥାଏ । ଆଘାତର ତାରତମ୍ୟ ନେଇ ଆମ ହସିବାଟା ଭିନ୍ନଭିନ୍ନ ରୂପ ଏବଂ ନାମ ଗ୍ରହଣ କରେ, ଯଥା—ହାସ୍ୟ (Humour), ବ୍ୟଙ୍ଗ (Satire) ଓ ବିଦ୍ରୂପ (Sarcasm) ପ୍ରଭୃତି । ଲୋକେ ଅନ୍ୟର ତ୍ରୁଟି ବିଚ୍ୟୁତିକୁ ନିଷ୍ଠୁର ଓ ନଗ୍ନଭାବରେ ସମାଲୋଚନା କରି ହାସ୍ୟ ସୃଷ୍ଟି କରିପାରନ୍ତି, କିମ୍ବା ମାର୍ଜିତ ଭାଷାରେ ବକ୍ରୋକ୍ତି ଫୁଟାଇ ହାସ୍ୟ ସୃଷ୍ଟି କରିପାରନ୍ତି । ଏହି ଦ୍ୱିତୀୟ ପ୍ରକାର ହାସ୍ୟକୁ କୁହାଯାଏ Wit ବା ବାକ୍-ବୈଦଗ୍ଧ । ଆମର ଆଲୋଚ୍ୟ ଏହି (Parody) ବା ଲାଳିକାର ହାସ୍ୟ ଏହି Wit ଶ୍ରେଣୀର ହାସ୍ୟ ।

ଗୀତି କବିତା ବା ଚତୁର୍ଦ୍ଦଶପଦୀ କବିତା ପରି ଆମେ ଏହି ଲାଳିକାର ଆଦର୍ଶ ଇଂରାଜୀ ସାହିତ୍ୟରୁ ଗ୍ରହଣ କରିଛୁଁ । ଏହା ଏକ ସ୍ୱତନ୍ତ୍ର ଶିଳ୍ପ ରୂପରେ ଆମର ସଂସ୍କୃତ ସାହିତ୍ୟ କିମ୍ବା ପ୍ରାଦେଶିକ ସାହିତ୍ୟରେ ଦେଖା ଦେଇ ନଥିଲା । ତେବେ ପ୍ରାଚୀନ କାଳରେ ଚତୁଷ୍ପାଠୀମାନଙ୍କରେ ଅଧ୍ୟାପକ ଓ ଛାତ୍ରମାନେ ରଙ୍ଗରସ କରିବା ପାଇଁ କୌଣସି କୌଣସି ମହାକବିଙ୍କ ରଚିତ ପ୍ରସିଦ୍ଧ ଶ୍ଲୋକର ଭାଷାର ସାମାନ୍ୟ ପରିବର୍ତ୍ତନ କରି କୌତୁକିଆ ଶ୍ଲୋକ ରଚନା କରୁଥିଲେ । ଛାତ୍ରମାନେ ସେ ଗୁଡ଼ିକୁ ସମୟେ ସମୟେ ଆବୃତ୍ତି କରି ଆମୋଦ ପାଉଥିଲେ । ସେହି ଶ୍ଲୋକ ଗୁଡ଼ିକୁ ଉଦ୍ଭଟ ପର୍ଯ୍ୟାୟର ଅନ୍ତର୍ଭୁକ୍ତ କରାଯାଏ, କିନ୍ତୁ ସେ ଗୁଡ଼ିକ ପାରୋଡ଼ି (Parody) ନୁହେଁ, ପାରୋଡ଼ି ଜାତୀୟ । ଆମର ଓଡ଼ିଶାରେ ପୂର୍ବରୁ ଲୋକମୁଖରେ ପ୍ରଚଳିତ 'ଶୁଣ ପରୀକ୍ଷ ନରନାଥ, ମାଙ୍କଡ଼ ଖାଇଲେ କୋଳଥ'

ଏବଂ ଅଷ୍ଟାଦଶ ଶତାବ୍ଦୀର କବି ବ୍ରଜନାଥ ବଡ଼ଜେନାଙ୍କ ରଚିତ 'ଭଗତମାଳ ଗୃଳକ ଗୀତ' ଓ 'ବ୍ରଜମୋହନ କେଳିଯୁକ୍ତ କବିତ୍ୱ' ପ୍ରଭୃତି ହେଉଛି ଏହି ଜାତୀୟ ରଚନା (୧) । ଏହି 'ଗୃଳକ ଗୀତ'ରୁ 'ଗୃଳିକା' ବା 'ଲ୍ଲିକା' ଶବ୍ଦର ପ୍ରଚଳନ ହୋଇଛି ବୋଲି ଶ୍ରୀ ବିନୋଦ ରାଉତରାୟ ଅନୁମାନ କରନ୍ତି, କିନ୍ତୁ ଏହି ଅନୁମାନର ଯୌକ୍ତିକତା ବିଚାରସାପେକ୍ଷ ।

କାବ୍ୟକବିତାର କେଉଁ ଜିନିଷକୁ ପାରୋଡ଼ି କରିବାକୁ ହୁଏ ତାହା ଜାଣିବା ଦରକାର । ଯଦି କୌଣସି ବଡ଼ କାବ୍ୟର ପ୍ରତ୍ୟେକ ପଙ୍‌କ୍ତି ଓ ଅକ୍ଷରକୁ ପାରୋଡ଼ି କରିବା ପାଇଁ କେହି ଇଚ୍ଛା କରେ ତାହେଲେ ତାର ଚେଷ୍ଟା ସଫଳ ହେବାର ଆଶା ଖୁବ୍ କମ । ସାଧାରଣତଃ କାବ୍ୟ, କବିତା ଓ ସଙ୍ଗୀତର ସ୍ୱର, ଛନ୍ଦ ଓ ଭାଷାଭଙ୍ଗୀକୁ ପାରୋଡ଼ି କରାଯାଇଥାଏ । କେବଳ ଭାଷାଭଙ୍ଗୀର ପାରୋଡ଼ି କରିଦେଲେ ଯେ ସର୍ବଶ୍ରେଷ୍ଠ ପାରୋଡ଼ି ହୋଇଗଲା ତାହା ନୁହେଁ, ଶ୍ରେଷ୍ଠ ପାରୋଡ଼ିର ସୃଷ୍ଟି ହୋଇଥାଏ ଯଦି ପ୍ରତ୍ୟେକ ଶବ୍ଦର ପାରୋଡ଼ି କରାଯାଏ । ଶ୍ରୀ କାଳିଦାସ ରାୟଙ୍କ ଭାଷାରେ, "ସେଇ ପ୍ୟାରୋଡ଼ିଇ ସର୍ବଶ୍ରେଷ୍ଠ ଯାହା କେବଲ୍ ଭାଷା-ଭଙ୍ଗିର ନୟ, ପ୍ରତ୍ୟେକ ଶବ୍ଦର ପ୍ୟାରୋଡ଼ି ।" କିନ୍ତୁ ଏ ପ୍ରକାର ପାରୋଡ଼ି ରଚନା କଷ୍ଟସାଧ୍ୟ । ଏଥିରେ ରଚନାର ସ୍ୱାଚ୍ଛନ୍ଦ୍ୟ ଓ ପ୍ରାଞ୍ଜଳତା ରକ୍ଷିତ ହୋଇ ପାରେ ନା, ବେଳେବେଳେ ରଚନା ଦୁର୍ବୋଧ ହୋଇ ପଡ଼େ ।

---

(୧) 'କାନ୍ତକବିଙ୍କ ବ୍ୟଙ୍ଗକବିତା'—ବିନୋଦ ରାଉତରାୟ—
ଡଗର, ୨୪ଶ ବର୍ଷ, ୮ମ ସଂଖ୍ୟା ।

ସାଧାରଣତଃ ଯେଉଁ କବିତାର ପାରୋଡ଼ି ଲେଖାଯାଏ ସେ କବିତା ପାଠକର ମନେ ନ ଥିଲେ ତାପକ୍ଷରେ ସେଇ ପାରୋଡ଼ିର ରସ ଆସ୍ୱାଦନ କରିବା ସମ୍ଭବ ହୋଇ ପାରେ ନାହିଁ । ସେଥିପାଇଁ ସାଧାରଣତଃ ଯେଉଁ କବିତା ବା ସଙ୍ଗୀତ ସହିତ ପାଠକ ନିବିଡ଼ ଭାବରେ ପରିଚିତ ବା ଯାହା ପାଠକର ମନରେ ଥାଏ, ତାର ପାରୋଡ଼ି କରିବାକୁ ହୁଏ । ସେ ସ୍ଥଳରେ ଧାରୋଡ଼ିର ଦୋଷଗୁଣ ବିଚାର କରିବା ପାଇଁ ପାଠକ ପକ୍ଷରେ ସୁବିଧା ହୁଏ ।

କାବ୍ୟ କବିତାରେ ପାରୋଡ଼ିର ସ୍ଥାନ ସମ୍ପର୍କରେ ପାଠକ ମନରେ ପ୍ରଶ୍ନ ଉଠିପାରେ । ଏ ସ୍ଥଳରେ ପାଠକକୁ ଜାଣିବାକୁ ହେବ ଯେ ପାରୋଡ଼ି କିଛି ଉଚ୍ଚାଙ୍ଗ ରଚନା ନୁହେଁ । ଏହା ଏକ ଶାବ୍ଦିକ ଶିଳ୍ପକଳା । ଏହା ସ୍ଥୂଳତଃ ଶବ୍ଦାଳଙ୍କାରର ପରିସର ମଧ୍ୟରେ ଆବଦ୍ଧ । କାବ୍ୟରେ ଆମେ ଚମତ୍କାରିତା, ଅନିର୍ବଚନୀୟତାର ଅନୁସନ୍ଧାନ କରୁଁ, କିନ୍ତୁ ପାରୋଡ଼ିରେ ଏହାର ଅନୁସନ୍ଧାନ କରିବାକୁ ଗଲେ ଆମକୁ ନିରାଶ ହେବାକୁ ପଡ଼ିବ । ଏହା କାବ୍ୟର ଧ୍ୱନୀଭୂତ ରସ ନୁହେଁ, ଏହା ଏକ ପ୍ରକାର ତରଳ ହାସ୍ୟରସ ସୃଷ୍ଟି କରିଥାଏ ।

ପାରୋଡ଼ି ରଚନା **ଆଖିକୁ** ଯେତେ ସହଜ ଦେଖାଯାଏ, ସେତେ ସହଜ ନୁହେଁ । ସାଧାରଣ ଶ୍ରେଣୀର ଲେଖକ ପାରୋଡ଼ି ରଚନାରେ ସଫଳ ହୋଇ ପାରେ ନା । ପୁଣି ଯେକୌଣସି ବିଷୟ ଉପରେ ଗୋଟାଏ ଅଧେ ପାରୋଡ଼ି ଲେଖିଦେଲେ ଯେ ତାହା ଉପଭୋଗ୍ୟ ହେବ ଏହା ଭାବିବା ଠିକ୍ ନୁହେଁ । ମୁଁ ପୂର୍ବରୁ କହିଛି—ପାରୋଡ଼ିର ହାସ୍ୟରସ ହେଉଛି **Wit** ଶ୍ରେଣୀର, ତେଣୁ ଲେଖକ, ପଣ୍ଡିତ, ରସଜ୍ଞ, ରସିକ ତଥା ଶବ୍ଦକୋଷର ଅଧିକାରୀ

ନ ହେଲେ ପାରୋଡ଼ି ରଚନା ଭଲ ହୋଇପାରେନା । ପୁଣି ଉଚ୍ଚାଙ୍ଗ କାବ୍ୟ କିମ୍ବା କବିତା ନହେଲେ ଉତ୍କୃଷ୍ଟ ପାରୋଡ଼ି ରଚନା ଅତୀବ କଷ୍ଟସାଧ୍ୟ, ଅଧିକନ୍ତୁ ମଧ୍ୟ ପ୍ରଥମ ଶ୍ରେଣୀର କବିତା ବା ସଙ୍ଗୀତ ଲେଖକ ନହେଲେ ଛନ୍ଦରେ ଗୁରୁତ୍ୱପୂର୍ଣ୍ଣ ସୃଷ୍ଟି କରିବା ସମ୍ଭବପର ହୋଇପାରେ ନାହିଁ ।

ଦେଶର ଯେଉଁମାନେ ପ୍ରତିଷ୍ଠିତ କବି ସେମାନଙ୍କର ସଙ୍ଗୀତ ବା କବିତାର ପାରୋଡ଼ି ହୋଇଥାଏ । ଭାଷାର ଈଷତ୍ ପରିବର୍ତ୍ତନ କରି; ଛନ୍ଦ, ସ୍ୱର ଓ ଧ୍ୱନିକୁ ଅକ୍ଷୁର୍ଣ୍ଣ ରଖି ଉଚ୍ଚାଙ୍ଗ ଶବ୍ଦ ଗୁଡ଼ିକୁ କିପରି ବିକୃତ ତଥା ହାସ୍ୟୋଦ୍ଦୀପକ କରାଯାଏ; ଉଚ୍ଚାଙ୍ଗ ରସପୂର୍ଣ୍ଣ ରଚନାକୁ କିପରି କୌତୁକ ରଚନାରେ ପରିବର୍ତ୍ତିତ କରାଯାଏ, ସେହି ଶିଳ୍ପ କୌଶଳ ଦେଖାଇବା ପାଇଁ ପାରୋଡ଼ିର ରଚନା । ମୂଳ କବିତା ବା ସଙ୍ଗୀତ ପ୍ରତି ଅନାଦର ପ୍ରକାଶ କରି ଏହା ରଚନା କରାଯାଇ ନ ଥାଏ, ବରଂ ସେହି କବିତା ବା ସଙ୍ଗୀତର କବି ପ୍ରତି ପାରୋଡ଼ି ଲେଖକର ଚିତ୍ତରେ ଗଭୀର ଶ୍ରଦ୍ଧାନିହିତ ଥାଏ । (୨)

ବଙ୍ଗଳା ସାହିତ୍ୟରେ ଇଂରାଜୀ ସାହିତ୍ୟର ପାରୋଡ଼ି ଆଦର୍ଶରେ ବହୁ ପାରୋଡ଼ି ରଚିତ ହୁଏ । ପ୍ରତିବେଶୀ ବଙ୍ଗଳା ସାହିତ୍ୟର ପ୍ରେରଣାରେ ଓଡ଼ିଆରେ ପାରୋଡ଼ି ରଚନା କରାଯାଏ । ବଙ୍ଗ ସାହିତ୍ୟରେ ବଙ୍କିମଚନ୍ଦ୍ରଙ୍କ ଠାରୁ ଆରମ୍ଭ କରି ବହୁ ବିଶିଷ୍ଟ ବଙ୍ଗୀୟ ଲେଖକ ପ୍ରସିଦ୍ଧ ସଂସ୍କୃତ ଶ୍ଲୋକ ଓ ସଙ୍ଗୀତର ପାରୋଡ଼ି ରଚନା କରନ୍ତି । ବଙ୍କିମଚନ୍ଦ୍ର ତାଙ୍କର 'ବିଷବୃକ୍ଷ'

(୨) ପ୍ୟାରୋଡ଼ିର କଥା—ଶ୍ରୀ କାଳିଦାସ ରାୟ

ଉପନ୍ୟାସରେ ଚଣ୍ଡୀ ଶ୍ଲୋକର ପାରୋଡ଼ି କରିଛନ୍ତି । ସତୀଶଚନ୍ଦ୍ର 'ସୋନାର ତରୀ'ର ପାରୋଡ଼ିକୁ 'ସୋନାର ଘଡ଼ି' ନାମରେ ପ୍ରକାଶ କରିଛନ୍ତି । ବଙ୍ଗଭାଷାର ପ୍ରସିଦ୍ଧ ପାରୋଡ଼ି ହେଉଛି 'ଛୁଚୁନ୍ଦର ବଧ କାବ୍ୟ' । ଏହା ମାଇକେଲ୍ ମଧୁସୂଦନ ଦତ୍ତଙ୍କର ପ୍ରସିଦ୍ଧ 'ମେଘନାଦ ବଧ' କାବ୍ୟର ପାରୋଡ଼ି ।

ଓଡ଼ିଆ ସାହିତ୍ୟରେ ଆଧୁନିକ ଯୁଗର କବି ଫକୀରମୋହନ ଓ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ବହୁ ଉଚ୍ଚକୋଟିର ପାରୋଡ଼ି ରଚନା କରି ପାଠକମାନଙ୍କୁ ହାସ୍ୟ ତଥା ବ୍ୟଙ୍ଗ ରସର ଆସ୍ୱାଦ ଦେଇଛନ୍ତି । ଉଭୟେ ପଣ୍ଡିତ, ରସଜ୍ଞ ଓ ରସିକ । ଓଡ଼ିଆ ଭାଷାର ଶବ୍ଦକୋଷରେ ଉଭୟଙ୍କର ଗଭୀର ପ୍ରବେଶ ରହିଛି । ଏ ଦୁହେଁ ସଂସ୍କୃତ ତଥା ଓଡ଼ିଆ ସାହିତ୍ୟର ଶ୍ରେଷ୍ଠ ଲୋକପ୍ରିୟ ରଚନା ଗୁଡ଼ିକୁ ପାରୋଡ଼ିକରି ଛନ୍ଦ, ଶବ୍ଦ ନିର୍ବାଚନ ଓ ସ୍ୱରରେ ବୈଚିତ୍ର୍ୟ ତଥା ମାଧୁର୍ଯ୍ୟ ଫୁଟାଇ ପାରିଛନ୍ତି; ବିଶେଷତଃ ଚରିତ୍ର ଓ ସମାଜର ଦୋଷ ଦୁର୍ବଳତାକୁ ବ୍ୟଙ୍ଗ କରିବା ପାଇଁ ଉଭୟ କବି ପାରୋଡ଼ିକୁ ଏକ ମାଧ୍ୟମ ରୂପେ ଗ୍ରହଣ କରିଛନ୍ତି ।

ଫକୀରମୋହନ ପାରୋଡ଼ି ରଚନାରେ କିପରି ନିଜର ଦକ୍ଷତାର ପରିଚୟ ଦେଇଛନ୍ତି ତାର ଦୃଷ୍ଟାନ୍ତ ଆଲୋଚନାର ଆରମ୍ଭରେ ଦିଆ ଯାଇଛି । ବଙ୍କିମଚନ୍ଦ୍ର ତାଙ୍କର 'ବିଷବୃକ୍ଷ' ଉପନ୍ୟାସରେ ହୀରା ବେଶ୍ୟା ପ୍ରତି ଆକୃଷ୍ଟ ମଦ୍ୟପ ଦେବେନ୍ଦ୍ର ମୁଖରେ ଚଣ୍ଡୀଶ୍ଲୋକର ଯେପରି ପାରୋଡ଼ି କରିଛନ୍ତି (୩) ତାଙ୍କର

---

(୩) ଯା ଦେବୀ ବଟବୃକ୍ଷେଷୁ ଛାୟା ରୂପେଣ ସଂସ୍ଥିତା
ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋନମଃ ।
ଯା ଦେବୀ ଦତ୍ତ ଗୃହେଷୁ ହୀରା ରୂପେଣ ସଂସ୍ଥିତା
× × × ×

ଆଦର୍ଶରେ ଫକୀରମୋହନ ଛମାଣ ଆଠଗୁଣ୍ଠ ଉପନ୍ୟାସରେ ଗ୍ରାମ ମଙ୍ଗଳାଙ୍କ ପ୍ରତି ଲୋକମାନଙ୍କର ଅନ୍ଧବିଶ୍ୱାସକୁ ବ୍ୟଙ୍ଗ କରିବାକୁ ଯାଇ ଚଣ୍ଡୀଶ୍ଳୋକର ସେହିପରି ସୁନ୍ଦର ପାରୋଡ଼ି କରିଛନ୍ତି । ସେ ଲେଖିଛନ୍ତି—

"ଯା ଦେବୀ ବୃକ୍ଷ ମୂଳେଷୁ ଶିଳା ରୂପେଣ ସଂସ୍ଥିତା,
ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋ ନମଃ ।
ମୃତ୍ତିକାଶ୍ୱଗଜାରୂଢ଼ା ବନ୍ଧ୍ୟାୟାଃ ପୁତ୍ରଦାୟିନୀ,
ବାଡ଼ିସଂହାରିଣୀ ଦେବୀ ନାରାୟଣୀ ନମୋସ୍ତୁତେ ।"

ଚରିତ୍ର ଓ ସମାଜର ଚଳଣିକୁ ବ୍ୟଙ୍ଗ କରିବା ପାଇଁ ଅନ୍ୟ କେତୋଟି ପାରୋଡ଼ି ରଚନା କରିଥିଲେ ମଧ୍ୟ ତହିଁରେ ଫକୀର-ମୋହନଙ୍କର ସିଦ୍ଧିର ସ୍ୱାକ୍ଷର ନାହିଁ ।

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର କବିସୂର୍ଯ୍ୟ ବଳଦେବ ରଥଙ୍କର 'କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ'ର ପ୍ରତ୍ୟେକ ଗୀତ ଉପରେ ଲଳିକା ରଚନା କରି ଜାତୀୟ ସଂସ୍କୃତି ଓ ପରମ୍ପରାକୁ ଭୁଲି ବିଦେଶୀ ସଭ୍ୟତାର ଅନ୍ଧ ଅନୁକରଣ କରୁଥିବା ଦେଶର ତଥାକଥିତ ଶିକ୍ଷିତ ଯୁବକ ଯୁବତୀ ଓ ତରୁଣ ତରୁଣୀଙ୍କର ଫେସନ୍, ଚେହେରା, ରୀତି

---

ଯା ଦେବୀ ପୁକୁର ଘାଟେଷୁ ଚୁପଡ଼ି ହସ୍ତେନ ସଂସ୍ଥିତା
× ×
ଯା ଦେବୀ ଘରଦ୍ୱାରେଷୁ ଝାଁଟା ହସ୍ତେନ ସଂସ୍ଥିତା
× ×
ଯା ଦେବୀ ମନ ଗୃହେଷୁ ପେଟ୍ନି ରୂପେଣ ସଂସ୍ଥିତା ।
× ×

ନୀତି ଓ ଗ୍ରୂଲଚଳନର ବ୍ୟର୍ଥତାକୁ ବ୍ୟଙ୍ଗକର ହାସ୍ୟରସର ସୁଅ ଛୁଟାଇଛନ୍ତି । ଏହି ଲଳିକା ବା ପାରୋଡ଼ିର ନାମ 'ଚଟକ ଚନ୍ଦ୍ରହାସ ଚମ୍ପୂ' । 'କୋର୍ଟଗୁହ୍ନାଯୁଣ ଚମ୍ପୂ' ନାମରେ କୌଣସି ଲେଖକ କିଶୋର ଚନ୍ଦ୍ରାନନ୍ଦ ଚମ୍ପୂର ପାରୋଡ଼ି ରଚନା କରିବାକୁ ଚେଷ୍ଟା କରିଥିଲେ ମଧ୍ୟ (୪) ସମଗ୍ର ଲଳିକା ରଚନା ମଧ୍ୟରେ କାନ୍ତକବି ତାଙ୍କର 'ଚଟକ ଚନ୍ଦ୍ରହାସ ଚମ୍ପୂ' ରଚନାରେ ଯେପରି ସାଫଲ୍ୟ ଅର୍ଜନ କରିଛନ୍ତି ଅନ୍ୟ କେହି ସେପରି କରିଥିବା ପରି ଅନୁମିତ ହୁଏ ନାହିଁ । ଚମ୍ପୂର ପାରୋଡ଼ିର ଗୋଟିଏ ଦୃଷ୍ଟାନ୍ତ ଦିଆଯାଉ । 'ଗ' ଗୀତର ପାରୋଡ଼ିରେ କବି ଲେଖିଛନ୍ତି—

''ଗଲଣିତ ଗଲ୍ପ କଥାରେ ସଙ୍ଗାତ ଗଲଣିତ ଗଲ୍ପ ଗଥା,
ଗୁପୁଚୁପିଆକୁ ଗପିଲି ଗେହ୍ଲାଇ ଗଣ୍ଡି ହୋଇବାର ବଥା ।
ଗଣ୍ଡାଠାରୁ ମୋଟ ଗମ୍ଭୀର ତୋ ପେଟ ଗଜର ଉଠୁଛି ସ୍ନେହ,
ଗୋଡ଼ ଖସି ଗଡ଼ି ଗାତେ ଗଲି ପଡ଼ି ଗୁଣ୍ଡିପାନ ଖଣ୍ଡେ ଦିଅ ।''*

ଏହାଛଡ଼ା କାନ୍ତକବି କବିସୂର୍ଯ୍ୟ ଓ ଗୋପାଳକୃଷ୍ଣଙ୍କର ବହୁ ପ୍ରସିଦ୍ଧ ସଙ୍ଗୀତର ପାରୋଡ଼ି ଲେଖିଛନ୍ତି । ସେଗୁଡ଼ିକ ମଧ୍ୟରେ 'ବଂଶୀଧାରି ! ସରି ଯିବନି ଜୀବନେ କିଶୋରୀ', 'ଅଗୋ ପ୍ରିୟସହି' 'ପଥ ଛାଡ଼ିଦେ ମୁଁ ଯିବି' ପ୍ରଭୃତିର ଲଳିକା ଅତି ରସାଳ ତଥା ଉପଭୋଗ୍ୟ ହୋଇଛି । ଗୋଟିଏ ଦୁଇଟି ଦୃଷ୍ଟାନ୍ତ ଦିଆଯାଉ :—

---

(୪) କାନ୍ତକବିଙ୍କ ବ୍ୟଙ୍ଗ କବିତା, ବିନୋଦ ଗୁଜରାଣ୍ଡୁ— ୨୪ଶ ବର୍ଷ, ୮ମ ସଂଖ୍ୟା ।

* କାନ୍ତ ସାହିତ୍ୟ ମାଳା, ପ୍ରଥମ ଖଣ୍ଡ, ୨୭୩ ପୃଷ୍ଠା

(କ) ସବ ଯିବନାଟି          ଜୀବନେ କଣୋର୍କ

ହେ ବଂଶୀଧାରି !
ବିରହରେ ସଖୀ ହୋଇଛି କାତର
ଗ୍ରେବାଜୁଛି ଗାଲ୍ ସେ ଧୂଆଁ ପଥର
ନାକେ ଶୁଙ୍ଘି ଶୁଙ୍ଘି ଗୋଲପି ଅତର
ଜୀବନକୁ ଅଛି ଧରି ହେ ।

× × ×

ନାସାଗ୍ରରେ ତୁଳା ଦେଲେ ତତପର
ସିଙ୍ଘାଣି ବହିଲା । ଚପର ଚପର,
ଢୋଡ଼ି ହୋଇ ମାତ୍ର ଖଣ୍ଡିଏ ଲେପର
ଶୋଇଛି ଗଧଟି ପରି ହେ ।
ଲାଗୁନଥିଲା ମୋ କରକୁ ନାଟିକା
ମାରୁଥିଲା ଆଖି କୋଣେ ସେ ମିଟିକା,
ଶୁଖିଯାଇ ଥିଲା ସଖୀର ଘଟିକା
ମୁହଁଟା ଅଟିକା ପରି ହେ ।

× × ×

ତୁମ୍ଭ ପରି ଡାକତର ଥାଉଁ ଥାଉଁ
ଜୀବ ଯିବ ତାର ସତେ ଗୁହୁଁ ଗୁହୁଁ,
ଏ ବେଳରେ ଆଉ ସାଧ ନାହିଁ ଦାଉ
କହୁଛି ମିନତି କରି ହେ

(ଖ) ପଥଛାଡ଼ ଦେ ମୁଁ ଯିବି ଓଲ୍ ଖୋଲି
ଅରେ ବନମାଳି !

ମୋତେ ଶକ୍ତି ନାହିଁ ପର୍ ଦେଇ ଗାଳି
ମୁଁ ଯେ ସାନ ସାଆନ୍ତଙ୍କ ଗେହ୍ଲା ଶାଳୀ ।

× × ×

ଏତେ ବେଳୁଠାରେ ନୁହେଁ ଭଲ
କସି ଭୁଆସୁଣୀ ସଙ୍ଗେ ଗେଲ୍,
ପହିଲ ପହିଲ ଲୋକ ମାଢ଼ି ପଡ଼ୁଛନ୍ତି
କାହା ତୁଣ୍ଡେ ବଣ୍ଡା ଦେବ ବୋଲ୍ ।

କବିବର ରାଧାନାଥଙ୍କର 'ମହାଯାତ୍ରା' ମହାକାବ୍ୟର ରଚନାଭଙ୍ଗୀ ଓ ଛନ୍ଦର ପାରୋଡ଼ି କରିବାକୁ ଯାଇ ଲେଖିଛନ୍ତି—

"ଉତ୍କଳ ଭାରତୀ ମାଗୋ ଙ୍କଙ୍କଡ଼ ବାସିନୀ,
ପୂଜିବାକୁ ତୋର ପଦ ବଳାଇଛି ମନ
ମଡ଼ାର୍ଣ୍ଣ ଫେସନେ; ମାତ୍ର ପୂଜା ଆୟୋଜନ
କରୁଁ କରୁଁ ପାଇଲଣି ବହୁ ତକଲିଫ୍ ।
ମୁଣ୍ଡର ଗୋବରଡଳ ହେଲଣି ବରଫ ।
ତଥାପି ନ ପାଇ ଖିଅ ମନ ମୁତାବକ,
ମାଗୁଛି ଶରଣ ମାଗୋ ! ତୋର ଦୟାବଳେ
କୁନ୍ଥା ମୋ କଲମ ମୂନ ଓକାଳୁ ନିରତେ
ନିପଟ ନିରେଳ ଛଙ୍କା ବ୍ୟଙ୍ଗ ରସାବଳୀ"

ପୁଣି କବି ଭାଗବତ, ମହାଭାରତ, କେଶବ କୋଇଲି, ଅଭିମାନ ଚଉତିଶା ଓ ପ୍ରସିଦ୍ଧ ଛାନ୍ଦର ( କଳା ମାଣିକ, ରାଧା ଧର ସଖୀକର ) ପାରୋଡ଼ି କରିବାକୁ ଯାଇ ଅଳଣା ପୁରାଣ, ଭବିଷ୍ୟ

ଭାରତ, ୧୯୬୦ ପତ୍ରିକା କୋଇଲି, ୧୯୬୨ ବର୍ଷ ଚଉତିଶା ଓ ଗୋପୀଙ୍କ ଶୋକ ଶୀର୍ଷକ ବହୁ ସଂସ୍କାରମୂଳକ ହାସ୍ୟୋଦ୍ଦୀପକ ପଦ୍ୟ ରଚନା କରିଛନ୍ତି ।

ଶ୍ରୀ ଗୋଦାବରୀଶ ମହାପାତ୍ର ତାଙ୍କର ପ୍ରସିଦ୍ଧ ବ୍ୟଙ୍ଗ ପତ୍ରିକା ନିଆଁଖୁଣ୍ଟା'ରେ ରାଷ୍ଟ୍ର ତଥା ସମାଜର ବିଭିନ୍ନ କ୍ଷେତ୍ରରେ ପରିଦୃଷ୍ଟ ହେଉଥିବା ତ୍ରୁଟିବିଚ୍ୟୁତିକୁ ବ୍ୟଙ୍ଗ କରିବା ପାଇଁ ସମୟେ ସମୟେ ଭାଗବତ ଓ ମହାଭାରତର ରଚନାଭଙ୍ଗୀ ତଥା ଛନ୍ଦର ସୁନ୍ଦର ପାରୋଡ଼ି ରଚନା କରନ୍ତି । ତାଙ୍କର 'ଶୁକୋବାଚ' ଶୀର୍ଷକ କବିତାରୁ ଗୋଟିଏ ଦୃଷ୍ଟାନ୍ତ ଦିଆଯାଉଛି—

"ଗଙ୍ଗାକୂଳେ ଯୁଧିଷ୍ଠିର ଶୁକ ମୁଖ ଚାହିଁ,
ବୋଲନ୍ତି ହେ ମହାମୁନି କହ ଦୟା ବହି,
ଶିବ କୋପେ ଦଗ୍‌ଧ ଯେବେ ହୋଇଲା ମଦନ,
ରହିଲା କେଉଁଠି ଯାଇ ତାର ପଞ୍ଚବାଣ ?

ସଂକ୍ଷେପି କହିବ ମୋତେ ହେ ମୁନି ଗୋସାଇଁ
ତୁମ୍ଭ ମୁଖୁଁ ଶୁଣିଲେ ତା ମୋକ୍ଷ ହୋଇବଇଁ,
କଳିଯୁଗେ ତାହା ପୁଣି କି ରୂପେ ହୋଇବ
ଦୟାବହି ଆହେ ମୁନି ସେଠାଇ କହିବ ।

ଶ୍ରୀ ଶୁକୋବାଚ

ବଖାଣନ୍ତି ଶୁକମୁନି ଶୁଣହେ ରାଜନ
ଏ ଅଟି ଗୁପତ କଥା ଅତ୍ୟନ୍ତ ଗହନ,
ବଳିଲା ଶରଧା ଯେବେ କହୁଚି ତା ଶୁଣ
କଳିଯୁଗେ ନାନା ରୂପେ ଜନ୍ମିବେ ମଦନ ।

ରାମରାଜ୍ୟ ନାମ ନେବ ଏ ଭାରତବର୍ଷ,
ସେଠାରେ ଜନମ ନେବେ ଦୁର୍ନୀତି-ରାକ୍ଷସ,
ତାହାକୁ ବଧିବାପାଇଁ ଜନ୍ମିବେ ମଦନ
କହନ୍ତି ବିଶ୍ୱାସେ ତଥ୍ୟ ଶୁଣହୋ ରାଜନ ।

ତା ଛଡ଼ା ଗୋଦାବରୀଶଙ୍କ 'ଡାମରା କାଉ' ପଣ୍ଟୀକୃତ ନନ୍ଦକିଶୋର ବଳଙ୍କର 'ଭାକବାହିତା' କବିତାର ଏବଂ 'ଅଧୁନିକ ଗୋପୀଭାଷା' ଦନେଇ ଦାସଙ୍କ 'ଗୋପୀଭାଷା'ର ଏକ ଏକ ମନୋଜ୍ଞ ପାରୋଡ଼ି ।

କାନ୍ତକବିଙ୍କ 'ଚଠକ ଚନ୍ଦ୍ରହାସ ଚମ୍ପୂ'ର ଆଦର୍ଶରେ ପରେ ପରେ 'ଡଗର'ରେ 'ଗୋବର ଗାଈଆ ଚମ୍ପୂ' ( କବିସୂର୍ଯ୍ୟଙ୍କର ରତ୍ନାକର ଚମ୍ପୂର ଲଳିକା ) ପ୍ରକାଶ ପାଏ, କିନ୍ତୁ 'ଚଠକ ଚନ୍ଦ୍ରହାସ ଚମ୍ପୂ' ପରି ତାହା ସେତେ ଉପଭୋଗ୍ୟ ହୋଇ ପାରିନାହିଁ ।

ପୂର୍ବୋକ୍ତ କେତେଜଣ କବିଙ୍କୁ ଛାଡ଼ିଦେଲେ ଓଡ଼ିଆ ସାହିତ୍ୟରେ 'ଲଳିକା' ଲେଖକଙ୍କର ବିଶେଷ ଅଭାବ ଦେଖାଯାଏ । ବର୍ତ୍ତମାନ ବିଭିନ୍ନ ପତ୍ର ପତ୍ରିକାରେ କେତେଜଣ ଲେଖକ ଧାରାବାହିକ ଭାବରେ ବ୍ୟଙ୍ଗ କବିତା ପ୍ରକାଶ କରୁଛନ୍ତି । ସେମାନଙ୍କ ଚେଷ୍ଟାରେ ରଙ୍ଗରସର ଏହି ମାଧ୍ୟମଟି ପରିପୁଷ୍ଟ ହେବ ବୋଲି ଆଶା କରାଯାଏ ।

—o—

## ଲେଖକଙ୍କର ପ୍ରକାଶିତ ପୁସ୍ତକ

ସାହିତ୍ୟ ଆଲୋଚନା

ସାହିତ୍ୟ ଆଲୋକ

ସ୍ରଷ୍ଟା ଓ ସୃଷ୍ଟି ( ଓଡ଼ିଶା ସରକାରଙ୍କଦ୍ୱାରା ପୁରସ୍କୃତ )

କଥାକଳିକା

ଆଦିବାସୀ କାହାଣୀ